ଗଳ୍ପସ୍ୱଳ୍ପ

ଫକୀର ମୋହନ ସେନାପତି

Chhaya©kanta

ସୂଚୀ

ବିଷୟ		ପୃଷ୍ଠା
୧ । ଗଳ୍ପସ୍ୱଳ୍ପ (୧ମ ଭାଗ)	...	୪୭୩
୨ । ଗଳ୍ପସ୍ୱଳ୍ପ (୨ୟ ଭାଗ)	...	୫୬୧

Chhaya©kanta

ସୂଚୀ

୧ମ ଭାଗ

ବିଷୟ	ପୃଷ୍ଠା
୧ । ରେବଙ୍ଗା	୪୭୫
୨ । ପେଟ୍ରୋଣ୍ଟ୍ ମେଡ଼ଶିନ୍	୪୮୨
୩ । ଘଣ୍ଟିପୁଅ ଅନନ୍ତା	୪୯୦
୪ । ଗାରୁଡ଼ ମନ୍ତ୍ର	୫୦୧
୫ । ଅଧର୍ମ ବିତ୍ତ	୫୦୮
୬ । ସଭ୍ୟ ଜମିଦାର	୫୨୩
୭ । ଘରେଇ ବିଶାଳ	୫୩୨
୮ । ଡାକ ମୁନ୍‌ସି	୫୪୩
୯ । ସୁନା ବୋହୂ	୫୪୬
୧୦ । ଧୂଳିଆ ବାବା	୫୫୫

୨ୟ ଭାଗ

ବିଷୟ	ପୃଷ୍ଠା
୧ । ଅନ୍ନା ନାନ୍ତ କଥା	୫୬୧
୨ । ବାଲେଶ୍ୱର ଘଡ଼ାଜାମା	୫୭୪
୩ । ପାଠୋଇ ବୋହୂ	୫୭୧
୪ । ବାଲେଶ୍ୱର ପଙ୍ଗାଲୁଣ	୫୮୨
୫ । ମାଧ ମହାନ୍ତ୍ରଙ୍କ କନ୍ୟାସୁନା	୫୮୭
୬ । କାଳକା ପ୍ରସାଦ ଗୋସ୍ୱପ	୬୦୩
୭ । ବଗଲ୍ ବଗୁଲା	୬୧୦
୮ । କମଳା ପ୍ରସାଦ ଗୋସ୍ୱପ	୬୧୯
୯ । ମୌନା ମୌଳା	୬୨୫
୧୦ । ପୁନର୍ମୂଷିକୋଭବ	୬୩୦

Chhaya@Kanha

ଗଳ୍ପସଳ୍ପ

ପ୍ରଥମ ଭାଗ

Chhaya©kanta

ଗଳ୍ପସ୍ୱଳ୍ପ

-୧-

ରେବତୀ

କଟକ ଜଲ୍ଲର ହରହରପୁର ଡ଼ଗନା ମଧ୍ୟରେ ଗୋଟିଏ ମଫସଲ ଟାନ, ନାମ ପାଟପୁର । ଗ୍ରାମ ମୁଣ୍ଡାମୁଣ୍ଡିରେ ଗୋଟିଏ ଘର । ଆଟିଲି ପିଟୁଲି ଗୃରବଖରା, ଖଞ୍ଜା ପାଚଣ୍ଡା ଗୃଳଆରେ ଡିଙ୍କିଶାଳ, ଅଗଣା ମଧ୍ୟରେ କୂଅ, ଆଗକୁ ଦାଣ୍ଡଦୁଆର, ପଛକୁ ବାଡ଼ଦୁଆର । ଦାଣ୍ଡଦୁଆର ମେଲ୍ଘରେ ଦାଣ୍ଡଲୋକ ବସା ଜଠା କରନ୍ତ, ପ୍ରଜାମାନେ ଖଜଣା ଦେବାକୁ ଆସି ଏହ୍ନଠାରେ ବସନ୍ତ । ଶ୍ୟାମବନ୍ଧୁ ମହାନ୍ତ ଜମିଦାର ତରଫରୁ ଗ୍ରାମର କରଣ, ମାସକୁ ଦରମା ଦୁଇଟଙ୍କା, ଦରମା ଗ୍ରୁଡ଼ ପାଉଣ୍ଡ ବଶୋଧମ, ବାହାଲଦଣା ଇଡ଼ାଦରୁ ଦୁଇପଇସା ହାତଚେଠ ଦୁଏ । ସବୁ ମିଶାଇଲେ ମାସକୁ ଗୃର ଟଙ୍କାରୁ ଉଣା ହେବ ନାହିଁ, ଫସ୍ପାର ଏକରକମ ଚଳେ । ଏକରକମ କଆଁ ? ବୋଇଲେ ଭଲ ଚଳେ । ଏଇଟା ହେଲ ନାହିଁ, ସେଇଟା ଘରେ ନାହିଁ, ଏପର କଥା ଘରର କାନ୍ଥର ମୁହଁରୁ ଶୁଣାଯାଏ ନାହିଁ । ବାଡ଼ରେ ଶାଗ ମାଗ ଗ୍ରୁଡ଼ ସଜନା ଦୁଇଗଛ । ଘରେ ଲଗାପଡ଼ିଆ ବରଦବଆଣୀ ଗାଈ ଦୁଇଟା ବଛା; ଦୁଧ ଟିକେ, ଚହ୍ନା ମଦାଏ ହାଣ୍ଡିତଳେ ଲଗିଥାଏ । ବୁଢ଼ୀ ଚଷୁ ମିଶାଇ ଘଷି ଛାଡ଼ଦଏ, କାଠ କଣା ବାଧ ନାହିଁ । ଜମିଦାର ସାଢ଼େ ଛନ ମାଣ ଜମି ଚଷିବାକୁ ଦେଇଛନ୍ତ, ଧାନ ବଳେ ନାହିଁ, କ କମେ ନାହିଁ । ଶ୍ୟାମବନ୍ଧୁଟି ବଡ଼ ସିଧା ସଳଖ ଲୋକ, ପ୍ରଜାମାନେ ମାନନ୍ତ, ସୁଖ ପାନ୍ତ । ବାପ ରେ, ଧନ ରେ କହି କହି ଦୁଆର ଦୁଆର ବୁଲ ଖଜଣା ଅସୁଲ କରେ, କାହାରଠାରୁ ଅନ୍ୟାପ୍ୱରେ ପଇସାଟିଏ ନଏ ନାହିଁ । ପ୍ରଜାମାନେ ଖଜଣା ଦେଇ ପାଉଣ୍ଡ ମାଗନ୍ତ ନାହିଁ, ସେ ଗୃରଆଙ୍ଗୁଳ ଛାଳପତ୍ରରେ ଖଣ୍ଡେ ପାଉଣ୍ଡ ଲେଖି ବଳେ ଗୃଳଘର ଗୁଞ୍ଜି ଦେଇଯାଏ । ଜମିଦାର ପିଆଦା ଆସିଲେ ଗାଁକୁ ଗ୍ରୁଡ଼େ ନାହିଁ, ଆପେ ହାତ ଓଠ ଧର ଧଆଁଶିଆ ଦୁଇପଇସା ଅଣ୍ଟାରେ ଗୃଞ୍ଜି ଦେଇ ବଦା କରେ । ଶ୍ୟାମବନ୍ଧୁ ଘରେ ଖାଇବାକୁ କୁଟୁମ୍ବ ଗୃରଜଣ, ଆଉ ଦୁଇ ପଡ଼ୋଶୀ, ମା ବୁଢ଼ୀ, ଦଶ ବରଷର ଗୋଟିଏ ଝିଅ । ଝିଅର ନାମ ରେବତୀ । ଶ୍ୟାମବନ୍ଧୁ ସଞ୍ଜବେଳେ ପିଣ୍ଡାରେ ବସି 'କୃପାସିନ୍ଧୁ ବଦନ' ଗାଏ, ଆଉ ଆଉ ଭଜନ ଗାଏ, କେବେ କେବେ କାଠ ରୁଖାଟି ଉପରେ ବଇଠାଟିଏ ଥୋଇ ଘ୍ରଗବତ ପଢ଼େ, ରେବତୀ ପାଖରେ ବସି ଶୁଣୁଥାଏ । ସେ ମୁହେଁ ମୁହେଁ ଡେର ଭଜନ ଶିଖିଗଲଣି, ତା ପିଲ ମୁହଁକୁ ଭଜନଗୁଡ଼ିକ ଖୁବ୍ ମାନେ ।

ସଞ୍ଜବେଳେ ବାପା ମାଖରେ ବସି ଭଜନ ଗାଇଲେ ଗାଁର କୌଣସି କୌଣସି ଲୋକ ଆସି ଶୁଣନ୍ତେ । ରେବଡ଼ା ବାପା ପାଖରୁ ଗୋଟିଏ ଭଜନ ଶିଖିଥିଲା ସେଇଟି ଗାଇଲେ ଶ୍ୟାମବନ୍ଧୁ ବଡ଼ ଖୁସି ହୁଏ । ପ୍ରତିଦିନ ଥିଅକୁ ଗାଇବାକୁ କହେ, ରେବଡ଼ା ଗାଏ—

କା' ଆଗେ କନ୍ଦିବ ଗୁହାରି ?
ତୁମ୍ଭେ ନ ଗୁହିଁଲେ ନାଥ ଗଣ୍ଡିବ ଯିବ ସର ।
କର ବା ନ କର ଦାଣ, ପଦେ ସମର୍ପିଛି ପ୍ରାଣ,
ତୁମ୍ଭେ ଅଛ ତବ ନାମ ଧର ।
ତୁମ୍ଭ ବନା ବିଜଗତ ଶୂନ୍ୟ ହେ ଦିଶ ।
ଶୀତଳ କର ଜୀବନ ପ୍ରେମାମୃତ ଦାନ କର ।

ଦୁଇ ବର୍ଷ ତଳେ ସ୍କୁଲ ଡ଼େପୁଟି ଇନ୍‌ସପେକ୍ଟର ମଫସଲ ଗସ୍ତକୁ ଯିବା ସମୟରେ ପାଟପୁରରେ ରାତ୍ରି ରହିଯାଇଥିଲେ । ଟ୍ରାମର ମୁଖିଆ ମୁଖିଆ କେତେ ଜଣ ଲୋକ କୁହାଘୋଟା କରିବାରୁ ବଘୋଟିବାକୁ ଓଡ଼ିଶା ବିଭାଗର ଇନ୍‌ସପେକ୍ଟରଙ୍କଠାରୁ ରିପୋର୍ଟ କର ଗୋଟିଏ ଅପରପ୍ରାଇମେରୀ ସ୍କୁଲ ବସାଇ ଦେଇଅଛନ୍ତି । ଶିକ୍ଷକ ବେତନ ମାସକୁ ଚାରି ଟଙ୍କା । ଏହି ଚାରିଟଙ୍କା ସରକାରରୁ ମିଳେ । ଏଡ଼ାଛଡ଼ା ଦ୍ରବ ପିଲା ମାସକୁ ଅଣାଏ ଲେଖାଏଁ ଦଅନ୍ତି । ଶିକ୍ଷକଟି ଟଙ୍କକ ନର୍ମଲ ସ୍କୁଲର ଅବଧାନବିଭାଗର ଉତ୍ତୀର୍ଣ୍ଣ ଛାତ୍ର, ନାମ ବାସୁଦେବ । ନାମଟି ଯେପରି ବାସୁଦେବ, ଲୋକଟା ମଧ୍ୟ ସେହିପରି ବାସୁଦେବ । ଟୋକାଟାର ଭିତର ବାହାର ସବୁ ସୁନ୍ଦର । ଟାଁ ମଝିରେ ଚୁଲିଟିବା ବେଳେ ମୁଣ୍ଡ ଟେକ କାହାକୁ ଗୁହେଁ ନାହିଁ । ବପୁଟା ଅନ୍ଦାଜ କୋଡ଼ିଏ । ସୁନ୍ଦର ଚୁମ ଯେମନ୍ତ ଗୋଟିଏ ବୃତ୍ତଲରେ ଚଢ଼ା । ପିଲାବେନେ ଥିଲାବେଗ ହୋଇଥିଲ । ତା ମା ମୁଣ୍ଡରେ ଭଲ୍ଲ ବୋତଲ ମୁହଁ ଚିପି ଦେଇଥିଲ । ସେ ଚିହ୍ନ ଅଜଯାଏ ଅଛି । ହେଲେ ଯେ ଚିହ୍ନ ତାକୁ ମାନେ । ବାସୁଦେବ ପିଲକାଳରୁ ମା ବାପ ଛେଉଣ୍ଡ, ମାମୁଦରେ ବଢ଼ି ମଣିଷ ହୋଇଛି । ବାସୁଦେବ ଜାତିରେ କରଣ, ଶ୍ୟାମବନ୍ଧୁ ମଧ୍ୟ କରଣ । କେବେ ପୁନେଇ ଗୁରୁବାରରେ ଘରେ ପଠାପଣା ହେଲେ ଶ୍ୟାମବନ୍ଧୁ ପାଠଶାଳାକୁ ଯାଇ କହିଆସେ, "ବାପା ବାସୁ ! ସଞ୍ଜବେଳେ ନିକଏ ଅମ ଘରକୁ ଯିବ, ତୁମ ମାଉସୀ ଡାକଛନ୍ତି ।" ଏହିପରି ଯିବାଆସିବାରେ ସେମାନଙ୍କ ମଧ୍ୟରେ ଗୋଟାଏ ମାପ୍ୟା ଲଗିଗଲଣି । ରେବଡ଼ା ବାସୁକୁ ଦେଖିଲେ କହେ, "ଆହା, ମା ଛେଉଣ୍ଡନି, କଣ ଖାଏ— କଏ ତା ଖାଇବା ଦେଉଛି ।" ବାସୁ ପ୍ରତିଦିନ ସଞ୍ଜବେଳେ ଯାଇ ଶ୍ୟାମବନ୍ଧୁ ପାଖରେ ଘଣ୍ଟଏ ଅଧେ ବସି ଆସେ । ବାସୁକୁ ଦୂରରୁ ଦେଖିଲେ "ବାସୁଘାଇ ଅଇଲେ, ବାସୁଘାଇ ଅଇଲେ" ବୋଲି ରେବଡ଼ା ପାଟି କର ବାପକୁ କହେ । ରେବଡ଼ା ସଞ୍ଜବେଳେ ବାପ ପାଖରେ ବସି ପ୍ରତିଦିନ ପଠିତ ପୁରୁଣା ଭଜନଗୁଡ଼ିକ ବାସୁକୁ ଶୁଣାଏ । ବାସୁକୁ ସେହି ଗୀତ ନୂଆ ନୂଆ ପରି ଲାଗେ । ଦିନେ ଏ କଥା ସେ କଥା ପଡ଼ୁ ପଡ଼ୁ ଶ୍ୟାମବନ୍ଧୁ ଶୁଣିଲେ, କଟକରେ ଗୋଟିଏ ଥିଅସ୍କୁଲ ଅଛି, ସେଠାରେ ଥିଅମାନେ ପଢ଼ନ୍ତି, ଲୁଗାସିଆଁ ଶିଖନ୍ତି । ସେହି ଦିନଠାରୁ ରେବଡ଼ାକୁ ପାଠ ପଢ଼ାଇବାକୁ ଶ୍ୟାମବନ୍ଧୁର ମନ ହେଲ ଏବଂ ଆପଣା ମନର କଥା ବାସୁଦେବକୁ କହିଲ । ବାସୁ ଶ୍ୟାମବନ୍ଧୁକୁ ପିତୃତୁଲ୍ୟ ମାନେ, କହିଲ, "ଆଜ୍ଞା, ମୁଁ ସେହି କଥାଟା କହିବ କହିବ ହେଉଥିଲି ।" ଦୁଇଜଣଙ୍କ ପରାମର୍ଶରେ ରେବଡ଼ାକୁ ପାଠ ପଢ଼ାଇବାର ସ୍ଥିର ହେଲ । ରେବଡ଼ା ପାଖରେ ବସି ଶୁଣୁଥିଲା, ଦୁଇ ଚାଲରେ ଘର ଭିତରକୁ ଯାଇ ମାକୁ ଆଉ ଜେଜାକୁ, "ମୁଁ ପାଠ ପଢ଼ିବି, ମୁଁ ପାଠ ପଢ଼ିବି" ଖବର ଦେଲା । ମା କହିଲେ, "ହଉ ହଉ ପଢ଼ିବୁ ।" ଜେଜା କହିଲେ, "ପାଠ କଣ ଲେ ? ମାଇକନଆ ଥିଅଟା ପାଠ କଣ ? ଉଲାବଡ଼ା ଶିଖ, ଚିଠାପଣା କର ଶିଖ, ଝୋଟିଦଆ ଶିଖ, ଦନ୍ତମଞ୍ଜନ ଶିଖ, ପାଠ କଣ !"

ଘରେ ଶ୍ୟାମବନ୍ଧୁ ଚେଣ୍ଟାରେ ଖଣ୍ଡେ ଆମ୍ବକାଠ ପିଢ଼ା ଉପରେ ବସି ଘିଅ ଖାଉଛନ୍ତି, ରେବଙ୍ଗା ପାଙ୍ଗରେ ବସି ଖାଉଛି । ବୁଢ଼ୀ ଆଗରେ ବସି --'ଘିଅପୁଞ୍ଜାଏ ଆଣ; ଡାଲପାଣି ଟିକଏ ପକେଇ ଯା, ଲୁଣ ଟିକଏ ଦେ' ଇତ୍ୟାଦି କଥା ବୋହି ପ୍ରଭୁ ଆଦେଶ କରୁଛନ୍ତି । କଥାରେ କଥାରେ ବୁଢ଼ୀ କହି ବସିଲେ, "ହଁ ରେ ଶ୍ୟାମ ! ରେଗା ପାଠ ପଢ଼ିବ – ପାଠ କଣରେ, ଭରଲ-ଝିଅର ପାଠପଢ଼ା କଣ ?" ଶ୍ୟାମବନ୍ଧୁ କହିଲେ, "ଦେଉ, କଉଛୁ ତ ପଢୁ । ଝଙ୍କଡ଼ ପଞ୍ଚନାଯୁକ ଦର ଝିଅମାନେ ଯେ ଘ୍ରଗବତ ବୋଲ ପାରନ୍ତି, ବୈଦେହୀଶ ବଲାସ ଗ୍ରନ୍ଥ ଗାଆନ୍ତି ।" ରେବଙ୍ଗା ଘର ଖପା ହୋଇ ଯାଇ ଜେଜାକୁ ଗାଳ ଦେଇ କହିଲା, "ଯା ଲେ ବୁଢ଼ୀ ଉଗ୍ରଚଣ୍ଡୀ ।" ତାହା ବାଦ ଅଳ କର ବାପାକୁ କହିଲା, "ନାଁ ବାଁଟିଁ—ନାଁ ବାଁପାଁ ମୁଁ ପାଁଠି ପଁଡ଼ିବି ।" ଶ୍ୟାମବନ୍ଧୁ କହିଲେ, "ହଁ—ହଁ-- ତୁ ପଢ଼ିବୁ ।" ସେଦନ କଥା ଏତ୍ତକ ।

ଚହିଁ ଆରଦନ ଉପରଓଳ ବାସୁଦେବ ସୀତାନାଥ ବାବୁଙ୍କ ପ୍ରଥମଟାଠ ଖଣ୍ଡିଏ ନେଇ ରେବଙ୍ଗାକୁ ଦେବାରୁ ସେ ବଡ଼ ଖୁସି ହୋଇ ବାପା ପାଖରେ ବସି କତାପର ମୂଳ ପୁଡ଼ାଠାରୁ ଶେଷ ପୁଡ଼ାଯାଏ ଓଲଟାଇ ଓଲଟାଇ ଦେଖିଲା । ସେଥିରେ ଘୋଡ଼ା, ଘୋଡ଼ା, ଗୋରୁ ଇତ୍ୟାଦିର ଛବି ଦେଖି ଘର ଖୁସି ହୋଇଗଲା । ରଜାମାନେ ଘୋଡ଼ା ଘୋଡ଼ା ବାନ୍ଧି ଖୁସି ହୁଅନ୍ତି, କେହି ଘୋଡ଼ା ଘୋଡ଼ା ଚଢ଼ି ଖୁସି ହୁଏ, ଆମ ରେଗା ଛବିଟା ଦେଖି ଖୁସି । ରେଗା ଧାଇଁ ଯାଇ ମା'କୁ କତାପର ଛବି ସବୁ ଦେଖେଇଲା; ତାହା ବାଦ ଜେଜାକୁ ଦେଖାଇଲା । ଜେଜା କଞ୍ଚୁଡ଼ି ବରକୁ ହୋଇ କହିଲା, "ହଁ—ଯା -- ଯା --।" ରେଗା ତାକୁ 'ଦୂର୍ ଦୂର୍' ଗାଳ ଦେଇ ଫେର ଆସିଲା ।

ଆଜ ଦନଟି ଭଲ -- ଶ୍ରାପଞ୍ଚମୀ । ରେବଙ୍ଗା ସକାଳୁ ବୁଡ଼ ମାଖ ଗାଧୋଇ ନୂଆ ଲୁଗା ଖଣ୍ଡିଏ ପିନ୍ଧି ଘର ବାହାର ଦେଉଛି, ବାସୁ ଘ୍ରଇ ଆସିଲେ କତାପ ପଢ଼ାଇ ଦେବ । ବୁଢ଼ୀ ଉପ୍ପରେ ବଦ୍ୟାରମ୍ଭର ଆପ୍ତୋଜନ କଛୁ ହୋଇ ନାହିଁ । ବେଳ ଛ ଘଡ଼ି ସମୟରେ ବାସୁ ଯାଇ ପଢ଼େଇ ଦେଲା, ସ୍ୱରେ—ଅ, ସ୍ୱରେ—ଆ, ହ୍ରସ୍ୱ—ଇ, ଦୀର୍ଘ--ଈ, ହ୍ରସ୍ୱ—ଉ, ଦୀର୍ଘ – ଊ, ଇତ୍ୟାଦି । ପ୍ରତଦନ ପଢ଼ା ଗଲଲା, ପ୍ରତଦନ ସଞ୍ଜବେଳେ ବାସୁ ଯାଇ ପଢ଼େଇଦଏ । ଦୁଇ ବରଷ ମଧ୍ୟରେ ରେବଙ୍ଗା ଡେର ପଢ଼ିଗଲଣି । ମଧୁସୂଦନଙ୍କ ଗ୍ରନ୍ଥମାଳା ପଢ଼ିଯିବା ବେଳେ ଭୁଣ୍ଡରେ ବାଣ୍ଟୁଳ ବାଜେ ନାହିଁ ।

ଦନେ ଘରେ ଶ୍ୟାମବନ୍ଧୁ ବସି ଘିଅ ଖାଇବା ବେଳେ ମା'ପୁଅ ଦୁଇ ଜଣ କଥାବାର୍ତ୍ତା ହେଲେ । ପୂର୍ବେ ବୋଧକରୁଁ କଛୁ କଥା ହୋଇଥିଲା, ଆଜ ସେହି କଥାର ଉପସଂହାର ।

ଶ୍ୟାମବନ୍ଧୁ--କ ମା, ଭଲ ହେବ ନାହିଁ କ ?

ବୁଢ଼ୀ—ହଁ ଭଲ ତ ହେବ; ଜାତ କଥାଟା ବୁଝିଛୁ ନା ?

ଶ୍ୟାମବନ୍ଧୁ—ମୁଁ ଆଜଯାଏ ଆଉ କଣ ବୁଝୁଥିଲି ? ଭଲ କରଣ, ଗରବପୁଅ ହେଲେ କଣ ହେବ, ଜାତ ଭଲ ।

ବୁଢ଼ୀ -- ଧନ ଦଉଲତ ନାହିଁ ବରୁର,
ଜାତ କଥାଟା ଆଗେ ପରୁର ।

ଘରେ ରହିବ ତ ?

ଶ୍ୟାମବନ୍ଧୁ—ଘରେ ନ ରହି ଆଉ କୁଆଡ଼େ ଯିବ ? ହଜାର ହେଲେ ମାମୁ ମାଇଁ ନା, ଆଉ କଣ ?

ରେବଙ୍ଗା ପାଖରେ ବସି ଘିଅ ଖାଉଥିଲା, ଏହି କଥାର ମର୍ମ ସେ କଣ ବୁଝିଲା ସେ ଜାଣେ; ମାତ୍ର ସେହି ଦନଠାରୁ ତାହାର ଘରଭଙ୍ଗୀ ଅନ୍ୟରକମ ଦେଖିଅଛୁଁ । ତାକୁ ବାପା ଆଗରେ ବାସୁଘ୍ରଇ ପଢ଼ାଇଦେଲେ କପର ଗୋଟାଏ ଲଜ ମାଡ଼େ; ଅକାରଣ ସକାରଣ ସବୁବେଳେ

Chhaya©kanta

ହସ ମାଡ଼େ, ମୁଣ୍ଡ ଉଳକୁ ଥୋଡ ଦେଇ ଦୁଇ ଓଠ ବୁଜ ହସ ଲୁଚୁଏ । ଏଣିକ ବାସୁ ଚଢ଼ାଇ ଦେଲେ କେତେ-ବେଳେ ଭୁନ ଭୁନ ମଡ଼େ, କେତେବେଳେ ଖାଲ ହୁଁ ହୁଁ କରେ, ପଡ଼ା ସରିଲେ ପାଟି ବୁଜ ହସି ହସି ଘରକୁ ପଳାଇଯାଏ । ପ୍ରତିଦିନ ସଞ୍ଜବେଳେ ଦାଣ୍ଡଦୁଆର କବାଟକୁ ଧରି କାହାକୁ ଗୁହିଁଥାଏ, ବାସୁ ଆସିଲେ ଘରକୁ ପଳାଏ, ପାଞ୍ଚ ଡାକରେ ବାହାରେ ନାହିଁ । ଏଣିକ ରେବଡ଼ି ଦାଣ୍ଡକୁ କେବେ ବାହାରଲେ ବୁଢ଼ୀ ଖଡ଼ା ହୁଏ ।

ଦେଖୁଁ ଦେଖୁଁ ଅଘ୍ରାଣକୁ ପଞ୍ଚମୀ ଦୁଇ ବରଷ ହୋଇଗଲଣି । ବଧାତାଙ୍କର ବଧାନ, କାହାର ଦିନ ସମାନଭାବରେ ଯିବ ନାହିଁ । ଫଗୁଣମାସିଆ ଦିନ, କାହିଁ କଛି ନାହିଁ, ଅଘଟନକ କାହୁଁ ବାଡ଼ ଆସିଲ—ସକାଳେ ଗ୍ରାମରେ ଶୁଣାଗଲ, ଗୁମାସ୍ତା ଶ୍ୟାମବନ୍ଧୁ ମହାନ୍ତିଙ୍କୁ ବାଡ଼ ଧରିଛୁ । ମଫସଲ ଗାଁରେ ବାଡ଼ ପଡ଼ିଲେ ଛାଟି କବାଟ ପଡ଼ିଯାଏ । ବାଡ଼ ବୁଢ଼ୀ ହତେ ପର ଝୋକେଇ-ଟିଏ କାଖେଇ ଦାଣ୍ଡରେ ମନୁଷ୍ୟ ଗୋଟାଉଛୁ, ଏଥର ସମସ୍ତେ ମଣନ୍ତୁ । ଦୁଆରକୁ କାହାର ଆସିବାର ନାହିଁ । ମାଇକନିଆ ଦୁଇଟା କଣ କରିବେ ? ଚିଲ୍ଲଟା ଡକା ଛାଡ଼ ଘର ବାହାର ହେଉଛୁ । ବାସୁଦେବ ଶୁଣି ଧୂଳି ଗୁଡ଼ି ଧାଇଁଲା । ଡର ନାହିଁ, ଭୟ ନାହିଁ, ଆପଣା ଶରୀର ପ୍ରତି ଭ୍ରକ୍ଷେପ ନାହିଁ, ଶ୍ୟାମବନ୍ଧୁ ପାଖରେ ବସି ଗୋଡ଼ରେ ହାତ ବୁଲାଉଥାଏ, ପାଣି ଝୋପାଏ ଝୋପାଏ ମୁହଁରେ ଦେଉଥାଏ । ବେଳ ଦୁଇପ୍ରହର ସମୟରେ ଶ୍ୟାମବନ୍ଧୁ ବାସୁ ମୁହଁକୁ ଗୁହିଁ ଥନେଇ ଥନେଇ କହିଲ, "ବାଁ—ସୁଁ ଏଁ—ବଁ ଆଁ—ଗିଁ- ଲା।" ବାସୁ ଘେ ଘେ କରି ଡକା ଛାଡ଼ିଲା । ଘରେ ଚହଳ ପଡ଼ିଗଲ । ରେବଡ଼ି ଭୂଇଁରେ ପଡ଼ି ଗଡ଼ୁଥାଏ, ଗ୍ରାମର ଲୋକେ ଶୁଣି କହିଲେ, ହୋଇଗଲ ପର । ଦେଖୁଁ ଦେଖୁଁ ସଞ୍ଜ-ବେଳକୁ କଛି ନାହିଁ । କଣ କରିବେ—ବାସୁଦେବଟା କାଲିକା ପୋଲ, ଅଭ ଦୁଇଟା ଭ୍ୱାଆସୁଣୀ । ଗ୍ରାମର ବନ ଶେଠି ଧୋବା ଜଣେ ଜାଣିବା ଶୁଣିବା ଲୋକ, ତା ଦେହକରେ ପଚାଶ କ ଷାଠିଏ ଟାର କଲଣି । କାଲି ହେଲେ ଯିବାକୁ ହେବ,ଆଜ ହେଲେ ଯିବାକୁ ହେବ, ଲୁଗାପଟା ଦଶଖଣ୍ଡ ମଧ୍ୟ ମିଳିବାର ଭରସା । ଗାମୁଛାଟା ଅଣ୍ଟାରେ ଭଡ଼ିଦେଇ କୁଦ୍ଦାଡ଼ିଟା କାନ୍ଥରେ ପକାଇ ହାଜର ହୋଇଗଲା । ଗ୍ରାମରେ କରଣ ସେହି ଘରକ; ଶାଶୁ, ବୋହୂ, ବାସୁଦେବ ତିନିଜଣ ଧରାଧରି କରି କର୍ମ ଚଳାଇଲେ । ସେ ସମୟର କଥାଗୁଡ଼ାକ ଲେଖିବାକୁ ଆଉ ହାତ ଚଳୁ ନାହିଁ । ଶ୍ମଶାନରୁ ଫେରି ଆସିବା ବେଳକୁ କୁଆଡଗ୍ର ଉଇଁଲଣି । ଘରେ ପଶିବା ମାତ୍ରକେ ରେବଡ଼ିମା ଚୋଖପାଣି ଗଲ, ଦେଖୁଁ ଦେଖୁଁ ଦିନ ଦ୍ୱିପ୍ରହର ବେଳେ ଗ୍ରାମରେ ହାଟ ହେଲ, ରେବଡ଼ି ମା ନାହିଁ ।

ଦିନ ଚଳିଯାଏ, କାହାର ଲାଗି ଦିନ ବସି ରହେ ନାହିଁ । କାହାର ପାଲଙ୍କି ଉପରେ ପାଟଛତା, କାହାର ବେଡ଼ି ଉପରେ କୋରଡ଼ା । ଦିନ ଯାଉଛୁ ସମସ୍ତଙ୍କର, ଯିବ ସମସ୍ତଙ୍କର । ଦେଖୁଁ ଦେଖୁଁ ତିନମାସ କଟିଗଲଣି । ଶ୍ୟାମବନ୍ଧୁ ଘରେ ଦୁଇଗୋଟି ଗାଈ ଥିଲେ, ତହିବଲ ବାଟ ଟଙ୍କା ସକାଶେ ଜମିଦାରଘର ଲୋକେ ଆସି ବାନ୍ଧ ଦେଇଗଲେ । ଆମ୍ଭେମାନେ ଜାଣୁଁ, ଜମିଦାରଘର ଟଙ୍କାକୁ ଶ୍ୟାମବନ୍ଧୁ ଶିବନର୍ମାଲ୍ୟ ପରି ଜ୍ଞାନ କରେ, ଟଙ୍କାଟିଏ ଅସୁଲ ହେଲେ ଜମିଦାର କଚେରୀରେ ପେଠ ନ କରିବାଯାଏ ତାହାର ନଦ ନାହିଁ । ମାତ୍ର ତାହା ଉପରେ ଟଙ୍କା ଥାଉ ବା ନ ଥାଉ, ଗାଈ ଦଉଟି ବଡ଼ ଦୁଧିଆଳି, ଏ କଥା ପୂର୍ବରୁ ଜମିଦାରଙ୍କୁ ଜଣାଥିଲା । ତାହା ଛଡ଼ା ଜମିଦାର ଚଢିବାକୁ ଯେ ତିନମାଣ ଜମି ଦେଇଥିଲେ, ତାହା ଛଡ଼ାଇ ନେଲେଣି । ଦୁଳଆଟା ବା ଘରେ ଆଉ କଅଁ ରନ୍ଧିବ ? ଦୋଳପୂର୍ଣ୍ଣିମା ଦିନ ସେ ଚୁଡ଼ିଗଲା । ବଳଦ ଦୁଇଟା ସାଢ଼େ ସତର ଟଙ୍କାରେ ବିକା ଯାଇଥିଲା, ଦୁଇଜଣଙ୍କ ଜିପ୍ସାରେ ଖରଚ ଯାଇ ଯାହା ବଳିଥିଲା, ସତାବଟା କରି ମାପେ ଚଳିଲା । ଆଜ

ଡାଳଟା କାଲି ପିଢ଼ଳଟା ବକାବଟା ବନ୍ଧାଛନ୍ଦାରେ ଆଉ ମାସେ ଗଲା । ବାସୁ ଦୁଇ ଓଳ ଦୁଆରକୁ ଆସେ, ଗୁଡ଼ି ଘଡ଼ଏଯାଏଁ ଥାଏ, ଆଈ ନାଭୁଣୀ ଶୋଇବାକୁ ଗଲେ ବସାକୁ ଯାଏ । ବାସୁ କଛୁ ଟଙ୍କା ପଇସା ଦେଲେ ଆଈ ବା ନାଭୁଣୀ କେହ୍ନ ନଅନ୍ତୁ ନାହିଁ । ବଳେଇ ବଳେଇ କଛୁ ଦେଲେ ତାହା ଠଣାରେ ପଡ଼ଥାଏ । ବାସୁ ଜାଣିପାର ଆଉ କଛୁ ଦଏ ନାହିଁ । ବୁଢୀ ପାଖରୁ ଗୋଟାଏ ଦୁଇଟା ପଇସା ନେଇ ସଉଦା କଣିଦଏ, ସେହି ଦୁଇପଇସାର ସଉଦାରେ ଆଠ ଦଶ ଦିନ ଚଳି-ଯାଏ । ଘରର ଗୁଳ ଉଡ଼ଗଲ୍ଣି, ଗୁଡ଼ୁଣି ଦରକାର । ବାସୁ ଦୁଇ ଟଙ୍କାର ନଡ଼ା କଣି ବାଡ଼ରେ ଗଦେଇଅଛୁ, ଋଣ ଦେବାରୁ ଛପରବନ୍ଦ ହୋଇପାର ନାହିଁ । ବୁଢ଼ୀ ଏବେ ଆଉ ଦିନ ଗୁଡ଼ ବସି କାନ୍ଦେ ନାହିଁ । କେବଳ ସଞ୍ଜ ହେଲେ ବସି କାନ୍ଦେ । କାନ୍ଦ କାନ୍ଦ ଢଳେ ଢଳି-ଯାଏ, ସେହିଠାରେ ଗୁଡ଼ କାଟେ । ରେବଡ଼ା ଧକେଇ ଧକେଇ ପାଖରେ ପଡ଼ଯାଏ । ବୁଢ଼ୀ ଆଖିକ ଏବେ ଭଲ ଦଶୁନାହିଁ; ବାସ୍ନାଣୀ ପର ହୋଇଗଲ୍ଣି । ଏବେ ସେ କାନ୍ଦବାର ଜଣା କର ରେବଡ଼ାକୁ ଗାଳ ଦେବାକୁ ଆରମ୍ଭ କରଛୁ । ଏତେ ଯେ ଦୁଃଖ, ଏତେ ଯେ ଦୁର୍ଦ୍ଦଶା ସବୁର ମୂଳ କାରଣ ରେବଡ଼ା, ଏହା ସେ ମନ ମଧ୍ୟରେ ସ୍ଥିରସିଦ୍ଧାନ୍ତ କର ସାରଲ୍ଣି । ରେବଡ଼ା ପାଠ ପଢ଼ି-ବାରୁ ପୁଅ ମଲ୍, ବୋହୂ ମଲ୍, ଦଲଆ ଗୁଡ଼ଗଲ୍, ବଲଦ ବକାଗଲ୍, ଜମିଦାରଘର ଗାଈ ବାନ୍ଧ ଦେଇନଗଲ୍ । ରେବଡ଼ା କୁଲକ୍ଷଣୀ, ସେ କୁଡ଼ୁଙ୍ଗୀ, ସେ ଲକ୍ଷ୍ମୀଗୁଡ଼ୀ । ବୁଢ଼ୀ ଆଖିକୁ ଯେ ଦଶୁ ନାହିଁ, ତାହାର କାରଣ ରେବଡ଼ାର ପାଠପଢ଼ା । ବୁଢ଼ୀ ଗାଳ ଦେବାବେଳେ ରେବଡ଼ା ଆଖିରୁ ଦୁଇଧାର ବହ୍ନ ଯାଉଥାଏ, ଉତ୍ତରେ ବୁଢ଼ୀ ପାଖରେ ଛିଡ଼ା ହୋଇପାରେ ନାହିଁ । ବାଡ଼-ଦୁଆରେ, ନୋହିଲେ ଘରକୋଣରେ ମୁହଁ ଗୋଡ଼ାଇ କାଠଟି ପର ବସିଥାଏ । ବାସୁ ମଧ୍ୟ ଦୋଷୀ; କାରଣ ରେବଡ଼ା ତ ଏତେଦିନଯାଏ ପଢ଼ି ନ ଥିଲ୍, ସେହି ଆସି ସିନା ପଢ଼ାଇ ଦେଲ୍ । ମାତ୍ର ବୁଢ଼ୀ ବାସୁକୁ କଛୁ କହିପାରେ ନାହିଁ, ବାସୁ ନ ହେଲେ ଘର ଦଣ୍ଡେ ଅଚଳ, ପୁଣି ଜମିଦାରଘର ଲଟ ଛୁଡ଼ ନାହିଁ । ଜମିଦାର-ଘର ଲୋକ ଆସି ଆଜ ଏ ହ୍ୱସାବଟା, କାଲି ସେ ହ୍ୱସାବଟା ମାଗେ । ବାସୁ ନ ହେଲେ ପାଞ୍ଚି ବଡ଼ାରୁ ଚଢ଼ି ପଚର କାଡ଼ି ଦେବ କଏ ? ବାସୁ ନ ଥିବାବେଳେ ସେ ସହଜ କଥାରେ କେବେ କେବେ ଆପଣା ମନ୍ତବ୍ୟ ପ୍ରକାଶ କରଥାଏ । ରେବଡ଼ା ଆଉ ଏଣିକ ସେହି ଗୃହପ୍ରାଙ୍ଗଣସଞ୍ଚାରିଣୀ ଲୀଳାମୟୀ ପ୍ରତିମା ନୁହେଁ, ତାହା ପାଟି ଆଉ କେହି ଶୁଣି ନାହିଁ, ବାପ ମା ଗଲ୍ଦିନୁ ତାକୁ ଦାଣ୍ଡଦୁଆରେ ଆଉ କେହି ଦେଖିନାହିଁ । କେତେ ଦିନଯାଏ ଘ୍ରେ ଘ୍ରେ କର ଡକା ପାରୁଥିଲ୍, ଏବେ ଆଉ ପାଟି କର କାନ୍ଦେ ନାହିଁ; ମାତ୍ର ଦବାଗ୍ନ ତାହାର ବଡ଼ ବଡ଼ ଆଖି ଦୁଇଟା ପାନ ପାନ ମାଲକଇଁ ପର ପାଣିରେ ଢଳ ଢଳ ହେଉଥାଏ । ତାହାର କ୍ଷୁଦ୍ର ପ୍ରାଣ—ଚାହିଁରୁ ଅଡ କ୍ଷୁଦ୍ର ମନଟି ଏକାବେଳକେ ଗୁଙ୍ଗି ଯାଇଛୁ । ତା ପକ୍ଷରେ ବର୍ତ୍ତମାନ ଦିନଗୁଡ଼ ସମାନ । ସୂର୍ଯ୍ୟରେ ଆଲୁଅ ନାହିଁ, ଗୁଡ଼ରେ ଅନ୍ଧାର ନାହିଁ, ସମସ୍ତ ଜଗତ୍ଶୂନ୍ୟ ! କେବଳ ପିତାମାତାଙ୍କ ମୂର୍ତ୍ତି ହୃଦୟ ପୂର୍ଣ୍ଣ କରଅଛୁ । ମା ଏହିଠାରେ ବସିଛନ୍ତି, ବାପା ଗୁଲଯାଉଛନ୍ତି, ତାହା ଆଖିରେ କେବଳ ଏହି ଦୁଇଟା ଦଶୁଅଛୁ । ବାପ ମା ମର ଯାଇଛନ୍ତି, ଆଉ ସେମାନେ ଆସିବେ ନାହିଁ, ଏ କଥା ସେ ବଶ୍ୱାସ କର ପାରୁନାହିଁ । ପେଟରେ ଭୋକ ନାହିଁ, ଆଖିରେ ନଦ ନାହିଁ, ଦବା ନଶି ଅନୁକ୍ଷଣ ପିଠା ମାଠା ଧ୍ୟାନ । ଜେଜେମା ଡରରେ ଖାଇବାକୁ ବସେ । ଭୂଇଁରୁ ପ୍ରାପ୍ତ ଉଠେ ନାହିଁ । ଦେହରେ ହାଡ଼ ଚମ ଦୁଇଖଣ୍ଡ ଧୂଡ଼ଧୂଡ଼ ହେଉଛୁ । କେବଳ ବାସୁଦେବ ଘରକୁ ଆସିଲେ ଉଠି ବସେ, ବଡ଼ ବଡ଼ ଆଖି ଦୁଇଟାରେ ଜଳଜଳ କର ବାସୁକୁ ଗୁହିଁଥାଏ, ବାସୁ ଅନାଇଲେ ପାନ ନଶ୍ୱାସଟାଏ ପକାଇ ମୁଣ୍ଡ ପୋତିଦଏ । ବାସୁ ପାଖରେ ଥିବାଯାଏ ତାହାକୁ ଗୁହିଁ ରହିଥାଏ । ତେତେବେଳେ ତାହାର

Chinmaya Kanta

ଆଉ କିଛି ଜ୍ଞାନ ନ ଥାଏ—ଆଖିରେ ବାସୁଦେବ, ଚିନ୍ତା ବାସୁଦେବ, ସମସ୍ତ ଦୃଶ୍ୟମୟ ବାସୁଦେବମୟ ।

ଶ୍ୟାମବରୁ ମରିବାର ଆଜକୁ ଦ୍ୱାଚତୁର୍ଦ୍ଦଶରେ ପାଞ୍ଚ ମାସ, ଜ୍ୟେଷ୍ଠମାସିଆ ଦିନ, ଠିକ୍ ଦିନ ଦୁଇ ପ୍ରହର ବେଳେ ବାସୁ ଦୁଆରେ ଡାକଲା । ଏତେବେଳେ ସେ କୌଣସି ଦିନ ଆସେନାହିଁ । ବୁଢ଼ୀ କୁନ୍ଥେଇ କୁନ୍ଥେଇ ଯାଇ ଦୁଆର ଫିଟାଇ ଦେଲା । ବାସୁ କହିଲା—"ଜେଜେମା, (ବାସୁ ବୁଢ଼ୀକୁ ଜେଜେମା ବୋଲି ବରାବର ଡାକେ) ଦରୋଟି ଇନ୍‌ସ୍ପେକ୍ଟର ହରହରପୁର ଥାନାରେ ବସି ପାଠଶାଳା ପିଲାମାନଙ୍କୁ ପାଠ ପଢ଼ାଉଚି, ସବୁ ସ୍କୁଲର ପିଲାମାନେ ଯିବେ, ମୋ ପାଖକୁ ଚଠି ଆସିଛି, ମୁଁ ପିଲାମାନଙ୍କୁ ନେଇ କାଲି ସକାଳେ ଯିବି, ପାଞ୍ଚଦିନ ଲାଗିବ ।" ରେବତୀ କବାଟକଣରେ ଛିଡ଼ାହୋଇ ଶୁଣୁଥିଲା, ଲଟ୍‌କର ବସି ପଡ଼ିଲା, ସ୍ତମ୍ଭ କବାଟ ଧରିଥିଲା, ନୋହିଲେ ପଡ଼ି ଯାଇଥାନ୍ତା । ବାସୁ ପାଞ୍ଚଦିନ ସକାଶେ ଚୁଡ଼ୁଳ, ଲୁଣ, ତେଲ, ବାଇଗଣ କଣି ଆଣି ଅଗଣାରେ ଥୋଇ ଦେଇ ବୁଢ଼ୀକୁ ଜୁହାରଟାଏ ହୋଇ ଶନ୍ନବାର ମୁହଁ ସଞ୍ଜ ବେଳେ ବାହାରିଲା । ବୁଢ଼ୀ କହିଲା, "ବାପା, ଖତ୍ରରେ ବୁଲିବୁ ନାହିଁ, ଦେଢ଼ପାଆକୁ ଘୁଞ୍ଚିବୁ, ବେଳରେ ଦଟା ଭୁଣ୍ଡରେ ଦେବୁ ।"ଏତା କହି ନଶ୍ୱାଟାଏ ପକାଇଲା । ରେବତୀ ଏକଧ୍ୟାନରେ ବାସୁକୁ ଘୁଞ୍ଚିଥାଏ, ଆଜିକା ଘୁଞ୍ଚାଣି ଅନ୍ୟ ରକମ । ଆଗେ ବାସୁ ଘୁଞ୍ଚିଲେ ମୁଣ୍ଡ ଭଲକୁ ଠୋଙ୍କ ଦେଉଥିଲା, ଆଜ ସେ ଭାବ ନାହିଁ, ଏକଧ୍ୟାନରେ ବାସୁକୁ ଘୁଞ୍ଚି ରହିଛି । ବାସୁର ମଧ୍ୟ ଆଜ ଆଗକା ଘୁଞ୍ଚାଣି ନୁହେଁ । ଆଗେ ବାସୁର ଯେମନ୍ତ ଖରି ଇଚ୍ଛା—ରେବତୀକୁ ଭଲକର ଦେଖିବ; କନ୍ତୁ ଅନାଇପାରେ ନାହିଁ । ଆଜ ଘର ଚକ୍ଷୁର ମିଳନ, ଆଖି ଫେରାଇବାକୁ କାହାର ଆୟତ୍ତ ନାହିଁ । ବାସୁ ଘୁଞ୍ଚା ଗଲାଣି ଆଉ ଦିନ ନାହିଁ, ଘର ବାହର ଅନ୍ଧାର ପୂରା ଗଲାଣି । ରେବତୀ ଯେପରି ଘୁଞ୍ଚିଥିଲା, ସେହିପରି ଘୁଞ୍ଚିଅଛି । ବୁଢ଼ୀ ଡାକିବାରୁ ତାହାର ଚେତନା ହେଲା, ଘର ବାହାର ସମସ୍ତ ଅନ୍ଧକାରମୟ ।

ରେବତୀ ବସି ଦିନ ଗଣୁଛି, ଆଜ ଛ ଦିନ । ବାପ ମା ଗଲା ଦିନୁ ଦାଣ୍ଡ ଦୁଆର ଦେଖି ନ ଥିଲା, ଆଜ ସକାଳୁ ଦାଣ୍ଡଦୁଆରେ ଦୁଇ ଥର ମୁହଁମାଡ଼ ଗଲଣି । ବେଳ ଅନ୍ଦାଜ ଛ ଘଡ଼ି, ହରହରପୁରରୁ ସ୍କୁଲ ପିଲାମାନେ ଫେରି ଆସିବାମାତ୍ରେ ଲୋକେ ବୋଲୁ ବୋଲି ହେଲେ—ହରହରପୁରରୁ ଫେରି ଆସିବା ସମୟରେ ଗୋପାଳପୁରର ବରଗଛ ମୂଳରେ ପଣ୍ଡିତଙ୍କୁ ବାଡ଼ ଧଇଲା, ଘଣ୍ଟାଏର ପୋଖରୀପାଣି ହେଲା, ଅଧଘଣ୍ଟା ବେଳେ ଗୁଲଗଲେ । ଗ୍ରାମଲୋକମାନେ ହାପୁ ହାପୁ କଲେ, ପୁଅ ଝିଅ ମା ମାଇକନଆମାନେ ପାଟିକର କାନ୍ଦ ପକାଇଲେ । କେହି କହିଲା—ଆହା କ ରୂପ ରେ ! କେହି କହିଲା—କ ଧୀର ରେ ! କେହି କହିଲା—ଦାଣ୍ଡରେ ଗୁଲସାଉଥିବ ସେ ମାଛୁଟିକ ମର କହିବ ନାହିଁ ।

ରେବତୀ ଶୁଣିଲା, ବୁଢ଼ୀ ଶୁଣିଲା । ବୁଢ଼ୀ କାନ୍ଦ କାନ୍ଦ ଛାଡ଼ା କଣ୍ଠ ରୁଦ୍ଧ ହୋଇଗଲା, ଆଉ କାନ୍ଦ ପାରିଲା ନାହିଁ, ଶେଷରେ ଉଠି କହିଲା—"ଆହା ବାପା, ବଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରେଇଲ୍ ରେ !" ଅର୍ଥାତ୍ ସେ ଦୁର୍ବୁଦ୍ଧି କର ରେବତୀକୁ ପାଠ ପଢ଼େଇବାରୁ ମରିଗଲା, ନୋହିଲେ କେଭେ ମର ନ ଥାନ୍ତା । ଶୁଣିଲା ବେଳୁ ରେବତୀ ଘରେ ଯାଇ ପଡ଼ିଛି, ସେର ଶବ୍ଦ ନାହିଁ । ସେ ଦିନଟା ଗଲା, ତହିଁ ଆରଦିନ ସକାଳେ ବୁଢ଼ୀ ରେବତୀକୁ ପାଖରେ ନ ଦେଖି ପାଟିକର ଡାକଲା "ଲେ ରେବତୀ, ଲେ ରେବ, ଲେ ନଆଁ, ଲେ ଚୁଲା ।" ବୁଢ଼ୀ ବାପ୍ପାଣୀ ପର ହୋଇ ଗଲାଣି, କାନ୍ଦ ବୋବାଳ ନାହିଁ; କେବଳ ରାଗରେ ଦିନ ରାତି ରେବତୀକୁ ଗାଳ । ପଡ଼ଶା ଲୋକେ, ଦାଣ୍ଡଗଲା ଲୋକେ ଯେତେବେଳେ ଇଚ୍ଛା ସେତେବେଳେ

ଶୁଣୁଛନ୍ତ,' ଲେ ରେବଙ୍ଗ, ଲେ ରେବ, ଲେ ନଆଁ ,ଲେ ଚୁଲ !" ବୁଢ଼ୀ ଆଖିକୁ ଦଖୁ ନାହିଁ, ଅଣ୍ଡାଳ ଅଣ୍ଡାଳ ଯାଇ ରେବଙ୍ଗକୁ ପାଇଲ୍, ଡାକଲ୍, ଜବାବ ନ ପାଇ ତା ଦେହରେ ହାତ ବୁଲାଇ ଦେଖିଲ୍, ଜ୍ୱର ଜର, ଦେହରୁ ନଆଁ ବାହାରୁଛ ଜ୍ଞାନ ନାହିଁ । ବୁଢ଼ୀ ଡେର ବେଳଯାଏ ବସି କଣ ଭାଞ୍ଚିଲ୍ । କଣ କରବ, କାହାକୁ ଡାକବ । ମନ ମଧ୍ୟରେ ଜଗତ ସଂସାର ଖୋଜଲ୍, ପାଖରେ କାହାକୁ ଦେଖିଲ୍ ନାହିଁ । କଛୁ ସ୍ଥିର କର ନ ପାର ଖପା ହୋଇ କହିଲ୍, "ଯାହା ଆପଣାକଆ, ତହିଁକ ଇଲ୍ଲନ କଆଁ ?" ଅର୍ଥାତ୍ ତୁ ପାଠ ପଢ଼ିବାରୁ ଜର ହେଲ୍, ମୁଁ କଣ କରବ ?

ଦନେ ଗଲ୍, ଦୁଇଦନ ଚଲ୍, ତନଦନ ଗଲ୍, ଚାରଦନ ଗଲ୍, ପାଞ୍ଚଦନ ମଧ୍ୟ ଗଲ୍, ରେବଙ୍ଗ ମାଝିରେ ଲାଗି ଯାଇଅଛୁ, ଆଖି ଫିଟାଉ ନାହିଁ, ଡାକଲେ ଉତ୍ତର ନାହିଁ, ଜଁ ଚୁଁ ହେବାକୁ ମଧ୍ୟ ନାହିଁ । ଆଜ ଛ ଦନ, ରେବଙ୍ଗ ସକାଳୁ ଦୁଇ ଚାରି ଥର ପାଟି କଲ୍ଣି, ବୁଢ଼ୀ ପାଟି ଶୁଣି ପାଖକୁ ଗଲ୍, ଦେହରେ ହାତ ବୁଲାଇ ଦେଖିଲ୍, ଗୋଡ଼ ହାତ ଶୀତଳ, ଡକଲେ ହୁଁ ହୁଁ ଜବାବ ଦେଲ୍ । କଟମଟ କର ମୁହଁକୁ ଚାହିଁଅଛୁ, କଛୁ ନ ବୁଝିଲେ ମଧ୍ୟ କେତେ କଥା କହି ପକାଉଛୁ । କୌଣସି କବରୁଜ ଦେଖିଲେ "ଚିକ୍ତ୍ସା ଦାହଃ ପ୍ରଲାପଶ୍ଚ —"ଇତ୍ୟାଦି ଶ୍ଲୋକ ପଢ଼ି କହନ୍ତେ, "ସନ୍ନି-ପାତସ୍ୟ ଲକ୍ଷଣଂ ।" ମାତ୍ର ବୁଢ଼ୀ କଛୁ ବୁଝି ହେଲ୍ ନ ଦେହରେ ତାତ୍ତ ନାହିଁ; କଥା କହୁ ନ ଥିଲ୍, ପାଟି ଫିଟାଇଲ୍ଣି, ଚାହିଁ ନ ଥିଲ୍, ଆଖି ମିଟାଇଲ୍ଣି; ପାଣି ପିଇବାକୁ ମାଗିଲ୍ଣି, ଛ ଦନ ହେଲ୍ ଜଭରେ ପଣି ଟୋପାଏ ବାଜ ନାହିଁ, ଚାରଟା ପଥି ପେଟରେ ପଡ଼ିଲେ ତିଅଟା ଉଠି ବସିବ । "ତୁ ଶୋଇଥା, ମୁଁ ଚାରଟା ପଥି ଗନ୍ଧ ଆଣେଁ," ଏତା କହି ବୁଢ଼ୀ ବାହାରକୁ ବାହାର ଆସିଲ୍ । ପଥି ଗନ୍ଧବ କଣ ? ଘରେ ପାଚୁଆ କୁଣ୍ଢେଇ ହାଣ୍ଡି ଆଣ୍ଠିକା ସବୁ ଖୋଜଲ୍; ମୁଠାଏ ଚାଉଳ ନାହିଁ । ନଶ୍କାସଟା ପକାଇ ଘଡ଼ଏ ବସିଲ୍ । ବାସୁ ପାଞ୍ଚ ଦନକୁ ଚାଉଳ ଡାଲ କଣି ଦେଇ ଯାଇଥିଲ୍, ସେଥିରେ ଦଶଦନ କଆଁ ଚଳିଗଲ୍, ବୁଢ଼ୀର ଦୃଷ୍ଟିଶକ୍ତି ଥିଲେ ବୁଝି ପାରଥାନ୍ତା । ବସି ବସ୍ତୁର କଲେ ବୁଦ୍ଧି ବଶେ । ଘରେ କଂସାବାସନ କଛୁ ନାହିଁ; ହାତରେ ଗୋଟାଏ କଣା ଡାଲ ପଡ଼ିଲ୍, ସେହିଟା ଧର ଦର ସା ଦୋକା-ନକୁ ବାହାରିଲ୍ । ଦର ସା ଘର ଗ୍ରାମ ମଝିରେ, ତାହାର ସ୍ୱତନ୍ତ୍ର ଦୋକାନ ନାହିଁ, ଚାଉଳ, ଡାଲ, ଲୁଣ, ତେଲ ରଖିଥାଏ; କୌଣସି ଦନ ବଦେଶୀ ଲୋକ ପହଞ୍ଚି ଗଲେ କଣନ୍ତୁ କେବେ ହେଲେ ଗ୍ରାମଲୋକଙ୍କର କଛୁ ଦରକାର ହେଲେ କଣନ୍ତୁ । ବୁଢ଼ୀ ଡାଲଟି ଧର ଦର ସା ଦୁଆରେ ପହଞ୍ଚିଲ୍ । ଦର ସା ବୁଢ଼ୀ ହାତରେ ଡାଲଟି ଦେଖି ଅର୍ଥଟା ବେଶ ବୁଝିଗଲ୍ । ବୁଢ଼ୀ ଆଡଣାର ଅଭିପ୍ରାୟ ଜଣାଇବାରୁ ଦର ଡାଲଟା ହାତରେ ଧର ଚାର ଘାଣ ଦେଖି କହିଲ୍; "ନାହିଁ ନାହିଁ ମୋ ଘରେ ଚାଉଳ ନାହିଁ; ଆଉ ଏହା କଣା ଡାଲଟା ରଖି କଏ ଚାଉଳ ଦେବ ?" ଦର ଘରେ ଯେ ଚାଉଳ ନ ଥିଲ୍ ତାହା ନୁହେ, ଦେବାକୁ ମଧ୍ୟ ଇଚ୍ଛା; ତେବେ ଶସ୍ତାରେ ନେବାର କଥା । ଚାଉଳ ନ ଥିବାର ଶୁଣି ବୁଢ଼ୀ ମୁଣ୍ଡରେ ତ ବଜ୍ର ପଡ଼ିଲ୍ । କଣ କରବ, ତିଅଟା ଜରରୁ ଉଠିଛି, ତା ମୁହଁରେ କଣ ଦେବ ? ଘଡ଼ଏ ବସିଗଲ୍; ବେଳ ବୁଡ଼ି ଆସିଲ୍ଣି; ଦରକୁ ଦୁଇ ଥର ଅନାଇଲ୍ । ଯାଏଁ ତିଅଟା କଣ କରୁଛି ଦେଖେଁ । ଡାଲଟି ଧର ଉଠୁଛି, ଦର କହିଲ୍, "ଦଅ ଦଅ, ଡାଲଟା ଦଅ, ଦେଖେଁ ଘରେ କଣ ଅଛି ।" ଦର ଡାଲଟା ରଖି ଚାରି-ମାଣ ଚାଉଳ, ଅଧମାଣେ ଜାଇ, କଛୁ ଲୁଣ ଦେଲ୍ । ବୁଢ଼ୀ ଚାର ଛ ଜାଗା ବସି ଉଠି ଘରେ ଆସି ପହଞ୍ଚିଲ୍ । ଏ ପର୍ଯ୍ୟନ୍ତ ବୁଢ଼ୀ ଦାନ୍ତରେ ଦାନ୍ତକାଠି ବାଜ ନାହିଁ, ଦେହ ମନ କଥା କଣ କହିବୁଁ ? ଘରେ ପହଞ୍ଚି ରେବଙ୍ଗକୁ ଡାକଲ୍ । ତାହାର ବଶ୍ୱାସ, ରେବଙ୍ଗ ଭଲ ହୋଇଗଲ୍ଣି, ପାଣି କାଢ଼ି ଦେବ, ସେ ଖାଇ ଗନ୍ଧବ । ରେବଙ୍ଗ ଜବାବ ନ ଦେବାରୁ ସେ ଜ୍ୱର ଖମା ହୋଇ

ଯାଇ ଡାକଲା, "ଲେ ରେବଣ୍ଟା, ଲେ ରେବ, ଲେ ନଆଁ, ଲେ ଚୁଲ !" ଜବାବ ନାହିଁ ।

ଏଣେ ରେବଣ୍ଟାର ସନ୍ନିପାତ ରୋଗ କ୍ରମଶଃ ବଢ଼ୁଛି; ଉତ୍ତାପରେ ଯନ୍ତ୍ରଣା, ଦେହ କ୍ରମଶଃ ଶୀତଳ ହେଉଛି, ଜଭ ଶୁଖିଲାଣି, ଉତ୍କଟ ପିପାସା, ଜଭଟା ଯେମନ୍ତ ଭିତରକୁ ଚୂଲି ଯାଉଛି । ଥଣ୍ଡା ଜାଗାକୁ ଯିବାର ଇଚ୍ଛା, ଘରପାକ ଗଡ଼ ଗଡ଼, ବାହାରକୁ ଆସିଲା, ସୁଖ ଲଟିଲା ନାହିଁ । ବାଡ଼ ଦୁଆରକୁ ଯାଇ ପିଣ୍ଡାରେ ବସିଲ । ଦିନ ଶେଷ ହୋଇ ଆସିଲାଣି, ଖୁବ୍ ପବନ ବହୁଛି, ବାଡ଼କୁ ଆଜ୍ଞକ ବସିଲ । ବାଡ଼ପାକ ଅନାଇଲ, ଏହି ବାପା ଗଲ ବରଷ କଦଳୀ ଲଗାଇଥିଲେ, ଭଣ୍ଡା ବାହାରଲାଣି, ଦୁଇ ବରଷ ତଳେ ମା ଗୋଟିଏ ପିଦୁଡ଼ ଗଛ ବାଡ଼ରେ ରୋଇଥିଲେ, ରେବଣ୍ଟା ଧାଇଁ ଧାଇଁ କୂଅରୁ ଡାଳେ ପାଣି ସେ ଗଛରେ ଦେଇଥିଲ, ସେ ଗଛ କେଡ଼େଟାଏ ହେଲାଣି, ଫୁଲ ଧରିଲାଣି । ସେ ଗଛ ଦେଖି ମା ମନରେ ପଡ଼ିଲେ । ବୁଦ୍ଧି ସ୍ଥିର ନାହିଁ, ମନ ଚଞ୍ଚଳ, ଲଗାଲଟି କଛୁ କଥା ମନରେ ପଡ଼ୁ ନାହିଁ; ମାତ୍ର ମାଡାର ଆନନ୍ଦମୟୀ ମୂର୍ତ୍ତି ଆଜ ମନକୁ ଛୁଡ଼ୁ ନାହିଁ । ସଞ୍ଜ ଗଡ଼ ଗଲାଣି, ଗଛ ମୂଳରୁ ଡାଳ ଡଡ଼ାଳରୁ ଅନ୍ଧାରଗୁଡ଼ାକ ବାହାର ବାଡ଼ ପର ଗଲାଣି, ଆଉ କଛୁ ଦଶୁନାହିଁ । ଆକାଶକୁ ଗୁହିଁଲ, ଚନ୍ଦରକଆ ଛାତ୍ରଟିରୁ ଧକ ଧକ ହୋଇ କରଣ ବାହାରୁଛି । ଏକଧାନରେ ରେବଣ୍ଟା ସେହି ଛାତ୍ରକୁ ଗୁହିଁଅଛି, ଆଖିରେ ଆଉ ପଲକ ପଡ଼ୁ ନାହିଁ । ଛାତ୍ରର ଆକାର କ୍ରମଶଃ ବଡ଼ି ଯାଉଛି, ଚନ୍ଦପରି ଆକାର ହୋଇଗଲାଣି, ଆହୁରି ବୃଦ୍ଧି, କ୍ରମଶଃ ଉଜ୍ଜ୍ୱଳ । ଆହା ! ଏ କ ମୂର୍ତ୍ତି ଛାତ୍ର ମଧ୍ୟରେ ? ଶାନ୍ତିଦାୟିନୀ ପ୍ରେମମୟୀ ଆନନ୍ଦମୟୀ ମାଡାଙ୍କର ଅଭୟା ମୂର୍ତ୍ତି ବସି ସ୍ନେହରେ କୋଳକୁ ନେବା ପକାଶେ ଡାକୁଛନ୍ତି । ମା ଦୁଇଗୋଟି କରଣ ହସ୍ତ ବଢ଼ାଇ ଦେଲେ । ସେହି କରଣ ଦଉଟି ଆସି ଦୁଇ ଚକ୍ଷୁ ସ୍ପର୍ଶ କରି ହୃଦୟରେ ପ୍ରବେଶ କଲା । ସେହି ଅନ୍ଧକାର ମଧ୍ୟରେ ଆଉ କୌଣସି ଶବ୍ଦ ନାହିଁ, କେବଳ ନଶ୍ୱାସ ଶବ୍ଦ । ସେ ଶବ୍ଦ କ୍ରମଶଃ ପ୍ରବଳ, ଖୁବ୍ ଦୀର୍ଘନଶ୍ୱାସ, ଶେଷରେ ମା ମା, ଦୁଇଥର ଅସ୍ପଷ୍ଟ ଶବ୍ଦ ଶୁଭିଲ । ବାଡ଼ ନସ୍ତବ୍ଧ, ଗାରବ ।

ଏଣେ ବୁଢ଼ୀ ଘୁଷୁର ଘୁଷୁର ଯାଇ ରେବଣ୍ଟା ଶୋଇବା ଜାଗା ଦେଖିଲ, କେହି ନାହିଁ । ଘରପାକ, ବାହାର ଅଗଣା, ଡେଙ୍କିତଳ, ଡେଙ୍କି ଲାଞ୍ଜ କାହିଁ ନାହିଁ । ମନେ କଲ, ଜର ଭଲ ହୋଇ ଗଲାଣି, ବାଡ଼ରେ ବୁଲୁଥିବ । ସେହି ଡାକ—'ଲେ ରେବଣ୍ଟା, ଲେ ରେବ, ଲେ ନଆଁ, ଲେ ଚୁଲ !' ବାଡ଼ ଦୁଆରକୁ ଗଲ, ଅଣ୍ଡାଳ ଅଣ୍ଡାଳ ପିଣ୍ଡାକୁ ଉଠିଲ । ପିଣ୍ଡାଟା ଭୂମିଠାରୁ ଦୁଇହାତ ଉଚ୍ଚ, ହାତେ ଚଉଡ଼ା ।

"ମଲ, ତୁ ଏଇଠି ବସିଛୁ ?" ଦେହରେ ହାତ ଦେଇ ବୁଢ଼ୀ ପ୍ରଥମେ ଚମକ ପଡ଼ଲ, ଆଉ ଥରେ ଭଲ-କର ଗୋଡ଼ଠାରୁ ମୁଣ୍ଡ ଯାଏ ହାତ ବୁଲାଇଲ, ନାକରେ ହାତ ଦେଇ ଗୋଟାଏ ଉତ୍କଟ ଶବ୍ଦ କଲ, ସଙ୍ଗେ ସଙ୍ଗେ ପିଣ୍ଡା ତଳେ ଦୁଲଦାଲ ଶବ୍ଦ !

ଶ୍ୟାମବନ୍ଧୁ ମହାନ୍ତ ଘରର କୌଣସି ପ୍ରାଣୀକୁ ଜଗତରେ ଆଉ କେହି ଦେଖି ନାହାନ୍ତି । ପଡ଼ୋଶି-ମାନେ ଗୁଡ଼ ପହରକ ସମୟରେ ଶେଷ ଶବ୍ଦ ଶୁଣି-ଥିଲେ—

"ଲେ ରେବଣ୍ଟା, ଲେ ରେବ, ଲେ ନଆଁ, ଲେ ଚୁଲ !"

ପେଟେଣ୍ଟ୍ ମେଡିଶିନ୍

ସାଆନ୍ତାଣୀଙ୍କର ଟାଣୁଆ ହୁକୁମ ଜାରି, ଗୁଡ଼ ଛ ଗୁଡ଼, ଦିନତମାମ ବି ବାବୁ ଘରୁ ଗୋଡ଼ କାଢ଼ି କାହିଁ ଯାଇପାରିବେ ନାହିଁ । "କ'ଣ୍ୟା ଯିବ ? କଣ ଲୋଡ଼ା ?

ଯାହା କରିବାକୁ ହେବ, ଘରେ ବସି କର । ଲେଖ, ପଡ଼, ଖବରଦାର ବାହାରକୁ ବାହାରିବ ନାହିଁ ।" ବାବୁଙ୍କ ନହାନ୍ତ କୁହାବୋଲ୍ ଆକୁଳ ବଳଳରେ ହୁକୁମ ହୋଇଛୁ—ସକାଳେ ପା ଘଣ୍ଟା ଲଗି ଦାଣ୍ଡ ଦୁଆର ପାଖ ସଡ଼କରେ ବୁଲପାରିବେ । ତା ବ ବହୁତ ଦୂରକୁ ଯାଇ ପାରିବେ ନାହିଁ, କବାଟ ଫାଙ୍କବାଟେ ଅନାଇଲେ ଯେମନ୍ତ ଦଶୁଥିବ ।

ସକାଳ ସାତଟା ଅଧାଜ ବେଳ ହେବ, ବାବୁ ଚନ୍ଦ୍ରମଣି ପଟ୍ଟନାୟକେ ଦାଣ୍ଡଦୁଆର ଆଗ ସଡ଼କରେ ବୁଲୁଛନ୍ତି । ହଠାତ୍ ଅନାଇଦେଇ ଦେଖିଲେ, ଘର ପଞ୍ଚାଶ କଦମ ଦୂରରେ ଗୋଟାଏ ଲୋକ ଛିଡ଼ା ହୋଇ ତାଙ୍କୁ ଏକ ଧ୍ୟାନରେ ଅନାଇଛୁ । ବାବୁଙ୍କ ନଜର ତା ଉପରେ ପିମିନ୍ତ ପଡ଼ିଛୁ, ସେ ହାତ ଠାରି ଡାକିଲ୍ । ବାବୁ ଭଲକରି ଅନାଇ ଦେଖିଲେ, 'ଓହୋ ! ଏ ତ ସେହି ଭଦରଖିଆ ଟୋକା ରେ !' ମନ ମଧ୍ୟରୁ ଖୁସି ଖୁସିଟାଏ ହେଲେ, ପାଖକୁ ଆସିବା ଲଗି ହାତ ଠାରିଦେଲେ, ଆପେ ବ ଆପଣା ଦୁଆରକୁ ଅନାଇ ଅନାଇ ଅଳ୍ପ ଅଳ୍ପ ଆଗେଇ ଆଗେଇ ଯାଉଥାନ୍ତି । ପିମିନ୍ତ ସେ ଟୋକାର ପାଖ ପାଖ ହେଲେ, ଦୁଆର ଆଡ଼କୁ ମୁହଁ କରି ପଛକୁ ଡେଇରି ହାତଟା ବଢ଼େଇ ଦେଲେ । ଟୋକାଟା ବାବୁଙ୍କ ହାତରେ ଚଠି ଖଣ୍ଡେ ଯାକଦେଇ ଝଟ୍ ଲେଉଟି ପଡ଼ି ଗଲଗଲ୍ । ବାବୁ ଚଠିଖଣ୍ଡ ମୁଠେଇ ଧରିଥାନ୍ତି, ତେତେବେଳେ ପଡ଼ିଲେ ନାହିଁ, ଦୁଆର ପାଖିଆ ଆସି ଭଲକରି କବାଟ ଫାଙ୍କକୁ ଅନାଇଲେ । ଚଠି ଖଣ୍ଡ ପଢ଼ି ଟିକ ଟିକ କରି ଚିଣ୍ଡେଇ ପକେଇ ପବନରେ ଉଡ଼ାଇ ଦେଲେ ।

ଘର ଭତରକୁ ଆସି ଖୁବ୍ ସ୍ନେହରେ ଖୁବ୍ କଅଁଳରେ ଡାକିଲେ, "ଆଗୋ ! ଆଗୋ ! ଶୁଣୁଛ ନା—ଟିକେ ଶୁଣିଗଲ !" ଘର ଭତରୁ ଗୋଟାଏ ସ୍ୱର ଚଡ଼ା ଗଳା ଶୁଭିଲ୍, "ଓହୋ ! ଆଜ ଯେ ସ୍ୱର ପ୍ରେମ ଡାକ ! କଥା କଣ ? ମୋର ତ ସ୍ୱର କପାଳ ଦେଖୁଛୁ ! କଣ କହୁଛ କହ ।"

ବାବୁ କହିଲେ—ଶୁଣିଛ, ଆଜିକ ଗୁରୁବନ ହେଲ୍ ବ୍ରେଜ ବ୍ରେଜ ଘଣ୍ଟରେ ମୋ ମୁଣ୍ଡ ବୁଲୁଏ--ପେଟ ବ ଟାଣେ । ଦେହ ବଡ଼ ଝିମ୍ ଝିମ୍ କରେ, ବଡ଼ କଷ୍ଟ ହୁଏ—ସ୍ୱର କଷ୍ଟ ।

ସାଆନ୍ତାଣୀ କହିଲେ ହେଇ ହେଲ୍, ଆହୁର ଗୋଟାଏ କଣ ପ୍ରେମ ବାହାରିଲ୍ଣି । ହେଇ ଯେ ଗଞ୍ଜେଇ—ମଦ—ମଦତ—ନଆଁ ପାଉଁଶ ନଶାଗୁଡ଼ାକ ଖାଇଥିଲ, ତାହାର ଫିସାଦ । ନଶାଗୁଡ଼ାକର କଣ ଜଣା ଗୁଣ ? ପୃଥ୍ୱୀଯାକ ବେମାର ଦେହରେ । ଏଣେ ତଣେ ତନ ତନ ଜାଗା ଗୁକର ହେଲ୍, ଗଲ୍ । ଲୋକେ କେତେ ଛି ଘୁକର କରୁଛନ୍ତି, କେତେ ଟଙ୍କା ବରବାଦ କରିଦେଲ ! ଗଲ୍ ଯାଉ ଗୁକର, ଯାଉ ଟଙ୍କା, ଯାହା ହେବାର ତ ହୋଇଗଲ୍, ଏଣିକ ଦଦଟା ଭଲ ସୁଧର ଯାଉ । ଗୁର ମାସ କାଳ ଜଗି ଜଗି ଟିକେ ଭଲ କରିଥିଲ, ନଶାଗୁଡ଼ାକ ଘୁଡ଼ିବାରୁ ଟିକେ ଭଲ ଥିଲ—ପୁଣି ତାହାର କଣ ପୁରୁଣା ଫିସାଦଟାଏ ବାହାରିଲ୍ଣି ?

ଚନ୍ଦ୍ରମଣି ବାବୁ କହିଲେ—ନାହିଁ ଗୋ ନାହିଁ—ସେ କଥା ନୁହେଁ ଯେ, ଆଜ ସକାଳେ ମାଳତୀ ଗୁର୍ଯ୍ୟ ଖଡ଼ରନ୍ଦଙ୍କ ସଙ୍ଗରେ ଭେଟ ହୋଇଥିଲ । ସେ ମୋ କୋଷ୍ଠି ଗଣି କହିଲେ, 'ମୋର କକଡ଼ା ରାଶିକୁ ବଡ଼ ରାଶି ଶନିସପ୍ତା ହୋଇଛୁ । ଏଇଟା ତାହାର ଫିସାଦ, କଛୁ ପୁଣ୍ୟ କାର୍ଯ୍ୟ କରିଦେଲେ ସବୁ ଦୋଷ କଟିଯିବ ।

ସାନ୍ତାଣୀ—କଣ ପୁଣ୍ୟ କାର୍ଯ୍ୟ କରିବାକୁ ଖଡ଼-ରନ୍ଦ କହିଗଲେ ?

ଚନ୍ଦ୍ରମଣି ବାବୁ—ମୁଁ ଭନଭନ ଲଗି ଯାଇ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରିରେ ଯେତେ ମହାଦେବ ଅଛନ୍ତି, ସମସ୍ତଙ୍କୁ ଦର୍ଶନ କରିବି, କଛ ଟଙ୍କା ଦେଇ ଯାଇଥିବି, ବ୍ରାହ୍ମଣମାନଙ୍କୁ ଦେଲେ ସେମାନେ ଶବ୍ଦେ ମାଠିଆ—ନା ନା, ହଜାରେ କୁମ୍ଭ—ନାହିଁ ନାହିଁ ସହସ୍ର କୁମ୍ଭ ପୂଜା କରିବେ; ସବୁ ଦୋଷ, ସବୁ ଗ୍ରହ ଅବଳ ଏକା-ବେଳକେ କଟିଯିବ । ଦେହ ଖୁବ୍ ଆଚ୍ଛା ହୋଇଯିବ, ଆଉ ନଶାଫିସା ଖାଇବାକୁ ମନ ବଳିବ ନାହିଁ ।

ସାନ୍ତାଣୀଙ୍କ ମନକୁ ଟିକେ କମିଛକା ଧୋକା ଲୁଚିଲା । କହିଲେ, "ଖଡ଼ରନ୍ଦେ ଆସିଥିଲେ, କାହିଁ ମୁଁ ଶୁଣିନାଇଁ ?"

ବାବୁ କହିଲେ—ନାହିଁ, ନାହିଁ ସେ ଆସି ନାହାନ୍ତି, ତାଙ୍କ ପୁଅ ଆସିଥିଲା ।

ସାନ୍ତାଣୀ—ତାଙ୍କର ଦୁଣି ପୁଅଟାଏ କାହିଁ ଅଇଲା ?

ବାବୁ—ଓ ନାହିଁ ନାହିଁ ତାଙ୍କର ଗୁକର ହାତରେ କହି ପଠାଇଥିଲେ ।

ସାନ୍ତାଣୀ ବାବୁଙ୍କ ମୁହଁକୁ ଭଲକରି ଅନାଇଲେ, ମନରେ କଲେ ଏ ସବୁ ମିଛ କଥା, ଭନଭନ ଲଗିଯାଇ କେଉଁଠି ମଚ୍ଛଆଲିମାନଙ୍କ ସଙ୍ଗରେ ପଡ଼ ମଦ ଖାଇବେ, ନୋହିଲେ ତେଲଙ୍ଗାବଜାର କାନ୍ଦା ଓଳରେ ପଡ଼ିବେ । କେତେ ମୁଲୁକ ଲରେ ଟିକେ ଭଲ ବାଟକୁ ଆସିଛୁ, ନଜରରୁ ଉହାଡ଼ ହେଲେ କଣ ବୋଲ କଣ କରି ପକାଇବେ । ଖୁବ୍ ଗୋଟାଏ ଦାଢ଼ି କରି କହିଲେ, "ନାହିଁ ନାହିଁ, ତୁମେ ଭୁବନେଶ୍ୱର ପୁବନେଶ୍ୱର କାହିଁ ଯାଇ ପାରିବ ନାହିଁ, ଘରେ ବସିଥାଅ ।"

ବାବୁ କହିଲେ—ହଁ, ସତ—ସତ, ଠିକ୍ କହିଲ, କୁଆଡ଼େ ଭନ ବନ ଯାଏ ଯିବ ? ଆଚ୍ଛା, ମୁଁ ଉଚ୍ଛୁଣି ଯାଉଛି, ଏବଲେଶ୍ୱର ମହାଦେବଙ୍କୁ ଦର୍ଶନ କରି ସଞ୍ଜ ସଞ୍ଜ ଲେଉଟି ଆସିବ ।

ସାନ୍ତାଣୀ—ନା—ନା, ତାହା ବି ହେବ ନାହିଁ ।

ବାବୁ—ଆଚ୍ଛା ନ ହେଲା ନାହିଁ, ଗୋଟାକେତେ ଟଙ୍କା ଦେଲି, କଟକ ସହରଭିତରେ ଯେତେ ମହାଦେବ ଅଛନ୍ତି, ପୂଜା କରି ବାହାରି ଆସେଁ ।

ସାନ୍ତାଣୀ—ଆଚ୍ଛା ମହାକୁ କହ, ଗୋଟାଏ ବଗି ଡାକ ଆଣୁ, ଦୁହେଁ ଯାଇ ଠାକୁର ଦର୍ଶନ କରିବା, ପୂଜା ଦେବା ।

ବାବୁ ନଶ୍ୱାସଟାଏ ପକାଇ ଚୁଲଗଲେ । ଗୋଟାଏ ଜାଗାରେ ବସି ଟିକେ ଚନ୍ତା କଲେ । ଆରେ ! ଭଲ ଫିକରଟାଏ ମନରେ ପଡ଼ଗଲା ! ବାହାବା ! ଆଚ୍ଛା କଥା ! "ଆଗୋ ! ଶୁଣୁଛ ? ମୋ ଦେହଟା ବି ଭଲ ନାହିଁ; ବାରଆଡ଼େ ବୁଲିଲେ ଫେର କଛ ଗୋଟାଏ ବେମାର ବାହାରି ପଡ଼ିପାରେ । ଖଡ଼ରନ୍ଦେ ଏ କଥା ବି କହିଛନ୍ତି, କୁଆଡ଼େ ନ ଯାଇ ମହାଦେବଙ୍କୁ ଧାରଣା କଲେ ସବୁ ରୋଗ ଗୁଡ଼ିଯିବ ।'

ସାନ୍ତାଣୀ—ସେ ଧାରଣା କ ରକମ ?

ବାବୁ—ରକମ କଣ କ, ଜ୍ୟୋତ୍ତେ କହିଛନ୍ତି, ଦୁଇ ପାଞ୍ଚ ପହର କାଳ—ଧର—ପାଞ୍ଚ ପହର ହେଲେ ଏତେବେଳୁ ରାତି ନା'ଟାଯାଏ, ଖଣ୍ଡେ ବଡ଼ କମ୍ବଳ ଘୋଡ଼ ହୋଇ ମୁଣ୍ଡ ମାଡ଼ ଲମ୍ବ ହୋଇ ଶୋଇ ପଡ଼ିବ । ଆଉ କଛ କଥା ମନରେ ନ କରି ପୃଥିବୀରେ ଯେତେ ଠାକୁର ଦେବତା ଅଛନ୍ତି, ସମସ୍ତଙ୍କୁ ଧ୍ୟାନ କରୁଥିବ ।

ସାନ୍ତାଣୀ କହିଲେ—ତାହାହେଲେ ସବୁ ରୋଗ ଅବଳ କଟିଯିବ ତ ?

Chhaya@Kanta

ବାବୁ ମନ ମଧ୍ୟରେ ଖୁସିହୋଇ ଡୋଇ କହିଲେ — "ହଁ, ହଁ, ଖଡ଼ରନ୍ଦେ କହିଛନ୍ତି, ଜଲ୍‌ଖୁଲ ଗ୍ରନ୍ଥ ଅବଳ କହିଯିବ । ସେ ଆଜ୍ଞର ବ ଗୋହାଏ କଥା ବାରମ୍ବାର କର କହି ଦେଇଛନ୍ତି । ଦଶହି ଟଙ୍କା ଠାକୁରଙ୍କ ନାମରେ ମନାସି ମୁଣ୍ଡଭଲେ ଦେଇଥିବ, ମାସକ ବାଦ ଦେହ ଭଲ ହୋଇଗଲେ ସେଇ ଟଙ୍କାରେ ଠାକୁରପୂଜା ଆଉ ବ୍ରାହ୍ମଣ ବୈଷ୍ଣବଙ୍କୁ ଭୋଜନ ବଆଯିବ ।"

ସାନ୍ତାଣୀ — ଆଜ କଣ କଛୁ ଖାଇବ ନାହିଁ ?

ବାବୁ - ରମ ! ରମ ! ଠାକୁର ଦେବତା ଧ୍ୟାନ-ବେଳେ କଛୁ କଣ ଖାନ୍ତି ? ବନଯାକ ଓପାସ— ଟୋପାଏ ପାଣି ବ ନା ।

ସାନ୍ତାଣୀ ନଶ୍ୱାସହାଏ ପକାଇ କହିଲେ—ଆଚ୍ଛା, ତେବେ ଧାରଣା ବଅ ।

ବାବୁ କହିଲେ—ଆଉ ଗୋହାଏ କଥା, ଧାରଣା ଘର ମଧ୍ୟରେ ହେବନାହିଁ, ପବନ ଥାନ ଲୋଡ଼ା । ଘରେ ଆଲିଷ ରନ୍ଧାଯାଏ—ଧୂଆଁ ବୁଲ ଅପବନ ହୋଇ ଯାଇଛୁ । ଆଉ ଦେବତା ତ ନୁହନ୍ତି; ହର ପାଞ୍ଚଟା କଥା । ଦାଣ୍ଡ ବଙ୍ଗଳା ପାଖରେ ଯେଉଁ ସାନ ଗମ୍ଭୀର ଘର ସେହି ଘରହି ପବନ । ସେ ଘର ନରୋଳା ହେବ । ଖୁବ ସାବଧାନ ! ସେ ଘରେ ଭର୍ଲାଲୋକ ଘୁଇ ପଡ଼ିଲେ – ପାହି ଶୁଭିଲେ ଧ୍ୟାନ ଫଳ ମିଳିବ ନାହିଁ, ସବୁ ଅକାରଣ ହୋଇଯିବ । ସାବଧାନ ! ସେ ପ୍ରସ୍ତରେ କେହି ଭର୍ଲାଲୋକ ଘୁଇ ପଡ଼ବ ନାହିଁ—ପାହି ବ ଶୁଭବ ନାହିଁ ।

ସାନ୍ତାଣୀ ବାବୁଙ୍କ କଷ୍ଟ କଥା ମନରେ ପକାଇ ଭର ମନୋଦୁଃଖ କର ଘର ଭିତରକୁ ଗୁଲଗଲେ । ତେଭକବେଳେ ରୋଷେପ୍ଲା ବ୍ରାହ୍ମଣ ଆସି ପଗ୍ଭରିଲ, "ଆଜ୍ଞା ! ଆଜ କଣ ରୋଷେଇ ହେବ ?"

ସାନ୍ତାଣୀ — ଆଜ ବାବୁଙ୍କର ଓପାସ, ମୁଁ ଆଉ କଣ ଖାଇବ ? ରୋଷେଇ ସବୁ ବନ୍ଦ ।

ରୋଷେପ୍ଲା ବ୍ରାହ୍ମଣ ହିକଏ ମୁରକଦ୍ଦସା ଦେଇ ଗୁଲଗଲ୍ଲ । ମନରେ ବଗୁରଲ, ଆମ ସାନ୍ତାଣୀ ଗୋହିଏ ଅଲୁଚ ଧୀ, ସ୍ୱାମୀ ଉପରେ ଭକ୍ତିର ସୀମା ନାହିଁ, ବାବୁ ହିକଏ ବାଧକଡ଼ଲେ, ଆପେ ନ ଖାଇ ନ ପିଇ ବନଯାକ ପାଖରେ ବସି ସେବା କରୁଥିବେ, ଆଉ ଗିଲେ ଚ ବାଡ଼ ପଡ଼ୁ, ଘୁଞ୍ଚୁଣି ପଡ଼ୁ, ଯାହା ହାତରେ ପଡ଼ୁ ବାଡ଼େଇବାକୁ ଧାଇଁବେ—ଯାବତ ଖରାପ କଥାରେ ଗାଳଦେବେ । ହେଲେ ସାନ୍ତାଣୀହି ବଡ଼ ଭଲ, ବଡ଼ଲୋକ ଝିଅ, ବଡ଼ଲୋକ ବୋହୂ, ମନ ବ ସେଇପରି ବଡ଼ ; ମାନ ହିକଏ ଗଗୀ, ମୁହଁହା ବଡ଼ କଡ଼ା ।

ବାବୁ ମଝା ଗୁକର ଟୋକାକୁ ଦାଣ୍ଡପହକୁ ଡାକ ଖୁବ୍ ଭୁନ ଭୁନ ଖୁବ୍ ସାକୁଲେଇ ସାକୁଲେଇ କହିଲେ, 'ଶୁଣ ମକରୁ, ଗୋହାଏ କାମ ମୋ ପାଇଁ କରିବୁ । ଏହି କମ୍ବଳ ଖଣ୍ଡ ଘୋଡ଼ ହୋଇ ଗମ୍ଭୀର ଭିତରେ କବାହକୁ ଆଉଜ ଶୋଇ ଥା । ଘଣ୍ଟ ଦଉକ ସରିକ ମୁଁ ଲେଉହି ଆସିବି, ତେତେବେଳ ଯାଏ ଶୋଇଥିବୁ । ଖବରଦାର ! ଘରୁ ବାହ ରବୁ ନାହିଁ ।'

ମଝା – ଆଜ୍ଞା ନା, ଆଜ୍ଞା ନା, ମୁଁ ପାରିବ ନାହିଁ, ସାନ୍ତାଣୀ ଗାଳ ଦେବେ, ଖପା ହେବେ ।

ବାବୁ ଖପା ହୋଇ କହିଲେ, "ପାଜ, ଦୁଷ୍ଟ, ଭୂତ । ମୋ କଥା ଶୁଣିବୁ ନାହିଁ ? ଜାଣୁ, ବାଡ଼େଇ ପକାଇବ ।" ହିକଏ ବାଦ୍ କହିଲେ, "ନାହିଁରେ ମକରୁ ନାହିଁରେ, ମୁଁ ଭୁଚ୍ଚା ହାପତ୍ତ କରୁଥିଲ ! ଦେଖ ମକରୁ, ତୁ କେନ୍ଦ୍ରାପଡ଼ା ମାମୁ ଘରକୁ ଯିବୁ କହୁଥିଲୁ, କାଲ ଯିବୁ । ଗୁରଦନ ଛୁଟି ଦେଲ, ଏହି ନେ ଗୁରହା ଟଙ୍କା

ଖରଚ କରିବୁ, ଆଜି କାଲି ତୋତେ ଗୋଟାଏ ଅଙ୍ଗା କିଣିଦେବ ।''

ମକରୁ ଆଜି କିଛି କଥା ନ କହି କମ୍ବଳ ଘୋଡ଼ାଇ ଗମ୍ଭୀର ଭିତରେ ଧାରଣା ଦେଇ ଶୋଇ ପଡ଼ିଲା ।

ଏଣେ ସାଆନ୍ତାଣୀଙ୍କ ମନରେ ସୁଖ ନାହିଁ । ଗାଧୋଇ ଆସି ଆପଣା ଶୋଇବା ଘରେ ଖଣ୍ଡେ ଆସନ ପାରି ବସିଲେ, ଯେତେ ଠାକୁର ଦେବତାଙ୍କ ନାମ ମନରେ ପଡ଼ିଲା, ବାବୁଙ୍କ ଗ୍ରହ ଅବଳ ଶାନ୍ତିପାଇଁ ପ୍ରାର୍ଥନା କଲେ । ଧବଳେଶ୍ୱରଙ୍କୁ ସହସ୍ର ପଞ୍ଚାମୃତ ମାନିଲେ । ''ହେ ମା କଙ୍କଚଣ୍ଡୀ ! କାଳିଗଳର କାଳୀ ଠାକୁରାଣୀ ! ବାବୁଙ୍କ ଦେହ ଭଲ ହୋଇପାଉ, ମୁଁ ଦୁହିଙ୍କୁ ଦୁଇଖଣ୍ଡ କଲା କସ୍ତା ଶାଢ଼ୀ, ଯୋଡାଏ କଳା ବୋଦା ବଳି ଦେବ ।'' ଏପରି ଠାକୁର ଦେବତା ଡାକୁ ଡାକୁ ଦିନ ତିନି ପହର ବତ୍ତଗଲଣି । ମନରେ କଲେ, ବାବୁ ଧ୍ୟାନରୁ ଉଠି କଣ ଖାଇବେ ? ଅନ୍ନ ତ ଛୁଇଁବେ ନାହିଁ, ଫଳାହାର କରିବେ । ଡାଚଲ୍‌କଦଳୀ, ନଡ଼ିଆ, ଛେନା, ଦୁଧ, ଦହି ସବୁ ସଜଲ କରି ଘରେ ଥୋଇଦେଲେ । ପରକୁ ପର ବାହାର ଗୁଇକୁ ଅନାଉ-ଛନ୍ତି, ଆଉ ଦିନ ଦୁଇ ଘଡ଼ି ଅଛୁ—ମଝି ବାହାର ଖର ଗୁଳ ଉପରକୁ ଉଠି ଗଲଣି । ହାତରେ ଆଉ କିଛି ଘାଇଟି ନାହିଁ, ଘର ବାହାରେ ନହର ପହର ହେଉଛନ୍ତି । ସନ୍ଧ୍ୟା ହୋଇ ଆସିଲା, ଧୀରେ ଧୀରେ ଗମ୍ଭୀର ଦୁଆର ପାଖକୁ ଗଲେ । ବାବୁ କହିଛନ୍ତି, ଭଲୋଲୋକ ଗୁଇ ପଡ଼ିବ ନାହିଁ । ତଳେ ଗୁରୁପାଖକୁ ଅନାଇଲେ, ନାହିଁ ତ, ଗୁଇ ପଡ଼ି ନାହିଁ ! କାଳେ ପାଟିରୁ କଥା ବାହାର ପଡ଼ିବ, ଆପଣା ଦାନ୍ତକାନ ପାଟିରେ ଯାକ ଦେଲେ, ଅଳ୍ପ ଟିକେ କବାଟ ମେଲେଇ-ଦେଲେ, ଘର ଭିତରଟା ଭଲ ଦିଶୁ ନାହିଁ, ଅନ୍ଧାରିଆ, ବାବୁ ସ୍ଥିର ହୋଇ ଧ୍ୟାନରେ ପଡ଼ିଛନ୍ତି । ''ହାପୁ ! ହାପୁ ! ବାବୁଙ୍କୁ କେତେ ବାଧିଥିବ ? ହେ ଠାକୁର ଦେବତାମାନେ ! ମୋ ବାବୁଙ୍କୁ ଭଲ କରିଦିଅ । ଦେବତାମାନେ ସତ ଅଛନ୍ତି, ଦୁଃଖୀର ଗୁହାରି ଶୁଣନ୍ତି, ମୁଁ କେତେ ପ୍ରାର୍ଥନା କଲି, ବାବୁଙ୍କ ନଶାଖିଆ ଛଡ଼ାଇ ଦିଅ । ମା କାଳ ଠାକୁରାଣୀ ! ବାବୁଙ୍କ ଦେହ ଭଲ କରିଦିଅ । ଗୋଟାଏ କାଳିଆ ବୋଦା, ଆଉ ଗୋଟାଏ କାଳିଆ କୁକୁଡ଼ା ବଳି ଦେବ ।'' ଭୂଇଁରେ ମୁଣ୍ଡ ଲଗାଇ ଠାକୁର ଦେବତାଙ୍କୁ ଡେର ପର ଜୁହାର କଲେ ।

ଚହଁବାଦେ ଅଳ୍ପ ଦୁଆର ମେଲାକର ଭିତରକୁ ପିମିଚି ଗୋଡ଼ ବଢ଼େଇ ଦେଇଛନ୍ତି, ଅନ୍ଧାରିଆ – କମ୍ବଳ ଭଲ ଦିଶୁନାହିଁ, ଏକାବେଳକେ ବାବୁଙ୍କ ମୁଣ୍ଡରେ ଗୋଡ଼ ପଡ଼ିଗଲା । ଜଭ କାମୁଡ଼ ପଛକୁ ନେଉଟି ପଡ଼ିଲେ, କାନ୍ଦ ପକାଇଲେ, 'ହାପୁ ! ମୁଁ କେଡ଼େ ଅପରାଧ କଲି ।' ହାତଯୋଡ଼ ବାବୁଙ୍କ ଉଦ୍ଦେଶ୍ୟରେ, ଠାକୁର ଦେବତାଙ୍କ ଉଦ୍ଦେଶ୍ୟରେ ଡେର ପର କ୍ଷମା ମାଗିଲେ । ଚହଁ ଉଲ୍ଲରେ ଧୀରେ ଧୀରେ ଭଲ କର ଅନାଇ ଭିତରକୁ ଗଲେ । ବାବୁଙ୍କ ଦୁଇ ଗୋଡ଼ ତିନି ତିନି ପର ମୁଣ୍ଡରେ ଲଗାଇ ଜୁହାର କଲେ । ଜୁହାର କଲ୍‌ବେଳେ କମ୍ବଳ ଗୋଟାଯାକ ପର ଯାଉଥାଏ । ଜୁହାରବେଳେ ବାବୁଙ୍କ ଗୋଡ଼ରୁ, ହାତରୁ ଝାଳ ଲାଗିଲା । 'ହାପୁ ! ହାପୁ ! ବାବୁ ଝାଳରେ ବୁଡ଼ି ଗଲେଣି ।' ପଣତକାନରେ ଗୋଡ଼ ପିଠି ଭଲ କର ପୋଛି ଦେଲେ । ମୁହଁ ପୋଛିବାକୁ ଯାଇ ଦେଖିଲେ, ମୁଛ ହାତକୁ ଲାଗିଲା ନାହିଁ । 'ଏଁ—ଏ କଅଣ ? ବାବୁଙ୍କ ମୁଛ କାହିଁ ?' ଦୁଇ ପର ଅଣ୍ଡାଳଲେ, ତିନି ପର ଅଣ୍ଡାଳଲେ, 'ନାହିଁ ତ—ମୁଛ କାହିଁ ?' ଘର ସନ୍ଦେହ ହେଲା, କବାଟଟା ଭଲକର ମେଲାଇ ଦେଇ ଅନାଇଲେ, କମ୍ବଳଟା ଟାଣି ପକାଇଲେ । ଘର ଘଗିଯାଇ ପଛକୁ ଡେଇଁପଡ଼ି ପାଟିଟାଏ କର କହିଲେ, "ଡାକୁଣୀ-ଖିଆ—ଅଳପଇସିଆ—ନଈଶୁଆ, କ ରେ ମହା, ତୁ

ଏଠି କ'ଣ୍ୟା ପଡ଼ିଛୁ ରେ ?'' ମଙ୍କା ଆଜି କଣ କହିବ ? ଗ୍ଲେରଟି ପରି ଦାଢଯୋଡ଼ କାନ୍ଥକୁ ଆଉଜି ଭୁନ ହୋଇ ଛୁଡ଼ା ହୋଇଛୁ । ସାନ୍ତାଣୀ ଘଡ଼ଏ ଯାଏ ଗର୍ଜନ କରି ଥକି ପଡ଼ିଲେଣି । ତାହାବାଦେ ମନରେ ବିଚାର କଲେ—"ନାହିଁ ନାହିଁ, ଗୋଳମାଳ କଲେ ଭଲ ହେବ ନାହିଁ । ଅସଲ କଥାଟା କଣ ବୁଝିବାକୁ ହେବ ।' ମଙ୍କାକୁ ସଲ୍ଲରେ ରଖିବାକୁ ହେବ । ଧୀରେ ଧୀରେ କଅଁଳେଇ କଅଁଳେଇ କହିଲେ, "ଆରେ ମକରୁ ! ତୁ ମାମୁ ଘରକୁ ଯିବୁ କହୁଥିଲୁ ପରା ? ଯା—କାଲି ଯିବୁ । ଏଇ ମୋ ଗ୍ଲରଟା ଟଙ୍କା, ବାଟଖରଚ କରିବୁ, ଖଜା କଣି ଖାଇବୁ । କାଲି ତୋତେ ଗୋଟାଏ ମାଣିଆବନ୍ଧ କଥା ଦେବି, ପିନ୍ଧିବୁ । ଅଚ୍ଛୁଣି କଛୁ ପାଟି କରି ନା—ଯା, ଗ୍ରେସେଇଘର କଣରେ ଭୁନ ହୋଇ ବସିଥିବୁ ।''

ମଙ୍କା ମନେ କରିଥିଲା, ସାନ୍ତାଣୀ ବାଡ଼େଇ ପକାଇବ । ଏ' କଣ, ନଗଦ ସାଙ୍ଗେ ସାଙ୍ଗେ ଗ୍ଲରଟା ଟଙ୍କା, ପୁଣି ପୋଡ଼ାଏ ଲୁଗା ମିଳିବ । ମନର ଆନନ୍ଦଟା ସମ୍ଭାଳି ପାରୁ ନାହିଁ । ସାନ୍ତଙ୍କ ଟଙ୍କା ପୁଞ୍ଜାକ ଅଣ୍ଟିରେ ଖୋଷିଥିଲା, କାଢ଼ି—ଏ ଟଙ୍କା ସାଙ୍ଗରେ ମିଶେଇ ଦୁଇଥର ଉଣାଥର ଗଣିଲା । ଆଠଟଙ୍କା ଭଲ-କର ଅଣ୍ଟିରେ ଖୋସି ଗ୍ରେସେଇଘର କୋଣରେ ଲୁଚିଲା । ସାନ୍ତାଣୀ ଗମ୍ଭୀର ଭତରେ ମଙ୍କା ଜାଗାରେ ଧାରଣା ଦେଇ ପଡ଼ ରହିଲେ ।

ଘଣ୍ଟ ପହରକ ସରକ ଚନ୍ଦ୍ରମଣି ବାବୁ ଭୁନ ଭୁନ ଆସି ଗମ୍ଭୀର ଦୁଆରେ ପହଞ୍ଚି ଗଲେ । ପୂର୍ବ ନଶା, ଗ୍ଲଲବା ବେଳେ ଗୋଡ଼ ଟଳ ଯାଉଛୁ, ପାଟି ଖଳ ବାଜୁଛି, ଧଡ଼କର କବାଟଟା ମେଲଇ ଦେଲେ । ମଙ୍କା ଧାରଣା ଦେଇ ପଡ଼ିଛୁ । ବାବୁ ଘର ଖୁସିଟା ଦେଇ ନାଚ ନାଚ ଗୀତ ଆରମ୍ଭ କଲେ ।

'ବାଡାବା ମଜାଦାର !
ମଦ ଗଞ୍ଜା ଗୁଣ ଯେ ଜାଣେ ସେଇ ତ ସମଜଦାର ।

"ଉଠ ଘଇ ମନ୍ଧୁ ! ସାବାସ ବାବା ମନ୍ଧୁ ! ମେର ଦୋସ୍ତ ମଙ୍କାମ୍ ! ଶୁଣ ମଙ୍କା, ଉଠ, ଉଠ । ଏଥର କେଉଁ ଶଳା ଶାଲୀକ ଉର ରେ ? ମଙ୍କା ! ଆଜିକା ମଜା କଥା କେତେ କଣ କହିବ ? ତୋ ସାନ୍ତାଣୀ ପୋଇଲ୍ଲଟା ବମାସ ହେଲ୍ ଅଟକାଇଛୁ—ପାଟି ଚଡ଼ ସାଇଥିଲ୍ଲ—ବମାସର ମଜା ବଦକେ ଫତେ ! ଆରେ ସେ କଣ ଆଜିକା କଥା ? ତା ସଙ୍ଗରେ ଛନ ବରଷର ଦୋସ୍ତି, ପ୍ରୀତି । ସେଇ ଯେ ଗୋପାଳ ବାବୁ ଦୁଆରକୁ ନାଚବାକୁ ଆସିଥିଲ୍ଲ, ସେଇ ବନ୍ଧୁ ଦୋସ୍ତି । ସାବାସ ! ମଜେଦାର ! ତା ନାମ କଣ ଜାଣୁ ? ତୋ ସାନ୍ତାଣୀ ନାମଟା ହେଲ୍ଲ, ଫୁଲ—ଚୁନା ! ଫୁଲ କଣ ନା, ପୋଖଷ୍ଟରେ ହୁଏ, ଚୁନା ଚକୁଲୀ ପିଠା ହୁଏ । ଛି, ଛି, ଛି ! କ ଅପରଚନଆ ନାମ ! ତା ନାମ ଉସ୍—ମାନ୍—ତା—ର୍ ! ବାଡାବା ! ମଜେଦାର ! ଜତେ ରହ ମେର ଉସ୍ମାନ୍ ତାର୍ ! ନାମଟା ପିମିଚକା, ଗୁଣ ବି ପେଇ ରକମ । ଗୁଣ ତ ଗୁଣ ଉସ୍ମାନ୍ ତାର୍—କ୍ୟା ମଜେଦାର ! ଦେଖ ତ ମଙ୍କାମ୍, ତାର କେତେ ବୁଦ୍ଧି, କେତେ ମେହରବାନ ! ପୁରୁଣା ଦୋସ୍ତି ଭୁଲ ପାରି ନାହିଁ । କାଲି ଆସି ପିମିଚ କଟକରେ ଗୋଡ଼ ଦେଇଛୁ, ମୋତେ ଡାକ ପଠାଇଛୁ । ମୁଁ ତାକୁ ଦେଖି ନଧି ପାଇଗଲା, ସେ ତ ଆନନ୍ଦରେ ହସି ହସି ଢଳି ପଡ଼ିଲ୍ଲ । ମୁଁ ବଚ୍ଛଣରେ ବସିଛୁ କ ନା, ଲଗିଲ୍ଲ ମାଲର ଧୂମ । ସବୁ ଠିକ୍ ଠାକ୍ ସଜଲ କରି ରଖିଛୁ । ଟିପା ଗଞ୍ଜେଇ—ମଦତ ହୁକା—ମେରୁ, ସବୁ ଠିକ୍ । ଆଗ ଫିଟିଲ୍ଲ ମାଲ ବୋତଲ । ଆଃ୍କା ରମ୍ ନୁହେ, ଅସଲ ବଲ୍ଲଣ୍ଡ, ନମ୍ବର ଉଆନ୍ ! ତୁ ଯେବେ ଗ୍ଲାସେ ଟାଣି ଦଅନୁ, ଦେଖନୁ ମଜା ! ଆମେ ଦଜଣ ସଙ୍ଗେ ସଙ୍ଗେ ବୋତଲ ଖାଲ କରିଦେଲୁ ! ଖାଲ—ର—ଭୁଚ୍ଚା—ର, ଟୋପାଏ ପାଣି ନାହିଁ । ତୋ ସାନ୍ତାଣୀ ଗ୍ରେଜ ଜଜେ ଭଆର କରେ ପୁରା, ଘରଭଜା, ଖାଇ । ଆରେ ଛି ! ସେ ଗୁଡ଼ାକ ତ ବଡ଼ବଡ଼ ଖାଏ । ସେ ଯେ କର ରଖିଥିଲ୍ଲ ଲୁଣିଆ ବୁଟ-ଭଜା, ଶୁକୁଆ ପୋଡ଼ା, ମାଲ

ସଙ୍ଗକୁ ମଜାଦାର, ପେଟେ ମାରଦେଲ । ଦେ ମଜାଦାର ! ତୋ ସାନ୍ତାଣୀକୁ ଚଡ଼ଦେଇ କମିଶ୍ତକା ଦଶ ଟଙ୍କା ମାର ନେଇଥିଲ । ସେ ସବୁ ମଉଜ ଜାଗାକୁ ଛୁଚ୍ଛା ହାତରେ କେହ୍ନି ଯାଏ ? ତା ଆଗରେ ଟଙ୍କା ପିମିଡ ଥୋଇ ଦେଇଛୁ, ଟିକଏ ଘୂହିଁ ଦେଇ ମୁହଁ ମୋଡ଼ ଦେଲୁ । ମୁଁ ଦୁସିଆର ନଣିଷ, ତୋ ସାନ୍ତାଣୀ ପର କଣ ହେଣ୍ଡା ? ବୁଝି ପାରଲ, ପସନ୍ଦ ହେଲୁ ନାହିଁ । କମିଶ୍ତ ପସନ୍ଦ ହେବ ରେ ? ଦଶ ଘଣ୍ଟରେ ମଜୁର କଲେ ଶହ ଶହ ପାଏ । ମୁଁ କହି ଆସିଛି, କାଲ ଶଦ୍ଦେ ଟଙ୍କା ଦେବ । ସେ ହସି ହସି କହିଲ, 'ଟଙ୍କା କଣ ହେବ ? ତୁମେ ଆସିବ ।' ସତ ସତ, ସେ କଣ ଟଙ୍କା ଘୃହେଁ ? ଘୃହେଁ ମୌଜ । ସେ ଟଙ୍କା ଘୃହେଁ ନାହିଁ, ତାର କଣ ଟଙ୍କାର ଅଭାବ ? ହେଲେ ମୁଁ କଣ ଅସତ୍ୟ ହେବ ? ଜବାବ ଦେଇଛୁ ତ, ଟଙ୍କା ଦେଇଛୁ । 'ମରଦ୍‌କ ବାତ୍, ହାତୀକା ଦାଁତ୍ ।' କାଲ ଟଙ୍କା ଶଦ୍ଦେ କୋଉଠୁ ଆଣିବ ଜାଣୁ ? ହୋ ହୋ ହୋ ! ବଡ଼ ମଜା । ତୋ ସାନ୍ତାଣୀ ନାଟବନ୍ଦ ଟଙ୍କା ସେହ୍ନ ସିନ୍ଦୁକରେ ରଖିଛୁ । ଗୋଟାଏ ଲୁହାକଣାରେ ସିନ୍ଦୁକଟା ଫିଟାଇ ପକାଇ ଆଚ୍ଛା କର ଚଟା ଦେବ । ଦ ଚାରି ଥର ଟଙ୍କା ନେଲଣି । ସାନ୍ତାଣୀ ବୋପା, ତା ଗୋପାଇଁ ବାପା ବ ବୁଝି ପାରବ ନାହିଁ । ସିନ୍ଦୁକରେ ଡେର ଟଙ୍କା ରଖିଛୁ, ମୋ ହାତରେ ପଡ଼ଗଲେ କଟକର ଫାଙ୍କେ ମଜୁରରେ ଭମାଇ ଦଅନ୍ତୁ । ତୋ ସାନ୍ତାଣୀ ଯଦି ଟିଲ୍ଲଘେ ମଦ ଟାଣି ଦଅନ୍ତା, ବୁଝନ୍ତା କେତ୍ତେ ମଉଜ । ସେ ମଉଜ ବୁଝିଛୁ ଉସ୍—ମନ୍—ଚାର୍ । ଏଇଟା କାଠ ମୂଖିଟାଏ ! ଆଜ ମାଲ ସଙ୍ଗରେ ପେଟେ ଘୁଣ୍ଟ ଚଢ଼େଇଛୁ । ତୋ ସାଆନ୍ତାଣୀ ବାପ ଶଳା ବ ସାତ ଜନ୍ମରେ ଦେଖି ନ ଥିବ ।"

ସାନ୍ତାଣୀ କମ୍ବଳ ଖଣ୍ଡକ ପାଞ୍ଚ ହାତ ଦୂରକୁ ଫୋପାଡ଼ ଦେଇ ଡେଇଁ ପଡ଼ଲେ । ଘର ଗୋଟାଏ ଗର୍ଜନ କର କହିଲେ, "କଣ କହିଲୁ, କଣ କହିଲୁ ମଦୁଆ, ଯୋଟିମାଗିଆ ! ତୋ ବାପ ତୋ ଶଳା ! ବନଯାକ ଯାଇ କେଉଁଠି ପଡ଼ିଥିଲୁ ରେ ? ତୁଁ କଣ—ଉସ୍‌ମାନ୍ ଚାର୍ ?"

ବାବୁ ତ ଉତ୍ତରରେ ଘୁଣିଆ ହୋଇଗଲେଣି, ଚଞ୍ଚଳ କହି ପକାଇଲେ, "ନା—ନା, ମୁଁ କାହିଁ ଯାଇ ନାହିଁ; ଟିକଏ ବାହାରକୁ ପ୍ରସ୍ରାବ କରବାକୁ ଯାଇଥିଲ— ତୁମ ଘଣ, ତୁମ ମୁଣ୍ଡ ଛୁଇଁଛୁ ।"

ସାନ୍ତାଣୀ ତ କ୍ରୋଧରେ ଅଜ୍ଞାନ । "ତୁଁ ରେ ମୋ ମୁଣ୍ଡ ଛୁଇଁଲୁ, ମୋ ମରବାକୁ ଘୃହିଁଛୁ ?"

ଘରେ ଗୋଟାଏ ଘୁଞ୍ଚୁଣି ପଡ଼ିଥିଲା; ସେଇଟା ଧର ଦେ ପ୍ରହାର—ପ୍ରହାର—ପ୍ରହାର – ମୁଣ୍ଡରେ, ପିଠିରେ, ହାତରେ ସେଉଁଠି ବାଜ୍ ! ବାବୁ ସମ୍ଭାଳ ପାରଲେ ନାହିଁ, ଦେ ଦୌଡ଼ ! ନଶା ଟୁଙ୍କରେ ଗୋଡ଼ ଟଳମଳ ହେଉଛୁ । ଦୁଲଦାଲ ପଡ଼ଗଲେ । ତା ଉପରେ ବ ପାଣି ଅସର ପର ପଡୁଛୁ ।

ସାନ୍ତାଣୀ ଅକ ଯିବାରୁ ଘର ଭତରକୁ ଯାଇ ଭୂଇଁରେ ଲଟ୍ କର ଶୋଇ ପଡ଼ଲେ । ଆକୁଳ ହୋଇ କାନ୍ଦୁଛନ୍ତି । କାନ୍ଦୁ କାନ୍ଦୁ ଯେତ୍ତେ ଠାକୁର ଦେବତା ମନରେ ପଡ଼ଲେ ସମସ୍ତଙ୍କୁ ଡାକ କ୍ଷମା ମାଗିଲେ, "ହେ ଠାକୁର ଦେବତ'ମାନେ ! ମୋତେ କ୍ଷମାକର, ମୋ ଦେବତା ସ୍ୱାମୀକୁ ବାଡ଼େଇଛୁ, ବଡ଼ ଅପରାଧ କରିଛୁ, ଦୋଷ କ୍ଷମାକର, ଆଉ ମୋ ସ୍ୱାମୀକୁ ସୁବୁଦ୍ଧି ଦଅ ।" ରାତ ପାହି ଗଲୁଣି । ସାନ୍ତାଣୀଙ୍କ ରାଗଟା ବ ଗୁଲଗଲୁଣି । ଧୀରେ ଧୀରେ ଯାଇ ଦେଖିଲେ, ବାବୁ ଠାଁ ଭୂଇଁରେ ପଡ଼ିଛନ୍ତି । ନଶା ଘୁଡ଼ଗଲୁଣି, ସକାଳୁଆ ଶୀତଳ ପବନ ଲଗି ଘର ନଦଟାଏ ହୋଇଛୁ । ଘଡ଼ ଘଡ଼ କର ନାକ ଡାକୁଛୁ । ସାନ୍ତାଣୀ ଅନାଇ ଦେଖିଲେ, ପିଠି, ହାତ, ଗୋଡ଼ ଜାଗା ଜାଗା ଘୁଞ୍ଚୁଣିମାଡ଼ରେ ଫୁଲ ଯାଇଛୁ । ଗୋଟାଏ ଗୋଟାଏ ଜାଗାରେ ରକ୍ତ ବହି ଶୁଖି ଗଲୁଣି । ଏ ସବୁ ଦେଖି ଘର ଆକୁଳରେ

କାନ୍ଦିଲେ—"ବାପୁ ! ମୁଁ କଣ କଲ ! ସ୍ୱାମୀଦେବତାଙ୍କୁ ଗ୍ଲାଞ୍ଜଣିରେ ବାଡ଼େଇଲ ! ବାପୁ ! ବାପୁ ! ମୋ ଦଶା କଣ ହେବ ?" ଆଉ ଥରେ ଡାକିଲେ—"ଠାକୁର ଦେବତାମାନେ ! ମୋ ଦୋଷ କ୍ଷମା କର ।" ଟର ଟର ହୋଇ ଦୁଇ ଆଖିରୁ ଦୁଇ ଧାର ବହୁଛୁ । ଗିନାଏ ଘଷି ମାଲତୀ ଆଣି ଫୁଲ ଜାଗାମାନଙ୍କରେ ଧୀରେ ଧୀରେ ଘଷି ଦେଲେ, ଆଉ ଗିନାଏ ମାଲତୀ ଆଣି ଦେହଯାକ ଲଗାଇ ଦେଲେ । ଏନ ଦୁଇ ଘଡ଼ି ପରକ ବାବୁଙ୍କ ନଦ ଘୁଞ୍ଚିଲା । ଟିକେ ଅନାଇ ଦେଲେ, ସାନ୍ତାଣୀ ପାଖରେ ବସିଛନ୍ତି । ମନରେ ଘର ଗୋଟାଏ ଡର ପଶିଗଲା, କେଜାଣେ ଆଉ ଥରେ ବା ଗ୍ଲାଞ୍ଜଣିରେ ବାଡ଼େଇ ପକେଇବେ । ଆଉ ନଦ ତ ନାହିଁ, ଆଖି ବୁଜ ଘାଲେଇ ପଡ଼ିଥାନ୍ତି । ଆଉ ଥରେ ଧୀରେ ଧୀରେ ଅନାଇ ଦେଖିଲେ, ସାନ୍ତାଣୀଙ୍କର ଘଗର ଚହ୍ନ ନାହିଁ । ଦୁଇ ଆଖିରୁ ଦୁଇଟା ଧାର ବହି ଯାଉଛୁ, ଧୀରେ ଧୀରେ ଗୋଡ଼େ ତେଲ ଘଷି ଦେଉଛନ୍ତି । ସାନ୍ତାଣୀ ବୁଝି ପାରିଲେ, ବାବୁଙ୍କର ନଦ ଘୁଞ୍ଚିଗଲାଣି । ଗୁରମାଠିଆ ଜଳ ଅଣାଇ ଶୋଇବା ଜାଗାରେ ଥୋଇଲେ— ବାବୁଙ୍କ ହାତ ଧର ଉଠାଇ ବସାଇଲେ । ମୁଣ୍ଡରେ ଦେହରେ ଜଳ ଢାଳି ଭଲ କର ସ୍ନାନଟା କରାଇ ଦେଲେ । ବାବୁଙ୍କର ନଶାର ଖେଞ୍ଜରରେ ଦେହଟା ଜଳୁଥିଲା, ଜଳ ପଡ଼ ବଡ଼ ଆରାମ ଲାଗୁଥାଏ । ଆଖି ବୁଜ ଠାକୁରଙ୍କି ପରି ଧୀର ହୋଇ ବସିଥାନ୍ତି । ସାନ୍ତାଣୀ ଶୁଖିଲା ଲୁଗା ପିନ୍ଧାଇ ଦେଲେ । ରୋଷେଇ। ଖତ ପରିଷି ଗଲା । ସାନ୍ତାଣୀ ବଳେଇ ବଳେଇ ବଟା ଭୋଜନ କରାଇଲେ; ତହିଁବାଦେ ଭଲ କର ଶେଯଟା ପାରି ବାବୁଙ୍କୁ ଶୁଆଇ ଦେଲେ । କାଲିଠାରୁ ସାନ୍ତାଣୀଙ୍କର ଉପାସ, ଆଜି ବି ଜଳ ସ୍ପର୍ଶ ନାହିଁ । ସ୍ୱାମୀଙ୍କ ଗୋଡ଼-ତଳେ ବସି ହାତ ବୁଲାଉଛନ୍ତି । ଏନଯାକ ଆଖିରୁ ପାଣି ଶୁଖିବାକୁ ନାହିଁ । ମନ ମଧ୍ୟରେ ଠାକୁର ଦେବତାଙ୍କୁ ଡାକୁଛନ୍ତି—"ହେ ପ୍ରଭୁ, ମୋ ଦୋଷ କ୍ଷମାକର, ମୋ ସ୍ୱାମୀଙ୍କୁ ସୁବୁଦ୍ଧି ଦଅ ।" ଏନଯାକ ସ୍ୱାମୀ ସ୍ତ୍ରୀ କାହାର ମୁହଁରୁ କଥା ବାହାର ନାହିଁ, ଘରେ ଗୁକର ଗୁକଗୁଣୀ ମଧ୍ୟ ସମସ୍ତେ ଚୁନ ଚାନ । ସ୍ୱାମୀ ସ୍ତ୍ରୀ କେହି କାହାର ମୁହଁକୁ ଲଜରେ ଭରସି ଗୁହିଁ ପାରୁ ନାହାନ୍ତି । ଦରଖର ଦୁହେଁ ଆପଣା ଆପଣାକୁ ଅପରାଧୀ ମଣି ମନସ୍ତୁଷ୍ଟି ପାଇଁ ସାଧ୍ୟାନୁସାରେ ଚେଷ୍ଟା କରୁଥାନ୍ତି । ବାବୁଙ୍କ ମନ ମଧ୍ୟରେ ପ୍ରତିଜ୍ଞା, ଆଜିଠାରୁ ସବୁ ନଶା ଗୋରକ୍ତ, ବସ୍ତା ।

ଦୁଇମାସ ଗଲା, ଚାରିମାସ ଗଲା, ଛ ମାସ ବି ଗଲଣି । ସାଇ ପଡ଼ଶା ଜ୍ଞାତି ବନ୍ଧୁ ବାବୁମାନେ ଦେଖିଲେ, ଚନ୍ଦ୍ରମଣି ବାବୁଙ୍କ ଘରେ ରୋଜ ସଞ୍ଜ ସକାଳ ଯେ ଦୁଇ ଜଣଙ୍କ ମଧ୍ୟରେ ଭଟ ଭଟ ଲଗିଥାଏ, କଛୁ ଶୁଣାଶୁଣି ନାହିଁ । ଦୁଇଜଣ ଏକ ଜାଗାରେ ବସି ହସି ଖୁସି କଥାବାର୍ତ୍ତା କରନ୍ତି, କଡାପ ପଡ଼ନ୍ତି । ଉଜ୍ଜଳ ସାହିତ୍ୟ, ମୁକୁର,ପତ୍ରିକା ଖବରକାଗଜ ପଡ଼ନ୍ତି । ବାବୁ ହେଣ୍ଡ ନୋଟରେ ଡେଉ ଟଙ୍କା ଦେଣା କର ପକାଇଥିଲେ, ବର୍ଷଟା ଭିତରେ ଅଧାଅଧି ଶୁଝି ଗଲଣି । ବାବୁ ଘରୁ ବାହାରନ୍ତି ନାହିଁ । କେଉଁ ଜାଗାରୁ ନାଟ ତାମସାର ନମନ୍ତ୍ରଣ ଆସିଲେ, ସାନ୍ତାଣୀ ହେଲାରଲେ, ପେଲ୍‌ପେଲ କଲେ ବି ବାହାରୁ ନାହାନ୍ତି । ଏନେ ଏନେ ସଞ୍ଜବେଳେ ଦୁଇଜଣ ବଗିଚିରେ ବସି ସହରୁ-ଯାକ ବୁଲି ଆସନ୍ତି ।

ସହର ଲୋକେ, ସାଙ୍ଗପୁଙ୍ଗା ବାବୁମାନେ ଦେଖି ଶୁଣି ଆଶ୍ଚର୍ଯ୍ୟ ! ଆରେ କଥା କଣ ? ବାବୁଙ୍କ ବାପେ ଜମିଦାର ଶ୍ୟାମ ପଞ୍ଚନାୟକେ ମାଷ୍ଟର ରଖି ବାବୁଙ୍କୁ ପଢ଼ାଇଲେ । ସ୍କୁଲରେ ବି ପଢ଼ିଥାନ୍ତି । ଏତେ ପଢ଼ିଲେ କଣ ହେଲା ? ବଦ୍ ସଙ୍ଗରେ ପଡ଼ ଘର ନଶାଖୋର ହୋଇଗଲେ । କେବଳ ଏନ ଘର ବର୍ତ୍ତିଥାଲା, ଚରଣ ଏକାବେଳକେ ଗଲା, ଘରଯାକ ମଦ ଯାଗା-ମାନଙ୍କରେ ବୁଲୁବୁଲି, ଯେତେ ନଶା ମଦଲୋକ ସାଙ୍ଗ । ଭଲ ଲୋକେ ପାଞ୍ଚଜଣ କହିଲେ, 'ଚୁଆ ବନ୍ଧ ହେଲେ ଚରଣ ବଦଳି ଯିବ ।' ଗ୍ରାମକୁଣ୍ଡ ମହାଶୟଙ୍କର

ଗୋଟିଏ ଝିଅ, ପରନ୍ତୁ ସୁନ୍ଦରୀ,ଖୁବ୍ ଗୁଣବନ୍ତୀ—ଜମି-ଦାର ବାବୁ ତାକୁ ବୋହୂ କରି ଆଣିଲେ । ତେବେ ବି ପୁଅ ସୁଧୁରିଲା ନାହିଁ, ଘରୁ ମାଲମତ୍ତା ନଗଦ ଟଙ୍କା ଚୋରି କରି ଉଡ଼ାଏ, ଦେଣା ପାଞ୍ଚ ଟଙ୍କା ନେଇ କୋଡ଼ଏ ଟଙ୍କାର ଦ୍ୱେଣ୍ଡ୍ ନୋଟ୍ କେଖିଦଏ । ଏଣେ ଘର କଥା, ଜମିଦାରୀ କଥା କିଛି ବୁଝିବାକୁ ନାହିଁ । ଜମିଦାର ବାବୁ ଦେଖିଲେ, ଆଉ ହେବ ନାହିଁ, କୁଳାଙ୍ଗାରଟା ବିଷପୂ ସମ୍ପତ୍ତି ସବୁ ଉଡ଼େଇ ଦେବ । ବୋହୂ ଶ୍ରୀମତୀ ସୁଲୋଚନା ଦେଈ ନାମରେ ଚଲାଚଲ ସମସ୍ତ ସମ୍ପତ୍ତି ଲେଖିଦେଇ ଯାଇଛନ୍ତି । ବାପା ଯେତେ ବୁଝାଇଥିଲେ, ଶ୍ୱଶୁରେ ଆସି ଯେତେ ବୁଝାଇଥିଲେ, କାହିଁରେ କିଛି ହୋଇ ନ ଥିଲା । ହଠାତ୍ ବିଚ୍ଛକ ଭିତରେ ଏତେ ଭଲ ଲୋକ ପାଲଟି ଗଲେ କପର ? ଗୋଟିବାବୁ ଜଣେ ମହରଆ ଭଲଆ ଲୋକ, ହସି ହସି କହିଲେ "ସେ ଦିନ ବିଚ୍ଛରେ ସାନ୍ୟାଣୀ ଯେ ଅର୍ଦ୍ଧାଳଆ ଗୁଞ୍ଜୁଣି ବୃଷ୍ଟି କରିଥିଲେ, ଏଇଟା ତାହାର ଫଳ । ନଶା, ବଦଖିଆଲି ଯେତେ ଜଳିଟ ରୋଗ, ଗୁଞ୍ଜୁଣି ପ୍ରହାର ଔଷଧରେ ସବୁ ଗୁଡ଼େ ।'

ଶ୍ୟାମଧନ ବାବୁ ହସି ହସି କହିଲେ, "କାହିଁ ବୈଦ୍ୟଶାସ୍ତ୍ର, ଡାକ୍ତର କତାବ, କାହିଁରେ ଏ ରୋଗକୁ ଏ ଔଷଧର ତ ବ୍ୟବସ୍ଥା ନାହିଁ ?"

ଗୋଟି ବାବୁ କହିଲେ, "ଆରେ ତୁମେ ବୁଝିଲ ନାହିଁ, ଏଇଟା ସାନ୍ୟାଣୀଙ୍କର ଆବିଷ୍କାର—

"ପେଟେଣ୍ଟ ମେଡିସିନ୍"

ପୃଥିବୀ ପୃଷ୍ଠରୁ ଯଦି କୌଣସି ସୁନ୍ଦରୀଙ୍କ ସେ— ଅର୍ଥାତ୍ ସେମାନେ ଯଦି ଏପର ରୋଗଗ୍ରସ୍ତ ହୋଇଥାନ୍ତି, ଲୋକଙ୍କର ଜନପୂ ସ୍ୱରଥର ନିବେଦନମିଦଂ, ଏହି ପେଟେଣ୍ଟ ମେଡିସିନ୍‌ଟା ଥରେ ପ୍ରୟୋଗ ପୂର୍ବକ ପରୀକ୍ଷା-କର ଦେଖିବେ ।

ଗଣ୍ଠି ପୁଅ ଅନନ୍ତା

ସୁବଳ ମହାକୁଡ଼ ଓରଫେ ସୁବଳ ସିଂହର ବାପ ଅମଳରୁ ଗୋଟିଏ ମଇଁଷି ପଲ ଥିଲା । ମହାକୁଡ଼ ହରିଶ-ପୁରର ବଣ ଭିତରେ ପଲରେ ସବୁବେଳେ ଥାଏ । ଘରକୁ ଆସେ ନାହିଁ । ଶୀତ, ବର୍ଷା, ଖରା ସବୁ ତା ପକ୍ଷରେ ସମାନ । ହେଲେ ବର୍ଷା ଦିନଟା ବଡ଼ ଆନନ୍ଦର ଦିନ । ଚରା ଡେର ମିଳେ,ମଇଁଷିଗୁଡ଼ାକ ବଡ଼ ଦୁଧିଆଳୀ ହୁଅନ୍ତି । ଚାଲପତ୍ର ଟୋପରଟିଏ ମୁଣ୍ଡରେ ଦେଇ ଚିତେ ଜଞ୍ଜା ବାଉଁଶ ଠେଙ୍ଗାଟାଏ କାନ୍ଧରେ ପକାଇ ଦିନଯାକ ମଇଁଷିଙ୍କ ପଛେ ପଛେ ଧାଇଁ ଥାଏ । କାହିଁ ଆଣ୍ଠୁ ଏ,କାହିଁ ଅଣ୍ଟେ ପାଣି, ଦେହଯାକ କାଦୁଅ ଲଟପଟ, ଏଟା ତାର ଘର ଆନନ୍ଦ । ମହାକୁଡ଼ର ଆଉ ଦିନେ ଘର ଦରକାର ନାହିଁ । ରାତ୍ରାବଡ଼ା ଲଗି ବର୍ଷା ଦିନେ ଗୋଟିଏ ପଲ ଦରକାର । କେତେଟା ଡାଳ ପୋତ ତାହା ଭିତରେ ବଡ଼ାକାତେ ବେଣାଘାସ ପକାଇ ଦେଇ ଗୋଟିଏ ପଲ ତଆର କରେ । ପଲଟା ନହାତ ନୁଆଁଣ । ବସି ବସି ଭିତରକୁ ଯାଏ । ବସି ବସି ଘୁଚ ରାତ୍ରେ । ଠିଆହେଲେ ପଲ ମୁଣ୍ଡରେ ବାଜିବ । ପଲ ଗୁରିପାଖେ ବାଡ଼ ନାହିଁ, କାରଣ ରାତ୍ରିରେ ପଲ ଭିତରେ ଶୋଇଥିଲେ ବାଘରୁ ସହ କେନ୍ଦୁଆ ଆସି ମଇଁଷି ବାଛୁଛା ଘେନିଯାଏ; ଜଣିବ ନାହିଁ । ରାତ୍ରିରେ ପଲ ଭିତରେ ଡେଙ୍ଗେ ଜଞ୍ଜା କଠୋଡ଼ ଯୋଡ଼ାକ ମୁଣ୍ଡତଳେ ଦେଇ ଟୋପରଟାରେ ମୁହଁ ଢାଙ୍କି ଶୋଏ । ମୁହଁ ଟାରେ ପାଣି ନ ଚଢ଼ିଲେ ହେଲା । ତା' ଗୁରିପାଖେ ମଇଁଷି ଛୁଆଗୁଡ଼ିକୁ ଗୋଡ଼ରେ ଦାଉଡ଼ି ଲଗାଇ ଖଟାଇ ପକାଏ । ବର୍ଷା ହେଲେ ମଇଁଷି ଛୁଆର ମଇଳା ଓ ମୂତ ଧେଇ ଆସି ପଲ ଭିତରେ ଲମ୍ବଡ଼ ଖେଳୁଥାଏ । ମହାକୁଡ଼ ତାହାର ଉପରେ ଚେଙ୍ଗ ମାଛ ପରି ଲଟପଟ ହେଉଥାଏ । ମଇଁଷିଗୁଡ଼ା କଷା ଗୁରିପାଖେ କଣ ଆଡ଼କୁ ମୁହଁ କରି ଶୋଇଥାନ୍ତି । ରାତ୍ର ଦ୍ୱିପହରର ସରକ ମଇଁଷିଗୁଡ଼ାକ ଉଠି ବସିକୁ ଚରିଯାନ୍ତି । ତେତେବେଳୁଁ ମହାକୁଡ଼ ଜାଗ୍ରତ ଥାଏ । ଠେଙ୍ଗାଟି ତା'

ପାଖରେ ପଡ଼ିଥାଏ; କାରଣ ଭେଷ୍ଟକବେଳେ ନେକଡ଼ିଆ ଆସି ମାଇଥିଲା ଦେଖି ପଳାଇ ପାରେ । ବଣ ଭିତରେ ମଇଁଷି ଗୋଟାଏ ନାକସିଟକା ଦେଲେ ବାଘ ଆସିଛୁ ବୋଲି ମଦାକୁଡ଼ ଜାଣିପାରେ । ଆରେ ରେ ରେ କୁଦାଟକା ମାରଦେଲେ ଯେଡ଼େ ବାଘ ହେଉ ଛାଡ଼ ପଳାନ୍ତା । ବାଘ ଗୁଡ଼ାକ ମଦାକୁଡ଼ ଡାକ ବାର ପାରନ୍ତା । ବଣରେ ଯିମିଡି କୁକୁଡା ଗୁଡ଼ାକ କୁକୁ କୁକୁ କରିବେ ମଇଁଷିପଲ ବସାକୁ ନେଉଟି ଆସନ୍ତା । ଭେଷ୍ଟକ-ବେଳେ ମଦାକୁଡ଼ ଦୁହାଁଲା ମଇଁଷିଗୁଡ଼ାକୁ ଛନ୍ଦ ଦୁହିଁ ପକାଏ । ଦିନ ଘଡ଼ିକ ପରକ ମଦାକୁଡ଼ାଣୀ ଦେବକ୍କା କାଣ୍ଡିଆ କୁଣ୍ଡା ମିଶା ସେରେ ଗୁଡ଼ଳର ଗୋଟିଏ ପୋଡ଼ପିଠା, ପାଞ୍ଚ ସେର ଅକାଣ୍ଡିଆ ବରଗଡ଼ା ଗୁଡ଼ଳ ଆଉ ଧୂଆଁପନ୍ଥ ଛଡ଼େ ଧରା ଗୋଠରେ ହାଜର । ମଦାକୁଡ଼ର ଭେଷ୍ଟକ ମାନ ଦୈନିକ ଖାଦ୍ୟ । ସକାଳୁ ପିଠାଟି ଖାଇ ଦେଇ ସେରେ ନରୁଡା ମଇଁଷି ଦୁଧ ପିଇଦିଏ । ଦିନ ଦୁଇ ପହର ସରକ ଅଡ଼େଇସେର ଗୁଡ଼ଳ ଟିକେ ଫୁଟାଫୁଟି କରିଦିଏ । ବଣରୁ ଯଦି କନ୍ଦୁ କାଙ୍କଡ଼, ଡଙ୍କ, ମଟକା, ଫୁଟଗୁଡ଼ୀ ମିଳ ଥାଏ ତାକୁ ସେଇ ଗୁଡ଼ଳରେ ପକାଇ ଦେଇ ଥାଏ । ତରକାରୀ ପାଇଁ ଶୋଚନା ନ ଥାଏ । ବଖତରେ ୨୯ ସେର ଗୁଡ଼ଳ, ଦୁଇସେର ନରୁଡା ମଇଁଷି ଦୁଧ ମୂଳ ଖାଦ୍ୟ । ବୋଇଲା—

'ମଇଁଷି ମଣେ ନୁଢା ଚଣାଗିଆ,
ଦୁଦୁଗୁ ମଣେ ଧାଇ ।'

ମଦାକୁଡ଼ାଣୀ ଗୁଡ଼ଳ ମିଠା ଭେଷ୍ଟକ ଦେଇ ଘରର ଦୁଃଖେ ସୁଖ, ଗାଁର ହାଲଚାଲ, ବଜ୍ ବାନ୍ଧବ ଖବର-ଟବର କହି ନଡ ଦୁଧ କଳସିଟି ମୁଣ୍ଡରେ ମୁଣ୍ଡାଇ ଘରକୁ ବାଡ଼ଡ଼ ଆସେ । ଶୀତୁକାଳରେ ମଦାକୁଡ଼କୁ କଞ୍ଚ ହରବରରେ ପଡ଼ବାକୁ ହୁଏ । ବଣରେ ନାହିଁ ପାଣି, ଏଣେ ମଇଁଷଗୁଡ଼ାକ ଦୁଇପହର ଯାଏ ଜଳଜନ୍ତୁ ପରି କାଦୁଅ ପାଣିରେ ଡୁବବେ, ନାକଟି ଖାଲି ଦିଶୁଥାଏ । କ'ଣ କରବେ ? ବଣରୁ ବାହାର ପାଟକୂଳରେ ଆସି ପଡ଼ନ୍ତା । ସେଠାରେ ପାଣି ଆଉ ଚରର ଅଭାବ ଥାଏ ନାହିଁ । ମଦାକୁଡ଼ ବଡ଼ ଗୋଟାଏ ଚାଲପଟ୍ଟ ଛତା ପାଟ କୂଳରେ ପୋତିଦେଇ ତାହାର ଭିତରେ ପ୍ରବେଶକରି ଓଟ ପ୍ରତିରେ କଠୋର ପୋଡ଼ାକ ମୁଣ୍ଡରେ ଦେଇ ତେଲଗୁମି ପୋକପରି ମୋଡ଼ମାଡ଼ ଶୁଏ । ଶୋଇବା ପାଖରେ ଦୁଇ ତିନି ଗଦା ମଇଁଷି ଗୋବର ଘଟିରେ ଧୂଆଁ ଜକୁଥାଏ । ଭେବେ ସୁଦ୍ଧା ପାଟ କୂଳରେ କାଳିଆ କାଳିଆ ଡେଙ୍ଗା ଗୋଡ଼ିଆ ବଡ଼ ବଡ଼ ଏତେମଣା ଯେ ସମ୍ଭାଳ ହୁଏ ନାହିଁ । ମଦାକୁଡ଼ କଣ କରେ କ ପାଟ ଭିତରୁ ହାଣ୍ଡିଏ ପଙ୍କ ଆଣି ଗୋଡ଼ ଆଙ୍ଗୁଠି ଠାରୁ ଅଣ୍ଡା ଯାଏ ଲେପିଦେଇ— 'ଯା ଗିହାଳୁ ଘଇଏ ମଣା' କହି ଶୋଇପଡ଼େ । ପିଠି ହାତ ପୋଡ଼ ଉଠିଲେ ଗୁପଡ଼ା ଗୁପଡ଼ାକେ ଦୁଇ ତିନି ପୁଞ୍ଜା ମଣା ଦଳ ଢୋଇଯାଏ । ଟିକେ ନଦ ଘୁଞ୍ଚିଗଲେ, "ଆଲେ ମାଲଙ୍ଗ ! ଆଲେ ଶୁନ୍ଧୀ ! ଆଲେ କାଳୀ !" କୁହାଟି ଦିଏ । ମଇଁଷିଗୁଡ଼ାକ ମଦାକୁଡ଼ କଥା ବୁଝନ୍ତି, ଦୂରରେ ଥିଲେ ପାଖକୁ ଆସନ୍ତା । ଓଲଆ ମଇଁଷି ବେକରେ କାଠ ଘଣ୍ଟି ବନ୍ଧା ଥାଏ, ଫାଶ ଫନ୍ଦା ଡାଳୁଅ ବଲରେ ପଡ଼ଲେ ଧାଇଁପାଇ ବାଡ଼େଇ ଆଣେ ।

ବର୍ଷେ କଣ ହେଲ କ ଅରୁନକ କାହୁଁ ଠାକୁରାଣୀ ଆସି ପଲରେ ପଶିଗଲା । ଦିନ ଆଠଟା ଭିତରେ ଅଡ଼େଇ ବୋଡ଼ଆ ପଲଟା ଏକାବେଳକେ ପଟାରୁଟ୍ । ମଦାକୁଡ଼ର ତ ଅଣ୍ଡା ବସି ଗଲ୍ଲଣି । ଗାଲରେ ହାତ ଦେଇ ବସି ଥାଏ । ମଦାକୁଡ଼ାଣୀ ଆସି କହିଲେ, "କରେ ମଦାକୁଡ ! ତୁ ଇମିତ ବସି ଘଉଛୁ କ'ଣ୍ୟା ? ଅଣ୍ଡା ବସି ଗଲ୍ଲଣି ! ଓଦୋ ! ଏ ଲଗି ଗୋଟାଏ ଭାବନା ? ଯା ଦେବାର ଦେଲ । ଆରେ ମୋ ଘଇ ଗୋଠରୁ, ବୁଢା ବାଛକ ଗୋଠରୁ ଦୁଧ କାଟ ଆଣି ଲଗାଇ ଦେବ ବେପାର । ବର୍ଷ ଦି'ଟା ଭିତରେ ଯେ ପଲକୁ ସେ ପଲ ଗୋଟି ଗୋଟି ଗଣି ନେ ।"

ମହାକୁଡ଼ କଣ କଲ କ ଠାକୁରଣୀଦାଢ଼-ବାହୁଡ଼ା ପିଲ୍ଲପିଚକା ଯେ ଦୁଇ ଟ୍ରଖଣ୍ଡ ଲଙ୍ଗୁଡ଼ ଥିଲ, ବକ ବାକ ଚକାଇ ଜମିଦାରର ଗ୍ରର ପଲରେ ସେଠ ଦେଲ । ଏଡ଼େ ବଡ଼ ଗ୍ରଃଗ୍ର ଦେବାରୁ ମହାକୁଡ଼ାଶୀ ଚ ବଡ଼ ଖୁସି । ଗାଁରେ ଚାକୁ କେହ୍ନ ସେଠାଣୀ ନ କହ୍ନଲେ ଘ୍ରର କଲ କରେ, ମାଇକନଆ ହେଉ ମିଣିପ ହେଉ ବାଡ଼େଇବାକୁ ଧାଏଁ ।

ଶୀତଦନଆ ପୁଲସ ସାହେବ ମହାମପୁର ଫାଣ୍ଡି ଚଦାରକ କରବାକୁ ଯାଇଥିଲେ । ଫାଣ୍ଡି ପାଖ ଚୋଟାରେ ଡେରା ପଡ଼ଆସ । ଡେରା ପାଖକୁ ଅଧକୋଶ ଦୂରରେ ଥାଟ । ସରଞ୍ଜା, କାଜ ମାଣିକ ଯୋଡ଼, ଜଳ ଫିଫିଁ, ପାଣିହଂସ,ଚକୁଆ, ଦା-ବେକଆ,ବଗ ଚଡ଼େଇ ଭର୍ତ୍ତି । ସାହେବଙ୍କ ନଜର ଯିମିଡ଼ି ପଡ଼ଗଲ, ବନ୍ଧୁକ କାନ୍ଧରେ ପକାଇ ଶିକାରକୁ ବାହାରଲେ । ପଛରେ ଜଣ ଘ୍ରର କନେଷ୍ଟବଲ, ଆଠ ଦଶ ଜଣ ଚୌକଦାର; ମୁଣ୍ଡରେ ଲାଲ, କଳା, ହଳଦଆ ଛୁଣ୍ଡା ପାଗ ଖଣ୍ଡେ ଖଣ୍ଡେ ଗୁଡ଼ାଇ ଚତେ ଚତେ ବାଉଁଶ ଠେଙ୍ଗା କାନ୍ଧରେ ପକାଇ ଧାଇଁଛନ୍ତ୍ର । ସାହେବ ପାଟକୂଳରେ ପହ୍ମଞ୍ଚ ଯିମିଡ଼ି ବନ୍ଧୁକଟ ଦୁମ୍‌କର ଆଓ୍ୱାଜ କଲେ ହଜାର ହଜାର ଚଡ଼େଇ ଚ ଚଁ କଟର କର ଆକାଶରେ ଉଡ଼ ଚକର ଦେଇ ଘୂରିଲେ । ବୋଧହୁଏ ସେମନେ ତଳକୁ ଅନାଇ ବଚାର କରୁଥିଲେ, "କାଲେ ଦେଖା ନାହିଁ ଶୁଣା ନାହିଁ, ଆଜ ଏଟା କଣ ? ଏଟା ଚ ଧଳା ମଣିଷ ପର ଦଶୁଛି, ଏଟା କଣ ?" ସେମାନେ ଆପଣା ଆପଣା ଭତରେ ଯେଉଁ କଥା ଭାଷା ହେଉଥିଲେ ସେଇଟାକୁ କହୁଛୁଁ 'କେଁ କଟର ।'

ଯୋଡ଼ାଏ କାଜ ଦେହରେ ଛୁଟା ବାଜ ଡେଣା ଓ ଗୋଡ଼ ଘ୍ରଙ୍ଗି ଗଲ । ହେଲେ କଣ ହେଲ ଠା ନ ପଡ଼ ଖଣ୍ଡିଉଡ଼ା ହେଇଯାଇ ପାଟ ମଝିରେ ଯାଇ ପଡ଼ଲ । ଯଉଛି କଏ, ସାହେବ ଚ ସମସ୍ତଙ୍କ ମୁହଁକୁ ଅନାଉଛନ୍ତ୍ର । ଜଣା ଅଛୁ ପାଟ ମଝିଟା ଚାଲେ ଗଭର । ମଣିଷଟିଆ କୁମ୍ଭୀର ଯୋଡ଼ାଏ ଥିବାର ବ ଶୁଣା ଅଛୁ । କନେଷ୍ଟବଲମାନଙ୍କର ଚ ଡ୍ରେସ ଭଜ ଯିବ । ଚଉକଆ ଗୁଡ଼ାକ ଗାଉଁଲଆ, ଚହଁର ଜାଣନ୍ତ୍ର ନାହିଁ । ଅସଲ କଥା, କାହାର ମନକୁ ଭରସା ଖଟ୍ଟ ନାହିଁ ଯେ ଯିବ । ସାହେବ ନୋହ୍ଲେ ଜରମାନା କରେବ, ନ୍ଥୁହେଁ ଗ୍ଲକର ଛଡ଼ାଇ ଦେବ; ଜାଣି ଶୁଣି ଗୋମୁହାଁ କୁମ୍ଭୀର ମୁହଁକୁ କେ ଯିବ ? ଚେଷ୍ଟକବେଳେ କଣ ହେଲ କ ଆମ୍ଭମାନଙ୍କ ସେଠେ ପଲ ଚନଖ କରବାକୁ ଯାଇ ସେଇଠି ଥାରେ ଦେଖିଥିଲେ । କୁହା ନାହିଁ ବୋଲ ନାହିଁ କଅଣ ମନକୁ ଆସିଲ ଦୁଡ଼ ଦୁଡ଼ କର ପାଣିରେ ପଶିଗଲେ । ଦଣ୍ଡକ ଭତରେ କାଜ ଦୁଇଟାକୁ ଆଣି ସାହେବ ଆଗରେ ଥୋଇ ଦେଲେ । ସାହେବ ଚ ମହାଖୁସି । ଗୋଡ଼ରୁ ମୁଣ୍ଡଯାଏ ଚନଅର ଅନାଇଲେ, ପଞ୍ଚଡଙ୍ଗା ମର୍ଦ—ବାହୁଯେଡ଼ାକ ଗୋଲ ଗୋଲ ମୋଟା ମୋଟା, ଦୁଇହାତରେ ଚେକା ପାଇବ ନାହିଁ, ମୁଠୁଣିଏ ଚଉଡ଼ା ଛାତ, ଚକା ମୁହଁ, ଚଉଡ଼ା ନାକ, ଜଙ୍ଘଗୁଡାକ ସଲଖ ମୋଟା ଶାଲଗଜାପର । ସାହେବ ଘ୍ରର ଚୁପିଦୋଇ ପଚାରିଲେ, "ତୁମ୍ କୋନ୍ ହେ ?" "ମଣିମା ମୁଁ ଜମିଦାର ପଲର ସୁବଲ ସେଠ ।" ସାହେବ—"ତୁମ୍ କନେଷ୍ଟବଲ ନୌକର କରେଗା ?" ସେଠିଏ ଟିକଏ ଗୁମ୍ମାର ରହିଲେ । ଦଣ୍ଡକ ବାଦ କହିଲେ, "ମୁଁ ଘରଆଡ଼େ ନ ବୁଝି କହିପାରୁ ନାହିଁ ।" ସାହେବ ବୁଝିପାରିଲେ ନାହିଁ । ଜମାଦାର ମୁହଁକୁ ଚାହିଁଲେ, ଜମାଦାର ଇଂରେଜ ଚଡ଼ୁଆ ବୋଲ ଚୌକଦାର-ମାନଙ୍କୁ ଜଣା । ଆମ୍ଭେମାନେ ଜାଣୁଁ ସେ ଫାଷ୍ଟବୁକ୍ ଖଣ୍ଡକ ବଲକୁଲ ପଢ଼ିଥିଲେ, ଆଜ କାଗଜରେ ଇଂରେଜରେ ଦସ୍ତଖତ କରନ୍ତ୍ର । ସେ ମହାକୁଡ଼ କଥା ଇଂରେଜରେ ସାହେବଙ୍କୁ ବୁଝାଇ ଦେଲେ । "Sir, this guala Mahakur says he ask his wife, If she says, he will constable." ସାହେବ ମନ ମଧ୍ୟରେ ଟିକଏ

ଦ୍ୱିତୀୟ । ଅସଲ କଥାଟା ବୁଝିବାକୁ ବି ମିନଟ୍ ଡେରି ହେଲା । ପକେଟରୁ ନୋଟ୍‌ବୁକ୍ ବାହାର କରି ଲେଖିଲେ "Subal Singh is fit to be a constable. He seems to be a clever man and knows how to show respect to the fair sex." ହୁକୁମ୍ ଦେଲେ, "ଭୁମ୍ କାଲ ଫଜର ଡେରି କା ପାଶ୍ ହାଜର ହୋ ।"

ସୁବଲସିଂହ ସାହେବଙ୍କ ଅର୍ଦ୍ଧଳ । ସାହେବ ଛତ୍ରର ଶିକାରପ୍ରିୟ । ଶିକାର ସରଞ୍ଜାମ ଛାଡ଼ା ଜମା ଥାଏ । ସୁବଳ ସିଂହ ନ ଥିଲେ ସାହେବ ଶିକାରକୁ ବାହାର ପାରନ୍ତି ନାହିଁ । ସୁବଳ ଉପରେ ସାହେବଙ୍କର ଅନୁଗ୍ରହ ଦେଖି ଭଲ ଭଲ ଲୋକମାନେ ତାହାର ଅନୁ-ସରଣ କରି ଥାଆନ୍ତି । ସେଥିରେ ତାହାର ଦରମା ମାସିକ ୫ ୯ ୲ ଛଡ଼ା ଉପରି ବି ଗୁରୁପଇସା ବେଶ ରୋଜଗାର ହୁଏ । ହେଲେ ସବୁ ଦେବକା ହିସାବ କରି ନଏ । କେବେ କାଳେ ସିଂହର ଝଙ୍କେ ମଝେ ବେନାପୁ ଖରଚ ଧରି ପଡ଼ିଲେ ଦେବକା ଖପା ହୋଇ ଗାଳିଦିଏ । "କାଠଗିଆ, ତୁ ତ ୫କା ଏଇରକମ ଉଡ଼ାଇବୁ, ଘର ଘରେ ଗୋଲମି କରୁଛୁ କିଁ ?" ଆଉ ଗୋଟାଏ କଥା, ମଦାକୁଡ଼ ସିଂହ ହେଲାରୁ ଦେବକା ନାମ ହେଲା ସିଂହାଣୀ, ସେ ଆପେ ଗାଁଯାକ ଏହି ନାମ କହି ଆସିଲା । ସିଂହଙ୍କର ବି ତିନି ବରଷ ଗୁକର ବାଦେ ଥରେ ପୁଲସ ସାହେବ, ମେଜେଷ୍ଟର ସାହେବ ମିଶି ଡୋମପଡ଼ା ବଣକୁ ଶିକାର କରି ଯାଇଥିଲେ । ମେଜେଷ୍ଟର ସାହେବ ଗୋଟେ କେନ୍ଦୁଆକୁ ଯିମିତି ଗୁଳି କରିଛନ୍ତି, ହେଲା ଅଣ୍ଟାଗୁଳି, କେନ୍ଦୁଆଟା ଗୋଟାଏ ଝୁମ୍ପୁଡ଼ଲଗା ଭିତରେ ପଶି ଗର୍ଜନ କରୁଥାଏ । ସାହେବ ସଙ୍ଗରେ ଶକଡ଼ା ବେଠିଆ, ପୋଡ଼ାଏ ହାଣ୍ଡି, ଘାଉଲ କେନ୍ଦୁଆ ପାଖକୁ ଯାଉଛୁ କଏ ? ଘାଉଲ ବାଘ, ଧଇଲା ଯମ ଏକା କଥା । ପୁଲସ ସାହେବ ସୁବଳ ସିଂହ ମୁହଁକୁ ଗୁହିଁଲେ । ସିଂହେ ଉଁ କ ଚୁଁ ନ କରି ପଶିଲେ ବଣରେ । ସିଂହେ ସେଇ ମଲିଁଷିମଣ୍ଡା ଠେଙ୍ଗା ଆଙ୍କିଯାଏ ଘୁଡ଼ି ନାହାନ୍ତି । ବାଘ-ମୁଣ୍ଡରେ ଗୁର ମାହାର କଷି ଦେଇ ଲଞ୍ଜ ଧରି ଭଡ଼ ଭଡ଼ ଆଣି ମେଜେଷ୍ଟର ସାହେବଙ୍କ ଆଗରେ ପୋଇଦେଲେ । ପଙ୍କେ ପଙ୍କେ ନଗଦ ୫ ୨୦ ୲ ଙ୍କା ବକ୍‌ସିସ୍, ଆଉ ୫ ୧୫ ୲ ଦରମାର ଜମାବାଣ୍ଡି । ଏତେ ହେଲା ହିଁ, ସିଂହଙ୍କୁ କାଳ ପହିଲା ନାହିଁ । କାଠିକମାଂଆ ଛୁଟି ନେଇ ଘରକୁ ଆସିଛନ୍ତି, କାହିଁ ଗୋଟାଏ କାଳ-ଜ୍ୱର ଆସି ମାଡ଼ ବସିଲା । ଜର ସଙ୍ଗେ ସଙ୍ଗେ ସନ୍ନିପାତ । ବନ ଭନ୍ତରେ ଶେଷ ।

ଏଣେ ସିଂହାଣୀଙ୍କର ଦେହରେ ଯିମିତିକା ବଳ, ମନରେ ବି ସେହିପରି ସାହସ; ଘୋର ବିପଦରେ ପଡ଼ି ହଟିବାର ନୁହନ୍ତି । ସ୍ୱାମୀର ଶୁଦ୍ଧିକାର୍ଯ୍ୟ ପାଇ ଆପଣା ବେଜିପାରେ ଲଗିଗଲେ । ସିଂହେ ସିଂହାଣୀ ରୂପରେ ଗୁଣରେ ସମାନ । ବଧାଡା ଯେମନ୍ତ ଗୋଟିଏ ଚକରେ ଦୁଇଜଣଙ୍କୁ ଗଡ଼ିଛନ୍ତି; ତେବେ ସିଂହାଣୀ ଉଚ୍ଚାରେ ଅଧରୌକେ ବେଶି ହେବେ । ନାନ୍ଦ ଚଲକୁ ଲୁଗା ପିନ୍ଧିଥିଲେ ପେଟଟି ଛ ନଉଛଅ ଧାନ ଉଷୁନା କଲା-ହାଣ୍ଡି ପରି ବାହାର ପଡ଼ିଥାଏ । ସିଂହାଣୀ ଅଳଙ୍କାରକୁ ବୋଧହୁଏ ବଡ଼ ଭଲ ପାନ୍ତି । ପ୍ରଥମେ ବଧବା ବନ ଦେହରୁ ସବୁ ଅଳଙ୍କାର କାଢ଼ି ପକାଇଥିଲେ । ଶୁଦ୍ଧ ବାସିବନ ଫେର ହାତଗଣ୍ଠିଠାରୁ କନ୍ଧୁଣୀଯାଏ ଦଶବଣାର ପିତଳବାହୁ ବଳା ଦୁଇହାତରେ ଲଗାଇ ଦେଲେ । ନାକରେ ତୋଳାଏ ଓଜନର ସୁନାଗୁଣା ବେସର ବଶାଳ ନାକକୁ କାମୁଡ଼ି ଧରିଥାଏ । ବେକରେ ଦଶ ଦଶ ଗଣ୍ଡା ଗୋଡ଼ିଲଗା ୫କାମାଳ ନାହ୍ନିଯାଏ ଲମ୍ବି ପଡ଼ିଥାଏ । ଦୁଇ ହାତରେ ବପୁଜା ଗେଣ୍ଡା ପର ଗୁପ ମୁଦ । ସିଂହାଣୀଙ୍କ ସାହସ ଉଣା ନୁହେ । ଗାଁ ମୁଣ୍ଡ ନଗୁଣ୍ଡିଆରେ ଘର, ଛୁଆଟାକୁ ଧର ଏକୁଟିଆ ପଡ଼ିଥାଏ । ସିଂହାଣୀ ହାତରେ ଡେର ୫କା, ଏ କଥା ଗାଁଲୋକେ ଜାଣନ୍ତି; ଗୋରଗୁଡ଼ାକ ସନ୍ଧାନ ପାଇ ବନେ ଅନ୍ଧାର

ଘଣ୍ଟଆ ସିନ୍ଧକର ଭନଜଗ ଗ୍ଲେର ଘରଭିତରେ ପଶିଲେ। ସିଂଦାଣୀ ଶୋଇଥିଲେ, ତାକୁ ଟିମିଡ଼ି ମାଡ଼ ବସିଥନ୍ତା ସେ ତ ଦାଣ୍ଡକଥାଇ ଦାତଯୋଡ଼ାକ ଛିଞ୍ଚାଡ଼ି ଦେଲ୍। ଗ୍ଲେଇଗୁଡ଼ାକ ଗୁର ଗୁର ଦାତ ଦୁରରେ ପଡ଼ଗଲେ। ଯୋଡ଼ାଏ ଗ୍ଲେର ତ ପଳାଇଲେ; ଗୋଟାକୁ ମାଡ଼ ବସିଲ୍, ଗଣ୍ଡଯାରେ ଘର ମଝିଭୁମ୍ବରେ ଭଡ଼ି ବାନ୍ଧି ଦେଲ୍। ସକାଳୁ ଗାଁ ଲୋକେ ଦେଖି ଧାଇଁଲେ, ଏ ଗ୍ଲେରଟା କଏ ମ ? ମଲ୍ ମଲ୍ ! ଏ ତ ଗାଁ ଚଉକଆ ବାଉଶ ଝଡ଼ଟ ସିଂ। ସମସ୍ତେ ପରାମର୍ଶ କଲେ ଗ୍ଲେରଲୁ ଚଲାଣ ଦେବେ। ସିଂଦାଣୀ କହିଲ୍, "ଆଚ୍ଛା ମୁଁ ଚଲାଣ ଦେବ।" ଦୁଇ ଗାଲରେ କଷି ଲଗାଇଲ୍ ଦୁଇ ଥପଡ଼ା। ଜଆଉଫଡ଼ା ପରି ଗାଲ ଫୁଲିଗଲ୍, ଚଉକଆପୁଅ ପଦର ଦିନ ଦରୁ ବାହାର ନାହିଁ, ବଚ୍ଛଣାରେ ପଡ଼ିଥିଲ୍। ସିଂଦେ ବଯୋଗ ବେଳକୁ ପୁଅ ଅନନ୍ତାର ହୋଇଥିଲ୍ ଗୁର ବରଷ। ବପ୍ତସ ଟଳା ବେଳେ ପୁଅଟିଏ ଦେବାରୁ କୋଟିନଧି ପାଇଥିଲେ। ପୁଅଟିର ଆକାର ବାପ ମା ପରି, ସେହ୍ନପରି ଦେହର ବର୍ଣ୍ଣ। ସିଂଦାଣୀ ସଞ୍ଜ-ବେଳେ କାମ ପାଇଟି ସାରି ପୁଅଟିକୁ ଘଡ଼ଏ କୋଡ଼ରେ ବସାଇ ଗେଲ କରନ୍ତି, ଗେଲ କଲ୍ବେଳେ ଗୀତ ଗାଉଥାନ୍ତି—

'ଦାଣ୍ଡ ଟୁଲୁଥାଏ ଲସରପସର
କଆକଦା ଖାଇବାକୁ,
ଅନନ୍ତ ଟୁଲୁଛି ଲସରପସର
ମାଅ ଦୁଧ ଖାଇବାକୁ।
ଆକାଶେ ବୁଲୁଛୁ ଚନ୍ଦ୍ର ଜହ୍ନଆ ରେ
ସଙ୍ଗତେ ବହୁତ ତାରା,
ଅନନ୍ତ ଟୁଲୁଛୁ ମାଆକୋଳେ ବସି
ଦୁଧ ସେ ଖାଇବ ପରା।
ବାପ ତ ଯାଇଛୁ ମଈଁଷିଗୋଠକୁ
ମାଆ ତ ଦୁହିଁବ ଗାଈ,
ଘରକାଙ୍କ ଦୁଆରେ ଥାଟଦାଣ୍ଡ ବନ୍ଧା
ଅନନ୍ତ ଚଢ଼ିବ ଯାଇ।'

ଏହିପରି ଗେଲ କରି ପୁଅକୁ ବସି ଟୁଲଉଥାନ୍ତି। ଦାଣ୍ଡୁଣୀ କୋଳରେ ଦାଣ୍ଡପିଣ୍ଡାପରି ପଲ୍ଟଟି ଟୁଲଟଲ ବଡ଼ ମାନେ। ଗ୍ଲେଜ ବଡ଼ସକାଳୁ ଉଠି ପୁଅକୁ ତେଲ ହଳଦୀ ଟିକଏ ମାଖି ଦେଇ କାଠ ପାନଆରେ ମୁଣ୍ଡ କୁଣ୍ଡେଇ ମୁଣ୍ଡରେ ଗୋଟାଏ ପାନ ଜଟ ବାନ୍ଧଦଏ। ଘଡ଼ଏଯାଏ ପୁଅ ମୁହଁକୁ ଗୁହେଁ ତା ବାଦ ଆପେ ଜଉ କାମୁଡ଼ ପକାଇ କୁହେ, "ମା ଡାହାଣୀ ! ସୁନ୍ଦର ପୁଅଟିକୁ ମୁଁ ଗୁହିଁଛୁ।" ତାହା ବାଦେ ତୁଳସୀମୂଳରୁ ଟିକଏ ମାଟି ଆଣି ମୁଣ୍ଡରେ ଚଢା କରଦଏ। ଜଟ ଉପରେ ଟିକଏ ଗୋବର ଲଗାଇ ଦଏ। ତାହା ବାଦେ ପୁଅ ଉପରକୁ ଟିକଏ ଛେପ ପକାଇ ଦଏ। ଗାଁରେ କେତେ ରକମ ମାଇକନଆ ଅଛନ୍ତି, କାହା ନଜର କେମିତ ? ପୁଅକୁ ହାପୁତ୍ର କରଦେବେ। ଏହୁଲଗି ପୁଅ ବେକରେ ଖଡ଼ିଏ ଘୁଷୁଘୁଆମଣୀ, ଗୋଟାଏ ଭମ୍ବା ଡେଉଁରିଆ ଭିତରେ ମହାଦେବ ବେଲପତ୍ରୀ, ଦା'କଡ଼ା କାଣିକଉଡ଼, ଗୁରଟା ରୂପା ଡେଉଁରିଆ, ମୂଳମୂଳକା ହାର କରି ପୁଅ ବେକରେ ଲଗାଇ ଦେଇଛୁ। ବାରଲୋକର ନଜର କଟିଯିବ ବୋଲ ଆପଣା ଗୋଡ଼ରୁ ଟିକଏ ଧୂଳ ନେଇ ପୁଅ ମୁଣ୍ଡରେ ଲଗାଇ ଦଏ। ଘଣ୍ଟରେ ପେରେ ଗୁଡ଼ଲରେ ଗୋଟିଏ ଗୋଡ଼ିଠା କରି ରଖିଥାଏ, ସେ'ଟି ପୁଅ ହାତରେ ଦେଇ ଦହି ମୁହଁଇ ବସେ। ତାହା ବାଦେ ପସର ଉପରେ ଦୁଇ ଭନଟା କଳସୀରେ ଚଢ଼ା ପୂରାଇ ଗାଁକୁ ଦହି ବକଯାଏ। ମୁଣ୍ଡ ଉପରେ ପସରରେ ଦୁଇ ଭନ କଳସୀ ଦହି, ତାକୁ ନ ଧରି ଦୁଇ ବାହୁ ଟୁଲାଇ ଗୋଡ଼ସ୍ତ ଦାଣ୍ଡରେ ଗୁଲିଯିବାବେଳେ ଲୋକମାନେ ଗୁହିଁ ରହନ୍ତି। କୁହନ୍ତି, 'ନନ୍ଦଘୋଷ ରଥ !' ସିଂଦାଣୀର ଡେରଗୁଡ଼ଏ ନାମ; ଏକ—ଦେବଙ୍କା ଗଉଡ଼ଣୀ, ଦୁଇ—ମହାକୁଡ଼ାଣୀ, ତିନ—ଚାଉଳକା ଅସୁଣ୍ଡ, ଗୁରା—ନନ୍ଦଘୋଷ ରଥ, ହେଲେ ସିଂଦାଣୀର ଅଜଣାରେ ଲୋକମାନେ ଏହିସବୁ ନାମ ଦେଇଛନ୍ତି। ସିଂଦାଣୀ ବୋଲ ଡାକଲେ ସେ ବଡ଼ ଖୁସି ହୋଇଯାଏ। ଗାଁରେ କେତେଗୁଡ଼ଏ ଥଟିଆଲ ମଣିଷ ଭୁଚ୍ଛାଟାରେ —

'ଏ ସିଂହାଣୀ ! ଦହ୍ନ ଦେଇ ଯା' ବୋଲ ଡାକନ୍ତି । ଦହ୍ନ କଣିବାବେଳେ ଭାକୁ ଦୁଇ ଗୁଣ୍ଡର ସିଂହାଣୀ ସିଂହାଣୀ କହିଲେ ସେ ବଡ଼ ଖୁସି ହୋଇ ଦୁଇ ଗୁଣ ସଡ଼େଇ ଦହ୍ନ ଲଭ ବୋଲ ଢାଳିଦଏ ।

ସୁବଳସିଂହ ଉପୋଗବେଳେ ଅନନ୍ତାର ଗୁଣବରଷ ପୂର ଯାଇଥିଲା । ଦନ କଛୁ କାହାର ଲଗି ବସି ରହେ ନାହିଁ । ଅନନ୍ତାର ବୁଢୁଁ ଗୁଣ୍ଡୁଁ ହେଲଣି ଦଶବରଷ । ହେଲେ କଣ ହେଲା, ଲେକେ ଭାକୁ କୋଡ଼ଏ ବରଷର ଭେଣ୍ଡିଆ ବୋଲ ଠଉରବେ । ବ୍ରେଜ ସିଂହାଣୀ ଦହ୍ନ ଦକ ଆସି ମୋଟା ବରଗଡ଼ା ଗୁଡ଼ଳ ପାଞ୍ଚସେର ଚୁଲ୍ଲୀରେ ବସାଇ ଦଏ । ସୁବଳସିଂହର ଯେଉଁ ଫରମାସୀ ପିତଳ ବାସନଟା ଥିଲ, ସେଥିରେ ଛନସେର ଅନ୍ଦାଜ କଡ଼ଫୁଟା ପେଜୁଆ ଅନ୍ନ ସେ ଚଢଳରେ ଢାଳି ପୁଅ ପାଖରେ ପରଷି ଦଏ । ଅନନ୍ତାର ଉରକାର ପର ଲେଡ଼ା ନାହିଁ, ହେଲେ ମା ମନ କେତେକେ ମାନେ । ଗ୍ରେପାମିଶା ଉଖୁଡାଲ କଂସାଏ, ନୋହିଲେ ଶଗ ମାମଡ଼ ସିଜାସିଜ କର ପୁଅ ପାଖରେ କଂସାଏ ବସାଇ ଦଏ । ଅନନ୍ତା ଘିଉ ଖାଇସାର ଡାଲ ଚେତକ ପିଇଦଏ । ସିଂହାଣୀ ପୁଅ ଲଗି ଗୋଟିଏ ଗାଈ ବାନ୍ଧିଛୁ । ଦନକୁ ଗୁଣସେର ଦୁଧ ଦଏ । ଅନନ୍ତା ଘିଉ ଖାଇସାର ସେ କଞ୍ଚାଦୁଧ-ଚକ ପିଇଦଏ ।

ଏବେ ସିଂହାଣୀ କଛୁ ପୁଅଲଗି ଡରବରରେ ପଡ଼ିଲେଣି । ଅସଡ଼ଣୀ ଲୋକଗୁଡ଼ା ଅନନ୍ତାକୁ ଦେଖି ପାରନ୍ତି ନାହିଁ । କଏ କହିଲ—'ମୋ ବାଡରୁ କାକୁଡ଼ ଖାଇଗଲ' କଏ କହିଲ—'ମକା ଘୁଞ୍ଚି ନେଲ' 'ଆମ୍ବ, କଅଁଳ, କୋଳଗଛରେ ଚଢ଼ି ଅନନ୍ତା ଖାଇଗଲ' ବୋଲ ଗାଁଲୋକମାନେ ବ୍ରେଜ ସିଂହାଣୀ ପାଖରେ ଗୁହାର କଲେ । ସିଂହାଣୀ ମନ ମଧ୍ୟରେ ଗୁହାରଆମାନଙ୍କ ଉପରେ ରାଗେ, ହେଲେ ପୁଅକୁ କଛୁ କୁହେ ନାହିଁ । ଆଜିକାଲି ବ ସଞ୍ଜବେଳେ ଘଡ଼ଏ ବସି ପୁଅକୁ ଚେଲ୍‌କରେ । ଶେଷରେ ସିଂହାଣୀ ବଡ଼ ଦକ୍‌ଦାର ହୋଇ ଗାଁରୁ ଆସୁଛୁ, ବାଟରେ ଦେଖିଲ ବଜଳଗଛ ମୂଳରେ ପିଣ୍ଡିଟି ଉପରେ ବୈଷ୍ଣବ ମହାନ୍ତ ଅବଧାନେ ବେତ ଘେନ ଗାଁଟିଲାମାନଙ୍କୁ ପାଠ ପଢ଼ାଉଛନ୍ତି । ମନରେ କଲ, 'ଏହି ଗୁଣଶାଳୀରେ ଅନ୍ତାକୁ ବସାଇ ଦେଲେ ପାଠ ବ ହେବ ଆଉ ଗାଁ ବ କୁଲି ପାଇବ ନାହିଁ ।' ଚଉଁ ଆରଦନ ଅବଧାନ ପାଖରେ ଗୁଡ଼ଦେଇ କହିଲ, "ଅବଧାନେ ! ଅନ୍ତାକୁ ଟିକଏ ଭଲକର ପାଠ ପଢ଼ାଅ ।" ଅନ୍ତା ଭଲ ପିଲଟି ପର ଗୁଣଶାଳୀରେ ବସିଗଲ । ସେ ପୃଥିବୀରେ ଏକଲା ମାକୁ ଡରେ, ଆଉ ମା-କଥା ମାନେ ।

ଅବଧାନେ ଭୂଇଁରେ ଅ, ଆ ଲେଖିଦେଲେ, ଭା' ଉପରେ ଖଡ଼ି ମଡ଼ାଇବାକୁ କହିଦେଲେ । ଚଳେ ହାତ ଘୁଲୁଛି, ହେଲେ ଉଦରେ ବଜଳଗଛରେ କେଉଁଠି କୋଳ ଅଛୁ, କେଉଁଠି ମାଛୁ ଅନାଇ ଦେଖୁଥାଏ । ନଜର ପଡ଼ିଲେ ମାଙ୍କଡ଼ ପର ଝୁଟ୍‌କର ଚଢ଼ି ଯାଇ କୋଳ ଆଣି ପାଟିରେ ପକାଇ ଲେଖିବାକୁ ବସିଯାଏ । ଭାର ଗଛ ଚଢ଼ାରେ ଘର ଅଭ୍ୟାସ । ଭା' ଚେନ୍ଥୁଲ-ଗଛକୁ ମାଙ୍କଡ଼ ଆସିଲେ ଉପରକୁ ଉଠଯାଇ ମାଙ୍କଡ଼ ଲାଙ୍ଗୁଡ଼ ଧରି ଚଳେ କଗୁଡ଼ ମାରପକାଏ । ଗଛ ଚଢ଼ାରେ ମାଙ୍କଡ଼ ଭା' ସଙ୍ଗରେ ପାରବେ ନାହିଁ । ଏଣେ କେତେଟା ଦନ ଭିତରେ ଅବଧାନେ ଅଥପୁ ହୋଇଗଲେଣି, ଭା' ଉରେ ଗୁଣଶାଳୀରୁ ଆଉ ଟିକଏ ଗୋଡ଼ କାଡ଼ି ପାରୁ ନାହାନ୍ତି । ଟିକଏ ଅବଧାନେ ପଚ୍ଛ କଲେ, ଗୁଣଶାଳୀରେ ଘର ଗୋଟାଏ ଚଳ ଚଢ଼ଯାଏ । କେଉଁ ପିଲାକୁ ପେଲଦେଲା, କାହାକୁ ଧକା ମାରଲା, କାହା ଗୋଡ଼ ଧର ଟାଣିଲା, କାହାକୁ କଗୁଡ଼ ଦେଲ—ଏହିପର ଲଗେ । ଅଉ ପିଲେ ଭାହାକୁ ବାଡ଼େଇଲେ ଭା'ର ଘର ଆନନ୍ଦ, ସେ କାହାରକୁ ବାଡ଼ାଏ ନାହିଁ; ହେଲେ ଭାକୁ ଉରରେ ବାଡ଼ଉଛୁ କଏ ? ଅବଧାନେ ପହ୍ନିଲେ ପହ୍ନିଲେ ସିଂହାଣୀର ଉର, ଆଉ ସେ ଦହ୍ନ ବକସାର ବାଡ଼ୁଡ଼ାବେଳେ ଅବଧାନଙ୍କ କଂସାରେ ସେ ଗୁଣ

Chhaya@Kanta

ସତେଇ ଚଲ୍‌ଦା ଢାଳ ଦେଇଯାଏ ତେଣ୍ଡକ ଲୋଭରେ ଅନ୍ୟାକୁ କଣ୍ଟୁ କହୁଥିଲେ ନାହିଁ । ମଣିଷ ଡର ଓ ଲୋଭରେ ଢେର କାର୍ଯ୍ୟରୁ ନବୃତ୍ତ ହୁଏ । ଆଜ ସମ୍ଭାଳ ପାରୁଲେ ନାହିଁ । ଧଇଲେ ବେତ । ପହ୍ଲଲେ ବି ପାହାର ଚୂର ପାହାର, ଛ ପାହାର ପଟାପଟି କଲ ମିଟିଲେ । ହେଲେ ଅନ୍ୟାର ସେଥିକ ଅନାଇବାକୁ ନାହିଁ । ଅବଧାନେ ପିଟିବାବେଳେ ବଉଳକୋଳକୁ ଅନାଇଥାଏ, କେହି କେହି ଦିନ ହେଲେ ମାଡ ଜାଗାଟା ଆଉସିଦିଏ । ଆଜ ଗୃହଶୋକାଏ କହନ୍ତି, "ମହାଦେବର କେଲପତ୍ରୀ ଜଣା, ଅନ୍ୟାର ମାଡ଼ର ଜଣା ନାହିଁ ।" ଗୃହଶାଳୀରେ ଏତେ ଯେ ମାଡ଼ ତା' ମା ହେଲେ କଣ୍ଟୁ ଜାଣିପାରେ ନାହିଁ । ଅନ୍ୟା ସବୁ ଭୁଲଯାଏ । ଗୃହଶାଳୀରୁ ବାହାରିବା ବେଳେ ଯେ ମାଡ଼ କଥା ତାର ମନେ ଥାଏ ନାହିଁ । ଏଇ ରକମ ଗୁର ମାସ ଗଲ୍, ପାଞ୍ଚ ମାସ ବି ଗଲ୍, ଅନ୍ୟା ଅ ଅକ୍ଷରଟା ଲେଖି ପାରି ଆ ମଡ଼ାଉଛୁ । କେତେ ଟଣ୍ଡ ବେତ ଛୁଡ଼ ଗଲଣି, ଅବଧାନେ ଆଉ ପାରୁ ନାହାନ୍ତି । ତାକୁ ବାହାର ବି କରଦେଇ ପାରୁ ନାହାନ୍ତି, ଚଲ୍‌ଦା ମଦାନ ବନ୍ଦ ହୋଇଯିବ ଯେ ! ଦିନେ ଅବଧାନେ ଆଉ ପାରଲେ ନାହିଁ । ବେତ ଫୋପାଡ଼ ଦେଇ ବି ଗୃହଶଣ୍ଡ ବଚ୍ଚୁଆଡ ଛୁଡ଼ ଆଣିଲେ—ଗୋଡ଼ରେ ହାତରେ ପିଠିରେ ଜଣ କେଡ଼ଏ ପାହାର କଷି ଦେଲେ । ସେହିଦିନ ଅନ୍ୟକୁ ଟିକଏ ବଧ୍ୟ । ହେଲେ ଆଖିରୁ ପାଣି ପଡ଼ ନାହିଁ । ଗୃହଶୋକାଙ୍କ ଆଗରେ କହିଲ, "ଶଳା ମାହାନ୍ତିକୁ ମୁଁ ଦେଖିବ ।" ଚାରିଦିନ କଣ ହେଲାକ ଅନ୍ୟା ଏକଧାନରେ ବସି ଅକ୍ଷର ମଡ଼ାଉଛୁ, କାହାକୁ ଅନାଇବାକୁ ନାହିଁ । ଘରୁ ଚଲଚିଲ୍‌ଟିଏ । ଅବଧାନେ ଟେରେଇ ଟେରେଇ ଦୁଇ ଗୁର ଅରର ତାକୁ ଅନାଇଲେଣି । ଘରି ଖୁସି । ମନରେ କଲେ, 'ଏଡ଼ ସୁନ୍ଦର ଜିପାପୁ ଥିଲ — ହାପୁ ! ହାପୁ ! ଆଡୁରୁ କିଏ ନ କଲ ?'

ଦିନ ପହରକ ସମୟରେ ଅବଧାନଙ୍କୁ ପଦାଆଡ଼େ ଚଲ୍‌ବ ହେଲ୍ । ଡାକ ଦେଲେ, "ଆରେ ! ନଅଁ ଆଣ ରେ, ଧୂଆଁ ପତ୍ର ଆଣ ରେ, ନୋଟା ଆଣ ରେ ।" ପୁଞ୍ଜାଏ କ ଛ'ଟା ଗୃହଶୋକା ଧାଇଁ ଯାଇ ସବୁ ଠିକ କରଦେଲେ । ଅବଧାନଙ୍କର ସବୁ କାମ ପଲ୍‌ମାନେ କରନ୍ତି । ଅବଧାନଙ୍କର ଗୋଡ଼ଘଷା, ପାଲଟା ଲୁଗା କଚା, ସକୁଡ଼ ଧୂଆ ବଲକୁଲ କାମ ପିଲ୍‌ମାନେ କରନ୍ତି । ଯେଡ଼େ ଲେଖ ପୁଅ ହେଉ ପଛକେ ଅବଧାନଙ୍କ ଗୋଡ଼ ଘଷିବ । ଗୁରୁଙ୍କ ଗୋଡ଼ ଘଷିଲେ ପାଠ ଆସେ । ଅବଧାନେ ପିକାଟିଏ ଭଲ କର ମୋଡ଼ଲେ—ନଅଁ-ଗୁଣ୍ଡାରେ ପକାଟି ଲଗାଇଦେଇ ବି'କଲ ଭଡ଼ଲେ । ଫୁ କର ଧୂଆଁ ଛୁଡ଼ ଦେଇ କହିଲେ, "କ ବେ ମୁରୁଦା । ଧୂଆଁ ଲଗୁନାହିଁ ଯେ ?"

ମୁକୁନ୍ଦା କହିଲ୍—ମୁଁ କଣ କରବ ଅବଧାନେ ? ବାବା ତ କାଲି ହାଟରୁ ଏଇ ଧୂଆଁ ଆଣିଛୁ ।

ଅବଧାନେ—ବେ ବଉଆ ! ତୋ ବାପ କଟକରୁ ଯେ ବାଲେଶ୍ୱର ଧୂଆଁ ପତ୍ର ଆଣିଥିଲ, ତାକୁ ଆଉ ଆଣିଲୁ ନାହିଁ ତ !

ବନୋଦ - ମୁଁ କଅଣ କରବ ଅବଧାନେ, ମା ତାକୁ ବଡ଼ା ବାନ୍ଧ ସିକା ଉପରେ ରଖି ଦେଇଛୁ; ମୋ ହାତ ପାଇଲ୍ ନାହିଁ ।

ଅବଧାନେ—ଆଚ୍ଛା ତୁ ଗୋଟାଏ କାମ କରବୁ । ତୋ ମା ଯେତେବେଳେ ଗାଧୋଇ ଯାଇଥିବ ତୁ ଗୋଟାଏ ବଡ଼ ପାଚୁଆ ଉଗାଡ଼ ପକାଇବୁ, ତା ଉପରେ ଚଢ଼ି ସିକାରୁ ଧୂଆଁ ପତ୍ର କାଢ଼ିବୁ । ସେଥିରୁ ଦୁଇ ଗୁର ଖଣ୍ଡ କାଢ଼ ନେଇ ବଡ଼ା ବାନ୍ଧ ସିକାରେ ଥୋଇ ଦେବୁ । ଖବରଦାର ! ବେଶିଗୁଡ଼ାଏ ଆଣିବୁ ନାହିଁ । କାଲି ସକାଳେ ଯଦି ନ ଆଣିବୁ, ଅନାଇଥା ଏ ବେତକୁ ।

ଅବଧାନେ ଫେର ଥରେ ଅନ୍ତାକୁ ଅନାଇଲେ । ଅନ୍ତୁ ଧୀରେ ବସି ଖୁବ୍ ମନ ଦେଇ ଅଷର ବୁଲଉଛୁ । ଅବଧାନଙ୍କର ଘର ଦପ୍ ଦେଲ୍ । କଅଁଳରେ କହିଲେ, "ରେ ବାପ ଅନ୍ତୁ ! ନେ'ତ— ଝୁକୁଣାଝି ନେଇ ଝୁକୁଣେ ପାଣି ଆଣ ତ, ବହ୍ମର୍ଦ୍ଦେଶ ଯିବୁଁ ।" ଅନ୍ତୁ ଭଲ ପିଲ୍ଲଟି ପରି ଝୁକୁଣା ଧରି ପୋଖରୀକୁ ଜଳ ଆଣିବାକୁ ଗଲ୍ । ଅବଧାନେ ବସି ପିକା ଟାଣୁଥାନ୍ତି । ଅନ୍ତୁ ଆସେ ନାହିଁ — ବଡ଼ ମଠ କଲ୍ । ଅବଧାନେ ଆଉ ସହ୍ୟ ପାରିଲେ ନାହିଁ । ଦୁଇଥର ତିନଥର ମୋଖରୀଡାଠାଠୁ ଆଉକୁ ଅନାଇଲେଣି । ସେଠାରୁ ଉଠି ପିକା ଭଡ଼ ଭଡ଼ ଡୋଠ ଆଡ଼କୁ ଗୁଲଗଲେ । ଅନ୍ତୁ ଝୁକୁଣାଟି ଧରି ଆଡ଼ ଜଦାଡ଼ରେ ଲୁଚ ପଡ଼ ଅବଧାନକୁ ଅନାଉଥିଲ୍— ଆସୁଥିଲ୍ ନାହିଁ । ଅବଧାନ ଉପରେ ଯେମିତି ନଜର ପଡ଼ୁଛି, ଧୀରେ ଧୀରେ ପାଖକୁ ଗୁଲ ଆସିଲ୍ । ଅବଧାନଙ୍କ ହାତକୁ ଝୁକୁଣାଟି ଏମିତି ବଢ଼ାଇ ଦେଲ୍, ଯେମିତି ଝୁକୁଣାର ପାଣିକୁ ଅବଧାନଙ୍କର ନଜର ନ ପଡ଼େ । ଅବଧାନେ ଡେରର ହାତ ପାଞ୍ଚଆଙ୍ଗୁଳରେ ଝୁକୁଣା ଫନ୍ଦଟି ଧରି ଡାହାଣ ହାତରେ ପିକା ଭଡ଼ ଭଡ଼ ଗାଁ ଶେଷମୁଣ୍ଡ ଗମ୍ଭୀର ବଲକୁ ବହ୍ମର୍ଦ୍ଦେଶ ଚଲେ । ଅଧଘଣ୍ଟାଏ ହୋଇ ନାହିଁ, ଅବଧାନେ ତ ବଲରୁ ଗୁର ଗୁର ହାତ ଚଲ୍-ମାର ଚଢ଼ ଗୁଡ଼ ଧାଇଁଛନ୍ତି । ଲୁଟା କେଉଁଠି ପଡ଼ିଲଣି । ଲୁଗା ଖଣ୍ଡ ଚଡ଼ଥାନ୍ତା, ହାତରେ ଜାବୁଡ଼ ଧରନ୍ତନ୍ତି, ଡେଲେ ଅଧା ଲଙ୍ଗଳା, "ରେ ଅଲପାଇସିଆ ରେ ! ରେ ସବ୍ଦନାସିଆ ଅନ୍ତା ରେ ! ମାର ପକାଇଲ୍ ରେ ।" ଯେମିତି ଗୁଟ୍ଟଶାଳୀରେ ଚଢ଼ୁଆଗଲ୍, ଧରଲେ ବେତ— "କାହିଁ ଅନ୍ତା ?" ଆଉ ଅନ୍ତା ! ଅନ୍ତା ଅନ୍ତର୍ଦ୍ଧାନ ।

ଅବଧାନେ ଗୁଟ୍ଟଶାଳୀର ଏ ମୁଣ୍ଡ ସେ ମୁଣ୍ଡ ଗଡ଼ାଗଡ଼ କରୁଛନ୍ତି, ପାଣି ପାଣି ରଡ଼ ଗୁଡ଼ଲେ । ଗୋଟିଏ ପିଲ ଧାଇଁ ଯାଇ ତଙ୍କ ରେଖାଇଦର ମାଠିଆରୁ କଂସାଏ ପାଣି ଆଣି ଦେଲ୍ । ସେହ୍ନ ପାଣିରେ ହାତ ଧୋଇ ପକାଇ ସେମିତି ଗୋଟାଏ କୁଲକୁଞ୍ଚା କରଛନ୍ତି, କଂସା-ଟେ ପାଞ୍ଚଦାତ ଦୂରକୁ ଫୋପାଡ଼ ଦେଇ—'ବୋପା ଲେ ! ମା ଲେ !' ବୋଲ ଚହ୍ନ ଗଡ଼ଲେ । ଆଡ ରଡ଼ କର ପାରୁ ନାଦାନ୍ତ, ଖାଲ ଗଁ ଗଁ ଗର୍ଜୁଛନ୍ତ । ମୁହଁ ଘର ଫୁଲଗଲ୍ଲଣି—ଆଖିପତା ଫୁଲଯାଇ ମାଡ଼ଚଡ଼ଲ୍ଲଣି— ଆଖିକୁ ଦଶୁ ନାହିଁ । ଗାଁ ଲୋକେ ଜଜାଡ଼ ପଡ଼ଲେ । 'କଣ ହେଲ୍, କଣ ହେଲ୍' କହ୍ନ ଦ ଗୁର ଜଣ ଅବଧାନଙ୍କୁ ଧରି ପାଣିରେ ପକାଇଲେ । ସଞ୍ଜବେଳ ସରକ ଅବଧାନଙ୍କୁ ବଡ଼ ଶୀତ ଲଗିଲ୍ । ପାଣିରୁ ଗୁର୍କି ଆଣି ପାଏ ଖସା ତେଲ ଅବଧାନଙ୍କ ଦେହ୍ନପାକ ଘଷିଲେ । ତେତେବେଳେ ଅବଧାନଙ୍କ ପାଟିରୁ କଥା ବାହାରଲ୍ । ଡେଲେ, ମୁହଁଟା ଆଣ୍ଠିକା ପରି ଫୁଲଯାଇଛୁ । ଭଲ କର କଥା କହ୍ନ ପାରୁ ନାଦାନ୍ତ । ଅବଧାନେ ଜଣାଇଲେ, 'ଘର ଘ୍ରେକ ।' ଆଉ ତ କଛୁ ଖାଇ ପାରବେ ନାହିଁ । ଗାଁ ଲୋକେ ଅଧସେରଟାଏ ଗରମ ଦୁଧ ଆଣି ଦେଲେ । ଡୋକେ ଡୋକେ କର ତେତକ ଟିଇ ଦେଇ ଅବଧାନେ ଟିକଏ ସାସ୍ଥମ ହୋଇ ବସିଲେ । ଥଣ୍ଡା ପଡ଼ଗଲ୍—ଖସା ତେଲରେ ବାଇଡଙ୍କ ବଷ ଡରେ ! ଅବଧାନେ ଟିକଏ ସାସ୍ଥମ ଦେଲେଣି । ଗାଁର ସବୁ ଲୋକେ ଜମା ହୋଇଥିଲେ । ପୁରୁଣା ପାଞ୍ଜଜଣ ଲୋକ ଉନଗି କରବାକୁ ବସିଗଲେ । 'କଥା କଣ ?— କ୍ୟା ଅବଧାନେ ଏପରି ହେଲେ ?' ପ୍ରତ୍ୟକ୍ଷ ଏବଂ ପାଶ୍ବର୍ତ୍ତୀ ପ୍ରମାଣ ଏବଂ ଅବଧାନଙ୍କର ଠୂଳ ବ୍ୟବହାର ଆଲୋଚନା କରବାରେ ସାଫ୍ ଜଣାଗଲ୍, ଏଟା ଘଣ୍ଟିପୁଅ ଅନନ୍ତାର କାମ । ସାଫ୍ ପ୍ରକାଶ ପାଇଲ୍ କ, ଅବଧାନେ ଯେ ବଚ୍ଛଆଡ ଛଡ଼ରେ ଟିକିଥିଲେ, ତା ମନରେ ଥିଲ୍ ରାଗ । ଆଜ ସକାଳେ ଯେମିତି ଅବଧାନେ ଝୁକୁଣାଏ ପାଣି ଆଣିବାକୁ କହ୍ନଲେ, ସେ ପୋଖରୀକୁ ଝୁକୁଣା ଦେଇ ଯାଇ ଅଧଝୁକୁଣେ ଅଠାଳିଆ କାଦ ଭର୍ତ୍ତି କଲ୍ । ଲୋକେ ଦେଖିଛନ୍ତି, ପୋଖରୀ ଆଡ଼ ବଣ ଉପରେ ଯେ ବାଇଡଙ୍କ ଲତା ମାଡ଼ୁଛୁ ସେଥିରୁ ଦୁଇପୁଞ୍ଜା ଫଳ ଅଣି ଖପରାକାଡ ଚଣ୍ଡିକରେ ଆଁଶୁ

ସବୁ ବୁଝୁଛୁ । ଝୁରୁଣାରେ ଅଧେ ଆଁଶୁ ମିଶାଇ ଦେଇ ଆଜ୍ଞ ଗୁଡ଼ାଏ ପଞ୍ଚ ଖଣ୍ଡରେ ଗୋଟଳା କରି ଅଣ୍ଟିରେ ଖୋସିଥିଲ୍ଲ । ଅବଧାନେ ଯେମିତ ପଦା ଆଡ଼ଓ ଯାଇଛନ୍ତି, ତାଙ୍କ ଉଭାଘରେ ଯେଉଁ ପାଣି କୁମ୍ଭେ ଥିଲ୍ଲ ସେଥିରେ ଭାତ ମିଶାଇ ଦେଇ ପଳାଇ ଯାଇଛୁ । ଅବଧାନଙ୍କ ମନରେ ତ ଥିଲ୍ଲ ରାଗ । ବେତ ଧରି ଉଠି ପଡ଼ିଲେ, "ମୁଁ ଆଜ ରଣ୍ଡିପୁଅ ଅନ୍ତାକୁ ଦେଖିବ ।" ବାଡ଼ାରଲେ ଅନ୍ତା ଦୁଆରକୁ । ଗାଁ ଲୋକ ସମସ୍ତେ ମନା କରୁଛନ୍ତି—ରାଗବେଳେ ମଣିଷର ଥାନ ଜ୍ଞାନ ଥାଏ ନାହିଁ । ଖଣ୍ଡେ ବାଟରୁ ଡାକୁନ୍ତି, "ଲେ ଦେବକା ଗଉଡ଼ଣି ! ଲେ ଦେବକା ଗଉଡ଼ଣି ! ସେ ରଣ୍ଡିପୁଅଅନ୍ତା ଅଳଟାଇସିଆ କାହିଁ ।" ସିଂଦାଣୀ ସେତେବେଳକୁ ସବୁ କଥା ଶୁଣିଲେଣି । ପୁଅକୁ ଘର ଭିତରେ ଲୁଚାଇ ଦେଇ ଦାଣ୍ଡପଣ୍ଡାରେ ବସିଥିଲେ । ଅବଧାନ କଥା କାନରେ ଯେମିତ ପଡ଼ୁଛୁ, ଦରଦ୍ଧଚରୁ ବାଡ଼ାର କଲେ ସେଇ ନଈଷିମଣା ଠେଙ୍ଗା । କୁହାଟଟାଏ ମାର ଡାକ ଦେଲେ, "ଆରେ ଅଳଟାଇସିଆ ! ମାଡ଼ାନ୍ତ ଗୋଲ୍ଲମ ! ଡାକୁଣିଙ୍ଗିଆ, ନଚ୍ଛାଣୁଆ ! ମୋ ଗିରସ୍ତ ଥିଲ୍ଲ ସାଇବର ଜମାଦାର—ମୁଁ ସିଂଦାଣୀ—ମୋତେ କହିବୁ ଦେବକା ଗଉଡ଼ଣୀ ? ମୋ ପୁଅକୁ କହିବୁ ଅଳଟାଇସିଆ ? କରେ ତୋତେ କସ ଲଗିଲ୍ଲଣି କ ? ରହ ତ ମାଡ଼ାନ୍ତଟୋକାକୁ ଡେଉଁ ।" ସିଂଦାଣୀ ମୁଣ୍ଡରେ ଲୁଗା ନାହିଁ—ଡେମ୍ପେ ଡେମ୍ପେ କେତେକେରା କଞ୍ଚା ପାକଲ୍ଲ ବାଳ ଫର ଫର ଉଡ଼ୁଛୁ । କାନ୍ଥରେ ଠେଙ୍ଗା । ସେହି ବକଟାଳ ରଡ଼ି ଶୁଣି ଅବଧାନଙ୍କର ତ ପିଲୋଦ୍ଧ ପାଣି ହେଲ୍ଲଣି ! ସିଂଦାଣୀର ଦେହବଳ ଅବଧାନଙ୍କୁ ଭଲ ଜଣା । ଦନେ କଣ ହେଲ୍ଲ କ ସକାଳଓଳଆ ସିଂଦାଣୀ ଗାଁକୁ ନଈବନ୍ଧ ଉତର କାନ୍ଥେ ଦନ୍ଦ ବକ ଯାଉଛୁ । ତେତ୍ତକବେଳେ ବନେ ଦବଦ୍ଦାସ୍ତମ୍ଭର ମାରଣା ଷଣ୍ଢା ବନ୍ଧିବାକୁ ତଡ଼ ଆହିଲ୍ଲ । ସିଂଦାଣୀ ଗୁମ୍ କର ଛୁଡ଼ା ଦୋଇଯାଇ ଧରିଲ୍ଲ ଷଣ୍ଢ ଶିଙ୍ଗ । ମୁଣ୍ଡ ଉପରେ ପସର୍ତ୍ତର ଭନ ମାଠିଆ ଘୋଳ, ତାକୁ ଧରିବାକୁ ନାହିଁ । ଷଣ୍ଢ ଶିଙ୍ଗ ଧର କଡ଼େଇ କଡ଼େଇ ବନ୍ଧାରକୁ ଘେନଚଲ୍ଲ । ଯେମିତ ପେଲଦେଇ ଶିଙ୍ଗ ଛୁଡ଼ ଦେଇଚୁ ଷଣ୍ଢ ତ ପୁଣ୍ଡଳ ପରି ଚଡ଼ ଚଡ଼ ଯାଇ ଦଣ୍ଡ ଉଚ୍ଚରେ ପଡ଼ିଲ୍ଲ । ସେହିଦନରୁ ଷଣ୍ଢ ଗ୍ଲେଟା, ମାରଣାଟଣିଆ ଛୁଡ଼ିଲ୍ଲଣି । ଏହା ଅବଧାନଙ୍କ ଆଖି ଦେଖିବା କଥା । ଉପୁରେ ଅବଧାନଙ୍କ ପଳାପୁନ । ବାଘୁଣୀ ମୃଗକୁ ଗୋଡ଼ାଇଲେ ସେ ଯେମିତ ପଳାଏ, ଅବଧାନେ ସେହିପରି ପଡ଼ ଉଠି ଧାଇଁଛନ୍ତି । ଆଣ୍ଠୁ ଗଣ୍ଠି ଛଡ଼ି ଝର୍ ଝର୍ ରକ୍ତ ବହୁଛୁ । ସିଂଦାଣୀ କାନ୍ଥରେ ଠେଙ୍ଗା, ଘଲ୍ କୁଣୀଟରେ ଅବଧାନ ପଛରେ ଧପ୍ ଧପ୍ କରି ଧାଇଁଛନ୍ତି । ଧାଇଁବା ବେଳେ ସେହି ବଶାଳ ପେଟଟି ଦଲ୍ ଦଲ୍ ଶୁଭୁଛୁ । ଦାଢ଼ରେ ସେ ପିଚଳବାହୁ ବଲାଗୁଡ଼ାକ ଥାଏ ବାଟ ଯାଏଁ ଝମ୍ ଝମ୍ ଶୁଭୁଛୁ । ସିଂଦାଣୀଙ୍କର ସେହି ରଡ଼ରେ ଗାଁ କମ୍ପି ଯାଉଛୁ । ଅବଧାନେ ଗାଁ ମଝିରେ କେଉଁଠି ଅନ୍ଧାରରେ ମିଶିଗଲେ । ସିଂଦାଣୀ ଡାକିଦେଲ୍ଲ, "ଆରେ କାଠଶିଆ ମାଡ଼ାନ୍ତ ଗୋଲ୍ଲମ ! ମୋ ପୁଅକୁ କୁଆଡ଼େ ଲୁଚାଇଛୁ ଆଣି ଦେ । ଜାଣିଥା କାଲ ସକାଳେ ପିଚଳବାହୁରେ ତୋ ମୁଣ୍ଡ ଚୂନା କରିବ ।" ଡେଲେ ଅବଧାନଙ୍କୁ ଛହିଁ ଅରଦ୍ଧନ ସକାଳଠାରୁ କେହି କେବେ ସେ ଗାଁରେ ଆଉ ଦେଖିନାହିଁ ।

ଆଠର ବ ପାଞ୍ଚ ଛ ବରଷ ଗଲ୍ଲଣି, ଅନ୍ତା ଲୁଗି ଗାଁର ଅନେକ ଲୋକ ଅସ୍ଥିର । ତାର ଆଉ କଛୁ ଅତ୍ୟାଚାର ନାହିଁ । ଖାଲ କାଡ଼ାର ବାଡ଼ରେ ମକା, କାକୁଡ଼, କୋଳ, ଆମ୍ବ, ବେଲ କଛୁ ରହିବ ନାହିଁ, ଆଉ ସୁନା ରୂପା ଚଢ଼ାଉ ଅନାଇବ ନାହିଁ । ଯେଲେ ସେ ଯେପରି ଉତ୍ପାତିଆ, ସେହିପରି ବ ଭଲଲୋକ । ତାକୁ ରଟାଇଲେ ରକ୍ଷା ନାହିଁ । ସେ ଅଗେ ଦୁଷ୍ମନ୍ ଘରର ଖମ୍ବ ଆଉ କବାଟ ଭଙ୍ଗେ । ମା ମନା କରିଛୁ କାହାର ଦେହରେ ହାତ ଦଏ ନାହିଁ ! ଏଗେ ପାକୁଲ୍ ପାକୁଲ ଟେକା ଟେକି କରି ତାକୁ ବି କଥା କୁହ, ଭୁମ

ଗୃହ କାଢ଼ିବ । କାହାର ବାଡ଼ ଦଶା ଯାଉଛୁ ଅନ୍ତା ସେଠି ଦେଖୁଥିଲା—ତାକୁ ଯବ କହିବ, "ବାପ ଅନ୍ତ । ତୁ ନ ହେଲେ କାହାର ଗାଁ ଚଳିବ ?" ଆଉ କଛୁ କଥା ନାହିଁ, ଧଇଲା କୋଡ଼ । ଗୃଣଜଣ ମଣିଷ ଧନକୁ ଯଦି ପଶିବେ ନାହିଁ, ପହରକ ଭିତରେ ପୁଣେ ଗହ୍ମରରେ ବାଡ଼ଟାକୁ ଚାଡ଼ ପକାଇବ । ମୂଲଆ ମିଳୁ ନାହିଁ, କାହାର ଘର ଛପରବନ୍ଧ ହୋଇ ପାରିଲା ନାହିଁ, ଧଇଲା ଅନ୍ତାକୁ—ପାକୁଲପାକୁଲ କରି କହିଲେ, ଧନେ ଲାଗୁ, ବି ଧନ ଲାଗୁ ସେ ଏକଲା ଗେଟାଏ ଘର ଛାଇ ପକାଇବ । ଗ୍ରମା ଭଣାର ବାପ ମର ଘରେ ପଡ଼ିଛୁ । ବାଡ଼ରେ ମଣ୍ଡୁ ବୋଲ ତାକୁ କେହି ଉଠାଇ-ବାକୁ ଆସିଲେ ନାହିଁ । ଅନ୍ତ ରାତି ଚଢ଼ ବେଳେ ଗାଁ ପାଖ ଦେଇ ଯାଉଥିଲା, ତାକୁ ସବୁ କହିଲା । ଆଉ କଛୁ କଥା ନାହିଁ, ଏକଲା ହେଁସମିଶା କରି ମଡ଼ାକୁ କାନ୍ଧେଇଲା । ଅନ୍ଧାର ରାତି । ସେହି ସମୟରେ ବି ଗାଁରେ ବାଡ଼ ପଡ଼ୁଛୁ । ଅଧକୋଶେ ଦୂରରେ ମଡ଼ାମଶାଣିରେ ମଡ଼ାଟାକୁ ଫୋପାଡ଼ି ଦେଇ ନଈରେ ବୁଡ଼ଚୁଡ଼ ବାହାର ଅଇଲା । ଅନ୍ତା ବାଘ, ଭାଲୁ, ଭୂତ, ପ୍ରେତ, ସାପ, ବେଙ୍ଗ କାହାକୁ ଡରେ ନାହିଁ । ଅନ୍ତା ଲୋକଙ୍କ ବାଡ଼ରୁ ଫଳକନ୍ଦ ଲୁଣିପାଣି ଖାଇବ; ହେଲେ ତାକୁ କଛୁ ଖାଇବାକୁ ଯାଚ, ବିଗି ଘରଦୁଆର ଭାଙ୍ଗିବ ।

ବନ୍ଧୁଆ ଚନ୍ଦ ଜଣେ ଚନ୍ତ୍ରୀ ମହାଜନ । ଆଠ ଦଶ-ହଜାର ଗଣିଦେବା ଲୋକ । ଲୁଗା କାରବାର କରେ । ଗୋଟାଏ ବଡ଼ ଦୋକାନଘର ଉଆରି କରୁଛି । ଗୃର-ଆଡେ ଟୁଣ୍ଟ ପଡ଼ି ଚଉକ ବୁଲି ଗଲାଣି । ମଝି ଖମ୍ବ ଯୋଡ଼ାଏ ଅଠର ହାତ । ଘସ୍ତ ମୋଟା ଶାଳଗଅଳ । ଦଶଜଣ ଲୋକ କଷାକଷି କରି ମଝି ଖମ୍ବ ଛିଡ଼ା କରି ଟାରୁ ନାହାନ୍ତି । ଜଣେ ହସି ହସି କହିଲା, "ଆମ ଏତେ ଟାରୁ ନାହୁଁ, ବଣ୍ଡିପୁଅ ଅନ୍ତା ହେଲେ ଏକଲା ଖମ୍ବଯୋଡ଼ାକ ଉଠାଇ ଛିଡ଼ା କରିଦଅନ୍ତା ।" ଘଟଣା ଦେଖ, ତେଣ୍ଡକବେଳେ ଅନ୍ତା ବାଣ୍ଡରେ ଯାଉଥିଲା । ବନ୍ଧୁଆ ଚନ୍ତ୍ରୀ ଡାକଦେଲା; "ଆରେ ଅନ୍ତା ! ଏ ଯୋଡ଼ାଏ ଖମ୍ବ ଉଠାଇ ଦେ, ତୋତେ ବଖଟଙ୍କା ଖଜାଖିଆ ଦେବ ।" ଆଉ ଯାଏ କାହିଁ ? "ଁ ରେ ଶଳା ଚନ୍ତ୍ରୀ ! ମୁଁ ତୋର ଗୋଲମ ? ତୋର ମୂଲ ଲଗିବ ?" ଧାଇଁଲା ମାରିବାକୁ । ଚନ୍ତ୍ରୀ ଚ ଉରେ କୁଆଡ଼େ ପଳାଇଲାଣି । ଦଶଜଣଲୋକ କୋଡ଼ଏ ଧନ କାମ କରି ଯେତେ ଖମ୍ବ ଯୋଡ଼ ଛିଡ଼ା କରାଇଥିଲେ, ସବୁଗୁଡ଼ାକ ଉଷାକ ଉପରେ ଉପାଡ଼ ପକାଇଲା । ହେଲେ, ଜଣାଶୁଣା ଲୋକେ ଅନ୍ତାଠାରୁ ଡେର କାମ କରାଇ ନଅନ୍ତ । ସ୍ରୋଜ ସ୍ରୋଜ କାହାର ହେଲେ କଛୁ ଟାଇଟି କରି ଦେଇ ଆସେ । ବନ୍ଧୁଆ ଚନ୍ତ୍ରୀ ଗାଁର ଭଲଲୋକ ପାଖରେ ଅନନ୍ତା ନାମରେ ଗୁହାରି କରି ଓଲ୍ଟା ଗାଳ ଶୁଣିଲା ।

ବନୋଦରାପୁର ସ୍ୱର୍ଗବାନଦର ଉତ୍ତର କୂଳରେ । ନଦୀ ଗର୍ଭଠାରୁ ଗାଁଟା ଅଳ୍ପ ଉଞ୍ଚା । ବଡ଼ିପାଣିରୁ ଗାଁ ରକ୍ଷା ନମନ୍ତେ ସରକାର ବାହାଦୁର ଗୋପାଳପୁର କଣ୍ଡରୁ ରମନଗର ଯାଏଁ ଅଠର ମାଇଲ ଲମ୍ବା କୋଡ଼ଏ ହାତ ଓସାର ଦଶ ହାତ ଉଞ୍ଚା ଗୋଟାଏ କୂଳବନ୍ଧ ପକାଇଛନ୍ତି । ସେ ବନ୍ଧ ଯୋଗୁ ନଈକୂଳଆ ଢେର ଗାଁ ଆଉ ବଲବାଡ଼ ରକ୍ଷାପାଏ । ବନୋଦରାପୁର ଗୋଟିଏ ବଡ଼ ଧନବନ୍ତ ଗାଁ । ଗାଁ ତଳେ କଳନ୍ଦବଲ ଢେର । ଗାଁରେ ପ୍ରାପ୍ତ ଦୁଇଶ ଘର ବସ୍ତି । ସମସ୍ତେ ଥିଲ ଲୋକ । କେହି କାକୁ ଆଦୁର୍ଯ୍ୟା ହୁଏ ନାହିଁ । ସରକାସ୍ତ ବଡ଼ ବଡ଼ ଅମଲ, ସ୍କୁଲ ମାଷ୍ଟର, କାରବାଶିଆ, ମହାଜନ, କଲକତ୍ତିଆ ଗୁକଶିଆ ଢେର ।

ଅଶିଣ ମାସ । ଦୁର୍ଗାପୂଜା ସମସ୍ତ । ବଦେଶିଆ ସବୁ ଘରକୁ ଆସିଛନ୍ତି । ନାଚ ତାମସା, ଖିଆ ପିଆ ଧନ ଗ୍ରନ୍ତ ଲଗିଛୁ । ଗାଁଟା ଆନନ୍ଦରେ ଭସୁଛୁ । ଫି ବର୍ଷ

ଏହି ସମୟରେ ଗାଁଟାରେ ବଡ଼ ଜାର ହୁଏ । ଷଷ୍ଠୀ ବେଳ୍‌ବରଣ । ସକାଳଆ ଉତ୍ତର ଦଗରୁ ଖଣ୍ଡେ ମେଘ ଦେଖାଗଲ୍ଲ । ସୂର୍ଯ୍ୟ ଉଇଁ ମେଘରେ ଡ଼ବଗଲେ । ମେଘଟା ଦେଖୁଁ ଦେଖୁଁ ଆକାଶଯାକ ଘୋଟିଗଲ୍ଲ । ସଙ୍ଗେ ସଙ୍ଗେ ପବନ । ବୁଢ଼ା ଗୋବନ୍ଦ ପଣ୍ଡେ କହିଲେ, "ଆରେ ବାପା ! ଡାକରଷି କହୁଛନ୍ତ୍ର

"ହସି ପଶେ—ଉଇଁ ନ ଦଶେ,
ବାପ ବୋଲେ ପୁତା, ନଷ୍ଟେ ବରଷେ ।

ଆଜ ଜାଗ୍ରତ ଥାଅ, ନଷ୍ଟେ ବରଷା ହେବ ।" ପଣ୍ଡାଙ୍କ ମୁହଁ କଥା ମୁହଁରେ ଅଛୁ—ଟପ୍ ଟପ୍ ଟପ୍‌ର ଟପ୍‌ର କର ପକାଇଲ୍ଲ ପାଣି; ଯେ ବର୍ଷୁଛୁ ସେହି ବର୍ଷୁଛୁ । ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ସଞ୍ଜ ହେଲ୍ଲ, ପାଣି ଛାଡ଼ିବାକୁ ନାହିଁ, ଯେଉଁଠିକା ମଣିଷ ସେଇଠି ବସିଛନ୍ତ୍ର । ଶଏବର୍ଷର ବୁଢ଼ାମାନେ କହୁଛନ୍ତ୍ର, ଏପରି ବର୍ଷା କେବେ ଦେଖା ନ ଥିଲ୍ଲ । ଗାଁରୁ ପା ଭ୍ରଗ ଘରର କାନ୍ଥ ଧପ୍ ଧାପ୍ କର ପଡ଼ି ଗଲ୍ଲଣି, ଦନଗ୍ଧ ପାଣି ପବନ ଖାଉଛନ୍ତ୍ର । ଦଶଗ୍ଧ ଦନ ପେମିତ ଘୁଣ୍ଟାହୁଛୁ 'ଗାଁ ଗଲ୍ଲ, ଗାଁ ଗଲ୍ଲ, ଗାଁ ଗଲ୍ଲ' ଚହଲ ପଡ଼ଗଲ୍ଲ । ଆଉ କଣ ଲୋକେ ଘରେ ରହିବେ ? ପାଛୁଆ କୋଡ଼ ଘେନ ବନ୍ଧକୁ ଧାଇଁଛନ୍ତ୍ର । ବଡ଼ସାନ ବଗ୍ଧର ନାହିଁ । ବ୍ରାହ୍ମଣ ପାଣ ଛୁଆଁ ଛୁଇଁ ହେଉଛନ୍ତ୍ର । ପାଛୁଆ କୋଡ଼ ଧର ସମସ୍ତେ ବନ୍ଧ ଉପରେ ହାଜର । ନଈ ଦକ୍ଷଣକୂଳକୁ ଅନାଇବା-ବେଳେ ଗୋଟା ସମୁଦ୍ର, ଆଉ କଛୁ ନାହିଁ । ବଡ଼ି ପାଣି ବନ୍ଧ କାନେକାନ । ନଈ ଭତରୁ ପାଞ୍ଚ ହାତ ଉଚ ଗୋଟାଏ ଗୋଟାଏ ଲହଗ୍ଧ ଆସି ଝଲକେ ଝଲକେ ପାଣି ବନ୍ଧ ଟପି ପଡ଼ୁଛୁ । ଯେଉଁଠି ଝଲକେ ପାଣି ଟପି ପଡ଼ୁଛୁ, କେହି କାହାକୁ କହିବାକୁ ନାହିଁ—ଶଏ ବୋଝ ମାଟି ପଡ଼ଯାଉଛୁ । ବନ୍ଧମୂଳଟା କୋର ଗୋଟାଏ ଗୋଟାଏ ଚୋଖଗ୍ଧ କର ପକାଇଲ୍ଲଣି । ଆଉ ଏଣେ କଣ ହେଲ୍ଲକ ଘୂରକୋଣ ତଳେ ରାମପୁର ମୁହାଣ ବାଟେ ପାଣି ବୁଡ଼ଆସି ଗାଁ ମୂଳକୁ ଲାଟିଲ୍ଲଣି । ଗାଁ ତଳ ଗଦ୍ଧାରଗୁଡ଼ାକ ସମୁଦ୍ର ପରି ଜଳମଗ୍ଧ । ବନ୍ଧର ପାଣି ନ ଟପିଲେ ବି ତଳ ପାଣି ଆସି ଗାଁକୁ ଭସାଇ ନେବ । ପାଣିଟା ଯେମିତ ହୁ ହୁ କର ବଢ଼ୁଛୁ ଗାଁ ଭତରେ ପାଣି ପଶିଲ୍ଲ ବୋଲ ! ଘରେ ଆଉ ରନ୍ଧାବଢ଼ା କଣ ହେବ ? ଝାଲ୍ଲଗୁଡ଼ାକ ଘରୁ ବାହାର ଆସି ଶଙ୍ଖ ହୁଲହୁଳ ପକାଉଛନ୍ତ୍ର । ଗୁଡ଼ାଏ ଝାଲ୍ଲ କଁଅଳା ଛୁଆଙ୍କୁ କାଖେଇ ରଡ଼ି କରୁଛନ୍ତ୍ର । ଶଙ୍ଖ, ହୁଳହୁଳ, ହରବୋଲ, କାନ୍ଦଣାରେ ଗାଁଟା ଉଛୁଳ ପଡ଼ୁଛୁ । ସୂର୍ଯ୍ୟ ଡ଼ୁବେ ଡ଼ୁବେ । ଗାଧୁଆ ଭୁଠ ବାଟେ ଗାଁକୁ ପଶିଲ୍ଲ ପାଣି । ଦେଖୁ ଦେଖୁ ପାଞ୍ଚହାତ ଗଦ୍ଧର ହୋଇଚଲ୍ଲ । ଚଉଡ଼ାଟା ବି ବେଳକୁବେଳ ବଢ଼ି ଯାଉଛୁ । ପିଚକାଷ୍ଟ ମୁହଁରୁ ପାଣି ବାହାରିଲ୍ଲ ପରି ବେଗରେ ପାଣି ଗାଁକୁ ଧାଉଁଛୁ । "ହରବୋଲ, ହରବୋଲ—ଗଲ୍ଲ, ଗଲ୍ଲ ।" ଆଉ କଛୁ କଥା ନାହିଁ । ଉଛୁଣି ସମ୍ବ ଦ୍ରରେ ସମସ୍ତଙ୍କୁ ଯାକଦେବ । ପାଣିସୁଅ ବନ୍ଦ ପାଇଁ ଶ'କୁ ଶ ବୋଝ ମାଟି ପଡ଼ୁଛୁ; ମାଟ ମୁଠାଏ ବି ରହୁନାହିଁ, ସୁଅ ଭସାଇ ନେଉଛୁ । ଏତେ ଯେ କାଣ୍ଡ – ଅନ୍ତ'ର କାହିଁରେ ଚନ୍ତା ନାହିଁ । ସକାଳୁ ଭଜ ଭଜ ଗାଁର ଗୃରପିଠ ବୁଲୁଛୁ । ଲୋକମାନଙ୍କ ବାଡ଼ରୁ ଗଛମିଶା ମକା କାକୁଡ଼ ଘୋସି ଆସୁଛୁ, ଛାଡ଼ା ସବୁ କେବଳ ଅଣ୍ଟାରେ ପୂରଉଛୁ । ଯେତେବେଳେ ଗାଧୁଆ ଭୁଠ କଣ୍ଡରେ ଘର ଦ୍ୱର ପଡ଼ଲ୍ଲ, ତେତେବେଳେ ହସି ହସି କଣ ଦେଉଛୁ ମଜା ଦେଖିବା ପାଇଁ ଧାଇଁଲ୍ଲ । ଦେଖିଲ୍ଲ ଯେ, ଗାଁକୁ ଗୋଟାଏ ଘର ପାଣିସୁଅ ଧାଇଁଛୁ । ଶୁଣିଲ୍ଲ ଯେ ଗାଁ ଭସିଯିବ । ଭଲ କର ଅନାଇ ଧାଇଁଲ୍ଲ ଗାଁ ଭତରକୁ । ବନୋଦ-ବହାଗ୍ଧ ଠାକୁର ସିଂହଦୁଆର କବାଟଟା ପାଞ୍ଚହାତ ଉଞ୍ଚା, ଗୃରହାତ ଚଉଡ଼ା । ଭାକୁ କାଢ଼ି ପକାଇ ମୁଣ୍ଡାଇ ଧାଇଁଛୁ । ଦାଣ୍ଡପାଖରେ ପାନ୍ତଙ୍ଗମାର ମେଲ୍ଲରେ ଗୋଟାଏ ଢେଙ୍କ ପଡ଼ଛୁ ଭାକୁ ଜଣା । ଢେଙ୍କ କାଢ଼ କାଖେଇଲ୍ଲ । ମୁହାଣର କବାଟଟାକୁ ଆଡ଼ କର ଠିଆ କର ଦେଇ ଢେଙ୍କଟା ଠେକେଇ ଦେଲ୍ଲ । ଆଉ ପିଠି ଉଡ଼ଦେଇ କପାଟଟାକୁ ପେଲ ଧରଲ୍ଲ । ଭାଙ୍ଗା ବାଦ

ପାଟି କଲା, "ପକାଅ ମାଟି, ପକାଅ ମାଟି ।" କେବଳ ଡାକୁଛୁ, "ପକାଅ ମାଟି, ପକାଅ ମାଟି, ପକାଅ ମାଟି ।" କପାଟ ଦୁଇ ପାଖରୁ ଶ' ଶ' ମାଟି ଝ୍ରପ୍ ଝ୍ରପ୍ ପଡ଼ୁଛି, ଅନ୍ତା ଘୁଞ୍ଚି ଯାଏଁ ମାଟି ଢେଲୁଣି, ଡାକୁଛି ଅନ୍ତା, ବେକ ଫୋଡ଼ ଗଲୁଣି; ସେଥିକ ତାର ନଜର ନାହିଁ । ଯେତେବେଳେ ଓଠ କଡରେ ମାଟି ପଡ଼ିଲା— ଦୁଇଥର ଡାକ ଦେଲା, "ହରବୋଲ, ଦଅ, ମାଟି ପକାଅ ।" ଆଉ ଅନ୍ତା ପାଟି ଶୁଭିଲା ନାହିଁ । ମାଟି ସେହ୍ନପର ପଡ଼ୁଛି । ପାଣି ପୁଅଟା ବନ୍ଦ ହୋଇଗଲା । ଲୋକମାନଙ୍କର ଭରସା ହେଲା, ଟିକେ ନଶ୍ୱାସ ପକାଇଲେ । ତେତେବେଳେ ଖୋଜିଲେ 'ଅନ୍ତା କାହିଁ ? ଆଉ ଅନ୍ତା ? ତା ମୁଣ୍ଡ ଉପରେ ଦି ହାତ ମାଟି । ଡାକ ପଡିଗଲା "ଧନ୍ୟ ଧନ୍ୟ ଗୁଣ୍ଡପୁଅ ଅନ୍ତା !" ପିଲା, ବୁଢ଼ା, ମାଇକନ୍ୟା, ସର୍ଦ୍ଦାର ଗାଁର ହଜାର ଲୋକ ସମସ୍ତେ ହରବୋଲ ଦେଉଛନ୍ତି, ସମସ୍ତେ କହୁଛନ୍ତି—"ଧନ୍ୟ ଧନ୍ୟ ଗୁଣ୍ଡିପୁଅ ଅନ୍ତା !" ଉଇବ ଯୋଗେ କଣ ହେଲା କି ବର୍ଷା ବନ୍ଦ । ନଈରୁ ଫୁଟେ ପାଣି ଖସି ପଡ଼ିଲୁଣି । ଅନ୍ତା ମା ଚଣ୍ଡାରେ ବସିଥିଲା । ଦୂର ଆନନ୍ଦ ଶୁଣି କହିଲା, "କଣ ହେଲା ଦେଖେ ? ପୁଅଟା ବି ଆସିଲା ନାହିଁ, ଡାକ ଆଣ ।" ତା ସ୍ୱାମୀର ଠେଙ୍ଗା କାନ୍ଧରେ ପକାଇଲା । ଘର ଦୁଆରଟା କଲ ଦେଇ ବାହାରିଲା । ଯେମିତି ଦାଣ୍ଡରେ ଯାଉଛୁ— ଶୁଣିଲା ଯେ ସମସ୍ତେ କହୁଛନ୍ତି, ଧନ୍ୟ ଧନ୍ୟ ଅନ୍ତା !" ସମସ୍ତେ ତା ଗୋଡ଼ତଳେ ପଡ଼ କହୁଛନ୍ତି, "ଧନ୍ୟ ଧନ୍ୟ ତୋ ପୁଅ !" ସିଂହାଣୀ ସଲଖେ ସଲଖେ ଭୁଠ କଡକୁ ଗଲଗଲା । ସବୁ ଶୁଣିଲା, କାହାକୁ କିଛି କହିଲା ନାହିଁ । ବନ୍ଧ ଗୁରପାଖ ବୁଲ ଦେଖିଲା । ବନ୍ଧ ମଝିକୁ ଅଣାଇଛୁ, ଗୁରପାଖ ବୁଲୁଛୁ । ଭୁଠ ମଝିକୁ ନଜର ଅଛୁ; ନଈ ଆଡ଼କୁ ଚିତ । ବନ୍ଧ ତଳେ ଯେ ଦଶହାତ ପାଣି ତାକୁ ତ ସେ କଥା ଅଜଣା । ଯେମିତି ନଈ ଆଡ଼କୁ ବୁଲ ଯାଇଛୁ, ଧପାସ୍ କରି ଗୋଟାଏ ଶବ୍ଦ ହେଲା । 'ହାଁ କଣ ହେଲା' କହି ଲୋକମାନେ ହଟା ଗୁରୁଟା ମଶାଲ ଅଲୁଅ ନଈକୁ ଦେଖାଇଲେ । କୂଳଠାରୁ ପାଞ୍ଚ ହାତ ଦୂରରେ ପାଣି ଭିତରେ ଗୋଟାଏ ଗାଡରେ ମେଞ୍ଚାଏ ଫେଣ ଲଭଁଣ୍ଟିଏ ବୁଲୁଛୁ, ଦଶ ହାତ ତଳକୁ ଖଣ୍ଡିଏ ବାଉଁଶ ବାଡ଼ ଲୁସି ଯାଉଛୁ ।

———

ଗାରୁଡ଼ ମନ୍ତ୍ର

ଏହାକୁ। ହେଲା ତରଣ ଗୁଣ ବର୍ଷ ତଳର କଥା । କଟକରେ କଲେଜ ନୂଆ ବସିଛୁ, ଏଫ୍.ଏ କ୍ଲାସ୍ ପର୍ଯ୍ୟନ୍ତ ପଢ଼ା ହୁଏ । ତରେ କ୍ଲାସରେ ଗୋଟି ପଦର ଛୋଲ ଥିଲା । ସେଥିମଧ୍ୟରୁ ଆଠ ଦଶଟା ମଫସଲିଆ, ସହର ଭିତରେ ନାନା ଜାଗାରେ ବସା କରି ରହିଛନ୍ତି । ସେତେବେଳେ କଲେଜରେ ବୋର୍ଡ଼ିଂ ନ ଥିଲା । କଟକ ଚୌଧୁରୀ ବଜାର ଭିତରେ ଗୋଟିଏ ସାଧା ଦୋମହଲା କୋଠାରେ ବସା—ଗୁମ୍ଫଟିର ନାମ ମଦନମୋହନ । ନାମଟି ପରି ଚିଲୁଟି ଦେଖିବାକୁ ମଧ୍ୟ ମଦନମୋହନ, ବପୁସ ଜଣାଯାଏ ଷୋଳ ପତର ଭିତରେ । ବସାରେ ପୂଜାଦାଣ୍ଡ, ଗୋଟିଏ ଭଣ୍ଡାଣ୍ଡ, ଆଉ ସାତ ଏହି ତନୋଟି ଲୋକ । ହେଲେ କଣ, କେହି ଘର କାନ୍ଦେଇ, କେହି ବୋଝ ମୁଣ୍ଡେଇ, କେହି ଚୁଚ୍ଚା ହାତରେ ରୋଷେଇ ଦୁଇ ତନ ଜଣ ଧୂଳଗୋଡ଼ିଆ ଲୋକ ଯା ଆସ କରନ୍ତି । ଦାନେ ବୋଲା ଉପରି ଲୋକର ଛୁଟଣା ନାହିଁ । ଜନସଟହ ଧରି ଜଣେ ଲୋକଙ୍କ ଯା ଆସ କରିବାର ଦେଶି ବସା ଆଖପାଖ ଦୋକାନଟା ବୁଝିଲେଣି, ଏହି ବାବୁ ଚିଲୁଟି ମଫସଲର କୌଣସି ଜମିଦାର ଘରର ପୁଅ ହେବ । ଡେର ଧନ ପାଖରେ ଥିବା ଲୋକର ପରିଚୟ, ଜାଣିବା-ପାଇଁ ଲୋକଙ୍କର ସହଜରେ ଇଚ୍ଛା ବଢ଼େ—ତା ଭିତରେ ପୁଣି ବଡ଼ଲୋକ ହେଲେ ଲୋକେ ଆଗେ ପରିଚୟ ଖୋଜ କରନ୍ତି । ପାଖଲୋକେ ସମସ୍ତେ ଜାଣିଗଲେଣି ଚିଲୁଟି

ବଡ଼ନଈ ପରଗନାର ଶାଳପାଳ ଛାଲୁକର ଜମିଦାର ଗୋଲପଲ୍ଲୋଚନ ପଞ୍ଚନାପୁକଙ୍କ ପୁଅ । ଏହା ମଧ୍ୟ ଜଣାଶୁଣା, ଜମିଦାରଙ୍କର ଏହି ଗୋଟିଏ ବୋଲ ପୁଅ । ପୃଥିବୀରେ ଯେତେ ପ୍ରକାର ଦୁଃଖଗ୍ରସ୍ତ ଲୋକ ଅଛନ୍ତି, ସେମାନଙ୍କର ଯଦି ଶ୍ରେଣୀବଦ୍ଧ କରାଯାଏ, ଏକପୁଅ ବାପ ମା' ନଷ୍ଟୁମ୍ବ ପ୍ରଥମ ଶ୍ରେଣୀର ପ୍ରଥମରେ ପଡ଼ିବେ –ଏକଥା ଲେଖକ ଚମ୍ପା ଛୁଲପୀ ଶାଳଗ୍ରାମ ଛୁଇଁ ଦୃଢ଼ରୂପେ ବୋଲିବାକୁ ପ୍ରସ୍ତୁତ ଅଛୁ । ପୁଅ ଖାଇ ନାହିଁ, ବାପ ମା'ଙ୍କର ଉପାସ –ପୁଅଟିର ବେସ୍ତମ, ଆଖିରେ ନଦ ନାହିଁ, ପେଟରେ ଭୋକ ନାହିଁ । ଦନଗୁଡ଼ ବନ୍ଧୁଣା ପାଖରେ ଜଗି ବସିଛନ୍ତି । ପୁଅଟି କାହିଁରେ ସୁଖରେ ରହିବ, ଦନ ଗୁଡ଼ ଭାବନା । ଆପଣାର ଭନସିଆଁ ଲୁଗା, ପୁଅ ସକାଶେ ଜଥା କଣା ଲଗିଛୁ । ଦେହର ରକ୍ତ ପରି ଟଙ୍କାଗୁଡ଼ିକ ପୁଅପାଇଁ ଅକାରଣ ବା ସକାରଣ ପାଣି ପରି ଖରଚ କରିବାକୁ ଟିକେ ହେଲେ ହାଲୁଅ ହୋଇ ପଡ଼ିବେ ନାହିଁ । ପରକାଳ ଗତିପାଇଁ ପ୍ରଭୁଙ୍କ ନାମ ଶୁଣିବାକୁ ବି ବେଳ ମିଳେ ନାହିଁ । ବାପ ମା'ଙ୍କର ଯେତେ କିଛୁ ଧର୍ମକାର୍ଯ୍ୟ, ସବୁଗୁଡ଼ିକ ପୁଅ ମଙ୍ଗଳ କାମନାରେ । ମଦନ କଟକରେ ପଢ଼ୁଛି, ବାପ ମା'ଙ୍କ ପିଣ୍ଡରେ ଅଛି ପ୍ରାଣ— ମନ ରହିଛି ପୁଅ ପାଖରେ । ଗ୍ରେଜନା ପୁଅ ଦେହପା'ର ମଙ୍ଗଳ ବାଛନ ନ ପାଇଲେ ସାଆନ୍ତାଣୀ ଅଥପୁ ହୋଇପଡ଼ନ୍ତି । କଟକ ସହର ଦୋକାନର ଗୁଡ଼ଲ-ଗୁଡ଼ାକ ଗଣିପଶା, ବାଲୁଗୋଡ଼ମିଶା, ମଲ୍ଲିଆ । ସାନ୍ତାଣୀ ଜଆସ ମଧ୍ୟରେ ପୋଇଲାମାନଙ୍କୁ ଲଗାଇ ଜଆଶିଆ ସରୁ ଜରିଆ କୁଟାଇ ବାନ୍ଧୁଙ୍ଗୀ ବେଠିଆରେ କଟକ ପଠାଇ ଦେଲେ । ଭୋଟାରୁ ପାଚଲ୍ଲ କଦଳୀ କାନ୍ଦି ଅଇଲ୍ଲ । ମା ମନ କେତେକେ ବୁଝେ, ଆଗରୁ ହାଣ୍ଡିଏ ଫୁଲବଡ଼ ପରି ହୋଇଥିଲ୍ଲ—ସବୁ କଟକକୁ ଦେଇ ଯା । ଆଜି ପଠାଇବାକୁ କିଛୁ ନାହିଁ । ଭୁଚ୍ଚା ହାତରେ ହେଲେ ଜଣେ ନଗଦ ପାଇକ ଧାଇଁଯାଇ ପୁଅକୁ ଦେଖି ଆସୁ । ଗ୍ରେଜନା ଏହିପରି ରୁଲୁଛି ।

ଜମିଦାର ଗୋଲପଲ୍ଲୋଚନ ପଞ୍ଚନାପୁକେ ଆପେ ପାଠଆ ନ ହେଲେ କଣ ହେଲ୍ଲ, ମାଠର ମର୍ଯ୍ୟାଦା ବୁଝନ୍ତି, ଏଥି ସକାଶେ ସେ ଅଶି କାନ ବୁଜ ଇଂରୁଜୀ ପାଠ ପଢ଼ିବା ସକାଶେ ପୁଅକୁ ବଦେଶକୁ ପଠାଇ ଦେଇଛନ୍ତି । ମଦନ ଉଚ୍ଚୁଣିକା କଲେଜର ସବା ଉପର କ୍ଲାସରେ ଚଢ଼େ । କଲେଜ ପଢ଼ା ବହି ଗୁଡ଼ି ବାହାର ବହି ଢେର ପଢ଼ିଗଲ୍ଲଣି । ଭେଣ୍ଡୁଆମାନେ ଉପନ୍ୟାସ ପଢ଼ିବାକୁ ସୁଖ ମଣନ୍ତି । ମଦନ ବି ଢେରଗୁଡ଼ାଏ ଉପନ୍ୟାସ ପଢ଼ିଗଲ୍ଲଣି । ମଦନ ଟିଲ୍ଲା ଖୁବ୍ ଗମ୍ଭୀର, ମନମରା ଲୋକ । ହେଲେ କଣ,

"ଯୋଗୀକା ରୋଗୀକା ସ୍ୱେଗୀକା ନଶାନ
ଆଁଖସେ ଜାନ ଅଜର ଆଁଖସେ ପଇଗ୍ଗନ ।"

ପାଟି ଫିଟାଇ ନ କନ୍ତୁ, ମଣିଷ ମନର କଥା ଆଖିରୁ ଧରା ପଡ଼େ । ଦେଖା ଗଲ୍ଲଣି, ମଦନ ଉପନ୍ୟାସ ବହିଖଣ୍ଡ ହାତରେ ଧରି ଏକଧାନରେ ଭକ୍ ଭକ୍ କରି ଉପରକୁ ଅନାଇ ଢେରବେଳଯାଏଁ କ'ଣ ଭାବେ । ସଞ୍ଜବେଳେ ନଈକୂଳରେ ବସି ଏହିପରି ଭାବୁଥିବାର ଦେଖାଯାଏ । ମଦନ ସାଙ୍ଗ ପଢୁଆ ହୃଦୟର ବନ୍ଧୁ ଗୋକୁଳ ବାବୁ ମଦନର ଏହିପରି ଭାବ ଦେଖି ପଚାରିଲ୍ଲଣି, "ମଦନ ! ଏପରି ବସି କଣ ଗୋଟାଏ ଭାବୁ ରେ ?" ବନ୍ଧୁ ପାଖରେ ମନର କଥା ପେଇ କହିଲେ ମନ ହିଜିବ ହାଲୁକା ହୁଏ । ହେଲେ ମଦନ ହଠାତ୍ କହି ପକାଇଲ୍ଲ, "ଗୋକୁଳ ! ଏହି ଉପନ୍ୟାସ ଖଣ୍ଡ ପଢ଼ିଲ, ନାୟକ ନାୟିକାଙ୍କର କେମନ୍ତ ମଧୁର ପ୍ରଣୟ ପଢ଼ିଲ !" ଗୋକୁଳ ହସି ହସି କହିଲେ, "ଓହୋ ! ବୁଝିଛୁ, ତୁମେ ଏହିପରି ନାୟିକାଟିଏ ଖୋଜୁଛ ପରା ?" ଦୁଇ ବନ୍ଧୁ ଖୁବ୍ ହସାହସି ହେଲେ ।

ମନୁଷ୍ୟ କୌଣସି କାର୍ଯ୍ୟରେ ଲଗିପଡ଼ିବା ଆଗେ ତାହା ମନରେ ତନୋଟି ଅବସ୍ଥା ଘଟେ । ପ୍ରଥମେ ଅନୁଭୂତି, ଦ୍ୱିତୀୟ ଭାବନା, ତୃତୀୟ ଇଚ୍ଛା । ଗର୍ତ୍ତାକାର

ମଧ୍ୟ ସେହ୍ନପର କଥାଟାଏ କହିଛନ୍ତି,

"ଧାତ୍ୱତୋ ବଷପ୍ୱାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।"

ଚରୁଶବପ୍ୱସରେ ଚରଳ ମନ ପ୍ରଣପ୍ୱ ଆଡ଼କୁ ସହଜରେ ଢଳ ପଡ଼େ । ମଦନ ଜ୍ୱପନ୍ୟାସରେ ନାପ୍ୱକ ନାପ୍ୱିକାଙ୍କ ପ୍ରଣପ୍ୱ କଥା ପଢ଼ି ମଡ଼ି ସ୍ଥିର କଲାଣି, ଏହ୍ନପର କନ୍ୟାଟିଏ ପାଇଲେ ବଲ୍ଲ ହେବ । ସଙ୍ଗେ ସଙ୍ଗେ ମନରେ ଗଡ଼ିଗଲା,

"କୁନ୍ଦା ପର ନଈଁ ନଈଁ ଗୋଡ଼ ଟିପି ଗମନା,
ମୁଖଚନ୍ଦ୍ର ଆବୃତ, ହାତେ ଲମ୍ବ ଓଢ଼ଣା,
ଚୁ—ଚ୍—କଥା କହେ ହାତ୍ତୀ ସମାନା
ଘରକୋଣବାସିନୀ, ବରସବଦନା,
ମାର୍ଜ୍ଜାର ଶିଶୁ ପର ମୁଦ୍ରା ଭନେହା,
ଚୈଲଦ୍ଧରଦ୍ରାବଲେପିତଗାହା ।"

ହାପ୍ୱ ହାପ୍ୱ ! ଦଉଫୁଟିଲା ପଦୁଟିକୁ ବୋହ୍ନୋଞ୍ଚିରେ ଘୋଡ଼ାଇପକାନ୍ତ ! ଦେଶର କ କୁତ୍ରଥା ! କ କୁସଂସ୍କାର । ଛି ଛି ଛି ! ଏପର କାଠ କୁଣ୍ଢେଇଟାକୁ କଏ ବହା ହେବ ମ ! ମୁଁ ନ ହେବ ନାହିଁ ପଛକେ ବାହା !

ଦୁର ଛ ମାସ ଉତ୍ତରେ ଦନେ ଫୁଲସଜ୍ଜା ସମପ୍ୱ, ମୁଣ୍ଡରେ ଗାଦୁଗୁ ଖଣ୍ଡ ପାଗପର ଗୁଡ଼ିଆ, ଅଣ୍ଟାରେ ପାପ୍ରୋଡ଼ଖଣ୍ଡ ଭଡ଼ା, ଆଣ୍ଠୁପାଏ ଧୂଳ, ଅଳ୍ପ ନଈଁ ନଈଁ ଗୋଟିଏ ବୁଢ଼ା ବାଡ଼ ଖଣ୍ଡିଏ ଠୁକ୍ ଠକ୍ କରି ବସାଘର ଦୋମହଲା ଉପରକୁ ଉଠିଗଲେ । ହାତରେ ଡାଳଟିଏ ଧର ପିଠିରେ ସ୍ନାନ ବୋକୁଟିଏ ପକାଇ ପଛରେ ଜଣେ ଲଣ୍ଠାର ଗୁଲୁଛି । ମଦନ ବାବୁ ତାଙ୍କୁ ଦେଖି ଚମକ ଚଢ଼ିଲା ପର ଡୋଇ ପଚାରିଲେ, "ଇଏ ଅଜା, ଇଏ ଅଜା ! ଆପଣ କୁଆଡ଼ି ଅଇଲେ ? ଆଣେ କ୍ୱ ଆଡ଼େ ଅଇଲେ ? ଆରେ ଅଜାଙ୍କୁ ଗୋଡ଼ ଧୋଇବାକୁ ପାଣି ଦେ ରେ । ଧାଇଁ ଯା ବଜାଉରୁ ଜଳଖିଆ କଣି ଆଣ୍ ରେ ।"

ବୃଦ୍ଧ—ହେଉ ହେଉ, ସବୁ ହେବ, ତୁ ଏଡ଼େ ବ୍ୟସ୍ତ ହୋଇ ପଡ଼ ନା ।

ନବାଗତ ଏହ୍ନ ବୁଢ଼ାଟିକୁ ଚହ୍ନାଇଦେବା ଦରକାର, ନୋହ୍ନିଲେ ପାଠକ କଛୁ ଛନ୍ଦ ହେବେ । ବୃଦ୍ଧ ନବଘନ ଦାସେ ସାନ୍ତାଣୀଙ୍କ ମାମୁ, ମଦନର ଅଜା । ଦାସେ ସାନ୍ତଙ୍କ ଘର ଗ୍ରାମୁକରଣ । ହେଲେ କଣ ହେଲା ମଦନ ଠିକ୍ ଅଜା ଟର ଭକ୍ତି କରେ, ଅଜା ବ ମୁନବ ପୁଅ ବୋଲ ତୁମେ, ଆପଣ ନ କହି ତୁ—ଆରେ ବୋଲ ଡାକନ୍ତି, ସେହ୍ନପର ପ୍ରେମ କରନ୍ତି । ଦାସେ ଗୋଡ଼ ହାତ ଧୋଇ ଟିକେ ଅଲ୍ପ ଗଡ଼ାଗଡ଼ କର ଖଣ୍ଡେ ଆସନରେ ବସିଛନ୍ତି । ଦନେ ଆସନ୍ତି ନାହିଁ, ଆଜ କ୍ୟା ଅଇଲେ । ମଦନର ମନ ଲାଗିଛି । ଯାଇ ପାଖରେ ବସିପଡ଼ି ପଚାରିଲା, "ଅଜା କ୍ୟା ଆସିଛନ୍ତି, କଣ ଲେଡ଼ା ବୋଲନ୍ତି, ଜ୍ୱାସରେ ସବୁ ମଙ୍ଗଳ ତ ?"

ବୃଦ୍ଧ—ଜ୍ୱାସରେ ସବୁ ମଙ୍ଗଳ, ସମସ୍ତଙ୍କ ଦେହ-ପା' ଭଲ, ଖୁବ୍ ମଙ୍ଗଳ କଥାଟାଏ କହିବାକୁ ଦଶ କୋଶ ବାଟ ଧାଇଁ ଆସିଛି । ବୋଲବ, ତୁ କ୍ୟା ଏପର ଘୁନଆ ହେଉଛୁ ?

ମଦନ ଟିକେ ଲଜ ପାଇଲା ପର ହେଲା, ମାଡ଼ କପର ଝାଁ କର କଥା ମନକୁ ବାଜଗଲା, ଖୁବ୍ ଭଲ ମଙ୍ଗଳ କଥା । ଏତେ ଚଞ୍ଚଳ ତ କରୁ ନାହାନ୍ତି, କଥା କଣ ? ସପା ବୁଝି ନ ପରଲେ କଣ ହେଲା; ମାଡ଼ ମନଟା କେମିତିକା ଗୁଡ଼େଇ ପୁଡ଼େଇ ହେଉଛି, ଉଦାସ ଉଦାସ ପର ଜଣା ଯାଉଛି । ଉଠି ପାଇ ପଡ଼ିବାକୁ ବସିଗଲା । ହେଲେ ପଡ଼ାରେ ମନ ଲାଗୁନାହିଁ । ଏ ବହି ଖଣ୍ଡ ସେ ବହି ଖଣ୍ଡ ତୁଟା ଓଲଟ ପାଲଟ କରୁଛି ।

× × × ×

ଅଜା ନାଡ ଦୁହେଁ ଖାଇ ବସିଛନ୍ତି । ଅଜା ଟିକେ ଗଳା ଖଙ୍କାର ଦେଇ କଥା ଆରମ୍ଭ କଲେ, "ବୁଝିଲୁ

ମଦନ, ବାପା ସାନ୍ତ ମୋତେ ପଠାଇଛନ୍ତି, ତୋତେ ଯେନ ଗାଁକୁ ଯିବ । ତୋର ବଉଘର ।" ମଦନ ଅଜା ମୁହଁକୁ ଏକଧ୍ୟାନରେ ଗୋଟେ କଥା ଶୁଣୁଥିଲା, "ବଉଘର" ଏହି କଥାଟା ଶୁଣି ତାଙ୍କ ମୁଣ୍ଡ ବୁଲାଇ ଦେଲଣି । ହାତରୁ ଘଉଡ଼ଗୁଣ୍ଡାଟା କେତେବେଳେ ଖସି ପଡ଼ିଲା, ତାଙ୍କୁ ଜଣା ନାହିଁ । ଅଜା ସାନ୍ତ ଘଉଡ଼-ଆଳରେ ହାତ ଦେଇ ଚଳକୁ ଅନାଇ କଥା ହୁଙ୍କି ପାରୁଛନ୍ତି—ମଦନଙ୍କ କାନରେ କଥାଗୁଡ଼ାକ ପଶୁଛି କି ନାହିଁ, ତାଙ୍କୁ ଜଣା । "ମଙ୍ଗଳପୁର ଜମିଦାର ରାମରାମ ବାମଙ୍କ କନ୍ୟାଟିର ଏହି ମନ୍ଦର ବରଷ ପଶିଛି । ଖୁବ୍ ଡୌଲ, ଗୋଟିଏ କାଠିରେ ଗଡ଼ା, ଚମ୍ପା ଫୁଲ ପରି ରଙ୍ଗ, ଖୁବ୍ ପାଠୋଇ; ଗୁଦକୁ ଗୁଦ ଗଁତ ମୁହେଁ ମୁହେଁ ହାକିଯାଏ । ଦେଖ ମଦନ, ମୁଁ ତୋର ଆଡ଼େ ଲଗି ଲଗି ତୋ ପାଇଁ ଏହି କନ୍ୟାଟି ଠିକ୍ କରଛି । କନ୍ୟାକୁ ଯେତେବେଳେ ଦେଖିବୁ, ଅଜା ସତୁଆ କି ମିଛୁଆ, ଜାଣିବୁ । ମୋ ପାଇଁ ବକସିସ୍ ଦରକାର । ତୋ ଆଡ଼୍ ଅଲଗା ଗୋଟିଏ ବରମପୁଗ୍ଗ ପାଟ କଥା ପାଇବ । କଣ କହୁଛୁ ମଦନ ?" ମଦନର ଜ୍ଞାନ ଅଛି ଯେ, କଥାର ଉତ୍ତର ଦେବ ? ବୋଧକରୁ, ମନ ମଧ୍ୟରେ କହୁଛି, 'ଜଅ - ନା ତୋ ମୁଣ୍ଡ ବକସିସ୍ ପାଇବୁ ।' ମଦନ ବୁଢ଼ାସାନ୍ତ ବଚ୍ଛଣାରେ ପଡ଼ି ଘୁରୁଛି, ଆଖିରେ ନଦ ନାହିଁ । ଆଜିକାଲିକା ଇଂରାଜୀ ପାଠୁଆ ଭେଣ୍ଡିଆଙ୍କ ମଧ୍ୟରୁ ଗୋଟେ ଏ ଗେଟାଏ ଅଦ୍ଧନଆଁ କଳରୁ ବାହାର ପଡ଼ନ୍ତି - ତାଙ୍କ ଜଣିବାରେ ବାପଟା ମୂର୍ଖ, କିଛି ଜାଣେ ନାହିଁ, ସେମାନେ ଆସନ୍ତ ଅଧ୍ୟାପିକ, କନ୍ୟା ବାଛି ବଭା ଦେବେ । କନ୍ୟାର ରୂପ ଗୁଣ ଯେନ ବାପ ସଙ୍ଗରେ ବୋଲୁଚାଲି କରି ବସନ୍ତି । ମଦନ ସେପରି ଶ୍ରେଣୀରୁ ବାହାର । ଆକଯାଏଁ ବାପର କୌଣସି କଥାରେ ଜବାବ ଦେଇ ନାହିଁ । ସେ ଗେଟିଏ କଥା ଧରିଛି, ବାପ ପରି ମଙ୍ଗଳକାମୀ ତାହାର ଆଉ ଜଗତରେ କେହି ନାହିଁ । ଅନ୍ୟ ସ୍ୱାର୍ଥ ଯୁକ୍ତ ଲୋକଗୁଡ଼ାଙ୍କ ପାଖରୁ କିଛି ଦୂରରେ ଥାଏ । ମାଆ ମଦନ ବଉଘର କଥା ଶୁଣି ଟିକେ ଲାଜ ପାଇଲଣି, ଅଜା ମୁହଁକୁ ଅନାଇ ପାରୁନାହିଁ, ବାପକୁ ଜବାବ ଦେବ କଣ ? ଭେର ଘୁଣ୍ଟ ଘୁଣ୍ଟ ଗୋଟାଏ କଥା ତାହା ମନରେ ପଡ଼ିଗଲା—ମୋତେ ଭଲ କର ଇଂରେଜୀ ପଢ଼ାଇବା ପାଇଁ ବାପା ଭେର ଥର କହିଛନ୍ତି । ମଦନ ମନ ଟିକେ ଫୁସି ହେଲା, ଏହି କଥାଟିକୁ ସଜାଡ଼ କର ଶୋଇ ପଡ଼ିଲା ।

ଚହିଁ ଆରଦନ ସକାଳେ ଅଜା ନାତ ଦୁହେଁ ଖାଇ ବସିଛନ୍ତି । ବୁଢ଼ା ମନରେ ବଡ଼ଖେଲା, ପିଲାଟା ତ କିଛି ଜବାବ ଦେଲା ନାହିଁ—କଥା କଣ ? ନାତର ମନ ବଢ଼ିବା ପାଇଁ ଅଜା କହି ବସିଲେ, "ବୁଝିଲୁ ରେ ନାତ, ଏପରି ପରମା ସୁନ୍ଦରୀ, ଏପରି ପାଠୋଇ ପାଢ଼ୀ, ଏପରି ଭଲ ଘର ଭାଗ୍ୟକୁ ମିଳେ । ହେବ ନାହିଁ କିଏ—ବାପସାନ୍ତ ଯେପରି ପୁଣ୍ୟବନ୍ତ, ତୁ ଯେପରି ପିଲ୍ଲଦିନୁ ଧାର୍ମିକ ପିଲା ତୋତେ ଏ କନ୍ୟା ମିଳିବ ନାହିଁ ଆଉ କାହାକୁ ମିଳିବ ? ଦିନେ ହେଲେ ବାମ ସାନଙ୍କ କୌଣସି କଥାରେ ନା-ପଦ ତୋ ମୁହଁରୁ କାଢ଼ି ନାହୁଁ । ଏଥିଲଗି ଦେଶଯାକ ତୋର ପ୍ରଶଂସା । ତୁ ପିଲାଟା ହେଲେ କଣ ହୋଇ, ସବୁ ଶାସ୍ତ୍ର ବୁଝୁ । ଜାଣୁ ! ଶାସ୍ତ୍ରରେ ଲେଖା ଅଛି, 'ବାପ ଯେଉଁ ପୁଅ ପ୍ରତି ସନ୍ତୁଷ୍ଟ, ସବୁ ଦେବତାଠାରୁ ସେ ବର ପାଏ ।' ଆଉ ଗୋଟାଏ କଥା ବୁଝିଥା, ଏପରି ପାଢ଼ୀ ହାତରୁ ଥରେ ବାହାର ଗଲେ ଆଉ କେଉଁ ମିଳେ ନାହିଁ । ବାପା ସେଥିପାଇଁ ଚଞ୍ଚଳ ହୋଇ ପଡ଼ୁଛନ୍ତି । ସ୍ୱୀକୃତ ହୋଇ ଗଲଣି । ଆସନ୍ତା ମଙ୍କର ସତର ଦିନ ଶୁକ୍ଳ ଦଶମୀକୁ ଲଗ୍ନ, ତେଣିକ ଲଗ୍ନନାହିଁ । ଆଉ ତୋର ଯୋଡ଼ା ବସ୍ତ୍ର ପଡ଼ିବ, ବର୍ଷେ ବଭା ବନ୍ଦ । ଯା, ସ୍କୁଲମାଷ୍ଟରଙ୍କୁ କହି ବୋଲ ତୋ ପୋଥିପତ୍ର ଯେନ ଗୁଲଆ । କାଲ ସକାଳେ ଗୁଲପିବା । ଆଉ ଦିନ ନାହିଁ ମଝିରେ ମାସ ଯୋଡ଼ାଏ ।" ମଦନ ବାବୁ ମୁଣ୍ଡପୋଡ଼ ଧୀରେ ଧୀରେ କହିଲେ, "ବାପା

କହୁଛନ୍ତି, ମୁଁ ଭଲକରି ଇଂରାଜୀ ପାଠଟା ପଢ଼ିବି । ବି. ଏ. ପାସ୍‌ପାଏ ପଢ଼ିବାକୁ ମୋର ବି ଇଚ୍ଛା । ବାବା ଫା ଦେଲେ ମୋର ଆଉ ପାଠ ହେବ ନାହିଁ ।''

ଅଜା ହଁ ହଁ, ସେ କଥା ବି ଜଣାସରେ ପଡ଼ିଥିଲା । ବାପା କହୁଛନ୍ତି, ତୋର ଆଉ ପଢ଼ିବାର ଦରକାର ନାହିଁ । ଆଉ ତୋର ବି.ଏ ଟିଏ ପାସ ଫାସ ଦରକାର କଣ ରେ ? ତୁ କଣ ସରକାର ଘରେ ଗୁକସ୍ତ କରବୁ !

ମଦନ ବାବୁଙ୍କ ସଙ୍ଗାଳ ସରିଲା । ଫଁ କରି ନଶ୍ୱାସଟାଏ ପକାଇ ତୁନ ହୋଇ ବସିଲେ । ଅଜା କଥା ଶୁଣି ଜୋକ ମୁହଁରେ ଲୁଣ ଦେଲା ପରି ତୁନ-ହୋଇ ବସିଲେ ।

ଜମିଦାରଙ୍କ ଜଣାସର ଗରଟା ପୁର—ବାହାର ବନଠାରୁ ସାନ ସାନ୍ତଙ୍କ ପୁର ଅଲଗା ହୋଇ ଯାଇଛି । ମଝି ଦୁଆରଟି କଳଦେଲେ ଦୁଇ ପୁର ପମ୍ପୁରୁପେ ଅଲଗା ହୋଇଯାଏ । ମଦନ ବାବୁଙ୍କ ବଦ୍ଧ କାଲ ପରି ଗରମାସ ହୋଇଗଲଣି । ବନ ବୁଢ଼ି ପୁର ମଧ୍ୟକୁ ଯା ଆସ କରିବାକୁ ମଦନ ବାବୁଙ୍କର ଇଚ୍ଛା; କନ୍ତୁ ବୁଢ଼ି ପଦରକ ଆଗରୁ ପୁର ମଧ୍ୟକୁ ଯାଇ ପାରନ୍ତି ନାହିଁ । ବାହାର କତେଶ ଘର ଲଗା ଆପଣା ବୈଠକଖାନାରେ ବସି ପଡ଼ାପଡ଼ି କରୁଥାନ୍ତି । ମଦନମୋହନଟି ବଡ଼ ଲାଜକୁଳଆ ପିଲା । ବନବେଳେ ଭିତର ଜଣାସକୁ ଯିବା ସମସ୍ତରେ ଗୋଇଲା ପରିବାସ୍‌ଗୁଡ଼ାକ କେହି ହସନ୍ତୁ ନ ହସନ୍ତୁ, ସେ ମନରେ କରନ୍ତି, ଯେମନ୍ତ ଗୋଇଲାଗୁଡ଼ାକ ହସୁଛନ୍ତି । ଆଉ ଆଉ ଜମିଦାରଙ୍କ ଘରପରି ଏହାଙ୍କ ଜଣାସରେ ଅକର୍ମା ଅପଦ୍ଧ୍ୟ ଗୋଇଲାଗୁଡ଼ାଏ ବି ଢେରି । ସେ ଗୁଡ଼ାଙ୍କର ଆଉ ପାଇଟି କଣ ?

ଏ ତ ଗଲା ଗୋଟାଏ କଥା । ବଡ଼ କଥାଟା ଏହି ଯେ, ପଦାଟା ବୋଦ୍ଧୁ ଯାଉଚ ଯାଉଚ ଜୋକପରି ଲାଗି ରହିଛି । ପଦାଟା ଗୋଇଲା ହେଲେ କଣ ହେଲା, ତାହାର ଗୁଣ ଢେର । ଗାଁରେ ତାହାର ନାମ ଡାକ ଅଛି । ଗାଁ ମଧ୍ୟରେ କୌଣସି ସାନ୍ତଙ୍କ ଟିଅ ବଚ୍ଚିଘର, ଦଶ ପଦର ବନ ଆଗରୁ ମା ସାନ୍ତାଣୀ ପଦାକୁ ଡାକ-ନେଇ ଟିଅ ପାଖରେ ରଖି ବଅନ୍ତି । ଶାଶୁଘରକୁ ଯିବାବେଳେ ଟିଅ କାନ୍ଦାକୁ ଧର କ କଥା କହି କପର ବାହୁନବ—ଶାଶୁଘରେ କେତେ ଓଡ଼ଣା ପକାଇ କପର ନଇଁ ନଇଁ ଗଲବ, କପର ଚୁ—ଚୁ କଥା କହିବ, ଏସବୁ ସଦ୍‌ଗୁଣ ଶିଖାଇବାକୁ ପଦାକୁ କେହି ବଳଯିବ ନାହିଁ । ନତାନ୍ତ ପରଭାପର ବଷପୁ, ଶିକ୍ଷାର, ବଶେଷରେ ସ୍ତ୍ରୀଶିକ୍ଷାର ବତୁଳ ପ୍ରଗୁର ଯୋଗୁ ପଦା ଶ୍ରେଣୀ ଗୁଣବନ୍ତାମାନଙ୍କ ଦାନାପାଣି ପ୍ରାପୁ ଉଠିଗଲଣି । ଟିଅ ବଚ୍ଚା ହୋଇ ଆସିବା ବେଳେ ମଙ୍ଗଳପୁର ଚାଲୁକର ଜମିଦାରାଣୀ ପନ୍ତେକାନରେ ଆଖି ପୋଛୁ ପକାଇ କହିଲେ, ''ଶୁଣ ପଦ୍ମ, ମନ ତୋତେ ଲଗିଲା । ବୁଝି ସାବଧାନ ! ଟିଅର ଢଙ୍ଗଢାଙ୍ଗ ଲାଜ ସରମ କଥାରେ ଯେମନ୍ତ କେହି ତୁଣ୍ଡ ନ ମାରଟାଏ, ଆମ ବଂଶକୁ ନନ୍ଦା ବୋଲଣା ନ ଆସେ ।'' ପଦା ଖୁବ୍ ଗବରେ ମୁରକ ହସଟାଏ ହସି କହିଲା, ''ଆଜ୍ଞା ମଣିମା ! ଏକଥା କଣ ଆଜ ପଦାକୁ ଶିଖାଇ ଦେବ ?''

କନ୍ୟାଟିର ନାମ ମୋହିନୀ । ରୂପରେ, ଗୁଣରେ ବି ସେହିପରି ମୋହିନୀ । ମଦନ ବାବୁଙ୍କ ମନକୁ ବଡ଼ ଲାଗିଗଲଣି । ଘର ଇଚ୍ଛା, ବୋଦ୍ଧୁଟିକୁ ଭଲକରି ପଢ଼ା-ଇବେ, ସବୁବେଳେ ଦୁଇ ଜଣ ବସି କଥାଘ୍ରଷା ହେବେ, ସଞ୍ଜବେଳେ ତୋଟାରେ ବୁଲିବେ—ଉପାପୁ କଣ ? ପଦାଟା ତ ସାଙ୍ଗେ ସାଙ୍ଗେ ଲାଗି ରହିଛି । କଣ ମନ୍ତ୍ର ପଢ଼ାଉଛି, ସେହି ମୂର୍ଖ ବୋଦ୍ଧୁଟା ବି ଆଖି ଫିଟାଉ ନାହିଁ କି କଥା କଉ ନାହିଁ । ବନେ ମଦନ ବାବୁ ଆପଣା ପଢ଼ା ଘରେ ବସି କଣ ଭାବୁଥିଲେ, ହଠାତ୍ ଖୁସିଟାଏ ହୋଇ ପାଟିକରି କହି ପକାଇଲେ, ବେଶ୍ ଉପାପୁ ମନରେ ପଡ଼ିଛି, ବେଶ୍ କଥା- ବେଶ୍ କଥା ।'

ମଦନ ବାବୁ ପ୍ରତ୍ୟହ ଦୁଇ ପହରକ ସରକ ଉଆସ ଭିତରକୁ ଆସୁଥିଲେ । ଏଣିକ ଡେର ଥର ମଠ ହୋଇ ଗଲଣି, ଦିନେ ଦିନେ ଦେଢ଼ ପହର ବି ଗଡ଼ିଯାଏ । ଦିନେ ପଦ୍ମା ପଚାରିଲା, "ହୋଇଲେ ଶୁଣ୍ଡି ! ସାନ୍ତ ମଣିମାଙ୍କର ଉଆସ ଭିତରକୁ ବାଜ ହେବାକୁ ଦିନେ ଦିନେ ଏତେ ମଠ ହୁଏ କଁୟା ?" ବଡ଼ ଉଆସରେ ଡେରଗୁଡ଼ାଏ ଥୋଇଲା; ମାଝ ସାନ ସାନ୍ତଙ୍କ ଉଆସକୁ କେହି ଯାନ୍ତ ନାହିଁ । ପୁଅ ଗୋଳମାଳକୁ ଭଲ ପାଏ ନାହିଁ । ଏଥିପାଇଁ ମା ସାନ୍ତାଣୀଙ୍କର ମନା ? କେହି ଥୋଇଲା ସାନ ସାନ୍ତଙ୍କ ଉଆସ ଭିତରକୁ ପିବେ ନାହିଁ । କେବଳ ଶୁଣ୍ଡି ଥୋଇଲାକୁ ନମୋଦ କରି ଦେଇଛନ୍ତି- ସବୁବେଳେ ବୋହୂ ପାଖରେ ଥାଏ । ପାଠ ଘରେ ସାନ ସାନ୍ତ ଓ ଶୁଣ୍ଡି ନରୋଲାରେ ବସି ଡେର ବେଳଯାଏ କଣ ଫୁସର-ଫାସର ହେଉ ଥିବାର କେତେ ଥର ଦେଖା ଗଲଣି । ପଦ୍ମା ପଚାରିବାରୁ ଶୁଣ୍ଡି କହିଲା, "ତୁ ଶୁଣି ନାହୁଁ କ ଲେ ପଦ୍ମା ଅପା ! ସାନ୍ତ ମଣିମା ଗାରୁଡ ମନ୍ତ୍ର ଫୁଙ୍କିବାକୁ ଯାନ୍ତ ପରା ।"

ପଦ୍ମା— ଗାରୁଡ଼ମନ୍ତ୍ର କଣ ଲେ ?

ଶୁଣ୍ଡି—କଣ କ, ଏ ଦେଶରେ ଏହି ଖଗ୍ଦଳଆ ଚଣା ନାଗ ଡେର ବାହାର ମଣିଷଙ୍କୁ ଦଂଶି ଦିଅନ୍ତି । ସାନ୍ତକୁ ଗାରୁଡ଼ ମନ୍ତ୍ର ଜଣା, ଫୁଙ୍କି ଦେଲେ ବିଷ ଉଡ଼ି-ଯାଏ । ପଣକୁ ପଣ ରୋଗୀ ଭଲ ହୋଇ ଗଲଣି । ଆଉ କଣ କହିବ ପଦ୍ମା ଅପା, ଏହି ପାଖ ଗାଁ ମଙ୍କୁଚୁରରେ ପୁଞ୍ଜାଏ ବୋହୂ ଠକ ଠକ କରି ମରିଗଲେ । କେଡ଼େ ସୁନ୍ଦର ବୋହୂଗୁଡିକ ଆହା ! ଆହା !

ପଦ୍ମା— ହଁ ଲେ ଶୁଣ୍ଡି । ସେଗୁଡ଼ାକ ସାନ ସାନ୍ତ ମଣିମାଙ୍କୁ କଁୟା ବାଡନ ଦେଲେ ନାହିଁ ?

ଶୁଣ୍ଡି—ହଁ, ସାନ ସାନ୍ତ ବଜେ କରିଥିଲେ, ଡେର ଫୁଙ୍କାଫୁଙ୍କି କଲେ, ହେଲେ କଣ ହେଲା, ବୋହୂଗୁଡ଼ାକ ଆପଣା ଦୋଷରୁ ମଲେ ମ ! କଥା କଣ କ, ସାନ୍ତ ଆଗେ ମନ୍ତ୍ର ପାଣିରେ କାଠିମରା ରୋଗୀର ମୁହଁ ଧୋଇ ଦିଅନ୍ତି, ଆଉ ଯୁଡ଼ା ଫିଟାଇ ଦିଅନ୍ତି, ଆଉ ଗାରୁଡ଼ ମନ୍ତ୍ର ଡାକିବାବେଳେ ରୋଗୀ ମୁହଁରୁ ଲୁଗା କାଡ଼ି ସାନ୍ତଙ୍କ ମୁହଁକୁ ଗୁହିଁ ରହିବା ବିଧି । ବୋହୂଗୁଡ଼ାକ ମନ୍ତ୍ର ପଢ଼ିବାବେଳେ ସେମିତି ମୁହଁ ଢାଙ୍କି ପକାଇଲେ, ଠକ୍ ଠକ୍ କରି ଢଳି ପଡ଼ିଲେ ।

ପଦ୍ମା- ଆହା ! ପାଖରେ କଣ କେହି ପୁରୁଖା ମାଇପେ ନ ଥିଲେ ? ବୋହୂ ମୁହଁ ଢାଙ୍କିବାବେଳେ ଟା ହାତ ଧରି ପକାଇଲେ ନାହିଁ କଁୟା ? ଜୀବନ ବଡ଼ ନା ଲଜ ବଡ଼ ? 'ଆପଣାକଆକୁ ଇଲଜ କ୍ୟା' ! ହଁ ଲେ ଶୁଣ୍ଡି, କାଠିମରା ରୋଗୀର ମୁଣ୍ଡବାଳ ଫିଟାଇ ଦିଅନ୍ତି, ମୁଁ ଜାଣେ ।

ଶୁଣ୍ଡି – ପଦ୍ମା ଅପା, ତୁ ତ ରୋଜନା ସଞ୍ଜବାଦେ ମାଛ ବଡ଼ାଇବା ଲଗି ବୋହୂ ସାନ୍ତାଣୀଙ୍କୁ ଡୋଟାଆଡ଼େ ଯେନଯାଉ । ହାତରେ ଗୋଟାଏ ଆଲୁଅ ଦେନଗଲେ ଭଲ ହୁଅନ୍ତା ପରା !

ପଦ୍ମା—କଣ କହିଲୁ ଲେ ଶୁଣ୍ଡି, କଣ କହିଲୁ ! ଏଡ଼େ ମନ୍ତତ ଘର ଥୋଇଲାଟା ହୋଇ କଣ କଥାଟା ମୁହଁରେ ଧରିଲୁ । ଦେଶରେ ମୁଲକରେ ଗୋଟାଏ ନଦା ଚହଲ ପଡ଼ିଯିବ ଯେ, ଡାଟୁଆ ଘର ଝିଅଟା ପର ମଣାଲ ଜାଳ ବାଡ଼ିଆଡ଼େ ଯାଏ । ମା ସାନ୍ତାଣୀଙ୍କ କାନରେ ବାଜିଗଲେ କଣ ମୋ ଚୁଟି ପିଠି ରହିବ ? ଆମ ଉଆ-ସରେ ତ ବୋଡ଼କୁ ବୋଡ଼ ଥୋଇଲା—ମା ସାନ୍ତାଣୀ ବାଛି ବାଛି ମୋତେ ସଙ୍ଗରେ ଦେଲେ କଁୟା ? ଆଲେ ପଦ୍ମା ଯେବେ ସଙ୍ଗରେ ଅଛୁ, ଆମ ଜେମାଙ୍କର ଡର କ'ଣ ?

ସଞ୍ଜ ଗଡ଼ ଗଲ୍ଲଣି । ଘର ଭିତରେ ସବୁ ଅନ୍ଧାର । ବୋହୂଟି ଓଡ଼ଣା ପକାଇ ଚୋଟାଭିତରୁ ଧୀରେ ଧୀରେ ଗଲଛୁ । ପଘା ବାହାଟି ଧର ଚଳାଇ ଆଣୁଛୁ । ଚୋଟା ଦୁଆର ଦୁଆରବନ୍ଧ ଡେଇଁ ଯେମିତି ଘର ଭିତରକୁ ପଶିବେ, କବାଟକଣରୁ ଦେଡ଼ହାତ ଲମ୍ବ ସାପଟାଏ ବାହାର ବୋହୂ ଆଡ଼କୁ ପଘା ଗୋଡ଼ଗାଖ ବାଟେ ହଲହଲ କର ଗଲଗଲ୍ଲ । ପଘା ତ ବୋହୂଟାକୁ ଫେଲଦେଇ 'ବୋପା ଲେ' ବୋଲ ରଡ଼ଟାଏ ଗୁଡ଼ ଘରେ ପଶି କବାଟ କଳ ଦେଲ୍ଲଣି । ବୋହୂଟା ହାତ୍ତଳ ଖାଇ ଠା ପଡ଼ଗଲ୍ଲ, ଚେତା ନାହିଁ । ଶୁଙ୍ଗୀ ଅଳ୍ପ ଦୂରରେ ଥିଲ, ଧାଇଁ ଆସି ବୋହୂଟିକୁ କାଖେଇ ପଦଡ଼ ଘର ଭିତରକୁ ଘେନଗଲ୍ଲ, ମୁହଁରେ ପାଣି ଛୁଞ୍ଚିବାରୁ ବୋହୂର ଚେତା ବସିଲ୍ଲ । ଶୁଙ୍ଗୀ କହିଲ୍ଲ, "ଆପଣ କଛୁ ଡରବେ ନାହିଁ । ସାନ୍ତଙ୍କୁ ଡାକ ଆଣୁଛୁ, ଏହି ଲଗେ ଭଲ କରଦେବେ ।"

ସାନ ସାନ୍ତଙ୍କୁ ଦେଖି ବୋହୂଟାର ସାହସ ହେଲ୍ଲଣି । ବରଡ଼ାପତ୍ର ପର ଥରୁଥିଲ୍ଲ, ଏବେ ଓଡ଼ଣାଟି ପକାଇ ଭୁନ ହୋଇ ବସିଛୁ । ସାନ ସାନ୍ତଙ୍କ ଭୁଣ୍ଡ ଶୁଣି ପଘା ବ ଆସି ପହଞ୍ଚଗଲ୍ଲ । ମାନ ଏ ପର୍ଯ୍ୟନ୍ତ ଚା ଦେହଟା ଟିକେ ଟିକେ ଥରୁଛୁ, ପାଟିରୁ କଥା ବାହାରୁ ନାହିଁ । ଦୁଇଖଣ୍ଡ ଆସନ ପଡ଼ଲ୍ଲ, ବୋହୂ ଆଉ ସାନ ସାନ୍ତ ମୁହାଁମୁହିଁ ହୋଇ ବସିଲେ । ସାନ୍ତ ପଗଲବାରୁ ପଘା କହିଲ୍ଲ,"ହଁ, ମୁଁ ସାପଟାକୁ ଦେଖିଛୁ—ଭନ କ ଗୁର ହାତ ଲମ୍ବ, ଦେହଯାକ କଳା ହଳଦିଆ ଡୋରାଡୋରା ଚିହ୍ନହୋଇଛୁ । ମୁଁ ଯେମିତି ସାପଟାକୁ ଦେଖିଲ, ତକୁ ବାଡ଼େଇବା ପାଇଁ ଜେମାକୁ ବସାଇ ଦେଇ ବାଡ଼ ଖୋଜବାକୁ ଧାଇଁଲ ।" ଦୁଷ୍ଟ ଶୁଙ୍ଗୀଟା ମୁହଁରେ ଲୁଗା ଦେଇ ଟିକେ ହସିଲ୍ଲ ।

ସାପ କାମୁଡ଼ୁଛୁ କ ନାହିଁ, ସାନ୍ତ ବୋହୂ ଗୋଡ଼ ଭଡ଼ ଆଣି ପରଗି ବସିଲେ । ବୋହୂଟା ଗୋଡ଼ ଭଡ଼ ନେଉଥାଏ । ସାନ୍ତ କହିଲେ, "ହଁ ହିଁ, ଏପରି କଲେ ମନ୍ତ୍ର କାହିଁ କରବ ନାହିଁ । ଦେଖାଗଲ୍ଲ, ବୋହୂ ବାଁ ଗୋଇଠିରେ ଘାଉଡ଼ ହୋଇଛୁ । ସାନ୍ତ କହିଲେ, "ହଁ ହଁ ସତ—ପଘା କଥା ସତ, ଏଟା ଚଟା ନାଗ, ଦେଖୁ ନାହିଁ, ଗୋଟାଏ ଦାନ୍ତ ବସିଛୁ । ଏ ନାଗର ଗୋଟାଏ ବୋଲ ଦାନ୍ତ । ଚନ୍ତା ନାହିଁ । ଦ'କଲ ମନ୍ତ୍ର ଡାକ-ଦେଲେ ସବୁ ବିଷ ତରଯିବ । ଆଲ୍ଲେ ଶୁଙ୍ଗୀ, ଯା, ଡେବର ହାତରେ ପୋଖରୀରୁ କଂସାଏ ପାଣି ଆଣ— ଡେବର ଆଖି ବୁକ ଯିବୁ—ସାପର ଗୋଟାଏ ଦାନ୍ତ ପଡ଼ !"

ସାନ୍ତ—'ହଁ, ଏବେ ମୁହଁରୁ ଲୁଗା କାଢ଼ ।' ବୋହୂ ଓଡ଼ଣାଟାକୁ ଆସ୍ତର ଭଡ଼ ଦେଉଛୁ । ପଘା 'ଆଗୋ ମା ! ଓଡ଼ଣା କାଢ଼, ଓଡ଼ଣା କାଢ଼' କହି ଆଗେ ଓଡ଼ଣାଟା କାଢ଼ି ପକାଇଲ୍ଲ । ବୋହୂଟା ଭଡ଼ ମୋଡ଼ ଦେଉଥାଏ । ପଘା ଆଉ ଶୁଙ୍ଗୀ ଦୁହେଁଯାକ ବୋହୂର ଦୁଇବାହୁ ଆଣ୍ଠୁ କର ଧର ବସିଥାନ୍ତ । ସାନ୍ତ ବୋହୂର ଯୁଡ଼ା ଫିଟାଇ ପକାଇଲେ । ଯୁଡ଼ା ଫିଟାଇବାବେଳେ ବୋହୂଟା କଡ଼ ଭଡ଼ ମୋଡ଼ ଦେଲ୍ଲ, ପଘା ମୁଣ୍ଡରେ ପିଠିରେ ହାତ ବୁଲାଇ ବନ୍ଧୁତ ଦେମତ୍ ଦେଉଥାଏ । ବୋହୂଟା ଆଉ କଣ କରବ, ଯୋଡ଼ାଏ ମାଇକନଆ ଆଣ୍ଠୁ କର ଧରଛନ୍ତି, ପଘା ପିଠିରେ ହାତ ବୁଲାଇ ଦେମତ୍ ଦେଉଥାଏ । ସାନ୍ତ ପାଣି କଂସାକ ମନ୍ତ୍ରି ବୋହୂ ମୁହଁ, ଘାଉଡ଼ ଜାଗା ଭନ ଥର କର ଧୋଇ ଦେଲେ । ତାହା ବାଦେ କହିଲେ, "ଏବେ ମୁଁ ଗାରଡ଼ ଡାକବ, ମୋ ମୁହଁକୁ ଏକଧାନରେ ଗୁହିଁ ରହିବାକୁ ହେବ ।' ଏଣେ ଜୀବନବକଳ କଥା, ତେଣେ ମାଇକନଆ ଦୁଇଟାଙ୍କ ପାଟି—'ଗୁହିଁ ଗୁହିଁ ।' ବଡ଼ କଷ୍ଟରେ ବୋହୂ ମୁଣ୍ଡଟାକୁ ଟିକେ ଓହଳାଇ ସାନ୍ତଙ୍କୁ ଏକଧାନରେ ଗୁହିଁ ରହିଲ୍ଲ । ବାବୁ ଗାରଡ଼ ମନ୍ତ୍ର ଡାକିଲେ—

Chhaya@Vanita

"ଅଂ କାଳଦ୍ରୀ ହ୍ରଦରେ ଥିଲ କାଳି;
କୃଷ୍ଣ ଗଲେ ଦହ ଡୋଳ;
କାଳୀ ଦେଲ କାମୁଡ଼,
ଶ୍ରୀକୃଷ୍ଣ ଗଲେ ଚଢ଼ ।
ଗରୁଡ଼ ଅଇଲ ଉଡ଼ କରି;
ବଷ ଗଲ ଦା ମୁହଁରେ ହର ।"
ଆ—ଫୁ—ଆ—ଫୁ - ଆ—ଫୁ—

ଏହିପର ସାତଥର ମନ୍ତ୍ର ପଢ଼ିସାରି ରେଗିଣୀ ବେକରେ ଖଣ୍ଡେ ମନ୍ତ୍ରା ସୂତା ବାନ୍ଧଦେଲେ । ସାନ୍ତ କହିଗଲେ, 'ଚଣା ନାଗ ସାପ ବଷ ପାଞ୍ଚଦିନ ରହେ—ପାଞ୍ଚଦିନ ସକାଳ ସଞ୍ଜ ମନ୍ତ୍ର ଫୁଙ୍କାପିବ ।'

ସାନ୍ତ ଦେଖିଲେ, ରେଗିଣୀ ଦେହରୁ ଅସଲ ବଷଟା ଢେର ଛୁଡ଼ ଗଲଣି । ମନ୍ତ୍ର ଫୁଙ୍କାବେଳେ ବୋହୂଟା ଖୁବ ବଳରେ ଓଠ କାମୁଡ଼ ରହୁଛୁ, ହସ ସମ୍ଭାଳ ପାରୁ ନାହିଁ । ପଞ୍ଚମ ଦିନ ସକାଳେ ସାନ୍ତ କହିଲେ, "ବୋହୂ, ବେକରେ ଯେଉଁ ସୂତା ବନ୍ଧା ହୋଇଛୁ, ଶନିବାର ବଡ଼ ସକାଳେ ଜଣେ ବଧବା ସ୍ତ୍ରୀ ଅଧିଆମୁହଁରେ ଡେଇଁର ହାତରେ ସେ ସୂତା ଛୁଣ୍ଡାଇ ନେଇ ଏକମୁହାଁ ଗୁଲିଯିବ, ତିନ ମାସ ତିନ ପକ୍ଷ ତିନ ଦିନ ଦେଖା ଦେବ ନାହିଁ ।" ପଦ୍ମା ଚଞ୍ଚଳ କହି ପକାଇଲ, "ଆଜ୍ଞ କାଡା ହାତରେ ଦେବ ନାହିଁ, ମୁଁ ସୂତା ଛୁଣ୍ଡାଇ ନେଇଯିବ ।" ସାନ୍ତ ତ ସେହି କଥା ଖୋଜୁଥିଲେ, ମନରେ ବଡ଼ ଖୁସି । ପଦ୍ମ ମନରେ ବି ବଡ଼ ଆନନ୍ଦ— 'ଭଲ ହେଲ, ଗାଁକୁ ପଳାଇବା ଏ ସାପୁଆ ମୁଲକରେ କେ ରହିବ ମ ?'

ମାସେ ଦୁଇମାସ ବିତ ଗଲଣି, ସ୍ତ୍ରୀ ପୁରୁଷ ଦୁଇଜଣ ଉଆସ ଭିତରେ ବସି ପଡ଼ାପଡ଼ି କରନ୍ତି । ଉଆସ ପଛ ଚୋଟା ନଡ଼ୋଳ । ଦୁଇଜଣ ଫୁଲ ବଗିଚାରେ ସଞ୍ଜବେଳେ କୁଲକୁଲ କରନ୍ତି । ମୋହନାଟି ବୁଦ୍ଧିମନ୍ତା, ଗୁଡ଼ାଏ ପଢ଼ି ଗଲଣି ।

ଦିନେ ମୋହନା ହସି ହସି କହିଲ, "ହଁ ଦେ, ତୁମେ ଏତେ ଦୁଷ୍ଟ ନା ?" ଖଣ୍ଡେ କାଗଜ. ଖଣ୍ଡେ ଡାଙ୍ଗ ପଲଙ୍କ ତଳୁ କାଢି ଆଣିଲ—ତିନ ଆଙ୍ଗୁଳ ଅନାଜ ଚୌଡ଼ା, ଦେଢ଼ହାତ ଲମ୍ବ ଖଣ୍ଡେ କାଗଜ— କଳା ଆଉ ଦଲଦାରେ ଚଉ ହୋଇଛୁ ଏକ ପାଖ ମୁଣ୍ଡରେ ଖଣ୍ଡେ ଗେଙ୍ଗୁଟିବନ୍ଧା । ସେହି ଗେଙ୍ଗୁଟିଟା ଧରି ଫୋପାଡ଼ି ଦେଲେ କାଗଜ ଖଣ୍ଡକ ଦଲଦଳ ହୋଇ ସାପପରି ଗୁଲଯାଏ । ଆଉ ଖଣ୍ଡେ ବାଉଁଶକଣି ଆଗରେ ଗୋଟାଏ କଣ୍ଟା ବନ୍ଧା । ମୋହନା ହସି ହସି କହିଲ, "ତୁମେ ଏତେ ଦୁଷ୍ଟ, କବାଟ କଣରୁ କାଗଜ ଖଣ୍ଡ ଫୋପାଡ଼ି ଦେଇ କଣ୍ଟାଟା ଫୁଟାଇ ଦେଲ ?" ମଦନ ବାବୁ କହିଲେ, "ହୋଇ ଲେ ଶୁଣୀ, ଯାହାକୁ କହିଦେଲୁ କିଁୟା ? ସାପ ଦେଖାଇଲୁ କିଁୟା ?" ଶୁଣୀ ହସି ହସି ପଳାଇଲ ।

———

ଅଧର୍ମ ବତ୍ତ

ବଜେ ନରହରପୁର ଶାସନ ମୁଣ୍ଡ ସାହାଲ ଦରକୁ ଛୁଡ଼ ପଶ୍ଚିମ ଘାଟିଏ କଦମ ଦୂରରେ ବଳଦେବଙ୍କ ପୂଜାପିଣ୍ଡି ବା ମଣ୍ଡପ । ଗ୍ରାମ ବଗକୁ ଛୁଡ଼ ପିଣ୍ଡିର ଆଉ ତିନ ପଟରେ ପାଞ୍ଚସାଲ, ଦଶସାଲ, ମଧ୍ୟଭଳ ଅଉ ପୁରୁଣା ବୁଢ଼ା, ଗଣତରେ ଶହେ ସାତ ନଡ଼ଆ ଗଛ । ଏଗୁଡ଼ିକ ଶାସନ ମହାଜନଙ୍କ କୋଠ ଗଛ । ଫଳ ଏକସଙ୍ଗରେ ତୋଳା ଯାଇ ଘରପିଛେ ବାଣ୍ଟ ହୁଏ ।

ସକାଳ ଓଳ ବେଳ ଦଉଡ଼କ ସମସ୍ତରେ ନଡ଼ଆଗଛ ମୂଳରେ ଜଣ ପଚିଶ ବ୍ରାହ୍ମଣଗୋସାଇଁ ବଜେ ହୋଇଛନ୍ତି । ପୁରୁଖା ପୁରୁଖା ଭଲଆ ଆଉ ମର୍ଯ୍ୟାଦା-ବନ୍ତ ପୁଣି ଦୂର-ଗାଁରୁ ଆସିଥିବା ବଡ଼ମାନେ ନଡ଼ଆ-ପତ୍ରବୁଣା ଚଟେଇରେ ବସିଛନ୍ତି, ଆଉ ସମସ୍ତଙ୍କର ଭୂମ୍ୟାସନ । ସାନ ପିଲାଗୁଡ଼ାକ ସକାଳୁ ସଞ୍ଜଯାଏ

Chhaya@kanta

ନଡ଼ଆବୁଦାରେଇ ଚଳେ ଧାଁ ଦଉଡ଼ ଦୌଡ଼ ଦ୍ୱା ପାଟିକର ଖେଳୁଥାନ୍ତି, ଦେଲେ ଆଜ ସେମାନଙ୍କ ପାଟିରେ କଥା ନାହିଁ । ଯୋଡ଼କୁ ଯୋଡ଼, ପୁଞ୍ଜାକୁ ପୁଞ୍ଜା ପିଲ୍ଲ ଖୁବ ଦୂରରେ ବୁରେଇ ଭିତରେ ବୁଲ ବୁଲ ଗୋସାଇଁମାନଙ୍କ ସଜ୍ଜ ଦେଖୁଛନ୍ତି । ସେମାନେ ବ ମନ ମଧ୍ୟରେ ସେମନ୍ତ ବୁଝିଛନ୍ତି, ଆଜ ଗାରେ ଘର ଗୋଟାଏ କଣ ହେବ । ଶାସନ ଗୋସାଇଁମାନଙ୍କୁ ଘୁଡ଼ ଆଡୁର ବ ଆଠ ଦଶ ଜଣ ଦୂରଦୂରନ୍ତର ଗାଁରୁ ଗୋସାଇଁମାନେ ଆସି ଉପସ୍ଥିତ, ବପଦ୍ଗ୍ରସ୍ତ ବନ୍ଧୁମାନଙ୍କୁ ସଙ୍ଗ ଳବାପାଇଁ ଆସିଛନ୍ତି । ଭେଣ୍ଡିଆ ଜଗୁ ଚଞ୍ଚଏ ଦୁଇ ଗୋଡ଼ ପାପୁଲରେ ଗୋଟିଏ ପଥର କୁଣ୍ଡି ଯାକ ଧର ମୁଣ୍ଡ ପୋଛ ଗୋଟାଏ ନାସ୍ୱଘୋଟା ବାଡ଼ରେ ଘଡ଼ର ଘଡ଼ର କର ନସ ଘୋଟୁଥିଲେ । ଘୋଟା ହୋଇଗଲ୍ଲ । ଆଗେ ମୁରବଉଲଆ ଲୋକଙ୍କ ଆଗରେ, ପଛନ୍ତେ ଆଜ୍ଞ ଆଜ୍ଞ ମହାଜନଙ୍କ ଆଗରେ କୁଣ୍ଡି ଦେଖାଇଲେ । ସମସ୍ତ ଟିପେ ଟିପେ ନାସ ନେଇ ସୁଁ—ସୁଁ କର ନାକ ଦୁଇ ପୁଡ଼ାରେ ଗୁଞ୍ଜି ଦେଲେ ।

ନସ ସୁଙ୍ଗାସୁଙ୍ଗି ବାଦେ ପ୍ରଥମେ ଲକ୍ଷ୍ମଣ ମିଶ୍ରେ ପଚାରିଲେ,"ମାମୁ ! କର୍ଜାଟା ତୁମ ଅଙ୍ଗିତା, ନା ଅନ୍ୟାଙ୍କ ଦେହକର ?" (ଲକ୍ଷ୍ମଣ ମିଶ୍ରେ ଦବାକର ଦ୍ୱିବେଦୀଙ୍କ ଭଣଜା, ଏଣ୍ଟ୍ରାନ୍ସ ପାସ, ଗୋଟାଏ ମାଇନର ସ୍କୁଲର ହେଡ଼ମାଷ୍ଟର । ମାମୁଙ୍କ ବପଦ କଥା ଶୁଣି ଆଜ୍ଞ ଆଉ ବନ୍ଧୁଙ୍କ ପର ସଙ୍ଗଳ ଆସିଛନ୍ତି ।)

ଦ୍ୱିବେଦୀଏ କହିଲେ, "ନାହିଁ ନାହିଁ ବାପା । ମୋ ଅଙ୍ଗିତା ଯୋଡ଼ାଏ ପଇସା ବ ନୁହେ । ବାପା ତାଙ୍କ ମଝିଆଁ ଝିଅ ତାର ନାମା ମଙ୍ଗଳକୃତ୍ୟକୁ ସାହୁ ପାଖରୁ ଶତେ ଟଙ୍କା ଖତ୍ତ ତାଲପତ୍ର ଗୁନା ଲେଖି-ଦେଇ ଆଣିଥିଲେ । ତହିଁ ଆର ବରଷ ପଞ୍ଚାଶଟି ଟଙ୍କା ଯେନ୍ତ ସାହୁ ପାଖକୁ ଗଲେ, ମନରେ କରଥିଲେ, କଳନ୍ତର ଛଡ଼ାଇ ଦେଇ ମୂଳକୁ ବାକ ପଏଠ କର-ଦେବେ । ମହାଜନ ଟଙ୍କା ଦେଖି ଜଭ୍ଭ କାମୁଡ଼ ପକାଇ କହିଲା, 'ଏ—ଏ କଣ ଗଡେଇ କଳେଇ ? ଶୁଣିଲ, ତୁମେ ପର୍ ଧାନ ବକ ଏ ଟଙ୍କା ରଖିଛ ! ରମ—ରମ—ରମ ! ଏଟା କ କଥା ? କୁଟୁମ୍ବଦାଣ୍ଡଆ ଘର, ଧାନ ହେଉଛୁ ଜୀବନ, ଧାନ ହେଉଛୁ ଲକ୍ଷ୍ମୀ, ତାକୁ କଣ ବକନ୍ତ ? କେତେ ବା ଧାନ ପାଇଛ—ଉଠାଅ, ଉଠାଅ—ଟଙ୍କା ଉଠାଅ । ତୁମେ ମୋ କୁଳପୁଟ୍ରୋହ୍ମଣ, ସହଜରେ ଧର୍ମର କଳେଇ, ଟଙ୍କାଟା ତୁମ ପାଖରେ ଥିଲେ ସେ, ମୋ ପାଖରେ ଥିଲେ ସେ । ଯାଅ ଯାଅ, ଏହ୍ନ ଟଙ୍କାରେ ଧାନ କଣିପକାଅ । ନାହିଁ ନାହିଁ, ଗାଁରେ ଦଶ ଯଜମାନ ଘରେ ବ ହାନହଣା ପଡ଼ଗଲ୍ଲ ତ ଏକାଦନକରେ ଟଙ୍କା ପେଠ ।' ବାପା ତ ଥିଲେ ମରହଟିଆ ସାଦାସିଧା ଲୋକ, ସାହୁର ମିଠା କଥାରେ ଏକାବେଳକେ ତରଳ ଗଲେ । ବାପା କ୍ୟା, ତୁମେ ଯାଅ ନା, ଶୁଣିବ, କେଡ଼େ ମିଠା କଥା କେତେ ନର୍ମାତ୍ମା କଥା —ମନରେ କରବ ଏହାପର ସରଲ, ପରୋପକାଷ୍ଟ, ଧାର୍ମିକ ଲୋକ ଜଗତରେ ନାହିଁ । ଏଇ ଯେ ତୁମ ଆଗରେ ବସିଛନ୍ତି ରମ ମହାଧାନ୍ତେ, ସଦାଶିବ ମିଶ୍ରେ, ବଶ୍ୱନାଥ ଶତପଥୀ ଏ, ଶ୍ୟାମ ପାଢ଼ୀ ଏ, ସମସ୍ତଙ୍କର ଠିକ୍ ଏହ୍ନପର ହାଲ । ଝିଅ ପୁଅ ବଘ୍ଗକୁ ଟଙ୍କା ଆଣିଥିଲେ, ସମସ୍ତଙ୍କର ଭରଣ ଭରଣ ମାଣ ଶାସନ ଘାଗ ଜମି ଆମ ଜମି ସହ୍ନତ ଏକା ତାରଖରେ କଟକ ଜଜ କୋର୍ଟରେ ନଲମ ହୋଇ ଯାଇଛୁ, ଗୋରୁ ଖୋଜରେ ଖୋଜ ବ ଜମି କାହାର ନାହିଁ । ଆଡୁର ବ ଛ ଜଣ ମହାଜନଠାରୁ କରଜା ଖାଇଥିଲେ, ମୂଳକଳନ୍ତରରେ ବୁଡ଼ ରହ୍ନଲେଣି । ସେମାନଙ୍କର ବ ଆଉ ବର୍ଷ ଛ ମାସ ବାଦେ ଜମିବାଡ଼ ଗଲ୍ଲ ପର୍ । ତୁଚ୍ଛା ଏହ୍ନ ଶାସନରେ ? ଏ ଅଞ୍ଚଳ ଦଶଖଣ୍ଡ ଗାଁରେ ଯାହାର ଭଲ ଜମି ଖଣ୍ଡେ ଦେଖିଲ୍ଲ ତ, ଶୁଙ୍ଗି ଶୁଙ୍ଗି ବୁଲୁଥିବ । କାହାର ଦରକାର ପଡ଼ଲେ ସୁଦ ଅଧରେ ଟଙ୍କା ଗଣି ଦେବ । ଥରେ ଯଦ ଟଙ୍କା ତା ଘରୁ ଉଠାଇଲ ତ, ଭଜପୁରୁଷରେ କଣ ଶୁଝୁଛୁ ? କଳନ୍ତର,

କଳନ୍ତରର କଳନ୍ତର, ଚଢ଼ିଁର କଳନ୍ତର ଲଟ୍ଟ ଲଗି ରହିଛୁ । କରଣଗୁଡ଼ାକ ବ ସେହ୍ନପରି ମିଳ ଯାଇଛନ୍ତି । କବ ଟାଞ୍ଚଟଙ୍କା ଚେପି କଲ୍ଲ ତ, ପାଞ୍ଜିରେ ବସିଲ୍ଲ ଦେଢ଼ ଟଙ୍କା । ହଁ, କଣ କଡୁଥିଲ, ବାପା ତ ତା କଥାରେ ଭୁଲ ଟଙ୍କା ବାଢ଼ୁଡ଼ାଇ ଆଣି ପୁଣି ଧାନ କଣି ଥୋଇଲେ । ଚଢ଼ିଁ ଆର ବରଷ କଡରୁ ପାଣି ଦେଲ୍ଲ ଛନ୍ତ୍ରୋଟ, ଧାନ ଭଲ ଫଳଲ୍ଲ ନାହିଁ । ସେହ୍ନ ସମୟରେ ପୁଣି ଭୁମ ସର ମାଉସୀର ବଚ୍ଚା ସମୟ ଉପସ୍ଥିତ । ୯ ବର୍ଷ ପୂରି ଯାଉଛୁ,'ଦଶବର୍ଷା ଭୁ କନ୍ୟକା,' ବଚ୍ଚା ନ ଦେଲେ କନ୍ୟାଦାନ ଫଳ ନାହିଁ । ବାପା ଯାଇ ସାହୁ ଦୁଆରେ ହାଜର । ସାହୁ ତ ଘାଲେଇ ପଡ଼ ବେଳ ଉଣ୍ଡୁଥିଲ୍ଲ, ଦାଉ ଚଢ଼ଗଲ୍ଲ । ସାହୁ କଅଁଳେଇ କଅଁଳେଇ ମୁରକ ମୁରକ ହସି କହିଲ୍ଲ, 'ହେଉ ହେଉ, କକେଇ, ଦେନ ଯାଅ—ଏ ଘର ଟଙ୍କା ସେ ଘରକୁ ଯିବ, କଆ କଣ ? ଆହେ ଗ୍ରାମ୍ଭକରଣେ, ଅଇଲ୍ଲ, କକେଇ କଚ୍ଛୁ ଟଙ୍କା ଧାର ନେବେ । ଆଗ ଟଙ୍କାଟାର ମୂଳ କଳନ୍ତର ହିସାବ କଲ ।' ଗ୍ରାମ୍ଭକରଣ ବଦେଇ ମହାନ୍ତଏ ହିସାବ କର କହିଲେ, 'ଆଗ ଟଙ୍କା ମୂଳ କଳନ୍ତର ମିଶି ଦେଲ୍ଲ ଅଢ଼େଇଶ, ଦାଲକୁ ଶଏ ନେଲେ ଦେବ ସାଢ଼େ ଛନଶ ଟଙ୍କା ।' ଟଙ୍କା ଶୁଣି ବାପା ଚମକ ଚଢ଼ିଲେ । ସାହୁ ବାପାଙ୍କ ମନ କଥା ବୁଝି ପାର କହିଲ୍ଲ, 'ହେଉ—ହେଉ, କକେଇ ଚିନ୍ତା କଣ ? ଦେବା ନେବା ବେଳ ତ ଅଛୁ । ଆପଣ ମୋ କୁଳ-ପୁରୋହିତ, ଦେବାବେଳେ ଦ'ଣ ଶତ୍ରୁ ଘୁଡ଼ି ନେଇ-ଚଲେ ମୋର କଣ ସରିଯିବ ?' ବଚ୍ଚାଲଗୁ ଆଉ ଆଠ ଦିନ, ଟଙ୍କା ନ ଦେଲେ ନୁହେ । ବାପା ସାହୁ କଥାରେ 'ହଁ' ଭଣିଲେ, କହିଲେ, 'ହେଉ, ଗୁଜା ଲେଖାଯାଉ ।' ସାହୁ ଦନ୍ତେପାଏ ଗୁମ୍ ମାର ବସି କହିଲ୍ଲ, 'ବୁଝିଲେ କକେଇ, ଏଇଟା ହେଲ୍ଲ କଳକାଳ, ଏ ଗୁମାସ୍ତା କରଣଗୁଡ଼ାଙ୍କୁ ପରତେ ନାହିଁ । ଗୁଜା କେତେବେଳେ କଣ କର ପକାଇବେ, ମୋତେ ପଛନ୍ତେ ଆପଣ ଦୋଷ ଦେଉଥିବେ । ଟଙ୍କାଟା ଗୋଟାଏ ହିସ କର ରେଜେଷ୍ଟ୍ରସ୍ତ କର ପକାଇଲେ ଭଲ ହେବ; କାହାର ଜଁ ଚୁଁ କରବାର ବାଟ ନ ଥିବ । ଏଥିରେ କେତେ ବା ଖରଚ ? ଖରଚଟା କଣ ଆପଣ ଉଚ୍ଚୁଣିକା ଘରୁ ଆଣି ଦେଉଛନ୍ତି ?" ହିସ ଲେଖାପଢ଼ା ରେଜଷ୍ଟ୍ରସ୍ତ ହୋଇଗଲ୍ଲ । ଯାହା ଦେବାର ତ ଦେଲ୍ଲ, ଟଙ୍କା ବଅ । ଟଙ୍କା ଗଣି ଦେବାକୁ କଣ ନା ହଟ୍ଟଗ୍ୟ । 'କ ହୋ ଟଙ୍କା ଉଣା କିଂୟା ?' ଗୁମାସ୍ତା ବୁଝାଇଦେଲ୍ଲ, 'ସିଦ୍ଧକ ପୂଜା ଶତକର ଯୋଡ଼ାଏ ଟଙ୍କା, ଗୁମାସ୍ତା ଖର୍ଚ୍ଚ ଦୁଇ ଟଙ୍କା, ଲକ୍ଷ୍ମୀନାରାୟଣ ବାଲଭୋଗ ଦୁଇ ଟଙ୍କା, ରେଜେଷ୍ଟ୍ରସ୍ତ ଖର୍ଚ୍ଚ, ଗୁମାସ୍ତା କଟକ ଖୋରାକ ସବୁ ସବୁ ରକମ ମିଶାଇ ସାଢ଼େ ଛ ଟଙ୍କା । ଗାଏ ସବୁ ପଦକୁ ବାରଟଙ୍କା ଆଠଅଣା । ପ୍ରତ୍ୟେହ୍ନତେ, ଆପଣ ତ ଜଣେ ପଣ୍ଡିତ, ଏତକ ବୁଝି ପରୁ ନାହାନ୍ତି ? ଆପଣ ତ ପ୍ରେଜନା କେତେ କାରବାର ଦେଖୁଛନ୍ତି, ଆପଣଙ୍କ ପାଖରୁ କଣ ଟଙ୍କାଏ ମଖାଏ ହଉ ଦୁଡ଼ିକର ନେଲେ ସାନ୍ତଙ୍କ ଗନ୍ତାଘର ପୂରିଯିବ ?' ଭମସୁକ ରେଜେଷ୍ଟ୍ରସ୍ତ ପାଖରୁ ଗୁରବର୍ଷ କାଳ ସେଥିର କଚ୍ଛୁ ନାମ ଚର୍ଚ୍ଚା ନାହିଁ । ବାପା ତା ଦୁଆରକୁ ଗଲେ ଉକ୍ତ କଣ ଦେଖିବ ! 'କକେଇ ! ଆଟଣ ଅଇଲେ, ଓଳଗି—ଓଳଗି, ଆରେ ପିଢ଼ାଟା ଦେ ରେ, ଆରେ ପାଉଧୂଆ ଜଳ ଦେ ରେ' ଡାକ ପଡ଼ିବ । ଗଲ୍ଲ ଭେରସ୍ତା ବାପାଙ୍କର ଯେମିତି ସଯୋଗ ହୋଇ ଯାଇଛୁ, ମହାଜନକୁ ତ ପଡ଼ଗଲ୍ଲ ପୋ'ବାର । ମୂଳ କଳନ୍ତର ଭଡ଼ି ଦେଇ ବାରଣ କେତେ ଟଙ୍କା କେତେ ଅଣାରେ କଟକ ଅଦା-ଲତରେ ନାଲିସ୍ ଦାଏର କରଦେଲ୍ଲ । ମୁଁ ଯାଇ ମହାଜନ ପାଖରେ ପଡ଼ିଲ । କହିଲ୍ଲ, 'ଆରେ ଘୁଇ ହବୁ ଗୁମାସ୍ତା-ମାନେ ମୋ ଅଜାଣନ୍ତରେ ନାଲିସ୍ କର ଦେଇଛନ୍ତି । ଯା ଯା, ତୁ ହାକିମ ପାଖରେ ଟଙ୍କାଟା ମାନ ଆ, ପଛରେ ବୁଝାସୁଝା ହେବ ।' ମୋ ମନଟା ଛଟକଉଥାଏ । କଟକ ଯିବାକୁ ମନ ବଳୁ ନ ଥିଲ୍ଲ, ଡରରେ ଯାଇ ତା ଓକାଲ କହିବା ପ୍ରମାଣେ ହାକିମ ପାଖରେ ଜବାବ ଦେଇ ଆସିଲ । ଏହ୍ନଟା ହେଲ୍ଲ ଗଲ୍ଲ ବରଷ କଥା । ମୁଁ

ଆଜ୍ଞ କଛୁ ଜାଣେ ନାହିଁ । କେତେବେଳେ ଡଗ୍ରି ହେଲ୍ଲ, କେତେ ଟଙ୍କା ଡଗ୍ରି ହେଲ୍ଲ, ଆଉ କଣ ହେଲ୍ଲ ମୋତେ କଛୁ ଜଣା ନାହିଁ । ଶୁଣିଲ, ଗଲ୍ଲ ମକର ମାସ ସାତ ଦିନରେ ମୋର ଗୃହ ପାଞ୍ଚ ହଜାର ଟଙ୍କାର ସମ୍ପତ୍ତି ସାତଶହ ଟଙ୍କାରେ ନଲ୍ଲମ ହୋଇଗଲ୍ଲ । ମହାଜନ ଆପେ ନଲ୍ଲମ ଧରିଛୁ । ତା ଗୁମାସ୍ତା କହେ, ମୋ ଉପରେ ଆଉରି ଛ ଶହ ଟଙ୍କା ପାଉଣା । ଆମର ଶାସନ ପାଣିଗ୍ରାହ୍ମୀ ସ୍ୱର୍ଗ ପଗ୍ଭଶ ମାଣ, ତା ମଧ୍ୟରେ ଏହି ଯେ ଦକ୍ଷିଣ ଦିଗରେ କଆ ବଣଟା ଦେଖୁଛ, ସେହିଟା ଏକଚକଆ ପନ୍ଦରମାଣ ନାଳ ଜମି—ସୁନ୍ଦର କଳନ୍ଦ । ମୁଁ ବୁଝୁଛୁ, ଏ ଜମିଟା ଉପରେ ତାର ଦଶ ପନ୍ଦର ବରଷ ହେଲ୍ଲ ନଜର ପଡ଼ିଲ୍ଲଣି । ଯେବେ ଏ ଗାଁକୁ ଆସେ, ସେ ଜମିଟା ପାଖକୁ ଯାଇ ଘୁରପାଖ ବୁଲ ବୁଲ ଦେଖେ—'କେତେ ଧାନ ଫଳେ, କ ଧାନ ଦଅ', ଦଶ ଥର କର ପଗ୍ଭରିବ । ମୋ ମନ ହେଲେ ଛୁକଉଥାଏ । ଉତ୍ତର କରେଁ—କହ, ଭଲରେ ଭଲ କହ, ଏ ଜମିଟା କଥା ଭୁତାଇ ଭୁତାଇ ପଗ୍ଭରୁଛୁ କିଂୟା ? ଆଉ ପାଞ୍ଚ ଜଣ ମହାଜନଙ୍କର ଠିକ୍ ଆମ ନାମଲ୍ଲ ପର ଡଗ୍ରି କର ଜମି-ବାଡ଼ି ସବୁ ନଲ୍ଲମ କର ନେଇଛୁ ।"

ଲକ୍ଷ୍ମଣ ମିଶ୍ରେ କହିଲେ, "ମୁଁ ଦେଖୁଛୁ, ଏଇଟା ସାଇଲକ୍ ।" ସ୍ୱଗତରେ ପଣ୍ଡିତ କହିଲେ, "ନା ନା, ସେଇଟା ଏ ସାଇ ଲୋକ ନୁହେଁ, ତା ଘର ମହାମପୁର —ଏ ଗାଁକୁ ଦେଢ଼ଜୋଶ ଦୂର ନଈକୂଳରେ ।" ଲକ୍ଷ୍ମଣ ମିଶ୍ରେ କହିଲେ, "ନାହିଁ ନାହିଁ, ମୁଁ ସେ କଥା କହୁନାହିଁ; ବଲ୍ଲତରେ ଗୋଟାଏ ଏହି ରକମ କଲନ୍ତରଣିଆ ଲୋକ ଥିଲ୍ଲ, ନା ନାମ ସାଇଲକ୍ ।" ତରେଇ ତଡ଼ାଡ଼ିଏ କହିଲେ, 'ସେ ଯାହାହେଉ, ଏବେ ଉପାସ୍ଥ କଣ ?" ଲକ୍ଷ୍ମଣ ମିଶ୍ରେ ମହାଜନମାନଙ୍କୁ ଅନାଇ ହାତ ଯୋଡ଼ ଭୂଇଁରେ ମୁଣ୍ଡ ଲଗାଇ କହିଲେ, "ଗୋସାଇଁ ମହାପ୍ରଭୁମାନେ ! ମୁଁ ପଲ୍ଲଟା, ମୋ ଅପଗ୍ଧ ହେନବେ ନାହିଁ; ଗୋଟାଏ କଥା କହିବି, ଏଥିରେ ସାଙ୍ଗର କଛୁ ଦୋଷ ନାହିଁ, ଆପଣମାନଙ୍କ ମୂର୍ଖପଣ । ଆପଣମାନଙ୍କ ପାପରୁ ସବୁ ସାର ଦରିଦ୍ର ହୋଇ ବସୁଛନ୍ତି ।" ବୁଢ଼ା ଅନନ୍ତ ପାଢ଼ିଏ ଟିକିଏ ଉଷ୍ମ ସ୍ୱରରେ କହିଲେ,"ହୋଇ ହେ ଲକ୍ଷ୍ମଣ ! ଆମ୍ଭମାନଙ୍କର ପାପ କଣ ? ମୂର୍ଖପଣ କଣ ଦେଖିଲ ?"

ଲକ୍ଷ୍ମଣ ମିଶ୍ରେ ପୁଣି ଦଣ୍ଡବତ୍ଟାଏ କର କହିଲେ, "ଅଜା ସାଆନ୍ତ ! ମୋ ଉପରେ ଖପା ହେଲେ ପଣ୍ଡ ? ଦେଖନ୍ତୁ, କେଉଁ ମହାତ୍ମା ଶାସନ ବସାଇ ଏତେ ନଷ୍ଟର ଜମି ଖଞ୍ଜି ଦେଇ କହିଥିଲେ, 'ଆପଣମାନେ ଶାସ୍ତ୍ର ଅଧ୍ୟୟନ ଅଧ୍ୟାପନା କରିବେ, ଦାତାକୁ ତିକାଳ ସନ୍ଧ୍ୟାରେ ଆଶୀର୍ବାଦ କରିବେ ।' ତାହା କରୁଛନ୍ତି କି ? ବୋଲନ୍ତୁ ଭଲ ଏଡ଼େ ବଡ଼ ଶାସନଟାରେ ଗୋଟାଏ ବୋଲ ଚୌପାଡ଼ି ନାହିଁ । ଭୁକ୍କା ନାସ ଶୁଙ୍କି ଗୁଙ୍ଗ ପିଇ ଚୌପଟ ଖେଳ ଦିନ କାଟିବେ ! ଦାତାକୁ ତିକାଳ ସନ୍ଧ୍ୟାରେ ଆଶୀର୍ବାଦ ଥାଉ, ଚରିଶ ବ୍ରାହ୍ମଣ କୁଳରେ ଜାତ ହୋଇ କେତେ ଜଣ ତିକାଳ ସନ୍ଧ୍ୟାରେ ଗାୟତ୍ରୀ ଜପ ସନ୍ଧ୍ୟାବନ୍ଦନାଦି ନିତ୍ୟକର୍ମ କରନ୍ତି ? ଏଇଟା କଣ ପାପ ନୁହେ ? ଆଉ ଗୋଟାଏ କଥା, କୁଆଡ଼ୁ ଶୁଣିବେ ସ୍ୱରନା ନାହିଁ, ଧାଇଁ ଯାଇ ମହାଜନ ଦୁଆରେ ଗୁଜା ଲେଖି ବସିବେ, ପୁଅ ଝିଅ ବଖ୍ତରକୁ ଆପଣା ବଡ଼ପଣ ଦେଖାଇବା ଲଗି ଅକାରଣ ଟଙ୍କା-ଗୁଡ଼ାଏ ପାରିବେ । ଆପଣା ଅବସ୍ଥାକୁ ଗୁହିଁ ଯେ ନ ଚଲେ,ସେ ମୂର୍ଖ ନୁହେ ତ ଅଉ କଣ ? ଏହି ଦେଖନ୍ତୁ, ଅଛ ଚରିଶ ଶାସନସ୍ୱଗ ଭୂମିରେ ବାର ଜାତ ଚେର ଗୋଲ୍ଲ ଅଧିକାଶ୍ଚ ହୋଇ ବସିଲେଣି । ଏହା ଆପଣମାନଙ୍କ ପାପ ଆଉ ମୂର୍ଖତାର ଫଳ ନୁହେଁ କ ? ଆପଣମାନେ ତ ଦୁଃଖ ଦୁର୍ଦ୍ଦଶାକୁ ଡ଼େଙ୍କି ଆଣିଛନ୍ତି, ଏଥିପାଇଁ ଲଗା ହେବ କଏ ?"

ମାଧ ପାଣିଏ କହିଲେ, "ଲକ୍ଷ୍ମଣ ଯାହା କହିଲେ ସତ, ଷୋଳପଣି ସତ । ହେଲେ ଏଣିକ ଯାହା

ଗୋଟାଏ ବୁଝିସୁଝି କରିପିବ, ବର୍ତ୍ତମାନ ଉଦ୍ଧାର ପାଇବାର ବାଟ କଣ ?''

ଲକ୍ଷ୍ମଣ ମିଶ୍ରେ—ଆପଣମାନେ କଣ ଉପାୟ ସ୍ଥିର କରିଛନ୍ତି ?

ଆନନ୍ଦ ମିଶ୍ରେ—ଆମ୍ଭେମାନେ କଏ, ମାଲ ମାମଲ କଏ ? କର୍ମ କର୍ମାଣି କଥା ବୋଲ, ଦଶ ଜଣ ବାହାର ପଡ଼ିବୁ ।

ଲକ୍ଷ୍ମଣ ମିଶ୍ରେ—ମାମୁ । ଜମି ନଲ୍ଲମ ବାଦେ ସାହୁ ପାଖକୁ ପାଇଥିଲେ, କଣ କହିଲ ?

ଦବାକର ଦିବେଦୀ—ଯାଇଥିଲ । ଦଶଥର ଗଲଣି, ଭେଟ ମିଳେ ନାହିଁ । ବାଧ୍‌କା ପଡ଼ୁଛୁ, କଥା ବୋଲ ପାରିବ ନାହିଁ, ବାହାନା କରି ଶୋଇ ପଡ଼େ—ନୋହିଲେ ବାଡ଼ ପଛ ବାଟେ ଆଉ ଗାଁକୁ ବାହାର ଯାଏ । ମୋ କଥା କଟା ଦେଖି ସାହୁଆଣୀ କମଳା ଆଉ ତାଙ୍କ ପୁଅ ବଦ୍ୟାଧର ଦୁହେଁଯାକ କାନ୍ଦ ପକାନ୍ତି । ମୋତେ ବହୁତ ବହୁତ ଆଶ୍ୱାସ ଦେଇ କହିଛନ୍ତି, ମୋ ଜମି ମୋତେ ବଦାଇ ଦେବେ । କେଜାଣି କପାଳରେ କଣ ଅଛୁ । ମା ପୁଏ ଦୁହେଁଯାକ ଏକା ଯେପରି ଦୟାଳୁ ସେହିପରି ଧାର୍ମିକ, କାହାର ଦୁଃଖ ଦେଖି ପାରନ୍ତି ନାହିଁ । କୁବେର ସାହୁଟା ଯେପରି ନଷ୍ଟୁର ସେହିପରି କୃପଣ—ହାତରୁ ପାଣି ଗଲବ ନାହିଁ । ହେଲେ ମା ପୁଅଙ୍କ ଆଗରେ କେହି ଓଠାସ ରହିପାରେ ନାହିଁ । ସାହୁଟା କରଜା ଟଙ୍କା ଲଗି କାହାର ଘର ଦ୍ୱାର ନଲ୍ଲମ କରିନେଲେ ଏମାନେ ଲୁଚ୍ଛଇ ତାକୁ ଟଙ୍କା ଧାନ ଦେଇ ତା କୁଟୁମ୍ବ ପୋଷନ୍ତି ।

ଲକ୍ଷ୍ମଣ ମିଶ୍ରେ—ଗୋଟାଏ ଆଶା ଅଛୁ ସତ, ହେଲେ ସେଥିକି ନର୍ଭର କରି ରହିବାଟା ନରପଦ କଥା ନୁହେଁ । ଆପଣାର ବି ଗୋଟାଏ ବାଟ କାଟି ଚଲିବା ଉଚିତ । ଉତ୍ତୁଣିକା ତାକୁ କେହି ଜମି ଦଖଲ ଦଅ ନାହିଁ । ମାମୁଁ ! ତୁମେ କହୁଛ, ପାଞ୍ଚହଜାର ଟଙ୍କାର ମାଲ ସାତଶ ଟଙ୍କାରେ ନଲ୍ଲମ କରି ନେଇଛୁ । ଏହି କଥା ଓଜର କରି ସାନ ନଲ୍ଲମ ପାଇଁ ହାକିମଙ୍କ ପାଖରେ ଦରଖାସ୍ତ କର । କିଛି ଖରଚପତ୍ର କଲେ ତୋର ଧନଯାଏ ମାମଲ ତାରଖ ଗଡ଼ିପିବ । ଏଣେ ତୁମେ ମା ପୁଅ ଦୁହିଙ୍କୁ ଧର ପଡ଼ିଥାଅ । ଆଜିକା କଥା କାଲିକ ଅନ୍ତର, ଏଥି ମଧ୍ୟରେ ଆଉ ଗୋଟାଏ କିଛି ବାଟ ଫିଟି ଯାଇପାରେ ।

ମିଶ୍ରଙ୍କ କଥା ଶୁଣି ସମସ୍ତ ମହାଜନ ଘର ଆନନ୍ଦରେ ଏକାବେଳକେ ପାଟିକର କହିଲେ, ''ଦୀର୍ଘଜୀବୀ ହୁଅ, ବଜରଜେଶ୍ୱରେ ଭବ । ନୋହିଲେ କଣ ଆଞ୍ଜୁଳାକୁ ଆଞ୍ଜୁଳା ଟଙ୍କା ଗଣି ହାକିମ ଘର ପାଠ ପଢ଼ିଛ ? ଦେଖ ତ, ଆମେ ଏତେଗୁଡ଼ାଏ ଲୋକ ଅନ୍ଧାରରେ ଅଣ୍ଡାଳ ହେଉଥିଲେ, କିଛି ବାଟ ଦଶୁ ନ ଥିଲା, ପିଲ୍ଲଟି କମିଲକା ଗୋଟାଏ ବାଟ କାଢ଼ି ପକାଇଲା ?

ବୁଢ଼ା ଦନେଇ ମହାପାତ୍ରେ ଟାଣରେ ଦୁଇ ଝିପ ନାସ ଶୁଙ୍ଘି ଦେଇ ଖନେଇ ଖନେଇ କହିଲେ, ''ବୁଝିବା ହେଲେଁ ମହାଜନ ଗୌସଇଁମାନେଁ,

ଅଁ ଧଁମଁ ବଉଁ ବଁଡ଼େଁ ବଁହୁଁଛଁ ।
ପିଁ ବାଁବେଁଲେଁ ଯାଏଁ ମୂଁଳଁ ସିଞ୍ଚୁଁଛଁ ।

ସମସ୍ତେ ତ ଜାଣୁଛ, ତାହାର ସବୁ ଧନଗୁଡ଼ାକ ଭଣ୍ଡଚଟା ମଣିଷରକ୍ତ । ମହାଳଆଟାରେ ଲକ୍ଷାବଧି ଟଙ୍କାର ମାଲକ ହୋଇ ବସିଲା । ଯିମିତି ଖୁମା ଟଙ୍କାରେ ମାଲକ ହୋଇଛୁ, ସେହିଦନୁ ତ ବଢ଼ି ଯାଉଛୁ, ଆଉ କଣ ! ଏହି ଯେ କୁବ୍ରାଦର ଦେଖୁଛ, ସେଇଟା ତା ନଜ ଘର ନୁହେଁ । ଖୁମସାହୁ ବୋଲ ଜଣକର ଘର । ଖୁମାଟା ବି ଥିଲା କୁବ୍ରାକୁ ବଳ ଭଣ୍ଡିଚଟା, ଯଷ୍ଟ ବୋଲ ସଉଛୁ । ପୁଅ ଝିଅ ଘରେ କିଛି ନ ଥିଲା,

ଗୋଟାଏ ପୋଷା ପୁଅ କରଥିଲ ଯେ, ସେଟା ମଦ ଖାଇ ଗଞ୍ଜେଇ ଖାଇ ମଲ । କୁବ୍ରା ତା ଜାଡ ପୁଅ ଲଟ୍ଟିକ କେହ୍ନ ନୁହଁ, ତା ଘରେ କାରବାରଆ ଥିଲ । ସ୍ତ୍ରୀମାକୁ ଖୁବ୍ ପଟେଇ ରଖିଥାଏ । ସ୍ତ୍ରୀମା ଯିମିଡ ଆଖି ବୁଜୁଛୁ, କୁବ୍ରା ଗୁକର ବାକର ସମସ୍ତଙ୍କୁ ଡାକ କର ଓକଲ ମୁକ୍ତାର ଧର ପୋଷ୍ୟପୁତ୍ର ବୋଲ ସରକାରରୁ ବାଡାଲ ଦୋଇ ଆସିଲ । ପାପୀଟାର ଧନ ପାଣି ପର ବଢ଼ି ଯାଉଛୁ, ଏବେ ଜାଣ ଠକ୍‌କର ଛୁଡ଼ ପଡ଼ବ । ଦେଶଯାକ ସନ୍ତାଇ ମାରଲଣି, ହଜାର ହଜାର ଲୋକଙ୍କ ଆତ୍ମା କାନ୍ଦୁଛୁ, ଯାହାର ସେ କଛୁ କର ନାହିଁ, ସେ ବ ଗାଳ ଦେଉଛୁ । ଏହ୍ନ ମୋ କଥା ବୁଝୁ ନା, ପୁଅ ବଜାକୁ ପଚାଶ ଟଙ୍କା କରଜ ଆଣିଥିଲ, ପନ୍ଦର ବରଷରେ ଚୁଚ୍ଚା କଲନ୍ତର ଅଢ଼େଇଶ ଟଙ୍କା ଶୁଝିଛୁ, ପାଞ୍ଚ ଥର ଟିପ ବଦଳାବଦଳ କର ଶେଷରେ ନାଲଶରେ ପାଞ୍ଚଶ ଟଙ୍କା ଡଗ୍ରୀ କର ମୋର ଛରଶ ଛରଶ ମାଣ ଜମି ନଲ୍ଲମ କର ନେଲ । ତେଛକ ଥିଲ କୁଟୁମ୍ବଙ୍କ ଭରସା । ତାଙ୍କ ମୁହଁରେ ପାଣି ଟୋପାଏ ଦେବାକୁ ଭରସା ନାହିଁ, ଧନ ଗୁଡ଼ ଆତ୍ମାପୁରୁଷ କାଉଳ ଦେଉଛୁ, ଆଖିରୁ ପାଣି ଶୁଖୁ ନାହିଁ । ଏହ୍ନ ପଞ୍ଚ ପରମେଶ୍ୱର ଶୁଣନ୍ତୁ, ମୁଁ ପଇତା ଛୁଇଁ କନ୍ଦୁଛୁ, ଆଟୁଁ ଛନ ପଶ, ଛନ ମାସ, ଛନ ବରଷ ମଧ୍ୟରେ ତାହାର ସବ୍‌ନାଶ ଦେବ । ଏହା ଯଦ ନ ହୁଏ, ମୁଁ ଅବ୍ରାହ୍ମଣ, ଏ ବ୍ରହ୍ମଗଣ୍ଠି ଛୁଡ଼ାଇ ପକାଇବ । ସେ ତ ଡେର ଦନ ଆଗରୁ ଯାଇଥାନ୍ତା, କେବଳ ମା ପୁଅଙ୍କ ଧର୍ମରୁ ବଞ୍ଚି ରହିଛୁ ।”

ଲକ୍ଷ୍ମଣ ମିଶ୍ରେ—ମାମୁ ! ସାହୁଆଣୀ ଆଉ ବଦ୍ୟାଧର ପାଖକୁ ଯିବା ଆସିବା କରୁଛନ୍ତ ତ ? ସେହ୍ନମାନଙ୍କୁ ଧର ପଡ଼ଥାନ୍ତୁ ।

ମାମୁଁ—ହଁ ବାପା ! ମୋର ଆଉ ଉପାପ୍ତ କଣ ? ଦନେ ଦି'ଦନ ବାଦେ ସେମାନଙ୍କ ପାଖକୁ ଯାଏଁ । ମୋର ତ ଗୋରୁ ବାଛୁଣ୍ଟା ଘରତଳ ଜମି ସୁଦ୍ଧା ନଲ୍ଲମ ହୋଇ ଯାଇଛୁ, ଆଉ ଉପାପ୍ତ କଛୁ ନାହିଁ । ସାହୁଆଣୀ ମୋ ଦୁଃଖ ଶୁଣି କାନ୍ଦ ପକାଏ । ସେହ୍ନ ତ କୋଡ଼ଏ ନଉଡ଼ ଧାନ ଆଉ ପାଞ୍ଚଟା ଟଙ୍କା ଦେବାରୁ ଆଜଯାଏ ଚଳୁଛୁ । କାଲ ଘଣ୍ଟରେ ବ ବଦ୍ୟାଧର ପାଖକୁ ଯାଇଥିଲ । ସେ ତ ମୋତେ ଟାଣ ଜବାବ ଦେଇ କହିଲ, 'ନନା ! କାନ୍ଦ ନା, ପେପର ଦେଉ ତୁମ ଜମି ତୁମକୁ ଦେବ । ମୁଁ ବାହାଘରରୁ ବାହୁଡ଼ ଆସିବାଯାଏ ସତାର କର । ତୁମେ ତ ଆମ କୁଳ-ପୁରୋହ୍ନତ, ସଙ୍ଗରେ ତ ଅବଶ୍ୟ ଯିବ । ଶୁଣିଛୁ ମୋ ଶ୍ୱଶୁରର ଦଶ ଲକ୍ଷ ଟଙ୍କାର ବଷପ୍ତ, ସେ ବ ତୁମକୁ ଅବଶ୍ୟ ଭଲରୂପେ ମେଲଣି ଦେବେ ।'

କୁବେର ସାହୁ କଡ଼େ, “ମୋର କରଜା କଲନ୍ତରକୁ ଲେଉଡ଼େ କଏ ? ମୋର ଗଡ଼ଜାତ ଥାଉ ।” ଗଡ଼ଜାତ ସୋନପୁରଠାରୁ ଦଶପଲ୍ଲା ଯାଏ ତାହାର ଦଶ ପନ୍ଦରଟା ଗୋଦାମ । ଫି ଗୋଦାମରେ ଜଣେ ଜଣେ କରଣ, ଜଣେ ଜଣେ କାରବାରଆ, ତାର ନଜର କୋଡ଼ଏ ସରକ ବାରଗୋଡ଼ଆ, ପନ୍ଦର ଗୋଡ଼ଆ କୁଶୁକ, ଚକ୍‌ଚକ୍ ନାଆ ଅଛୁ । ବର୍ଷାଦନେ ସେଥିରେ ସରକ ନେ ଆଣ କରେ । ନା ଗୁଡ଼ ଖଗ୍ଦନରେ ସରକ ନେ ଆଣ କରବା ସକାଶେ ପାଞ୍ଚ ପାଞ୍ଚ ବୋଡ଼ଆ ଯୋଡ଼ାଏ ଆର ବଳଦ ଅଛୁ ।

ବୌଦ ଏଲକା ହରହରପୁର ଗୋଟିଏ ବଡ଼ ମହାଜନୀ ଗାଁ—ଠିକ୍ ମହାନଦୀ କୂଳରେ । ଗ୍ରାମର ସମସ୍ତେ ପ୍ରାପ୍ୟ କାରବାରଆ ବେପାପ୍ତ । ପ୍ରଧାନ ମହାଜନଙ୍କ ନାମ ଯୁଧିପ୍ଟିର ସାହୁ । ନାମର ଉପଯୁକ୍ତ ମଧ୍ୟ ଗୁଣ । ଲୋକଟି ବଡ଼ ଧାର୍ମିକ, ସତ୍ୟବନ୍ତ । ପାଞ୍ଚ ସାତ ଲକ୍ଷ ଟଙ୍କାର ବଷପ୍ତ, ଘରେ ଠାକୁର ବାଡ଼, ସଦାବର୍ତ୍ତ । ସାହୁ ବୁଢ଼ା ହୋଇ ପଡ଼ଲଣି; ଆଉ ଏବେ ବେପାର ବଣିଜରେ ମନ ନାହିଁ । ସବୁବେଳେ ପୂଜା ପାଠ ହରନାମ ଭଜନରେ ଲଗିଥାଏ । ସାହୁ ଅପ୍ତବକ;

ଗୋଟିଏ ବୋଲ ଟିଅ, ନାମ ପଦ୍ମାବତୀ—ବପୁସ ପନ୍ଦର ଯାଇ ଷୋଳ ପଶିଛୁ । ପାଟକ ଜାତରେ ଏତେ ବଡ଼ ଅଇଆଡ଼ୀ କନ୍ୟା ଘରେ ରଖିବାକୁ ମନା । ସାହୁର ଇଚ୍ଛା ଗୋଟିଏ ଘର-ଜୁଆଁଇ ରଖିବ । ପାଞ୍ଚ ଖୋଜୁ ଖୋଜୁ ଦିନ ଗୁଲଗଲ୍, କନ୍ୟା ଘରେ ରହିଛି । କନ୍ୟାଟି ସମସ୍ତ ସମ୍ପତ୍ତିର ଉତ୍ତରାଧିକାରଣୀ । କୁବେରର ନଜର ପଡ଼ଲ, ଯୁଧିଷ୍ଠିର ଧନୀ କମିଚ ଘରେ ପଶେ । ସେ ଭଲକର ଜାଣେ ଯୁଧିଷ୍ଠିର ଘରଜୁଆଁଇ ରଖିବ, ଅନ୍ୟଆଡ଼େ କନ୍ୟାକୁ ବଜ୍ର ଦେବ ନାହିଁ । ତା ମନକଥା ମନରେ ଥାଏ ।

କୁବେର ବର୍ଷକୁ ଥରେ ସୋନପୁରଆଡ଼କୁ କୋଟି ଛନଙ୍ଗି କରବାକୁ ଯାଏ । ଦୁଇବର୍ଷ ଭିତରେ ଦୁଇ ଛନଥର କର ଯା ଆସ କରୁଛୁ । ସୋନପୁର ଯିବାବେଳେ ନାଆ ହରହରପୁର ଗାଁ ତଳବାଟରେ ଯାଏ । ଦେବାଚ୍ ସେଚ୍ଚ ଗାଁ ପାଖରେ ସଞ୍ଜ ହୋଇ ପଡ଼େ । କୁବେର ଗାଁ ପାଖ ନଦୀର ଆର କୂଳରେ ନାଆ ଖଟାଇ ରେଷ୍ଟେଇ ବାସ କରେ । କୁବେର ଘରେ କେବେ ସନ୍ଧ୍ୟା କ ହରନାମ କରବାର କେହି ଦେଖି ନାହିଁ । ଗୋଟାଏ ବଡ଼ କୋଥଳ ସଙ୍ଗରେ ଘେନ ଯାଇଥାଏ, ନଦୀକୂଳରେ ମେଲାଇ ଦେଇ ରାତ ଛ ଦଉଯାଏ ଆଗି ବୁକ ବସି ଜପ କରେ । ଭେଣ୍ଡକ-ବେଳେ ଗୃହଆଡ଼କୁ ଅନାଇ ଭୁନ ଭୁନ କାରବାରଆଙ୍କ ସଙ୍ଗରେ ମାଲ କଣାବିକା କଥା ଚଳେ । ହରହରପୁରକୁ ଶୁଭ୍ଲି, ଏଥିପାଇଁ କୁବେର ବେଳେ ବେଳେ ଘଣ୍ଟା ବଜାଉ ଥାଏ ।

ଯୁଧିଷ୍ଠିର ସାହୁ କୁବେର ସାହୁର ନାମ ଶୁଣିଥିଲେ, ଦେଖା ସାକ୍ଷାତ୍ ନ ଥିଲ । କୁବେର ସାହୁ ନଦୀ କୂଳରେ ଅଛନ୍ତି ଶୁଣି ଯୁଧିଷ୍ଠିର ଡଙ୍ଗା ଖଣ୍ଡିକରେ ବସି ନଦୀ ପାର ହୋଇ ଗଲେ । କୁବେର ଖବର ନେଉଥାଏ, ଯୁଧିଷ୍ଠିରଙ୍କ ପହଞ୍ଚିବାବେଳକୁ କୁବେର ସାହୁଏ ଧ୍ୟାନରେ ବସିଛନ୍ତି । ଘଣ୍ଟାଏ ଦି'ଘଣ୍ଟା ବତଗଲ୍, ଧ୍ୟାନ ଭଙ୍ଗନାହିଁ । ଧ୍ୟାନ ଦେଖି ଯୁଧିଷ୍ଠିର ଚ ଚରଳ ଗଲେଣି । ଧ୍ୟାନ ଭଙ୍ଗିଲ୍ । କୁବେର ସାହୁ ପିମିଚ ଖବର ପାଇଛି, ଧାଇଁ ଯାଇ ଯୁଧିଷ୍ଠିରଙ୍କ ଗୋଡ଼ତଳେ ପଡ଼ବାକୁ ଯାଉଥିଲ, ଯୁଧିଷ୍ଠିର କହିଲେ, "ହଁ ହଁ ! ଏ କଣ କରୁଛନ୍ତି—ଏ କଣ କରୁଛନ୍ତି ? ଆପଣ ଧର୍ମପତ୍ନୀଙ୍କ, ମୁଁ ପାପୀ, ମୋ ଗୋଡ଼ତଳେ ପଡ଼ବେ ?" କୁବେର କହିଲେ, "ଏ କଣ ? ଆପଣ ସ୍ୱଜାତର ମଉଡ଼ମଣି । ଘଣ୍ଟାଏ ହେଲ ବସିଲେଣି, ମୋର ଅପରାଧ କ୍ଷମା କରନ୍ତୁ ।" ଯୁଧିଷ୍ଠିର କହିଲେ, "ନାହିଁ, ମୁଁ ଆପଣଙ୍କର ଧ୍ୟାନଭଙ୍ଗ କରାଇଲ ପରା ? ମୋତେ କ୍ଷମା କରନ୍ତୁ ।" ଦୁଇଜଣ କୁଣ୍ଢିଆକୁଣ୍ଢେଇ ହୋଇ ଏ କହୁଛୁ ମୋତେ କ୍ଷମା କରନ୍ତୁ, ସେ କହୁଛୁ ମୋତେ କ୍ଷମା କରନ୍ତୁ । ଦୁଇଜଣ ସାଷ୍ଟମ ହୋଇ ଖଣ୍ଡିଏ କମ୍ବଳରେ ବସିଲେ । ଯୁଧିଷ୍ଠିର ପ୍ରସ୍ତାବ କଲେ, "ଆଜ୍ଞା, ଆପଣ ହେଲେ ଆମ ଜାତର ମଉଡ଼ମଣି । ମୋ କୁଡ଼ଆ ପାଖରେ ପଦାରେ ମାଡ ବଢ଼ାଇବେ, ମୋର ଯେ ମହାପାପ ହେବ । ଉଠି ଆଜ୍ଞା ହେଉ—ଭଜେ କରନ୍ତୁ—ମୋ କୁଡ଼ଆରେ ପାଦଧୂଳ ଦେଉନ୍ତୁ । ମୋ କୁଡ଼ଆଖଣ୍ଡ ପବନ ହେଉ ।"

ଦୁଇ ସାହୁ ଯାଇ ଠାକୁର ମେଲାରେ ବସିଲେ । ଠାକୁର ଆଗରେ ଆସନରେ ବସିବାକୁ ମନା, ଦୁହେଁ ଯାକ ଭୂଇଁରେ ବସିଲେ । ରାତ ଅଧଯାଏଁ ଦୁଇ ସାହୁଙ୍କ ମଧ୍ୟରେ କଥାଭାଷା ଚଳଲ । ଏ କଥା, ସେ କଥା, ବେପାର ବଣିଜ କଥା ହେଉଁ ହେଉଁ ବଜ୍ର ପ୍ରସଙ୍ଗ ପଡ଼ଗଲ । କୁବେର କହିଲେ, "ମୁଁ ବାପାଙ୍କ ମୁହଁରୁ ଢେରଥର ଶୁଣିଛି, ଆଗେ ଗଡ଼ଜାତ ମୋଗଲ-ବନ୍ଦ ମଧ୍ୟରେ ବ ନେଣ ଦେଣ ଚଳୁଥିଲ । ଦୁଇ କ ଛନ ବୋଡ଼ ସରକ ଗଡ଼ଜାତ କନ୍ୟା ମୋଗଲବନ୍ଦରେ ଥିଲେ, ମୋଗଲବନ୍ଦ କନ୍ୟା ବ ଗଡ଼ଜାତରେ ଥିଲେ । ନହାନ୍ତ ଦୂରଦୂଗନ୍ତ ବୋଲ ଉଣା ଅଧକ ପଗ୍ଶ ବର୍ଷ ହେଲ ବନ୍ଦ, ନେଣଦେଣ ବନ୍ଦ ।" କଥା ଚଳୁ ଚଳୁ

ପଦ୍ମାବତୀ ସଙ୍ଗରେ ବଦ୍ୟାଧରର ବଞ୍ଚା ପ୍ରସଙ୍ଗ ସ୍ଥିର ହୋଇଗଲା । କୁବେର କହିଲା, "ଆଜ୍ଞା, ମୁଁ ମୋଗଲବନ୍ଦ କାମ ଚଳାଇବି, ବଦ୍ୟାଧର ବର୍ଷପାକ ଏଠାରେ ରହି କାମ ଚଳାଇବ । ବଦେଇ ତ ଆପଣଙ୍କ ପୁଅ ହେଲା । ପିଲାଟିକ, ଜାତ ବେବସା ବୁଝି ନାହିଁ । ଆପଣଙ୍କ ଚରଣ ଧୂଳ ତା ମୁଣ୍ଡରେ ଲଗିଲେ ସବୁ ଶିଖିପିବ ଯେ ।" ବଞ୍ଚା ବିଷୟରେ ଆଉ କିଛି ସନ୍ଦେହ ନାହିଁ । ଏକାବେଳକେ ଦିନ ଠିକ୍ ହୋଇଗଲା, ଆସନ୍ତା ମକର ଶୁକ୍ଳ ସପ୍ତମୀ । ବଡ଼ ଘର କଥା ବଡ଼ ବାଜେ, ଦିନକ ମଧ୍ୟରେ କଲ୍ଲାର ଅଧାଅଧି ଲୋକ ଜାଣିଗଲେ, କୁବେର ସାହୁ ପୁଅ ବଦ୍ୟାଧର ସଙ୍ଗରେ ଯୁଧିଷ୍ଠିର ସାହୁ ଝିଅ ପଦ୍ମାବତୀର ବଞ୍ଚା ।

ବଞ୍ଚା ପ୍ରସଙ୍ଗ ଛୁଡ଼ିବା ବାସି ଦିନ ସନ୍ଧ୍ୟାବେଳେ ଦୁଇ ସମ୍ବନ୍ଧୀ ଦେବତାଙ୍କ ନାଟମନ୍ଦିରରେ ବସିଛନ୍ତି । କୁବେର ସାହୁ ଏ କଥା ସେ କଥା ଉତ୍ତରେ କହିଲେ, "ସମୁଧିଏ ! ସୋନପୁରରେ ମୋର ଡେରି କାମ ଥିଲା, ଦେଖୁଛୁ ମୋର ଯିବାର ହେଉ ନାହିଁ । ଏଇ ବୁଝନ୍ତୁ, ମକର ମାସ ତ ମକର ମାସ, ଟୁଡ଼ି ଦେଉନ୍ତୁ, କକଡ଼ାଟି ଚଳୁଛୁ, ଏଇଟା ବି ଧରୋଟି ଭିତରେ ନୁହେଁ । ବାକି ରହିଲା ସିଂହ କିଡରୁ ଧନୁଯାଏ ମଝିରେ ପାଞ୍ଚଟା ମାସ । ଏହି ମଧ୍ୟରେ ସବୁ ଆପ୍ତୋଜନ, ଠିକ୍ ଠିକଣା କରିବାକୁ ହେବ । ତା ପୁଣି ନାଆ ଉଠାଣି ମାମଲା, ବାଟରେ ଉଣା ପୂରା ମାସେ କାଳ ଟୁଡ଼ି ଦେଉନ୍ତୁ । ମାସ ଘରଟା ରହିଲା ହାତରେ । ମୁଁ କହୁଛୁ, କାଲି ପକାଳେ ଗୁଣିଯାଏଁ । ଆଜ୍ଞା ! କଣ ଆଜ୍ଞା ହେଉଛୁ ?" ଯୁଧିଷ୍ଠିର ସାହୁଏ ଦଣ୍ଡେ ଆଖିବୁଜ ବସି କହିଲେ, "ଆଉ ଯୋଡ଼ାଏ ଦିନ ରହିଗଲେ ଭଲ ଦୁଅନ୍ତା ପରା । ହେଉ, ଅପଣ ଯେପରି ଭଲ ବୁଝନ୍ତି, କରନ୍ତୁ ।"

ମଜାମପୁରରେ ଚହଳ ପଡ଼ି ଯାଇଛୁ, ସାହୁଙ୍କର ପୁଅ ବଦ୍ୟାଧରର ବଞ୍ଚା । ହେଲେ, ଗୋଟାଏ ଶ୍ରେଣୀ ଲୋକଙ୍କ ଘରେ ରଡ଼ି ପଡ଼ୁଛୁ । କୋଡ଼ଏ ଖଣ୍ଡ ଚାଁରେ ସାହୁର ଦୁଇ ଛନ ଶ ଭଲ ଖାଉଛନ୍ତି । ଧାନ ବୋଲି, ଟଙ୍କା ବୋଲି, ତା ଘରୁ ନ ଖାଇଛୁ କଏ ? ସାହୁ ସମସ୍ତଙ୍କୁ ଧର ବସିଛୁ, ପୁଅର ବଞ୍ଚା, ନ ଦେଲେ ନୁହେଁ । ନୋହିଲେ ମୂଳଟା ଥାଉ, କଳନ୍ତରଟା ଛୁଡ଼ାଇ ଦିଅ । ପଇସାଏ ବି କଳନ୍ତର ରଖିବ ନାହିଁ । ଅଳ୍ପ ସ୍ୱେଦୁଅ ମାସ, ଲୋକଙ୍କ ଘରେ ଟଙ୍କା ତ ଟଙ୍କା, ପୀତାନଳତା ମଞ୍ଜି ନାହିଁ ଯେ ଦେବେ । ଜଣ ଜଣଙ୍କ ଘରେ ଯୋଡ଼ା ଯୋଡ଼ା ପିଆଦା । ସମସ୍ତେ ସାହୁ ଦୁଆରେ ଓପାସ ସ୍ୱେକରେ ପଡ଼ ଡକା ଛାଡ଼ୁଛନ୍ତି, ଶୁଣୁଛୁ କଏ ? ଥୋକେ ଖାତକ ଦଶ ବାର ବରଷର ପୁରୁଣା କରଜାର ମୂଳ କଳନ୍ତର ହିସାବ କରି ତମସୁକ ରେଜଷ୍ଟ୍ରି କରାଇଦେଇ ଶହାଇ ପାଇଲେ । ତମସୁକରେ ବଲବାଡ଼ ଘର ଦୁଆର ସବୁ ବନ୍ଧା ରହିଲା । ସାହୁଆଣୀ ସବୁ ଶୁଣୁଥିଲେ । ଦୁଇଦିନ ହେଲା ଅନ୍ନ ଛାଡ଼ି ବସିଲେଣି । ଗୋଟିଏ ବୋଲ ପୁଅ, ତାଙ୍କ ଇଚ୍ଛା, ଶୁଭ କାର୍ଯ୍ୟଟା ମଙ୍ଗଳରେ ହେଉ । ନା, କିଛି ନୋଉଣୁ ଶହକୁ ଶହ ଲୋକ ରଡ଼ି ଛାଡ଼ୁଛନ୍ତି, ଧର୍ମ ଏତେ ସହ୍ଭବ କିଆ ? ବେକରେ ପଟକା ପକାଇ ସାହୁ ଗୋଡ଼ତଳେ ପଡ଼ିଗଲେ, ଡେରି କାକୁତି କଲେ, ଡେରି କାନ୍ଦିଲେ, ଫଳ ହେଲା କଣ ନା, ସ୍ୱାମୀ ପାଖରୁ କଟକଣାରେ ଗାଳ ଗୁଲଜ ଗୁଡ଼ାଏ । ମାଇପି ଲୋକ କଣ କରିବେ, ମାନ ଭୁନ ହେଲେ ନାହିଁ । କରଣମାନଙ୍କୁ ଡାକ ମାଆ ପୁଅ କଅଁଳରେ, କେତେକ ଡାକମି ବୋଲରେ ବୁଝାଇଦେଲେ, "ଖବରଦାର ! କାହାକୁ କଷ୍ଟ ଦେଇ ଟଙ୍କା ଅସୁଲ କର ନାହିଁ ।" ସାହୁ କରଣଙ୍କୁ ଗାଳ ଫଜତ କରୁଛୁ, କାହିଁକି ଟଙ୍କା ଅସୁଲ ହେଉ ନାହିଁ ? ହଁ ହିସାବ ହେଉଛୁ, ହଁ ଟିପା ଲେଖାଯାଉଛୁ—ଏମିତି କର ଦିନ କାଟିଲେ । ଯେଉଁ ଜାଗାରେ ସାହୁ ନଭାନ୍ତ ଜଗିବସେ, ସାହୁଆଣୀ ଭୁନ ଭୁନ ଟଙ୍କା ଗଣି ଦିଅନ୍ତି ।

ଏଣେ ବସ୍ତ୍ର ସରଞ୍ଜାମ କଣାକଣି ଧୂମ ଲଗିଛୁ । ବାଣବାଲ ଆଗଭୁତ୍ର ବଇନା ଧଇଲ୍ଲ, ଲୁଗା ମୋଟକୁ ମୋଟ କଚେରି ଘରେ ଜମା, ମଣଲ୍ଲମଣଲ କଣିବା ଲଗି ଯୋଡ଼ାଏ କରଣ କଟକ ଧାଇଁଲେ । ହେଲେ; ସାହୁକୁ ଏଟା ଭଲ ଲଗୁନାହିଁ । ଚାହାର ଇଚ୍ଛା, ପୁଅ ବସ୍ତ୍ର ବାହାନାରେ ଖାଡକଙ୍କ ପାଖରୁ ଟଙ୍କା ରୁଣ୍ଡାଇ ନେବ । ସାହୁଆଣୀ ବାପ ଜଣେ ଧନବନ୍ତ ଲୋକ ଥିଲ୍ଲ—ସେ ନବଂଶ, ଚାହାର ସବୁ ସମ୍ପତ୍ତି ସାହୁଆଣୀ ପାଇଛନ୍ତି । ସାହୁଆଣୀଙ୍କର ଇଚ୍ଛା, ନବଂଶିଆ ଧନ ଘରେ ରଖିବେ ନାହିଁ, ଦାନପୁଣ୍ୟରେ ଖରଚ କରିବେ । ଚାଙ୍କ ଦାନ ବଆନଆ ପୁଅ ବ ଜାଣେ ନାହିଁ । ସାହୁଆଣୀଙ୍କର ଇଚ୍ଛା, ପୁଅର ମଙ୍ଗଳକୃତ୍ୟ ଖୁବ୍ ଆଡମ୍ବରରେ ହେଉ, ସମସ୍ତେ ଖାଇ ପିଇ ଆନନ୍ଦ ଉତ୍ସବ କରନ୍ତୁ । ବାକ୍ସ ଏକାବେଳକେ ଉଦୁଆଁ । ସାହୁ ଏକଥା ସବୁ ଜାଣେ । ପୁଅ ବସ୍ତ୍ରକୁ ଚଇସାଏ ବ ଛୁଉଁନାହିଁ, ପୁଣି ବଳକା ଖରଚ ଦେଖି ଘର ବନ୍ଦ୍ୱାର ।

ପନ୍ଦର ଖଣ୍ଡ ସରକ ଚକଚକଆ ନାଆ, ଗୁଡ଼ାଏ କାଠୁଆ ସଜ ହେଲ୍ଲ । ପୁରୋହିତ ବ୍ରହ୍ମା, ଜ୍ୟୋତିଷ, କରଣ, ଟାଣୁଆ ଟାଣୁଆ କେତେ ଜଣ ଦେଶ ଲୋକ, ଭଣ୍ଡାଗ୍ସ, ଗଜଡ଼, ଷାଠିଏ ସତୁରୀ ଜଣ ସରକ ଲୋକ ବରଗହଣରେ ଯିବେ । ନଈରେ ଜହୁଣିକା ପାଣି ଛୁନ୍ ସ୍ପୋଟ – ହରଣି ଖୋଳବା କାଠୁଆ ଢଡା ଯନ୍ତ୍ର ଧର କୋଡ଼ିଏ ସରକ ମୂଲଆ ବ ସଙ୍ଗରେ ଯାଉଛନ୍ତି । ଉଠାଣି ଯିବାକୁ ଚବିଶ ପଚିଶ ଦନରୁ ଉଣା ଲଗିବ ନାହିଁ । ହେଲେ, ସାହୁଆଣୀ ଦେଢ଼ ମାସର ପ୍ରୋଗ୍ରାମ ସରଞ୍ଜାମ, ଜଳଖିଆ ସରଞ୍ଜାମ ଦେଲେ । ଖଞ୍ଜ ଅଖଞ୍ଜ ଅଛୁ, କେଜାଣି ବାଟରେ ମଠ ହୋଇଯିବ ।

ସାହୁଆଣୀ ଯେପର ଦାନଶୀଳା, ଦୟାବନ୍ତା—ସେହି-ପର ସବୁ କାମକୁ ଆଗ । କାଉ କା କଣ୍ଠରୁ ଅଧପାଚ ଯାଏ ଚରଖି ପର ଘୁରୁଥିବେ, ଟିକଏ ହେଲେ ହାଲଆ ହୋଇ ପଡ଼ିବାକୁ ନାହିଁ । ଘର ଖଦାରେ ଦୁଇ ଓଳ ଶହେ ଖଣ୍ଡ ଯାଏଁ ପନ ପଡ଼େ । ହାଡ଼ଆଣୀ, ପାଲୁଣୀ-ଗୁଡ଼ା ପାଛୁଆ ଗୋଟିଏ ଗୋଟିଏ ଧର ବାଡ଼ଦୁଆର ପଟରେ ବସିଥାନ୍ତି । ସାହୁଆଣୀ ସମସ୍ତଙ୍କ କଥା ବୁଝନ୍ତି । ସମସ୍ତଙ୍କୁ ଦେଇ ଥୋଇ ଆପେ ଖାଆନ୍ତି । ସାହୁଆଣୀ କଥା କେହି ବୁଝିବାକୁ ନାହିଁ; ମାଟ ପୁଅ ବଦ୍ୟାଧର, ମା ଖାଇଲ୍ଲ ନ ଖାଇଲ୍ଲ ବୁଝେ—ବାଧ୍କା ପଡ଼ିଲେ ପାଖଟର ବସି ଗୋଡ଼ ହାତରେ ହାତ ବୁଲଏ ।

ଆଜ ପୁଷ ୧୫ ଦନ; ବରଯାତ୍ରା ପାଇଁ ଠିକ୍ ହୋଇଛୁ । ନଈକୂଳରେ ଅଧକୋଶଯାଏଁ ନାଆ କାଠୁଆ ଧାଡ଼କ ଧାଡ଼ ଖଟା । ନାଉରିଆମାନେ ଆଡୁଲ୍ଲ, କାଛ, ନା-ଟଣା ଦଉଡ଼, ହରିଣିଖୋଳା ଢଡା ଯନ୍ତ୍ର ଧର ହାଜର । କୋଡ଼ଏ ଖଣ୍ଡ ସରକ ଗାଁରୁ ପିଲ୍‌ପିଲି ଧର ମାଇକନଆ ମରଦ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । କଛୁ ଦୂର ନଈବାଲଟରେ ଢୋ ଢୋ କର ଗଛବାଣ ଫୁଟିଲ୍ଲ । ସଙ୍ଗେ ସଙ୍ଗେ ଙ୍ଗେ ଦୁଲଦୁଲ ଉଛୁଳ ପଡ଼ିଲ୍ଲ । ସମସ୍ତେ ବଦ୍ୟାଧରକୁ ଦୁଖ ପାନ୍ତି, ମନ ମଧ୍ୟରେ ଚାହାର ମଙ୍ଗଳକାମନା କଲେ । ବରଯାତ୍ରା ଆଗରୁ ଘର ଅଗଣା ଭତରେ ପିଣ୍ଡି ଉପରେ ନାନ୍ଦୀମୁଖୀ ଶ୍ରାଦ୍ଧ ବଢ଼ିଲ୍ଲ । ବଦ୍ୟାଧର ବେପାରୁ ଉଠି ମା ପାଖରୁ ମେଲଣି ଦେବାକୁ ଯାଇ ଗୋଡ଼ତଳେ ପଡ଼ିଲ୍ଲ, ମା ପାଦରୁ ଧୂଳ ନେଇ ମୁଣ୍ଡରେ ଲଗାଇଲ୍ଲ । ମା ତୁଳସୀ ମୂଳରୁ ମାଟି ନେଇ ତା ମୁଣ୍ଡରେ ଚଢା କରଦେଲେ । ତେତକ-ବେଳେ ବଦ୍ୟାଧର ମା ମୁହଁକୁ ଅନାଇ ଦେଖିଲ୍ଲ, ମୁହଁଟି ସିଠୁଆ କଳା ପଡ଼ଯାଇଛୁ । ଆଖି ଡୋଳା ଯୋଡ଼ାଳ ଭତରକୁ ପଶିଗଲ୍ଲଣି । ବଦ୍ୟାଧର ଚମକ ପଡ଼ କହିଲ୍ଲ, "ଏ କଣ ମା ! ତୁ ଇମିତ୍ତକା ବଶୁଛୁ କ୍ୟା ? ଜର ହେଲ୍ଲଣି କ ? ମୁଁ ଶୁଣୁଛି, ଗୃହଦନ ହେଲ ତୁ ଗଁ ଗଁ କାଶୁଛୁ । ନା, ନା, ତୋତେ ଛାଡ଼ି ଯିବାକୁ ମୋ ମନ ବଳୁ ନାହିଁ ।"

ମା—ଏ କଣ ରେ ବାପ ! ଏ କ କଥା ? ଏତେବେଳେ କଣ ଏପରି କଥା କହନ୍ତି ? ବାଟରେ ତୋତେ ଗ୍ରାମଦେବତା ରକ୍ଷା କରିବେ, ଜଗନ୍ନାଥ ମହାପ୍ରଭୁ କଲ୍ୟାଣ କରିବେ । ମୋର କଛୁ ହୋଇନାହିଁ । ଏହି କେତେ ଦିନ ଜ୍ୱର ଭଡ଼ ପାଇଟିରେ ଲାଗିଥିଲା, ଖିଆ ପିଆ ଠିକ୍ ନ ଥିଲା । ଗ୍ରାମ-ଦେବତାଙ୍କୁ ଦଣ୍ଡବତ କର ଦହିମାଛ କର ଯା ।

"ମଙ୍ଗଳଂ ଭଗବାନ୍ ବିଷ୍ଣୁଃ"—

ମନ୍ତ୍ର ପଢ଼ି ପୁରୋହିତ ବରଅନୁକୂଳ କରାଇ ଦେଲେ ।

ଦରପୁରରେ ପହଞ୍ଚିବାକୁ ହାତଗଣତା ଠିକ୍ ପନ୍ଦର ଦିନ ଲାଗିଲା । ସଙ୍ଗରେ ଦଫେ ଗୋଟିପୋ ଗାଆଣିଆ ଥିଲେ । ଭଲ ଜାଗା ପାଇଲେ ଦିନେ ଦିନେ ସଞ୍ଜବେଳେ ନାଟ ଗାଆଣ ଦୁଏ । ନଦୀକୂଳ-ପାଖିଆ କୋଶକ ବାଟରୁ ଲୋକେ ଧାଇଁଆସି ଗାଆଣ ଶୁଣନ୍ତି ।

ଯୁଧିଷ୍ଠିର ସାହୁଙ୍କ ଘର କୋଶକ ଦୂରରୁ ସଞ୍ଜବେଳୁ ଦେଖିବାକୁ ଲାଗିଲା । କଟକା ଭୁଇଁଚମ୍ପା, ଚନ୍ଦ୍ରଉଦଆ, ଗଛ ବାଣ ସଙ୍ଗରେ ଯାଇଥିଲା । ଯୁଧିଷ୍ଠିର ସାହୁ ବି ଢେର ବାଜା, ବାଣ ଠିକ୍ କରିଥିଲେ । ଦଶ କୋଶ ବାଟରୁ ଲୋକେ ଚୂଡ଼ା ଗୁଡ଼ାଳ ବାନ୍ଧ ଦେଖିବାକୁ ଆସିଥିଲେ । ବାଦୁଡ଼ିବା ବେଳେ ବୋଲ୍‌ବୋଲ ହୋଇ ଗଲେ, ଗୋଟାଏ ରଜାପୁଅ ବାହାରେ ବି ଏତେ ଆଡମ୍ବର ହେବ ନାହିଁ ।

ବର୍ଷା ବଢ଼ିଲା, ଅଷ୍ଟମଙ୍ଗଳା ବି ହୋଇଗଲା । ଏବେ ବର କନ୍ୟା ବିଦା କଥା ! ହଁ ଆଜି, ହଁ କାଲି, ହଁ ଆସନ୍ତା ଶୁକ୍ରବାର—ରବିବାର ଏହିପରି କରୁଁ କରୁଁ ମାସେ କାଳ ବିତ ଗଲଣି । ଶେଷରେ ଦିନେ ଯୁଧିଷ୍ଠିର ସାହୁ କୁବେର ସାହୁଙ୍କୁ କହିଲେ, "ସମୁଧିଏ ! ନଈରେ ନାହିଁ ଜଳ—ଢେର ଜାଗା ଦରଣି ଖୋଳିବାକୁ ହେବ—ଢେର ବଳମ୍ବ ହେବ । ଏଣେ ଖସ୍ତ ପଡ଼ି ଆସିଲଣି । ତୁମ ଆମ କଥା ଯାହାହେଉ, ପିଲ୍ଲପୋଡ଼ାକ ଯାଉଛନ୍ତି, ଗୋଇଲା ପରିବାସ୍ତା ବି ଜଣ ସଙ୍ଗରେ ଥିବେ, ସେମାନଙ୍କର ବଡ଼ କଷ୍ଟ ହେବ । ମୁଁ କହୁଛି, ଗହଣ ଲୋକଙ୍କୁ ବିଦା କରି ଦେଉନ୍ତୁ, ପିଲ୍ଲିଟି ଆଉ ଆପଣ ଦୁଇଜଣ ରହନ୍ତୁ । ପହିଲୁ ଆଷାଢ଼, ଯିମିତି ନଈରେ ପିଠାପାଣି ପଡ଼ିବ, ନାଆ ମେଲ ଦେବେ । ଆପଣ କଣ ଏବେ ପରଲୋକ ଯେ ଜଗିଜାଗି କଥା କହିବ ? ଏହି ଦେଖନ୍ତୁ, ଚଞ୍ଚଳ ସବୁ ଆୟୋଜନ କରିବାକୁ ପଡ଼ିଲା, ପିଲ୍ଲମାନଙ୍କୁ ଚି ବିଖଣ୍ଡ ହେଣାଗାଣ୍ଠି ଦେବାକୁ ହେବ । ଦେଖୁଛନ୍ତି ତ ପୁଞ୍ଜାଏ ବଣିଆ ଦିନ ରାତି ପାଇଟିରେ ଲାଗିଛନ୍ତି । ଚଞ୍ଚଳର କାମ ନୁହେଁ—ଟିକେ ମଠ ନ ହେଲେ ସବୁ ଠିକ୍ ହୋଇ ପାରିବ ନାହିଁ । ଆଉ ଆଉ ପାଞ୍ଚ ଚଜ ତ ଦେବାକୁ ହେବ । ଆଠଖଣ୍ଡ ନାଆ ଗହଣରେ ଦେବ, ତଥାପି ସରି ନାହିଁ । ନଈକୂଳରେ ଯାଇ ଦେଖନ୍ତୁ, ଅଧାଅଧି ବି ହୋଇ-ନାହିଁ ।" କୁବେରସାହୁ ମନ ମଧ୍ୟରେ ଗୁଣିଲା, 'ଏହି ତ ଷୋଳଗୋଡ଼ିଆ ସାତଖଣ୍ଡ ନାଆ ତଥାପି ଲାଗିଛି, ଗହଣାଗାଣ୍ଠି ବି ତଥାପି ଲାଗିଛି, ପିଲ୍ଲଟା ଘରକୁ ଚଞ୍ଚଳ ଯାଇ କଣ କରିବ ? ପଇସାର ଫନ୍ଦି ଫିକିରରେ ମନ ନାହିଁ, ମା ପୁଏ ପୋଡ଼ାକଯାକ ପାଟିକୁ ଦିଅ, ତାଙ୍କୁ ଦିଅ, ଘରୁ ଚଜବସ୍ତ ବାଣ୍ଟରେ ଲାଗିଥିବେ । ଉଚ୍ଛୁଣିକା ଏତିକ ଲାଭ, ବୁଢ଼ା ଆଗି ବୁଜଲେ ସବୁ ମୋର । ନା ନା, ବୁଢ଼ାର ମନ ଭାଙ୍ଗିବା ଭଲ ନୁହେଁ ।' ଘର ପାଖରେ କୁବେର ସାହୁ ମୁହଁରୁ କେବେ କେହି ଠାକୁର ନାମ ଶୁଣିନାହିଁ, ସବୁବେଳେ କଳନ୍ତର ଲାଭ ହିସାବ । ଦରଦରପୁରକୁ ଆସିବାଦିନୁ ସବୁବେଳେ ମୁହଁରେ 'ଜଗନ୍ନାଥେ—ଜଗନ୍ନାଥେ – ଚଳାଚଳନାଥ' ଲାଗି ରହିଛି । କୁବେର ଆଗି ବୁଜ କହିଲା, "ଦେଉ ଦେଉ, ସମୁଧିଏ ! ଆପଣ ଯାହା ଆଜ୍ଞା କରିବେ, କିଏ ଅନାସ୍ଥା କରିବ ? ଆପଣ ତ ସବୁ ଜାଗାର ମାଲିକ ।" ଗହଣର ସବୁ ଲୋକଙ୍କୁ ବିଦା କରି ଦିଆଗଲା, କେବଳ ବାପେ ପୁଏ ଆଉ କେତେଟା ଘୁକର ରହିଲେ ।

Chhaya@Kotha

କୁବେର ସୋନପୁର, ବୌଦ ସବୁ କୋଠିର କରଣ କାରବାରିଆଙ୍କୁ ଲେଖି ଦେଲା, "ମଫସଲରେ କଛୁ ପାଉଣା ରଖିବ ନାହିଁ । ସବୁ ନାଆରେ ସଉଦା ବୋଝାଇ କର ପହିଲୁ ଆଷାଢ଼ରେ, ପିମ୍ପିଡ ନଈରେ ପିଠାପାଣି ଚଢ଼ିବ, ହରହରପୁର ଘାଟରେ ନାଆ ଧର ହାଜର ହୋଇପିବ ।" ଏଣେ ଘରଠାରେ ସାହୁଆଣୀ ବଛଣା ଧରଲେଣି । କବରଜ କହିଲା, "ଏଇଟା ରାଜଯକ୍ଷ୍ମା—ଶିବଙ୍କ ଅସାଧ୍ୟ । କରଣମାନଙ୍କୁ ଡାକ ସାହୁଆଣୀ ସାବଧାନ କରାଇଦେଲେ, "ଖବରଦାର ! ହରହରପୁରକୁ ମୋ ବେମାର କଥା ଲେଖିବ ନାହିଁ, ପୁଅ ଶୁଣିଲେ ଘାବରିପିବ ।"

ବଦ୍ୟାଧର ଶ୍ୱଶୁର ଘରେ ରାଜଯୋଗରେ ଅଛି । କନ୍ୟାଟି ଯେମନ୍ତ ସୁନ୍ଦରୀ, ଗୁଣବନ୍ତୀ, ସେହ୍ନପର ପତିବ୍ରତା । ତେବେ ବ ଆଠଦିନକୁ ଆଠଦିନ ଘରପାଖରୁ ମା'ଙ୍କ ସମ୍ବାଦ ନ ପାଇଲେ ଆକୁଳ ହୋଇ ପଡ଼େ । ଶେଷ ଚିଠିରୁ ଶୁଣିଲା, ମାଙ୍କ ବେମାର ଭଲ ହୋଇଗଲାଣି, ଏବେ ସେ ନଶ୍ଚିନ୍ତ । ତେବେ ମା ବୋଉକୁ ଦେଖି, ଏହି କଥା ମନରେ କର ବେଳେ ବେଳେ ଚଞ୍ଚଳ ହୋଇପଡ଼େ ।

ସୁଖର ଦିନ ଘୋଡ଼ା ଛୁଟିଲା ପରି ଧାଇଁଛି । ଯୁଧିଷ୍ଠିର ସାହୁ ଘରେ ଆନନ୍ଦ ଉତ୍ସବରେ ଗହୁଁ ଗହୁଁ ଗହମାସ ଗୁଲଗଲା । କନ୍ୟା ବଦା ପାଇଁ ଯାହା ଯାହା ଲେଉଡ଼ା, ସବୁ ଠିକ୍ ଠାକ୍ ହୋଇଗଲାଣି । ଦଶଖଣ୍ଡ ନୂଆ ଛଆର ନାଆ ଭୁଟରେ ଧାଡ଼ କର ଖଟା ହୋଇଛି । ସବୁ ନାଆ ଚଢ଼ ଚଢ଼ ମଣ୍ଡମା, ଦୁଇ ମଙ୍ଗରେ ଫର ଫର ହୋଇ ପତାକା ଉଡ଼ୁଛି । ଏଗୁଡ଼ିକ ଯୌତୁକ ନାଆ । ସେଥିମଧ୍ୟରେ ଯୋଡ଼ାଏ ନାଆ ସୁନ୍ଦର ମଣ୍ଡମା । ଖଣ୍ଡକରେ ଝିଅ, ଆଉ ଖଣ୍ଡକରେ ଜୁଆଇଁ ବସି ଯିବେ । ଆଷାଢ଼ ମାସ ଯିମିଡ ପଶିଛି, ନାଆସବୁ ବୋଝାଇ ଲଗିଲା । ବାସନ ଦେଉ, ଆଡ଼ଙ୍ଗର, ଲୁଗା ଦେଉ, ଶିଳ, ଶିଳପୁଆ, ଗୁଞ୍ଜୁଣିମୁଠା ଯାଏ ଘରକରଣା ଜନସ, ଦୁଇ ବରଷ ଚଳିବା ମାପିକ ଦାନ୍ତକାଠି ଖଣ୍ଡକ ଦୁଆ ଛଖଣ୍ଡ ନାଆରେ ବୋଝାଇ ଦେଉଛି । ଯୁଧିଷ୍ଠିର ସାହୁର ତାକଦ୍—'ଖବରଦାର, ବୁଝି ସୁଝି ଦଅ, ଝିଅ ଦୁଇ-ବରଷଯାଏ ଶ୍ୱଶୁର ଘରେ ପାଣି ମଦ୍ଦାକ ଗୁଡ଼ ଯେମନ୍ତ ଆଉ କଛୁ ଛୁଇଁବ ନାହିଁ ।' ଲୋକେ ବୋଲନ୍ତି,ଯୌତୁକ ଜନସର ଦାମ ପଚିଶ ହଜାର ଟଙ୍କାରୁ ଉଣା ନୁହେ ।

କୁବେର ସାହୁର ଦୂରଦୂରନ୍ତର କୋଠିମାନଙ୍କରୁ ଛରଶଖଣ୍ଡ ସରକ ନାଆ ସରକ ବୋଝାଇ କର ସେଠାରେ ଉପସ୍ଥିତ । ନାଆସବୁ ପୂରା ବୋଝାଇ, ପାଣିଲଦ୍ଦଡ଼ ଗୁଲକୁ ଛୁଇଁ ଦେଉଛି । କୋଶେଯାଏ ସବୁ ନାଆ ଖଟା ହୋଇଛି । ଆଜନ୍ଥି ଦେଖଣାହାସ୍ତମାନେ ମଫସଲରୁ ଆସି କୂଳରେ କାତାର ଦେଲେଣି ।

ଆଷାଢ଼ କୃଷ୍ଣ ଦଶମୀ ଦିନ ଯାତ୍ରା ଠିକ୍ ହେଲା । ରଥ କାଠ ମେଲାଣି ଭଲଆ ପାଣିକୁ ଗହିଁ ବସିଛନ୍ତି—ନୋହିଲେ ନାଆସବୁ ଖ୍ରୀଷ୍ଟ ପାର ହୋଇ ପାରିବ ନାହିଁ । ଠିକ୍ ପୂରା ପାଣି ବ ହୋଇଗଲା । ଆଜ ଯାତ୍ରାର ଦିନ । ହଜାର ହଜାର ଦେଖଣାହାସ୍ତ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । ଗୋଟାଏ ଗୋଟାଏ ନାଆରେ ଗୁର ଗୁରଜଣ ଆହୁଲ ଧର ଛିଡ଼ା ହୋଇଗଲେ । ପଛରେ ମଙ୍ଗଧ୍ୱନି । ଆଗ ମଙ୍ଗ ଉପରେ ବାଟ-କଡ଼ାଣିଆ ଛିଡ଼ା । ଏହି କଡ଼ାଣିଆ ନ ହେଲେ ନାଆ ଖ୍ରୀଷ୍ଟ ପାର ହୋଇପାରିବ ନାହିଁ ।

ଆଠମଲ୍ଲିକ ଉପରକୁ ମୁଣ୍ଡା ପଡ଼ା ଗାଁଠାରୁ କଇଁଟା ଗଡ଼ଯାଏ ଖୋଳ ସଉର ମାଇଲ ଭିତରେ ଖ୍ରୀଷ୍ଟ ପଡ଼େ। ବଡ଼ ବଡ଼ ପଥର ସବୁ ମୁଣ୍ଡ ଟେକ ନଦୀମଧ୍ୟରେ ସଜ୍ଜ କର ବସିଲା ପରି ବସିଛନ୍ତି । ବଡ଼ପାଣିରେ ସେହ୍ନ ପଥର ସବୁ ବୁଡ଼ଗଲେ ତା ଉପର ଦେଇ ନାଆ ସବୁ ଲଘିଯାଏ । କେତେ ପଥର ବୁଡ଼େ ନାହିଁ । ଗୁଡ଼ାଏ ପଥର ଉପରେ ଗୁଖଣ୍ଡେ, ଗୁର ଆଙ୍ଗୁଳ ଜଳ । ନାଉଆକୁ ପଥର ଦିଶେ ନାହିଁ । ଏ ଖ୍ରୀଷ୍ଟ ଜାଗାଟାରେ

ନଈ କମ୍ ଓସାର ଯୋଗୁଁ ପାଣିର ଘର ଛୋଡ଼, ଘଣ୍ଟାକ ମଧ୍ୟରେ କୋଡ଼ଏ ମାଇଲ ବାଟ ନାଆ ଘୁସିଯାଏ । ସେହ୍ନ ଖୁଣ୍ଟ ମଧ୍ୟରେ ଅଙ୍କା ବଙ୍କା ସାପଚଲ ପର ବାଟ । ନାଆ ସେହ୍ନବାଟେ ଯାଏ । ସେ ବାଟର କଡ଼ାଣିଆକୁ ଜଣା । ସେ ଜାଗାରେ ପାଣିର ଘର ଛୋଡ଼, ପଥରରେ ବାଜ ଏପର ଶବ୍ଦ କରେ ଯେ, କଡ଼ାଣିଆ କଥା ପଛ ମଙ୍ଗଧର୍ଯ୍ୟକୁ ଶୁଭେ ନାହିଁ । କଡ଼ାଣିଆ ଦୁଇ ହାତରେ ବାଟ ଠାର ଦେଉଥାଏ । ଖୁଣ୍ଟ ପାର କର ଦେଇ ବାଟକଡ଼ା କଇଁଥାଗଡ଼ଠାରେ ନାଆରୁ ଓହ୍ଲାଇ ପଡ଼େ । ଛା କାମ ଛଡ଼ିଲା । ଛନଛନ ଢେଲ ଶ୍ରବଣା ପଶିଥିଲା, ଘର ପାଣି, ଘର ଝଡ଼ । କାଲି ସଞ୍ଜରୁ ପାଣି ଗୁଡ଼ୁଛୁ । ସକାଳେ ଆକାଶ ନର୍ମଳ, ସୂର୍ଯ୍ୟଦେବତା ଜ୍ୱଳନ୍ତ ସୁନା ପେଣ୍ଡ ପର ଉଇଁ ଆସିଲେ । ଫେର ଥରେ ସାଦୁ ଘର ଭିତରୁ ଘର କାଉଣା ଶଙ୍ଖ ହୁଳହୁଳ ଶୁଭିଲା । ବର କନ୍ୟା ନାଆରେ ବସିଲେ । 'ଜେ ଜେ ଗଙ୍ଗାମାତା' କହ୍ନ କହ୍ନ ନାଉଘ୍ନମାନେ ଆଗେ ବରକନ୍ୟା ନାଆ ମେଲ ଦେଲେ, ଛା ପଛକୁ ଛା ପଛକୁ ସବୁ ନାଆ ମେଲ ଗଲା । ଦୁଇ କୂଳରୁ ହଜାର ହଜାର ଲୋକ 'ହରବୋଲ' ପକାଉଅଛନ୍ତି ।

ଆଗ ନାଆ ଘୁସି ଯାଇ ଦୁଇକୋଶ ଦୂର ଶ୍ୟାମପୁର ଗାଁ ସଲଖରେ ଯିମିଡ଼ ପହଞ୍ଚୁଛୁ, ସୂର୍ଯ୍ୟ ଦେବତା ବୁଡ଼ଗଲେ । ନାଉରଏ ଜାଣନ୍ତି, "ଉଇଁ ନ ଦଶେ, ଦୁସି ପଶେ, ବାପ ବୋଲେ ପୁତା-ନଶ୍ଚେ ବରଷେ ।" ନଈ ଦୁଇ କୂଳ ଲୋକେ ଛୁଡ଼ା ହୋଇ ଅନାଇଛନ୍ତି, ନାଉରଏ ଘର ଆନନ୍ଦରେ 'ହରବୋଲ' ଦେଇ ନାଆ ବାନ୍ଧି ଯାଉଛନ୍ତି । ଯୋଡ଼ାଏ ନାଆ ଖଜା ପିଠା ବୋଝାଇ, ନାଆ ଖଟାଇ ଖାଇବେ । ଏତ୍ତକବେଳେ ଉତ୍ତର ପଶ୍ଚିମ କୋଣରୁ ଚହଁପଖଣ୍ଡ ପର ଖଣ୍ଡେ ସାନ ଧୂଳଆ ମେଘ ଉଇଁ ଆସିଲା । ସିଲସିଲ ପବନ ଝଲକିଲା । ନାଉରଏ ଡରଗଲେ । ଆଉ ସମସ୍ତେ ବାହାଣରେ ଲଗିଛନ୍ତି । 'ଜେ ଜେ —ଗଙ୍ଗାମାତା କ ଜେ' ଗୀତ ଗାଇ ଆଉଲ ବାଉଳନ୍ତି । ନାଆ ଯିମିଡ଼ ମୁଣ୍ଡପଡ଼ା ଗାଁ ମୁଣ୍ଡ ଛୁଇଁଛୁ, କଥା ପଦକେ ଗୋଟା ଆକାଶ ମେଘ ଘୋଡ଼େଇ ପକାଇଲା, ସଙ୍ଗେ ସଙ୍ଗେ ପବନ, ତା ପଛକୁ ପାଣି । ପବନ ତ ପବନ, ଏପର ଘୁଙ୍ଗୁଡ଼ିଆ ପବନ କାଳେ ସକାଳେ ଦେଖିବାର ନାହିଁ । ବେତନାସି ଗୋଟାରେ ବାଡ଼େଇଲା ପର ନାଉଘ୍ନମାନଙ୍କ ଦେହକୁ ପାଣି ଛୁଟ ମାରୁଛୁ । ଘନଘାକ ବରଷା ଖାଇ ଯେଉଁମାନେ ନାଆ ବାହୁଥାନ୍ତି, ଦଣ୍ଡକ ମଧ୍ୟରେ ସେ ନାଉଘ୍ନଗୁଡ଼ାକ ଢାଲଆ ହୋଇ ପଡ଼ିଲେଣି । ଦୁଇ କୂଳରୁ ଡାକ ପଡ଼ୁଛୁ, "ନାଉଘ୍ନ, କୂଳ ଭଡ଼ା, କୂଳ ଭଡ଼ା ।" ବାଟକଡ଼ା ଡାକୁଛୁ, "ମଙ୍ଗୁଆଳ କୂଳ ଦେଖା – ଆରେ କୂଳକୁ ଦେଖା ।" ନାଆ କଣ ମଙ୍ଗ ମାନୁଛୁ । ଘୁଙ୍ଗୁଡ଼ିଆ ପବନ ନାଆର ଆଗ ମଙ୍ଗ ପଛକୁ କର ଦେଉଛୁ, କେବେ ନାଆକୁ ଚକ ପର ବୁଲାଇ ଦେଉଛୁ । ନଈ କୂଳର ଘର ପୁରୁଣା ଆମ୍ବ, ବର, ଓସ୍ତ ଗଛଗୁଡ଼ାକ ମାରଷଗଛପର ଉପୁଡ଼ ପଡ଼ୁଛୁ । ପବ୍ଦାଳ ଗୋଟାଏ ଘର ଦମକା ପବନ ବାଡ଼େଇ ଦେଲା । ନାଆ ଉପର ମଙ୍ଗଧର୍ଯ୍ୟ, ବାହାଣିଆ, ବାଟକଡ଼ା, ସବୁ ଗୁଡ଼ାକ ଝୁପ୍ ଝାପ୍ କର ନଈରେ ପଡ଼ଗଲେ । ଭଣ୍ଟିଆ ଦେଇ ସେମାନଙ୍କୁ କଏ ଯେମନ୍ତ ପାଣିରେ ମାଡ଼ଦେଲା । ନାଆଗୁଡ଼ାକ ଗୋଟାକ ଉପରେ ଗୋଟାଏ ବାଡ଼େଇ ହେଉଛନ୍ତି, ଗୁଡ଼ାଏ ଠୋକର ଖାଇ ଘୁଙ୍ଗି ଗୁଣ୍ଡା ହୋଇଗଲଣି । ଆଉ ଦଣ୍ଡେ ସତାର କରିଥିଲେ ନାଆ ସବୁ ସୁଅ ପାଣିରେ ପଡ଼ ଘୁସି ଯାଇଥାନ୍ତା; ମାତ୍ର କଇଁଥାଗଡ଼ ମୁଣ୍ଡରେ ନଈ ମଝିରେ ଗୋଟାଏ ବଡ଼ ଖୁଣ୍ଟ ମହାକାଳଦୁତପର ଛୁଡ଼ା ହୋଇଥିଲା, ସବୁ ନାଆ ତା ଉପରେ ବାଡ଼େଇ ହୋଇ ଘୁଙ୍ଗି ଚୁନା ହୋଇଗଲା । ଖଣ୍ଡେ ନାଆ ବଞ୍ଚି ପାରିଲା ନାହିଁ । ମନୁଷ୍ୟ ବା ବୋଝାଇ ଜନସ କାହାର ଚଢ଼ାବଖୁଁ ନାହିଁ, ଗୁଡ଼ାଏ ପଟା ଘୁସି ଘୁସି ଯାଉଛୁ ।

ଆଜକୁ ଠିକ୍ ବାର ଗଣନ୍ତା ହେଲ ବରଷେ । ଯୋଗ ଦେଖ, ଆଜ ବ ମିଥୁନ କୃଷ୍ଣ ଦଶମୀ । ମଦାନଘା ଦୁଇକୂଳ ଖାଉଛୁ, ଉଛୁଳ ପଡ଼ଲଭଳ । ଲଙ୍ଗଳକଣ୍ଢା ଗାଁଭଳେ କୂଳ ଉପରେ ଯୋଡ଼ାଏ କୁସୁମ ଗଛରେ ଯୋଡ଼ାଏ ଲମ୍ବ ଲମ୍ବ ଦଉଡ଼ରେ ଯୋଡ଼ାଏ ଝାଡ଼ୁଆ ନାଆ ଆଗ ମଙ୍ଗ ଖଣ୍ଟ। ହୋଇଛୁ । ଝାଣ ସୁଅରେ ନାଆ ପଛ ମଙ୍ଗ ଅଳ୍ପ ଅଳ୍ପ ବଞ୍ଚ ହେଉଛୁ । ବେଳେ ବେଳେ ନାଆ ଯୋଡ଼ାକ ନାଚ ଉଠୁଛନ୍ତ୍ର । ନାଉଖଗୁଡ଼ାକ ବନଯାକ କାଚ ପେଲ ଥକ ଯାଇଥିଲେ । ଯିମିଡ଼ି ପଡ଼ ଯାଇଛନ୍ତ୍ର,ନଦୋଡ଼ନଦ, ଘୁଙ୍ଗଡ଼ ମାରୁଛନ୍ତ୍ର । ଆକାଶରେ ଗୋଟିଏ ବୋଲି ତାର ନାହିଁ, ଘୋର ଅନ୍ଧାର । ବେଳେ ବେଳେ ଲତାବଜ୍ରଳ ଚମକ ଯାଉଛୁ । ଗୋଟିଏ ଭେଣ୍ଡିଆ ଖଣ୍ଡେ ନାଆ ପଛମଙ୍ଗରେ ଗାଲରେ ହାତ ଦେଇ ବସି କଣ ଚନ୍ତା କରୁଛୁ । ଗଛ ଅଧାଅଧି ଗଡ଼ଗଲ୍ଣି, କଁ୍ୟା ଶୋଇବାକୁ ଯାଇ ନାହିଁ । ତପସ୍ୟା କଲ୍ପତର ଆଗି ବୁକ ଉଇଡୁଙ୍କାଟି ପର ଭୁନ ହୋଇ ବସିଛୁ । ମଙ୍ଗଟା ଠିକ୍ ଗାଧୁଆଡୁଠରେ ଅଣ୍ଟାଏ ସରକ ପାଣିରେ ଘାସୁଛୁ । ଏଡ଼କବେଳେ ଭୁଠର କଛୁ ଦୂରରୁ 'ହେ ଠାକୁରେ ! ହେ ଗଙ୍ଗାମାତା ! ମୋ ଧର୍ମ ରଖ !' ବକଳ ରଡ଼ ଶୁଣି ମୌଳା ଭେଣ୍ଡିଆଟି ଚମକ ପଡ଼ଲ । ଯେମନ୍ତ ଦେଗା ପ୍ରତିମାଟିଏ ଧାଇଁଛୁ, ତା ପଛରେ ଯେ ଗୋଟାଏ କାଳଆ ଭୂତ ମଡୁଆଲ୍ ମଣିଷପର ଝଳ ଝଳ ପଡ଼ ଉଠି ଗୋଡ଼ାଉଛୁ । ନତାନ୍ତ କର୍କଶ ସ୍ୱରାରେ ପାଟି କର କଡୁଛୁ, "ଏ ବରଷକୁତା ତୋ ପିଠୁ ଲଗିଛୁ, କଥା ଶୁଣୁ ନ ଥିଲୁ ପରା ? ଆଜ ଆଜ୍ଞା ବେଳେ, ଆଜ୍ଞା ଜାଗାରେ ଆପେ ଆପେ ଭେଟ ମିଳଗଲ୍ । ଡାକଲୁ ମୋ ମା'କୁ, ତା ବୋପା ଆସି ରଖୁ । ମୋ ବୋହୂ ତୋତେ ଜଗି ବସିଥିଲ ପରା ? କେହି ତୋ ପିଠିରେ ପଡୁ ନାହିଁ ?" ଯୁବଙ୍କଟି ଆକୁଳରେ ରଡ଼ ଛାଡ଼ୁଛୁ, "ମଦାପ୍ରଭୁ ! ମୋ ଧର୍ମ ରକ୍ଷା କର ! ମା ଗଙ୍ଗା ! ମୋତେ କୋଳକୁ ନଅ । ମୋ ସ୍ୱାମୀ—ମୋ ମୁଣ୍ଡର ମଣି—ମୋ ପ୍ରାଣର ଦେବତାକୁ କୋଳକୁ ନେଇଛ, ମୋତେ ନଅ ।"

ନାଆ ମଙ୍ଗପାଖକୁ ଘଣ୍ଟଣା ଜାଗା ପାଞ୍ଚ ଛ ହାତ ଛଡ଼ା । ଯୁବଙ୍ଗ ଆଉ ଆଗନ୍ତୁକ ଭଡ଼ାଭଡ଼ି ଲଗିଛନ୍ତ୍ର । ମଙ୍ଗ ଉପର ଲୋକ ଯୁବଙ୍ଗର ସ୍ୱର ଶୁଣି ଚମକ ପଡ଼ଲ । ଢେଉକବେଳେ ବଜ୍ରଳଟାଏ ଚମକ ଗଲ୍ । ଯୁବକ ଆଖିକୁ ଝକ ଝକ ପଦ୍ମାବଙ୍ଗ ରୂପ ପର ବଣିଗଲ୍ । ଆଉ ସମ୍ଭାଳ ପାରଲ୍ ନାହିଁ । ଆଗରେ ଗୋଟାଏ କାଠଆ ଆଡୁଲ୍ ପଡ଼ଥିଲ୍, ତାକୁ ଧର ମଙ୍ଗଠାରୁ ସାତ ଆଠ ହାତ ଦୂରକୁ ହୁଙ୍କାର ଦେଇ ଯିମିଡ଼ି ଡେଇଁ ପଡ଼ଛୁ, ସେହ୍ନ ଉଦଣ୍ଡ ଘାଷସଟାର ମୁଣ୍ଡରେ ଝାଣ ଏକ ପ୍ରହାର । ଲୋକଟା 'ବାପା ରେ' ବୋଲ କହ୍ନ ନଈ ଭତରେ ସାତ ଆଠ ହାତ ଦୂରକୁ ଛିଟିକ ପଡ଼ଲ୍ । ପାଣିଟା ଝଡ଼ କର ଯାହା ଶୁଭୁଛୁ, ଢେଉକ । ଯୁବକ ଆଉ ପାହାରେ ବାଡ଼େଇବାକୁ ଆଡୁଲ୍ ଉଞ୍ଚାଇଲ୍— ମଣିଷର ଚହ୍ନ ନାହିଁ । ଯୁବଙ୍ଗ ବଜ୍ରଳ ଆଲୁଅରେ ଏଡ଼କ ମାତ୍ର ଦେଖିଲ୍, ଯେମନ୍ତ ଆକାଶରୁ ଗୋଟିଏ ଦେବତା ଖସି ପଡ଼ ପାଖାଣ୍ଡ ହାତରୁ ତାକୁ ରକ୍ଷା କଲେ । ଆକୁଳରେ 'ମୋ ପ୍ରଭୁ ! ଦେବତା' ଏଡ଼କ କହ୍ନ ଯୁବକକୁ କୁଣ୍ଢାଇ ପକାଇଲ୍, ଆଉ ତାହାର ଜ୍ଞାନ ନାହିଁ ।

ଯୁବକ ବଡ଼ କଷ୍ଟରେ ଯୁବଙ୍ଗଟିକୁ ନାଆ ମଙ୍ଗ ଉପରକୁ ଝଟକ ନେଇ ନାଉଖମାନଙ୍କୁ ଉଠାଇଲ୍ । ନାଆ ଗୁଳ ଝଟକ ଦେଇ ଅତି କଷ୍ଟରେ ଯୁବଙ୍ଗକୁ ନାଆ ଭତରେ ଶୁଆଇଲ୍ । ବଦ୍ୟାଧର ଦେଖିଲ୍, ଯୁବଙ୍ଗର ଚେତା ନାହିଁ, ମୁଣ୍ଡ ଲମ୍ବବାଳରୁ ଝର ଝର କର ପାଣି ବହିପଡୁଛୁ, ଦେହ ଗୋଟାକ କାଦୁଅ ଲଟ୍‌ପଟ୍, ଲୁଗା ଚୁପୁଡ଼ ଦେଲେ ପାଣି ବୋହି ପଡ଼ବ । ବଦ୍ୟାଧର ବଡ଼ ଫରବରରେ ପଡ଼ଲ୍ । ଭଲ କର ଚହ୍ନିଲ୍ଣି ପତ, ତେବେ ବ ଡର ମାଡୁଛୁ । ପାଖରେ କେହି ନାହିଁ,

ଯୁବଟିଏ କପର ଲୁଗା ପାଲଟିବ ? ହଠାତ୍ ହାତରେ ନଜର ପଡ଼ିଗଲା, ଆଙ୍ଗୁଳରେ ମୁଦ । ଆପଣା ମୁଦ ବୋଲ ଚହ୍ଲିଲା, ଆଉ ସନ୍ଦେହ ନାହିଁ । ଲୁଗା କାହିଁ ? ଆପେ ତ ହ' ଚୁଟିଆ—ଆପଣା ପାଚୁଡ଼ା ଖଣ୍ଡ ଯୁବଟିକୁ ପିନ୍ଧାଇ ଦେଇ ତା ଦେହର କାଦୁଅ ପାଣି ପୋଛୁ ପକାଇଲା ।

ଶ୍ୟାମ ସାହୁ ବଦେଇର ନଅଜନ ମଳାଶୁର । ଘର ଜୋରମେ ଇଲ୍‌କା ଖାଲପାଳ । ସାହୁ ଜଣେ କାର-ବାରିଆ ମଧ୍ୟଭଲ ଲୋକ । ବଲ୍ଲ ସମୟରେ ବଦ୍ୟାଧର ତାକୁ ଚହ୍ଲିଥିଲା, ଘର ଠିକଣା ଜାଣିଥିଲା । ଯୁବଟିର ଚେତା ବସୁ ନାହିଁ । ନାଆରେ ସବୁବେଳେ ଉପ୍ରେଇରେ ନଆଁ ଥାଏ । ଲୁଗା ପେଣ୍ଡୁଳା କର ବଦ୍ୟାଧର ଯୁବଟିକୁ ସେକୁଥାଏ । ରାତ୍ର ଆଉ ପିଣ୍ଡିଲ ପହରେ ସରକ ଅଛୁ, ବଦ୍ୟାଧର ନାଉଖମାନଙ୍କୁ ଡାକ କହ୍ଲା, "ତୁମ୍ଭେମାନେ ଯେବେ ଦନ ପହରକ ଭତରେ ନାଆ ନେଇ ଖାଲପାଳ ତୁଠରେ ଭଡ଼ାଇ ପାରିବ, ଜଣକା ପାଞ୍ଚ ପାଞ୍ଚ ଟଙ୍କା ବକ୍‌ସିସ୍ ଦେବ ।" ନାଉଖମାନେ ବହି ବଚ୍ଚର କଲେ ଖାଲପାଳ ଏଠାକୁ ଚୁରକୋଣ ବାଟ—ଏତେବେଳେ ନାଆ ମେଲ ଦେଲେ କସ୍ତାକସ୍ତିରେ ନାଆ ପହଞ୍ଚିବ । ଆକାଶରେ ଆଉ ମେଘ ନାହିଁ, ଟିକେ କାଳଜହ୍ନିଆ ପଡ଼ିଗଲା । ନାଆଟା ଦକ୍ଷିଣ କୂଳ ଧର ଯାଉଥିଲା । ଖାଲପାଳ ହେଉଛୁ ଉତ୍ତର କୂଳରେ । ଯିମିତି ରାତ୍ର ପାହୁଛୁ, ନାଉରିଏ ନାଆ ମେଲ ଦେଲେ ।

× × × ×

ଯୁବଟା ଗୋଟିଏ କୋମଳ ବଚ୍ଚଣାରେ ପଡ଼ିଛୁ, ଚେତା ନାହିଁ । ନାକରେ ତୂଳା ଦେଇ ଦେଖାଗଲା, ଅଳ୍ପ ଅଳ୍ପ ପବନ ଚୂଲୁଛୁ । ଗ୍ରାମର ପୁରୁଣା ବୈଦ୍ୟ ବଳେଇ ବାହ୍ମାପଡ଼ ଭଲରୂପେ ନାଡ଼ ଚପି କହ୍ଲିଲେ, "କେବଳ ଇନ୍ଦ୍ରିୟଦୌବଲ୍ୟ—ବପଦର ଆଶଙ୍କା ନାହିଁ ।" ଲଗ ଲଗ ଔନପାନ କସ୍ତୂରୀଭୂଙ୍ଗରସ, ଅଦାରସ ମଦୁ ଅନୁପାନରେ ପିଆଇଦେଇ କହ୍ଲିଲେ, "ଏହ୍ନ ଔଷଧର କ୍ରିୟା ଆରମ୍ଭ ହେଲେ ଚେତନା ବସିବ ।" ଟଣାର ତୃପ୍ତିସ୍ୱ ଦନ ଉପରଓଳ ଯୁବଟା ଟିକେ ଆଖି ମେଲ ଚାହିଁଲା । ଚୂଳବାଡ଼ ସବୁଆଡ଼କୁ ଆଖିବୁଲାଇ ଅନାଇଲା—ଦେଖିଲା, ଗୋଟିଏ ପ୍ରୌଢ଼ା ସ୍ତ୍ରୀ ପାଖରେ ବସି ଧୀରେ ଧୀରେ ତା ଦେହରେ ହାତ ବୁଲଉଛୁ । ଯୁବଟାର ଚେତା ବସିଲାଣି । ଅତି କ୍ଷୀଣ ସ୍ୱରରେ ତାକୁ ପଚାରିଲା, "ମୁଁ କେଉଁଠି ଅଛୁ ?" ପ୍ରୌଢ଼ା ଅତି ଧୀରେ, ଅତି କୋମଳରେ କହ୍ଲିଲା, "ମା ପଦ୍ମାବତ୍ତା ! ମୁଁ ପର ତୋ ମାଉସୀ ରେ—ମୋତେ କଣ ଚହ୍ଲିପାରୁ ନାହୁଁ ?" ପଦ୍ମା ଉଠି ବସିଲାଣି । କାନ୍ଥବାଡ଼ ଧର ସକାଳ ସଞ୍ଜ ଟିକେ ଟିକେ ଚୂଲବୁଲ ହୁଏ । ବୈଦ୍ୟଜ୍ଞଙ୍କ ବ୍ୟବସ୍ଥା ଟିକେ ଟିକେ ଦୁଧ ବଢ଼ିଆ ଯାଉଛୁ, ଅନ୍ନ ପଥ୍ୟ ବଢ଼ିଆ-ଯାଇ ନାହିଁ ।

ଟିଅ ଜୁଆଇଁ ପହଞ୍ଚିବା କ୍ଷଣି ସାହୁ ଘରଜଣ ଭେଣ୍ଡିଆ ପାଇକ ହାତରେ ଯୁଧିଷ୍ଠିର ସାହୁ ପାଖକୁ ସ୍ୱଷା ଚୂଳ ଦେଇଥିଲା । ଆଜ ଦଶମ ଦନ । ଛଅଶ ଜଣ ବଣୁଆ ଆପଟ ଘରଖଣ୍ଡ ପାଲଙ୍କ ଧର ହରହରପୁରରୁ ଆସି ଉପସ୍ଥିତ । ଯୁଧିଷ୍ଠିର ସାହୁ ଲେଖିଛନ୍ତି, "ବାଟରେ ଆଠ ଜାଗା ଟପା ଆପଟ ବସିଲା । ଛଡ଼େଦମ୍ ଟିଅ ଜୁଆଇଁକୁ ଧର ମଡ଼ପା ମାଉସୀ ଆସିବ । ଘର ଦନ ବାଟ ଦୁଇ ଦନରେ ଆସିବ । କଛୁ ମଠ କରବ ନାହିଁ ।" ମହା ଆନନ୍ଦରେ, ଉତ୍ସବରେ ଯୁଧିଷ୍ଠିର ସାହୁ ଟିଅ ଜୁଆଇଁକୁ ଘରକୁ ନେଲେ । କେତେଦନପର୍ଯ୍ୟନ୍ତ ମନ୍ଦରରେ ହରଲୁଟ, କୀର୍ତ୍ତନ, ବୈଷ୍ଣବଖଦା, ପ୍ରସାଦ ସେବା ଚୂଲଲା ।

ଘୋର ଦୁଯୋଗ, ଘୋର ଦୁର୍ଦ୍ଦିନ ଉଣ୍ଡରେ ଚରୁଣାରୁଣ ଆଲୋକ ବଡ଼ ଚ୍ରାନ୍ତିକର, ବଡ଼ ଆନନ୍ଦ-ଦାୟକ ଜଣାଯାଏ । ବଦ୍ୟାଧର, ପଦ୍ମାବତ୍ତା ଦୁଇ ଜଣ

ଦନ ଘଣ୍ଟ ଚକୁଆ ଚକୋଇ ପର ଉଆସ ଉତର ପଦ୍ମାବଣ୍ଟା ଖଞ୍ଜାରେ ବସି ଆନନ୍ଦ ଉତ୍ସବରେ ଦନ କାଟୁଥାନ୍ତି । ନାଆ ଭଙ୍ଗାଠାରୁ ବରଷେ କାଳ କଏ କପର ଥିଲା, ସେହ୍ନ ଦୁଃଖକାହାଣୀ କେହ୍ନ କାହାକୁ ପଚାର ନାହିଁ । ଆଜ କଥା କଥାକେ ସେହ୍ନ କଥା ପଡ଼ଗଲା । ବଦ୍ୟାଧର କହିଲା, "ନାଆ ପିମିଛ ଘୁଙ୍ଗିଗଲା, ମୁଁ ଖଣ୍ଡେ ପଟା ଉପରେ ପେଟେଇ ପଡ଼ ଘୋସୁଥାଏଁ । ତୁମେ କୁଆଡ଼େ ଗଲ, ଅନାଇଲ । ତୁମେ ବ ଖଣ୍ଡେ ପଟା ଉପରେ ପଡ଼ ଘୋସୁଥିଲ, ଥରେ କେବଳ ଦେଖିଥିଲ । ପଛନ୍ତେ ଶୁଣିଲ, ତହିଁ ଆରଦନ ସକାଳେ ନଦୀ ମଧ୍ୟରେ ଘୋସି ଘୋସି ଯାଉଥିଲ, ଖଣ୍ଡେ ନାଆର ନାଉଘୋମାନେ ଦେଖି ମୋତେ ଉଠାଇନେଲେ । ଘର ଦନ ବାଦେ ମୋର ଚେତା ବସିଲା, ଅନାଇ ଦେଖିଲା, ଗୋଟାଏ ବଡ଼ ଘରେ ଶୋଇଛୁ । ପଛନ୍ତେ ଶୁଣିଲ, ସେଇଟା ଗୋବନ୍ଦପୁର ଗାଁର ଗୋପାଳଙ୍କ ମଠ, କଟକଠାରୁ ଦୁଇକୋଶ ଭଳକୁ । ବୁଢ଼ା ମହନ୍ତ ଲଳଟା ଦାସ ବାବାଙ୍କ ମୋତେ ବଞ୍ଚାଇବା ପାଇଁ ଖୁବ୍ ଯତ୍ନ କରୁଥାନ୍ତି । ମାସକ ବାଦେ ଘୁଲବୁଲ ପାରିଲି । ତୁମ ବାପା ଯେଉଁ ସୁନା ଗବଡାରଟା ଦେଇଥିଲେ, ଅଣ୍ଟାରେ ଥିଲା, ମହନ୍ତକୁ ଦେଲ । ବକ ମୋ ପିଚ୍ଛେ ଖରଚ କରିବାକୁ କହିଲ । ମହନ୍ତ ନାହିଁ ନାହିଁ କରି ନେଲେ । ମୋର ଟିକେ ବଳ ଆସିଥାଏ, ତୁମ କଥା, ବାପାଙ୍କ କଥା ମନରେ ପଡ଼ଲେ ପୁଣି ଦଶ ପଦର ଦନ ପଡ଼ଯାଏଁ । ଏହ୍ନପର ଆଠ ଦଶ ମାସ କାଳ ବଢଗଲା । କଟକ ଜିଲ୍ଲାରେ ବାପାଙ୍କର ନାମଡାକ । ଲଳଟା ଦାସେ ବାପାଙ୍କ ନାମ ଶୁଣି ମୋତେ ଆହୁରି ଅଧିକ ଯତ୍ନ କଲେ, ଆମ ଘରଠାକୁ ଖବର ପଠାଇଲେ । ଲୋକ ବାଢ଼ଡ଼ି ମୋ ମାତାଙ୍କ ବଯୋଗ କଥା କହିଲେ । ମୁଁ ଆହୁରି ବ ମାସେପାଏ ବଚ୍ଛଣାରେ ପଡ଼ ରହିଲି । ତହିଁ ଜଣ୍ଟରେ ସ୍ଥିର କଲ, ଘରକୁ ଯିବ ନାହିଁ ସନ୍ନ୍ୟାସୀ ହୋଇ ଘାଟରେ ବୁଲିବ । ଦେହରେ ବଳ ହେବାରୁ ଧୀଲ ଧୀଲ ଘରକୁ ଗଲ । ଘରେ ଯାଇ ଯାହା ଦେଖିଲ, ଦଣ୍ଡେ ରହିବାକୁ ଇଚ୍ଛା ବଳଲା ନାହିଁ । ପୁରୋହିତ ବାକର ଦିବେଘା, ଶାସନର ଆଉ ଆଉ ଯେଉଁମାନଙ୍କର ଜମି ବାପା ନାମରେ ଧର ନେଇଥିଲେ, ଉକାଇ ସମସ୍ତ ଜମି ଫେରାଇ ଦେଲ । ରେଜେଷ୍ଟ୍ରଙ୍କ, ଅରେଜେଷ୍ଟ୍ରଙ୍କ ଗୁଜା ଯେତେ ଦଲଲ ଥିଲା, ଆଉ ଧାନ କରଜା ଚାଞ୍ଜି, ସବୁ ଗୋଡ଼ପକାଇ ଖାତକ-ମାନଙ୍କୁ ଖବର ଦେଲ, ଆଉ ସେମାନଙ୍କୁ ଟଙ୍କା ଦେବାକୁ ହେବ ନାହିଁ । ଧାନ, ଗୋରୁ, ବାସନକୁସନ ଯାହା କଛି ଥିଲା, ଦେଶ ଲୋକଙ୍କୁ ବାଣ୍ଟି ଦେଇ ଦନେ ଘଣ୍ଟରେ କାହାକୁ କଛି ନ କହି ଘରୁ ବାହାର ଆସିଲ । ମନରେ କଲ, ଆଉ ତ ଗୁରୁଜନ କେହ୍ନ ନାହିଁ, ଶ୍ୱଶୁରଙ୍କୁ ଶେଷ ଦର୍ଶନ କରି ତାଙ୍କ ପାଦଧୂଳ ମୁଣ୍ଡରେ ଦେଇ ବାହାର ଯିବି । କଟକଯାଏ ଆସିଲ । ଝାଡ଼ ମୂଲକରେ ବାପାଙ୍କୁ ସମସ୍ତେ ଜାଣନ୍ତି । ମହାନଦୀକୂଳ ଗଡ଼ଗଡ଼ଆ ପାଖ ଘାଟରେ ଖଣ୍ଡେ ସୋନପୁଞ୍ଜା ନାଆରେ ଉଠି ବସିଲ । ଆସୁ ଆସୁ ଲଙ୍ଗଳକଣ୍ଟାଠାରେ—" ପଦ୍ମାବଣ୍ଟା ପଣନ୍ତକାନରେ ବଦ୍ୟାଧର ମୁହଁ ବୁଜ ଧର କହିଲା, "ଆଉ କଛି କହ ନା ।" ବଦ୍ୟାଧର ଆତ୍ମକାହାଣୀ ବର୍ଣ୍ଣନ ସମୟରେ ପଦ୍ମା ଆଖିରୁ ଦୁଇଧ'ର ଲୋତକ ବହୁଥାଏ ।

ବଦ୍ୟାଧର କହିଲା, "ଏବେ ତୁମ କଥା କହ ।" ପଦ୍ମା ମୁହଁ ପୋଛି ଆତ୍ମକାହାଣୀ କହିବାକୁ ଲଗିଲା; "ମୁଁ ଲଙ୍ଗଳକଣ୍ଟା ଦନେଇ ଦଲେଇ ଘରେ ଥିଲ । ଦଲେଇ ଗାଁ। ମଧ୍ୟରେ ଥିଲବାଲା ଲୋକ । ଗ୍ରାମର ସମସ୍ତ ଲୋକ ମାନନ୍ତି । ଘର ଆଗରେ ଗୋଟିଏ ଠାକୁର ମନ୍ଦର କରିଛୁ, ସଦାବର୍ତ୍ତ ଦଏ । ଶୁଣିଲ, ମୁଁ ଭୁଠରେ ଅଚେତ ହୋଇ ପଡ଼ଥିଲ । ଦଲେଇଘର ମାଇପେ ମୋତେ ଘୋଟାଇ ଘେନ ଯାଇଥିଲେ । ଦଲେଇ ଆଉ ତା ଘୋର୍ଯ୍ୟା ମୋତେ ବଡ଼ ଆଦରରେ ରଖିଥିଲେ, ଝିଅରୁ ବଳ ସ୍ନେହ କରନ୍ତି । ମୋ ପାଇଁ ମନ୍ଦରରୁ ପ୍ରସାଦ ଆସେ । ମୁଁ କାନ୍ଦଲେ ଦଲେଇ ଘୋର୍ଯ୍ୟା ସାନ୍ତ୍ୱନା ଦଏ,

Sahaja@Kanta

ମୋତେ ବାପା ପାଖକୁ ପଠାଇ ଦେବାକୁ କହେ । ଦଉଳଇ ପିମିଡ଼ ଧାର୍ମିକ, ତା ଦୃଅଃ। ସେହ୍ନପର କୁଲାଙ୍ଗାର, ପାଷଣ୍ଡ । ମଦ, ଆପୁ, ଗଞ୍ଜେଇ କଛୁ ନଶା ତାକୁ ଅଣ୍ଟେ ନାହିଁ । ଘରେ ଯୁବତୀ ବୋହୂ, ତାକୁ ଅନାଏ ନାହିଁ । ଗାଁ ବୋହୂ ଝିଅ ତା ଡରରେ ଘରୁ ବାହାରନ୍ତି ନାହିଁ । ମୋ ଉପରେ ଅତ୍ୟାଗ୍ଭର କରେ, ନାନା କୁକଥା କହେ । ଦଲେଇ ଘ୍ରର୍ପ୍ୟା ସେଥିପାଇଁ ମୋତେ କାନଗଣ୍ଠିଲ କର ରଖିଥାଏ । ମୁଁ ବ ତା ଶରଣ ପଶିଥାଏଁ । ତଥାପି ଝିକେ ବେଳ ପାଇଲେ ମୋତେ ନାନା କୁକଥା କହେ । ଆଜି ସହ୍ୟ ପାରିଲ ନାହିଁ । ସେ ଦିନ ଘଣ୍ଟରେ ବୁଡ଼ ମରିବାପାଇଁ ଆସିଥିଲ । ଦୁଷ୍ଟଃ। ବାଃରେ ଧରିଥିଲୁ, ତୁମେ ରକ୍ଷା କଲ । ତେତେବେଳେ ତୁମକୁ ଚହ୍ନି ନ ଥିଲ । ମନରେ କଲ, ପ୍ରଭୁ ସ୍ୱର୍ଗରୁ ଓହ୍ଲାଇ ଆସି ମୋତେ କୋଳ କର ନେଲେ ।"

ଯୁଧିଷ୍ଠିର ସାଜୁ ଆଜି ବିଷଣ୍ଣ ଅଶଣ୍ଣ କଛୁ ବୁଝେ ନାହିଁ । ଝିଅ ଜୁଆଇଁକୁ ସବୁ ସମ୍ପି ଦେଇ ଦିନ ରାତି ବସି ହରନାମ ଜପୁଥାଏ ।

ସଭ୍ୟ ଜମିଦାର

ବାବୁ ବଳରାମ ବଳ କଲିକତା ବଡ଼ ବଜାରର ଜଣେ ଚନ୍ଦଆନ ମହାଜନ । ଉତ୍କଳର ସମସ୍ତ ବେପାରୀଙ୍କର ଦଣ୍ଡିଦାର । ସମସ୍ତ ମାଲ ଆମଦାନି ରପ୍ତାନି ତାଙ୍କ ହାତ ବାଃରେ ହେଉଥିଲ । ଲକ୍ଷ ଲକ୍ଷ ଟଙ୍କାର କାରବାର । ଢେର ବର୍ଷ ତଳର କଥା । ରେଳ ନାମ ତ କେହ୍ନ ଶୁଣି ନ ଥିଲେ, ଷ୍ଟୀମର ମଧ୍ୟ ଚଳୁ ନ ଥିଲ । ବାଲେଶ୍ୱର ଜାହାଜରେ ମାଲ ଆମଦାନି ରପ୍ତାନି ହୁଏ । କଲିକତା ଆମଦାନି ମାଲ ମଧ୍ୟରେ ଧୂଆଁପତ୍ର ପ୍ରଧାନ । କଲିକତାରୁ ମାଲ ଆସି ବାଲେଶ୍ୱର ବନ୍ଦରରେ ଜାହାଜରୁ ଘାଟ ଉଡ଼େ । ସେ ସ୍ଥାନରୁ ଶଗଡ଼ରେ ସମସ୍ତ ଉତ୍କଳକୁ ଚଲାଣ ହୁଏ, ଏଥିପାଇଁ ସମସ୍ତ ଉତ୍କଳରେ କଲକତ୍ତା ଧୂଆଁପତ୍ରର ନାମ ବାଲେଶ୍ୱର । ହେଲେ ବାଲେଶ୍ୱର ଲୋକେ ଧୂଆଁପତ୍ର ଗନ୍ଧ କେବେ ଦେଖି ନାହାନ୍ତି ।

ଧୂଆଁପତ୍ର କାରବାର ବଡ଼ କଠିଣ । ଘୋଡ଼ାଚଢ଼ା ମହାଜନ କଥା ପଦକେ ଘାସ କାଟେ—ଘାସକଟା ଘୋଡ଼ା ଚଢ଼େ । ମହାଜନେ ବୋଲନ୍ତି, 'ଦୋକ୍ତା କାରବାର ଆଜ ଗୋଖର ସାପ ଖେଳାଇବା ଏକା କଥା ।' ବାସ୍ତବାରେ, ଉଙ୍ଗରେ ମାଲ ସମାନ । ସେହ୍ନ ମାଲ ମହ୍ନଣ କୋଡ଼ଏ ତ 'ସେହ୍ନ ମାଲ ମହ୍ନଣ ଗୁଣାଶ ଟଙ୍କା । ଚହ୍ନାର ଦଣ୍ଡିଦାର ନ ଧର ଲୋକେ ଧୂଆଁପତ୍ର କଣିବାକୁ ଭରସନ୍ତି ନାହିଁ । ବଳରାମ ବଳେ ଜଣେ ଭଲ ଚହ୍ନାର, ଏଥିପାଇଁ ଓଡ଼ଶାରେ ନାମଡାକ ।

ମହାଜନଙ୍କ ଘର ଯାଜପୁର ଅଞ୍ଚଳରେ । ଗ୍ରାମ ନାମ ଜଣା ନାହିଁ । ମହାଜନ ଥରେ ଗ୍ରାମକୁ ଆସିଥିଲେ । ଦଶ ବାର ବର୍ଷର ଛେଉଣ୍ଡ ପିଲ ଗୋପାଳଆ ଗାଁରେ ବୁଲୁଥିଲ । ଜାତିପୁଅଃ। ଅନାସ୍ଥା ହେଇ ବୁଲୁଛି, ଦପ୍ପା କର ସାଙ୍ଗରେ ଘେନଗଲେ । ଗୋପାଳ ଗଦରେ ଥାଏ । ଖାଉଛୁ ତ ଖାଉଛୁ, ଅଛୁ ତ ଅଛୁ, ତାକୁ ଦେଖୁଛୁ କଏ—ପଚରାପଚରିର ଦରକାର କଣ ? ଦିନେ ରାତିରେ କଣ ହେଲ କ, ମହାଜନ ଜଣେ ସଉଦାଗର ପାଖରୁ ପାଞ୍ଚଃ। ଆକବଣ୍ଡା ମୋହର କଣିଲେ । ବାବୁଙ୍କ ମନ ଘର ଖୁସି । ମିଳିବା ପଦାର୍ଥ ନୁହେ, ବାକସରେ ରଖି ପୂଜା କରିବେ । ମୋହର ପୁଟୁଳାଟି ଧର ବସିଥାନ୍ତି, କେତେବେଳେ ତଳେ ରଖି ଦେଲେଣି । ପାଇକାର, ମହାଜନ, ମୋଟିଆ, ମଜୁରିଆ ହ୍ୱାବପତ୍ର ଛଡ଼ିବାକୁ ରାତି ଛ ଘଡ଼ି । ବାବୁଙ୍କର ହୋବ ନାହିଁ, ଗଦି ବନ୍ଦ କର ଉଠିଗଲେ । ତହିଁ ଆରଦିନ ସକାଳେ ଗୋପାଳ ପିମିଡ଼ି ଉଠିଛୁ, ଗଦିରେ ମୋହର ପୋଟଳା ଉପରେ ନଜର ପଡ଼ଗଲ, ହାତରେ ଧର ବାବୁଙ୍କ

Chhaya©kanta

ପାଖକୁ ଧାଇଁଲା । କୁକୁଡ଼ା ଡାକ ଆଗରୁ କଲକତାରେ ପିମ୍ପିଡ଼ ତୋପ ପଡ଼େ, ତହିଁରୁ ଧାର୍ମିକ ହିନ୍ଦୁ ମହାଜନ-ମାନେ ଗଙ୍ଗାସ୍ନାନକୁ ବାହାରଯାନ୍ତି । ଡେର ଜାଗାରେ ଠାକୁର ଠାକୁରାଣୀ ଦର୍ଶନ କରି ଫେରୁ ବାହୁଡ଼ବାକୁ ବେଳ ଦୁଇ ଘଡ଼ି । ଏମିତାର୍ଯ୍ୟ କରିବାକୁ ସେଇଟା ହେଲା ଅସଲ ବେଳ । ଫୁରସତ୍ ବା କାହିଁ ? ବାବୁଙ୍କୁ ନ ଭେଟି ଗୋପାଳ ତାଙ୍କ ପଲଙ୍କ ତଳକୁ ପୋଟଳାଟି ଥୋଇ ଦେଲା । ତାହାର ବି ସେ କଥା ଆଉ ମନରେ ନାହିଁ । ବାବୁ ସ୍ନାନ ସାରି ଆସିବା ବେଳକୁ ଗୁକର ବନ୍ଧଆ ବାରକ ଗନ୍ଧ ଝାଡ଼ୁଝୁଡ଼ କରି ଗଙ୍ଗାଜଳ ଛୁଞ୍ଚି ଧୂପ ଗୁଗ୍‌ଗୁଳ ଧୂଆଁ ଜାଳଦେଇ ସାରିଛି । ବାବୁ ବଡ଼ ମାଣ୍ଡିଟାକୁ ଆଜ୍ଞଜ ବସି ରୂପାବନ୍ଧା ହୁକାରେ ଉଡ଼ର ଉଡ଼ର କରି ଗୁଡ଼ାଖୁ ପିଇବାକୁ ବସିଲେ । ଆଗରେ ଦୁଇଜଡ଼ା କଣା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାପୁସ ହୁକା, ନବଶାଖ ହୁକା କଂସା ବଇଠକରେ ଥୁଆ ହୋଇଛି । ଏଇଟା ହେଲା କଲକତା ସବୁ ଘରର ଦସ୍ତୁର ।

ବେଳ ଛ ଘଡ଼ି ବେଳେ ହଠାତ୍ ବାବୁଙ୍କର ମନରେ ପଡ଼ିଗଲା ମୋହର କଥା । ହିଁ ମୋହର କାହିଁ ? ବାବୁ ଛିଡ଼ା ହୋଇ ପଡ଼ିଲେ, ହୁକାଟା ହାତରୁ ଖସି ପଡ଼ି ନଆଁ ପାଣି ଗଦାପାଇ ବୁଡ଼ି ପଡ଼ିଲାଣି, ଦେଖୁଛୁ କଏ ! ପାଞ୍ଚଟା ମୋହର । ବଡ଼ କଥା ନୁହେଁ, ଏ ଯେ ହେଲା ଆକବର୍ଷ ମୋହର । ସେହିଥର କପାଳଆ ଲୋକକୁ ଲକ୍ଷ୍ମୀ ଆଲିଙ୍ଗନ କରନ୍ତି, ଆକବର୍ଷ ମୋହର ମିଳେ । ସେ ମୋହର ଗଲେ ଲକ୍ଷ୍ମୀ ଘୁଡ଼ଯାଏ । ବାବୁ ତ ମୁଣ୍ଡରେ ହାତ ଦେଇ ଘୁମ୍ ମାରି ବସିଗଲେ । ଗୋପାଳ ସ୍ନେଚ୍ଛେଇ ଘରେ ବସିଥିଲା, ମୋହର ଖୋଜା ଶୁଣି ଧାଇଁ ଆସିଲା । ବାବୁଙ୍କୁ ହସି ହସି କହିଲା, "ଅଜ୍ଞା ! ଆଜ୍ଞା ! ମୋହର ଅଛି ।" ବାବୁ ଧାଇଁ ଆସି ଗୋପାଳକୁ କୁଣ୍ଢେଇ ପକାଇଲେ । ଗୋପାଳ ମୋହର କାଢ଼ ଦେଇ ପାଇବାର ହାଲ ସବୁ କହିଲା, ବାବୁ ଦଣ୍ଡେଯାଏ ତାକୁ ଅନାଇ ନଶ୍ୱାସଟାଏ ପକାଇଲେ ।

ସେହି ଦିନ କଡରୁ ଭୁଚ୍ଚାଟାରେ ଦେଲେ ବାବୁ ଦଶ ଥର 'ଗୋପାଳ ରେ, ଗୋପାଳ ରେ', ଡାକ ପକାଉ-ଥିବେ । ଭୋଜନ ବେଳେ ଥାଳୀ ପାଖରେ ଗୋପାଳ ଅବଶ୍ୟରେ ଜଳ ଥୋଇ ନ ଦେଲେ ବାବୁଙ୍କୁ ଆଉ ଜଳ ଭଲ ଲାଗେ ନାହିଁ । ବାବୁଙ୍କ ବଡ଼ଆ ଗୋପାଳ ଭ୍ରଂଶିବ । ଶେଷ ପର୍ଯ୍ୟନ୍ତ ଗୋପାଳ ଜମା । ବାବୁଙ୍କ ଶ୍ରଦ୍ଧା ଦେଖି ଘରର ଆଉ ପାଞ୍ଚଜଣ ବି ତାକୁ ମାନ-ଲେଣି । ବାବୁଙ୍କ ଇଚ୍ଛା, ବଡ଼ ଗୋଟାଏ କିଛି ପାଇଟିରେ ତାକୁ ଲଗାଇବେ । ହେଲେ ଓଡ଼ଆ ପିଲା; ମଫସଲଗାଁରେ ଘର, ଏଣେ ତ କଲକତାଟା ଠକ, ଗଣ୍ଠିକଟା ଖଣି କଣ ବୋଲ କଣ ହୋଇଯିବ, ହେଉ, ଆଉ ଟିକେ ପାର ଯାଉ ।

ଦିନ ବେଳ ଛ ଘଡ଼ିଯାଏ ଚୁଲ୍ଲିରେ ଲୁଣ୍ଡା ପଡ଼ି ନାହିଁ । ଗ୍ରେଞ୍ଜେଇଆ ବାହ୍ମଣ କାହିଁ ? ହଁ, ଦେଖ ଦେଖ, ବାବୁଙ୍କ ଟଙ୍କା ସିନ୍ଦୁକ ଗୁଡ଼ା ଉଡ଼ା, ପାଞ୍ଚଶହ ଟଙ୍କାର ଥଳିଟା ନାହିଁ । ଡେର ଖୋଜ ତଲାସ ହେଲା, ଥାନାରେ ଏତଲା ଦଆଗଲା, ଆଉ ପୁଝାପୁ ଏକା-ବେଳକେ ଗୁମ୍ ! ଗୋଳମାଳରେ ବେଳ ଗଡ଼ଗଲାଣି, ବାବୁ ଉପାସ ବସିଛନ୍ତି । ବଙ୍ଗାଳୀ ବାହ୍ମଣ ହାତରୁ ତ ଖାଇବେ ନାହିଁ, ଏତେ ଚଞ୍ଚଳ ଓଡ଼ଆ ବ୍ରାହ୍ମଣ ବା କାହିଁ ପଟୁଛୁ ? ଗୋପାଳ ହାତ ଯୋଡ଼ କହିଲା, "ଆଜ୍ଞା ! ମୁଁ ତେବେ ଦଟା ଚଢ଼େଇ ଦଏଁ ?" ବାବୁ କହିଲେ, "ଛୁ ପାରିବୁ ରେ ? ଆଚ୍ଛା ହେଉ, ଏ ଓଳଟା ଚଳଯାଉ ।" ବାବୁ ଠା ପିଢ଼ାରେ ବସି ଦେଖିଲେ, ଏତେ ଚଞ୍ଚଳ ପାଞ୍ଚ ଛଅଣ, ପୁଣି ବଡ଼ ଭଲ । ପଚାରିଲେ, "ଆରେ ଗୋପାଳ, ତୁ କମିନ୍ତି ସବୁ ଶିଖିଲୁ ରେ ?" "ଆଜ୍ଞା ପୁଝାପୁ ରନ୍ଧା ଦେଖି ଦେଖି ଶିଖିଛି । ସେ ରନ୍ଧି ଥିବାବେଳେ ମୁଁ ବସି ଦେଖୁଥାଏ ।"

ବାବୁ ଏଣିକି ଗୋପାଳ ହାତ ଛଡ଼ା ଆଉ କାହାର ହାତରୁ ଜଳ ଛୁଅଁନ୍ତି ନାହିଁ । ପୁଣି ଦେଖିଲେ, ବଜାର

ସଉଦା ଖର୍ଚ୍ଚ ଅଧାଅଧି ଜିନିଷ, ପରବାପଣ ଦୁଇଗୁଣ ବେଶି, ପୁଣି ବଡ଼ ସୁନ୍ଦର ରନ୍ଧା । ବାବୁଙ୍କ ମନ ଜାଣି ବେଳ ମାଫିକେ ଗୋପାଳ ରନ୍ଧା ବଡ଼ାରେ ଲଗିଥାଏ । ପୁଞ୍ଜାଖ ଚ ବଜାର ସଉଦା ଘିଅ ତେଲ ସବୁଥିରୁ ରେଷା କାଟିବ; ସବୁବେଳେ ଆଗଣା ରେଜଗାରରେ ଲଗି-ଥାଏ । ବାବୁ ଭଲ ଖାଇଲେ, ମନ୍ଦ ଖାଇଲେ,ତାର କଣ ଯାଏ ? ବାବୁ ଥରେ ଗାଁକୁ ଯାଇ ଗୋପାଳକୁ ଗୋଟିଏ ଘର ବନାଇ ଦେଇ ବଜ୍ଜା କରାଇ ଦେଲେ । କନ୍ୟାଟି ଯେମିତି ଦେଖିବାକୁ ଡୌଲି ଡାଉଲ, ସେମିତି ଗୁଣ । ପଢ଼ର ପଡ଼ିବା ଦିନରୁ ଦିନକୁ ଦିନ ଗୋପାଳର ଘର ବଢୁଛି । ଗୋପାଳ ରନ୍ଧାବଢ଼ା ସାର ସବୁବେଳେ ଗଦରେ ବାବୁଙ୍କ ପାଖେପାଖେ ଥାଏ । ଛୁଟ୍ଟା ବସି ଥାଏ ନାହିଁ, କେତେବେଳେ କଣ୍ଢା ଧରୁଛ ତ, କେତେବେଳେ ମାଲ ସାଇତାରେ ଅଛ ।

ମାଲ କଣା ବକା ଛକପ୍ପୁକ ଗୋପାଳ ବେଶ ଜାଣିଗଲ୍ଣି । ବାବୁ ଢେର ଥର ବଡ଼ଲେଣି, ଆପେ ଏଡ଼େ ପୁରୁଖା ଲୋକ ହେଲେ ବି ଥରେ ଥରେ ଗୋପାଳ ବଳପଡ଼େ,ତା କଥାରେ ଗୁଲଲେ ଠକବାକୁ ହୁଏ ନାହିଁ, ବେଶ ବି ପଇସା ଲାଭ ହୁଏ । ଗୋପାଳ ଆଉ ରେଷେଇଆ ନୁହେ, ବେପାରରେ ବାବୁଙ୍କ ଡାହାଣ ହାତ । ବାବୁ ବୁଢ଼ା ହେଲେଣି, ପାଞ୍ଚ ଜାଗାକୁ ଯାଇ ଆସି ପାରନ୍ତି ନାହିଁ । ଧାଁ ଦଉଡ଼ କାମ ଗୋପାଳ ଜମା । ଏବେ ଆଉ ସେ ଗୋପାଳ ନୁହେଁ, ଗଦରେ ଡାକନାମ ସାନ ବାବୁ । କାଗଜପତ୍ରରେ ଗୁମାସ୍ତା ଲେଖେ, 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର ।'

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ସନ୍ଧାନ କରି ବୁଝିଲେ, ଯଶୋର, ମୋଙ୍ଗଦାର, ପାବନା ଅଞ୍ଚଳରୁ ଯେଉଁ ସବୁ ହଳଦୀ, ଧୂଆପତ୍ର, ସରକ * ଆସେ, ପ୍ରଥମେ ଗୁର୍ଖୀଠାରୁ କଣେ ବୁଲ୍ ବେପାରୀ, ସେ ବଜାର ପାଇକାରକୁ, ପାଇକାର ହାତରୁ କଣେ ଗୋଦାମ ବାଲା, ଦଲିଦାର ତା ପାଖରୁ ମାଲ କିଣି ଚଲଣ ହୁଏ । କଲକତାରେ ମାଲ ପହଞ୍ଚିବା ବେଳକୁ ଛନ୍ଦୀ ହାତରେ ଲାଭ ଲଗିଯାଏ । ମହାପାତ୍ରେ ଦିନେ ବେଳ ଉଣ୍ଡି ମହାଜନଙ୍କୁ ଜଣାଇଲେ, "ଆଜ୍ଞା ବେପାରର ଲାଭ ବକା ଜାଗାରେ ନୁହେ, କଣା ଜାଗାରେ । ଏହା ଯେ ଧୂଆଁ ପତ୍ର, ହଳଦୀ, ସରକ ଆଣୁଛୁ, ମୁଁ ଥରେ ଯାଇ ଠିକଣା ଜାଗାରୁ। ବୁଝିଆସେଁ ।"

ମହାଜନଙ୍କ ଅନୁମତି ଦେଇ ସାନବାବୁ ସଳଖେ ସଳଖେ ଠିକଣା ଜାଗାକୁ ଗଲଗଲେ । ମଝିରେ ଆଉ କାହାରକୁ ନଗା ନ ରଖି ଗୃଷ୍ଟମୁଣ୍ଡରେ ଗୁର୍ଖୀମାନଙ୍କ-ଠାରୁ ସଉଦା କଲେ । ଦୁଇବର୍ଷ ଏହିପରି କାମ ଚଳବାରୁ ଦେଖାଗଲା, ପୂର୍ବଠାରୁ ଦୁଇଗୁଣ ଲାଭ ବେଶି । ମହାପାତ୍ରେ ଏବେ ବଳଙ୍କର ଗୁକର ନୁହନ୍ତି, ଲାଭରେ ଗୃହପଣୀ ଅଂଶଗ୍ରାଗୀ ।

ପାଞ୍ଚ ସାତ ବର୍ଷ ଏହିପରି କାମ ଚଳିଲ୍ଣି— ମହାପାତ୍ରେ ବର୍ତ୍ତମାନ ଲକ୍ଷପତି । ସେ ମନା କରୁଁ କରୁଁ ମହାଜନ ବଳେ ଗ୍ରାମରେ ଦଶ ବାର ହଜାର ଟଙ୍କା ଲଗାଇ ଗୋଟାଏ ବଡ଼ ଦୋମହଲା ଘର ବନାଇ-ଦେଲେ । ଖଣ୍ଡେ ତାଲୁକ ବି କିଣି ଦେଲେଣି । ମହାଜନଙ୍କର ଇଚ୍ଛା,ଗୋପାଳ ଖୁବ୍ ବଡ଼ ଲୋକ ହେଉ । ହେଲେ, ଗୋପାଳର ବଡ଼ଲୋକୀ ଗୁଲଚଳଣ ନାହିଁ, ଦିନ ଗତି କାମରେ ଲଗିଥିଲେ ଆନନ୍ଦ । ଗଦର ସବୁ ମାମଲତ ତଦ୍ବଲ ଗୁର ମହାପାତ୍ରଙ୍କ ହାତରେ । ବଳେ ଏବେ ଭୁନ ହୋଇ ଗଦରେ ମାଲ ଗଡ଼ାଉ-ଥାନ୍ତି ।

ବାବୁ ଗୋପାଳଚନ୍ଦ୍ର ମହାପାତ୍ରଙ୍କର ଗୋଟିଏ ବୋଲି ପୁଅ, ନାମ ରଙ୍ଗବଲ୍ଲେଚନ । ପୁଅଟି ଟାର

* ବାଣିଜ୍ୟ ସକାଶେ ଦ୍ରବ୍ୟସାନ ।

ଗଲଣି, ଚଉଦ ପୂର ପଦର ଗୁଲୁଛୁ । ଗୋପାଳ ବାବୁ ଗ୍ରାମକୁ ଯାଇଥିଲେ, ଅବଧାନେ ଦେଖା ଓଟା ଆସି କହିଲେ, "ସାନ ବାବୁ ଖୁବ୍ ବୁଦ୍ଧିଆ, ଘର ପାଠୁଆ । ଖଡ଼ପାଠ, ପୋଥିପାଠ ସବୁ ଛୁଡ଼ିଲଣି । ଆଉ ତାଙ୍କୁ ପଢାଇବାକୁ ପାଠ ନାହିଁ ।" ଅସଲ କଥା, ରଙ୍ଗାବଈ ଘର ଦୁଷ୍ଟ । ଗୃହଶାଳୀରେ ବଡ଼ ଉତ୍ପାତ କରେ, ଅବଧାନଙ୍କ ପଛରେ ବ ଚୋଖଡ଼ ମୋଖଡ଼ ଲଗାଇ-ଲଣି । ବଡ଼ଲୋକ ପୁଅ, ଜମିଦାର ପୁଅ ବୋଲ ଅବଧାନେ ଶଙ୍କି ରହୁଥାନ୍ତି, କଛୁ କହି ପାରନ୍ତି ନାହିଁ । ବାବୁ ପୁଅର ପ୍ରଶଂସା ଶୁଣି ଘର ଖୁସି । ଅବଧାନେ ଗୋଟିଏ କଥା, ପାଞ୍ଚୋଟି ଟଙ୍କା ପୁରସ୍କାର ପାଇ ଦଣ୍ଡବତ୍ତଈ କରି ମେଲଣି ଯେତଳେ । ସାନ୍ତାଣୀ (ରଙ୍ଗାବଙ୍କ ମାତା) ସାନ୍ତୁକୁ କହିଲେ, "ରଙ୍ଗାବ ମୋ ବୋଲ ମାନେ ନାହିଁ, ଦନପାକ ଗାଁ। ଟୋକାଙ୍କ ସାଙ୍ଗରେ ଦାଣ୍ଡରେ ବୁଲୁଥାଏ । ତାକୁ ସାଙ୍ଗରେ ଘେନ ଯାଅ ।" ରଙ୍ଗାବକୁ କଲକତା ଘେନଯାଇ କାମ ଶିଖାଇବାପାଇଁ ବାବୁଙ୍କର ବ ଇଚ୍ଛା ଥିଲା ।

କଲକତା ବଳବାବୁ ମହାଜନ ଗଦି ସାଙ୍ଗରେ ବଡ଼ ବଡ଼ ଇଂରାଜ ସଉଦାଗର ହାଉସମାନଙ୍କର କାରବାର । ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ଠାକୁ ଗଲେ, ଗୋଟାଏ ଦୋଭାଷୀ ଜରିଆରେ କଥା ଚଳେ । ବାବୁ ଇଂରାଜୀ ଜାଣନ୍ତି ନାହିଁ—ସାହେବ ବ ଓଡ଼ିଆ ବୁଝେ ନାହିଁ । ବାବୁ ଘେର ଥର ବଡ଼ଲୋକ ମଜ୍ଲିସରେ ଦୋଭାଷୀ ଖାବଳେ ମାରନ୍ତିଏ । ରଙ୍ଗାବ ଯେବେ ଇଂରେଜୀ ପାଠ ପଢ଼ି କାମରେ ଲଗିବ, କେହି ଠକାଇ ପାରିବ ନାହିଁ । ଗଦର ସରକାର କେଲ୍‌କାଟା ଏଣ୍ଡ୍ରୁ ଏକାଡେମିରେ ରଙ୍ଗାବ ବାବୁଙ୍କ ନାମ ଲେଖାଇ ଦେଇ ଆସିଲା । ଡ଼ୋ ଗୁଲୁଛୁ ତ ଗୁଲୁଛୁ । ମାସକୁ ଥରେ ସ୍କୁଲ ଦରମା ଓ କତାପର ଦାମ ନେବା ବେଳ ବାପା ମୁଆଙ୍କର ଭେଟ । ବାପେ ପାଠ ପଇ ନେବେ କଣ, କପର ପଡ଼ୁଛୁ ପଗ୍ଭରବାକୁ ବ ବେଳ ନାହିଁ । ତନ ଗୃର ବର୍ଷ ବତ ଚଲ୍ଲଣି, ମାସକୁ ମାସ ସ୍କୁଲ ଦରମା ଆଉ କତାପର ଦାମ ପଗୃଶ ଟଙ୍କାରୁ ବଳଲ୍ଲଣି । ଦନେ ବାପ ପଗୃଶରେ, "କରେ ରଙ୍ଗାବ, ଏବେ ଏତେ ଖରଚ କିଁୟା ?" ରଙ୍ଗାବ ବାବୁ ଜବାବ ଦେଲେ, "ବାପା, ମୁଁ କଲ୍ଲସ ଡେଉ ଉପରକୁ ଉଠି ଗଲଣି, ସେଥିପାଇଁ ଏତେ ଖରଚ ।" ବାମେ କହିଲେ, "ତେବେ ଆଉ ପଢ଼ ନା, ଆ କାମରେ ଲଗ ।" ରଙ୍ଗାବ ବାବୁ କହିଲେ, "ନା ବାପା, ପାସ୍ ନ କଲେ ଇଂରାଜୀ ପାଠ ହୁଏ ନାହିଁ ।" ମହାପାତ୍ରେ ବ ଶୁଣିଥିଲେ, ଇଂରାଜୀରେ ଗୋଟାଏ ପାସ ହୁଏ । କହିଲେ, "ହଁ ରେ, ସେ କଥା ମତେ ଜଣା ଅଛୁ, ତୁ ବେଶି ବେଶି ପାସ୍ କର ପକା, ପେତେ ଟଙ୍କା ଲଗିବ ଲଗୁ ।" ବାପା ପୁଅ ଦୁହିଙ୍କ ମନ ଖୁସି ।

ଗୃର ପାଞ୍ଚ ବର୍ଷ ମଧ୍ୟରେ ବାବୁଙ୍କ ଇଂରାଜୀ ଡ଼ୋ କେତେଦୂର ହେଲ, ସେ କଥା ଜଣା ନାହିଁ; ମାନ ଡେର ଡେର ସଭା ସମିତିରେ ଉପସ୍ଥିତ, ଥିଏଟର ଆଉ ସୁସ୍ଥାନ କୁସ୍ଥାନ-ଭ୍ରମଣ ବଷପୂରେ ବାବୁ ପକ୍କା ହୋଇଗଲେଣି । ସ୍ୱଦେଶର ଉନ୍ନତି ସାଧନ ନମନ୍ତେ କେତେଜଣ ବନ୍ଧୁ ମିଳ ଏକାବେଳକେ ଯୋଡ଼ଏ ସମିତି ସ୍ଥାପନ କଲେ । ମଙ୍ଗଳବାର ଦନ 'କୃଫ୍ଟାର ବମର୍ଦ୍ଦିନା' ଶନବାର 'ନାସ୍ୱାଧୀନତା-ବବର୍ଦ୍ଧିନା' ସଭାର ଅଧିବେଶନ ହୁଏ । ଦୁଇ ସଭାର ସମ୍ପାଦକ ନଜେ ବାବୁ । ସଭାର ସମସ୍ତ ବ୍ୟୟ ବହନ କରିବା ତ ସମ୍ପାଦକ ପକ୍ଷରେ ଉଚତ, ଏଇଟା ହେଲ କଲକତାର ନୟମ । ସଭାରେ ଡେର ଡେର ବକୃତା ହୁଏ । ସମ୍ପାଦକ ଡେର ଥର ବକୃତା କଲେଣି । ତାଙ୍କ ବକୃତାରେ ଯେଉଁଦନ ବେଶି ହାଇତାଳ ପଡ଼େ, ସେଦନ ହୋଟେଲବାଲର ବେଶ ଆସୁ ।

ଆକସ୍ମିକ ଗୋଟାଏ ସନ୍ନିପାତ ବେମାର ଆସିଲା, ଦନ ତନଟା ଭତରେ ସଜ୍ଞାନରେ ବାବୁ ଗୋପାଳଚନ୍ଦ୍ର

ମହାପାତ୍ରଙ୍କ ଗଙ୍ଗାଲାଭ । ପିତାର ମୃତ୍ୟୁରେ ଡକା ପକାଇ କାନ୍ଦିବା ଗୋଟାଏ କୁସଂସ୍କାର । ଶୋକ ପ୍ରକାଶ ଲଗି ସଭାରେ ଉନ୍ନଦନ ବକ୍ତୃତା ହୋଇଗଲଣି । ବାବୁ ଖଣ୍ଡେ କଳା କନା ହାତରେ ବାନ୍ଧିଲେ । ସ୍ଥିର ହେଲା, ବାହୁଣ ଡାକି ଶ୍ରାଦ୍ଧ କରିବାଟା କୁସଂସ୍କାର, କେବଳ ସଭାଗୃହରେ ସ୍ତୋକ ଆଉ ଦରିଦ୍ରମାନଙ୍କୁ ଅର୍ଥ ବଣ୍ଟନ, ଡାକ୍ତର-ଖାନାମାନଙ୍କୁ ଗୃହା ଦଆଯିବ । ମାତ୍ର ମହାଜନ ବଳ ବାବୁଙ୍କ ଉପରେ ଏ ସମସ୍ତ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ ।

ମହାଜନ ବଳ ବାବୁ ପିଲାଟିକୁ ଯତ୍ନରେ ପାଖରେ ରଖିଲେ । ଇଚ୍ଛା, ପିତୃକାର୍ଯ୍ୟରେ ଉତ୍ତରାଧିକାରୀ ହେଉ । ମାତ୍ର ସେ ଇଂରେଜୀ ପାଠ ପଢ଼ିଛୁ ସତ, ବେପାର ବାଣିଜ କାମ କିଛି ଶିଖି ନାହିଁ । ଆଣ, କାମରେ ବାପଠାରୁ ବଳ ପଡ଼ିବ, ଗୋପାଳ ସେ ଅକ୍ଷର ଜାଣି ନ ଥିଲା । ଡେର ବର୍ଷଯାଏ ସ୍କୁଲପାଠ ପଢ଼ିଛି । ମହାଜନ ପାଖରେ ବସାଇ କାମ ଶିଖାଇବାକୁ ଲଗିଲେ, ମଧ୍ୟ ଶିଖାଇବା-ପାଇଁ କର୍ମଗୃଷ୍ଠମାନଙ୍କୁ ଉପଦେଶ ଦେଲେ । ଏଣେ ରଙ୍ଗାବବାବୁର ଗଦିରେ ବସିବାକୁ ମନ ନାହିଁ । ମହାଜନେ ଧରାଧରି କରି ବସାଇଲେ ! କାମରେ ମନ ନାହିଁ, କଣଟାଏ ବସି ଝାରୁଥାଏ, ମଙ୍ଗଳବାର ଶନିବାର ଦିନରେ କୁଆଡ଼େ ଚାଲିଯାଏ । ବଳ ବାବୁ ମନରେ କଲେ, ହାତରେ ପାଇଟି ପଡ଼ିଲେ ବା ବାଟକୁ ଆସିବ । ସେ କାମ ଦେଲେ, ଲଭ ଆଉ ମୂଳରୁ ଭୁଟି କରି ବସେ ।

ଲଗ ଲଗ ଯୋଡ଼ାଏ ସଭାରେ ସମ୍ପାଦକ ଅନୁପସ୍ଥିତ ହେବାରୁ ସଭ୍ୟମାନେ ବଡ଼ ଖପା ହୋଇ ଗଲେଣି । ଅନୁପସ୍ଥିତର କାରଣ ସନ୍ଧାନ କରି ଦୁଇ ଜଣେ ସଭ୍ୟ ସ୍ୱାଧୀନତା ବିଷୟରେ ଘର ଗୋଟାଏ ବକ୍ତୃତା କଲେ । ସେଥିର ମର୍ମ—'ଶିକ୍ଷିତ ଜମିଦାର ସନ୍ତାନ ପକ୍ଷରେ ପର ଅଧୀନରେ ଚାକରି କରିବା ଉଚିତ ନୁହେଁ ।' ବକ୍ତୃତା ସଙ୍ଗେ ସଙ୍ଗେ ଗୋଟିଏ କବିତା ପାଠ କରିଥିଲେ ।

'ଯାହାର ଅଛି ଧନ ଜ୍ଞାନ ଅଧିକ,
ଚାକର କଲେ ତା ଜୀବନେ ଧିକ ଧିକ ।'

ସଭାରେ ଖୁବ୍ ହାତତାଳି ପଡ଼ିଲା । ରଙ୍ଗାବ ବାବୁଙ୍କ ମନରେ କଥାଟା ଲାଗିଗଲା ।

ଦୁହିଁ ଆରଦିନ ଦିନଯାକ ରଙ୍ଗାବ ବାବୁଙ୍କୁ ଡେର ଖୋଜଉଲସ୍ ହେଲା, ଭେଟ ମିଳିଲା ନାହିଁ । ମହାଜନ ଆଗରୁ ଘର ଖପା ହୋଇଥିଲେ, କେବଳ ଗୋପାଳକୁ ମନରେ କରି କିଛି କହିପାରୁ ନ ଥିଲେ । ସଞ୍ଜବେଳେ ଭେଟ ପାଇବାରୁ ତାକୁ କାରବାରରୁ ଜବାବ ଦେଲେ । ରଙ୍ଗାବ ବାବୁ ତ ତାହା ଲେଉଟୁଥିଲେ । ଇଚ୍ଛା ଥିଲା, ଅନ୍ୟ ଜାଗାରେ ବସା କରି ସଭା ସମିତି ଚଳାଇବେ, ମାତ୍ର ପାରିଲେ ନାହିଁ । ମହାଜନ ବଳ ବାବୁ ଧରାଧରି କରି ଗ୍ରାମକୁ ପଠାଇ ଦେଲେ ।

ପାଞ୍ଜିଆ ଗୁମାସ୍ତା ପ୍ରଜାପାଟକଙ୍କ ମନ ଘର ଜୁସି । ନୂଆ ଜମିଦାରଙ୍କୁ ଅଧବାଟରୁ ପାପ୍ତେଟି ନେଲେ । ଶୁଣିଥିଲେ, ନୂଆ ଜମିଦାର ସରକାର ସ୍କୁଲରେ ଡେର ପାଠ ପଢ଼ି ଚାଲାକ ହୋଇଛନ୍ତି । ଭେଟିବାପାଇଁ ଦୁହିଁ ଆରଦିନ ସକାଳେ ଗୋଟିଏ ସଭା ହେବାର ସ୍ଥିର ହେଲା । ସଭା ନାମ ଶୁଣି ଜମିଦାରଙ୍କ ମନ ଘର ଖୁସି । ଠିକ୍ ନିରୂପିତ ବେଳରେ ପୁରୁଣା ବୁଢ଼ା ପାଞ୍ଜିଆ ରଙ୍ଗାଧର ମହାନ୍ତି ଜମିଦାରଙ୍କୁ ଗଦିରେ ବସାଇ ଦେଲେ । ଚାଲୁକ କଣା ଦିନଠାରୁ ମହାନ୍ତି ସେଠି ପାଞ୍ଜିଆ କାମରେ ଅଛନ୍ତି । ଲୋକଟି ବଡ଼ ବିଶ୍ୱାସୀ, କାମଦାର ଲୋକ, ସାନ୍ତାଣୀଙ୍କ ଡାହାଣ ହାତ । ତାଙ୍କ ଯତ୍ନରେ ଜମିଦାରୀ ଆୟ ଖୁବ୍ ବଢ଼ିଛି । ଜମିଦାର ତ ସବୁଦିନେ କଲକତାରେ । ଏହାଙ୍କୁ ଧରି ସାନ୍ତାଣୀ ସବୁ ମାମଲତ ବୁଝାସୁଝା କରୁଥିଲେ ।

ଚାଲୁକ ମଧ୍ୟରେ ଶାମପୁର ଗ୍ରାମଟି ସବୁଠାରୁ ବଡ଼, ଥଲୁଲୋକ ଡେର । ଗୋପାଳ ବାବୁ ଗ୍ରାମରୁ ଡେର ଲୋକଙ୍କୁ କଲକତାରେ ନାନା କାମରେ ଲଗାଇ

ଦେଇ ରୋଜଗାର କରାଇ ଦେଇଥିଲେ । ବାବୁଙ୍କ ସାହାଯ୍ୟ ଓ ଯତ୍ନରେ ଡେର ଟିକା କଟକରୁ ଶିକ୍ଷିତ ହୋଇ ଆସିଛନ୍ତି । ବଡ଼ ବଡ଼ ଗୃଧ୍ରୀ, ସରକାସ୍ତ ଗୁକରଆ, ମହାଜନ ଲୋଡ଼ଲେ ଜଣା ଅଧିକ ଗୁଳଶ ପଞ୍ଚାଶ ସରକ ବାହାର ପାରବେ । ନୂଆ ଜମିଦାର ବାବୁ ଖୋଜ ବସିଲେ ଗ୍ରାମ ମଧ୍ୟରେ ଶିକ୍ଷିତ କୁସଂସ୍କାର-ବର୍ଜ୍ଜିତ ଲୋକ ଅଛନ୍ତି କ ନାହିଁ । ପ୍ରାଇମେସ୍ତ, ଅପର ପ୍ରାଇମେସ୍ତ ପାସ୍, ଟ୍ରାନ୍ସଫରି ଫେଲ ଡେର ଶିକ୍ଷିତ ସ୍ୱାଧୀନମନା ଲୋକ ଗ୍ରାମରେ ବୁଲୁଥିଲେ । ଜମିଦାରଙ୍କ ଆହ୍ୱାନରେ ଭୁରନ୍ତ ହାଜର ହୋଇଗଲେ । ଜମିଦାସ୍ତ କଚେରି ଘରେ ସନ୍ଧ୍ୟା ସମୟରେ ପ୍ରଥମ ସଭା ବସିଲା । ନଜେ ଜମିଦାର ବାବୁ ଡେର ବକ୍ତୃତା କଲେ । ସେଥିର ସାରମର୍ମ, 'ହେ ସଭ୍ୟ ମହୋଦସ୍ତଗଣ ! ଏ ଦେଶର ଦୁଃଖ ଦୁର୍ଦ୍ଦଶାର କାରଣ ଲୋଡ଼ଲେ ଦନ ଆଲୁଅ ପର ଜଣାପିବ । ମୂର୍ଖତା, କୁସଂସ୍କାର, ଅବଳା, ଭଉଣୀମାନଙ୍କୁ ଘର ଭିତରେ ଲୁଚାଇ ରଖିବା ସମସ୍ତର ମୂଳ । ଏ ସମସ୍ତ ଦୂର କରିବା ସବାଗ୍ରେ ଉଚିତ ।' ଆଉ ସମସ୍ତେ କଛି ନ ବୁଝି ଥାର ମୁଣ୍ଡ ଗୁଡ଼ାଁଉଛନ୍ତି ହେଲେ । ବାବୁ ହରବୋଲ ପଞ୍ଚନାସ୍ତକ ଚଞ୍ଚଳ ଚୁଡ଼ା ହୋଇ ପଡ଼ କହିଲେ, "ସୁଶିକ୍ଷିତ ଜମିଦାର ମହୋଦସ୍ତଙ୍କ ପ୍ରସ୍ତାବ ଦୁଷ୍ପାସ୍ୟ କରୁଛି । ଉଚିତ, ଖୁବ୍ ଉଚିତ, ନଶ୍ଚସ୍ୟ ଉଚିତ, ଶୀଘ୍ର ଉଚିତ ।" ଜମିଦାର ବାବୁ ଖୁସି ହୋଇ ବାବୁଙ୍କର ପରିଚସ୍ୟ ପଚାରିଲେ । ହରବୋଲ ବାବୁଙ୍କ ଘର ଏହି ଗ୍ରାମରେ, ଇଂରାଜୀ ମାଇନର ପାସ୍ । ବଦୁପୁର ପୋଷ୍ଟ ଅଫିସରେ ସବ୍ ପୋଷ୍ଟମାଷ୍ଟର ଥିଲେ, ଅନ୍ୟାନ୍ୟ କର୍ମଚାସ୍ତ ଅର୍ଥାତ୍ ଚିଅନମାନେ ବଡ଼ ଚୋର ଓ ଅଯୋଗ୍ୟ ଲୋକ ଥିଲେ । ବାବୁ ସେମାନଙ୍କୁ ଶାସନ କରିବାରୁ ସେମାନେ ସରକାସ୍ତ ତହବିଲ ଟ ୧୬୨୫୵ ଚୋର କରି ବାବୁଙ୍କ ନାମରେ ଗଡ଼ାଇ ଦେଲେ । ମେଜେଷ୍ଟର ସାହେବ ତାଙ୍କୁ ଛ ମାସ କଟକରେ ଅଟକାଇ ରଖିଲେ ସତ୍ୟ; ମାନ ପଚିଲନ୍ତି ଅସଲ ହାଲ୍ ଜାଣିପାରି ନର୍ଦ୍ଦୋଷ ବୋଲି ଛାଡ଼ି ଦେଇଥିଲେ । ବାବୁ ବରକ୍ତ ହୋଇ ପର ଅଧୀନରେ ଚାକସ୍ତି ଛାଡ଼ି ଦେଇଛନ୍ତି ।

ଜମିଦାର ବାବୁ ଖୁବ ଖୁସି । ଗ୍ରାମ ମଧ୍ୟରେ ତାଙ୍କୁ ଯୋଗ୍ୟ ଲୋକ ବୋଲି ସ୍ଥିର କଲେ । ଆଗାତତଃ ଜ୍ଞାନବର୍ଦ୍ଧିନୀ ଓ ସ୍ତ୍ରୀସ୍ୱାଧୀନତାବର୍ଦ୍ଧିନୀ ଯୋଡ଼ଏ ସଭା ବସିବାର ସ୍ଥିର ହେଲା । ଦୁଇ ସଭାର ସମ୍ପାଦକ ହରବୋଲ ବାବୁ । ପ୍ରତ୍ୟହ ନଯୁମିତରୂପେ ସଭାକାର୍ଯ୍ୟ ଚଳିଲା । ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତି ହୋଇଯାଏ । ସଭ୍ୟମାନେ ଘରକୁ ଯାଇ ଖାଇବା ନାହିଁ, କଚେରି ଘରେ ସେମାନଙ୍କ ସ୍ତ୍ରୀଜନ ଖାନର ବନ୍ଦୋବସ୍ତ ହୁଏ । ଗୋଟିଏ ବାଳକା ବଦ୍ୟାଳସ୍ତ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା ।

ରୋଜ ରୋଜ ଟଙ୍କା ଦାଖଲ କରି କରି ବୁଢ଼ା ପଞ୍ଚନାସ୍ତକ ହସ୍ତସ୍ତଣ । ଟିକଏ ବଳମ୍ବ ବା ମୋଡ଼ ମୋଡ଼ ହେଲେ ବାବୁ ଖରା ଖପା । ଟଙ୍କା ଗୁଡ଼ାକ କୁଆଡେ ଯାଏ, କ କାରବାର ହୁଏ, ଇଦମଥି ନାହିଁ । ଦନେ ସନ୍ଧ୍ୟାବେଳେ ମା ସାନ୍ତାଣୀ ଓ ପଞ୍ଚନାସ୍ତକଙ୍କ ମଧ୍ୟରେ କଥା ହେଲା ।

ପଞ୍ଚନାସ୍ତକେ—ଆଜ୍ଞା, ସବୁ ବୁଡ଼ି ବସିଲା !

ମା ସାନ୍ତାଣୀ—ରହିବ ପରା, ନଜେ ମୂର୍ଖ, କଛୁ ବୁଝିବାର ନାହିଁ, ମୁଲକର ଚୋର ଚୁଣ୍ଡ, ଟିକଏ ଧର୍ମଜ୍ଞାନ ଭଲା ଥାନ୍ତା ! ଏହି ଘରେ ପୁଣି ମଦ ମାଂସ ! ସ୍ୱଧେକୃସ୍ତ ସ୍ୱଧେକୃସ୍ତ ! ପଞ୍ଚନାସ୍ତକେ ତୁମେ ଅଲଗା ହୋଇଯାଅ ।

ପଞ୍ଚନାସ୍ତକେ ନଶ୍ୱାସଟାଏ ପକାଇଲେ ।

ପଞ୍ଚନାସ୍ତକଙ୍କୁ କଛୁ କହିବାକୁ ହେଲା ନାହିଁ । ରାତ୍ରି ସଭାରେ ସ୍ଥିର ହୋଇଗଲା, 'ବୁଢ଼ାଟା ଅଯୋଗ୍ୟ, କୁସଂସ୍କାସ୍ତ, ସଭାର ବସ୍ତୁକାସ୍ତ—ସେ ବରଖାସ୍ତ । ହରବୋଲ ବାବୁ ସ୍ତ୍ରୀର ଯୋଗ୍ୟ ଲୋକ, ସଭା ଏବଂ

ଜମିଦାର୍ଣ୍ଣୀ ଦୁଇ କାର୍ଯ୍ୟ ଭୁଲେଇ ପାରବେ ।' ଏଣିକ ସୁନ୍ଦର କାର୍ଯ୍ୟ ଚଲଲ୍ଲ, ଝଙ୍କାର ଅଭ୍ୟବ ନାହିଁ, ବାଧା ଦେବାକୁ କେହି ନାହିଁ । ଅମଲ୍ଲ ପଧାନମାନଙ୍କ ପ୍ରତ୍ତ ସାଫ ହୁକୁମ, ଝଙ୍କା ଦାଖଲ । ପ୍ରଥମ ପ୍ରଥମ ସେମାନଙ୍କୁ ଅଡ଼ୁଆ ଲଗୁଥିଲ୍ଲ, ଏଣିକ ସାଫ ବୁଝିଲେଣି । ଦଶ ଖମାର ଧାନ,ଚ୍ଚ ସାଉଝ। ଗୋରୁ ମଇଁଷ ପଲ, ପଞ୍ଚବାଝୀ ଦାଉଗୃଷ, ସେଣିକ ଅନାଇଲେ ଝଙ୍କା; ଗ୍ରେଜଗାରର ଦାଁଓ କଏ ଚ୍ଛଡ଼ ?

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ଉଆସ ଆଗରେ ଗୋଟିଏ ପକା ମନ୍ଦର ତ୍ୟାର କରଇ ଘଧାକୃଷ୍ଣ ଯୁଗଳ ମୂର୍ତ୍ତି ପ୍ରତ୍ତଷ୍ଠା କରଇଥିଲେ । ମା ସାନ୍ତାଣୀ ବର୍ତ୍ତମାନ ଘରୁ ବାହ ର ଯାଇ ସେହ୍ନ ମନ୍ଦରରେ ଅଚ୍ଛନ୍ତ, ପ୍ରତ୍ତଦନ ସନ୍ଧ୍ୟା ସମ୍ଭରେ ବକଞ୍ଚେ ଠାକୁର ପ୍ରସାଦ ହବ୍ୟଷ୍ୟାନ୍ନ । ବୁଢ଼ା ଚ୍ଛମ୍ବକରଣ ବ ସେହ୍ନଠାରେ ଥାନ୍ତ । ପ୍ରତ୍ତଦନ ସନ୍ଧ୍ୟାଠାରୁ ଅଧଘ୍ତଘଯାଏଁ ଘ୍ତଗବତ ପାଠ ହୁଏ । ମା ସାନ୍ତାଣୀ ବନଯାକ ଠାକୁର ଆଗରେ ଆଣି ବୁଜ ବସି ମାଳ ଗଡ଼ାଉଥାନ୍ତ । ବନେ ପଞ୍ଚନାପ୍ତକେ ସାନ୍ତାଣୀଙ୍କୁ କହ୍ନଲେ, "ଆଜ୍ଞା, ଶୁଣିଛନ୍ତ, ବାବୁଙ୍କ ମଙ୍ଗଳକୃତ୍ୟ ବଢ଼ିବାର ସମ୍ଭରେ ସ୍ଥିର ହେଲ୍ଲ । ମୁଁ କଡ଼ୁଛି, ହେଉ, ବୋହୂ ସାନ୍ତାଣୀ ଆସିଲେ ଅବା ଘରକରଣାଝ। ସମ୍ଭଲା-ସମ୍ଭଳ କରବେ ।" ମା ସାନ୍ତାଣୀ ଆଁଝ। କର ପଞ୍ଚନାପ୍ତକ ମୁହଁକୁ ଚଢ଼ଏଯାଏ ଘୂହିଁଲେ, ଚହିଁ ଉନ୍ତରେ ପଘ୍ତରଲେ, "—ଆ—କନ୍ୟା, ?" ପଞ୍ଚନାପ୍ତକେ କହ୍ନଲେ, "ଆଜ୍ଞା, ମୁଁ ନଜେ ସେ କଥା ବୁଝିବାକୁ ଯାଇଥିଲ, ବାବୁ ଜବାବ ଦେଲେ, ଦେଶୀ କନ୍ୟାଗୁଡ଼ିକ ଅଶିଷ୍ଟିତା, କୁସଂସ୍କାର ଅସଭ୍ୟତାରେ ବୁଡ଼ିଛନ୍ତ, ଲୁଚା ଖଣ୍ଡ ପିନ୍ଧି ଜାଣନ୍ତ ନାହିଁ, ଅଧାଲଙ୍ଗଳା ହୋଇଥାନ୍ତ, ମୁହଁ ଢାଙ୍କି ମୂଷା ପର ଗାତରେ ଲୁଚଥାନ୍ତ ! କଲକତାରେ ପଢ଼ା କନ୍ୟା ଠିକ୍ ହେଲ୍ଲଣି ।" ମା ସାନ୍ତାଣୀ ପାଟି କର 'ଘଧେକୃଷ୍ଣ, ଘଧେକୃଷ୍ଣ' କହି ଭୁନ ହେଲେ । ହାତ ଯୋଡ଼ି ଠାକୁରଙ୍କୁ ଅନାଇଥାନ୍ତ, ଦୁଇ ଆଖିରୁ ଯୋଡ଼ାଏ ଧାର ବହି ଯାଉଛି । ପଞ୍ଚନାପ୍ତକେ ପୁନବାର କହ୍ନଲେ, "କଲକତାକୁ ବରପାର୍ଟୀ କଏ କଏ ଯିବେ, କ କ ଗ୍ରେଶନ କେତେ ତ୍ୟାର ହେବ, ପଘ୍ତରଥିଲ । ବାବୁ ଠୋ ଠୋ ହସି ଉଠି କହ୍ନଲେ, 'ଅସଭ୍ୟତା, ଅସଭ୍ୟତା, କୁସଂସ୍କାର ! ତୁମେ ତ ଇଂଘ୍ରଜୀ ଜାଣ ନା, ଡେଗି ବ ନାହିଁ, ସଭ୍ୟ ବବାହ କଥା କପର ଜାଣିବ ? ଗ୍ରେଶନ ଆଉ ଆଉ ଖରଚ କଥା ଯେ କହ୍ନଲ, ତୁମ୍ଭମାନଙ୍କ ପର ଅଶିଷ୍ଟିତ ଲୋକେ କେତେ ଜମିଦାର ଘର ବୁଡ଼ାଇଲେଣି । ବହାର ବବାହ-ବ୍ୟପ୍ତ-ଫଙ୍କେପଣୀ ସଙ୍ଗକୁ ଇଂଘ୍ରଜୀ ଅଫିସିଏଲ ଚଠି ଯାଇଛି, ସେଠାରୁ ଯେପର ବ୍ୟବସ୍ଥା ଆସିବ, ସେହ୍ନପର ବଘ୍ତ ହେବ ।' ମୁଁ ଆଉ କଛି କହ୍ନଲ ନାହିଁ, ପବୁବେଳେ ମିଜାଜଝ। ଚଢ଼ି ରହ୍ନଛି, କାଚ କୁମ୍ଭାଗୁଡ଼ାକ ଓଳ ଚଲେ ଗଣ୍ଡା ଗଣ୍ଡା ଗଡ଼ୁଛି ।"

ସଙ୍ଗର ସଭ୍ୟମାନଙ୍କୁ ସାଙ୍ଗରେ ଧର ବାବୁ କଲକତା ଗ୍ଲଲ ଗତଲଣି । କଲକତା ଗୋଟିଏ ବଚନ୍ତ ଜାଗା । ଝଙ୍କା କାଡ଼, ମା ବାପ ଛଡ଼ା ସବୁ ମିଳବ । ଶିବରପୁର ଗାଡ଼ନଚ୍ଚଚରେ ଗୋଝଏ ବଡ଼ ଦୋତଲ୍ଲ ଘରେ ଝାଡ଼ ଲଣ୍ଠନ ଦେବାଲଗିର ଶତ୍ତଖଣ୍ଡ ବନ ଆଲୁଅ ପର ଜଳୁଛି, ତଳେ ଗାଲଚ୍ଚ, ଶତ୍ତରଞ୍ଜି ବଛଣା । ଘତ୍ତରେ ଦୁଇ ତରଫା ଖେମଝ। ନାଚ । ଘପ୍ତାଂ— ପୀପ୍ତାଂ ଲଗିଛି ! ଆଖପାଖ ବଜାର ଲୋକେ ଜାଣିଲେ, ଓଡ଼ଶାର ଗୋଟିଏ ରଜାପ୍ତଅର ବଘ୍ତଦର ।

କନ୍ୟାଝିର ନାମ ନପ୍ତନତାର୍-ଦୁଃଖପାସୋର୍ । ବାବୁ ଶୁଣିଥିଲେ, ମଧ୍ୟ ପ୍ରତ୍ୟକ୍ଷ ଦେଖିଲେ — କନ୍ୟା ସୁନ୍ଦଶ୍ୱ, ସଭ୍ୟା, ସ୍ୱାଧୀନା, ଶିଷ୍ଟିତା । ଜମିଦାର ବାବୁ ବମୋହ୍ନତ ହୋଇ ଗଲେଣି । ମନେ କଲେ, ସ୍ୱର୍ଗରୁ ଦେବକନ୍ୟାଝିଏ ଓହ୍ଲାଇ ଆସିଛି । ବନ ଘ୍ତ ଚିତ୍ତସ୍ଥ ହାତରୁ ଛୁଡ଼ ନାହିଁ । ଚ୍ଚତ୍ତଦନ ହେଲ୍ ବର କନ୍ୟା

ମଧ୍ୟରେ ପ୍ରଣୟାଳାପ ଅର୍ଥାତ୍ Courtship ଚାଲୁଛି । ବଗି ଚଢ଼ି କେତେ ଜାଗା ବୁଲ ଆସିଲେଣି । କନ୍ୟା ବାପ ମା'ଙ୍କୁ ଏଇଟା ଭଲ ଲାଗୁନାହିଁ । କାଳେ ଜମିଦାର ପୁଅଟା ହାତରୁ ଖସିପିବ, ସେହି ଡରରେ କଛୁ କହି ପାରୁନାହାନ୍ତି । କନ୍ୟାର ଜାତ କୁଳ ଘର ବଷପ୍ଟ କେହି ସନ୍ଧାନ କରି କଛୁ ଠିକଣା ପାଇଲେ ନାହିଁ ।

ଗଳ୍ପ ଲେଖକମାନଙ୍କୁ ସମସ୍ତ ବଷପ୍ଟ ସନ୍ଧାନ କରି ନଗ୍ରେଳ ସତ୍ୟ କଥାଗୁଡ଼ିକ ଲେଖିବାକୁ ହୁଏ । ଆମ୍ଭେମାନେ ବହୁତ ଅନୁସନ୍ଧାନ ଯୋଗରେ ଏହିପରି ପରିଚପ୍ଟ ପାଇଅଛୁଁ—ଆସାମ ଗ୍ଟ ବଗିଗ୍ଟ ମେନେଜର ସାହେବ ଗୋଟାଏ କୁଲ ଝୋକାକୁ ବବୁର୍ଚି କାମରେ ବାହାଲ କରିଥିଲେ, ତା ନାମ ମଙ୍ଗା ମଲକ । ସେ ବଡ଼ି ବଡ଼ି ପଦୋନ୍ନତିରେ ହେଲା ଖାନଜମା । ସେହି ବଗିଗ୍ଟରେ ୩୦।୪୦ ବର୍ଷ ହେଲା ସାହେବମାନଙ୍କ ପାଖରେ ଅଛୁ । ଗ୍ରାମ ଘର ଜାତ କୁଳ କଛୁ ଜଣାନାହିଁ—କୁଆଡ଼େ ବା ଯିବ ? ସେହିଠାରେ ଗୋଟିଏ କୁଲଆଣୀକୁ ବାହା ହେଲା । ବାହା ହେଲା ହିଁ, ଡେର ଦିନଯାଏ ସନ୍ତାନ ମୁଖ ଦେଖିଲା ନାହିଁ । ତିନାଥ-ମେଳା, ପୁକୁରଜନପୂଜା, ଗ୍ରାମଦେବତ୍ପ ମାଜଣା, ଦୁଇ-ଜଣଯାକ ଡେର ଡେର ଧର୍ମ କାର୍ଯ୍ୟ କଲେ । ଦରବୁଡ଼ା ବପ୍ଟସରେ ଗୋଟିଏ କନ୍ୟା ଜାତ ହେଲା, ବୁଢ଼ାବୁଢ଼ୀ ଘର ଖସି । ମା ଝିଅର ନାମ ଦେଲେ, ନପ୍ଟନତାରା—ବାପ ଡାକଲେ ଦୁଃଖପାସୋରା – ଶେଷରେ ନାମ ହେଲା ନପ୍ଟନତାରା-ଦୁଃଖପାସୋରା । କନ୍ୟାଟି ଦିନକୁ ଦିନ ବଢ଼ିଲା । ଗ୍ଟ ବଗିଗ୍ଟ ପାଖରେ ଗୋଟିଏ ସ୍ଟଟିଶ୍ ବ୍ୟାପ୍ଟିଷ୍ଟ ଅଙ୍ଗ୍ରେଜ ବାଳକା ସ୍କୁଲ ଥିଲା । ମିସ୍ ଡଗ୍ଲସ ମିସ୍ଟ୍ରେସ୍ । ମା ବାପ ହର ଶ୍ରଦ୍ଧା, ଘର ଖସିରେ କନ୍ୟାଟିକୁ ମୋଜା ଜୋତା ସେମିଜ ଜାକେଟ୍ ପିନ୍ଧାଇ ଦେଇ ସ୍କୁଲ ପଠାଇଲେ । କନ୍ୟାଟି ବଡ଼ି ବଡ଼ି ପାଠ ପଢ଼ି ପଢ଼ି ତେର ବା ଚଉଦ ବର୍ଷ ହେଲଣି । କନ୍ୟାଟି ସ୍କୁଲରୁ ଆସି ମା ବାପ ପାଖରେ ଡେର ଇଂରଜୀ କଥା କହେ, ମୋଜା ବୁଣା ଦେଖାଏ, ଗୀତ ଗାଏ, ନାଚେ । ଖୁବ୍ ସ୍ୱାଧୀନା । ପୁରୁଷଗୁଡ଼ାଙ୍କୁ ଖାତର କରେ ନାହିଁ । ଏଣେ ମା ବାପ ମୁଣ୍ଡରେ ଉକୁଣି କାମୁଡ଼ୁଲଣି, କମିଡ ବାହା ଦେବେ । ଛୁଟି ନେଇ କଲକତା ଆସିଲେ, ଡେର ଖୋଜାଖୋଜି କଲେ; ମାନ ବାପ ମାର ଜାତ କୁଳ, ଦେଶର ପତ୍ତ୍ର ନ ଲାଗିବାରୁ ବର ଯୁଟିଲ ନାହିଁ । ପ୍ରଜାପତି ଘଟମ୍ଫ, ଜଣେ ଦଲାଲ ଠିକଣା ଲଗାଇ ଦେଲ । ସେହି ଦଲାଲ ବାବୁଙ୍କୁ ଜଣାଇଲ, "ଆପଣ ଜମିଦାର, କଲକତା ସହରରେ ଘର ନାମ ଡାକ । ସେହିପରି ମର୍ଯ୍ୟାଦାରେ ବଭାଘର ହେବ । ବାବୁ ଟ୍ଟୁକି ଟ୍ଟୁକି କହିଲେ, "ଅବଶ୍ୟ, ଅବଶ୍ୟ, ନଶ୍ଚପ୍ଟ ।" ମେନେଜର ବାବୁ କହିଲେ, "ଟଙ୍କା ନାହିଁ ଯେ ।" ଦଲାଲ କହିଲା, "ଏ କଣ ଗୋଟାଏ କଥା ? ବାବୁଙ୍କର ପୁଣି ଟଙ୍କାର ଅଭାବ ? ବାବୁ ଆଜ୍ଞା କରନ୍ତୁ, ଏଇଲଗେ ଦଶ ହଜାର ଟଙ୍କା ଆଣି ଦେବି ।" ଟଙ୍କା ନାମ ଶୁଣି ବାବୁଙ୍କର ଟିକେ ହୋସ୍ ହେଲା, ଶୁଣି ମନ ଖସି, ସଲଖି ବସିଲେ । କଲକତାରେ ମହାଜନ ଅଭାବ କଣ ? ଖୁବ୍ କାଏଦା କଟକଣାରେ ଜମିଦାଣ୍ଡ ଲେଖି ନେଇ ଦଶ ହଜାର ଟଙ୍କା ଦେବାକୁ କହିଲା । ଦଲାଲ ରେଜେଷ୍ଟ୍ରି କରିବାକୁ ଡର ସହୁ ନାହିଁ, ଜଲଦି ଟଙ୍କା ଆଣ । କଲକତାରେ ଅନେକ ବାବୁ ଅର୍ଥାତ୍ ପ୍ରବଂ ସଙ୍ଘର ସଭ୍ୟମାନେ, ଆଉ ଶିନ୍ଦୁରପୁର ବଜାରର ଛୁଟ-କୁରିଆ ବଡ଼ିଆ ସମସ୍ତ ଦୋକାନୀ ନମନ୍ତ୍ରିତ ହୋଇ-ଗଲେ । ନାନାପ୍ରକାର ମିଷ୍ଟାନ୍ନ, ନାନାପ୍ରକାର ପେପ୍ସ, ଆସନ, ଦାନ୍ତଖଣ୍ଟା ପର୍ଯ୍ୟନ୍ତ ଧରି ଠିକାଦାର ହାଜର । ଛନ ଦିନଯାଏ ନାଚ ତାମସା ପିଆର ଖୁବ୍ ଧୂମ ଲୁଟିଛୁ ।

କରଜ ଦଶ ହଜାର ଟଙ୍କାରୁ କାହିଁରେ କେତେ ଟଙ୍କା ଖରଚ ହେଲା, ଆମ୍ଭେମାନେ ସେଥିର ହିସାବ ଦେଇ ପାରିବୁ ନାହିଁ, କାରଣ ସେଥିର କଛୁ ଲେଖା-

ଲେଖି ନାହିଁ । ମେନେଜର ହରବୋଲ ବାବୁଙ୍କ ହାତରେ ଚଢ଼ାବଳ । ନାନା କାର୍ଯ୍ୟରେ ବ୍ୟସ୍ତ ଏବଂ ଜମିଦାରଙ୍କ ସ୍ୱାସ୍ଥ୍ୟ ନମନ୍ତେ ସଭ୍ୟଦେଶ ନଯିବାରୁ ସାନର ମାଆ କଛୁ ବଳ ପଡ଼ିବାରୁ ଖର୍ଚ୍ଚ ଝଙ୍କାର ହ୍ୱସାବ ରଖିବାକୁ ବେଳ ଦାଇ ନାହାନ୍ତ ।

ବବାହ ଶେଷ । ଜମିଦାର ଜମିଦାରଣୀ ଦେଶସ୍ଥ ସଭ୍ୟମାନଙ୍କୁ ଧର ଦେଶକୁ ବାଡ଼ୁଡ଼ଲେ । ବର କନ୍ୟା ଜଆସ ମଧ୍ୟକୁ ପ୍ରବେଶ ବେଳେ ଜଆସର ଘୋଇଲ୍ଲା ପଆ, ଗ୍ରାମର ଭଲ ଭଲ ଲୋକ ଘର ବୋହୂ ଝିଅମାନେ ଗୋଟିଏ ନୂଆ କୁଲୁରେ ସେରେ ଅରୁଆ ଗୁଡ଼ଳ, ଦୂବ, ବରକୋଳ ପତ୍ର ଦେଇ ତାହା ଉପରେ ଘିଅ ପାପଟିଏ ଥୋଇ ବର କନ୍ୟା ବନ୍ଦାଇ ନେବାକୁ ଆସିଲେ । ଶଙ୍ଖ ହୁଳହୁଳ ଶୁଣି ଜମିଦାର ଘର ଘୁଗି ଯାଇ "କୁଫଙ୍କାର, କୁଫଙ୍କାର, ଅସଭ୍ୟତା" କହି ଘର ଗୋଟାଏ ପାଟି କଲେ । ସ୍ୱାମୀଙ୍କ ଦେଖାଦେଖି କନ୍ୟା ମଧ୍ୟ "ଏହା ନଡାନ୍ତ ବଡ଼ କୁଫଙ୍କାର ଅଛୁ, ଏହା ଅସଭ୍ୟତା" କହି ଠୋ ଠୋ କର ହସି ଉଠିଲେ । ଗାଁ ଭୁଆସୁଣୀ ଗୁଡ଼ାକ ଏ ସବୁ ଦେଖି ଶୁଣି ଚୁନ୍ନିଆରେ ଉରରେ ଅଗଣାରେ କୁଲ୍ଲଟା ଭଳେ ଥୋଇ ଦେଇ ଯେ ଯାହା ଘରକୁ ପଳାଇଲେ ।

ପୁଅ ବୋହୂ ହାତ ଧରାଧରି ହୋଇ ମା ସାନ୍ତାଣୀଙ୍କ ସହିତ ସାକ୍ଷାତ କରିବାକୁ ବାହାରିଲେ । ମା ତେତେ-ବେଳେ ଠାକୁରଙ୍କ ଆଗରେ ମାଳଟି ହାତରେ ଧର ଆଖି ବୁଜ ବସି ଫୁସ୍ ଫୁସ୍ 'ହରେ କୃଷ୍ଣ' ନାମ ଜପୁଥନ୍ତି । ବୋହୂର ଗୋଡ଼ରେ ଲେଡ଼ୁଯୋଡା ଏଡ଼ର ଠକ୍ ଠକ୍ ଶବ୍ଦ ଶୁଣି, ଚମକ ପଡ଼ ଠିଆ ହୋଇଗଲେ । ବୋହୂ, ଝିକଏ ହସି ହସି 'ଓ ଆମ୍ମର ପ୍ରିପ୍ସ ଶାଶୁ ! ନମସ୍କାର— ନମସ୍କାର । କେମନ୍ତ କର ଆପଣ କର' କହି ହାତ ବଢ଼ାଇ ଯେମନ୍ତ ଶାଶୁ ପାଖକୁ ଗଲଗଲେ, ବୁଢ଼ୀ ତ 'ଛୁଁ—ନା—ଛୁଁ—ନା—ଛୁଁନା—ଆରେ କଏ ଅଛୁ ରେ, ମହର ଅଭ୍ରତସ୍ଥା ହେଲ ରେ, ବାହାର କର ବଅ ରେ, ବାହାର କର ବଅ ରେ' ବୋଲ ରଡ଼ ଛୁଡ଼ଲେ । ଜମିଦାର ବାବୁ ମିସେସ୍ ମହାପାତ୍ରଙ୍କ ହାତ ଧର ଭଡ଼ ନେଲେ । ଘର ଖପାଟାଏ ଦୋଇ କହିଲେ, "ଅସଭ୍ୟତା, ମୂର୍ଖତା, ଘର କୁଫଙ୍କାର ! ଓହୋ ! ଲେଡ଼କୁ ଇନ୍‌ସଲ୍‌ଟ୍ !" ସେହି ମୁହୂର୍ତ୍ତରେ ମା ସାନ୍ତାଣୀ ବଣ୍ଡାସ୍ତୀ ଘୋଇଲ୍ଲା ଘଧୀ ଆଉ ଗୋଟିଏ ପୁଟୁଳି ଧର ଘରୁ ବାହାର ଗଲେ ପୁଣି । ମାଡାମଠାରେ ରହିଥିବାର ଆଠ ଦିନ ବାଦ ସମ୍ବାଦ ଆସିଲ୍ଲା ।

କେହି ବାଧା ଦେବାକୁ ନାହିଁ, କେହି କଛୁ କହିବାକୁ ନାହିଁ, ସ୍ୱାଧୀନ ଘରେ କୁଫଙ୍କାର ନିବାରଣ ଆଉ ଦେଶ ଉଦ୍ଧାର ବିଷୟରେ ଲଗି ପଡ଼ିଛନ୍ତି । ରାତି ମାତ୍ର ବକ୍ତୃତା ଓ ପାନାହାରରେ କଟିଯାଏ, ଶୋଇବାକୁ ବେଳ ନାହିଁ ? ମିସେସ୍ ମହାପାତ୍ର ତ ସଭାରେ ଛୁଡ଼ା ହୋଇ କେତେଥର ବକ୍ତୃତା କଲେଣି । ଦିନଯାକ ଶୋଇଥାନ୍ତି, ପ୍ରକା ପାଟିକ କେହି ଗୁହାରିଆ ଆସିଲେ ଭେଟ ପାଏ ନାହିଁ । ଯଦି ଭେଟ ମିଳେ, ଏକ ଜବାବ, "ମେନେଜର ପାଖକୁ ଯାଅ ।"

କେହି ବୋହୂ ସାଆନ୍ତାଣୀ ବୋଲ କହିଲେ ଜମିଦାର ବାବୁ ଘର ଖପା ହୋଇଯାଆନ୍ତି । ନାମ ହୋଇଛୁ, ମିସେସ୍ ମହାପାତ୍ର । ମାଡ ଘୋଇଲ୍ଲାମାନେ ଆଉ ମୂର୍ଖ ଗୁକରଗୁଡ଼ାକ ଠିକ୍ ନାମ ଧର ଡାକ ପାରନ୍ତି ନାହିଁ । କେହି କହେ କସ୍ ମିସ୍ ମହାପାତ୍ର— କେହି କହେ ମିସ୍ତ୍ରୀ ମହାପାତ୍ର—କେହି ଡାକେ ଫିସ୍ ଫିସ୍ ମହାପାତ୍ର । କନ୍ତୁ ସେଥିରେ ମନା ନାହିଁ, ବରଞ୍ଚ ମିସେସ୍ ମହାପାତ୍ର ହସି ପକାଇ ବଡ଼ ଖୁସି ହୁଅନ୍ତି ।

ମିସେସ୍ ମହାପାତ୍ର ପ୍ରାତଃକାଳରେ ଗୁ ଖାଇଲ୍ଲ ବାଦ ଘୋଡାକ ପିନ୍ଧି ଜଆସ ଚଢ଼ିପିଠି ବଗିଚା ଆଉ ଆଶ ବାଣ୍ଡରେ ପ୍ରାତଃଭ୍ରମଣ କର ଆସନ୍ତି । ଦିନେ ବବୁଚି-ଖାନା ଚଦାରକ କରିବାକୁ ଗଲଗଲେ । ତେତେ-

ବେଳେ ଗୋଇଲ୍ଲା ପଟ୍ଟା ହାଣ୍ଡିଏ ଗୋବର ପାଣି ଧର କନା ଖଣ୍ଡିକରେ ଚୁଲ୍ଲି ଲିପୁଥିଲା, ଯୋତାର ଠକ ଠକ ଶବ୍ଦ ଶୁଣି ଯିମିଡ ମୁହଁ ବଙ୍କାଇ ଚଟ୍ଟକୁ ଚାହିଁ ଦେଇଛୁ, ଘର ପାଟିକାଏ କଲା,"ଆଲେ ମୋ ମା ଲେ! ଆଲେ ମୋ ବାପା ଲେ ! ଯୋତା ମାଡ଼ ହାଣ୍ଡିଶାଳରେ ପଶିଲ ଲେ! ହାଣ୍ଡିଶାଳ ମାରୁ ଗଲ ଲେ !" କନା ଖଣ୍ଡ ଫୋପାଡ଼ ଦେଇ ଏକମୁହାଁ ଧାଇଁଛୁ । ଆଉ ଉଆସରେ ଚାକୁ କେହି କେବେ ଦେଖି ନାହିଁ । ଏଣେ ମିଃସେସ୍ ମହାପାତ୍ର 'ଉଆ ଉଆ, ଉଆ' କହି ଅନ୍ୟ ଆଡ଼କୁ ଧାଇଁଛନ୍ତି, ମୁଣ୍ଡରେ ରୁମାଲ ଯାକ ନ ଥିଲେ, କେଜାଣି ବାନ୍ତ କର ପକାଇଥାନ୍ତେ । ଏକାବେଳକେ ଶିଶିଏ ଲେଭେଣ୍ଡର ଦେହଯାକ ଢାଳ ହେବାରୁ ଟିକେ ସାଷ୍ଟମ ହେଲେ । ଗୋରୁଗୁହ ବବର୍ଚିଖାନାରେ ଢଳା ହୋଇଛୁ, ଜମିଦାର ଶୁଣି ଘର ଖପା । ମୂର୍ଖତା, ଅସଭ୍ୟତା, କୁସଂସ୍କାର ! ସେ ଘରେ ରୋଷେଇ ହେଲେ ଲେଡ଼ିଙ୍କୁ ଖାନା ରୁଚିବ ନାହିଁ, ବାନ୍ତ କରିପକାଇବେ । ଘର ବୋଉଲ ଫେନାଇଲ ଦରସାର ଢଳାଗଲ ।

ଏହା ପର ଆଠ ଦଶ ମାସ ଗଲ ବାଦେ ଦିନେ କରଣମାନେ ମେଳ ବାନ୍ଧି ଆସି ମେନେଜର ପାଖରେ ଜଣାଇଲେ, "ଖମାର ସବୁ ଖାଲ ପଡ଼ିଛି, ଗୋରୁ ମଇଁଷି ପଲରେ ଲଙ୍ଗଡ଼ ଖଣ୍ଡେ ବି ନାହିଁ, ପାଞ୍ଚ ବାହି ହାତ ଘୁଅ ପ୍ରଜା ଲଗାଇ ଦେଇ ଯେଉଁ ସଲ୍ଲମୀ ମିଳିଥିଲ ତାହା ଆସି ପହଲିଣି, ଆଉ ଏବେ କାହିଁ ଖରତ ଯୋଗାଇବୁ ?" ମେନେଜର ଭୁରନ୍ତ ଜବାବ ଦେଲେ, "ମାରପିଟି ପ୍ରଜାଙ୍କଠାରୁ ଆଗଭୁର ବର୍ଷକର ଖଜଣା ଅସୁଲ କର ।" 'କୁମ୍ଭୀର ଖୋଜେ ଗୋଳଆ ପାଣି', ଅମଲ୍ଲମାନେ ଆନନ୍ଦରେ 'ଆଜ୍ଞା' କହି ଦଣ୍ଡବତ ହୋଇ ଘୁଲିଗଲେ ।

ଆଉ ଦୁଇ ମାସ ବାଦେ କାର୍ତ୍ତିକ କସ୍ତି ଟଙ୍କା ବାଖଲ ନ ହେବାରୁ ଚାଲୁକ ନଲମରେ ଚଢ଼ିବାର କଟକରୁ ଜବାବ ଆସିଲ । ଠିକ୍ ସେହିଦିନ କଲିକତା ମହାଜନ ଦଶ ହଜାର ଟଙ୍କା ମୂଳକୁ କଳନ୍ତର ଖର୍ଚ୍ଚା ଓଗେର ଭଡ଼ି କୋଡ଼ିଏ ହଜାର ଟଙ୍କାପାଇଁ ଡଙ୍ଗୀଜାର ପିଆଦା କଲିକତା ହାଇକୋର୍ଟରୁ ଆସି ଚଳନ୍ତ ଅଚଳନ୍ତ ଯାନାସନ ସମସ୍ତ ଟୋକ କର ପକାଇଲ ।

ସକାଳୁ ଉଠି ମିଷ୍ଟର ଓ ମିଃସେସ୍ ମହାପାତ୍ର ବଟଲ୍ଲ ବଗଲ୍ଲ ପର ବସିଛନ୍ତି; ଜନ ପ୍ରାଣୀ ପାଖରେ ନାହିଁ । ସଭ୍ୟର ସଭ୍ୟମାନେ ଆଗରୁ ଏକଘଣିଆ ହୋଇଥିଲେ, ଗୋବରପାଣି ପିଇ ଜାଲରେ ଉଠିଛନ୍ତି । ଆଉ କ ଆସିବେ ? ବେଳ ବୁଡ଼ିବାକୁ ବସିଲ୍ଲଣି । ମିଷ୍ଟର ଓ ମିଃସେସ୍ ଦୁଇଜଣ ଘୋକରେ ଛଟପଟ ହେଉଛନ୍ତି । ସଞ୍ଜ ଲଗିଲ୍ଲବେଳକୁ ମିଃସେସ୍ ମହାପାତ୍ର ବହୁ କଷ୍ଟରେ ଖଣ୍ଡେ ଅଳଙ୍କାର କାଢ଼ିଦେଲେ, ବକବାକୁ ଯାଇ ଦେଖିଲେ ପିତଳ ଗିଲ୍ଟି । ଖଣ୍ଡିଏ, ଆଉ ଖଣ୍ଡିଏ ଦେଖାଗଲ, ସବୁଗୁଡ଼ାକ ଗିଲ୍ଟି ! ବଜାରର ସମସ୍ତରେ ଅଢ଼େଇ ହଜାର ଟଙ୍କାର ଗହଣା କଣା ଯାଇଥିଲ, ସବୁଗୁଡ଼ାକ ଗିଲ୍ଟି ! ଏତେବେଳେ ଦୁଇ ଜଣଙ୍କର ଚେତା ବସିଲ । ଆଉ ଡଙ୍ଗୀଜାର ପିଆଦା ଜୁଲମରେ ଘରେ ରହିପାରିଲେ ନାହିଁ । ଗୁପ୍ତ ଅନ୍ଧାରରେ କାହିଁ ଅନ୍ତର୍ଦ୍ଧାନ !

ପାଞ୍ଚ ଛ ବର୍ଷ ବାଦେ ଜମିଦାର ବାବୁ ତାଙ୍କ ଶ୍ୱଶୁର କାମରେ ଆସାମରେ ଖାନସମାଗିର କାମ କରୁଥିବାର ଦେଶରେ ଶୁଣାଗଲ ।

ବୀରେଇ ବଶାଲ

ମୁକୁନ୍ଦପୁରର ମନ୍ଦୁ ବଶାଲ ଆଉ ତା ଜ୍ୟାଂ୍ଟା ବୁଢ଼ୀ ସନ୍ଧ୍ୟାଡ ବେମାଙ୍କରେ ଆଗ ଚଟ୍ଟ ମାସକ ଭିତରେ ଗୁଲ ଯିବାବେଳେ ଗୋଟିଏ ମାତ୍ର ପୁଅ ବୀରେଇର ବୟସ ହୋଇଥିଲ ପାଞ୍ଚ ବର୍ଷ । ଲଙ୍ଗଳା ପିଲ୍ଟି। କଣ୍ଠୁ

ବୁଝେ ନାହିଁ । ବାପ ମାକୁ କୋକେଇରେ ଯେନ ଯିବା ବେଳେ ଦାଣ୍ଡରେ ଭୂଇଁରେ ଚଢ଼ ‘ବାପା ଲେ’ “ମା ଲେ’ ବୋଲ ଡକା ପାରୁଥାଏ । ଘରେ କେହି ନାହିଁ, କଏ ବା ପିଲ୍ଲଟାକୁ ସମ୍ଭାଳ ନେଉଛି ? ବାର ମାସିଆ ମୂଲଆ ଛନ ଜଣ ଥିଲେ ସତ; ହେଲେ ସେମାନେ କଣ ଜାଣନ୍ତି, କଣ କରିବେ ? ତେବେ କଣ ଘରେଇ ଅନାଥ ହୋଇଯିବ ? ନାହିଁ ନାହିଁ, ଛନ ପୁରୁଷର ଭଟନ ହେଲ ଘଇ, ଲେଖାରେ ଘରେଇର ଖୁଡୁତା ଜେଡ଼ୁତା ଆଉ ମଉସା ପିଉସାମାନେ ଶୁଣି ଧାଇଁ ଆସିଲେ । ସେମାନଙ୍କର ଦୟାର ଶବ୍ଦର, ଘରେଇର ବକଳ କାନ୍ଦଣା ଶୁଣି ଧାଇଁ ଆସିଲେ । ସମସ୍ତେ ଏକା-ବେଳକେ ପିଲ୍ଲକୁ ଝାଡ଼ଟୁଡ଼ ଦେଇ କାଖେଇ ନେବା ଲାଗି ଟଣାଟଣି କଲେ । ଟଣା ଓଟରରେ ପିଲ୍ଲକୁ ବାଧ୍-ଲାଣି, ଆଦୁର ଅଧିକ ବକଳ ହୋଇ ଡକା ପକାଉଥାଏ । ସେ କଥା ଶୁଣୁଛୁ ବା କଏ ? ଦାଦ ପିଉସା ମଉସା ମଧ୍ୟରେ ବୋଲ୍‌ବୋଲ ହୋଇଗଲ୍ଲ । ସମସ୍ତେ କହୁଛନ୍ତି, “ମୁଁ ଆଉଁ ଆଉଁ ପିଲ୍ଲକୁ ପାଳବାର ଆଉ କାହାର ଅଧିକାର ?” ଗୋଳମାଳ ଶୁଣି ଗାଁ ଲୋକେ ବି ରୁଣ୍ଡ ହୋଇ ଗଡ଼ଲଣି । ଛୁଆଟା ସମସ୍ତଙ୍କ ମୁହଁକୁ ଘୁନ୍ଥୁଛି — ସମସ୍ତେ ତ ଅଛନ୍ତି, ମା ବାପା କାହାନ୍ତି ? ଏତକବେଳେ ଚହଞ୍ଚଗଲେ ପୀତେଇ ପାଟେ, ମାମୁ । ଧଇଁ ସଇଁ ହୋଇ ଧାଇଁଛନ୍ତି । ଦୂରରୁ ଡାକ ଦେଲେ, “ଚୁଡ଼ ଚୁଡ଼, ଅଲଗା ହୋଇ ଯାଅ, ଛେଉଣ୍ଡକୁ ପାଳେ କଏ ? ପାଳେ ତ ବାପର ମା, ନୋହିଲେ ପାଳେ ତ ମାର ମା । ମାର ମା ଆଉ ନାହିଁ ସତ; ମାଇଁ ତ ଅଛୁ ! ଯେଉଁ ପିଲ୍ଲର କେହି ନାହିଁ, ତାକୁ ପାଳବ ମାଇଁ ! ତା ମାଇଁ ଛନ ଦନ ହେଲ ଅନ୍ନ ଜଳ ଛୁଇଁ ନାହିଁ । ପିଲ୍ଲଟା ଲାଗି ଡକା ପକାଇଛୁ । ଦୁଟା ଅପା ଘଟକବା ବେଳେ ବାର ବାର କହି ଯାଇଛୁ, ଘରେଇକୁ ତା ମାଇଁ ପାଳବ । ଗୋଟାଏ କାମରେ ଆଉ ଗୋଟାଏ ଗାଁକୁ ବାହାର ଯାଇଥିଲି, ଏଣେ ଏତେ କଥା ହୋଇ ଗଲ୍ଲଣି, ମୋତେ ଜଣା ନାହିଁ । ନୋହିଲେ ସମସ୍ତଙ୍କୁ ମୁକାବଲ୍ଲ କରାଇ ଦେଇଥାନ୍ତି ।” ପଞ୍ଚ ଆଡ ବସିଲ୍ଲ, ସମସ୍ତେ ରଫା କରି ଦେଲେ । ପିଲ୍ଲକୁ ପାଳବା ମାମୁର ଅଧିକାର । ଲୋକଙ୍କ ମୁହଁରୁ କଥା ବାହାରୁଛୁ କ ନାହିଁ, ମାମୁ ତ ଚଲ ପର ଝାମ୍ପ ମାର ପିଲ୍ଲକୁ କାଖେଇ ଘରକୁ ଧାଇଁଲେ । ଘରେଇ ମାମୁକୁ କେତେ ଦେଖିନାହିଁ । ନୂଆ ମଣିଷଟା କାହିଁ ଯେନଯିବ ବୋଲ ‘ମା ଲେ’ ‘ମା ଲେ’କରି ଆହୁରି ଡକାପାରୁଥାଏ । ମାମୁ ଘରେଇକୁ ଯେନ ଯାଇ ମାଇଁ ଗୁରୁବାଣ୍ଟ ଜମା କରିଦେଲେ, ଭୁନ ଭୁନ ଢେରଗୁଡ଼ାଏ କ କଥା କହିଲେ । ମାଇଁ ମୁରୁକ ମୁରୁକ ହସି ହସି କହିଲେ,“ଆରେ ଘରେଇ ଆ, ଚଣ୍ଡୀ ସଙ୍ଗରେ ଖେଳବୁ ।” ଚଣ୍ଡିଏ ପୋଡ଼ପିଠା, ଚମୁଟାଏ ଭଲ ଚଟା ଗୁଡ଼ ହାତକୁ ବଢ଼ାଇ ଦେଲେ । ଘରେଇ ଡେର ବେଳୁ ଖାଇ ନ ଥିଲ୍ଲ, ବଡ଼ ଖେକଲ୍ଲ ଥିଲ୍ଲ, ଚେଣ୍ଡିକ ଖାଇ ଦେଇ ଗୁଡ଼ାଏ ପାଣି ପିଇଦେଲ୍ଲ ।

ମାମୁ ପୀତେଇ ପାଟଙ୍କ ଘର ମାକଲପୁର । ମୁକୁନ୍ଦ-ପୁରଠାକୁ ଅଧ କୋଶେ ଖଣ୍ଡେ ଛଡ଼ା । ଛେଉଣ୍ଡ ପିଲ୍ଲଟି ଜାଣି ମାମୁ ଘରେ ପରମ ସୁଖରେ ରହିଲ୍ଲ, ତା ମାଲମତା ହେପାଜତ କରୁଛୁ କଏ ? ପୀତେଇ ପାଟେ ଘର-କରଣା ଲୋକ । ତାଙ୍କ ନଜ ବଖପ୍ପ ତାଙ୍କୁ ଅସମ୍ଭାଳ । ଅଧଟକାଟଣ ଦୂରକୁ ଆସି ପିଲ୍ଲର ମାଲମତା, ଘରକରଣା ଦେଖିଯିବାକୁ ବେଳ ନାହିଁ ? ପାଟେ ନହାତ ବ୍ୟାକୁଳ ହୋଇ ଗାଁ ଲୋକଙ୍କ ପାଖରେ ସବୁବେଳେ କହି କୁଲୁଛନ୍ତି, “ଏହି ଦନ କେତେଟା ଭିତରେ ପିଲ୍ଲଟାର ମାଲ ଗାଁ ଲୋକେ ଗୋରଇ ଦେନ ଗଲେଣି । ସବୁ ମାଲ-ଗୁଡ଼ିକ ଆପଣା ଘରକୁ ଯେନ ଯାଇ ନଜରରେ ନ ରଖିଲେ ସବୁ ବରବାଦ ହୋଇଯିବ ।” ସମ୍ପତ୍ତି ମଧ୍ୟରେ କେତେ ପୌଣି ଧାନ, ହଡ଼ାହଡ଼ ବି’ ପୁଞ୍ଜା ! ଏ ସବୁ ନଜରରେ ରଖିବାର କଥା । ବୋଇଲ୍ଲ, ‘ଜୋରୁ, ଗୋରୁ, ଧାନ--ଏ ଛନ ନଜର ଗୁଜରଣ ।’

Subhaya@kanta

ପାଣ୍ଠିକୁ ଦନବେଳେ ଭର କାହିଁ ? ଅଧ ଘଣ୍ଟରେ ଗଁ। ଲୋକେ ଖାଇ ଶୋଇଲ୍ ବାଦେ ପାନ୍ଠିକୁ ବେଳ ମିଳେ । ନଜର ଥୋର ବଳଦଟର ଲାଦ ପିଲ୍ଲର ମାଲ-ଗୁଡ଼କ ଆପଣା ଘରକୁ ଟେନ ଆସନ୍ତ । ଗଁ। ବଗବାର କହ୍ନ ବୁଲେ, "ପାଣ୍ଠେ ଦଟଗୋଟା ବଳଦଟର କୋଡ଼ଏ ଦନ ପର୍ଯ୍ୟନ୍ତ ଧାନ ଘୁଡ଼ଲ, ଲୁଗାପଟା, କଂସା ବାସନ ଚଳବସ୍ତ ମବୁ ବୋହ୍ନିଥିଲ ।" ଗଁ। ଲୋକେ ସେ କଥାକୁ ସତ ମଣିଲେ । ବଶାଳର ଘରପଛ ଘରଟାଏ ଥିଲ । ତାହାର ଘରଟା ମରେଇରେ ଘୁଳଣ ପଟ୍ଟଣ ଭରଣ ଧାନ ମଜୁଦ ଥିଲ, ଏ କଥାଟା ସମସ୍ତଙ୍କୁ ଜଣା । ଏ ବାଦ ମନ୍ତ୍ର ବଶାଳ ଖାତକମାନଙ୍କୁ କୋଡ଼ଏ ପଟ୍ଟଣ ଭରଣ ସଳକ ଧାନ କରଜ ଦେଇଥିଲେ । ପାଣ୍ଠେ ମୂଳ କଳନ୍ତର ଅସୁଲ କରନେଲେ, ବଶ୍ୱାଏ ଧାନ କାହାରକୁ ଘୁଡ଼ ଦେଇନାହାନ୍ତ । ସେ କହନ୍ତ, "ଛେତ୍ତଣ୍ଡ ମାଲ କମିଡି ଘୁଡ଼ତବ ? ନଜର ହେଲେ ଦଶ ଗୋଟି ଘୁଡ଼ ବଅନ୍ତେ ।"

ଆଜ୍ଞ ପାଣ୍ଠେ ଗଁ। ଲୋକମାନଙ୍କ ଆଗରେ ସବୁ-ବେଳେ କହ୍ନ ବୁଲନ୍ତ, "ବଶାଳଟା ବଡ଼ ସାହାଟ୍ଟି ଲୋକ ଥିଲ । ସବୁ ଖାଇ ପିଇ ଉଡ଼ାଇ ଦେଇ ଯାଇଛୁ, ଛେତ୍ତଣ୍ଡଟି ଲଗି କଛୁ ରଖି ଯାଇ ନାହିଁ । ଘରକରଣା ଭତରେ ଯାହା ଥିଲ ପଲ୍ଲଣ ପାଣ୍ଠି ଦଖନ୍ତ, ମୁଁ ତାକୁ ସଙ୍ଗାରେ ଉଠାଇ ରଖିଛୁ । ଚିଲଟା ପାରଲେ ତା ଜମା କରଦେବ । ମୁଁ କଣ ସେ ପଲ୍ଲଣରେ ବାହ୍ନିବ ? ଗ୍ରମ ଗ୍ରମ ।" ମାଇଁ ପାଞ୍ଚ ମାଇକନଆଙ୍କ ଆଗରେ କହ୍ନ ବୁଲନ୍ତ, "ମୋ ଘରେଇ ଆଗ ଚ, ଚଣ୍ଡୀ ପଚ୍ଚ । ତା ବାପର କଛୁ ନ ଥିଲ ନାହିଁ, ମୋର କଣ ଜଣା ଅଛୁ ? ବସି ବସି କୋଡ଼ଏ ବରତ ଖାଉ ।"

ଦନ ପାଣିପ୍ରଅ ପର ବହ୍ନ ଯାଉଛୁ । ଦେଖୁ ଦେଖୁଁ ଘୁର ବର୍ଷ ଘୁଲାଗଲ୍ଲଣି । ଅସନ୍ତା ଭୁଲା ଚ ଦନରେ ଘରେଇର ଜନ୍ମଦନ, ଆଠ ବର୍ଷ ପୂର ଯାଇ ନ ବର୍ଷ ପଣିବ । ଘରେଇ ଆଜ୍ଞ ମାମୁପୁଅ ଚଣ୍ଡିଆ ଅବଧାନଙ୍କ ଘୁଣ୍ଟାଳୀରେ ବସିଛନ୍ତ । ଘରେଇଟି ଧୀର, ପଡ଼ାରେ ବ ଖୁବ ମନ । ଖଡ଼ପାଠ ମିଶାଣ ଫେଡ଼ାଣ ଦୁରଗୁଣ ଛୁଡ଼ ଇ ଘାସ ଗୋଥି ଧରଛୁ । ଚଣ୍ଡିଆର ଡେର ବର୍ଷ ପୂରଗଲ୍ଲଣି, ଢେଲେ କଣ, ଆଜ୍ଞଯାଏ ଖଡ଼ପାଠ ଓଡ଼ାଙ୍କ ବ ଛୁଡ଼ଲ୍ ନାହିଁ । ମାଇଁର ଗୋଟିଏ ବୋଲ ଆଖି, ବଡ଼ ଗେଲ କରନ୍ତ । ମା ମୁହଁ ପାଇ ବଡ଼ ଉତ୍ପାତିଆ ହୋଇଗଲ୍ଲଣି, ଘରୁ ବାହାରିଲ୍ ତ ପାଞ୍ଚଘରୁ ଦଣ ବୋଲଣା ଆଣିବ—ଘୁଲଲ୍ ଶଗଡ଼ରେ ହାତ ଦଏ । ତା ନାମରେ କେହ୍ନ କଛୁ ଆସି ଗୁହାର କଲେ ମା ପୁଅକୁ ଦାୟିବା ଥାଉ, ଓଲଟା ଗଁ। ଲୋକଙ୍କ ସଙ୍ଗରେ କଳ କରବେ । ମାଙ୍କର ବଶ୍ୱାସ, ଚଣ୍ଡିଆଟି ଦେଖିବାକୁ ବଡ଼ ସୁନ୍ଦର ବୋଲ ଗଁ। ମାଇକନଆଏ ହଂସାରେ ସହ୍ନ ପାରନ୍ତ ନାହିଁ । ଚଣ୍ଡୀ ଘୁଣ୍ଟାଳୀରେ ବ ବଡ଼ ଗୋଳମାଳ କରେ । ଆପେ ତ ପଢ଼େ ନାହିଁ, ପିଲମାନଙ୍କ ସଙ୍ଗରେ ଭୁଚ୍ଚାଟାରେ କଳ ଲଗାଏ, ମାର ଧର କରେ । ଦନେ ଅବଧାନେ ସହ୍ନ ନ ପାର ବେତରେ ଖୁବ ପ୍ରସ୍ତେ ବାଡ଼େଇ ଗଲେ, ପିଠିରେ ଲମ୍ବ ଲମ୍ବ ନୋଳା ବସିଗଲ୍ଲ । ମା ତା ଦେଖି ଖୁବ ଡକା ପାର କାନ୍ଦଲେ । ଅବଧାନଙ୍କ ଚୌଦପୁରୁଷଙ୍କ ସକାଶେ ନଡାନ୍ତ କୁହିଁ ଦ୍ରବ୍ୟ ଖାଦ୍ୟବ୍ୟବସ୍ଥା, ଆଉ ନରକ ନାମକ ସ୍ଥାନକୁ ଯିବା ସକାଶେ ଆଦେଶ କଲେ । କହ୍ନଲେ, "ମୋର କଣ ନାହିଁ ଯେ ପୁଅ ପାଠଟାଏ ପଢ଼ିବ ? ଆରେ ମୋର ଯେ ବଷୟ ଅଛୁ, ଛନ ପୁରୁଷ ବସି ଖାଉ !" ଚଣ୍ଡୀର ପଢ଼ା ବନ୍ଦ । ସେ ତ ତାହା ଖୋଜୁଥିଲ । ଚଣ୍ଡୀ ଗାର ବାଜର, ଧୋବା ଟୋକା-ମାନଙ୍କ ସଙ୍ଗରେ ଦନ ଘୁଡ଼ି ବୁଲେ । ବାପେ କଛୁ କାମ ପାଇଟିରେ ଲଗାଇଲେ, ମା ବାଦ୍ଗଣୀ ପର ଗର୍ଜନ କର କହନ୍ତ,"ମୋର ଦୁଧଖିଆ ଛୁଆଟା କାମ ପାଇଟି କରବ କଣ ମ ? ନଅଟା ନା ଛଅଟା; ଗୋଟାଏ ବୋଲ ଆଖି, ସେ କଣ ଉଡ଼ କାମ କରପାରବ ? ବୁଲୁଥାଉ ।" ଘରେଇର ବ ପଢ଼ା ବନ୍ଦ । ମାଇଁ ଖପାଟାଏ ହୋଇ କହ୍ନଲେ, "ଏ ଅବଧାନଟା କଛୁ ନୁହେଁ । କଣ ବା

Chhaya@Kanta

ପଡ଼ାଏ, ମାସ ନ ପୂରୁଣୁ ଦୁଇ ଅଣା ପଇସା ଗଣ । ଫେର କଣ ନା, ଆଜ ପଣକଆ ଲେଖିବ, ପୂଜା ଲେଡ଼ା—ସେଇର ଗୁଣ୍ଡଲ ଗୁଆଁଠିଏ । ଦନ ପନ୍ଦରଟା ଯା'ଇ ନାହିଁ ତ, ଓଡ଼ାଙ୍କ ଲେଖିବ, ଫେର୍ ପୂଜା ! ନା ନା, ତା ହେବ ନାହିଁ ।" ଦୁଇ ଗୁର ଦନ ବାଦେ ମାଈଁ ଦନେ ମାମୁଙ୍କୁ ଡାକ କହିଲେ, "ଦେଖ ତ, ଭେଣ୍ଡିଆଟା ଦନକୁ ଛନ ବେଳ ଠୁକିବ, ଭୁକ୍କାଟାରେ ଗାଁରେ ବୁଲବ କଁ୍ୟା ? ଗାଈରଖା ଝୋକାଟାକୁ ବାହାର କର ଦଅ, ସାରଆ ଗାଈ ଜଗୁ ।" ମାମୁ ଟିକଏ ମୋଡ଼ ମୋଡ଼ ହେଉଥିଲେ, ଡରରେ ପାଟି ଫିଟାଇ ପାରିଲେ ନାହିଁ । ସାରେଇକୁ ଡାକ କଅଁଳେଇ କଅଁଳେଇ କହିଲେ, "ଆରେ ବାପ ସାରେଇ ! ଏହା ଯେ ଗୋରୁପାଲ ଦେଖୁଛୁ ଏଗୁଡ଼ାକ ସବୁ ତୋର । ତର ଲୋକ ଭଲ ଚରାଉ ନାହାନ୍ତି, ଗାଈ ବଳଦଗୁଡ଼ାକ ହଡ଼ା ହୋଇ ଗଲେଣି । ପର ଲୋକର କଣ ମାପ୍ କା ଥାଏ ? ତୁ ଯା, ଥଣ୍ଡେ ଥଣ୍ଡେ ଗନ୍ଧ ମୂଳରେ ବସି ଗୋରୁ ଛଟା ଦେଖିବୁ । କଛୁ ମେହେନତ ନାହିଁ, ଖାଲ ଅଡ଼ାଇ ଯେନମିବୁ,ସଞ୍ଜବେଳେ ଆଣି ଗୁହାଳରେ ପୂରାଇଦେବୁ ।' ସାରେଇ ପାଞ୍ଚଣ ଖଣ୍ଡେ ଧର ଗୋରୁ ଚରାଇ ବାହାରିଲା । ଗାଁ ଲୋକେ କଛୁ କହିଲେ, ମାମୁ ଜବାବ ଦଅନ୍ତି, "ଆଜ୍ଞା ଛେଉଣ୍ଡର ଲାଞ୍ଜ ଦଖଣ୍ଡ ପର ହାତରେ ପଡ଼ ବୁଡ଼ିବାକୁ ବସିଲା, ତା ନଜ ମାଲ ନଜେ ଦେଖୁ ।" ସତକୁ ସତ ଗୋରୁପଲଟା ଏକା ସାରେଇର । ତାହା ବାପ ମରିବାବେଳେ ମାଈ ଅଣ୍ଡିରା—ଛଡ଼ା—ଦାମୁଡ଼ ଦୁଇ ବୋଡ଼ ଭଳ ଗୋରୁ ମାମୁ ଗାଁ । ମଝି ଗୋହିରରେ ଅଡ଼ାଇ ଆଣୁଥିବା ଗାଁ । ଲୋକ ସମସ୍ତେ ଦେଖିଛନ୍ତି ।

ଆଜିର ହ ଆଠ ନ ବର୍ଷ ଗଲାଣି, ସାରେଇର ଉଚ୍ଛୁଣିକା ଅଠର ବର୍ଷ ବପୁସ । ପିଲାଟା ନା ଆଉ କଣ ? ହେଲେ କାମ ପାଇଟି କ ବଡ଼ ପାରିଲା । ମାମୁର ବାଟି ସଖ୍ୟା ଗୃଷ, ପୋଡ଼ାଏ ବାରମାସିଆଙ୍କୁ ଧର ସବୁ ସମ୍ଭାଳୁଛି । ଏବେ ମାମୁ ଗୃଷକାର୍ଯ୍ୟଟା ଭୁକ୍କା ଉପରେ ଉପରେ ଦେଖନ୍ତି । ସାରେଇ ଦେଖିବାକୁ ଯେମନ୍ତ ଡୌଲି, କଥାଗୁଡ଼ାକ ହ ଖୁବ୍ ମଧୁର । ଦେହରେ ବାଘ ପରି ବଳ । ହନେ ପାଣ୍ଡେଇ ପାଟ ସାନ ଝିଅ କମଳୀକୁ ଗୋଟାଏ ମାରଣା ବଳଦ ହନ୍ଦବାକୁ ଗୋଡ଼ାଇଥିଲା— ସାରେଇ ବଳଦର ଲାଞ୍ଜ ଧର ଉଡ଼ ରଖିଲା । ଗାଁର କ ପୁରୁଷ କ ସ୍ତ୍ରୀ ସମସ୍ତେ ସାରେଇକୁ ଭଲ ପାଆନ୍ତି, ଖୁବ୍ ପ୍ରଶଂସା କରନ୍ତି । ହେଲେ ସେ ପ୍ରଶଂସାଟା ମାଈଁ ଶୁଣିଲେ ଖପା ହୋଇଯାନ୍ତି, ଲୋକଙ୍କ ପାଙ୍ଗରେ କଳ କରନ୍ତି । ଚଣ୍ଡୀର ପ୍ରଶଂସା କଲେ ମାଈଁ ମନ ବଡ଼ ଖୁସି ।

ଚଣ୍ଡୀ ସଞ୍ଜ ସକାଳ ଘରେ ପଶେ ନାହିଁ, ପାଞ୍ଚ ପାଉଟା ବୁଲ୍ ଝୋକା ସଙ୍ଗରେ ହନ ଗୁଡ଼ ବୁଲୁଥାଏ । ସେମାନଙ୍କ କାମ ଗଛଚଢ଼ା, ବାଗୁଡ଼ଖେଳ, ଚୌପଟ ଖେଳ, ଗଞ୍ଜେଇ ଭଡ଼ା ! ହାଲକୁ ଗୋଟାଏ ମଦତ ଖଟି ଜାର କଲାଣି । ଅଳ କର କାନ୍ଦି ଡରାଇ ହରାଇ ମା ପାଖରୁ ଟଙ୍କା ପଇସା ନଏ, ଆପଣା ଗୋଠରୁ କୋଡ଼ଏ ପଚାଶ ଟଙ୍କାର ଦାମୁଡ଼ ଗୁଡ଼ାକ ଗୁଆଲକୁ ଦୁଇ ଗୁର ଟଙ୍କାରେ ବକ ଦଏ । ଗୃକରଆମାନଙ୍କ ସଲ୍ଲରେ ଆପଣା ଘର ମରେଇରୁ ଧାନ ଗୋର କର ବକନ୍ଦଏ । ମା ଜାଣି ପାର ହ ପୁଅ ଦୋଷ ଲୁଗଏ । ମା ଡରରେ ବାପ କଛୁ କହିପାରେ ନାହିଁ । ମା ଆଗେ ଲୁଗୁ ଗୋର କର ଚଣ୍ଡୀକୁ କଛୁ କଛୁ ଟଙ୍କା ପଇସା ଦେଉଥିଲେ । ଏବେ ହାତ ଖାଲ । ଚଣ୍ଡୀ ଟଙ୍କା ପଇସା ନ ପାଇ ମାକୁ କେତେଥର ମାଡ଼ ଦେଲାଣି । ହେଲେ ମା ମାଡ଼ ଖାଇ ଛୁନ ହୋଇ ରହେ, ବାପା ଆଗରେ କଛୁ କହେ ନାହିଁ ।

ଗାଁ ଲୋକ ପାଞ୍ଚ ଜଣ ସାରେଇକୁ କହିଲେ, "ଆରେ ସାରେଇ ! ତୁ କଣ ମାମୁ ଘରର ସବୁହନେ ଯେମିତି ଘରେ ରହିଥିବୁ, ଆପଣାର ଫସାର କରିବୁ ନାହିଁ ?' କଥାଗୁଡ଼ାକ ସାରେଇ ମନକୁ ଭଲ ପାଇଲା । ସେ ଏବେ ସବୁ କଥା ବୁଝିଲାଣି । ମାମୁ ମାଈଁ କାମର ପିଆସୁ । ଝିଆଟିଆ ସବୁ କଥାରେ ପୁଅ ଉପରେ ମାମୁ ମାଈଁ କର

ଯେ ଶ୍ରଦ୍ଧା, ତା ଉପରେ ତାର କଣିକାଏ ବି ନାହିଁ । ଦେଢ଼ ହଜାର ଟଙ୍କା ଖରଚ କରି ପୁଅକୁ ବସ୍ତ୍ର କଲେ, ତାହା ବସ୍ତ୍ରର ନାମ ଚର୍ଚ୍ଚା ନାହିଁ । ଦନ ଗଣ୍ଡ ହାଡ଼ ଘୁଙ୍ଗି ଯାହା ଅଜି ଆଣୁଛୁ, ଚଣ୍ଡୀ ରାଞ୍ଜଇ ମଦତ ଖାଇ ସବୁ ଉଡ଼ାଇ ଦେଉଛୁ । ମାମୁ ମାଇଁକୁ କିଛୁ ବୋଲବାକୁ ନାହାନ୍ତି । ନଷ୍ଟେ ସେ ଘରକରଣା ଉଜାଡ଼ି ଦେବ ।

ଦନେ ସଞ୍ଜବେଳେ ମାମୁ ମାଇଁ ପିଣ୍ଡାରେ ବସିଛନ୍ତି, ଗଂରେଇ କାମ ଧନ୍ଦା ସାରି ଯାଇ ପାଖରେ ବସିଲା । ମାମୁ ମାଇଁ ଦନବେଳର କାମ ପାଇଟି କଥା ପଚାରିଲେ । କାମ ପାଇଟି କଥା ଛଡ଼ା ମାମୁ ମାଇଁ ସାଙ୍ଗରେ ଗଂରେଇର ଆଉ କିଛୁ କଥା ଘିଷା ହୁଏ ନାହିଁ । ଗଂରେଇ ଜବାବ ଦେଇ ପାଖରେ ବସିଥାଏ । ମାମୁ ପଚାରିଲେ, "କ ରେ ଗଂରେଇ ! ଆଉ କିଛୁ କଥା ଅଛୁ ?" ଗଂରେଇ ଦଣ୍ଡେ ଗୁମ୍ ମାରି ବସି ଦୁଇଟା ହାଇ ମାରି କହିଲା, "ମାମୁ ମୁଁ ଏବେ ଆପଣା ଘରକୁ ଯିବି ।" ମାମୁ ମାଇଁ ତ ଶୁଣି ଚମକି ଉଡ଼ିଲେ, ତାଙ୍କ ମୁଣ୍ଡରେ ଯେମନ୍ତ ବଜ୍ରଟାଏ ଘୁଙ୍ଗି ପଡ଼ିଲା । ମାମୁ ମାଇଁ ଦୁଇ ଜଣଙ୍କର ଦୁଇ ବର୍ଷ ଢେଲା ଶ୍ୱାସ ବେମାପ୍ତି । ସଞ୍ଜବେଳେ ଗୁର ଅଣ ର ଟେଲାଏ ଟେଲାଏ ଆପୁଟିଲ ପକାଇଲେ ଟିକଏ ଗୁଲ୍‌ବୁଲ ହେଇ ଯାରନ୍ତି । ମାମୁ ତ ପିଣ୍ଡାରୁ ଓହ୍ଲାଇବାକୁ ନାହିଁ, ଚଣ୍ଡିଆର ତ ଏହି ଦଶା, ଗଂରେଇ ବାହାରଗଲେ ଆଉ କଣ ଘରକରଣା ରହିବ ? ମାମୁ ଦୁଇ ଗୁଣ୍ଟା ନଶ୍ୱାସ ପକାଇ କଅଁଳେଇ କଅଁଳେଇ କହିଲେ, "ହଁ ରେ ବାପ ଘରକୁ ଯିବୁ ନାହିଁ କଣ ? ରହ, ମୁଁ କନ୍ୟାଟିଏ ଖୋଜା ଖୋଜି କରୁଛି, ବାହାଘର କରାଇ ଦେବି, ବି' ପ୍ରସ୍ତୁ ଘର ବନାଇ ଦେବ । ତୁ ଉଚ୍ଚୁଣିକା ପଲ୍ଲଟା, ଅଲଗା ଏକୁଟିଆ ହୋଇ କଣ ରହି ପାରିବୁ ? ଏ ଟାଁ ଲୋକଙ୍କ କଥା ବୁଝି ନାହୁଁ ? ମୁଁ ବୁଝି ବୁଝି ବୁଢ଼ା । ସବୁ ଡୋ ପାଖରୁ ଛଡ଼ାଇ ନେବେ, ଭିକୁଆ ହୋଇ ବସିଥିବୁ । କଣ କହୁଛୁ ରେ ବାପ ? ହେଉ ହେଉ, ଆଜ୍ଞ ଯୋଡ଼ାଏ ବର୍ଷ ରହିଯା । କଣ କହୁଛୁ ରେ, ରେ ବାପ ?" ଗଂରେଇ କହିଲା, "ନା, ମୁଁ ଘରକୁ ଯିବ ।" ମାଇଁ ଟିକଏ ରାଗି—ଚଣ୍ଡୀ ହଜାର ଦୋଷ କରୁ, କିଛୁ କହିବେ ନାହିଁ, ଆଉ କେହି ତାଙ୍କ କଥା ଟିକେ ଅମାନ୍ୟ କଲେ ଘଡ଼ଏ ଯାଏ ଗର୍ଜୁଥିବେ । ଟିକେ ରାଗିଯାଇ କହିଲେ, "କ ରେ ଗଂରେଇ ! ମାମୁ ସେ, ମୁରବି, ତାଙ୍କ କଥା ଅମାନ୍ୟ କରୁଛୁ ? ଗାଁ ଲୋକଙ୍କ ବୁଦ୍ଧିରେ ପଡ଼ଲୁଣି କ ରେ ? ଆରେ କହିବାକୁ ଡେର, ବହିବାକୁ କେ ରେ ? ଯୋଗମାଝିଆ ଘରଭଙ୍ଗା ଲୋକଙ୍କ ବୁଦ୍ଧିରେ ପଡ଼ ନା । ପାଞ୍ଚ ବର୍ଷର ଛେଉଣ୍ଡ ଲଙ୍ଗଳା ହୋଇ ଦାଣ୍ଡରେ ପଡ଼ିଥିଲ, ଏଇ ମାମୁ ଥିଲେ ବୋଲ ଅଣ୍ଡାଟିରୁ ଭେଣ୍ଡିଆ ହୋଇ ଆଜ କଥା କହୁଛୁ । ଏହି ଯୋଗମାଝିଆ ସମସ୍ତେ ତ ଥିଲେ, ତୋ ଚୁଣ୍ଡରେ ପେଜ ମଦାଏ କେହି ଦେଲେ ନାହିଁ ? ନଣତେ ମରିବା ବେଳେ ମୋ ହାତ ଧରି ବାରବାର କହି ଯାଇଛନ୍ତି, 'ଖବରଦାର ! ମୋ ଗଂରେଇକୁ କାହିଁ ଛୁଡ଼ିଦେବ ନାହିଁ ବରବର ଘରେ ରଖିବ । ଅଳପାଇ-ପିଆ ଚାଁ ଲୋକେ ତାକୁ ଫୁସୁଲାଇଲେ ଶୁଣିବାକୁ ଦେବ ନାହିଁ ।' ତୁ ମା କଥା, ବାପ ବଦଳରେ ମାମୁ କଥା ଯଦି ନ ଶୁଣିବୁ, ଆପେ ଫୋଡ଼ ଉଡ଼ି ଯିବୁ, କାହାର କଣ ଯିବ ?" ମାମୁ କହିଲେ, "ଥାଉ ଥାଉ, ସେ ସବୁ କଥା ପଛେ ହେବ, କଥା କଣ ଚଲାଉଛୁ ? ଦଅ ଦଅ, ବୋଦୁକୁ ଡାକଦଅ, ଛୁଆଟା କାମ ପାଇଟି କରି ଥକୁଛୁ, ଆଗେ ତାକୁ ଖିଆ ଦଅ, ଚଣ୍ଡିଆ ନ ଆସିଲା ନାହିଁ ।" ଗଂରେଇ ମନ ମଧ୍ୟରେ ବଡ଼ ହସିଲା, 'ଓହୋ, ଆଜ ଯେ ମାମୁଙ୍କର ବଡ଼ ଦୟା !' ରୋଜ ତ ଚଣ୍ଡୀ ନ ଆସିଲେ ଖିଆପିଆ ହୁଏ ନାହିଁ । ଚଣ୍ଡୀ ଗାଁ ବୁଲ ବାହୁଡ଼ିବାକୁ ରାତି ଛ ଘଡ଼ି । ମାମୁ ମାଇଁଙ୍କର ଶୁ ସରୋଗ, ତାହା ଉପରେ ଆପୁର ନଶା, ରାତିସାରା ନଦ ହୁଏ ନାହିଁ, ଖୁଁ ଖୁଁ ହୋଇ କାଶୁଥାନ୍ତି, ପାହାନ୍ତିଆ ପହର ଥଣ୍ଡା ପବନ ଲଗିଲେ ଟିକେ ନଦ ମାଡ଼େ, ଚନ୍ତା ଜୀବନରେ ଆଜ ସେ ନଦ ବି ନାହିଁ ।

ଚନ୍ଦ୍ରି ଆର ଦନ ସଖାଲେ ଗାରେଇ ଆଣ୍ଠୁ ପୋଡ଼କ କୁଣ୍ଢେଇ ପିଣ୍ଡାରେ ଭୁନ ଦୋଇ ବସିଛୁ । ଖଗ୍ ଚିଡ଼ା ଉପରୁ ମଝି ବାହାରକୁ ଗଡ ପଡ଼ଲାଣି, ମାମୁ ଉଠି ଆସି ଗାରେଇକୁ ଦେଖି କହ୍ଲେ, "କ ରେ ବାପ ! ଭୁନ ଦୋଇ ବସିଛୁ ? ଯା ଯା ବେଙ୍ଗଲା ଖେଳାଇ ଦେ ଯା । ଭଙ୍ଗା ପୁଞ୍ଜି ଟା ରଣବଣ ଦୋଇ ପଡ଼ିଛୁ ।" ଗାରେଇର ଏକା ପଦେ କଥା, "ନା, ମୁଁ ଘରକୁ ଯିବ ।" ମାମୁ ଆଜ ବ ଡେର ବୁଝାଇଲେ । ଟେକାଟେକ କର କଥା କହ୍ଲେ । ଗାରେଇର ସେହ୍ନ ଉତ୍ତର, "ଘରକୁ ଯିବ ।" ମାଇଁ ବଛଣାରୁ ଉଠି ଆସି ଆଖି ମଳ ମଳ ସବୁ କଥା ଶୁଣୁଥିଲେ, ଏକାବେଳକେ ଖପା ଟା ଦୋଇ କହ୍ଲେ, "ଯିବୁ ତ ଗୁଲ ଯା । ଯିବ - ଯିବ ଭଜନମାଳ ଧରୁଛୁ ଯେ !" ଗାରେଇ କହ୍ଲା, "ମୋ ବାପର ଯାତ୍ରା ସବୁ ଶଜବସ୍ତ ଆଣିଥିଲ, ଫେରାଇ ଦଅ ।" ମାଇଁ ସେହ୍ନପର ତେଜରେ କହ୍ଲେ, "ଶଜବସ୍ତ କଣ ରେ ? ପାଣ୍ଠି ପଲାଣ ଦଖଣ୍ଡ ଆଣିଥିଲେ; ଯା, ଯା, ଉଇ ଖାଇପାଇ ପଡ଼ିଛୁ ମୁଣ୍ଡାଇ ଯେନ ଯା । ବରଷେ ନୁହେଁ, ଦ ବରଷ ନୁହେଁ, କୋଡ଼ଏ କୋଡ଼ଏ ବର୍ଷକାଳ ଖୁଆଇ ପିଆଇ ଭେଣ୍ଡଆଣିଏ କରଦେଲୁଁ, ଏଣିକ ମୁଣ୍ଡକୁ ଦାତ ପାଇଲା କ ନା ? ମୁଁ ତାଙ୍କୁ ବାରବାର ଡେଙ୍କିବେଳେ କହିଥିଲ --'ପରପଅ ଗୁଞ୍ଜାରୁଅ' ସେ ଦଲଇରେ ପଶ ନା । ଶୁଣିଲେ ନାହିଁ, ଏବେ ଭୋଗ ।" ଗାରେଇ ଭୁନ ଦୋଇ ଏକକାନଆ ପାଞ୍ଚଣ ଖଣ୍ଡ ଧର ଉଠିଗଲା ।

ମଙ୍ଗୁ ବଣାଳର ସରବର ପଦର ମାଣ ଗୁଷ ଜମି ଥିଲା । ଜମିଟା ବଡ଼ ଭଲ, ମଟାଳଆ, ଏକଚକଆ, କଳଦ । ପାଁଚେଇ ପାଣ୍ଠେ ସେ ଜମିଟା ଆପଣା ନାମରେ କରନେବା ଲାଗି ଡେର ଫନ୍ଦ ପିକର କରଥିଲେ । ଜମିଦର ଶ୍ୟାମ ସ୍ୱାଇଁକୁ ଲାଞ୍ଚ ରପଟଡ଼ ଯାଚଥିଲେ । ମାନ୍ଦ ସ୍ୱାଇଁଏ ବଡ଼ ବବେକୀ ଲୋକ, ଥୁଣି ଗାଁର ପାଞ୍ଚ ଜଣଙ୍କ ଡରରେ ସେହ୍ନ ମଙ୍ଗୁ ବଣାଳ ନାମରେ ରଖି ଦେଇଛନ୍ତି । ଗାରେଇ ଗାଁରେ ମୂଲ ଲାଗେ। ଗୁଷ ସଜ ନାହିଁ, ଜମିଗୁଡ଼କ ବ ର୍ଗ ଲଗାଇ ଦେଲ୍ଲ ।

ଗାରେଇଟି ବଡ଼ କାମିକା, ପର ନ-ଚୁରେ ନ ଥାଏ, ଆପଣା ଦୁଃଖ ଧନ୍ଦାରେ ଲୁଗିଥାଏ । ସଞ୍ଜବେଳେ ପାଇଟିରୁ ଫେରଆସି ମୁଡ଼ିମୁଡ଼ା ପୁଞ୍ଜାଏ ପାଟିରେ ପକାଏ । କୋଡ଼ଟାଏ କାନ୍ଥରେ ପକାଇ ବାହାର ପଡ଼େ । ଆପଣା ଉଦ୍ଦରେ ବର୍ତ୍ତମାନ ରହ୍ବା ଭଳ ଗୋଟିଏ ସାନ ଘର ବନାଇଲ୍ଲ । କାନ୍ଥ ପିମିଡ ଛିଡ଼ା କରଛୁ, ମଉସା ପିଉସା ଗାଁର ଆଉ ଆଉ ପାଞ୍ଚ ଜଣ ଡକର୍ ନାହିଁ, ହକର୍ ନାହିଁ, ଗାରେଇ କାହାରକୁ କଛୁ କହ୍ନ ନାହିଁ, ଧାଇଁ ଆସିଲେ, ଆପଣା ଆପଣା ଘରୁ କାଠ କୁଟା ବାଉଁଶ ଆଣି ଘରଟାଏ ଛିଡ଼ା କର୍ଇ-ଦେଲେ । ଗରେଇର ଅଡଲ ବଲ—ଘାର କଳଦ । ଧାନ ପାଚବାରୁ ଉରଣ ଉରଣ ସଙ୍ଗକ ଘାଗ ପାଇଲ୍ଲ । ବର୍ଷକ ଖାଇବା ଭଳ କଛୁ ରଖି ସବୁ ଧାନଗୁଡ଼କ ବକ ପକାଇଲ୍ଲ । ସେହ୍ନ ଟଙ୍କାରେ ଦଳଆ ବଳଦ, ଗୁଷ ସରଞ୍ଜାମ କଣି ଆପଣା ଗୁଷରେ ଲୁଗିଗଲ୍ଲ । ବର୍ଦ୍ଧଗୁରଟା ଭିତରେ ଗାରେଇ ବାପ ଅମଳକା ଘର ଛିଡ଼ା କର ଦେଲ୍ଲଣି । ସେହ୍ନପର ଭଜ ପ୍ରସ୍ତ ଘର, ମାଣ୍ଡ ଅଣ୍ଡିର ଦେଡ଼ ବୋଡ଼ ଗୋରୁ, ପର୍ ଧାନ ପାଞ୍ଚ ଟ'ଟା ମରେଇ ଛିଡ଼ା ।

ବନ୍ଧୁ ବାନ୍ଧବ ଦାମଦରମା ପାଞ୍ଚ ଜଣ କେତେ ଥର କହ୍ଲେଣି, "ଆରେ ଗାରେଇ ! ତୁ କ ସବୁ ଦନେ ଡାଙ୍ଗୁଆ ମାଙ୍ଗୁଆ ହୋଇ ରହ୍ଥିବୁ ? ଏଣିକ ପିଲ୍ଲୁଲୋକ ପାଣି ମୁଠାଏ ପାଇବାର ବାଟ କର ।" ଗାରେଇ ବ କୁଣ୍ଢିଲ୍ଲଣି, ବଲ୍ଲଟାଏ ନ ଦେଲେ ନୁହେଁ । କାମଗାଇଟିରୁ ଆସି ରକ୍ଷାବଡ଼ା କରବାଟା ଏଣିକ ବଡ଼ ଦକ୍ ଲୁଗିଲ୍ଲଣି । ବାଧିକା ପଡ଼ଲେ ପାଣି ମଣାଏ ଦେବାକୁ, ଗୋଡ଼ ହାତରେ ହାତ ବୁଲଇ ଦେବାକୁ କେହ୍ନ ଭରସା ନାହିଁ । ବଲ୍ଲ କରବାକୁ ମନ କଲ୍ଲ ସତ, ଦେଲେ ଏତେ ଟଙ୍କା କାହିଁ ? ଆଉ ପାଟକ ନୁହେଁ ଯେ, ମନ କଲ୍ଲ ତ ବଲ୍ଲ

Chhaya@Odia

ହୋଇ ପଡ଼ଲ୍ । କଥାଇଁ କେଜାଣି, ବଳରାମଗୋଟୀ ପନ୍ଥାରେ କନ୍ୟାର ବଡ଼ ଅଘ୍ଵବ, ପୁଣି ଦର ଜ୍ଞାର ଚଢ଼ା । ଗୋଟିଏ ଗୋଟିଏ କନ୍ୟା ପାଞ୍ଚଶ ଠାରୁ ହଜାରେ ଦୁଇ ହଜାର ଟଙ୍କାରେ ବିକି ହେବାର ଏ ଲେଖକଙ୍କୁ ଜଣା । ଅଜଣା ପାଠକ ଆପଣେ ପଚାରିବେ, "କନ୍ୟାର ଦାମ ଏତେ ଜଣା ଅଧିକ କିଂୟା ? କନ୍ୟାଗୁଡ଼ିକ ଫୁଟ ଗଜରେ ମାପ ବା ଦଣ୍ଡି ଚଉଜୁରେ ଓଜନ ହେଉଥିବ, ମାପ ବା ଓଜନ ଜଣା ଅଧିକରେ ଦର ଜଣା ଅଧିକ ହୁଏ ।" ନାହିଁ ନାହିଁ, ତାହା ନୁହେଁ, ଆମ୍ଭମାନଙ୍କୁ ଭଦ୍ରଲୋକଆ କଥା ଭଲ ଜଣା । ସେଥିର ଅସଲ ଢାଲ ଚୁମ୍ବକରେ ଦୁଇ ଚାରି କଥାରେ କହିବୁଁ । ବଳରାମଗୋଟୀ ପନ୍ଥାରେ ନ ଥିଲ ଲୋକ ନାହାନ୍ତି ବୋଲନ୍ତୁ, ସେମାନେ ଘର ପରିଶ୍ରମୀ ଏବଂ ଖରଚପତ୍ରରେ ଘର ଚତା । ବଳେ ସମସ୍ତଙ୍କ ହାତରେ କଛୁ କଛୁ ଟଙ୍କା ଜମିଯାଏ । କନ୍ୟାର ବପୁସ ବା ରୂପ ଗୁଣ ବଷପ୍ଟରେ କଛୁ ଚନ୍ତା ନାହିଁ—ବରର ବପୁସକୁ ଧର କନ୍ୟାର ଦର ଦାମ କଷାଯାଏ । ବରର ବବାହର ବପୁସ ହେଲ । ଏଣେ ଘରେ ଚେତେ ଟଙ୍କା ନାହିଁ, ଆପେ ପରିଶ୍ରମ କର ଟଙ୍କା ଜମାଏ । ଟଙ୍କାଟା ଠିକ୍ ହେଉଁ ହେଉଁ ବରର ବପୁସ ହୋଇ ଗଲ୍ଣି ପଚାଶ, କମ୍ବା ଧନବନ୍ତ ଲୋକ ଭୋଜବର ଓ ତେଜବର ବପୁସ ଖାଠିଏ । ଏଣେ କନ୍ୟାଟିର ବପୁସ ୧୦।୧୧ ଭିତରେ । ସେହ୍ନ ସମସ୍ତ ଜାଗାରେ କନ୍ୟାର ଦର ବଢ଼ିଯାଏ । ଦରର ଏହିପରି ହାଲ ଜାଣିବ । ବରେଇ ବସ୍ତ୍ର ହେବା ଲଗି ଟଙ୍କାଏ ମସାଏ ଯାହା ହାତରେ ପଡ଼େ ଥୋଇ ଦଏ । ଦରକଷରେ ଅଢାଇଆ ଗୋଟିଏ ଠେକ ହୋଇଛୁ, ସେଥିରେ ପକାଇ ଦଏ ।

ଆଜିର ମାଙ୍ଗଳିକ ଗଲ୍ଣି । ବରେଇର ଉଚ୍ଚୁଣିକା ବପୁସ ତିରିଶ ଭିତରେ, ବସ୍ତ୍ର ହେବା ଭଲ ଟଙ୍କା ଜମି ଗଲ୍ଣି ବୋଲି ମନରେ ଠିକ୍ କଲ । ବସ୍ତ୍ରଯାଇଁ ସଜ ହେଲ, ହେଲେ ସେ କଣ ଆଡ଼ୁ କନ୍ୟା ଖୋଜ ଯିବ ? ପୁରୋହିତ ଖ୍ୟମେଇ ମିଶ୍ରଙ୍କୁ ମଧ୍ୟସ୍ଥ କଲ । ମିଶ୍ରେ ଗୃହଆଡ଼େ ଡେର ଆଗି ଫେରିଇଲେ । ବରେଇ ଘନେ ମିଶ୍ରଙ୍କୁ କମଳୀ କଥା ଇଶାରାରେ କହିଲ । ଘଘବ ପାହର ସାନ ଝିଅର ନାମ କମଳୀ, କନ୍ୟାଟି ବେଶ ଡୌଲି, ଲାଜକୁଳୀ, ଘନ ଘଣ୍ଟ ଘର କାମରେ ଲଗିଥାଏ, ବାପର ଡେର ସେବା କରେ । ଗାଁ ମାଇକନଆମାନେ ତାହାର ଡେର ପ୍ରଶଂସା କରନ୍ତି । ବରେଇ ପିଲ ଦନରୁ କମଳୀକୁ ବଡ଼ ଭଲ ପାଏ । ରୋଜ ଦୁଇଓଳ ବଲକୁ ଯିବା ଆସିବା ବେଳେ କନ୍ୟାଟିକୁ ଗୁହିଁ ଗୁହିଁ ଦେଖେ । ବରେଇ ବଲ ବାଢ଼ୁଡ଼ା ବେଳେ କମଳୀ କଳସୀଟିଏ କାଖେଇ ପାଣି ଆଣି ଯାଉଥିବାର ଦେଖେ । କମଳୀର ଠିକ ସେଇଟା ପାଣିଅଣା ବେଳ, ଘରେ ମାଠିଆରେ ପାଣି ଥିଲେ ବି ସେ ପାଣିଗୁଡାକ ନାଳରେ ଢାଳଦେଇ କଳସୀ କାଖେଇ ବାହାର ପଡ଼େ । ଗୃହଆଡ଼କୁ ଗୃହେଁ; କେହ୍ନ କୁଆଡ଼େ ନ ଥିଲେ କଣେଇ କଣେଇ ବରେଇକୁ ଦେଖୁଥାଏ ।

ପାଞ୍ଜିରୁ ଭଲ ଘନଟିଏ ଦେଖି ମିଶ୍ରେ ଘଘବ ପାହଙ୍କ ପାଖରେ ପହଞ୍ଚଲେ । ପାହ ବୋଧ କରୁଁ କଛୁ ଗନ୍ଧ ପାଇ ଗଲେଣି । ଅଖାପାଲ ଖଣ୍ଡେ ପାର ଦେଇ ମିଶ୍ରଙ୍କୁ ବଡ଼ ଆଦର ସମ୍ମାନରେ ବସାଇଲେ । ନାନା ଶୁଙ୍ଗାଶୁଙ୍ଗି ଦୁଃଖ ସୁଖ ଗୃର ପଦ ହୋଇଗଲ୍ ଉତ୍ତରେ ମୂଳକଥା ଆରମ୍ଭ ହେଲ୍ ।

ମିଶ୍ରେ କହିଲେ, "ପାହେ ! ତୁମ କମଳୀଟିକୁ ବରେଇକୁ ଦେଲେ ଭଲ ହୁଅନ୍ତା ନାହିଁ ?"

ପାହେ—ହେଉ ହେଉ, ମୋର ମନା ନାହିଁ ।

ମିଶ୍ରେ—ପାହଟି ବଡ଼ ଭଲ, ଖୁବ୍ ଦୁଃଖୁଆ ।

ପାହେ—ହେଉ ହେଉ, ମୋର ମନା ନାହିଁ ।

ମିଶ୍ରେ—ଝିଅଟି ଖୁବ୍ ସୁଖରେ ରହିବ ।

ପାନ୍ଥେ—ଦେଉ ଦେଉ, ମୋର ମନା ନାହିଁ ।
ମିଶ୍ରେ—ତେବେ ଖର୍ଚ୍ଚପତ୍ର କଥା ।

ପାନ୍ଥେ—ହଁ ହଁ, ସେଇ ଅସଲ କଥାଟା ଆଗେ ଦେଉ । ମୁଁ ସାଫ କଇଦେଉଛି; କନ୍ୟାସୁନା ନଗଦ ହଜାରେ ଟଙ୍କା, ଏଥିରୁ ପାଇସାଏ ମଧ୍ୟ କଡ଼ାଏ ଉଣା ଅଧିକ ନାହିଁ, ବୁଝିଲେ ମିଶ୍ରେ ! ମୁଁ ନ-ଚୁ ଜାଣେ ନାହିଁ, ଯାହା କଇବାର ସଫା କହିଦଏଁ, ଏଁ, କଣ କଉଛନ୍ତି ମିଶ୍ରେ ?

ମିଶ୍ରେ ଟିକେ ଗୁମ୍ ଖାଇ କହିଲେ, "ଟିକେ ବୁଝିସୁଝି ବୋଲନ୍ତୁ, ସାରେଇ ବଡ଼ର ଏତେ ଦେଇ ପାରିବ କିଂୟା ? ସେ ପାଞ୍ଚଶହ ଛକ ଯାଇ ପାରେ ।"

ପାନ୍ଥେ ଟିକେ ତେଜରେ କହିଲେ, "ମୋର ଆଉ ଦୁଇ କନ୍ୟା ସକାଶେ ଗ୍ରେକଟୋକ ଦୁଇ ହଜାର ପାଇଛୁ, ସେଇଟା ତ ତୁମ ଆଗର କଥା ଫେର ଏପର ଅନ୍ୟାପ୍ୟ କଥା କିଂୟା କଉଛ ?

ମିଶ୍ରେ କହିଲେ, "ସେ କଥା ଏ କଥା ଡେର ତଫାତ୍ । ସେ ବର ଯୋଡ଼ାକର ବମ୍ବସ ଷାଠିଏ ଷାଠିଏ ହୋଇଥିଲା, ଦୁହେଁଯାକ ଥିଲେ ଦୋଜବର । କନ୍ୟା ଯୋଡ଼ିକ ଘଣ୍ଡ ହୋଇ କପର ଦୁଃଖଟର ଅଛନ୍ତି, ଦେଖୁ ନାହାନ୍ତି ? ଏଣେ ଦେଖନ୍ତୁ, ସାରେଇ କାଲିକା ପିଲା ।"

ପାନ୍ଥେ ଖପାଟା ହୋଇ କହିଲେ, "ହୋଇ ହେ ମିଶ୍ରେ ! ତୁମେ ପାଠୁଆ ଲୋକଟା ହୋଇ ଏପର ଅନ୍ୟାପ୍ୟ କଥା କମିଚ୍ଛ କହିଲ ହେ ? ଆରେ ସେମାନଙ୍କ କପାଳରେ ଥିଲା, ଘଣ୍ଡ ହେଲେ । ମୁଁ କଣ କହି ଦେଇଥିଲି, ଘଣ୍ଡ ହୁଅ ? ବାପ ଜନ୍ମ ଦେଇଛି ବୋଲି କଣ କର୍ମ ଦେଇଛି ?"

ମିଶ୍ରେ—ଯାଉ ସେ କଥା, ଆପଣଙ୍କ ପାଟିରେ ବୋଲ୍‌ବୋଲ କରିବ କଣ ? ଆପଣ ଛେଉଣ୍ଡଟିକୁ ଟିକେ ଦପ୍ପା କରନ୍ତୁ, ସେହି ପାଞ୍ଚଶରେ ମଟି ଯାନ୍ତୁ ।

ପାନ୍ଥେ—ଦଉଡ଼ ବେବହାରରେ ଦପ୍ପା ମାପ୍ପା କଣ ମିଶ୍ରେ ? ହଁ, ଆଉ ଗୋଟାଏ କଥା ବୁଝ, ମୋର ଆଉ ଦି ଝିଅଙ୍କର ୯ ବର୍ଷ ଲେଖାଁଏ ହୋଇଥିଲା, ଏ ତ ଚଉଦ ବର୍ଷର ଝିଅ, ସିମିତ ସିବ, ଛଣାଣରେ ପଶିବ । ଆମ ପଟ୍ଟାରେ ଏତେ ବଡ଼ କନ୍ୟା କାହିଁ ? ପ୍ପା ପିଛେ ଘ୍ରତ ଲୁଗାରେ କେତେ ଟଙ୍କା ପାରଲଣି ? ପାଞ୍ଚଶ କଉଛ—ଶିବପୁରର ଘନୁ ପରଡ଼ା ଓ ଗୋବିନ୍ଦ ପୁରର ଶାମ ମହାପାତ୍ର ଟଙ୍କା-ଅଳୀ ଧର ମାସକୁ ଚା ଦୁଆରେ ବସି ଗଲେ, ତେତେବେଳେ ପାଞ୍ଚଶରେ ନ ଦେଇ ଏବେ ଦେବ କିଂୟା ? ଆଉ ଗୁଡ଼ାଏ ବଜର ବଜର କର ନା ମିଶ୍ରେ । ହଜାରେ ହେଲ୍ଲ ତ ବସ, ନୋହିଲେ ସିଧା ଦାଣ୍ଡ ପଡ଼ୁଛୁ ।

କମଳୀ କବାଟ କଣରେ ବସି ସବୁ କଥା ଶୁଣୁଥିଲା । ସେ ଏତେବେଳେ ସବୁ କଥା ବୁଝିଲଣି, ଭଉଣୀ-ମାନଙ୍କ ଅବସ୍ଥା ଆଖିରେ ଦେଖୁଛୁ, ଆଉ ଜଣାପାଏ, ସାରେଇକୁ ବଡ଼ ଭଲ ପାଏ । ଟଙ୍କା ଦରଦାମ ନ ପଟିବାରୁ ମିଶ୍ରେ ଉଠିଗଲେ । କମଳୀ ଭୁନ ଭୁନ ଡେର କାନ୍ଦିଲା । ଦୁଇ ଭଉଣ ସାନ ହେଲ୍ଲ ଖିଆପିଆ ଘୁଡ଼ଲଣି, କେବଳ କାନ୍ଦୁଛୁ । ମା ନାହିଁ, ତା ମନ କଥା ବା କିଏ ବୁଝୁଛୁ ? ଶେଷରେ ଖୁବ ଗୋଟାଏ ହୋମତ ବାନ୍ଧଲା । ଗାଁର ଲେଖାଯୋଖା ଅପି ଆଇକୁ ଧରଲା । ମନର କଥା ଫିଟାଇ କହିଲା, "ଆଇ ! ବାପା ଟଙ୍କା ଲୋଭରେ ଗୋଟାଏ ବୁଢ଼ା ବରକୁ ମୋତେ ବଚ୍ଚା ଦେଲେ ମୁଁ ପୋଖରୀକୁ ଡେଇଁ ପଡ଼ିବ ।" ଅପି ଆଇ ଆସି ଘରଦ ପାନ୍ଥଙ୍କୁ କମଳୀ କଥା କହିବାରୁ ପାନ୍ଥେ ଖୁବ୍ ଗୋଟାଏ ଖପା ହୋଇ ଝିଅକୁ ଡେର ଗାଳ ଦେଲେ । "ମୁଁ ତୋତେ ଚଉଦ ବରଷ କାଳ ଖୁଆଇ ପିଆଇ

ବଢ଼ାଇଲ—ଆଜ କଣ ନା ପାଣିକ ଡେଇଁ ପଡ଼ିବୁ ? ମର, ଦେଖେଁ ଭଲ କମିଛ ମରିବୁ ? ଚଉଦ ବରଷ-କାଳ ଖାଇଛୁ ପିଇଛୁ, ଘିଅ ଲୁଗା ଦାମ ପାଞ୍ଚଶ ଟଙ୍କା ଗଣି ଥୋ—ତା ବାଦେ ମରିବୁ ତ ମର ଯା, ମୋର ମନା ନାହିଁ ।”

ପାହେ ରାଗ ମୁହଁରେ ଝିଅଟାକୁ ଗାଳଗୁଲଜ କଲେ ସିନା, ହେଲେ ଘଣ୍ଟରେ ବସି ଡେର ଚନ୍ତା କଲେ । ଝିଅର ଖିଆ ପିଆ ନାହିଁ, ମଲାଣି ପରି ପଡ଼ିଛି । ସତକୁ ସତ ମନ ଦୁଃଖରେ ଯେବେ ବୁଢ଼ି ମରିବ, ତେବେ ମୂଲ ବୁଢ଼ିବ ସିନା ! ଖୁବ ଆଖି ଫେରାଇ ଦେଖିଲେ, ଜାତ ଭିତରେ ଦୋଜବର ବା ଅଭିଆଡ଼ା କେହି ନାହିଁ । ଏଣିକ ଝିଅଟାକୁ ପୋଷିବା ଖର୍ଚ୍ଚାନ୍ତ କଥା । ଚାହିଁ ଆରଦିନ ସକାଳେ ମିଶ୍ରଙ୍କୁ ଡାକ ପଠାଇଲେ । ଆଜ ପାହଙ୍କ କଥା ଖୁବ କଅଁଳ—ସାକୁଲ ସାକୁଲ ଭଳ । ଦୁଇଜଣ ବସି ଦରଦାମ ଠିକ କରି ନେଲେ । ସାତଶ ଟଙ୍କାରେ କଥା ଛିଡ଼ିଲ । ବର୍ତ୍ତମାନ ଗାଆଁ ପାଞ୍ଚ ଭଲଲୋକ ଆଗରେ ଘରେଇ ଦେବ ଦୁଇଶ ଟଙ୍କା, ବାକ ପାଞ୍ଚଶ ବେନ୍ଦମ୍ଭୁରେ ।

ଘରେଇ ହିସାବ କରି ଦେଖିଲା, କନ୍ୟା ସୁନା ପଡ଼ିବ ସାତଶ, ବସ୍ତ୍ର ଖର୍ଚ୍ଚ ଭିନଶରୁ ଉଣା ନୁହେଁ, ଗାଏ ଦୁଇପଦକୁ ହଜାରେ । ଘର ଭିତରେ ଗୋଡା ଟୋକି କରି ଯାହା ରଖିଥିଲା, ଖୋଳାଖୋଳି କରି କାଢ଼ିଲା, ଟଙ୍କା ଚଉପା ମିଶାଇ ଟଙ୍କା ୭୯/୭ । ମଲା ଯା, ଆଉରି ଯେ ଗୁଣେ ଲେଡ଼ା । ଦୁଇଶ ଟଙ୍କା ଘରୁ କାଢ଼ି ଦେଲାଣି, ବସ୍ତ୍ର ବାଦ କଲେ ସେ ଦୁଇଶର ଆଶା ଛାଡ଼ିବାକୁ ହେବ । ହେଉ, ପଛନ୍ତେ କୁଦ୍ୟାବୁଦ୍ଟି । ଘରେ ବହନ ଭାଗ ରଖି ଧାନ ସବୁ ବକ ଦେଲା । ଭୁଚ୍ଚା ଢଳଆ ବଳଦ ଦୁଇଳ ଉଖି ଗୋରୁଗୁଡ଼ାକ ବକ ପକାଇଲା ।

ଆଜ ବସ୍ତ୍ର ଦିନ । ବାଜା ପାଲଙ୍କି କର ଘରେଇ ସଞ୍ଜବେଳେ ଶଶୁର ଦୁଆରେ ହାଜର । ବର ପାଲଙ୍କିରେ ବସିଛି, ପାହେ ପିଣ୍ଡାରେ ବସି ନାସ ଶୁଙ୍ଘୁଥିଲେ । ଘଡ଼ଏ ବତିଗଲା, ପୁଟ୍‌ରାହୁତ ଉଜ୍ଜ ଗଳା ଥର ଡାକଲେଣି, “ଆସ ପାହେ ! ବରକୁ ବାଟବରଣ କର ନଅ ।” ପାହଙ୍କ ମୁହଁରେ କଥା ନାହିଁ । ବୁଦ୍ଧିଆ ମିଶ୍ରେ କଥାଟା ବୁଝିଗଲେ, କହିଲେ, “ପାହେ ! ଘରେଇ ହାତରେ ଟଙ୍କା, ବାଟବରଣ କର ଘରକୁ ଆଣ, ଟଙ୍କା ଗଣିଦେବ ।” ପାହେ ଧଡ଼ପଡ଼ ହୋଇ ଉଠି ବରକୁ ବାଟବରଣ କର ନେଲେ । ଟଙ୍କା ଗଣାଗଣି ପରଖା ପରଖିରେ ଘଡ଼ଏ ବତିଗଲା । ମଲା ଯା ! ଛଟା ଟଙ୍କା ପଡ଼ଲ ଭେଣ୍ଡି ! ଗାଁ ଲୋକେ ଡେର କୁହାବୋଲ କଲେ, ଜାମିନ୍ ହେଲେ - ବର୍ତ୍ତମାନ ଶୁଭ-କାର୍ଯ୍ୟଟା ସମାଧା ହୋଇଯାଉ, କାଲ ଟଙ୍କା ବଦଳା-ବଦଳ ହେବ । ପାହେ ଠଳରେ ବସିଲେ ନାହିଁ । ଘରେଇର ଆଉ ବାଟ ନାହିଁ, ସେହିଠାରେ ବରବେଶରେ ବସି ଘରର ପଲଣ ପାଣ୍ଠି ହଳ ପରଞ୍ଜାମ ସବୁ ଗାଁର ମଧୁ ମହାନ୍ତଙ୍କୁ ଛ ଟଙ୍କାରେ ବକ ଦେଲା । କୁଆ କା କରିବାକୁ ହାତ ଗଣ୍ଠି ଫିଟିଲା । ପାହେ ବର ବଦା କରିବା ପାଇଁ ଦାଣ୍ଡ ଦୁଆରେ ଲହର ପହର ହେଉଛନ୍ତି, ଘରେ ପଶିବାକୁ ନାହିଁ, ଯଦି ବେଳ ଉଛୁର ହୋଇଯାଏ, ବାଜାବାଲ ବେହେରା ଜଳଖିଆ ମାଗିବେ ।

ଘରେଇ ତ ଘରକୁ ଡାଙ୍ଗିଆ ମଣିଷ, ବର କନ୍ୟାକୁ ବଦାଇ ନେଉଛୁ କଏ ? ଘରେଇ ଖୁଡ଼ୀ, ମାଉସୀ, ଅପା ପାଞ୍ଚଜଣ ଅନ୍ଧଅନ୍ଧୁ କହି ଆସିଥିଲ । ଅଡ଼କରୁରେ ଗାଁ ମାଇକନଆମାନେ ବି ଧାଇଁ ଆସି ବାରେଇ ଘରେ ଭଡ଼ିଁ ହୋଇ ଯାଇଛନ୍ତି । କନ୍ୟାଟି ଦୋଳମ୍ବୁକଟ ମୁଣ୍ଡରେ କଜଳପାଉଁଚି ଧର ନଈଁ ନଈଁ ଆଗରେ ଚାଲୁଛୁ, ଝିଲକାଉଁଚିଏ ନଡ଼ଆଟିଏ ଧର ବର ପଛରେ । ଭଣ୍ଡାରୁଣୀଟା ଆଗେ ଦେଖି ପକାଇଲା, କନ୍ୟାର ପେଟଟା ବାହାଉ ପଡ଼ୁଛି, ନସରପସର

ହୋଇ ଗଲୁଛୁ, ଭଲ କର ଗଲ ପାରୁନାହିଁ । ଭଣ୍ଡାରୁଣୀ ଆଉ ପାଞ୍ଚ ମାଇକନଆଙ୍କ ବାଡ଼ୁ ଝିପି ଦେଇ ଖାଇଲା ଦାନ୍ତ ଆଙ୍ଗୁଳ ବଢ଼ାଇ କଣ ଦେଖାଇ ଦେଲା । ସବୁ ଅନ୍ଧଅପାକ କନ୍ୟାକୁ ଘୁଡ଼ ଅଲଗା ଦୋଇଗଲେ, ଝୋଙ୍କାଗୁଡ଼ାକ ହସି ହସି କେହ୍ନ ଦାପୁ ଦାପୁ କର ଆଗଣା ଘରକୁ ପଳାଇ ଗଲେ । କେହ୍ନ କଡୁଥାଏ ପାଞ୍ଚ ମାସ, ଜାଣିବା ମାଇକନଆମାନେ ଠିକ୍ କରନେଲେ, ସାତ ମାସରୁ ଉଣା ନୁହେଁ । ଦାମଦରଙ୍ଗା ମାଉସୀ ପିଉସୀମାନେ ଘରକୁ ଯାଇ କାନ୍ଦିବାକୁ ବସିଗଲେ । ଦାପୁ ! ଦାପୁ ! ଛୁଆଟା ଅଭିଆଡ଼ା ଥିଲା ତ ଥିଲ, ସବସ୍ୱ ସାର ସାତପୁରୁଷକୁ ନରକକୁ ଦେଲା । ଘର ଶ୍ମଶାନ, ବୀରେଇ ଗାଲରେ ହାତ ଦେଇ କାନ୍ଥକୁ ଆଉଜ ବସିଛୁ । କମଳୀ କବାଟ ଉଦ୍ଘାଡ଼ରୁ ଭତରେ ଚୁଁ—ଚୁଁ କର ବୀରେଇକୁ ହାତ ଠାର ପାଖକୁ ଡାକଲା । ପେଟ ଉପରେ ମୁଣିଏ ଟଙ୍କା, ତା ଉପରେ ଯୋଡ଼ାଏ ବେଡ଼ାଣ ଖପା କଷି ଗୁଡ଼ଆ ଦୋଇଛୁ, ଫିଟାଇ ପକାଇ ଟ୍ୱଣ କର ଥଳଟା ତଳେ ପକାଇ ଦେଲ । ଘରେଇ ଯେମନ୍ତ ସ୍ୱପ୍ନ ଦେଖୁଛୁ ସ୍ୱର୍ଗରୁ ଦେବୀଟିଏ ଓହ୍ଲାଇ ଆସିଲେ । ପଚାରିଲ, "ଏ କଣ ?" କମଳୀ କହିଲା, "ଏ ତୁମ ଟଙ୍କା, ବଳଦ ଗାଈ ପାଣ୍ଠି ପଇସା ଯାହା ବକଛ, ଟଙ୍କା ଦେଇ ଆଗେ ଫେରାଇ ଆଣ, ତା ବାଦେ ଏ ଘରେ ପାଣି ଛୁଇଁବ ।" ବୀରେଇ ଗଣି ଦେଖିଲା, ପୂରା ହଜାରେ ଟଙ୍କା । ପଚାରିଲା, "ଆଉ ଭନଶ କଣ ?" କମଳୀ କହିଲା, "ଦୁଇ ଅପାଙ୍କୁ ବକ ଯେ ଟଙ୍କା ବାପା ପାଇଥିଲ, ଦଶ ମାଣ ବଲ କଣିଛୁ, ବାକ ଭନଶ ଅଛୁ । ଅପାମାନେ ବଡ଼ ଦୁଃଖରେ ଅଛନ୍ତି, ଏତକ ଟଙ୍କା ଉଚ୍ଚୁଣିକା ସେମାନଙ୍କ ପାଖକୁ ପଠାଇ ଦଅ ।"

ଉପର ଓଳ ଗାଁ ଗୋନ୍ଧଣ୍ଡ ମଝିରେ ଗହଳ ପାରେ ଡକା ପକାଇ ବାପା ପର ଧାଇଁଛନ୍ତି । ବୀରେଇ ଦୁଆରେ ଡକା ପକାଇ ପରସ୍ତେ ଗଡ଼ଲେ, ଖାଲ କଡୁଛନ୍ତି, "କମଳୀ ମୋ ବେକରେ ଚୁଷ୍ମା ମାରଲୁ, ମୋ ଟଙ୍କା ଦେ ।" କମଳୀ କହିଲା, "ବାପା ! ତୋର କ ଟଙ୍କା ? ମୋ ଟଙ୍କା ମୁଁ ଆଣିଛୁ ।" ଗାଁ ଲୋକେ ଶୁଣି ଧାଇଁଲେ । ସେମାନେ ଘଦ୍ଦବ ପାଖ ଉପରେ ଆଗରୁ ବଡ଼ ଖପା ଦୋଇଥିଲେ । ଭନ ଭନଟା ଦିଅ ଭନ ହଜାରରେ ବକଲା, ସେମାନଙ୍କ ମୁହଁରେ ମୁଡ଼ି ଗୁଣ୍ଡିଟାଏ ବ ବାଜ ନାହିଁ । ବଖ୍ତବେଳେ ନାଥୀମୁଖୀ ଆଉ ଭଲକାଞ୍ଚନ ଦକ୍ଷିଣା ବଷପୁରେ ପୁରୋହିତଙ୍କ ସାଙ୍ଗରେ କଛୁ ବୋଲ୍‌ବୋଲ ଦୋଇଥିଲ । ସେ ତ ଆଗରୁ ନଆଁ ଦୋଇଥିଲେ । ପଡ଼ଶ୍ପଯାଇ ହୁକୁମ ଦେଲେ, "ମାର ଚଣ୍ଡାଳ ମାଉଁସବକାକୁ ।" ପାଖେ ଦେଖିଲେ ଗ୍ରାମ ଲୋକେ ସମସ୍ତେ ମାର ମାର କହି ଧାଇଁଛନ୍ତି, ତାଙ୍କ ପଟକୁ କେହ୍ନ ନାହିଁ । ଯୋଡ଼ାଏ ଭନଟା ଧକା ବଧା ଗୁପୁଡ଼ା ବ ବାଜଗଲାଣି । ଟଙ୍କା ମାଗିବେ କଣ, ଘରମୁହଁ ଧାଇଁଛନ୍ତି । ପିଲାଗୁଡ଼ାକ ହାତତାଳ ଦେଇ ପଛରେ ଧାଇଁଛନ୍ତି, ପାଙ୍କ ଉପରେ ଡେଲା ଧୂଳ ବୃଷ୍ଟି ଦେଉଛୁ, ଭନ ଜାଗା ହାବୁଡ଼ ପଡ଼ ଆଣ୍ଠୁ ଗଣ୍ଠି ଛୁଡ଼ ଗଲାଣି । ପାଙ୍କୁ ଦନବେଳେ ଆଉ କେହ୍ନ କେଉଁ ଗାଁ ଦାଣ୍ଡରେ ଦେଖିନାହିଁ । କମଳୀ ନାମରେ ଧନ୍ୟ ଧନ୍ୟ ପଡ଼ଗଲ ।

ଘରେଇ ବାହାର ଆସିବା ଦନଠାରୁ ମାମୁ ମାଇଁ ବଡ଼ ବେହାଲରେ ପଡ଼ଲେଣି । ଆଗେ ଘରେଇ ଡରରେ ଚଣ୍ଡୀ ଗୋଠରୁ ଗୋରୁ ବା ମରେଇରୁ ଧାନ ଲୁଟି ଟ୍ଟୋର କର ବକୁଥିଲ, ଏବେ ଡାକଫୁକାର ଦନ-ବେଳେ ବକ ଦେଉଛୁ । ବାପ ମା କଛୁ କହିଲେ ବାଡ଼େଇବାକୁ ଧାଏଁ, ସେମାନେ ଡରରେ କଛୁ କହି ପାରନ୍ତି ନାହିଁ । ପୁଅଟା କଥା କାହାକୁ ବା କହିବେ, ଭୁଜ ଦୋଇ ପଡ଼ଥାନ୍ତି । ବର୍ଷ ଦୁଇଟା ଭତରେ ଅଡ଼େଇ ବୋଡ଼ଆ ପଲଟାରେ ଛଡ଼ା ଲଞ୍ଜ ଖଣ୍ଡେ ବ ନାହିଁ । ଗଛ ପର ଭନଟା ମରେଇ ଝାଡ଼ୁଝୁଡ଼ । ଏଣେ ଗୁଷଟା ବ ସେହ୍ନପର । ଶ୍ୱାସ ବେମାରଟା ପାଙ୍କୁ ବଲ

ପଡ଼ଲଣି, ଚିଣ୍ଡାରୁ ଓହ୍ଲାଇବାକୁ ନାହିଁ, ବଳବାଡ଼ ଯିବେ କଣ ? ଚଣ୍ଡୀ ତ ମୌଜରେ ଲଗିଛୁ, ବଳକୁ ଯିବ କଣ ? ଗୃଷଗୁଡ଼ିକ ମୂଲଆଙ୍କ କମା, ମୂଲଆ ଦଶ ଗୌଣୀ ବୁଣିବାକୁ ଯେମନଗଲେ ତ ପାଞ୍ଚଗୌଣୀ ପଡ଼ଲ ବଲରେ, ଆଉ ପାଞ୍ଚ ଗୌଣୀ ମୂଲାଆଣୀର ଡେକିଁ-ଶାଳରେ । ପାହଙ୍କ ପାଖରୁ ମୂଳ ନେଇ ଆପଣାର ବଳ ବାଛୁ ଯାନ୍ତୁ । ଏଥିରୁ ଯାହା ଗୃଷ ହେବ, ସମସ୍ତଙ୍କୁ ଜଣା । ବୋଇଲୁ—

"ଆପେ ଚଷିବୁ ପୂର୍ବ ଗୃଷ
ଛଚା ପୋତା ଅଧା ଗୃଷ,
ମୂଲଆ ଗୃଷ ଫସରଫାସ ।"

ଯେ କେତେ ପୃଞ୍ଚା କଲେଇ ଖଳାକୁ ଆସେ, ଖଜଣାକୁ ନଅଣ୍ଟୁ ।

ଏଡକବେଳେ କଣ ହେଲୁ କ ଗାଁରୁ ଡେର ବଳଦ ଗାଈ ଗ୍ଲେର ଗଲୁ । ଆଜ ଶୁଣାଗଲୁ ଶାମଲଘର ବଳଦ ଗ୍ଲେର ତ, କାଲ ପରଡ଼ାଘର ଯୋଡ଼ାଏ ଗାଈ ମିଳୁ ନାହାନ୍ତୁ । ମାସ ଛଅଟା ମଧ୍ୟରେ ଦଶ ପାଞ୍ଚ ଗଣ୍ଡା ଗୋରୁ ଗ୍ଲେର ଗଲୁଣି । ଗାଁଯାକ ଡକା ପଡ଼ଗଲୁ । ଗ୍ଲେର ଧରବା ଲଗି ଗାଁଯାକ ଭୁନ ଭୁନ ବଗ୍ଲର କର ଛକଚୁକରେ ରହିଗଲେ ।

ଦିନେ ଅଧଘଣ୍ଟ ବେଳେ ପାଣ୍ଡିଆ ପାହ ପୁଅ ଚଣ୍ଡିଆ ଆଉ ଘର ଜଣ ବାଉର ଟେକା ଯୋଡ଼ାଏ ବଳଦ ବାନ୍ଧ ଯେମନ ବଳ ମଝିରେ ଯାଉଥିଲେ, ଗୋଟାଏ ଲୋକ କୁହାଟଟାଏ ମାରଦେଲୁ, କୋଡ଼ଏ ଛରଣ ଜଣ ଘର ପଟରୁ ବେଡ଼ି ଗଲେ । ଆଉ ଗ୍ଲେର କାହିଁ ଯିବେ ? ଲଙ୍ଗଳ ଉଡ଼ାରେ ବାଡୁକୁ ବାଡୁ ଛଦ କାଠମୁଠିଆ କର ବାନ୍ଧ ପକାଇଲେ । ମାଡ଼ ତ ମାଡ଼, ଗ୍ଲେରଗୁଡ଼ାଙ୍କ ଚେତା ବୁଡ଼ଗଲୁଣି । ଚୌକିଆ ଗୋରୁ ସହିତ ଗ୍ଲେରମାନଙ୍କୁ ଆନାକୁ ଯେମନଗଲୁ । 'ଗ୍ଲେର ମା ଲଜରେ ନ କାନ୍ଦେ', ପାହ ପାହାଣୀ ବୁଢ଼ା ବୁଢ଼ୀ ଯୋଡ଼ଳ କବାଟ ଦେଇ ଘର ଭିତରେ ଧକେଇ ଧକେଇ କାନ୍ଦୁଛନ୍ତି । ଗାଁ ଗୋଟାକ ବାଡ଼େ, ଦ୍ୱେଲେ ଘରେଇ ମାମୁ ମାଇଁଙ୍କର ବଳଲ ସହ୍ୟ ହଉଲୁ ନାହିଁ । ସଦର କଚେରିକୁ ଧାଇଁଲୁ, ଟାଣୁଆ ଟାଣୁଆ ଓକଲ ମୁକ୍ତାର ଯୋଡ଼ାଏ ଦେଲୁ, ଖୁବ୍ ଲଢ଼ିଲୁ । ବମାଲ ଗ୍ରେପ୍ତାର, ଆଉ କଣ ରକ୍ଷା ଅଛୁ, ଚଉଆର କଠିନ ପରଶ୍ରମ ସହିତ ମିଆଦ ଦେଢ଼ ବର୍ଷ ।

ବପଦ ଯେ ସଞ୍ଜଆ ଅନ୍ଧାରପରି ଗୃହଆଡ଼ୁ ମାଡ଼-ଆସେ । ଚଣ୍ଡୀ ବସ୍ତ୍ରଦରକୁ ପାହେ ମଧୁସାହୁ ମହାଜନକୁ ଗୁଜା ଲେଖିଦେଇ ପାଞ୍ଚଶ ଟଙ୍କା କରଜ ଆଣିଥିଲେ । ପାହଙ୍କ ମରେଇରେ ଡେର ଧାନ ଥିଲୁ, ପାହେ ସେ ଧାନ ବକଦେଇ ଦେଣା ଶୁଝିବାକୁ ବସିଥିଲେ, ପାହାଣୀ କରିବାକୁ ଦେଲେ ନାହିଁ । କହିଲେ, "ବରେଇ ବଲରୁ ଯେ ଧାନ ଆସିବ, ଅଲଗା ଅଲଗା ଖଳା ମୁଣ୍ଡରେ ବକ ଦେଇ ଦେଣା ଶୁଝଟ ହେବ । ଘରେଇ ତ ଚାହାର ବଲ ଯେମନଗଲୁ, ଗୃଷରୁ ତ ଧାନ ମିଳଲୁ ନାହିଁ, ଦେଣାଟା ବଢ଼ିଗଲୁ । କଳନ୍ତର ଆଗରେ ଯୋଡ଼ା ଦଉଡ଼ ପାରେ ନାହିଁ । ମହାଜନ ମୂଳ କଳନ୍ତର ମାମଲୁ ଖର୍ଚ୍ଚା ବାରଶ ଟଙ୍କାତକ ଡଗ୍ରୀ କର ରଖିଥିଲୁ, ଏଡକବେଳେ ପାହଙ୍କ ଘରଦୁଆର ସହିତ ବଳବାଡ଼ ନଲୁମ କର ନେଇ ପାହ ପାହାଣୀଙ୍କୁ ଘରୁ କାଢ଼ି ଦେଲୁ । ମଳଆ ଚରକୁଟ ଲୁଗା, ଦେହରେ ଅଧଆଙ୍ଗୁଳଏ ବହଳ ମଳ, ଖଡ଼ଗାର କାଟି ଯାଉଛୁ, ଗେଧ ଗେଧୁଣି ପର ଯୋଡ଼ାକଯାକ ଦାଣ୍ଡ ବରଗଛ ମୂଳରେ ପଡ଼ିଛନ୍ତି ।

ଘରେଇ ଶୁଣି ଧାଇଁଲୁ । ଦେଖିଲୁ, ମାଇଁର ଚେତା ନାହିଁ, ମାମୁ ବେକ ଖୁଙ୍କି ଆଣ୍ଠୁକୁଣ୍ଢେଇ ବସିଛନ୍ତି । ଘରେଇ କାହାରକୁ କଛୁ ନ କହି ମାଇ କୁ ଲଉ କଲୁ, ମାମୁ ହାତ ଧର ଧୀରେ ଧୀରେ ଆପଣା ଘରକୁ ଯେମନ

ଆସିଲା । ସାରେଇ କମଳୀ ଦୁଇ ଜଣ ଦୁଇ ଟିନା ତେଲ ଲଗାଇ ଦେଇ ଦୁଇଜଣଙ୍କୁ ଗାଧୁଆ ପାଧୁଆ କରାଇ ଦେଇ ଦୁଇଖଣ୍ଡ ଧୋବ ଲୁଗା ପିନ୍ଧାଇ ଦେଲେ । ମାଈଁ ଭଣ୍ଟିରେ ଘିଅ ଗଳୁ ନାହିଁ । କମଳୀ ଅଧସେରେ ସରକ ଦୁଧରେ ମୁଠାଏ ଘିଅ ତକଟି ପିଆଇ ଦେଲା ।

———

ଡାକ ମୁନ୍‌ସି

ହର ସିଂହ ସରକାର କର୍ମରେ ବାହାଲ ହେବା ଦିନଠାରୁ ମଫସଲର ସାନ ବଡ଼ ଅନେକ ପୋଷ୍ଟଅଫିସକୁ ବଦଳ ହୋଇ କର୍ମ ଇଜ୍ଜାମ କରି ଆସିଲେଣି । ଆଜକୁ ଦଶ ବରଷ ହେଲା କଟକ ସଦର ପୋଷ୍ଟ ଅଫିସରେ ବରାବର ରହି କର୍ମ କରୁଛନ୍ତି । ଭଲରୂପେ କର୍ମ କରିବାରୁ ପ୍ରମୋଶନ ପାଇଲେଣି । ବର୍ତ୍ତମାନ ସେ ହେଡ୍ ପିଅନ, ଦରମା ମାସକୁ ନଅ ଟଙ୍କା । କଟକ ସହରରେ ସବୁ ଜନସ କଣା । ନଆଁ ଟିକକପାଇଁ ହଆସିଲ୍ଲଇଟା ମଧ୍ୟ ନ କଣିଲେ ନୁହେ । ଅନ୍ତ କଷ୍ଟରେ ଚଳ ସୁଦ୍ଧା ମାସକୁ ପାଞ୍ଚ ଟଙ୍କାରୁ ଉଣା ଖରଚ ପଡ଼େ ନାହିଁ । କୌଣସି-ରୂପେ ଘରକୁ ଗୋଟାଏ ଟଙ୍କା ନ ପଠାଇଲେ ନୁହେ । ଘରେ ସ୍ତ୍ରୀ ଆଉ ଆଠ ବରଷର ପୁଅ ଗୋପାଳ । ମଫସଲ ଜାଗା, ଘରୁ ଟଙ୍କାରେ କୌଣସିରୂପେ ଟାଣ ଟୁଣ ହୋଇ ଚଳିଯାଏ । ସେଥିରୁ ପଇସାଏ ଉଣା ହେଲେ ଅଚଳ । ଗୋପାଳ ଅପର ପ୍ରାଇମେରୀ ସ୍କୁଲରେ ପଢ଼େ । ସ୍କୁଲରେ ଦରମା ମାସକୁ ଦୁଇଅଣା । ସ୍କୁଲ ଦରମା ଛଡ଼ା ଆଜ ବହି ଖଣ୍ଡେ, କାଲି ସ୍ଲେଟ କାଗଜ ଏ ସବୁ ଜନସ କଣିବାକୁ କେବେ କେବେ କଣ୍ଟ କଣ୍ଟ ବେଶି ଖରଚ ପଡ଼େ । ଏପର ଜ୍ୱରର ଖରଚ ପଡ଼ଗଲେ ସେ ମାସରେ ଘର କଷ୍ଟ । ଦିନେ ଦିନେ ବୁଢ଼ାକୁ ଉପାସ ରହିବାକୁ ହୁଏ । ଉପାସ ହେଉ ପଛେ, ମୋ ଗୋପାଳଟି ପଢୁ ।

ଦିନେ ପୋଷ୍ଟମାଷ୍ଟର ସର୍ଭିସ୍ ବୁକ୍ ଦେଖି କହିଲେ, "ହର ସିଂହ, ତୁମ୍ଭର ପଞ୍ଚାବନ ବର୍ଷ ବୟସ ହୋଇ ଗଲା, ପେନ୍‌ସନ୍ ନେବାକୁ ହେବ, ଆଉ ଗୁକର କର ପାରିବ ନାହିଁ ।" ସିଂହଙ୍କ ମୁଣ୍ଡରେ ତ ବଜ୍ର ପଡ଼ିଲା । କଣ କରିବେ, ମଫସାର ଚଳିବ କପରି ? ମଫସାର ଯାହାହେଉ, ଗୋପାଳର ଯେ ପଢ଼ା ବନ୍ଦ । ଗୋପାଳ ଜନ୍ମଦିନଠାରୁ ସିଂହେ ମନ ମଧ୍ୟରେ ଘର ଗୋଟାଏ ଉଚ୍ଚ ଆଶା ପୋଷିଛନ୍ତି—ଗୋପାଳ ମଫସଲ ପୋଷ୍ଟଅଫିସରେ ସବ୍‌ପୋଷ୍ଟମାଷ୍ଟର ହେବ—ଅନ୍ତ ନକୁଚ୍ଚରେ ଭଲେଜ୍ ପୋଷ୍ଟମାଷ୍ଟର ହେବ । ମାତ୍ର ଟିକଏ ଇଂରାଜୀ ନ ଜାଣିଲେ ତେଡ଼େବଡ଼ ଗୁକରଟା ମିଳିବା ମୁସ୍କିଲ । ମଫସଲରେ ସୁବିଧା ନାହିଁ, କଟକ ଆଣି ଇଂରାଜୀ ପଢ଼ାଇବାକୁ ହେବ । ଗୁକରୀ ଗଲେ ତେଡ଼େବଡ଼ ଆଶାରୁ ଏକାବେଳକେ ନରାଶ । ସବୁ ବେଳେ ସେହି କଥା ଘିବ ଘିବ ହେଉଟା କଳାକାଠ ପଡ଼ଗଲ୍ଲଣି । ଦିନେଦିନେ ଘରଟରେ ନଦ ହୁଏ ନାହିଁ, ଘିବ ଘିବ ଘରଟ ପାହିଯାଏ ।

ସିଂହଙ୍କ ଉପରେ ପୋଷ୍ଟମାଷ୍ଟର ବାବୁଙ୍କର ଘର ସେହେରବାନ । ବସାରେ ମୁକରର ଗୁକର ଥିଲେ ମଧ୍ୟ ସରକାରୀ କାମ ସାର ସଞ୍ଜବେଳେ ସିଂହେ ବାବୁଙ୍କ ବସାରେ ଦୁଇ ଗୁରଟା କାମଦାମ କରିଦେଇ ଆସନ୍ତି । ସଞ୍ଜବେଳେ ଗୋଟାଏ ଆର୍ମ୍ ଚୌକିରେ ବଡ଼ ବାବୁ ଇଂରାଜୀ ଖବରକାଗଜ ପଢ଼ିବାବେଳେ ସିଂହେ ପେଢ଼ି ମିଠା କଡ଼ା ଗୁଡ଼ାଖୁ ଚଲମେ ସାଜ ଦିଅନ୍ତି, ସେପରି କେହି ଜାଣେ ନାହିଁ । ଦିନେ ସଞ୍ଜବେଳେ ସିଂହେ ଭଲ କରି ଗୁଡ଼ାଖୁ ଚଲମେ ସାଜ ଆଣି ଭଲ କରି ଚଲମଟା ପୁଙ୍କି ଦେଲେ । ବାବୁଙ୍କ ମୁହଁରୁ ଇଞ୍ଜିନ୍ ପାଇପରୁ ବାହାରିଲା ପରି ଧୂଆଁ ଗୁଡ଼ାକ ଭକ୍ ଭକ୍ କରି ବାହାରୁଛି, ଟିକଏ ଟିକଏ ଆଗି ବୁଜ ଆସିଲ୍ଲଣି । ସିଂହେ ବୁଝି ନେଲେ ଏହାଟା ଠିକ୍ ସମୟ । ସିଂହେ ବାବୁଙ୍କ ଗୋଡ଼ତଳେ ଦଣ୍ଡବତ ହୋଇ ହାତ ଯୋଡ଼ ଚୁପ୍

ଉତ୍ତରରେ, ଖୁବ୍ ବନପ୍ରରେ, ଖୁବ୍ ଧୀରେ, ଖୁବ୍ ମିଠା କଥାରେ ଆଉଣାର ଦୁଃଖ ଦାଲ ଚୁମ୍ବକ ଚୁମ୍ବକ ସମସ୍ତ କଥା ଜଣାଇଲେ । ଗୋପାଳ ସମ୍ବନ୍ଧରେ ତାଙ୍କର ଯେଉଁ ଉଚ୍ଚ ଆଶା, ତାହା ମଧ୍ୟ ଜଣାଇବାକୁ ପାସୋରିଲେ ନାହିଁ । ବାବୁ ସେହିପରି ନମ୍ବନ ମୁଦ୍ରାବସ୍ଥା—ଧୀର ଗମ୍ଭୀର ଭାବରେ କହିଲେ, "ଆଚ୍ଛା, ଦରଖାସ୍ତ ଖଣ୍ଡେ ଲେଖି ଆଣ ।" ବାବୁଙ୍କର ସାହସ ଥିଲା, କାରଣ ପୋଷ୍ଟେଲ ଇନ୍‌ସ୍ପେକ୍ଟର ବା ସୁପରଣ୍ଟେଣ୍ଡେଣ୍ଟ୍ ବାବୁମାନେ ଆସିଲେ ପୋଷ୍ଟମାଷ୍ଟର ବାବୁଙ୍କ ବସାରେ ରହନ୍ତି । ଉପର ହାକମମାନଙ୍କ ମନସ୍ତୁଷ୍ଟି ପାଇଁ ଖାଦ୍ୟ-ପେୟ ବିଷୟରେ ଯେଉଁ ଆୟୋଜନ ହେବାର ଉଚିତ, ସେଥିର ତ୍ରୁଟି ହୁଏ ନାହିଁ । ସେ ସମୟରେ ପୋଷ୍ଟମାଷ୍ଟର ବାବୁ 'ହର ସିଂ,ହର ସିଂ' କର ଦଶଥର ପାଟି କରୁଥିବାର ଶୁଣାଯାଏ । ହର ସିଂହେ, ପୁରୁଣା ଲୋକ, ଡେର ଡେର ହାକମଙ୍କୁମା ଅମଳ କଲେଣି । କାହାର କ ରକମ ମିଜାଜ, କଏ କାହିଁରେ ଖୁସି, ଜାଣନ୍ତି । ସେ ଦିନ ଅଧରାତ୍ରିଯାଏ ସିଂହଙ୍କୁ ବାବୁଙ୍କ ବସାରେ ରହିବାକୁ ହୁଏ । କାରଣ ଓଡ଼ିଶାର କଦର୍ଯ୍ୟ ହାଓୟା ହେତୁରୁ କେହି ବାବୁ ହଠାତ୍ ଚଢ଼ିତ ହୋଇ ବାନ୍ତିଫାନ୍ତି କର ପକାଇଲେ ହର ସିଂହେ ସୋଡ଼ା କାଗଜଲେମ୍ବୁ ପ୍ରଭୃତି ହାଜର କରାଇ ବାବୁଙ୍କୁ ସମ୍ଭାଳ ନଅନ୍ତି । ବାବୁମାନେ ଆରମ୍ଭରେ ଶୟନ କଲ୍ ଉତ୍ତାରେ ସିଂହେ ଅଧରାତ୍ରିରେ ବସାକୁ ଯାଇ ଆପଣା ପାଇଁ ରୋଷେଇ କରନ୍ତି । ଏହି ସମୟରେ ସିଂହେ ଜଣେ ଜଣେ ହାକମମାନଙ୍କ ଠାରେ ପରିଚିତ ।

ହର ସିଂହଙ୍କ ଦରଖାସ୍ତ ପିଠିରେ ପୋଷ୍ଟମାଷ୍ଟର ବାବୁ ଭଲ ରୂପେ ସୁପାରସ କର ସଦରକୁ ପଠାଇ ଦେଲେ, ଅଳ୍ପଦିନ ମଧ୍ୟରେ ଏକଷ୍ଟେନ୍‌ସନ୍ ହୁକୁମ ପହଞ୍ଚିଲା । ସିଂହେ ତ ମହାଖୁସି, ଏହା ହୁସି ଖବରଟା ଗାଁକୁ ଲେଖି ପଠାଇଲେ । ବର୍ତ୍ତମାନସର୍ବସ୍ୱ ଲୋକ ଉପସ୍ଥିତ ସୁଖ ବା ଦୁଃଖରେ ବମୋହିତ ହୋଇ ପଡ଼ି-ଥାନ୍ତି । ଭବିଷ୍ୟତ୍ ବିଧାତା ତାଙ୍କ ପାଇଁ କଣ ବିଧାନ କରୁଛନ୍ତି, ତେଣିକ ଥରେ ହେଲେ ଅନାଇବା ଦରକାର ମଣନ୍ତି ନାହିଁ । ସିଂହଙ୍କର ଏତେ ବଡ଼ ଆନନ୍ଦଟା ପାଣିଫୋଟକା ପର ଫାଟିଗଲା । ଘରଠାରୁ ଚିଠି ଆସିଲା, ଗୋପାଳ ମାଆର ସନ୍ନିପାତ ରୋଗ, ଜୀବନର ଆଶା ନାହିଁ । ସିଂହେ ପୋଷ୍ଟମାଷ୍ଟର ବାବୁଙ୍କୁ ଚଠିଖଣ୍ଡ ଦେଖାଇଲେ । ବାବୁ ବଡ଼ ଦୟାଳୁ ଲୋକ, ତତ୍-କ୍ଷଣାତ୍ ଛୁଟି ଦେଲେ । ସିଂହେ ଏକନଶ୍ୱାସରେ ଘରକୁ ଧାଇଁଲେ, ଘରେ ପହଞ୍ଚି ଯାହା ଦେଖିଲେ, ତାଙ୍କ ଆଖିର ଜ୍ୟୋତି ଡଳଗଲା । ଜଗତଟା ଯେମନ୍ତ ଅନ୍ଧକାରମୟ । ବୁଢ଼ୀର କଥା ଶେଷ ପ୍ରାୟ ହେଲଣି । ସ୍ୱାମୀଙ୍କୁ କ୍ଷୀଣ ଦୃଷ୍ଟିରେ ଭଲକର ଅନାଇଲେ, ଦୁଇ ହାତ ଅଳ୍ପ ଉଠାଇ ଦଣ୍ଡବତ କଲେ, ସ୍ୱାମୀଙ୍କ ଗୋଡ଼-ଧୂଳ ନେବାକୁ ଠାରିଲେ । ସେହି ଧୂଳ ଟିକକ ପାଇଁ କ ଅନାଇ ରହିଥିଲେ ? ସବୁ ଶେଷ ହେଲା ! ସିଂହଙ୍କର ପ୍ରକୃତ ଗୃହ ଭଗ୍ନ ହେଲା । ସେ ଘରର ମାଲମତା ଦୁଇ ଖଣ୍ଡ ବକ ପିଲ୍‌ଟିକୁ ଧର କଟକ ଚଲାଇ ଆସିଲେ ।

ଗୋପାଳ ମାଇନର ପଢ଼େ । ସିଂହଙ୍କର ବର୍ତ୍ତମାନ ଘର କଷ୍ଟ, ପେନ୍‌ସନ୍ ହୋଇ ଗଲଣି, ଘର ଅଚଳ । ଘରେ ଲୋଟାକଂସା ଯାହା ଦୁଇଖଣ୍ଡ ଥିଲା, ବକବାକ ଖାଉଛନ୍ତି; ଗୃକରରେ ଥିବାବେଳେ ଅଳ୍ପ କଷ୍ଟରେ ମାସକୁ ଦୁଇ ଗୃର ଅଣା ସଞ୍ଚ ସେଭିଂସ୍ ବେଙ୍କରେ କିଛି ରଖିଥିଲେ, ଗୋପାଳ ପଢ଼ିରେ ମାଇନର ପଢ଼ାରେ ସବୁ ସାରିଲେ । ସିଂହଙ୍କର ପ୍ରବଳ ଆଶା, ଗୋପାଳ ପାସ କଲେ ସବୁ କଷ୍ଟ ମେଣ୍ଟିବ । ଗୋପାଳ ମଧ୍ୟ କେତେଥର ଭରସା ଦେଇ କହିଲଣି, "ବାପା, ଧାର କରଜା କର ମୋତେ ପଢ଼ାଅ, ଗୃକର କର ଶୁଝିବ ।"

ହର ସିଂହଙ୍କର ଆଉ ପ୍ରାର୍ଥନା ଘନବଦ୍ଧୁ ପ୍ରଭୁ ଭଗବାନ୍ ଶୁଣିଲେ । ଗୋପାଳ ମାଇନର ପାସ କଲ୍ । ସିଂହଙ୍କର ଆନନ୍ଦର ସୀମା ନାହିଁ । ସେହି ପୁରୁଣା

ପୋଷ୍ଟମାଷ୍ଟର ବାବୁ ଅଛନ୍ତି, ସିଂହେ ତାଙ୍କୁ ଧରି ବହୁତ ନବେଦନ କଲେ । ଉପର ହାକମମାନଙ୍କର ମଧ୍ୟ କଛୁ ଅନୁଗ୍ରହ ଥିଲା, ଗୋପାଳ ଏକାବେଳକେ ମଫସଲ ମହାନପୁର ପୋଷ୍ଟ ଅଫିସରେ ସବ୍ ପୋଷ୍ଟମାଷ୍ଟର ନଯୁକ୍ତ ହେଲେ, ବେତନ ମାସକୁ କୋଡ଼ଏ ଟଙ୍କା । ବର୍ତ୍ତମାନ ସଦର ପୋଷ୍ଟଅଫିସରେ ଚାରିମାସ କାମ ଶିଖି ମଫସଲ ଯିବେ ।

ହର ସିଂହଙ୍କର ଆନନ୍ଦର ସୀମା ନାହିଁ; ଅନବରତ ପ୍ରଭୁଙ୍କୁ ଅନାଇ ମୁଣ୍ଡିଆ ମାର ମାର ଜଣାଉଛନ୍ତି, "ଧନ୍ୟ ପ୍ରଭୁ ତୁମ୍ଭର କରୁଣା, ଦୁଃଖୀର ଗୁହାର ଶୁଣିଲ ।" ଗୁଳର ଖବର ଆସିବା ଦିନ ରାତ୍ରରେ ବୁଢ଼ା ସିଂହେ ନରୋଲାରେ ବସି ଡେର କାନ୍ଦିଲେ । ହାପୁ ! ଆଜ ବୁଢ଼ୀ ଥିଲେ କେଡ଼େ ଆନନ୍ଦଟାଏ ହୁଅନ୍ତେ, ତାଙ୍କ ଗୋପାଳ ହାକମି ଗୁଳର ପାଇଲା, ଆନନ୍ଦ ଉତ୍ସବରେ ଗଡ଼ ଯାଉଥାନ୍ତେ । ହାପୁ ! ଅଭାଗୀ କପାଳରେ ଦେଖିବାକୁ ନାହିଁ । ହେଉ ହେଉ, ଗୋପାଳ ତ ହାକମ ହେଲା । ପ୍ରଭୁ ଗୋପାଳଟିକୁ ରକ୍ଷାକରନ୍ତୁ ।

ଗୋପାଳ ପ୍ରଥମ ମାସ ଦରମାଟା ପାଇ ବୁଢ଼ା ହାତରେ ଦେଲେ । ବୁଢ଼ାର ଆନନ୍ଦ କହିଲେ ନ ସରେ, ଗୋଡ଼ ତଳେ ପଡ଼ୁ ନାହିଁ । ପୁଅ ହାକମ; ଏତେ ଗୁଡ଼ାଏ ଟଙ୍କା ମାସକ ମଧ୍ୟରେ ଆଣିଲା । ଟଙ୍କା-ଗୁଡ଼ାକ ଗୁର ପାଞ୍ଚ ଥର ଗଣି ଅଣ୍ଟିରେ ବାନ୍ଧି ଶୋଇଲେ । ଆରଦିନ ସକାଳେ ଲଣ୍ଡଭଣ୍ଡ ହୋଇ ବଜାରକୁ ଧାଇଁଲେ । ଜୁତା, କୁରୁତା, ଲୁଗା ଯାହା ଯାହା ଦରକାର କଣାଗଲା । ଗୋପାଳ ଯେ ହାକମ ହେଲାଣି, ସେ କଣ ଯେ-ସେ ଲୁଗା ପିନ୍ଧିବ ? ଭେକ ଦେଖି ସିନା ଭକ । ସେହିପରି ପୋଷାକ ଲୋଡ଼ା ।

ଏଣେ ଗୋପାଳବାବୁ ଅଫିସରେ ପାଞ୍ଚଜଣ ବାବୁଙ୍କ ସାଙ୍ଗରେ ବସି ଇଂରାଜୀ ଲେଖନ୍ତି । ବାବୁମାନଙ୍କ ସହିତ ସବୁବେଳେ କାରବାର, ସମସ୍ତେ ଡାକନ୍ତି 'ଡାକ ମୁନସି ବାବୁ', ପୂର୍ବ ନାମ ଗୋପାଳଚନ୍ଦ୍ର ସିଂହ । ଏଣେ ବସାରେ ଆସି ଦେଖନ୍ତି କଣ, ନା ବୁଢ଼ାଟା ଧୂଳିଆ ଲୁଗା ଖଣ୍ଡେ ପିନ୍ଧି କାମରେ ଲଗିଛି; ଗୋପାଳ କମିଟି ଭଲ କରି ଦିଟା ଖାଇବ—ଗୋପାଳ ଗାଧୋଇ ଗଲା, ଓଦା ଲୁଗା ଶୁଖି ନାହିଁ—ପିଲାଟା କାମ କରି କରି ଧନ୍ଦ ଗଲାଣି, ଏହି ସମସ୍ତ ଦିନ ଗୁତ୍ତ ଚନ୍ତା । ଆଗେ ବୁଢ଼ା ସିଂହେ ବେଳେ ବେଳେ ହରନାମ କରୁ-ଥିଲେ, କଛୁ କଛୁ ଧର୍ମ କର୍ମ କରୁଥିଲେ, ଏବେ ଗୋପାଳ ବାବୁଙ୍କ ପାଇଁ ସବୁ ଭୁଲଗଡ଼ଲେଣି । ବୋଧ କରୁ, ହର ଏ ସବୁ ଦେଖି ବୁଢ଼ା ଉପରେ ଖପା ହୋଇ ଗଲେଣି—ଧମକାଇ କହିଲେ, 'ଆରେ ନବୋଧ ଏ କଣ ରେ ! ଆଚ୍ଛା ବୁଝିବୁ !'

ଏଣିକ ଗୋପାଳ ବାବୁଙ୍କର ଭାବ କଛୁ କଛୁ ବଦଳ ଗଲାଣି । ଏବେ ବାପକୁ ଦେଖିଲେ ମିଛଟାରେ ହେଲେ ରଗ ରଗ ସିଂ ସିଂ ହୁଅନ୍ତି । ଏଟା ମୂର୍ଖ, ଇଂରାଜୀ ଜାଣେ ନାହିଁ—ମୂଲଆ—ମଲଆ ଲୁଗା ପିନ୍ଧିଥାଏ, ଏଟାକୁ ବାପ ବୋଲି ଡାକିବି, ଲୋକେ କଣ କହିବେ ! ସେ ଦିନ ଶିକ୍ଷିତା କେତେ ଜଣ ସ୍ତ୍ରୀଲୋକ ସେମିଜ ପିନ୍ଧି ପୋଷାକ ପିନ୍ଧି ଠିଆ ହୋଇଥିଲେ—ବୁଢ଼ାଟା ଦେହରେ କୁରୁତା ନାହିଁ, ସେମାନଙ୍କ ଆଗ ଦେଇ ଗୁଲଗଲା । କ ଲଜ୍ଜା, କ ଲଜ୍ଜା ! ଏଟାକୁ ବସାରୁ ନ ଛଡ଼ଲେ ଆଉ ଇଜ୍ଜତ ରହିବ ନାହିଁ ।

ଦିନେ ଡାକ ମୁନସି ବାବୁ ବାପକୁ କହିଦେଲେ, "ଦେଖ, ତୁମେ ମୋର କଛୁ ଉପକାର କର ନାହିଁ, ଇଚ୍ଛା ହେଲେ ବସାରେ ରୁହ, ନୋହିଲେ ଚୁଲିଯାଅ । ଆଉ ଦେଖ, ବାବୁମାନେ ଆମ ଦୁଆରକୁ ଆସିଲେ ତୁମେ ଯେପରି ବାହାରିବ ନାହିଁ ।" ଗୋପାଳ କଥା ଶୁଣି ବୁଢ଼ାର କାନ ମୁଣ୍ଡ ଝାଁ ଝାଁ କଲା, ଗୁମ୍ ହୋଇ ବସି ପଡ଼ିଲା । କାହାକୁ କହିବ ? ପୁଅ କଥା; ଅଜାଗା ବା ଦେଖି ହୁଏ ନାହିଁ, ଦେଖାଇ ହୁଏ ନାହିଁ । ଯାହାକୁ ମନର କଥା କହନ୍ତା, ସେ ଯାଇଛି । ବୁଢ଼ୀ

Chhaya Akama

କଥା ମନରେ ପଡ଼ିଲ, ଡେର କାନ୍ଦିଲ, ଗୃହଆଡ଼କୁ ଅନାଇଲ କେହ୍ନ ଭରସା ନାହିଁ । ବୁଢ଼ା ଦୁଃଖ ବେଳେ ବୁଢ଼ୀ କଥା ମନରେ କରେ, ସୁଖ ବେଳେ ମନରେ କରେ । ମୁହଁ ପୋଛିଲ, ଆଉ କାନ୍ଦିଲ ନାହିଁ, ଗୋପାଳର କାଳେ ଅମଙ୍ଗଳ ହେବ ।

ଗୋପାଳ ବାବୁ କାଲି ସକାଳେ ମଫସଲର କାମ ଜାଗାକୁ ଯିବେ, ବୁଢ଼ାକୁ ଜଣାଇ ନାହାନ୍ତି । ସକାଳୁ ଉଠିଲେ, ଅବଜ୍ଞାଭରେ କହିଲେ, "ଏ ବାବା, ମୁଁ ମଫସଲ ବାହାରିଲି । ଏହି ଜନସପଥ ସବୁ ଦେଖ ଆସ । କେତେ ବା ଜନସ, ବୁଝି ଖବରଦାର, ମୁଲଆ କରିବ ନାହିଁ, କଲେ ତୁମେ ଜାଣ, ମୁଁ ପଇସା ଦେବ ନାହିଁ ।" ବାବୁ ପୋଷାକ ପିନ୍ଧ କାଖରେ ଛତା ଯାକ ବାଡ଼ ଦ୍ୱାଇ ଦ୍ୱାଇ ଗଲଗଲେ । ବୁଢ଼ା କଣ କରିବ, ସବୁ ଜନସ ରୁଣ୍ଡାଇ ପୁଣ୍ଡାଇ ଗୋଟାଏ ଗଣ୍ଠିର ବାନ୍ଧ ମୁଣ୍ଡାଇଲ । ଗୃଲ ପାରୁ ନାହିଁ, ଦେହରେ ବଳ ନାହିଁ, ଆଖିରୁ ବେଳେ ବେଳେ ପାଣି ବହି ପଡ଼ୁଛି, ଦଶ ଜାଗା ବସି ଉଠି ସଞ୍ଜ ସରକ ନଳାମପୁରରେ ପହଞ୍ଚିଲ । ଡେଣ୍ଡା ଦେବାରୁ ବାବୁ ଫଜଉଟାଏ କଲେ, ବୁଢ଼ା ଗୁମ୍ ହୋଇ ବସି ଥକା ମେଣ୍ଟାଉଥାଏ ।

ବାବୁ ସକାଳ ସଞ୍ଜ ଅଫିସକୁ ଯାନ୍ତି, ବୁଢ଼ାଟା ମୁହଁ ବଜ ବସାରେ କାମ ପାଇଟିରେ ଲଗିଥାଏ । ବାପ ପୁଅ ଦୁଇଜଣ ଏକ ଜାଗାରେ ବସି ଦୁଇଟା ସୁଖ ଦୁଃଖ କଥା ହେଉଛନ୍ତି, ଏ କଥା କେହ୍ନ କେବେ ଦେଖିନାହିଁ । ଡାକମୁନସି ହେଲେ ମଫସଲର ଗୋଟାଏ ହାକମ । କେତେ ଲୋକ ଆସି ଦଣ୍ଡବତ କରି ଯାଉଛନ୍ତି, ମୂର୍ଖ ବୁଢ଼ାଟା କଣ ଜାଣେ ଯେ ତା ପାଙ୍କରେ କଥା କହିବେ !

ବୁଢ଼ା ଦେହରେ ମଫସଲର ପାଣି ଚଳିଲ ନାହିଁ, ଜର ହେଲେ ଖୁଁ ଖୁଁ କରି କାଶେ, ସେ କାଶଟା ରକ୍ତକ ବେଶି ହୁଏ । ବାବୁ ଶୋଇବାରେ ହରକତ ହେଲେ । ପିଅନକୁ ହୁକୁମ ଦେଲେ, "ବୁଢ଼ାଟାକୁ କଆବାଡ଼ରେ ଫୋପାଡ଼ ଦେଇ ଆସ ।" ସେ ପିଅନଟା ମୂର୍ଖ; ଇଂରାଜୀ ପଢ଼ି ନାହିଁ, ତାର ଗୋଟାଏ ଦେଶୀ ହୃଦୟ ଅଛି, ବସ୍ତର କଲା - 'କଣ ଏ ? ବୁଢ଼ା-ରୋଗୀଟିକୁ କଆ-ବାଡ଼ରେ ଶୁଆଇ ଦେବ ?' ଦନେ ବୁଢ଼ାର ଘର ଜର, ଛନଛନ ଖାଇ ନାହିଁ, ଅଧରାତ୍ତି, ଅନ୍ଧାର, ଥଣ୍ଡା ପାଇ ବୁଢ଼ାର କାଶ ବଳ ପଡ଼ିଲ । ବାବୁ ତ ଘର ଖପା, ବୁଢ଼ା ପୁତ୍ତରେ ଦୁଇଟା ଇଂରାଜୀ ଘୂଷି ମାରିଲେ, ବଛଣାପଟ୍ଟ ବାହାରକୁ ଫୋପାଡ଼ ଦେଲେ । ବୁଢ଼ା ଗାଁକୁ ଚଲାଇଲ ।

ପାଖରେ ଥିବା ଖୁବ୍ ଭଲ ଲୋକଙ୍କଠାରୁ ଶୁଣା ଯାଇଛି, ଗୋପାଳ ବାବୁଙ୍କ ମନ ସେହ୍ନଦନଠାରୁ ବଡ଼ ଖୁସି । ଆଉ ଏଣେ ବୁଢା ଗାଁକୁ ଆସି ତାହାର ପେଢ଼ି ଦୁଇ ମାଣ ଜମି ଥିଲା ଘରେ ଲଗାଇଦେଲା, ଘରେ ବସି ଧାନ ପାଏ । ପେନସନ୍ ଟଙ୍କାରେ ଲୁଗା-ପଟା, ଲୁଣ ତେଲ ଖର୍ଚ୍ଚ ଚଳେ । କାଶ ହେଲା ଦନଠୁଁ ବୁଢ଼ା ଟିକଏ ଟିକଏ ଅଫିମ ଧରିଛି । ସବୁ ଖର୍ଚ୍ଚ ଚଳେ, ଘରଠାରେ ପିଣ୍ଡାରେ ବସି ହରନାମ କରେ । ଉଛୁଣି ବାପ ପୁଅ ଦୁହେଁ ଖୁସି । ପରର ସୁଖ ଦେଖି ପାଠକ ମହାଶୟ ଖୁସି ହୁଅ ।

ସୁନା ବୋହୂ

ରାମହରି ପଞ୍ଚନାପୁକେ ଥିଲେ ପୋଲିସର ଦାରୋଗା । ସାଲେପୁର ପ୍ରଗନା ଗୋପୀନାଥପୁର ଗାଁରେ ଜଣେ ଜଣାଶୁଣା ଲୋକ । ଭଲ ମନ୍ଦ କଥା ପଡ଼ିଲେ ଆଖପାଖ ଦଶଖଣ୍ଡ ଗାଁ ଲୋକ ପରାମର୍ଶ ନେଇବାକୁ ତାଙ୍କ ପାଖକୁ ଧାଇଁ ଆସନ୍ତି । ପଞ୍ଚାପ୍ତ ଲୋକେ ଘରଟିଏ ବସିଥାନ୍ତି, ରାମହରି ବାବୁ ଆସିବେ, ତେବେ କଥା ପଡ଼ିବ । ବାବୁ ପେନସନ୍ ଟଙ୍କା ପାଞ୍ଚ ବର୍ଷଯାଏ ଘରେ

ବସିଥିଲେ । ତାଙ୍କ ବଯୋଗ ବେଳକୁ ପୁତ ଶିବଦ୍ୱନ୍ଦରର ବସ୍ପସ ଦଶ । କନ୍ୟା ଚମ୍ପା ଦେଇକୁ ପାଞ୍ଚ ବର୍ଷ ପଶିଥିଲ୍ଲ । ବଧବା ବମଲା ଦେଇ ବଡ଼ ଦସ୍ପାବଞ୍ଚା, ବଡ଼ ହେଙ୍କ୍ଲୀ, ବଡ଼ ସରଳା ଥିଲେ । ଏବେ ବଡ଼ ଦୁଃଖରେ ପଡ଼ି ବଡ଼ ଘରଣୀ ହୋଇ ପଡ଼ିଲେଣି । ପିଲ୍ଲ ବର୍ଓଟି ଆଉ ଘରକରଣା ସମ୍ଭାଳସୁମୁଳ ରଖିଥିଲେ । ରାମହର ବାବୁଙ୍କର ଦରମା ଉପୁର ସୁପୁରି ମିଶାଇ ବେଶ ଦଶଟଙ୍କା ସ୍ରେଜଗାର ଥିଲ୍ଲ । ହେଲେ କଣ ହେଲ୍ଲ, ମଣିଷଟା ଥିଲେ ବଡ଼ ସାହାଶର୍ଚ୍ଚୀ, ଛୁଟ୍ଟ ହାତରେ ମରଚ୍ଛନ୍ତ । ବମଲା ଦେଇ ଲୁଚ୍ଛପା କର ହାତରେ ଯେ ଦଶଟଙ୍କା ରଖିଥିଲେ, ଆଉ ଦେହର ଗହଣାଗାଣ୍ଠି ବଖଣ୍ଡ ବକାବକ କର ଆଜ୍ଞଯାଏଁ ଘର ଚଲାଇ ନେଲେ । ଆଉ ଆଉ ଖରଚ ଟାଣଟୁଣ କର ପୁଅଟିର ପାଠ ପଢ଼ାରେ ସବୁ ସାରଛନ୍ତ । ସବୁବେଳେ ବୋଲୁଥାନ୍ତ, "ଶିବୁ ବ'ଅକ୍ଷର ପଢ଼ୁ, ଦେହରେ ଗୁଣ ଥିଲେ କାଲ ସକାଳେ ଘରକରଣା କର ବସିବ ଯେ ।"

ଝିଅ ଚମ୍ପାଟି ଦେଖିବାକୁ ବେଶ ଡୌଲଡାଉଲ ! ନାକଟି ଖଣ୍ଡାଧାର ପର ସିଧା । କଳା କଳା ବଡ଼ ବଡ଼ ଆଖି ଯୋଡ଼ିକ ଢଳ ଢଳ ବଖୁଥାଏ । ମୁଣ୍ଡର ଅଲକା ଆଉ ଦାନ୍ତଗୁଡ଼ିକ ସୁନ୍ଦର, ମୁହଁଟିକୁ ସୁନ୍ଦର ମାନେ । କୁଙ୍କୁମ ବୋଳ ହେଲ୍ଲ ପର ଦେହଟିର ରଙ୍ଗ । ଯିମିଡ ରୂପ, ସିମିଡ ଗୁଣ । ମା ପାଖରୁ ବେଶ ରନ୍ଧାବଢ଼ା ଶିଖିଛୁ । ଆଉ ଆଉ ଗୁଣରେ ତାକୁ କେହି ବାର ପାରବ ନାହିଁ । ଶିବୁଭାଇ ଶ୍ରଦ୍ଧା କର କଛୁ ପାଠ ପଢ଼ାଇ ଦେଇଛନ୍ତ । ହାତରେ କାମ ପାଇଟି ନ ଥିଲେ ସଞ୍ଜବେଳେ ମା ପାଖରେ ବସି 'କୃତ୍ତାସିନ୍ଧୁ ବଦନ' ଆଉ ସ୍ତୁବମାଳାରୁ କେତେ ଗୀତ ବୋଲେ ।

ଶିବୁ ବାବୁ କଚେରରେ କରଣୀଗିର କାମ କରନ୍ତ । ରୁକର ଖଣ୍ଡିକ ପାଇଲ୍ଲ ବନରୁ ତାଙ୍କର ଇଚ୍ଛା, ଅଳ୍ପସଳ୍ପ ଦରମା ଦେଇ ପିଲ୍ଲଭଲଆ ଗୋଟିଏ ସ୍ରେଷେପ୍ଟା ରଖିଲେ ମା ଟିକେ ଆସ୍ତମରେ ରହିବେ । ବମଲା ଦେଇ ଶୁଣି ନଦ୍ଦାଡ ନାସ୍ତଜ । ଘୃଣ୍ଡଳ ଅଧସେରେ ଫୁଟାଇ ଦେଲେ ପାଇଟି ଛୁଡ଼ିଲ୍ଲ, ପିଲ୍ଲଟା କେତେ ଦରମା ପାଏ ଯେ ଖର୍ଚ୍ଚଟାଏ ବଢ଼ାଇ ବସିବ ?

ବନ ପାଣି ପର ବହି ଯାଉଛୁ । ଆସନ୍ତା ବସ୍ତୁ ଛ ବନକୁ ଚମ୍ପାର ବାର ପୂର ଯାଇ ତେର ବର୍ଷ ପଶିବ । ତେଣିକ ଚଉଦ ଯୋଡ଼ା ବସ୍ପସ ପଶିଲେ ବାହା ମନା । ଏହି ବର୍ଷ ବସ୍ତୁ ନ ହେଲେ ନୁହେଁ । କରଣ ଘର ବୋଲ ଝିଅଟାକୁ ଥିବୁଡ଼ୀ କର ଘରେ ରଖିବା, ସେହିଟା ନଦ୍ଦାଡ ନଲଜପଣିଆ କଥା । ଘର ଭଲ, କନ୍ୟାଟି ସୁଲକ୍ଷଣୀ, ଭଲ ଭଲ ଜାଗାରୁ ଜବାବ ଆସିଲ୍ଲଣି । ବମଲା ଦେଇଙ୍କର ଚୁରନ୍ତ ଜବାବ, ନା । ଯେ ଯେତେ ବୁଝାଉ, ଏକା ରୁ—ନା ।

ବନେ ସଞ୍ଜବେଳେ ବମଲା ଦେଇ ଅମ୍ନା ପିଉସୀ ଆଉ ଶିବୁ ବାବୁଙ୍କୁ ପାଖରେ ବସାଇ ଆପଣା ମନ କଥା ଫଟାଇ କହିଲେ, "ଦେଖ ପିଉସି, 'ଝିଅକୁ କୁଆଡ଼ିଁ ନେଲେ ଗଲ୍ଲ, ଯମ ନେଲେ ମଲ୍ଲ ।' ବଡ଼ ଲୋକ ଦେଖି ଦୂରଦୂରନ୍ତରକୁ ଝିଅଟାକୁ ପେଲ ଦେବ, ଆଉ ତ ଆଖିସୁଲଭ ଦେଖି ପାରବ ନାହିଁ । କରଣକୁଳ, ଯେ ଗଲ୍ଲ, ଏକମୁହଁ । ସେହି ଗଲ୍ଲ । ମୋର ବର୍ଓଟି ଆଖି; ଗୋଟିଏ ଗଲେ କାଣି ହୋଇ ମରିଯିବ ଯେ । ଇମିଡ ଆଖପାଖରେ ଦେବ ଯେ ଯିମିଡ ଡାକଦେଲେ 'ଓ' କରୁଥିବ । ଏ ତ ଗଲ୍ଲ ଗୋଟାଏ ବାଡ଼ । ଅସଲ କଥା ମୁଁ ସତ୍ୟ ଲଙ୍ଘିବ ନାହିଁ । ବାବୁମାନେ ଆଉ ବଡ଼ଲ ଘୃଲ ଯାଇ ସ୍ୱର୍ଗରେ ଅଛନ୍ତ, ମୁଁ ନରକରେ ଘାଣ୍ଟି ହେଉଛୁ । ସତ୍ୟ ଲଙ୍ଘିଲେ ମୋତେ ନରକରେ ବ ଠାବ ହେବ ନାହିଁ ।"

ରାମହର ବାବୁଙ୍କ ଘୃର ଘର ଛଡ଼ା ପଡ଼ୋଶୀ ନବଘନ ଦାସେ ପୋଲସର ଜମାଦାର ଥିଲେ । ଗୋଟିଏ ଥାନାରେ ଏକ ସଙ୍ଗରେ ରୁକରରେ ଡେର ବନ ବତ୍ତ

ଯାଇଥିଲ । ନବଘନ ବାବୁଙ୍କ କୁଟୁମ୍ବ ମଧ୍ୟରେ ଜ୍ୟେଷ୍ଠା କମଳା ଦେଈ ଆଉ ଗୋଟିଏ ପୁଅ ବବାକର । ଦୁଇ ବାବୁଙ୍କ ମଧ୍ୟରେ ଯିମିତ ମନ ମିଳେ, ଖୁବ୍ ଖୁବ, ଏଣେ ବରଆଡ଼େ ବମଳା ଦେଈ ଆଉ କମଳା ଦେଈଙ୍କ ମଧ୍ୟରେ ସିମିତ ମିଳାପ, ସିମିତ ଏକ ମନ । ଦୁଇଜଣ ଯେତେବେଳେ ଭ୍ୱଆସୁଣୀ ଥିଲେ, ରୋଜ ସକାଳେ ବାଡ଼ଆଡ଼େ ପୋଖରୀ ଭୁଠରେ ଘଣ୍ଟଏଯାଏ ବସି ଦାନ୍ତ ଘଷନ୍ତି, ଆଉ ଦୁଃଖ ସୁଖ କଥା, ଡୁସି ଖୁସି କଥା, ରନ୍ଧାବଢ଼ା କଥା, ଘରକରଣା କଥା ହୁଅନ୍ତି । ଦୋଳପୂର୍ଣ୍ଣମୀ ଦିନ ଦୁଇ ଜଣ ଆମ୍ବ ବଉଳ ବସିଲେ । ଚମ୍ପା ଯେତେବେଳେ ପେଟରେ ଥାଏ, କମଳା ଦେଈ କହିଲେ, "ବଉଳ, ତମର ଯେବେ ଗୋଟିଏ ଝିଅ ହେବ, ମୋ ବବୁକୁ ଦେବ ।" ବମଳା ଦେଈ କହିଲେ, "ହଁ ବଉଳ, ଦେବ ।" କମଳା ଦେଈ, 'ସତ୍ୟ ?' ବମଳା, 'ସତ୍ୟ ।' କମଳା, 'ସତ୍ୟ ?' ବମଳା, ସତ୍ୟ ।' କମଳା,'ସତ୍ୟ ?' ବମଳା,'ସତ୍ୟ ।' ତନ ସତ୍ୟ ଉତ୍ତରରେ ଆଉ କଣ କଥା ଥାଏ ? ନବଘନ ବାବୁ, କମଳା ଦେଈ ଗୁଲ ଯାଇଛନ୍ତି । ପୁଅ ବବାକର ଘରକୁ ଏକୁଟିଆ, ଟିଲଟା ଯୋଗ୍ୟ, ଇଂରାଜୀ ବ ବ ଅକ୍ଷର ଜାଣେ, ଯୁବା ବୟସ, ଦେଖିବାକୁ ସୁନ୍ଦର, କାକଟପୁର ଜମିଦାର ସିରସ୍ତାର ନାଏବ । ବମଳା ଦେଈ ସେ ସତ୍ୟକୁ ହୃଦରେ ଲେଖି ରଖିଛନ୍ତି । 'କହିଲେ "ମୁଁ ମତ୍ୟ ଲଙ୍ଘିବ ନାହିଁ, ଛେଉଣ୍ଡ ଟିଲଟିକ ଥାଏ ଜଣେ ।" ବଚ୍ଚା ହୋଇଗଲ । ବବାକର ଚମ୍ପା ମାଣିକଯୋଡ଼ା ପର ପରମ ସୁଖରେ ଘରେ ଥାନ୍ତି । ଦୁଇ ଜଣଙ୍କର ଏକ ମନ, ଏକ କଥା, ଏକ ଇଚ୍ଛା । ପୃଥିବୀରେ ସ୍ୱର୍ଗୀୟ ସୁଖ ଯଦି କିଛି ଥାଏ, ସେହିଟା ହେଲ ଦାମ୍ପତ୍ୟପ୍ରେମ ।

ମା ବମଳା ଦେଈ ଏଣିକ ଅଡ଼ ବସିଲେଣି, ଘରକୁ ବୋହୂଟିଏ ଆଣିବାକୁ ହେବ । ଦିନେ ରବିବାର, କଚେରି ବନ୍ଦ, ପୁଅ ଘରେ ଅଛି । ଶିବୁ ବାବୁ ବସି ଖଣ୍ଡିଏ ପୋଥି ପଢୁଥିଲେ । ବୁଢୀ ଧୀରେ ଧୀରେ ଯାଇ ପାଖରେ ବସିଲେ । କଅଁଳେଇ କଅଁଳେଇ କହିଲେ, "ଆରେ ବାପା ଶିବୁ ! ଆଜିକ ପାଞ୍ଚ ବରଷ ହେଲ ତୋ ସାଙ୍ଗରେ ଲାଗିଛି, କେତେ ଥର କହିଲି; ଶୁଣିଲୁ ନାହିଁ । ପହିଲୁ ପହିଲୁ କହିଲୁ, ପାଠ ପଢ଼ି ସାରିଲେ ବାହା ହେବୁ । ପଢ଼ା ସରିଲ । ଫେର ଧରିଲୁ, ଚାକର କଲେ ବାହାଘର ହେବ । ଚାକର ବ ହେଲ । କାହିଁ, ବାହା-ଘରର ନା-ଚର୍ଚ୍ଚା ବ ନାହିଁ । ମୋର କଣ ଆଉ ବଳ ବୟସ ଆସୁଛି ରେ ? ମୁଁ କଣ ଆଉ କାମ ପାଇଟିକ ପାରିବିକରେ ? ବଦ୍ୟା ମା ସିନା ବାହାରଘର କାମ ପାଇଟି କରି ଦେଇଗଲ, ଭିତର ପାଇଟି ରନ୍ଧାବଢ଼ା କରୁଛୁ କିଏ ? ଏଣିକ ସଞ୍ଜ ହେଲ ତ ଆଣିକ କିଛୁ ବଣିବ ନାହିଁ, ପାଞ୍ଚ ଜାଗା ହାବୁଡ଼ ପଡ଼ିବ, କାମ ପାଇଟି ହାତକୁ ଲାଗିବ ନାହିଁ । ବନେବନେ ବହୁପାକୁ ଲାଗିଲେ ଚମ୍ପା ଆସି ବହି ସିଝାସିଝି କରି ଦେଇଯାଏ, ସେ କଣ ସବୁବେଳେ ଆସୁଥିବ ? ପେଟେ ହେଲେ ସେ ହେଲ ପରଘଣ୍ଟା, ତାର ଫେର ଘରକରଣା ଅଛି ନା ? ପୁଣି ଘରକୁ ଏକୁଟିଆ, ଶାଶୁ ନଣନ୍ଦ କେହି ନାହିଁ ବୋଲି ସିନା ଯେତେବେଳେ ପାରେ ଧାଇଁ ଆସେ, ନୋହିଲେ କଣ ଆସି ପାରନ୍ତା ? ଆଉ ଦେଖ, ତନ ପ୍ରସ୍ତାବର, ମୁଁ ଗୋଟାଏ କଣରେ କେଉଁଠି ପଡ଼ି ରହିଥାଏଁ, ତୁ କଚେରିକୁ ବାହାରିଗଲେ ଘରଗୁଡ଼ାକ କମିତ୍ତକା ଖାଁ ଖାଁ ଗୋଡ଼ାଏ । ଏଇ ଘର କଣ ଥିଲ, କଣ ହେଲ । ଡାଇରେ—ହା ! ମୁଁ ଆଉ କେତେ କାଳ ବଞ୍ଚି ରହିବ ରେ ! ମତେ ଟିକିଏ ଅନା ରେ ଭଲ ! ସେ ନାତାନ୍ତି ବୋଲି ସିନା, ତୁ କଣ ଆଜିଯାଏ ଅଉଆଡ଼ା ବସିଥାନ୍ତୁ ?" ବୁଢ଼ୀ ଆଉ କାହୁଁ କହି ପାରିଲେ ନାହିଁ, ଧକେଇ ଧକେଇ କାନ୍ଦି ବସିଲେ, ସୁଁ ସୁଁ କରି ନାକ ପୋଛୁ ପକାଉଥାନ୍ତି ।

ମା'ଙ୍କ ଦୁଃଖ ଦେଖି ଶିବୁ ବାବୁଙ୍କ ମନରେ ଘର ଦୁଃଖ ହେଲ, ପୋଥି ଖଣ୍ଡିକ ମେଜ ଉପରେ ଥୋଇ

ଦେଇ ଅମ୍ମା ଆଖି ଦୁଆରକୁ ଚାଲଗଲେ । ଅମ୍ମା ଆଉ ଲେଖାଯୋଖାରେ ବମଲା ଦେଈଙ୍କ ପିଲ୍ଲଟି, ଶିବୁ ଆଉ ଚମ୍ପାକୁ କୋଳରେ କାଖରେ କରି ବଡ଼ାଇଛୁ । ବମଲା ଦେଈ ତାକୁ ମା ପରି ମାନନ୍ତି, ଅମ୍ମା ବି ବମଲା ଦେଈଙ୍କୁ ଝିଅ ପରି ମଣେ, ଭଲ ପାଏ, ସବୁ କଥାରେ ସାଦା ହୁଏ । ଅମ୍ମା ଘର ଆଉ ବମଲା ଦେଈଙ୍କର ପାଚଗା ଲଗାଲଗି, ଦୁଆର ଅଲଗା ଅଲଗା । ଅମ୍ମା ଆଉ ବଂଶଲତା ଆମ୍ଭେମାନେ ପାଇ ନାହୁଁ, ଏଥକୁ ଉତ୍ତର ପୁରୁଷର କାହାର ପରିଚୟ ଦେବାକୁ ଅକ୍ଷମ । ବଚ୍ଚାପ୍ରସଙ୍ଗରେ ଆଉ ନାଉ ମଧ୍ୟରୁ ଡୋର କଥାଭାଷା ହେଲ । ଆଉ କହିଲେ, "ଆଚ୍ଛା ଶିବୁ, ତତେ ଗୋଟିଏ ଭଲ ସୁନ୍ଦର ବୋହୂ ଆଣି ଦେବ,ମାଣିଆବନ୍ଧ ଲୁଗାଟିଏ ପିନ୍ଧାଇବୁ ଏକା ।"

ବପ୍ପସ ଥିବାବେଳେ ଅମ୍ମା ଆଉ ବଡ଼ କଳହୁଡ଼ି ଥିଲ । ପର ଉପକାର କରିବାକୁ, ଭାବ କରିବାକୁ ବି ଆଗ । ବୁଦ୍ଧିମତ୍ତା, ଦରକାର ପଡ଼ିଲେ ଗୋଟାଏ ଠିକ ବୁଦ୍ଧି ଫାଦ ଦେବାକୁ ବି ଖୁବ୍ ପାରେ । ଗଣ୍ଡ ମାଇ-କନଆଟିଏ ହେଲେ କଣ ହେଲ, ଭୁଲ ଭଟକାରେ ଗାଁ ଲୋକେ ତାକୁ ପରାମର୍ଶ ପଚାରନ୍ତି । ଜହ୍ନୁଣି ଆଉ ବଡ଼ ବୁଢ଼ୀ ହୋଇ ଗଲ୍ଲଣି । ବାଡ଼ ଖଣ୍ଡଏ ଧରି ଠକୁର ଠକୁର କରି ବାଡାଉଛି । ଦାଣ୍ଡ ଦୁଆନ୍ତୁ "ରେ ବମଲା ! ରେ ମା ବମଲା !" ଡାକ ଡାକ ଯାଇ ଝିଅଟା ପାଖରେ ବସିଲ । ଏ କଥା, ସେ କଥା, ଦୁଇଟା କଥା ବାଦେ କହିଲ, "ଆରେ ମା ! ଶିବୁ କହୁଛୁ, ବାହା ହେବ । ହଁ, ଭଲଲୋକ ଘର ଝିଅଟିଏ ହୋଇଥିବ, ବି ଅକ୍ଷର ପଢ଼ିଥିବ, ଇମିତ୍ତକା କନ୍ୟାଟିଏ ପାଇଲେ ବାହା ହେବ ।" ଶିବୁ ବାବୁଙ୍କର ଆଉ ଗୋଟିଏ କଥା, କନ୍ୟାଟି ସୁନ୍ଦର ହୋଇଥିବ; ଆଉ କନ୍ତୁ ଏ କଥାଟା ଝିଅଟିକୁ କହିଲେ ନାହିଁ । ଏକା ଶିବୁ ବାବୁ କିଁୟା, ସୁନ୍ଦର କନ୍ୟା ବର୍ଣ୍ଣ ଦେବାକୁ କାହାର ଇଚ୍ଛା ନ ହେଲେ ? ପାଠକ ପାଠିକା ବୋଲନ୍ତୁ ଭଲ, କଥାଟା କଣ ମିଛ ? ବମଲା ଦେଈ ଆନନ୍ଦରେ ପିଲ୍ଲଟିକୁ କୁଣ୍ଢାଇ ପକାଇ କହିଲେ, "ପିଲ୍ଲସି, ତୁ ଟିକେ ଲୁଗି ଯା, ମୋର ଆଉ କେତେ ଅଛି ? ବାପଚ୍ଚେଲ୍ଲଟି ଲୁଗି କେତେ ଧାଇଁବ ? ଯାହା କରିବେ ଜୁଆଇଁ ବାବୁ । ମୁଁ ତ କହିବ ନାହିଁ, ତୁ ଯା ତାଙ୍କୁ କହିବୁ, ସେ ଖୋଜା ଲେଡ଼ା କରି ଘଟଣା କରି ଦିଅନ୍ତୁ । ଚମ୍ପାକୁ କହିବ, ସେ ବି ଜୁଆଇଁ ବାବୁକୁ କହିବ । ଯେତେ ହେଲେ ସେଇଟା ହେଲ ପିଲ୍ଲଲୋକ । କଣ୍ଡ ଜାଣିବ ନାହିଁ, ତୁ ଯା, ତାଙ୍କୁ ବୁଝେଇ ବନେଇ ବାନେଇ କହିବୁ ।"

ଜବୁବାବୁ ବର୍ତ୍ତମାନ ମଦ୍ରା ହଇରାଣରେ ପଡ଼ି-ଲେଣି । ଜଠୁଣୁ ବସୁଣୁ ଚମ୍ପା ତାଙ୍କ ସଙ୍ଗରେ ଲାଗିଛୁ "ମୋ ଭାଇପାଇଁ ଗୋଟିଏ କନ୍ୟା ଠିକଣା କରିଦିଅ ।" ଜବୁ ବାବୁ ବାହାରୁ କୁଆଡ଼ୁ ବୁଲ ଆସି ଘରେ ଗୋଡ଼ ଦେଇଥିବେ କି ନାହିଁ, ଚମ୍ପା ଧାଇଁ ଆସି ପଚାରିବ "କଣ, କନ୍ୟା ଠିକଣା ହେଲ ?" "ମଲ୍ଲ ଯା ! କନ୍ୟା-ଟାଏ କଣ ପଡ଼ିଆରେ ପଡ଼ିଛୁ ଯେ ଧାଇଁ ଯାଇ ଗୋଟାଇ ଆଣିଲେ ହେଲ ?" ଚମ୍ପାଟା ଯୋକ ପରି ଲାଗି ରହିଛୁ ।

ଜବୁବାବୁ ଜମିଦାର ନାଏବ । ମଫସଲର ଖବର ଜଣା । ପାଞ୍ଚ ଜାଗାକୁ ଖବର ପଠାଇଲେ । ଦୁଇପକ୍ଷରୁ ଲୋକ ଯା ଆସ କଲେ । କଥା ପଟିଲ ନାହିଁ, ଭାଙ୍ଗିଗଲ । ଶେଷରେ ପ୍ରସଙ୍ଗ ଚଳିଲ । ଦୁମଦୁମପୁରରେ କନ୍ୟାଟି ଘରଯୋଗା ହେଲଣି । ବପ୍ପସ ସତର ବରଷ ଚାଲୁଛୁ । ବଧବାର ଝିଅ, ବଡ଼ଘଇ ବଲରାମ ଦାସେ ଗାଁର ଅବଧାନ ।

ସବୁ ପ୍ରସଙ୍ଗ ଶୁଣି ଶିବୁ ବାବୁ ଟିକେ ମୋଡ଼ ମାଡ଼ି ହେଉଥିଲେ । କନ୍ୟାଟି ବଡ଼ ଲୋକର ଝିଅ, ଆଉ ସୁନ୍ଦର ହୋଇଥିବ, ଏଇଟା କେ ନ ଲୋଡ଼େ ? ହେଲେ, ସେଇଟା କଣ ସମସ୍ତଙ୍କ କପାଳକୁ ଘଟିଥାଏ ? ବର୍ତ୍ତ କଥାଟା ଜାଣ ପ୍ରଜାପତି ଘଟସୂତ୍ର କଥା, ତାଙ୍କ ନନ୍ଦଲକୁ

କଏ ମେଣ୍ଟିବ ? କନ୍ୟା ଯେ ଈଶାଙ୍କରେ ଗୁଡ଼ଳ ଦେଇଛୁ, ଧର ବାନ୍ଧ ସେଇଠିକ ଯିବ । ଶିବୁ ବାବୁ ଆଖି ଫେରାଇ ଦେଖିଲେ, ଆଉ କେଉଁଠି ଠକଣା ନାହିଁ । ଏଣେ ମା ହେଲେଣି ଅଥପ୍ପ । କଣ କରିବେ, ଘର ହୋଇଗଲେ । ବମଳା ଦେଈଙ୍କ ଆନନ୍ଦ ଦେଖେ କଏ, ଖୋକଲା ଲୋକକୁ ପେଟ ମଦାକ ବି ଅମୃତ । ବୋହୂ ବୋହୂ ଭଳ ହେଉଥିଲେ, ବୋହୂ ଠିକଣା ହେଲା, ଆଉ କଣ ? ଚମ୍ପା ମନରେ କଲା, 'ପାଗଲ ବୋହୂ ଆସିବ, ଏକାବେଳକେ ହାଣ୍ଡିଶାଳରେ ପଶିଯିବ, ମା ଖଲ୍ପସ ପାଇଲେ, ଭଲ ହେଲା ।'

ବବୁ ବାବୁ ଖବର ଆଣିଲେ, କନ୍ୟା ଦେହ ବର୍ଣ୍ଣ ଟିକଏ କଳା, ନାମ—ନମା । ନାମଟା ବଚକଟିଆ କିଁୟା, ସେଥିର ମଧ୍ୟ ଖବର ଆସିଲା । କନ୍ୟାର ଉପର ଦୁଇ ଘାଇ ଲଗ ଲଗ ବାଢୁଡ଼ିବା ବାଦେ କନ୍ୟାଟି ଜନ୍ମ ହେଲା । ମା ଦେଖିଲେ, କନ୍ୟାଟି ବଡ଼ ସୁନ୍ଦର, ରମକ ଚଢ଼ଲେ, ଉପର ଦାଣ୍ଡଟି ସୁନ୍ଦର ପୁଅଙ୍କୁ ଯମ ନେଇ ଯାଇଛୁ, ଏ କନ୍ୟାଟିକୁ କାଳେ ଦେଇଯିବ, ନାମ ହେଲେ ନମ । ଅର୍ଥାତ୍ ନମ ସ୍ୱର ଟିକା,ଯମକୁ ରୁଚିବ ନାହିଁ ।

ସେ ସବୁ କଥା ଯାଉ, ନମା ସଙ୍ଗରେ ଶିବୁର ବଭା ହୋଇଗଲା । ବଡ଼ ପ୍ରେମରେ, ବଡ଼ ଆନନ୍ଦରେ ଶାଶୁ ବୋହୂଟିକୁ ଘରକୁ ନେଲେ ।

ନୂଆବୋହୂଟି ଘରେ ପଶିଛୁ, ଡାକୁ ହଠାତ୍ କମିଡ କଏ କହିବ, ଛୁ ଏ କାମ କର, ସେ କାମ କର । ବୋହୂଟି ଡାଙ୍କିଡୁକି ହୋଇ ଘରେ ପଶିଥାଏ । ଚମ୍ପା ଆପଣା ଘର ବାସିପାଇଟି ସାର ଆସି ବୋହୂକୁ ଉଠାଏ । ସାଙ୍ଗରେ ଯେନ ଯାଇ ଗାଧୁଆପାଧୁଆ କରାଇ ଆଣେ । ବମଳା ଦେଈ ରନ୍ଧାବଢ଼ା କର ଘଡ ପରଷି ବଅନ୍ତ, ବୋହୂ ଖାଇ ହାତ ଧୋଇ ଶୋଇପଡ଼େ । ବଦାମା ଆସି ସଙ୍ଗୁଡ଼ ବାସନ ଖଣ୍ଡ ଧୋଇ ପକାଏ ।

ପନ୍ଦର ଦିନ ଗଲା, ମାସେ ଗଲ, ବି ମାସ ବି ଚଲିଗଲି । କାହିଁ, ବୋହୂ ତ ଚମ୍ପୀଘରୁ ବାହାରୁ ନାହିଁ ? କାମ ପାଇଟି କିଛି କରୁ ନାହିଁ ? ଚମ୍ପା ଦିଥର, ଗୃଣିଥର କହିଲଣି, "ବୋହୂ ଉଠ, କାମ ପାଇଟିରେ ଲାଗ, ରନ୍ଧାବଢ଼ା କର, ଛୁଚ୍ଛାଟା ବଚ୍ଛଣାରେ ପଡ଼ିଛୁ କିଁୟା ?" ବୋହୂ ଘାଲେଇ ଦଏ, ଶୁଣି ନ ଶୁଣିଲା ପରି କିଛି କଥା କହେ ନାହିଁ । ମନରେ କଲା, "କଣ ! ମା କହିଛୁ, ମୋ ଗେରସ୍ତ ଖୋକଗାରଆ, ମୁଁ ଏ ଘରେ ସାନ୍ତାଣୀ । ଏ ଗୁଡ଼ାକ ମୋ ଘରେ ଖାଇବେ, କାମ ପାଇଟି କରିବେ ସିନା, ମୁଁ କିଁୟା ଗଡର ଖଟାଇବ ?" ମା ଯେତିକ ଉପଦେଶ ଦେଇଥିଲା, ବୋହୂ ଭଲ କର ମନରେ ରଖିଛୁ । ମା କହିଛୁ, ଶାଶୁକୁ ଅନାଇ କଥା କହିବୁ ନାହିଁ, ଠାର ଠାର ଦେବୁ । ବୋହୂ ଖାଇ ବସିଥାଏ, ଘିଅ ଚଉଣ ଲେଡ଼ା ଦେଲେ କଂସା କ ଗିନାଟା ମାଟିରେ ଠକ୍ ଠକ୍ ମାର ଠାର ବଏ । ବୋହୂଟି ଟିକଏ ଖୋକ କାଉଳ, ଘିଅ ରନ୍ଧାରେ ଶାଶୁ ଟିକଏ ଡେର କଲେ ବୋହୂ ଗ୍ରେଷେଇ ଘରକୁ ଯାଇ ହୁଁ ହୁଁ କର ପେଟରେ ହାତ ବୁଲାଇ ଠାରବଏ । ବମଳା ଦେଈ ବି ବୁଝି ପାରନ୍ତି ବୋହୂଟିକୁ ଖୋକ ଲଗିଲଣି ।

ଚମ୍ପା ଆଉ ସହ୍ୟ ପାରଲା ନାହିଁ । ବୋହୂକୁ ବକାବକ କଲଣି । ବୋହୂ ବି କେତେ ସହିବ ? କିଁୟା ସହିବ ? ସେ ଯେ ଘରର ସାନ୍ତାଣୀ । ପହିଲୁ ପହିଲୁ ରଗରେ ଗୁଇଁ ଗାଇଁ ହେଉଥିଲା, ଏଣିକ ସାଫ ଜବାବ୍ ଦେଲଣି । ଦିନେ ଚମ୍ପା ଘର ଘଗିଯାଇ ବୋହୂକୁ ଗାଳିଦେଲା । ବୋହୂ ବି ଗାଳ ଆରମ୍ଭ କଲା । ବମଳା ଦେଈ ଧାଇଁ ଆସି କହିଲେ, "ନା ରେ ମା ଚମ୍ପା ! ଛୁଆଟା ମାକୁ ଖୁଡ଼ି ଆସି ମନ ଦୁଃଖରେ ଅଛୁ, ସବୁ କାମ ପାଇଟି ପଛେ କରିବ ଯେ । ଡୋଲ କାନ୍ଧରେ ପଡ଼ିଲେ ଆପେ ବଜାଇବ ।" ଚମ୍ପା କହିଲା, "ନାହିଁ ମା ! ଯେ ବୋହୂ ଦେଖୁଛୁ, ଡୋଲ ତ ଡୋଲ, ଢେଙ୍କି କାନ୍ଧରେ ପଡ଼ିଲେ ବି ହଲଚଲ ହେବାର ନୁହଁ ।"

ଦନେ ଅମ୍ମା ଆଈ ନାତୁଣୀକୁ ପଚାରିଲା, "କ'ଲୋ ଚମ୍ପି ! ତୁ ତ ବୋହୂକୁ ଏତେ ବୁଝାଉଛୁ, ଏଣିକ ଉଠି କାମ ଟାଇଟି କଲୁଣି ନା ?"

ଚମ୍ପା କହିଲା, "ନାହିଁ ଲୋ ଆଈ, ତୁ ଯେତେ ମାଠିରୁ ମାଠ, ସେ ତ ସେଇ ଦରପୋଡ଼ା କାଠ !"

ରନ୍ଧା ବଡ଼ାରେ ଟିକେ ଉହୁର ଦେଲେ ବା ଆଉ କିଛି କଥାରେ ବୋହୂଟା ଶାଶୁ ସଙ୍ଗରେ ଉଚ୍ଚ୍ ଉଚ୍ଚ୍ ଲଗାଇଲୁଣି । ଦେଲେ, ବୋହୂ ତା ମା କଥା ଭୁଲ ନାହିଁ । ଶାଶୁ ମୁହଁକୁ ଝୁମ୍ପି ଗାଳ ଦଏ ନାହିଁ; ଓଡ଼ଣା ପଡ଼ିଥାଏ, ପଛ କର ବଉବର କର ବକଯାଏ ।

ବୋହୂର ଯେ ଏତେ ଗୁଣ, ଶିବୁ ବାବୁ ସବୁ ଜାଣନ୍ତି ନାହିଁ । ମା ତ କିଛି କହିବେ ନାହିଁ, ଚମ୍ପା ବି କିଛି କଦେ ନାହିଁ । ଦେଲେ ଘର କଥା ବାବୁ କଣ ବୁଝି ପାରିବେ ନାହିଁ ? ସବୁ ନ ଶୁଣନ୍ତୁ, କେତେ କେତେ କଥା ବୁଝିଲେଣି । ଏଣିକ ଚମ୍ପାକୁ ବଲେଇଲୁଣି । ଭାଇକୁ ସବୁ କଥା ନ କହିଲେ ନୁହେ । ଘରେ ଯେବେ କହେ, ମା ଧାଇଁ ଆସି ପାଟି ବନ୍ଦ କରାଇବ, ସବୁ କଥା କୁହାଇ ଦେବ ନାହିଁ ।

ଦନେ ସଞ୍ଜବେଳେ ଅମ୍ମା ଆଈ ଦୁଆରେ ନାଡ଼ ନାତୁଣୀ ଆଈ ତନହେଁ ବସି ଢେର ବେଳଯାଏ କଣ ପରାମର୍ଶ କଲେ । ଅର୍ଥାତ୍ ସାଧୁଭାଷାରେ ଲେଖା ଯିବ, କମିଟି ବସିଲା । ଏତେ ଭୁନ ଭୁନ କଥା ଦେଲେ ଯେ, କେହି କିଛି ଜାଣି ପାରିଲେ ନାହିଁ । ଶେଷରେ ଶିବୁ ବାବୁ କହିଲେ, ଅର୍ଥାତ୍ ଶଜଲ୍ୟୁଶନ୍ ପାସ ଦେଲ୍— "ଦେଖ ଚମ୍ପା ! ଆସନ୍ତା ଶୁକ୍ରବାର କତ୍ତରୁ ସୋମବାର ଯାଏ ଗୁଡ଼ଫ୍ରାଇଡେ, ରୁରଦନ କଚେରି ବନ୍ଦ ଦେବ, ସେହି ସମୟରେ ସବୁ କଥା ଠିକ୍ ଠିକଣା କରିବା ।"

ଆଜ ଶୁକ୍ରବାର । ଜୁଆଇଁ ଦବୁବାବୁ ସକାଳୁ ଉଠି କାକଟପୁର ଜମିଦାର ଘରକୁ ଗଲେଣି, ଦୁଇ ତନ ଆସିବେ ନାହିଁ । ଚମ୍ପା ଦୁଆରେ କଞ୍ଚ ଲଗାଇ ଦେଇ ମା ଘରକୁ ଅଇଲା । ଭାଇ ପିଣ୍ଡାରେ ବସିଥିଲେ, ଚମ୍ପାକୁ ଦେଖି ଟିକେ ଦସିଦେଇ ଦାଣ୍ଡ ପଟକୁ ଚାଲିଗଲେ ! ଚମ୍ପା ଏକାବେଳକେ ବୋହୂ ବଚ୍ଚଣା ପାଖକୁ ଚାଲିଗଲା । ବୋହୂର ନଦ ଝିଙ୍ଗିଲୁଣି, ଭୁଚ୍ଚାଟରେ ବଚ୍ଚଣାରେ ଚଢ଼ି ଏକଡ ସେକଡ଼ ଗଡ଼େଇ ପଡ଼ଇ ଦେଉଛି । ଚମ୍ପା ଘର ଖଟା ହେଲାପରି ଗର୍ଜନ କରି କହିଲା, "କ'ଲୋ ବୋହୂ ! କମ୍ଭୀରଟା ପରି ପେଟେ ଖାଇ ବଚ୍ଚଣାରେ ପଡ଼ି ଗଡ଼େଇ ଦେଉଛୁ, ଘରେ ପାଇଟି କରିବ କିଏ ଲୋ ? ତୁ ସାଙ୍ଗରେ କଣ ଗୋଟାଏ ଟୋଇଲା ଆଣିଛୁ କ'ଲୋ ?" ଆଉ କଣ ସମ୍ଭଳା ଯାଏ ? ବୋହୂଟା ତ ସଦଜରେ ଥିଲା ବଦ୍‌ରାଗୀ; ପୁଣି ତାର ବଶ୍ୱାସ, ସେ ଦେଲା ଘରେ ସାନ୍ତାଣୀ, ଏମାନେ କେହି ନୁହନ୍ତି । ଏଇଟା ପୁଣି ଆସି ଗାଳ ଦବ ? କୋପରେ ଧଡ଼ପଡ଼ ହୋଇ ଉଠିଲା, ଲୁଗାଖଣ୍ଡ ସଜାଡ଼ ପିନ୍ଧିବାକୁ ବେଳ ନାହିଁ, ମୁଣ୍ଡ ମୁକୁଳା, ଗର୍ଜନ କରି ଏକା-ବେଳକେ ଆରମ୍ଭ କରିଦେଲା, "ଟୋଇଲା ! ନଆଁଲଗି, ଦୂର ହୋ ! ମୋ ଘରୁ ଦୂର ହୋ ! ମୁଁ ତ ସାନ୍ତାଣୀ, ତୁ କଏ ଲୋ ?' ଗାଳ ଦେଉଛୁ ତ ଦେଉଛୁ, ସେଇ କଥା ସେଇ କଥା ବାରବାର କହୁଛୁ ! ଏଣେ ଚମ୍ପା ହସି ହସି ଯାଇ ମା ହାତରୁ ଚୁଞ୍ଚୁଣିଟା ଛଡ଼ାଇ ନେଇ ଘର ପଛପଟ ବସିଲା ।

ବନଳା ଦେଇଙ୍କୁ କିଛି ଜଣା ନାହିଁ । କଳ ଶୁଣି ଅଥଯ ହେଲେ । କଳକୁ ସେ ବଡ଼ ଡରନ୍ତି, କଳ ଜାଟାରୁ ପଳାନ୍ତି । ଦାଣ୍ଡରେ କେହି କଳ କଲେ କବାଟ କଳ ପକାନ୍ତି । ବୋହୂକୁ ଭୁନ କରାଇବାକୁ ଆସୁଥିଲେ, ଚମ୍ପା ହାତ ଧର ଭଡ଼ି ଯେନଗଲା ।

ବୋହୂଝା ଗର୍ଜି ଗର୍ଜି ଥକ ଯାଇ ଦୁଲକର ବଛଣାରେ ପଡ଼ଗଲ୍ । ଭେଉଁକ ବେଳେ ଚମ୍ପା ପାଇଁ ଟୁଡ଼ ହସି ହସି ଆସି ଶ୍ୱଶୁର ଗୋଝାଏ ବୋଧ କଲ୍ ମର କହିଲ୍, "କାହିଁ ଗଲ୍ ସେ ସେ ପୋଇଲ୍ଲା ନଆଁଲଗୀ ? ଟୁଞ୍ଚୁଣିରେ ତା ମୁଣ୍ଡରେ ଦଶ ପାହାର ପିଟିବ ! ଅଳପାଇସିଆ ନଆଁଲଗା ତା ଘଇକୁ ଧର ଆଣି ଗୋଟି ଗୋଟି ଗଣି ଗଣି ତା ମୁଣ୍ଡରେ ବୋଡ଼ଏ ଟୁଞ୍ଚୁଣି ପିଟିବ !" ପୁଣି ବୋହୂ ଘଟି ଉଠିଲ୍, ଚମ୍ପାକୁ ଗାଳ ଦେବାକୁ ଲଗିଲ୍ । ବମଳା ଦେଇ ଧାଇଁ ଆସି କହିଲେ, "ନାହିଁ ରେ ମା, ନାହିଁ ରେ, ତାକୁ ଗାଳ ଦେ ନା ରେ ମା, ତା ମା କଡରେ ନାହିଁରେ, ଶୁଣିଲେ କାନ୍ଦିବ ରେ ।" ଚମ୍ପା କହିଲ୍, "ତା ମା କାନ୍ଦୁ, ଏ ନଆଁ ଝିଅକୁ କିଁୟା ମାର ନ ପକାଇ ଏଠିକ ପଠାଇଛୁ ? ଏଇ ଟୁଞ୍ଚୁଣିରେ ଏ ପୋଇଲ୍ଲାଝାକୁ ମାର ପକାଇବ । ଗୋଟିଏ ବଡ଼ ସୁନ୍ଦର ବୋହୂ ଠିକ୍ ହେଲଣି, ଆଜ ବାହାଘରର ସବୁ ଠିକ ହୋଇଯିବ ।"

ଶିବୁ ବାବୁ ଦାଣ୍ଡ ପଝରେ ଥିଲେ, ଧାଇଁ ଆସି ଚମ୍ପା ହାତ ଧରି ଭଡ଼ ଭଡ଼ ନେଇ ଘରଗଲେ, "ଆ, ଚମ୍ପା ଆ, ମା ତାଙ୍କ ସୁନାବୋହୂକୁ ନେଇ ଘରେ ଥାନ୍ତୁ, ଆମେ ଦୁଇ ଜଣ ଘରୁ ବାହାରିଯିବା ।" ଦୁଇ ଜଣ ମୁହଁରେ ଲୁଚା ଦେଇ ହିକଏ ହସି ହ ଦାଣ୍ଡକୁ ଘୁଲ ଅଇଲେ । ବୁଢ଼ୀ ନସରପସର ହୋଇ ପଛରେ ଧାଇଁଛନ୍ତି, "ଆରେ ତୁମ୍ଭେମାନେ ଯାଅ ନାହିଁ ରେ, ଆରେ ଶିବୁ, ଡେର ବେଳ ହେଲଣି ରେ, ଚମ୍ପା ଘତ ବସାଇଛୁ, ହିଡ଼ା ମୁହଁରେ ଦେଇ ଯା ରେ ।"

ଶିବୁ—ଆଚ୍ଛା, ତୁ ଏଇ ଝିଅ ଘଣ ପକା, କିଛୁ କହିବୁ ନାହିଁ । ନୋହିଲେ, ଆମ୍ଭେ ଦୁହେଁ ଖାଇବା ପିଇବା ନାହିଁ, ଘରୁ ବାହାରିଯିବା ।

ବମଳା ଦେଇ—ମୋ ମା ଘଣ ପକାଉଛୁ, ଆଗି ଛୁଇଁଛୁ, କିଛୁ କହିବ ନାହିଁ ।

ଏଣିକ ପୁଅ ଝିଅ ଡରରେ ବମଳା ଦେଇ କିଛୁ କହି ପାରୁନାହାନ୍ତି, ଖାଲ ବାଡ଼ଦର ଦେଉଛନ୍ତି । ପୁଅ ଝିଅ ନ ଥିବା ବେଳେ ହିକଏ ବୋହୂ ଦୁଆରକୁ ଗୁହାଁ ଦେଉଛନ୍ତି ।

ଚମ୍ପା ଘତ ଗାଳ ପକାଇ ଫେର ବୋହୂ ଦୁଆରକୁ ଗଲ୍ । ପୁଣି ଗାଳ ଆରମ୍ଭ କଲ୍ । ଦେଖିଲ୍, ବୋହୂର ଆଉ ଉଠିବାର ଶକ୍ତି ନାହିଁ । ବାରୁଣ୍ଡା ଉଉଲ୍ ଲୁହା ଦାଗ ଦେବାବେଳେ ଯିମିଡ଼ ଗଁ, ଗଁ ଗର୍ଜେ, ସେହ୍ନପର ଗର୍ଜୁଛି ।

ବୋହୂ ବଛଣାରେ ପଡ଼ ପଡ଼ ମନରେ କଲ୍ଣି, "ମୁଁ ଆଉ କଣ ସାନ୍ତାଣୀ ? ନଣନ୍ଦଝା ଏତେ ଗାଳ ଦେଉଛୁ, ମୋ ଲଗି କେହ୍ନ ପଦେ କହୁ ନାହିଁ । ପୁଣି ଘଇ ଭଉଣୀ ମିଳ ଗଲେଣି ! କଣ, ସେ ପୁଣି ଆଉ ଗୋଝାଏ ବଘ୍ନ ଦେବେ ? ମୋ ଦଶା କଣ ହେବ ? ଶାଶୁ ତ ପାଖ ପଶୁ ନାହାନ୍ତି । ମୁଁ କଣ କରିବ ?" ଛୁନ ହୋଇ ବଛଣାରେ ପଡ଼ଥାଏ, ବାହାରେ କଣ କଥା ହେଉଛୁ, କାନ ଡେର ଶୁଣୁଥାଏ ।

ଭେଉଁକବେଳେ ଚମ୍ପା ଘୋଁ, ଘୋଁ କର ଶଙ୍ଖଝାଏ ବଜାଇ ଦେଲ୍ । ଆଲେ ବାରକାଣି ! ଯା, ଦୁବ ବରକୋଳପତ୍ର ଚନ୍ଦନ ସିନ୍ଦୂର ଆଉ ଆଉ ତଜ ସବୁ ସକଲ କର ରଖି ଦେ । ଏ ବାରକପୁଅ, ବଡ଼ ଘର ଝାଡ଼ୁଝୁଡ଼ ଆସନ ପକାଇ ରଖ, ପାଣିପଣା ସବୁ ଠିକ କର, ଆଉ କଣ ବେଳ ଆସୁଛୁ ? ସେତେବେଳକୁ ସାନ୍ତମାନେ ଆସିଗଲେ କଣ କରିବୁ ? (ଘୋଁ, ଘୋଁ, ଘୋଁ ଶଙ୍ଖ ବାଜଲ୍) ଆରେ ଶାମା ! ମିଠାଇ ଥାଳଝା ଭତରେ ରଖିଦେ । କଣ କହିଲୁ ବୁଢ଼ିକା ? ଦହ୍ନ ସର ବଲେଇ ଖାଇଗଲ୍ ? ମଲ୍ ଯା ! ସାନ୍ତମାନେ ଜଳଖିଆ କରିବେ କଣ ?

ChhayaGkanta

ଚମ୍ପା ରନ୍ଧା ବଢ଼ା କରି ଘଇକୁ ମା'କୁ ଖୁଆଇଲା । ମା କହିଲେ, "ତୁ ବି ଖା, ଆଉ ବୋହୂ—" ପୁଅ ଉପରେ ନଜର ପଡ଼ିଗଲା—ଡରି ଯାଇ କହିଲେ, "ନାହିଁ, ନାହିଁ ମୁଁ କହୁଛି, ଚମ୍ପୀ ଏକା ଖାଇବ ।" ଶିବୁବାବୁ କହିଲେ, "ହଁ ଖବରଦାର, ବୋହୂ ନାମ ଧରି ନା !" ମା ବାଡ଼ ଦୁଆରକୁ ପଳାଇଲେ ।

ବେଳ ବୁଡ଼ ବୁଡ଼ ହେଲଣି । ଅମ୍ମା ଆଈ ବାଡ଼ ଖଣ୍ଡିଏ ଧରି ଅଇଲେ । ବୋହୂକୁ ଶୁଣାଇ ଶୁଣାଇ କହିଲେ, "କଲେ ଚମ୍ପି ! କଣ ହେଉଛି ? ଏ ଫୁଲ-ମାଳ ଚନ୍ଦନ ସିନ୍ଦୂର ସବୁ କଣ ହେବ ?"

ଚମ୍ପା—ଏଇ ଦେଖୁନାହୁଁ, ଘଇ ସାନ୍ତ ଆଉ ଗୋଟିଏ ବଖ୍ରା ହେବେ ପରା ! ଆଜ ମହାପ୍ରସାଦ ଉଠା ପରା । ତୁ ଯା, ସେଇ ଘରେ ମିଠାଇ ଦହ୍ନ ଅଛି, ଆଣ, ଖା ଯା, ଭତେ ବାଡ଼ି ଦେବାକୁ ମୋର ବେଳ ନାହିଁ ।

ଘେଁ—ଘେଁ—ଘେଁ ଶଙ୍ଖ ବାଜିଲା ! ସାଙ୍ଗେ ସାଙ୍ଗେ ହୁଳହୁଳି ।

ଆଈ—ଆଚ୍ଛା, ନୂଆବୋହୂ ଆସିବ, ଏ ବୋହୂଟା କଣ କରିବ ?

ଚମ୍ପା—ମଲା ଯା ! ଏଇଟା କି ବୋହୂ ମ ! ଘର ଦୁଆର ପାଇଟି କରିବ, ରନ୍ଧାବଢ଼ା କରିବ, ଏଇଥିଲାଗି ସିନା ଘଇ ଏଟାକୁ ଆଣିଥିଲେ—ଏଟା ତ କିଛି କଲା ନାହିଁ, ବୋହୂ କଣ ?

ଆଈ—ଆଚ୍ଛା ଏ ବୋହୂଟା ଖାଇବ କଣ ?

ଚମ୍ପା—କଣ ଖାଇବ ? ସେ ବୋହୂ ଖାଇଲେ ଯାହା ଗୁଡ଼ି ଯିବ, ଏଟା ତା ଅଇଁଠା ଖାଇ ବାସନ ମାଜ ପକାଇବ ।

ଆଈ—ଆଚ୍ଛା, ମୁଁ ଟିକେ ବୋହୂଟାକୁ ଦେଖି ଆସେ ।

ଚମ୍ପା—ନା ଲୋ ଆଈ, ନା—ନା, ତା ପାଖକୁ ଯା ନା । ସେଟା ସିମିନ୍ତି ପଡ଼ି ପଡ଼ି ଉପାସରେ ମର ଯାଉ ।

ଚମ୍ପା ମୁରୁକି ମୁରୁକି ହସି କଣ ଠାର ଦେଲା । 'ଆଚ୍ଛା ଆଚ୍ଛା ଥରେ ଦେଖେଁ' କହି ଅମ୍ମା ଆଈ ସିମିନ୍ତି ପାଖକୁ ଯାଇଛି, ବୋହୂ ଉଠିପଡ଼ି ବୁଢ଼ୀର ଦୁଇ ଗୋଡ଼ ଜାବଡ଼ ଧରିଲା । କଥା କହି ପାରୁ ନାହିଁ, ଗୋଡ଼ ଯୋଡ଼ାକ ଧରି ଥକେଇ ହେଉଛି । ବହୁତ କଷ୍ଟରେ କହିଲା, "ଆଈ—ତା—ଙ୍କୁ—କ—ଅ—ବା—ଏ—ବେ—ନା—ଇଁ ।"

ଅମ୍ମା ଆଈ—ମୋ କଥା କଣ ସେ ଶୁଣିବ ? ତୁ ତ ଘରେ କିଛି କାମ ପାଇଟି କରିବୁ ନାହିଁ, ଘଡ଼ ଗନ୍ଧକୁ ନାହିଁ, ସବୁ କଥାରେ କଳ କରିବୁ, ସେଥିଲାଗି ଆଉ ଗୋଟାଏ ବୋହୂ ଆସୁଛି ।

ବୋହୂ—ମୁଁ—ସ—ବୁ—କ—ର—ବ ।

ଅମ୍ମା ଆଈ—ଆଚ୍ଛା, ତୁ ଶିବୁକୁ କହ । "ଆରେ ଶିବୁ, ଏଠିକ ଆ'ତ, ବୋହୂ କଣ କହୁଛି, ଶୁଣ ।"

ଶିବୁ ନା, ନା, ମୁଁ ଯାଇ ପାରିବ ନାହିଁ ।

ଏଣେ ବୋହୂର ଯେତେ ବଳ, ଅମ୍ମା ଆଈର ଗୋଡ଼ ଜାବଡ଼ ଧରିଛି । କେଜାଣି ଗୋଡ଼ ଯୋଡ଼ାକ ଘଷି ପକାଇବ । ସେହ୍ନ ଆଈ ପଦୁପାଦ ଛଡ଼ା ଯେ ବର୍ତ୍ତମାନ ନମା ଦେଈଙ୍କର ସଂସାରରେ ଆଉ ଉରସା ନାହିଁ । ଅମ୍ମା ଆଈ ପାଟି କରି ଡାକିଲେ, "ଆରେ ଶିବୁ, ଆ, ମୋ ଗୋଡ଼କୁ ବଡ଼ କାଟିଲାଣି ରେ !"

ଶିବୁ ବାବୁ ସିମିନ୍ତି ପାଖକୁ ଆସିଛନ୍ତି, ଅମ୍ମା ଆଈ ତ ତାଙ୍କ ଗୋଡ଼ ଯୋଡ଼ାକ ବୋହୂ ଜମା କରି-ଦେଇ ଅଲଗା ହୋଇଗଲେ । ବୋହୂ ଭଲ କରି

Chhaya@Odia

ସ୍ୱାମୀର ଗୋଡ଼ ଜାବଡ଼ ଧଇଲ୍ଲ । ଗୋଡ଼ ଛୁଡ଼ଲେ ସିନା କୁଆଡ଼େ ଯିବ ? ଫସାରଯାକ ସବୁ ଅନ୍ଧାର— 'ପଦ୍ମପାଦ ଯୋଡ଼କ ଭରସା ।' ଅମ୍ମା ଆଈ ବୋହୂଲଗି ସୁପାରସ କର କହିଲ୍ଲ, "ଆରେ ଶିବୁ ! ବୋହୂ ଏଣିକ ଘର କାମ ପାଇଟି ସବୁ କରିବ, ତୁ ବାହା ହୋ ନା ।" ଶିବୁ ବାବୁ କହିଲେ, "କାହିଁ ସେ ତ ଆଗେ କହୁ ନାହିଁ ?" ଏହି କଥା ଦେକ ଶୁଣି ବୋହୂର ବଡ଼ ଭରସା ହୋଇଗଲ୍ଲଣି । ଚଞ୍ଚଳ କହି ପକାଇଲ୍ଲ, ହୁଁ—ହୁଁ—ଉଁ—ଉଁ ।"

ଶିବୁ ବାବୁ କହିଲେ,"ମୁଁ ହୁଁ—ହୁ—ଉଁ—ଉଁ ବୁଝେ ନାହିଁ ।" ସଫା କର ଗୋଟି ଗୋଟି କଥା କହୁ । ଶିବୁ ବାବୁ ସେମିତ କହିଲେ, "ବୋହୂ ଠିକ୍ ସିମିତ ଗୋଟି ଗୋଟି କର ସବୁ କଥା ଜବାବ କଲ୍ଲ ।"

ଶିବୁ ବାବୁ ତାହା ବାଦେ କହିଲେ,"ଆଚ୍ଛା ଆଈ, ସେ କଁ୍ୟା ଚମ୍ପୀ ସାଙ୍ଗରେ କଳ ଲଗାଇଲ୍ଲ ? ଘଣ୍ଟୁ ଭୁଇଁରେ ନାକ ।" କଛୁ ଓଜର ନାହିଁ—ବୋହୂ ଭୁଇଁରେ ନାକ ଘଷିଲ୍ଲ । ଚମ୍ପା ଠିଆ ହୋଇ ହସୁଥିଲ୍ଲ, ବୋହୂ ନାକଘଷା ବେଳେ ପଳାଇଲ୍ଲ । ବୋହୂ ଆଈ ପାଖରେ ବି ନାକ ଘଷିଲ୍ଲ । ଶିବୁ କହିଲେ—"ଆଚ୍ଛା ଆଈ, ମାଙ୍କ ପାଖରେ ଏହିପରି କହୁ ।" ଗଲେ ସମସ୍ତେ ମା'ଙ୍କ ପାଖକୁ; ବୋହୂ ଗୋଟି ଗୋଟି କର ସବୁ କଥା କହିଲ୍ଲ । ମାଟିରେ ନାକ ଘଷିବାବେଳେ ମା ଟିକେ ଦୁଃଖ କର କହିଲେ, "ହଁ ରେ ହୋଇଣି ରେ, ବୋହୂ ସବୁ କରିବ ରେ ।" ଶିବୁ ବାବୁ କଁ୍ୟମଁ୍ୟ କର ଗୁହାଁ-ବାରୁ 'ନା ରେ—ନା ରେ, କହି ବମଲା ଦେଈ ବାଡ଼ଆଡ଼କୁ ପଳାଇଲେ ।'

ଶିବୁ ବାବୁ କହିଲେ,"ଆଚ୍ଛା, ଏଥର ଚମ୍ପା ଗୋଡ଼ ଧରୁ ।" ଚମ୍ପା ଧାଇଁଆସି ବୋହୂକୁ କୁଣ୍ଢାଇ ପକାଇଲ । "ନା ନା, ଯେତେବେଳେ ମୋ ବଡ଼ ଭାଉଜ, ମା ପରି, ମୁଁ ସିନା ତା ଗୋଡ଼ତଳେ ପଡ଼ିବ ।" ଚମ୍ପା ବୋହୂକୁ ଜୁହାରଟିଏ କର କୁଣ୍ଢେଇ ପକେଇଲ୍ଲ । ନଣନ୍ଦ ଭାଉଜ ଦୁହେଁ ଟିକେ କନାକନ୍ଥେଇଲେ । ଚମ୍ପା କଁ୍ୟା କାନ୍ଦିଲ୍ଲ ? ମାନ୍ତ ସେ କାନ୍ଦିଛୁ । ଚମ୍ପା ବୋହୂକୁ ବାଡ଼ଆଡ଼କୁ ଭଡ଼ ନେଇଗଲ୍ଲ । ଅଧଘିନାଏ ମାଲପା ଲଗାଇ ଦେଇ ଗାଧୋଇ ଆଣିଲ୍ଲ । ଚମ୍ପା ଇନ୍ଦାବଡ଼ା କର ମା ଭାଇଙ୍କୁ ଖୁଆଇଲ୍ଲ । ବୋହୂଟା ଉପାସ ଅଛୁ, ନଜେ କମିତ ଖାନ୍ତା ? ନଣନ୍ଦ ଭାଉଜ ଏକ ସାଙ୍ଗରେ ବସି ଖାଇଲେ । ବୋହୂ ଟୁକୁଣାଏ ପାଣି ପିଇ ଲଠକର ଭୂଇଁରେ ପଡ଼ଗଲ୍ଲ ।

ଚହିଁ ଆରଦନ କାଉ କା କରିବାବେଳକୁ ବୋହୂ ବାସି ପାଇଟି ସାର ବସିଛୁ । ଟିକେ ଖରା ଉଠିଲ୍ଲ ବେଳକୁ ଚମ୍ପା ଆସି ଦେଖିଲ୍ଲ, ସବୁ ବାସି ପାଇଟି ସରିଲ୍ଲଣି । ମନ ମଧ୍ୟରେ ଟିକେ ଖୁସି ହେଲ୍ଲ । ନଣନ୍ଦ ଭାଉଜ ଦୁହେଁ ସାଙ୍ଗସୁଙ୍ଗା ହୋଇ ଗାଧୋଇ ଗଲେ । ପ୍ରଥମ ପ୍ରଥମ ବୋହୂ ଘର ଜାଣୁ ନ ଥିଲ୍ଲ, ଚମ୍ପା ଶିଖାଇ ଦେବାରୁ ଏବେ ବେଶ୍ ଘରେ । ଶାଶୁ କଛୁ ପାଇଟି କରିବାକୁ ଗଲେ ବୋହୂ ହାତରୁ ଛଡ଼ାଇନଏ । ପୁଅ ଝିଅ ଡରରେ ବି ବୁଢ଼ୀ କଛୁ ପାଇଟିରେ ହାତ ଦଅନ୍ତି ନାହିଁ । ଏକ ଜାଗାରେ ବସି ବୋହୂକୁ କହି ଦେଉଥାନ୍ତି ।

ବମଲା ଦେଈ ଏକ ଜାଗାରେ ବସି ଦନ ଘଣ୍ଟ ମାଲାଟିଏ ଗଡ଼ାଉଥାନ୍ତି । କେହି ଲୋକ ଗାଁରୁ ଆସିଲେ ତା ପାଖରେ ଖାଲି ବୋହୂର ପ୍ରଶଂସା । ଦନକୁ କୋଡ଼ିଏ ଥର ଯାହା ତାହା ପାଖରେ ଖାଲି ବୋହୂର ପ୍ରଶଂସା । ଦନକୁ କୋଡ଼ିଏ ଥର ଯାହା ତାହା ପାଖରେ କହନ୍ତି "ମୋର ତ ସୁନା ବୋହୂ ।"

———

ଧୂଳିଆ ବାବା

ଦେ ଗାଁର ହନୁମାନ୍ ଜା ପ୍ରତ୍ୟକ୍ଷ ଦେବତା । ସେ ତ କଛି ଆଜକାଲିକା କଳଯୁଗର ଦେବତା ନୁହନ୍ତି; ସତ୍ୟଯୁଗରୁ ବର୍ତ୍ତମାନ ଅଛନ୍ତି । ମହନ୍ତ ମହାବୀରଜଙ୍କ ନାମ ହନୁମାନ୍ ଦାସ । ତାଙ୍କର ବ ସେହ୍ନପର ମହମା । ବଡ଼ ବଚନସିଦ୍ଧ ପୁରୁଷ ଥିଲେ । ଯାହାକୁ ଯାହା ଆଜ୍ଞା କରୁଥିଲେ, ତୁରନ୍ତ ଫଳ ଯାଉଥିଲା । ତାଙ୍କ ମହମା କଥା ପୃଥିବୀଯାକ ଜାର । ନାଗପୁର ମରହଟ୍ଟା ଫୌଜ-ଦାର ସବୁ କଥା ଶୁଣି ପାର ତାଙ୍କୁ ଦର୍ଶନ କରିବାକୁ ଅଇଲା । ସକାଳଓଳଆ ମହନ୍ତ ମହାବୀରଜ ଗୋଟାଏ କାନ୍ଥଡ଼ା ଉପରେ ବସି ଗଞ୍ଜେଇ ଟିପୁଥିଲେ । ଦୂରକୁ ଅନାଇ ଦେଲେ ଯେ ଗୋଟାଏ ଖୁବ୍ ବଡ଼ ଦନ୍ତା ଦାଢ଼ି ଉପରେ ଅମାର କସା, ତା ଉପରେ ପାଟଛତା ଉଡ଼ୁଛି, ଫୌଜଦାର ତା ଉପରେ ବସି ଆସୁଛି । ମହନ୍ତ ମହାବୀରଜ ଖାଲ ଏତକ କହିଲେ, "ହୁଁ - ଚେଲା ବାବା କାନ୍ଥଡ଼ା ଚେଲା ।" ଆଉ କଣ କାନ୍ଥଡ଼ା ରହିପାରେ, ଗଲା । ତେଣୁ ଆସୁଛି ଦାଢ଼ି, ଏଣୁ ଯାଉଛି କାନ୍ଥଡ଼ା, ଅଧବାଟରେ ଭେଟାଭେଟି । ଫୌଜଦାର ପିମିଡ ଅନାଇ ଦେଇଛି, ଆଉ କଣ ଦାଢ଼ିରେ ବସିପାରେ ! ଖପ୍‌କର ଦାଢ଼ିରୁ ଡେଇଁପଡ଼ ଲମ୍ ଛମ୍ ଗୋଡ଼ଉଲେ ପଡ଼ିଗଲା । ମହନ୍ତ ମହାବୀରଜ କଲ୍ୟାଣ କଲେ, "ଜାଉ ରହୋ— ଜାଉ ରହୋ - ବଚ୍ଚା, ଉଠ—ଉଠ ।" ଫୌଜଦାର ପିମିଡ ଉଠିଛି, ସାଙ୍ଗେ ସାଙ୍ଗେ ତମ୍ବା ପାଟିଆରେ ବାରବାଟୀ ଜମି ଅକଗ୍ର ସନନ୍ଦ କରିଦେଲା । ଏବ୍ ମହନ୍ତ ଗାଦିରେ ବସିଥିଲେ—ବାର ଶ ବାର ମାସ ବାର ଦିନ । ସେ ତ ଥିଲେ ଇଚ୍ଛାମପୁ ପୁରୁଷ, ଆଉ ପୃଥିବୀରେ ରହିବାକୁ ମନ ବଳିଲା ନାହିଁ । ଅଯୋଧ୍ୟାକୁ ଖବର ଗଲା । ହନୁମାନ ଗାଦିରୁ ଜଣେ ଚେଲା ଆସିଲେ । ଏହାଙ୍କ ହାତରେ ଗାଦି ଦେଇ ସ୍ୱର୍ଗକୁ ଗଲଗଲେ । ଏ ଚେଲାଙ୍କ ନାମ ମର୍କଟ ଦାସ ମହନ୍ତ ମହାବୀରଜ । ଗାଦିର ମହମା—ଏ ମହନ୍ତ ବ ସେହ୍ନପର । ଏହାଙ୍କ ସମୟରେ ପଡ଼ିଲା ଫିରଙ୍ଗୀ ଅମଳ ଜାର । କଟକ ସାହେବ କହିଲା, "କିଁ୍ୟା, ହିନ୍ଦୁ ଫକୀରଟା ଖଜଣା ନ ଦେଇ କେଉଁ ଏତେଗୁଡ଼ାଏ ଜମି ମାଡ଼ାଲଆ ଖାଏଟା ? ବୋଲାଓ ଉସ୍କୁ, ହାମ୍ ଦେଖେଙ୍ଗା ।" ପରୁଆନା ପାଇ ମହନ୍ତ ଘୋଡ଼ାରେ ଚଢ଼ି ବାହାରିଲେ । ଆଗରେ ବାନା ବୈରଖ ଉଡ଼ୁଛି, ଦରବୋଲ ପଡ଼ୁଛି, କୀର୍ତ୍ତନ ଲାଗିଛି, ଯାଇ ବଜେ ଦୋଇଗଲ ମହାନଦୀ କୂଳରେ । ଘୋଦୁଅ ମାସିଆ ଦିନ, ମହାନଦୀ ଏ କୂଳ ସେ କୂଳ ଖାଉଛି, ବର୍ଷା ତୋଫାନ ବୋଲେ ମୁହିଁ— ନାଉସ୍ତ କହିଲା, ନାଆ ଫିଟାଇବ ନାହିଁ । ପାର ହେଉଛନ୍ତି କମିଡ ? ମହନ୍ତ ମହାବୀରଜ ଆଜ୍ଞା କଲେ "ପରବା ନାହିଁ !" କାଖରେ ସେ ବାଘ ଛୁଲା ଥିଲା, ପାଣିରେ ପାର ଦେଲେ— ଆପେ ବଜେ ଦୋଇଗଲେ, ଅଧିକାସ୍ତ ଟଣଲଆ ସୁଆର ଚଳିବା ଭଳ ଲୋକଙ୍କୁ ପାଖରେ ବସାଇ ନେଲେ । ଜଣେ ଛତିଆ ମହନ୍ତଙ୍କ ମୁଣ୍ଡ ଉପରେ ପାଟ ଛତା ଟେକଥାଏ । ଦୁଇ ଜଣ ବାହୁଆ ଚୁଲ ବାହୁ ଯାଉଥାନ୍ତି । ଏଣେ ମହାନଦୀ ଆର କୂଳରେ ସାହେବ ଲଉଟି ପକାଇ ବସିଥିଲା । ଦୂରବୀନରେ ଗୁହିଁ ଦେଲା, ପାଖ ଲୋକଙ୍କୁ ପଗ୍ଭରିଲା, "ଏ କ୍ୟା ?" ଲୋକେ କହିଲେ, "ହିନ୍ଦୁ ଫକୀର ବଜେ ଦୋଇ ଅସୁଛନ୍ତି ।" ସାହେବ ଆଉ କଣ ଚୌକରେ ବସିବ, ନଈ କୂଳକୁ ଧାଇଁ ଅଇଲା । ମୁଣ୍ଡରୁ ଟୋପ ତଳେ ରଖି ତନ ସଲାମ କଲା । କହିଲା—ହାମ୍ଲେ ଫକୀର, ତୁମାର ଜମିନ୍ ବାହାଲ ।" ଏ ମହନ୍ତ ଦେଢ଼ ହଜାର ବର୍ଷ ଗାଦିରେ ବସିଥିଲେ । ତାଙ୍କ ଉତ୍ତରେ ଗାଦିରେ ବସିଲେ ଜମ୍ବୁବାନ୍ ମହନ୍ତ ମହାବୀରଜ । ମନ୍ଦର ପଛପଟରେ ଯେଉଁ ବଫାଙ୍କୁଡ଼ିଆ ବୁଢ଼ା ସାନ୍ଦାଡ଼ା ଗଛ ଦେଖୁଛ, ଏଇଟା କଣ ଜାଣ ? ମହନ୍ତ ବନେ ସାନ୍ଦାଡ଼ା ଦାନ୍ତ କାଠିରେ ଦାନ୍ତ ଘଷୁଥିଲେ, କାଠିଖଣ୍ଡ ଦାନ୍ତରେ ଚର ଜଭ ଚ୍ଛେଲପକାଇ ଦୁଇଟା କାଠି ଯୋଡ଼ ମାଟିରେ ପୋତି ଦେଲେ । ତା ଉପରେ ପିମିଡ ଟୋପାଏ ପାଣି ପକାଇଛନ୍ତି, ସିମିଡ ଗଜେଇ ଗଲା ।

ଏଇଟା ସେଇ ଗଛ । ବର୍ତ୍ତମାନ ମହନ୍ତଙ୍କ ନାମ ବାଦର ଦାସ ମହନ୍ତ ମହାରାଜ । ଏପର ପୁରୁଷ କାହିଁ ଦେଖା ନାହିଁ, ନ ଥିବ । ଅଞ୍ଚେଇଚା ମର୍ଦ୍ଦ, ଗାଲ ଓଠ ସ୍ଥଳରେ ଲୁଗିଯାଇଛୁ, ବେକ ଦଶେ ନାହିଁ । ବାହୁ ଆଉ ଲୋକଙ୍କ ଜଙ୍ଘ ପର ମୋଟା, ପେଟଟି ଗୋଟିଏ ଦଶ ନୌତିଆ ପୂମା । ଅଜଣା ଲୋକେ ଦେଖି କହିବେ, ମହନ୍ତ ଲଙ୍ଗଳା । ନାହିଁ, ନାହିଁ ଗୁଖଣ୍ଡେ ଚୌଡ଼ା ଦେଢ଼ ହାତ ଲମ୍ବ ଖଣ୍ଡେ କନା କୌଡୀନ ମାରିଥାଆନ୍ତି । ଜଙ୍ଘକୁ ଜଙ୍ଘ ଲୁଗିଯାଇଛୁ, ପେଟଟି ଝୁଲପଡ଼ୁଛୁ, କୌଡୀନ ଦଶେ ନାହିଁ । ଏ ମହନ୍ତଙ୍କର ବି ମହିମା ଅପାର । ମନ୍ଦିରରେ ଏତେ ଖଟ ପଲଙ୍କ, କାହିଁରେ ଶୋଇବେ ନାହିଁ, ସବୁବେଳେ ଧୂଳରେ ଗଡ଼ୁଥାନ୍ତି । ଦେହପାକ ଧୂଳି-ଧୂସର । ସ୍ନାନ କେବେ କରନ୍ତି ନାହିଁ, ପାଣି ଛୁଅନ୍ତି ନାହିଁ । ଏଥିପାଇଁ ଲୋକମାନେ ମହନ୍ତ ମହାରାଜଙ୍କୁ ଧୂଳିଆ ବାବା ବୋଲି ଡାକନ୍ତି । ମନ୍ଦିରରେ ଏତେ ଧନ ଦୌଲତ, ଏତେ ପିଠା ଖଜା କିଛି ଛୁଇଁବେ ନାହିଁ । ଦଶ ସେର ନରୁଣ୍ଡା ଦୁଧ ଆଉଟି ଆଉଟି ପାଞ୍ଚ ସେର ରହିବ । ଅଳତା ଫଡ଼ା ଚର ଉପରେ ସର ପଡ଼ିବ । ଦପହର ଧୂପରେ ଠାକୁରଙ୍କ କଡରେ ଭୋଗ ଲଗେ । ମହନ୍ତ ମହାରାଜ ତେଣିକ ସେବା କରନ୍ତି । ଆଉ ତୋଳାଏ ଆପୁ, ପାଏ ଗଞ୍ଜେଇ ଖଞ୍ଜା । ଦନରାତି ଗଞ୍ଜେଇ ଚଲମ ହାତରୁ ଛୁଟଣ ନ ଥାଏ । ଆଖି ଯୋଡ଼ାକ ସାନ ସାନ ସିନ୍ଦୂର ବନ୍ଦୁ ପର ଲାଲ । ସବୁବେଳେ ମିଞ୍ଜି ମିଞ୍ଜି କର ରୁହାନ୍ତି । ତାଙ୍କ ଗଞ୍ଜେଇ ଚଲମଟା ହାତେ ଲମ୍ବ । ଦଶ ପନ୍ଦର ଜଣ ଭକତ-ଚେଲା ସବୁବେଳେ ବେଢ଼ି ବସି-ଥାନ୍ତି । ଗଞ୍ଜେଇଟିପା କାନ ପାଞ୍ଚ ଛ ଜଣଙ୍କ ହାତରେ ଲୁଟିଥାଏ । ମନ୍ଦିରରୁ ପ୍ରସାଦ ସେବା କର ସବୁବେଳେ ଏମାନେ ପାଖରେ ହାଜର ।

ଆଗ ଆଗ ମହନ୍ତ ମହାରାଜମାନଙ୍କ ମହିମା କଥା ଦେଶ ଲୋକଙ୍କୁ ଜଣା । ପୁଣି ସେ ସବୁ କଥା ଭୁର୍ଜପତ୍ରରେ ଦେବନାଗର ଅକ୍ଷରରେ ରକ୍ତଚନ୍ଦନରେ ଲେଖା ହୋଇ ଦେଉଙ୍କ ସିଂହାସନ ତଳେ ଅଛୁ । ଏ ଧୂଳିଆ ବାବା ସେ ସବୁ ପଢ଼ି ଆସି ବିଶ୍ୱାସୀ ଭକ୍ତମାନଙ୍କ ପାଖରେ ଗୋପନରେ କହନ୍ତି । "କେହି କେହି ଅବିଶ୍ୱାସୀ ଭକ୍ତ ଲୋକଙ୍କ ପାଖରେ ପ୍ରକାଶ କର ପକାଏ ।"

ଧୂଳିଆ ବାବା ସବୁଦନେ ଚେଲାମାନଙ୍କ ଆଗରେ କହନ୍ତି, ଏହି ପୃଷ୍ଠରେ ଯେ ଜଗନ୍ନାଥ ଦେଉଳ ଦେଖୁଛୁ, ତାଆର ହେଲ ବାଦ ପ୍ରଭୁଙ୍କୁ ଅଯୋଧ୍ୟାରୁ ହନୁମାନ ଆଠ ମୂରତ୍ତ ସାଧୁ ମହନ୍ତ ଭୋଜି ଖାଇବାକୁ ଆସିଥିଲେ । ଏ ବି ସେମାନଙ୍କ ମଧ୍ୟରେ ଆସିଥିଲେ । ଚେଲାମାନଙ୍କ ଭକ୍ତି ଏଡ଼ ନ ପାର ରହି ଯାଇଛନ୍ତି*—ଆଉ ଏ ମିଛୁଆ ଦେଶଟା ଭଲ ଲାଗୁ ନାହିଁ, ଅଯୋଧ୍ୟା ହନୁମାନ ଗାଦିକୁ ଫେରିଯିବେ । ପ୍ରାସାଦସେବାକାଙ୍କ୍ଷୀ ଚେଲାମାନେ ଗୋଡ଼ତଳେ ପଡ଼ି ଗଡ଼ନ୍ତି । ସେମାନଙ୍କ ଉପରେ କୃପା କର ଧୂଳିଆ ବାବା ରହି ଯାଇଛନ୍ତି । ଏପର ଘଟଣା ଶହକୁ ଶହ ଥର ହୋଇ ଗଲଣି ।

ମହନ୍ତଙ୍କର ଧନ ଦୌଲତ ଅମାପ । ଗାଈ ମଇଁଷ ପଲକୁ ପଲ, ଧାନ ଟଙ୍କାର ସୀମା ନାହିଁ । ଆପୁ ଢେର । ଆପୁ ମଧ୍ୟରୁ ଗୋଟିଏ ବଶେଷ ଆପୁ ଏହି, ଦେଶ ମଧ୍ୟରେ ମାଲ ମକଦ୍ଦମା ଉପସ୍ଥିତ ହେଲେ ମୁଦେଇ ମୁଦାଲ୍ଲ ଦୁଇ ପକ୍ଷ ପ୍ରଭୁଙ୍କ ପାଖରେ ମନାସି ଯାନ୍ତି, ମାମଲା ଡିକ୍ରୀ ହେଲେ କଏ କେତେ ଟଙ୍କା ଦେବେ, ପାଞ୍ଜିଆ ଲେଖି ରଖେ । ଯାହାର ମାମଲା ଡିକ୍ରୀ ହୁଏ ଜଣେ ସାଧୁଙ୍କୁ ପଠାଇ ତାଠାରୁ ଟଙ୍କା ଅସୁଲ କରିଯାଏ ।

ଏହିଭଳି ଜଣେ ମହନ୍ତ ଲେଖକର ପ୍ରତିବାସୀ ଥିଲେ । ଲେଖକ ସେହି ମହନ୍ତଙ୍କ ଶ୍ରୀମୁଖରୁ ତାହାଙ୍କ ବସ୍ତୁସ ସମ୍ବନ୍ଧରେ ଏଇକଥା ଶୁଣିଛୁ ।

ରମ ସାଉ ଶାମ ସାଉ ଦୁଇ ଭାଇ । ଭାଇଭାଗ ବଣ୍ଟଣ ପାଇଁ କଟକ ଅଦାଲତରେ ମକଦ୍ଦମା ଦାଏର ହେଲା । ରମ ସାଉ ପ୍ରଭୁଙ୍କଠାରେ ମନ ସି ଗଲା, ମାମଲା ଜିଣି ହେଲେ କେତେ ଟଙ୍କା ଦେବ, ପାଞ୍ଜିଆ ପାଖରେ ଲେଖି ଦେଇଗଲା । ଶାମ ସାଉ ଆସେ ନାହିଁ । ବୁଢ଼ୁ ବୁଢ଼ୁ ଶାମା କିଂୟା ଅଇଲା ନାହିଁ । ଜଣେ ଚେଲା ବୁଢ଼ି ଆସି ଜଣାଇଲା, "ପ୍ରଭୁ ! କଣ କହିବ, କହିବାକୁ ଡର ମାଡ଼ୁଛି । ଆଜ୍ଞା, ଶାମାର ଏତେ ବଡ଼ ସାହସ, ପାଞ୍ଚ ଜଣଙ୍କ ଆଗରେ ସାଫ ମୁହଁରେ କହିଲା, କଳକାଳରେ ମହନ୍ତଙ୍କ କର୍ମଚ କାହିଁ ଯେ ମୁଁ ମନାସିବାକୁ ଯିବ ?" ମହନ୍ତ ତେତେବଳେ ଗଞ୍ଜେଇ ଭିଡ଼ୁଥିଲେ, ରାଗରେ ଖବ୍ ବଲରେ ଚଲମଟା ଭିଡ଼ ନେଇଲେ, ଦପ୍ କର ଜଳ ଉଠିଲା । ମହନ୍ତ ଅଳ୍ପ ଅଳ୍ପ ଭକ୍ ଭକ୍ କର ପାଟିରୁ ଧୂଆଁ ଛାଡ଼ୁ ଥାନ୍ତି, କଥାଟା ଚପି ଚପି କହିଲେ, "ଦେଖ ଚେଲାମାନେ, ଆମେ ହୁକୁମ କରିବୁଁ, ଏହି ଚଲମ ନଆଁ କଥା କହିବ ।" ଚେଲାମାନଙ୍କର ତ ଆନନ୍ଦର ସୀମା ନାହିଁ । ସେମାନଙ୍କର ଦୃଢ଼ ବିଶ୍ୱାସ, ମହନ୍ତଙ୍କ ଆଜ୍ଞା ମେଣ୍ଟଣ ହେବାର ନୁହେଁ । ସେହି ଦିନ ମଧ୍ୟରେ ଦେଶଯାକ ହାଟ ହୋଇଗଲା, "ଧଳଆ ବାବାଙ୍କୁ ପ୍ରଭୁଙ୍କର ସ୍ୱପ୍ନ ହୋଇଛି, ସେ ସିଦ୍ଧ ପୁରୁଷ ହୋଇଗଲେଣି, ତାଙ୍କ ଗଞ୍ଜେଇ ଚଲମ କଥା କହିବ ।" ଥୋକେ ଚେଲା ପ୍ରକାଶ କଲେ, "ନାହିଁ ନାହିଁ ଚଲମ ନୁହେଁ, ଚଲମ ନଆଁ କଥା କହୁଛନ୍ତି ।" ଦଶଜଣଙ୍କୁ ଆଜ୍ଞା ହେଲା, ସେ ନଜେ ଶୁଣି ଆସିଲା, ଆଉ ଯାଏ କାହିଁ ? ତହିଁ ଆର ଦିନ ସକାଳୁ ସଞ୍ଜଯାଏ ଶହକୁ ଶହ ଲୋକ ଧାଇଁଛନ୍ତି । କାହାକୁ ବେମାର ଛୁଇଁ ନାହିଁ, କାହାର ବଳଦ ହଜିଛି ମିଳୁ ନାହିଁ, କାହାର ମାମଲା ଦାଏର ଅଛି, ତଥାପି ହେଉ । ଢେର ଢେର ଭରଲା ପାଁପୂଜା ପଠାଇଛନ୍ତି, ସେମାନଙ୍କର ପୁଅ ହେଉ ନାହିଁ, ଚଲମପ୍ରଭୁ ବର ଦେଉନ୍ତି । ଲୋକେ ପାଦପୂଜା ଟଙ୍କା ଅଧୁଲି ସୁକ ମହନ୍ତଙ୍କ ପାଦତଳେ ଦେଇ ଅଧା ପଡ଼ିଛନ୍ତି ।

ମହନ୍ତ ମହାରାଜ ଆଜ୍ଞା କଲେ, "ଉଠ ଉଠ ବାବାମାନେ ! ଆମେ କିଛୁ କହିବୁ ନାହିଁ, ଏହି ଯେ ଆମ ଗଞ୍ଜେଇ ଚଲମରେ ଅଗ୍ନି ଦେଉଛୁ, ସେଥିରେ ଧୂନ ଥାପନା ହେବ, ସେହି ଧୂନରେ ଅଗ୍ନି ଦେବତା ବଜ୍ର କରିବେ, ସମସ୍ତଙ୍କ ଗୁହାରି ଶୁଣି ବର ଦେବେ । ଆସନ୍ତା ଅଗ୍ରହାୟୁନେଇ ଦିନ ଅଗ୍ନି ଦେବତା ସ୍ୱର୍ଗରୁ ବଜ୍ର ହୋଇ ପୃଥିବୀରେ ଭ୍ରମଣ କରିବେ । ଆମ୍ଭଙ୍କୁ ସ୍ୱପ୍ନରେ ଆଜ୍ଞା କରିଛନ୍ତି, ଆମେ ଧୂନ ଥାପି ତାଙ୍କୁ ବଜ୍ର କରାଇ ରଖିବୁଁ, ଯାହାର ଯାହା ଗୁହାରି ଥିବ ପୂଜା ଦେଇ ଜଣାଇଲେ ଚତୁର୍ଭଣାଟ୍ ବର ମିଳିଯିବ ।" ପୂଜାର ବିଧାନ ସମସ୍ତଙ୍କୁ ଶୁଣାଇ ଦେଲେ, ଧୂନରେ ଶଣ ଆଠ ଆଢ଼ୁଆ ଦିଆଯିବ, ସେଥି ସକାଶେ ଖଣ୍ଡିଏ ନବ ବସ୍ତ୍ର, ପାଞ୍ଚପା ଘିଅ, ପଞ୍ଚ ବର୍ତ୍ତି ଜ୍ୱେଗ, ପଞ୍ଚ ବର୍ତ୍ତି ପୁଷ୍ପ । ଗାଦି ପୂଜା ଦକ୍ଷିଣା ଯାହାର ଯାହା ଶକ୍ୟ; କିନ୍ତୁ ପାଞ୍ଚ ପୁକାରୁ ଉଣା ନୁହେଁ ।

ଅଗ୍ରହାୟୁନ୍ତି ମା ଅଧରାତିଠାରୁ ଧୂନ ପୂଜା ଆରମ୍ଭ ହେଲା । ମହନ୍ତ ମହାରାଜ ଆଢ଼ୁଆ ଦେବାରୁ ଅଗ୍ନି ଦେବତା ବଜ୍ର ହୋଇଗଲେ । ଧୂ - ଧୂ—ହୋଇ ଜଳୁଛନ୍ତି । ଯାହାର ଯାହା ପ୍ରାର୍ଥନା, ହାତ ଯୋଡ଼ି ଜଣାଇଲେ ଧୂନ ଭିତରୁ ଅଗ୍ନି ଦେବତା ଗମ୍ଭୀର ସ୍ୱରରେ "ହୁଁ — ନା—ଦେବ" ଏହିପରି ଆଜ୍ଞା କରୁ-ଛନ୍ତି । ପ୍ରତ୍ୟକ୍ଷରେ ଅବିଶ୍ୱାସ କଣ ? ଲୋକମାନେ ଶୁଣି ଚାହକା, ଭକ୍ତିରେ ଭୂଇଁରେ ପଡ଼ି ଗଡ଼ି ଯାଉଛନ୍ତି । ହରଧ୍ୱନରେ ମଠ ଉଛୁଳି ପଡ଼ୁଛି ।

ଶାମ ସାଉ ସବୁ କଥା ଶୁଣିଲା, ଘର ମଧ୍ୟରେ ଡକା ପାରି ମୁଣ୍ଡ ବାଡ଼େଇ ହେଉଛି । ଲୋକମାନେ ଧୂନ ପୂଜା କରି ବର ଯେନ ପାଉଛନ୍ତି । ରମା ଭାଇ ବି ପୂଜା ଦେଇ ବର ପାଇବ, ମୋହର ସର୍ବନାଶ ହେବ । ଇଜମାଲ୍ଲି ଧନ ଉଣା ନୁହେଁ, ଲକ୍ଷକରୁ ବଳି ପଡ଼ିବ, ସବୁ ରମା ଭାଇ ଯେନ ଯିବ । ମହନ୍ତ ମହାରାଜ ଖପା ହୋଇ ଆଜ୍ଞା

କରୁଛନ୍ତି, "ଆଚ୍ଛା, ସେ ଛେଲ ଟଙ୍କାକୁ ଦେଖିବୁଁ ।" ଏ କଥା ଶୁଣିଲ୍‌ବେଳୁଁ ଶାମାର ଫାକାଶି ଉଡ଼ିଲଣି । କଣ କରିବ, ଘୁଳୁଁ ଘୁଳୁଁ ଗୋଟାଏ ବୁଦ୍ଧି ବଣିଗଲ୍ । ମନ୍ଦନ୍ତ ମହାରାଜଙ୍କ ଗଞ୍ଜେଇ ପ୍ରସାଦସେବକମାନଙ୍କୁ ଯାଇ ଧରିଲ୍ । କାହାକୁ ଦଶ, କାହାକୁ ପାଞ୍ଚ ଦେଇ ସମସ୍ତଙ୍କ ଗୋଡ଼ ତଳେ ପଡ଼ିଲ, ସମସ୍ତେ ଅଭୟ ଦେଇ ମନ୍ଦନ୍ତଙ୍କ ଗୋଡ଼ତଳେ ପଡ଼ିବାକୁ ଉପଦେଶ ଦେଲେ ।

ବେଳ ଛ ଘଡ଼ି, ସେବକମାନେ ବେଢ଼ି ବସିଛନ୍ତି । ମନ୍ଦନ୍ତ ଧଳଟାରେ ବସି ଗଞ୍ଜେଇ ଭଡ଼ୁଛନ୍ତି, ଜାଗାଟା ଧୂଆଁମୟ । ଶାମ ଘୁଡ଼ ଦାଉଁ ଦାଉଁ ପଡ଼ୁଛି । ଡର ଡର ଯାଇ ମୁଠାଏ ଟଙ୍କା ପାଦମୂଳାପାଇଁ ଦୂଣ କରି ମନ୍ଦନ୍ତଙ୍କ ପାଦ ତଳକୁ ଫୋପାଡ଼ି ଦେଇ ଲମ୍ବ ଲମ୍ବ ଗୋଡ଼ତଳେ ପଡ଼ଗଲ୍ । "ପ୍ରଭୁ ! ମୁଁ ମିଲ, ମୁଁ ମହାପାପୀ, ମୋ ଅପରାଧ କ୍ଷମା କରନ୍ତୁ ।" ମନ୍ଦନ୍ତ ଆଖି ବୁଜ ବସି ଗଞ୍ଜେଇ ଭଡ଼ୁଛନ୍ତି, କଛୁ ଆଜ୍ଞା ଦେଲ ନାହିଁ । ସମସ୍ତ ସେବକ ଏକାବେଳକେ ମନ୍ଦନ୍ତ ମହାରାଜାଙ୍କ ଗୋଡ଼ତଳେ ପଡ଼ି ପ୍ରାର୍ଥନା କଲେ—"ହେ ମହାପ୍ରଭୁ ! ଆମ୍ଭେମାନେ ମହାପାପିଷ୍ଠ, ଅପରାଧୀ, ପ୍ରଭୁ କ୍ଷମା ନ କଲେ ଆଉ କଏ ଜଗତରେ ଅଛୁ ?" ଦପ୍ପାମପ୍ପ ପ୍ରଭୁ ଏକାବେଳକେ ଆଜ୍ଞା କଲେ, "ଯାଓ ବେଟା, ପୂଜା ଲେଆଓ ।" ଶାମ ସାଉର ଆନନ୍ଦର ସୀମା ନାହିଁ, ପୂଜା ଆପ୍ରୋଜନରେ ଧାଇଁଛି । ଯେଉଁ ମହାଜନ, ପୂଜା ଆପ୍ରୋଜନ ସେହିପର । ଦିଅ ପାଞ୍ଚପା ଜାଗାରେ ପାଞ୍ଚ ସେର, ଆଉ ଆଉ ସରଞ୍ଜାମ ତା ମାଫିକେ । ସମସ୍ତେ ଖଣ୍ଡେ ଖଣ୍ଡେ ସୂତା ଶାଢ଼ୀ ଆଣୁଛ ବଅନ୍ତୁ । ଶାମ ସାଉ କୁମ୍ଭକର୍ଣ୍ଣୀ କନାର ସଜା ଜରମୁଣ୍ଡା ଖଣ୍ଡେ ବରମଧୁଷ ପାଟ ଶାଢ଼ୀ ଆଣୁଛ ଦେବାଲଗି ଆଣିଛି । ଶାମ ସାଉର ଘର ବଡ଼ ପୂଜା ହେବ । ଗାଁରେ ସେ ଦୁଇ ଘାଇ ବଡ଼ ଟାଣୁଆ ମହାଜନ । ଅଗ୍ନିଦେବ ତାକୁ କ ବର ଦେବେ ଶୁଣିବାପାଇଁ ଆଖପାଖ ପାଞ୍ଚ ଟପ୍ପ ଗାଁରୁ ମଣିଷ ଧାଇଁଛନ୍ତି । ଜାଗା ଅଧିକ ପାଞ୍ଚ ଶହ ଲୋକ ଜମା ହୋଇ ଗଲେଣି । ବେଢ଼ା ଭିତରେ ଜାଗା ନାହିଁ ।

ମନ୍ଦର ବେଢ଼ା ପାଚେରିଲଗା ଧାଡ଼ିଏ ଘର ଅଛୁ । ଗୋଟାଏ ଘରେ ମେଳା ମଉଚ୍ଚବରେ ପିଠା ଖଜା ତିଆର ହୁଏ, ତା ପାଖଟା ସରଘର । ସେହି ପିଠା ତିଆର ଘରେ ଧୂନ ଥାପନା ହୋଇଛନ୍ତି । ଘଣ୍ଟ ଅନ୍ଦାଜ ଛ ଘଡ଼ି ସମୟରେ ମନ୍ଦନ୍ତ ମହାରାଜ ମନ୍ଦର ପାଖ ଗମ୍ଭୀରରୁ ବାହାରିଲେ । ଆଜ ପ୍ରଭୁଙ୍କ ମନରେ ଘର ଆନନ୍ଦ । ଅନେକ ଟଙ୍କା ରୋଜଗାର ମାମଲ୍ । ଚୋଳାଏ ଆପୁ ଉପରେ ସଞ୍ଜବେଳେ ଆଡୁର ତୋଳାଏ ପକାଇ-ଛନ୍ତି । ଗଞ୍ଜେଇ ବ ବେଶି କର ଭଡ଼ିଛନ୍ତି । ଗୁଲବା ବେଳେ ଗୋଡ଼ ଟଳ ଯାଉଛି, ଘର ଜଣ ଚେଲ ଧରାଧର କର ନେଉଛନ୍ତି । ମନ୍ଦନ୍ତ ବାବାଙ୍କୁ ଦର୍ଶନ କର ସମସ୍ତ ଦେଖଣାହାସ୍ ହରବୋଲ ପକାଇ ଗୋଡ଼-ତଳେ ପଡ଼ଗଲେ । ପୂଜା ଆରମ୍ଭ ହେଲ, ପାଞ୍ଚ ସେର ଘିଅ ଆଣ୍ଡୁଡ, ଖୁବ୍ ମୋଟା ମୋଟା ଢେର ଗୁଡ଼ ଏ କାଠ ଧୂନରେ ଲଦି ଦେଲେ । ଆଣ୍ଡୁଡ ପାଇ ଘର ହାତ ଉଚ ଶିଖା ଟେକ ନଆଁ ଧୂ—ଧୂ ଜଳୁଛି । ଘର ଭିତରେ ମନ୍ଦନ୍ତ ଏକାକୀ । ପ୍ରଭୁଙ୍କର ସେହିପର ମହିମା,ନୋହିଲେ ନଆଁ ତେଜରେ ଆଉ କଏ ସେ ଘରେ ପଶି ପାରିବ ? "ଶାମ ସାଉ ବେକରେ ପଟକା ପକାଇ ହାତ ଯୋଡ଼ ଦୁଆରବନ୍ଧ ବାହାରେ ଛିଡ଼ା ହୋଇ ଧୂନ ମହାପ୍ରଭୁଙ୍କୁ ଅନାଇ ପ୍ରାର୍ଥନା କରୁଛି ।"ମନ୍ଦନ୍ତ ଆଖି ବୁଜ ଖୁବ୍ ପାଟି କର ପ୍ରାର୍ଥନା କଲେ, "ଧୂନ ଜା ! ଶାମା ବେଟାକୁ ବର ଦଅ – ବର ଦଅ—ବର ଦଅ, ତା ମାମଲ୍ ଫତେ ହେଉ ।" ଧୂନ କଛୁ ଜବାବ ଦେଲେ ନାହିଁ । ମନ୍ଦନ୍ତ ଆପଣାର କରାମତ ଲୋକଙ୍କୁ ଦେଖାଇବା ପାଇଁ ଛିଡ଼ା ହୋଇଗଲେ, ହାତରେ ଯେଉଁ ଦଶ ସେରିଆ ଲୁହା ଚମୁଟା ଥିଲ, ଖୁବ୍ ବଳରେ ପାହାରେ ବାଡ଼େଇଲେ । ଭୟ କର ଘର ଗୋଟାଏ ଶବ୍ଦ ହେଲ । ଶାମ ସାଉ ଚମକପଡ଼ ଅନାଇଲ, ଘର ଭିତରେ ଘୁଡ଼ଏ ରହାର ଗୋଟାଏ ଗାଡ । ଗାଡ ଅଧାଅଧି ପୂର ନଆଁ ଜଳୁଛି, ତା ମଧ୍ୟରେ ଦୁଇଜଣ ଲୋକ ଘର ଗୋଟାଏ ଧରାପର୍

ଲଗିଛନ୍ତି । ଶାମ ପ୍ରଥମରେ କଛୁ ବୁଝି ପାରିଲ ନାହିଁ । ମୁହୂର୍ତ୍ତକ ବାଦ ଭକ୍ତବଳରେ ବୁଝିଗଲ, ଧନ ଦେବତା ଦେହ ଧର ବରଜମାନ ହୋଇ ଗଲେଣି, ମହନ୍ତଙ୍କ ସଙ୍ଗରେ କୋଳାକୋଳ କରୁଛନ୍ତି । ତାହାର ସ୍ୱର୍ଗ ଫିଟିଲ,ବର ମିଳିଯିବ । ମୁହୂର୍ତ୍ତକ ମଧ୍ୟରେ ଏତେ କଥା ବୁଝି ନେଲ । ଖୁବ୍ ପାଟି କର ହରବୋଲ ପକାଇ କହିଲ, ଧନ ଦେବତା ରୂପ ଧର ବଜେ ହେଲେଣି । ଯେତେ ଲୋକ ଥିଲେ, ଆନନ୍ଦରେ ହରବୋଲ ପକାଉ-ଛନ୍ତି । ମନ୍ଦିରରୁ ଘଣ୍ଟା କାହାଳ ଝାଞ୍ଜି ବାଜୁଛି, ସମୁଦ୍ର ଗର୍ଜନ ପର ଶବ୍ଦ ଉଠୁଛି । ଅଗ୍ନି ଦେବତାଙ୍କୁ ଦର୍ଶନ କରିବାକୁ ଲୋକେ ଧାଇଁଲେ । ଗୋଟିଏ ବୋଲ ଦୁଆର, ଘର ଭିତରଟା ଧୂଆଁରେ ପୂରିଛି । ଦୁଆର ପାଖରେ ଧରାପଡ଼ା ହୋଇ କେତେ ଲୋକ ମଡ଼ା ଦଳାରେ ଆଣ୍ଠୁ ଛିଡ଼ି ପାଉଲ ହୋଇଗଲେଣି ।

ପଦରେ ବଡ଼ ଗଲଣି, ଲୋକେ ନାଚ କୁଦ ହରି-ବୋଲ ଦେଇ ହାଲଆ ହୋଇ ପଡ଼ଲେଣି । ଏ କଣ ? ମଡ଼ା ପୋଡ଼ାର ଉତ୍କଟ ଗନ୍ଧ, ଲୋକେ ନାକରେ ଲୁଗା ଯାକୁଛନ୍ତି । କେତେ ଜଣ ଜଣାଶୁଣା ଲୋକ ଦୁଆର ପାଖକୁ ଯାଇ ଭଲକର ଅନାଇଲେ—"ଆରେ ମହନ୍ତ ମହାରଜ ପୋଡ଼ ମଲେଣି ରେ ।" ବାଜେ ଲୋକ ବୁଝିଲେ, ଅଗ୍ନି ଦେବତା ବଜେ ହୋଇ ମହନ୍ତ ବାବାଙ୍କୁ ଖାଇ ଗଲେଣି—କାଲେ ଧାଇଁ ଆସି ଆଉ ସମସ୍ତଙ୍କୁ ଖାଇପିବେ । ପଳା—ପଳା—ପଳା ! ପଡ଼ ଉଠି ଗୋଟାକ ଉପରେ ଗୋଟାଏ ପଡ଼ ଧାଇଁଛନ୍ତି । ଶେଷକୁ ମନ୍ଦିରର ପୂଜାହାରୀ ଝଡ଼ଲଆ ଚାକରମାନେ ବି ଛିଡ଼ି ପଳାଇଲେଣି । ଦଣ୍ଡକ ମଧ୍ୟରେ ଏଡ଼େ ମନ୍ଦିରଟା ନଶୂନ । ଖାଲି ଧନ ଘରୁ ପଡ଼୍ ପଡ଼୍ ଶବ୍ଦ ଶୁଭୁଛି, ଦୁର୍ଗନ୍ଧ ବାହାରୁଛି ।

ଦେଗାଁ ପାଖକୁ ଗୋପାଳପୁର ସରକାରୀ ଥାନା ପୂରା ଅଢ଼େଇ କୋଶ ବାଟ । ସକାଳୁ ସକାଳୁ ସେଠାରେ ଖବର ପହଞ୍ଚିଗଲ । ଦାରୋଗା ସାହେବ ପାଞ୍ଚ ଛ ଜଣ ବରକନ୍ଦାଜ, ଆଠ ଦଶ ଜଣ ଚୌକିଦାର ଧର ଧାଇଁଲେ । (ଡେର ବନ ଭଲ କଥା, ତେତେବେଳେ କନେଷ୍ଟବଳ ନ ଥିଲେ ।) ଦାରୋଗା ପହଞ୍ଚି ଦେଖିଲେ, ମନ୍ଦିର ତ ମନ୍ଦିର, ଗାଁ ଗୋଟାକରେ ଜଣେ ମଣିଷ ବି ନାହିଁ, ସମସ୍ତଙ୍କ ଘରେ ତାଲି କବାଟ ବନ୍ଦ । ଚଉକିଆ-ମାନେ ବହୁତ ଡାକାଡକା କରିବାରେ ଭିତରୁ ମାଇକନିଆମାନେ ଜବାବ ଦେଲେ, "ପୁରୁଷ କେହି ଘରେ ନାହିଁ । କେହି ଯାଇଛୁ ଗୋରୁ ଖୋଜ, କେହି ଯାଇଛୁ କୁଣିଆ ଘର, କେହି ଜାତଆଣ ଭେଙ୍ଗା ଖାଇ, ଡେର ଲୋକ ଯାଇଛନ୍ତି କଝକ ମାମଲାରେ ।' ବହୁତ ଖୋଜ ତଲାସରେ ମନ୍ଦିର ପୂଜାହାରୀ ଆଉ କେତେଜଣ ଲୁକର ବାହାରିଲେ । ଦାରୋଗା ସରଜମିନ ତଦାରଖ କରି ବୁଝିଲେ ଯେ, ସର ଘର ଭିତରୁ ଧନ ମଝିଯାଏ ମନୁଷ୍ୟ ଗୋଟାଏ ଗଳ ଯିବା ଭଳ ବଳ ଖୋଲା ଯାଇଛୁ । ଧନ ତଳେ ଅଢେଇ ଅଢ଼େଇ ହାତ ଲମ୍ବା ଚଉଡ଼ା, ଅଢ଼େଇ ହାତ ଗଭୀର ଗୋଟାଏ ଗହ୍ୱଡ଼ା ଖୋଳା ହୋଇଛୁ, ତା ଉପରେ ଗୁଖଣ୍ଡେ ମୋଟା ମାଟି ମାଟି ଅଛୁ । ସେହି ମାଟି ଉପରେ ଧନ ଜଳେ । ସେ ଘର ଭିତରୁ ବଳ ବାଟରେ ମଣିଷ ଗଳ ଆସି ଧନ ତଳେ ବସିଥାଏ, ମହନ୍ତ କଛୁ ପଚାରିଲେ ଲୋକଟା ଭିତରୁ ଜବାବ ଦଏ । ଘଟଣା ଘଟିବାରେ ଗୋଟାଏ ଗଞ୍ଜୁଡ଼ ଚେଲ୍ଲ ଧନ ତଳେ ବସିଥିଲ, ତା ନାମ ଦୁଣ୍ଡା ଦାସ । ସେହିଦନ ମହନ୍ତଙ୍କର ଘର ନଣାରେ ଜ୍ଞାନ ଲୋପ ହୋଇଥିଲ । ଲସ ଘର ମଣିଷ,ଘର୍ଘ ଚମ୍ପଟାଟାରେ ଖୁବ ବଳରେ ପାହାରେ ମାରିବାରୁ ଉତର ମାଟି ଆଉ ନଆଁ ସବୁ ଗାଡରେ ପଡ଼ଗଲ । ଦୁଇଟା ଲୋକ ଧରା-

Chhaya@Hanta

ପଗ ଦୋଇ ପୋଡ଼ମଲେ । ବାହାରେ ବଡ଼ ଗୋଲମାଳ ହେଉଥିବାରୁ ସେମାନଙ୍କ ଆକୁଳ ଚିତ୍କାର କେହି ଶୁଣିପାଇଲେ ନାହିଁ ।

ଦାରୋଗା ସାହେବ ଷ୍ଟେସନ୍ ଲେଖି ମାଇନା ସକାଶେ ଅଧପୋଡ଼ା ଲାସ ଯୋଡ଼ାକ ସଦରକୁ ପଠାଇ ଦେଇଲେ । *

———

Chhaya©kanta

* ଘଟନାଟି ଆଂଶିକ ସତ୍ୟ—ଘଟନା ସ୍ଥାନ ଦଶପଲ୍ଲା । ସେ ସମୟରେ ପୋଡ଼ି ମରି ନ ଥିଲେ, ଗୁଡ଼ାଏ ଟଙ୍କା ଉପାର୍ଜ୍ଜନ କରି ଧରି ପଡ଼ିଥିଲେ ।

ଗଳ୍ପସ୍ୱଳ୍ପ

ଦ୍ୱିତୀୟ ଭାଗ

ଅଜା ନାତ କଥା

(ସତ୍ୟ ଘଟଣାମୂଳକ)

ଅଜା ଗ୍ରାମ ଦିବେଘାଏ—ଆରେ ଗଣି ! ଆମ ଜମିର ରେଡ଼ସେସ୍ ଟଙ୍କା ଦାଖଲ କରିବା ଲଗି କଚେରିକୁ ଯାଇଥିଲ । କାଲି ସଞ୍ଜବେଳେ ଘରକୁ ଫେରି ଆସିଛୁ । ଆମ ମୁକ୍ତାର ଗ୍ରାମ ମିଶ୍ରେ ଆଉ ଦି ଗୋଟି ଜଣ ଓକଲଙ୍କୁ ପଚାରିଲ, କାହିଁ, କେହି ତ ସେ ମକଦ୍ଦମା କଥା ଶୁଣିଥିବାର କହିଲେ ନାହିଁ ? ପୁଣି ସହର ଭିତରେ ବି କେତେ ଲୋକଙ୍କ ପାଖରେ ଦେଖା ହେଲ । ସାମ୍ନାକୁ ପଚାରିଲ, ସମସ୍ତେ କହିଲେ, ପୁସ୍ତରେ ଏ କଥା ଶୁଣା ନାହିଁ । ଏ କମିତିକା କଥା ରେ ?

ନାତ ଗଣପତି—କେଉଁ ମକଦ୍ଦମା କଥା ଅଜା ?

ଅଜା—ଆରେ ତୁ ସେଦିନ ପରା ଗେଜେଟ୍‌ରେ ପଢ଼ି ଶୁଣାଉଥିଲୁ, ଗୋଟିଏ ମାଇକିନଆ ଗୋଟିଏ ପୁରୁଷ ଦୁଇଜଣ ଗୋରା ଗୋରୀ ମଡ଼ମା ମଡ଼ମା ବାବାଜ ସାଜ ଖଣ୍ଡଗିରିର ଗୋଟାଏ ଗୁମ୍ଫା ଭିତରେ ବସି ମିଛରେ ତପସ୍ୟା କରୁଥିଲେ । ପୁଲିସ ସେମାନଙ୍କୁ ଚାଲାଣ ଦେଲ । ମେଜେଷ୍ଟର ସାହେବ ଦି ଦି ବରଷ ମିଆଦ ଦେଲେ ।

ଗଣପତି—ହୋଃ ହୋଃ ହୋଃ ! ଏଇ କଥା । ନାହିଁ ନାହିଁ ଅଜା, ସେଇଟା ଗେଜେଟ୍ ନୁହେଁ, ସେଇଟା "ସାହିତ୍ୟ" ମାସିକପତ୍ରିକା । ସେଥିରେ ମଡ଼ମା ମଡ଼ମା ବୋଲି ଗୋଟିଏ ଗଳ୍ପ ଲେଖାଥିଲା, ସେଇଟା ପଢ଼ି ଶୁଣାଉଥିଲ ।

Chhaya@Kanha

ଅଜା—ଆରେ ଗେଜେଟ୍‌ରେ କଣ ମିଛ କଥା ଲେଖା ହୁଏ ? ସେଗୁଡ଼ାକ ତୁ କିଁୟା ପଢ଼ୁ ? ମଲ୍ଲ ଯା ! ମୁଁ ଜାଣିଥିଲି ସରକାରରୁ ଯେତେ ଛାପା ଗେଜେଟ୍ ଆସେ, ସେଥିରେ ସବୁ ସତ କଥା ଲେଖା ଥାଏ । ତେବେ ଏଇଭଳି ମିଛକଥା ଗୁଡ଼ାଏ ଥାଏ ? ସେ ଗୁଡ଼ାକ ତୁ କିଁୟା ପଢ଼ୁ ରେ ? ତୁମ ଇସ୍କୁଲରେ କଣ ଏଇ ମିଛ କଥାଗୁଡ଼ାକ ପଢ଼ା ହୁଏ ? ହବ ନାହିଁ ? ମ୍ଲେଚ୍ଛ ପାଠ ତ !

ଗଣପତି—ନାହିଁ ଅଜା, ସେ ଗୁଡ଼ାକ ମିଛ ନୁହେଁ; ମନୁଷ୍ୟ କେତେ ରକମ କାର୍ଯ୍ୟ କରିପାରେ, କଥା ଛଳରେ ସେହି ଚରିତ୍ର ବର୍ଣ୍ଣନା କରିଯାଇଛୁ ।

ଅଜା—କିଁୟା ? ମିଛ କଥା ଗୁଡ଼ାଏ ଲେଖି ବର୍ଣ୍ଣନା କରିବା ଦରକାର କଣ ? ପଢ଼ିଲୁ, ଆମର ଏତେ ପୁରାଣ ଅଛୁ, ପଢ଼ିଲୁ, ପଦେ ମିଛ ପାଇବୁ କ ?

ଗଣପଡ—ଆଚ୍ଛା, ସେ କଥା ପଚ୍ଛେ ହେବ । ଆଉ କଥା ହେଉ ଅଜା, ଏହି କାନ୍ଥବାଡ଼ରେ କ ଚଶ ? କଣ ଲେଖା ଛୋଇଛୁ ?

ଅଜା- ଆଃର ଏତକ ବୁଦ୍ଧି ପାରୁ ନାହୁଁ ? ତୋ ଆଣ୍ଠୁ ଗେରୁ, ଦରତାଳ, କଳାରଙ୍ଗ, ନଡ଼ଆ ସଡ଼େଇରେ ଗୋଳେଇ କନାଡ଼ୁଳରେ ଏ ସବୁ ଚଶ କଣ୍ଛୁ । ସେ ଖୁବ୍ ଚଶ କର ଜାଣେ । ଏଇ ଦେଖ, ଏଇଟା ହେଲ କଦମ୍ବଗଛ, ଫୁଲ ଫୁଟିଛୁ, ତା ମୂଳରେ ଶ୍ରୀକୃଷ୍ଣ ରାଧିକା ଯୁଗଳ ମୂର୍ତ୍ତି ଛୁଡ଼ା ହୋଇଛନ୍ତ୍ର । ଶ୍ରୀକୃଷ୍ଣ ବଇଁଶୀ ବଜାଉଛନ୍ତ୍ର ।

ଗଣପଡ - କାହିଁ ଅଜା, ବଇଁଶୀ ତ ଶୁଭୁ ନାହିଁ ?

ଅଜା—ହୋଃ ହୋଃ ହୋଃ ! ତୁ କମଡକା ଓଲ୍ଲ ଟୋକାଟା ରେ ! ହବ ନାହିଁ କ୍ୟା ? ମ୍ଲେଚ୍ଛ ପାଠ ପଢ଼ି ତୁମମାନଙ୍କ ବୁଦ୍ଧି ବଗିଡ଼ ଯାଇଛୁ ! ଆରେ ଏ କଣ ସତକୁ ସତ ଶ୍ରୀକୃଷ୍ଣ ବଇଁଶୀ ବଜାଉଛନ୍ତ୍ର ? ଇଏତ୍ତେଲ ଛବ ।

ଗଣପଡ—ତେବେ ଏ ସତ କୃଷ୍ଣ ନୁହେ, ମିଛ କୃଷ୍ଣ କହ ।

ଅଜା—(ଟିକେ ଖପା ହୋଇ ତେଜରେ) ରାମ ! ରାମ ! ରାମ ! ମିଛ କୃଷ୍ଣ କଣ ରେ ? ଏ ହେଲ କୃଷ୍ଣଙ୍କ ଚଶ ।

ଗଣପଡ—ତେବେ ଅଜା ଶୁଣନ୍ତୁ । କଥା କଣ କ, ଚଶ ବଦ୍ୟା ଗୋଟିଏ ଲଲତ କଳା । ସେ ଦୁଇ ରକମ—ଗୋଟିଏ ଚଶ ବାହାରର ଜଡ଼ ଦେହର, ଆଉ ଗୋଟିଏ ମାନସିକ ନିଯ୍ୟାର । ଆଚ୍ଛା, ଆପଣଙ୍କ ବୁଝିବାପାଇଁ ମୁଁ ଗୋଟାଏ କଥାରେ କହେଁ—ଗୋଟିଏ ଆଧିଭୌତିକ ଚଶ, ଆଉ ଗୋଟିଏ ଆଧ୍ୟାତ୍ମିକ ଚଶ । ଚଶକର ଯେ, ସେ ଭୂଲ ଗୋଟାଏ ଧର ମନୁଷ୍ୟ ଶରୀର ଚଶ କରେ; କବ କଣ କରେ କ, ମନୁଷ୍ୟ ମନର ଗଢ଼, କାର୍ଯ୍ୟପ୍ରଣାଳୀ, ନିଯ୍ୟା ଇତ୍ୟାଦ କଲ୍ପନାରେ ଲେଖେ । ଏଇଟାକୁ ମାନସିକ ଚଶ ବୋଲ୍ଲପାଇ ପାରେ । ଲୋକଶିକ୍ଷାପାଇଁ କମ୍ବା ଲୋକନେତ୍ର ରଞ୍ଜନ-ପାଇଁ କବ ଆଉ ଚଶକରମାନେ ଏହାପର ଚଶ କରଥାନ୍ତ୍ର ।

ଅଜା—ଆଚ୍ଛା, ଆମ ପୂର୍ବ ପୂର୍ବ ମହର୍ଷିମାନେ ଲୋକଶିକ୍ଷାପାଇଁ ଏତେ ପୁରାଣ ଗ୍ରନ୍ଥ ରଚନା କଲେ, ଗୋଟିଏ ହେଲେ ତ ମିଛ କଥା ଲେଖି ନାହାନ୍ତ୍ର । ଜ୍ଞାନ ପାଇଁ ସେ ସବୁକୁ ପଢ଼ । ଏପର ମିଛ କଥାଗୁଡ଼ାକ କ୍ୟାଁ ପଢ଼ିବ ?

ଗଣପଡ—ଆଚ୍ଛା ଅଜା, ମୁଁ ଯାହା କହୁଛୁ, ଧୀର ହୋଇ ଶୁଣନ୍ତୁ । ଖପା ହୋଇ ଯିବେ ନାହିଁଟି ? ଆପଣ ତ ମହାଭାରତ ବନପର୍ବରେ ପଢ଼ିଥିବେ, ଅଜଗର ସାପଟାଏ ଭୀମସେନକୁ ଗିଳବ ବୋଲ ଟୁବ୍ ଆଣ୍ଠ କର ଧଇଲ । ଭୀମ ଭାର ବଳୁଆ କ ନା ! ପଳେଇ ଯିବାପାଇଁ ଖୁବ୍ ଗୁଡ଼ାଏ ଝଣାଓଝର୍ କଲେ; ସାପ ତ ନ ଛାଡ଼େ । ତା ବାଦ ଭୀମ ଢେର ରକମ କଥା କହି ନେଉର୍ ହେଲେ । ଅଜଗରକୁ ଦାତାରୁମ । ଏତେଦନ ଭୋକଲ ପଡ଼ିଥିଲ, ଆଜ ମୋଟା ମଣିଷଟାଏ ପାଇଛୁ, ସେ କ ଛାଡ଼େ ? ଏତ୍ତକବେଳେ ଯୁଧିଷ୍ଠିର ପହଞ୍ଚିଗଲେ । ଅଜଗର ଯୁଧିଷ୍ଠିର ଭତରେ ଢେର କଥା-ଭାଷା ଚଳଲ । ଆଚ୍ଛା ଅଜା, ଅଜଗର ସାପ କଣ କଥା କହୁଥିଲ ?

ଅଜା—ହୋଃ ହୋଃ ହୋଃ ! ଆରେ ତୁମେ ପିଲ୍ଲ-ଗୁଡ଼ାକ ତ ଧର୍ମଗ୍ରନ୍ଥ ପୁରାଣ ଆଦ ପଢ଼ିଲ ନାହିଁ, ଛୁଚ୍ଛା ମିଛ ଗେଜେଟ୍ଗୁଡ଼ାକ ପଢ଼ିବ, ମୂଳଜ୍ଞାନ କଥା କାହୁଁ ଜାଣିବ ? ଆରେ ଜାଣୁ, ଏ ହେଲ ଦ୍ୱାପର-ଯୁଗର ପୁରାଣର କଥା । ଇଏ କଣ ଆଜକାଲକାର କଥା ? ତୁ ତ ଜ୍ଞାନଶାସ୍ତ୍ର ପଢ଼ି ନାହୁଁ, ଜାଣିବୁ

କେଉଁଠୁ ? ତୁ ସାନ୍ତାକୁ ଅଜଗର ସାପ କହୁଛୁ, ସେ ସାପ ନୁହେ—ସୂର୍ଯ୍ୟବଂଶର ରଜା ନଭୁଷ । ବ୍ରାହ୍ମଣ-ମାନଙ୍କୁ ଆପଝ କରି ତାଙ୍କ କାନ୍ଧ ଉପରେ ଚଢ଼ିଥିଲା । ବ୍ରାହ୍ମଣମାନେ ବି ସିମିତି ଖପା ହୋଇ ଅଭିଶାପ ଦେଲେ । ରଜା ସାଙ୍ଗେ ସାଙ୍ଗେ ଅଜଗର ସାପ ପାଲଟି ଗଲା । ଦେଖିଲୁ ଆଗେ କମିତି ବ୍ରାହ୍ମଣମାନଙ୍କର ତେଜ ଥିଲା ?

ଗଣପତି—ଆଜି ବି କଣ ତେଜ ନାହିଁ ? ଯଜ-ମାନଙ୍କୁ, ପାର୍ଟୀକୁ ଗୁନଆ କରି ପକାଉଛନ୍ତି ।

ଅଜା—(ଟିକେ ଗୁଡ଼ିଯାଇ କହିଲେ) କଣ ? ବ୍ରାହ୍ମଣ ନନ୍ଦା କରୁଛୁ ?

ଗଣପତି—ନାହିଁ ନାହିଁ ଅଜା, ମୁଁ ଥଟ୍ଟା କରି କହିଲି । ଆଚ୍ଛା, ମହାଭାରତର ଆଉ ଗୋଟିଏ କଥା ଶୁଣନ୍ତୁ । ଗୋଟିଏ ଶୁଆ ଚଢ଼େଇ ବଣ ଭିତରେ ବସା ବାନ୍ଧିଥିଲା । ସଞ୍ଜବେଳେ ଜଣେ ଅତିଥି ତା ଦୁଆରେ ପହଞ୍ଚିଲେ । ଶୁଆଟି ବଡ଼ ଅତିଥି ସେବା କରେ । ସେ କଣ କଲା ନା, ଧାଇଁ ଯାଇ ଚଞ୍ଚଳ ଅତିଥିଙ୍କୁ ଗୋଡ଼ ଧୋଇବାକୁ ପାଣି ଦେଲା, ଆସନ ଖଣ୍ଡିଏ ପକାଇଦେଲା, ଆଉ ଭୋଜନପାଇଁ କନ୍ଦୁ ମୂଳ ଆଣି ଦେଲା । ଅତିଥି ଖାଇ ସାରିଲେ । ମଲା ଯା ! ଉପଣ ଯେ ନାହିଁ ! ଅତିଥି କଣ କଲେ କି, ଚୁନ ଯାଇ ଶୁଆ ବେକ ମୋଡ଼ ଦେଲେ । ତା ମାଉଁସ ଭରକାରି କରି ସୁନ୍ଦର ଭୋଜନ କଲେ । ଆଚ୍ଛା ଅଜା, ଶୁଆ ସେ ମୂଳ ଆଣି ଦେଲା, ତା ଘରେ ସେ ମୂଳ କିଏ କୁଟି ଦେଲା ? ଶୁଆଣୀ କୁଟିଦେଲା ପତ୍ନୀ ?

ଅଜା ତ ଟିକେ ଦ୍ୱାଇମ୍ବଣରେ ପଡ଼ିଗଲେ—। ଅଣ୍ଟାରୁ ନାସ୍‌ଦାନା କାଢ଼ି ଲଗ ଲଗ ତିନି ଥର ଟିପା ନାସ ଶୁଙ୍ଘି ଦେଲେଣି । ତହିଁ ଉତ୍ତରେ ଖନେଇ ଖନେଇ କହିଲେ, "ଆଚ୍ଛା ଗଣି, ମୁଁ ଜନ୍ମୁଣି ଭଲ ବୁଝି ପାରୁନାହିଁ । କାଲି ମୁଁ ଉତେ ବେଶ କରି କହିବି, ବେଶ ବୁଝି ପାରିବୁ । ମୁଁ ଟୀକା ପଢ଼ି ନାହିଁ । ବ୍ରମ ମିଶ୍ରେ ବେଶ ସଂସ୍କୃତ ଜାଣନ୍ତି । ସେ ଟୀକା ପଢ଼ିଛନ୍ତି—ସେ ବୁଝାଇ ଦେବେ ।"

ଗଣପତି—ଆଚ୍ଛା ଅଜା, ଆଜି ଦିନେ ଦୁଇଜଣ ସାଙ୍ଗଯୁଙ୍ଗା ହୋଇ ମିଶ୍ରଙ୍କ କତ୍ତକ ବୁଝାବୁଝି କରିବାଲଗି ଯିବା । ଆଉ ଗୋଟିଏ କଥା ମୋତେ ବୁଝାଇ ଦେଉନ୍ତୁ, ଦେଖେଁ । ପିଲା ଶ୍ରୀକୃଷ୍ଣ ଗୋପପୁରେ ଥିଲେ । ତାଙ୍କୁ ମାର ପକାଇବାପାଇଁ କଂସ ପୂତନା ରାକ୍ଷସୀକୁ ପଠାଇ ଦେଲା । ସେ ପୂତନା କଣ କଲା କି, ନାସ୍ତା ବେଶ ଧରି ଆପଣା ସ୍ତନରେ ବିଷ ଭର୍ତ୍ତିକରି ଗୋପପୁରକୁ ଆସିଲା । ଶ୍ରୀକୃଷ୍ଣ ବିଷ ମିଶା କରି ତା ସ୍ତନ ଚୁଁ କରି ଟାଣି ଦେଲେ, ପୂତନା ରଡ଼ିଟାଏ କରି ମରି ପଡ଼ିଗଲା । ସେ କଥା ମହାଭାରତରେ ବି ଲେଖା ଅଛି । ଶ୍ରୀକୃଷ୍ଣ ଜନ୍ମବେଳେ ଗୋଟାଏ ଶକୁନ ଗ୍ରାମରେ ଆସି ବସିଲା । ଶକୁନ ଅର୍ଥ ପୂତନା । ମହାଭାରତରେ ପୂତନା କଥା ଏହିପରି ଲେଖା । ଆଉ ଗୋଟାଏ ପୁରାଣରେ ଲେଖା ଅଛି ପିଲାବେଳେ ଶ୍ରୀକୃଷ୍ଣଙ୍କୁ ପିତୁଡ଼ା ରୋଗ ହୋଇଥିଲା । ପିତୁଡ଼ା ରୋଗ ପୂତନା । ବୋଇଲ ଅଜା, କେଉଁ ପୁରାଣଟା ସତ ? ଆଚ୍ଛା ଅଜା ! ଆମ୍ଭର ଗୋଟାଏ କଥା କହନ୍ତୁ ତ ? ପୂତନା ତ ଉଣେଇଶ ଯୋଜନ ମାଡ଼ ପଡ଼ିଲା, ତେବେ ଗୋପପୁରରେ ଯେତେ ମଣିଷ, ଗୋରୁ, ପଶୁ, ପକ୍ଷୀ ଥିଲେ, ସବୁ ତ ମୂଳା ପଡ଼ ମରିଗଲେ—ଗୋପପୁରର ସବୁ ଗଉଡ଼ ବଂଶ ବି ମରିଗଲା ? କାହିଁ, ସେ କଥା ତ କେଉଁ ପୁରାଣରେ ହେଲେ ଲେଖା ନାହିଁ ।

ଅଜା ତ ବଡ଼ ଦ୍ୱାଇମ୍ବଣରେ ପଡ଼ିଲେଣି । କିଛି ଉତ୍ତର ନ ଦେଇ ପାରି କେବଳ ନାସ ଶୁଙ୍ଘୁଛନ୍ତି । ଶେଷରେ କହିଲେ, "ହଇ ରେ ଗଣି, ମୁଁ ତ ବୃନ୍ଦାବନ ଯାଇଥିଲି । ସତ, ଗୋପପୁରଟା ତ ଏତେ ବଡ଼

ନୁହେଁ । ପୂଚନା ମଡ଼ାଝା ଉଣେଇଶ ଯୋଜନ ମାଡ଼ ଗୋପପୁରରେ କମିଛ ପଡ଼ିଲ ? ପୁଣି ପୁରାଣରେ ଲେଖା ଅଛୁ, ସେ ଗୋପପୁରରେ ପଡ଼ିଲ । କଥା କଣ ?''

ଗଣପତ୍ତ – ଜାଣ ତ ଅଜା, ପୁରାଣ ବୋଲ, କ ଉପନ୍ୟାସ ବୋଲ, କ ଗଲ୍ପ ବୋଲ, ଲୋକଶିକ୍ଷା ଲାଗି କବମାନେ ଏହ୍ନପର ଲେଖି ଯାଇଛନ୍ତ୍ର ! ପୁରାଣ ଅର୍ଥ କଣ ନା, ପୁରୁଣା କଥା । ଆଜକାଲ ଯେ ଉପନ୍ୟାସ ସବୁ ବାହାରୁଛୁ, ତାକୁ ହଜାର ବରଷ ପରେ ଲୋକମାନେ ପଢ଼ିଲେ, କେହ୍ନ କେହ୍ନ ସତ ବୋଲ ମଣିବା ଆଶ୍ଚର୍ଯ୍ୟ ନୁହେ ।

ଅଜା – ନାହିଁ ରେ ଗଣି ! ମୋ ମନ ମାନୁନାହିଁ । ଆଚ୍ଛା ମୁଁ ପଣ୍ଡିତ ରାମମିଶ୍ରଙ୍କୁ ଏ କଥା ପଚାରି ତତେ କହିବ ।

———

ବାଲେଶ୍ୱରୀ ରହାଜାନୀ

(ସତ୍ୟ ଘଟନା)

ରେଳ ତ କାଲିକା କଥା, କଲିକତାଠାରୁ ପୁରୀ ପର୍ଯ୍ୟନ୍ତ ଯେଉଁ ଉପଯୁକ୍ତ ବଡ଼ୁଳ ଶଙ୍ଖବଣିଷ୍ଟ ସମତଳ, ପରିଷ୍କୃତ ସଡ଼କଦାଣ୍ଡ ବସ୍ତୁତ ଅଛୁ, ପୂର୍ବକାଳରେ ସେଥିରେ ଚଲ୍ଲ ସୁଦ୍ଧା ବଦ୍ୟମାନ ନ ଥିଲ୍ଲ । ସେ ସମୟରେ ବଙ୍ଗଦେଶୀୟ ବା ଉତ୍ତରପଶ୍ଚିମାଞ୍ଚଳସ୍ଥ ଜଗନ୍ନାଥଦର୍ଶନାର୍ଥୀ ଯାତ୍ରୀମାନେ ଭୁଜଙ୍ଗଗତ୍ତବତ୍ ବୁଟିଳ ଶ୍ୱାପଦସଙ୍କୁଳ, ଅରଣ୍ୟମୟ, ବନ୍ଧୁର, କଦାଚତ୍ ପ୍ରାନ୍ତରମଧ୍ୟଗତ ଅପ୍ରସ୍ତୁତ ସଂକୀର୍ଣ୍ଣ ମାର୍ଗରେ ଗତାୟାତ କରୁଥିଲେ । ବର୍ଷାକାଳରେ ଅସଂଖ୍ୟ ନଦୀ ନାଳ ଜଳ-କଦ୍ଦଳତା ପ୍ରଯୁକ୍ତ ଉକ୍ତ ମାର୍ଗମାନ ଜନଶୂନ୍ୟ ଅବସ୍ଥାରେ ପଡ଼ିଥାଏ । ଚୈତନ୍ୟ ଦେବଙ୍କ ସମୟରେ ନବଦ୍ୱୀପବାସୀ ଯାତ୍ରୀମାନଙ୍କୁ ପୁରୀରେ ଉପସ୍ଥିତ ହେବା ପକାଶେ ଉନମାସ କାଳ ଲାଗୁଥିଲ୍ଲ । ବର୍ତ୍ତମାନ ଅଷ୍ଟ ପ୍ରହରରୁ ଅଧିକ ନୁହେ ।

ଇଷ୍ଟ୍-ଇଣ୍ଡିୟା-କୋମ୍ପାନ କଲିକତାବାସୀ ରାଜା ସୁଖମୟଙ୍କଠାରୁ କେତେ ଲକ୍ଷ ଟଙ୍କା ଋଣ ଗ୍ରହଣ କରିଥିଲେ । କୋମ୍ପାନ ଋଣ ପରିଶୋଧ କରିବାରୁ ରାଜା ମହୋଦୟ ଛାଡ଼ା ଗ୍ରହଣ ନ କରି କଲିକତା-ଠାରୁ ଶ୍ରୀକ୍ଷେତ୍ର ଧାମ ପର୍ଯ୍ୟନ୍ତ ଗୋଟିଏ ମାର୍ଗ ପ୍ରସ୍ତୁତ କରିବା ପକାଶେ କୋମ୍ପାନ ହସ୍ତରେ ଛାଡ଼ା ପ୍ରତ୍ୟର୍ପଣ କଲେ । ସେହ୍ନ ଟଙ୍କା ବଳରେ ବର୍ତ୍ତମାନ ସଡ଼କ ନର୍ମାଣର ସୂତ୍ରପାତ ହୋଇଥିଲ୍ଲ । ସଡ଼କ ଉପରେ ଅନେକ ପ୍ରସ୍ତରମୟ ସେତୁ ନର୍ମିତ ହୋଇଥିଲ୍ଲ । କାଳକ୍ରମେ ସରକାର ବାହାଦୁର ସେହ୍ନ ସମସ୍ତ ସେତୁ ଭଗ୍ନ କରି ତାହା ପରିବର୍ତ୍ତରେ ଦୃଢ଼ଦାକାର ଇଷ୍ଟକମୟ ସେତୁ ନର୍ମାଣ କରି ଦେଇଅଛନ୍ତ୍ର । ବର୍ତ୍ତମାନ ମଧ୍ୟ ଅନେକ ସ୍ଥାନରେ ପୁରାତନ କ୍ଷୁଦ୍ର କ୍ଷୁଦ୍ର ସେତୁ ବଦ୍ୟମାନ ଅଛୁ । ସୋର ସମୀପବର୍ତ୍ତୀ କାଂଶବାଂଶ କ୍ଷୁଦ୍ର ନଦୀ ଉପରେ ନର୍ମିତ ଦୃଢ଼ଦାକାର ସେତୁର ପ୍ରସ୍ତରାଂଶ 'ସୁଖମୟୀ' ଅଟେ । କଲିକତାଠାରୁ ପୁରୀ ପର୍ଯ୍ୟନ୍ତ ନବନର୍ମିତ ମାର୍ଗ ପାର୍ଶ୍ୱରେ ପ୍ରତ୍ୟେକ ଦଶକ୍ରୋଶ ଅନ୍ତର ଇଷ୍ଟକମୟ ଶିଲ୍ପଣଯୁକ୍ତ, ପ୍ରାୟ ଘୁର ଶତ ଲୋକଙ୍କ ବାସୋପଯୋଗୀ ଦୁଇ ସାହାଲ୍ଲ ପାନ୍ଥନିବାସ (ଧର୍ମଶାଳା) ନର୍ମିତ ହୋଇଥିଲ୍ଲ । ଉକ୍ତ ଧର୍ମଶାଳା ନିକଟରେ ଦୁଇଗୋଟି ଲେଖାଏଁ ସୁଗଭୀର କୂପ ମଧ୍ୟ ଖୋଳା ହୋଇଥିଲ୍ଲ । କାଳକ୍ରମରେ ସେହ୍ନ ସମସ୍ତ ପାନ୍ଥନିବାସ ଜୀର୍ଣ୍ଣ ଓ ଅନାବଶ୍ୟକ ବୋଧ ହେବାରୁ ସରକାର ବାହାଦୁର ସେ ସମସ୍ତ ଭଗ୍ନ କରି ଇଷ୍ଟକଗୁଣି ସଡ଼କରେ ପକାଇଅଛନ୍ତ୍ର । ଉଦ୍ରକ, ବସ୍ତ୍ରା ବ୍ରାହ୍ମଣୀକୂଳ ଓ କଟକରେ ସେହ୍ନ ସମସ୍ତ ଧର୍ମଶାଳା ଅଦ୍ୟାବଧି ବଦ୍ୟମାନ ଅଛୁ ।

Chhaya@Canta

ରାସ୍ତା ପ୍ରସ୍ତୁତ, କେତେକ ପରମାଣରେ ପାନ୍ଥ-ନିବାସର ଅଭାବ ମଧ୍ୟ ଦୂରୀଭୂତ ହେଲା; ମାତ୍ର ଯାତ୍ରୀ-ମାନଙ୍କର ଖାଦ୍ୟାଦି ସଂଗ୍ରହ କରିବାର ଉପାୟ ନାହିଁ । ଜନ୍ ବଚର ନାମକ ଜଣେ ସାହେବ ସରକାର ବାହାଦୁରଙ୍କ ଠାରୁ କେତେକ ଭୂମି ନିଷ୍କର ରୂପେ ଗ୍ରହଣ କରି ବାଲେଶ୍ୱରରେ ବଚରଗଞ୍ଜ, ବସ୍ତାରେ ମୂଲଦା, ବାଁଲଗା, ମାର୍କଣା, ଝାଙ୍କି, କଟକ ପ୍ରଭୃତି ସ୍ଥାନରେ ସରେଇ ଘର ନିର୍ମାଣ ଓ ଦୋକାନ ବସାଇ ଦେଲେ । ସୁଖମୟ ଧର୍ମଶାଳାରେ ସଦ୍ଜାତିର ଲୋକ ବାସ କରୁଥିବାରୁ ହିନ୍ଦୁଧର୍ମାବଲମ୍ବୀ ତୀର୍ଥଯାତ୍ରୀମାନେ ସେ ସ୍ଥାନରେ ପାକାନ୍ନ କରିବାକୁ ଅସମ୍ମତ ହୋଇ ବଚର ସାହେବଙ୍କ ସରେଇ ଘରେ ବାସ କରିବାକୁ ଲାଗିଲେ । ସ୍ଥାନୀୟ ଲୋକମାନେ ମଧ୍ୟ ଆବଶ୍ୟକ ସ୍ଥାନମାନଙ୍କରେ ଚଟି ଘର ନିର୍ମାଣ ଓ ଦୋକାନ ବସାଇ ସମସ୍ତ ଅଭାବ ଦୂର କଲେ । ରେଲମାର୍ଗ ଫିଟିବାରୁ ସେ ସମସ୍ତ ଚଟି ଘର ଉଠିଗଲାଣି । ଜନ୍ ବଚର ସାହେବ ସରକାର ବାହାଦୁରଙ୍କଠାରୁ ଯେଉଁ ନିଷ୍କର ଭୂମି ଗ୍ରହଣ କରିଥିଲେ, ତାହା ବଲ୍ଲଭବାସୀ ଉତ୍ତରାଧିକାରୀଠାରୁ ସେଥିର ସ୍ୱତ୍ତ୍ୱାଧିକାର କ୍ରୟ କରି ଭଦ୍ରକନିବାସୀ ବାବୁ ବ୍ରଜ ଗୁପ୍ତ ଭୋଗ ଦଖଲ କରୁଅଛନ୍ତି ।

ପାନ୍ଥମାନଙ୍କର ସମସ୍ତ ଅଭାବ ଦୂର ହେଲା । ଶ୍ୱାପଦ ଜନ୍ତୁମାନଙ୍କ ହସ୍ତରୁ ଅନେକ ପରିମାଣରେ ରକ୍ଷା ପାଇଲେ । ମାତ୍ର ନର-ରାକ୍ଷସ ଡକାୟତମାନଙ୍କ ଅତ୍ୟାଚାର ସେମାନଙ୍କୁ ଦୀର୍ଘକାଳ ପର୍ଯ୍ୟନ୍ତ ଭୋଗ କରିବାକୁ ହୋଇଥିଲା । ମେଦନୀପୁର ଠାରୁ ଭଦ୍ରକ ପର୍ଯ୍ୟନ୍ତ ରାଜମାର୍ଗ ଡକାୟତମାନଙ୍କର ଲୀଳାକ୍ଷେତ୍ର । ମାର୍ଗର ପଶ୍ଚିମ ଦିଗ ନିବଡ଼ ଜଙ୍ଗଲମୟ ଥିବାରୁ ସେମାନେ ମାନବ ନେତ୍ରାନ୍ତରାଳ ଜଙ୍ଗଲ ମଧ୍ୟରେ ଖଟି ସ୍ଥାପନ କରି ଆପଣାର ନୃଶଂସ ନାରକୀୟ ବ୍ୟବସାୟ ସୁଚାରୁରୂପେ ଚଳାଇବାକୁ କ୍ଷମ ହୋଇଥିଲେ । ସରକାର ବାହାଦୁର ଦୀର୍ଘକାଳ ପର୍ଯ୍ୟନ୍ତ ବିଶେଷ ଚେଷ୍ଟା କରି ମଧ୍ୟ ସେମାନଙ୍କୁ ଶାସନ କରିବାକୁ ସମର୍ଥ ହୋଇ ନ ଥିଲେ । ଡକାୟତମାନଙ୍କର ଗୋଟିଏ ପ୍ରଧାନ ଘାଟି ଥିଲା 'ନାରାୟଣଗଡ଼ ।' ଉକ୍ତ ଗଡ଼ର ବାଉଁଶ ବଣ ମଧ୍ୟରେ ଶତ ଶତ ନରର୍ଦ୍ଦୋଷ ମନ୍ଦାତ୍ମାଣିଙ୍କ ମସ୍ତକ ବଲିଦତ୍ତ ହୋଇଥିବାର ଆମ୍ଭେମାନେ ଶତସହସ୍ର ଥର ଶୁଣିଅଛୁଁ । ଗତଶତବର୍ଷପୂର୍ବେ ଲେଖକ ଗୋ-ଶକଟରେ କଲିକତା ଗମନାଗମନ ସମୟରେ ଶକଟ-ଚାଳକ ଓ ଅନ୍ୟାନ୍ୟ ପଥିକମାନେ ଅଙ୍ଗୁଳି ନିର୍ଦ୍ଦେଶ କରି ଉକ୍ତ ଭୟଙ୍କର ସ୍ଥାନମାନ ନିର୍ଦ୍ଦେଶ କରାଇ ଦେଉଥାନ୍ତି । ଦେଶ ମଧ୍ୟରେ ଗୋଟିଏ ଚଳନ୍ତି କଥା ବହୁକାଳ ପର୍ଯ୍ୟନ୍ତ ଶୁଣା ଯାଉଥିଲା ।

"ଦଲଦ ମଖାମଣ୍ଡି,
ନାରାୟଣଗଡ଼ ପାର ହେଲେ କୁଟୁମ୍ବ ଦେଖାଦେଖି ।"

ପୂର୍ବେ ନିତ୍ୟାନ୍ତପକ୍ଷେ ଯାତ୍ରୀମାନେ ନାରାୟଣଗଡ଼ ସୀମା ମଧ୍ୟରେ ସୂର୍ଯ୍ୟାସ୍ତ ଉତ୍ତରେ (ବର୍ଷା ଋତୁରେ ମଧ୍ୟ) ଦଳବଦ୍ଧ ନ ହୋଇ ଗତାୟାତ କରୁ ନ ଥିଲେ । ଅନ୍ୟଥା ଯାତ୍ରୀମାନଙ୍କର ରକ୍ଷା ନ ଥିଲା । ପୂର୍ବେ ଅବସ୍ଥାନେ ଯାତ୍ରୀମାନେ ଗୋ-ଶକଟରେ ଗତାୟାତ କରୁଥିଲେ । ଧନବନ୍ତ ଲୋକମାନଙ୍କ ସକାଶେ ପାଲ୍କି ଡାକର ବନ୍ଦୋବସ୍ତ ଥିଲା । କଟକ ପଦ୍ମପୁର ପ୍ରଭୃତି ଅଞ୍ଚଳର ସହସ୍ର ସହସ୍ର ଗୋ-ଶକଟ ଯାତ୍ରୀ ଓ ଅନ୍ୟ ବାଣିଜ୍ୟ ଦ୍ରବ୍ୟ ବହନରେ ନିଯୁକ୍ତ ଥିଲେ । ରେଲ ଓ ଷ୍ଟୀମାର ପ୍ରଭାବରୁ ହତଭାଗ୍ୟମାନଙ୍କର ଦାନା ପାଣି ଉଠି ଯାଇଅଛି ।

ଈଶ୍ୱରଙ୍କ ପବନ ରାଜ୍ୟରେ ପାପୀ ଦଳର ପତନ ଅନିବାର୍ଯ୍ୟ । ଡକାୟତମାନେ ଖୁବ୍ ସତର୍କତା ସହିତ ବ୍ୟବସାୟ ଚଳାଇ ଆସୁଥିଲେ ମଧ୍ୟ ଏତେଦିନ ଉତ୍ତରେ ସେମାନଙ୍କ ବିନାଶର କାରଣ ଉପସ୍ଥିତ ହେଲା ।

ବାଲେଶ୍ୱର ଜଜ୍ଙ୍କାର ଆସିଷ୍ଟାଣ୍ଟ ମେଜେଷ୍ଟର (ପରେ ହାଇକୋର୍ଟର ଜଜ) ମିଷ୍ଟର ରେମିଜ ସାହେବ ପାଲ୍କି ଡାକରେ ବାଲେଶ୍ୱରରୁ କଲିକତା ଯାଉଥିଲେ । ବସ୍ତା

ଓ ହଳଦାଚଦା ଚଟି ମଧ୍ୟବର୍ତ୍ତୀ ସ୍ଥାନରେ ଡକାଏତ ପଡ଼ ଛାଡ଼ାଙ୍କ ପାଲଙ୍କି ଲୁଟି ନେଲେ । ଡକାଏତମାନେ ପାରତ ପକ୍ଷେ ଇଂରେଜଙ୍କ ଉପରେ ଡକାଏତ କରନ୍ତି ନାହିଁ । ସେମାନେ ଜାଣନ୍ତି, ଦେଶୀୟ ରାଜା ମହାରାଜାଙ୍କୁ ହତ୍ୟା କଲେ କାଳେ ରକ୍ଷା ପାଇ ପାରବେ; ମାତ୍ର ପବନ ଶ୍ୱେତଚର୍ମ ସ୍ପର୍ଶ କଲେ ରକ୍ଷା ନାହିଁ । ଡକାଏତ-ମାନେ ଭ୍ରମରେ ପଡ଼ ରେମିନ ସାହେବଙ୍କ ପାଲଙ୍କି ଲୁଣ୍ଠନ କରିଥିଲେ । ସେହି ସମୟରେ ବାଲେଶ୍ୱରର ଜଣେ ତେଲଙ୍ଗ ମହାଜନ ଥିଲେ । ନାମ ନାରୁକେଲ ମେଲ ଯୋଗେପ୍ପା । ଏ ଜଣେ ସାମାନ୍ୟ ଅବସ୍ଥାର ଲୋକ । ପ୍ରଥମେ ଲବଣର କଣ୍ଟ୍ରାକ୍ଟ୍ସ କରି ବହୁତ ଅର୍ଥ ଉପାର୍ଜ୍ଜନ କରିଥିଲେ । ଯୋଗେପ୍ପା ବାବୁଙ୍କର ଡାକ ବସିଥିବାର ଡକାୟତମାନେ ସନ୍ଧାନ ପାଇଥିଲେ । ଦୈବଚତ୍ୟା ତାହାଙ୍କ ଯିବା ରହିତ ହେବାରୁ ସେହି ଡାକରେ ରେମିନ ସାହେବ କଲିକତା ଯାଉଥିଲେ । ସାହେବ ଉପରେ ଡକାଏତ ଭୁଚ୍ଛ କଥା ନୁହେଁ । ହାକମ ମଣ୍ଡଳରେ ଚଢ଼ଳ ପଡ଼ିଗଲା । ପୋଲିଶ ଦଳ ଯାଇ ବସ୍ତାଥାନା ଇଲକାରୁ ଓଲଟ ପାଲଟ କରି ପକାଇଲେ । କେତେ ବଣ ଜଙ୍ଗଲ ଖୋଜାଗଲା; ସରକାର ଖରଚରେ କେତେ ଘୋଷଣା ପାଣି ବୁହାଗଲା, କେତେ ନର୍ଦ୍ଦୋଷ ଲୋକ ଦଣ୍ଡ ଦୋଷରୁରେ ପଡ଼ିଲେ, କାହିଁରେ କଛୁ ଦେଲ ନାହିଁ । ଡକାଏତଗୁଡ଼ାକ ଯେମନ୍ତ ଆକାଶରୁ ଆସିଥିଲେ, ମାଲଗୁଡ଼ାକ ପବନରେ ମିଶି ଯାଇଛୁ । ଏହା ଡକାଏତ ଦେଖନ୍ତ ରହିତ ହେବା ମାତ୍ରକେ ଉପର୍ଯ୍ୟୁପରି ଆହୁରି ତିନ ଘଟଣା ଡକାଏତ ହୋଇଗଲା । ବାଲେଶ୍ୱର ନିବାସୀ ଜମିଦାର ବାବୁ ମଦନମୋହନ ଦାସଙ୍କର ବସ୍ତା ଥାନା ଇଲକାରେ ଖଣ୍ଡେ ତାଲୁକ ଅଛି । ନାଟବନ୍ଦ ଖଜଣା ଅସୁଲ ହୋଇ କଚେରି ଘରେ ପ୍ରାପ୍ୟ ବାର ଶତ ଟଙ୍କା ଜମା ଥିଲା, ଡକାଏତ ପଡ଼ ଦେଇଗଲେ । ସେହି ସମୟରେ ଯେଉଁ ସମସ୍ତ ଡକାଏତ ହୋଇଥିଲା, ଗୋଟିଏ ଡକାଏତ ଉଲ୍ଲେଖଯୋଗ୍ୟ । ବସ୍ତା ଥାନାଠାରୁ ପ୍ରାପ୍ୟ ଘର ଦୋଶ ଦୂର ଗୃରଗାଁ ନାମକ ଗ୍ରାମରେ ଜଣେ ସଙ୍ଗତସମ୍ପନ୍ନ ଲୋକର ବାସ; ନାମ ବାଆନ ଭୂପ୍ପାଁ । ଡକାଏତ ଦଳ ଏହା ଘରେ ଭୟଙ୍କର ଅତ୍ୟାଚାର କରିଥିଲେ । ତାହାର ଦୁଇ ସ୍ତ୍ରୀ, ଗୋଟିଏ ସ୍ତ୍ରୀ ପୂର୍ଣ୍ଣଗର୍ଭା । ନଷ୍ଟରୁ ଡକାଏତ-ମାନଙ୍କ ଦାରୁଣ ପ୍ରହାରରେ ତାହାର ଗର୍ଭପାତ ଏବଂ ଗୃରବନ ଉଭୟରେ ଜୀବନଟାତ ହୋଇଥିଲା । ଦ୍ୱିତୀୟା ସ୍ତ୍ରୀ ପଳାଯନ ଦ୍ୱାରା ଆତ୍ମରକ୍ଷା କଲା । ବାଆନ ଭୂପ୍ପାଁକୁ ଡକାଏତମାନେ ଅନେକ ପ୍ରହାର କରି ତାହାର ବେକ ମୋଡ଼ ଦେଇ ଯାଇଥିଲେ । ତାହାର ମୁଖ ପୃଷ୍ଠ ଦଗକୁ ବୁଲି ଯାଇଥିଲା । ବାଆନ ଭୂପ୍ପାଁ ମଧ୍ୟ ଡକାଏତମାନଙ୍କୁ ସହଜରେ ଛାଡ଼ି ଦେଇ ନାହିଁ, ଦୁଇ ତିନ ଜଣଙ୍କୁ ଅସ୍ତାଘାତ ଓ ଜଣେ ଡକାଏତକୁ ହତ୍ୟା କରିଥିଲା । ସଙ୍ଗୀ ଡକାଏତମାନେ ହତ ଡକାଏତର ଶବ ଯେନ ପଳାଇ ଯାଇଥିଲେ ।

ଅଳ୍ପ ଦିନ ପୂର୍ବେ ପୁରାତନ ପୋଲିସ ଉଠି ଯାଇ ନୂତନ ବେଙ୍ଗଲ ପୋଲିସ ସ୍ଥାପିତ ହୋଇଛି । ବାଲେଶ୍ୱର ଜିଲ୍ଲାର ପ୍ରଥମ ପୋଲିସ ଡର୍ଷ୍ଟ୍ରିକ୍ଟ୍ ସୁପରି-ଣ୍ଟେଣ୍ଡେଣ୍ଟ ମିଷ୍ଟର ସଟଲଓପ୍ପାର୍ଥ ସାହେବ ପ୍ରାଣପଣେ ଯତ୍ନ କରି ମଧ୍ୟ ବସ୍ତା ଇଲକାରୁ ଫେରି ଆସିଲେ ଏବଂ ଡକାଏତ ଦଳ ଆବଷ୍କାର ନିମନ୍ତେ ସବ୍ ଇନ୍‌ସ୍ପେକ୍ଟର ବାବୁ ବ୍ରଜକିଶୋର ଚୌଧୁରୀଙ୍କୁ ନିଯୁକ୍ତ କଲେ । ଚୌଧୁରୀ ମହାଶୟ ପୋଲିସ ଇଲକାରେ ଜଣେ ସୁଯୋଗ୍ୟ କର୍ମଚାରୀ ବୋଲି ତାଙ୍କର ଖ୍ୟାତି ଥିଲା । ବ୍ରଜଘାଟ ଥାନା ମୁନ୍‌ସି ବାବୁ ବଗମ୍ବର ଦାସ, ଜଳେଶ୍ୱର ଥାନା ମୁନ୍‌ସି ବାବୁ କଣାରାମ ପ୍ରଧାନ ତାଙ୍କୁ ସାହାଯ୍ୟ କରିବାକୁ ଗଲେ ।

ଉପରସ୍ଥ ହାକମଙ୍କ ଆଦେଶାନୁସାରେ ବାବୁ ବ୍ରଜକିଶୋର ଚୌଧୁରୀ ପୋଲିସ ଦଳ ବଳ ସହିତ ଉକ୍ତ ଡକାଏତ ଉକ୍ତ ସ୍ଥାନ ଗୃରଗାଁରେ ବାସ କରିବାକୁ ଲାଗିଲେ । ବହୁତ ଦିନ ପର୍ଯ୍ୟନ୍ତ ବୃଥା ପରିଶ୍ରମ କରି

Chhaya©kanta

ଅକୃତକାର୍ଯ୍ୟତା ବଷପ୍ଟ ରପୋର୍ଟ କରିବାରୁ ସୁପରଣ୍ଟେଣ୍ଡେଣ୍ଟ ସାହେବ ତାଙ୍କୁ ଉତ୍ସାହ ଦେଇ ଲେଖିଲେ, "ତୁମ୍ଭର ଅନୁସନ୍ଧାନ ପ୍ରଣାଳୀ ସନ୍ତୋଷ-ଜନକ, ଯେ ପର୍ଯ୍ୟନ୍ତ ଡକାଏତ ଦଳ ଧରା ଯାଇ ନାହାନ୍ତି, ସେ ପର୍ଯ୍ୟନ୍ତ ତୁମ୍ଭେ ଗାଁଗଁା ତ୍ୟାଗ କରିବ ନାହିଁ ।" ଏହାହିଁ ଇଂରେଜ ଚରିତ୍ରର ବଶେଷତ୍ୱ; ଏଥିସକାଶେ ଆମ୍ଭେମାନେ ଜଡ ଓ ଇଂରେଜ ଜାତ ଜେତା । କୌଣସି ବଷପ୍ଟରେ ଅକୃତକାର୍ଯ୍ୟ ହେଲେ ଆମ୍ଭେମାନେ ହତୋଦ୍ୟମ ଓ ନତ୍ସାହ ହୋଇ ପଡ଼ୁଁ । ମାତ୍ର ଇଂରେଜ ଜାତର କାର୍ଯ୍ୟପ୍ରଣାଳୀ ସ୍ୱତନ୍ତ୍ର ପ୍ରକାର ଅଟେ । ପ୍ରକୃତ ସେମାନେ 'ଆଫଲୋଦପ୍ଟକର୍ମା' ଅଟନ୍ତି । ଲୋକେ କଥାରେ ବୋଲନ୍ତି, "ଲଗିଥିବା ଲୋକ ମାଗି ଖାଏ ନାହିଁ"—ଉପସ୍ଥିତ ଘଟନା ସେଥିର ଗୋଟିଏ ଦୃଷ୍ଟାନ୍ତସ୍ଥଳ ଅଟେ । ସ୍ତ୍ରକଶୋର ବାବୁଙ୍କ ଅନୁସନ୍ଧାନପ୍ରଣାଳୀ ଏହିପରି ଥିଲା କି, ସନ୍ଧ୍ୟା ଉତ୍ତୀର୍ଣ୍ଣ ହେବାର ଦୁଇ ତିନ ଜଣ ପୋଲସ କର୍ମଚାରୀ ସଙ୍ଗରେ ହେନ ଗାଁଗଁା ଚତୁଷ୍ପାର୍ଶ୍ୱସ୍থ ତିନ ଚାରି କୋଶ ଦୂରବର୍ତ୍ତୀ ଗ୍ରାମମାନଙ୍କରେ ପ୍ରଚ୍ଛନ୍ନ ଭାବରେ ଭ୍ରମଣ କରନ୍ତି । ଘରିରେ ଗ୍ରାମବାସୀମାନଙ୍କ କଥୋପକଥନ ଶୁଣିବା ଓ ସେମାନଙ୍କ କାର୍ଯ୍ୟ ଦେଖିବା ତାଙ୍କର ଉଦ୍ଦେଶ୍ୟ ଅଟେ । ନଫସଲର ପାଣମାନେ ପ୍ରାପ୍ତ ଗୋର କାର୍ଯ୍ୟରେ ଲପ୍ତ ଥାନ୍ତି । ସେଥି ସକାଶେ ପାଣ ଗ୍ରାମମାନଙ୍କରେ ଅଧିକାଂଶ ଗହି କ୍ଷେପଣ କରିବାକୁ ଦୃଏ । ପ୍ରାପ୍ତ ପ୍ରତ୍ୟହ ପାଣ ସାହ୍ନ ଓଳରେ ବସି ଘର ମଧସ୍ଥ କଥୋପକଥନ ଶୁଣନ୍ତି । ଏହା ଭଦ୍ର ଲୋକ ପକ୍ଷରେ ଯେ କେତେଦୂର କଷ୍ଟସାଧ୍ୟ କାର୍ଯ୍ୟ, ପାଠକ ସହଜରେ ବୁଝି ପାରିବେ । ପାଣମାନଙ୍କ ପଲ୍ଲଘର ପଛ ଓଳ ଏତେ ନୁଆଣ ଯେ, ବସିଲେ ମଧ୍ୟ ଗୁଳ ମୁଣ୍ଡରେ ବାଜେ । ଓଳଭଳ ଅପରି-ଷ୍କାର, କଦର୍ଯ୍ୟ, ଦୁର୍ଗନ୍ଧମସ୍ପ । ସହସ୍ର ସହସ୍ର ମଶକ ବେଡ଼ି ଭଣ ଭଣ କରି ଖାଉଛନ୍ତି, ଘଉଡ଼ିବାର କ୍ଷମତା ନାହିଁ । ସର୍ପ ଭଲ୍ଲୁକର ମଧ୍ୟ ଭସ୍ପ ନ ଥିଲା, ଏମନ୍ତ ନୁହେ । ପୁଣି ଗ୍ରାମସ୍থ ପାଣମାନେ ଜାଣି ପାରିଲେ ଉପୁଙ୍କର ବପଦ ଘଟିବାର ସମ୍ଭାବନା । କଣ କରିବେ, ଗୁକର ଖଣ୍ଡ ତ ରକ୍ଷା କରିବାକୁ ହେବ ।

ଏକ ଦିବସ ଅର୍ଦ୍ଧ ରାତ ସମୟରେ ଗୋଟିଏ ପାଣ ଓଳରେ ବସିଛନ୍ତି, ଘର ମଧ୍ୟରୁ ଶୁଣିଲେ, ଗୋଟିଏ ଯୁବତ ସ୍ତ୍ରୀ କାନ୍ଦି କାନ୍ଦି ତାହାର ମାତାକୁ ଅନୁଯୋଗ କରୁଅଛି,—

"ସେ ଯିବାକୁ ରାଜି ନ ଥିଲେ, ବାବା ଜୋର କରି ହେନ ଗଲା । ଅକାରଣେ ପ୍ରାଣଟା ସିନା ଗଲା । ମୁଁ ଏବେ କରେଁ କଣ ?"

ଆର ଦିନ ପ୍ରାତଃକାଳରେ ପୋଲସ ଦଳବଳ ସହିତ ସବ୍ ଇନସ୍ପେକ୍ଟରର ସ୍ତ୍ରକଶୋର ବାବୁ ଗ୍ରାମରେ ଉପସ୍ଥିତ । ତଦନ୍ତରେ ଜଣାଗଲା, ନନ୍ଦନକାନଣୀ ସ୍ତ୍ରୀର ସ୍ୱାମୀ ଓ ପିତା ଡକାଏତ । ତାହାର ସ୍ୱାମୀ ଡକାଏତ ସମପ୍ଟରେ ଧୃତ ଓ ପିତା ଆହତ । ଅନ୍ୟ ଦୁଇ ଜଣ ଆହତ ଡକାଏତ ମଧ୍ୟ ଧରାପଡିଲେ । ଡକାଏତ ମାଲ ମଧ୍ୟ ବରାମଦ ହେଲା । ସେସନକୋର୍ଟ ବଚାରରେ ପ୍ରାପ୍ତ ପନ୍ଦର ଜଣ ଡକାଏତ ଗୁରୁତର ଦଣ୍ଡ ପ୍ରାପ୍ତ ହେଲେ । ବୋଧ କରୁଁ, ସେମାନଙ୍କୁ ଆଉ ସ୍ୱଗୃହକୁ ବାଡ଼ୁଡ଼ିବାକୁ ହୋଇ ନ ଥିଲା ।

ଏହି ଡକାଏତ ଦଳ ଦଣ୍ଡ ପ୍ରାପ୍ତ ହେଲେ ମଧ୍ୟ ଡାକମମାନେ ନଷ୍ଟନ୍ତ ହୋଇ ପାରିଲେ ନାହିଁ । କାରଣ ପ୍ରକାଶ ପାଇଲା ରେମିନଙ୍କ ପ୍ରତ ଯେଉଁମାନେ ଅତ୍ୟାଚାର କରିଥିଲେ, ସେ ସ୍ୱତନ୍ତ୍ର ଓ ପ୍ରଧାନ ଡକାଏତ ଦଳ ଅଟନ୍ତି । ମୟୂରଭଞ୍ଜର ଘୋର ଜଙ୍ଗଲ ମଧ୍ୟରେ ସେମାନଙ୍କର ବସତି । ଏହି ପ୍ରଧାନ ବା ମୂଳ ଦଳର ଡକାଏତ ସଂଖ୍ୟା ପ୍ରାପ୍ତ ପଞ୍ଚାଶ ଜଣ । କଦାଚତ୍ ଏକତ କେବେ ବା ଭିନ୍ନ ଭିନ୍ନ ରୂପେ ଦଳବଦ୍ଧ ହୋଇ ଡକାଏତ କରିଥାନ୍ତି ।

ବାଲେଶ୍ୱର ସଦର ଥାନାରେ ଇନ୍‌ସ୍ପେକ୍ଟର ବାବୁ ଶାରଦାପ୍ରସାଦ ଘୋଷ ପୋଲସ ବନ୍ଦୋବସ୍ତରେ ଜଣେ ସୁନ୍ନପୁଣ କର୍ମଗ୍ରସ୍ତ ବୋଲ ଉପରସ୍ତ କର୍ମଗ୍ରସ୍ତ-ମାନଙ୍କର ବଶ୍ୱାସ ଥିଲା । ଡକାଏତ ଦଳର ଆବସ୍ଥାର ଓ ଗ୍ରେପ୍ତାର ନମନ୍ତେ ତାହାଙ୍କୁ ନଯୁକ୍ତ କରାଗଲା । ବହୁକାଳ ପରଶ୍ରମ ଉତ୍ତରେ ଶାରଦା ବାବୁ ଡକାଏତ ଦଳର ଖଟି ସ୍ଥାନ ମାତ୍ର ସନ୍ଧାନ ପ୍ରାପ୍ତ ହେଲେ ।

ମୟୂରଭଞ୍ଜର ବାରପଦା ଗଡ଼ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ନବଡ଼ ଅରଣ୍ୟ ମଧ୍ୟରେ ଗୋଟିଏ ସଙ୍କୀର୍ଣ୍ଣ ବନ୍ୟ ମାର୍ଗ ଅଛି । ବନେ ପବାନ୍ନ ବା ପ୍ରହରକ ସମସ୍ତରେ ଛଅ ଜଣ ଭସ୍ତକ ଅର୍ଦ୍ଧ କୋଶ ଅନ୍ତର ଆଗ ପଛ ହୋଇ ବାରପଦା ଆଡ଼ୁ ଜଳେଶ୍ୱର ଆଡ଼କୁ ଯାଉ ଅଛନ୍ତି । ସବ ପଶ୍ଚାତ୍‌ରେ ଜଣେ ଜ୍ୟୋତିଷ । ଚେହେରା ଦେଖିଲେ ଜଣେ ସମ୍ଭ୍ରାନ୍ତ ଲୋକ ବୋଲ ବୋଧ ହୁଏ; ମାତ୍ର ବେଶ ନତାନ୍ତ ଦାରଦ୍ର୍ୟବ୍ୟଞ୍ଜକ । ପରଧାନ ଖଣ୍ଡେ ଆଣ୍ଠୁଲୁଗୁ ଲୁଗା, ମୋଟା ମଳନ ଉନ୍ତ ବୁଣା ଖଦ୍ଦ । ମୁଣ୍ଡରେ ଖଣ୍ଡେ ଛଦ୍‌ବତ୍ ମଳନ ଗାମୁଛା ପାଗ, ଅନ୍ୟ ଖଣ୍ଡିଏ ଗାମୁଛାରେ ସେର ଦୁଇ ଅନ୍ଦାଜ ଗୁଡ଼ଲ ଓ କେତେ ଅଣା ପଇସା ବନ୍ଧା । କାଖରେ ଲମ୍ବନଗୁଡ଼ା ତାଳପତ୍ର-ପାଞ୍ଜି । ହସ୍ତରେ ଖଣ୍ଡିଏ ବଂଶ-ଯଷ୍ଟି । କାନ୍ଧରେ ତାଳପତ୍ର ଛତା । (ସେ ସମୟରେ କନା ଛତାର ବରଳ ବ୍ୟବହାର ଥିଲା) ଦୁର୍ଭାଗ୍ୟ-ବଶରୁ ବା ସୌଭାଗ୍ୟବଶରୁ ଜ୍ୟୋତିଷ ଦୁଇ ଜଣ ବନ୍ୟ ଦସ୍ୟୁ ହାତରେ ପଡ଼ିଲେ । ଜ୍ୟୋତିଷ ବହୁତ ଅନୁନୟ ବନୟ କର ଆପଣାର ଦାନଦଶା ଏବଂ ଆପଣା ବଦ୍ୟାବତ୍ତା ବଷୟ ଦସ୍ୟୁମାନଙ୍କୁ ଜଣାଇଲେ । ଜ୍ୟୋତିର୍ବିତ୍‌ଙ୍କ ବକ୍ତୃତାର ସାଦ୍ଧାଂଶ—ସେ ଜଣେ ଭଲ ଜ୍ୟୋତିଷ, ତାଙ୍କର ଗଣନା ବଡ଼ ଠିକ, ମୟୂରଭଞ୍ଜ ମହାରାଜ ତାଙ୍କୁ ଖୁବ୍ ଖାତର କରନ୍ତି, ଇତ୍ୟାଦି ।

ଦସ୍ୟୁ ଦୁଇ ଜଣ ପରସ୍ପର କଣ ପରାମର୍ଶ କର କହିଲେ, "ଚୁ ଆମ ସର୍ଦ୍ଦାର ନକଟକୁ ଯିଲ । ଯେବେ ଠିକ ବୃଦ୍ଧି ଦେବୁ, ତୋ ଗୁଡ଼ଲ ଲୁଟା କଛୁ ନେବୁ ନାହିଁ ।" ଜ୍ୟୋତିଷ ଅନଚ୍ଛାସତ୍ତ୍ୱେ ସମ୍ମତ ହେବାରୁ ଦସ୍ୟୁଯୁଗଳ ତାହାର ଆଖି ବାନ୍ଧି ହାତ ଧର ନବଡ଼ ଜଙ୍ଗଲମଧ୍ୟ, କୁତ୍ସିତ, ବନ୍ଧୁର ମାର୍ଗରେ ଘେନଗଲେ । ଯିବା ସମୟରେ ଜ୍ୟୋତିଷ ଅତି ସତର୍କତା ସହିତ ମାର୍ଗ ପାର୍ଶ୍ୱସ୍ଥ କ୍ଷୁଦ୍ର କ୍ଷୁଦ୍ର ବୃକ୍ଷ ଡାଳ ଭାଙ୍ଗି ଦେଇ ଯାଉ-ଥାଏ । ଅନୁମାନକ ଦୁଇ ତିନ କୋଶ ଭ୍ରମଣ ଉତ୍ତରେ ଡକାଏତ ଦଳର ଖଟି ସ୍ଥାନରେ ଉପସ୍ଥିତ ହେଲେ । ଆଖିର ପଟି ଫିଟାଇ ଦଆପିବାରୁ ଖଟି ସ୍ଥାନର ଅବସ୍ଥା ଦେଖି ଜ୍ୟୋତିଷଙ୍କ ଅନ୍ତରାତ୍ମା ଶୁଷ୍କ ହୋଇଗଲା । ନତାନ୍ତ ସାହସୀ ପୁରୁଷ ବନା ସେ ସ୍ଥାନରେ ଧୈର୍ଯ୍ୟା-ବଲମ୍ବନ କର ରହିବା ନତାନ୍ତ କଠିନ କଥା ।

ନବଡ଼ ଜଙ୍ଗଲ ମଧ୍ୟରେ ଅଳ୍ପ ପରସର ଭୂମିଖଣ୍ଡ ପରିଷ୍କୃତ । ଦୁଇ ତିନିଟା ଧୂନ ଲଗିଅଛି, ଗୁଟି ଛଅଟା ଖତରଞ୍ଜା ହାଣ୍ଡି ଏକ ସ୍ଥାନରେ ପଡ଼ି ରହିଅଛି । ପର୍ଯ୍ୟୁଷିତ ମାଂସ ଓ ଶୁଷ୍କ ମାଂସରେ ସ୍ଥାନଟା ନତାନ୍ତ ଦୁର୍ଗନ୍ଧମୟ । ଟାଙ୍ଗି, ବର୍ଚ୍ଛା, ତରବାର, ଟଙ୍ଗ, ଧନୁଳ ପ୍ରଭୃତି ଭୟଙ୍କର ଅସ୍ତ୍ରମାନ ଗଛ ଡାଳମାନଙ୍କଠାରେ ଝୁଲୁ-ଅଛି । ମଦମତ୍ତ ବକଟାଳ ନରରୂପୀ କେତେଟା ରକ୍ତସ-ପ୍ରକୃତି ପ୍ରାଣୀ ଧୂଳିରେ ପଡ଼ି ଗଡ଼ୁଅଛନ୍ତି । ସମସ୍ତଙ୍କର ପରଧାନ କୌପୀନ, ମନ୍ଦିରବତ୍ ବଳିଷ୍ଠ । କେହି କର୍କଶଭାଷାରେ ଅକାରଣ ଅନ୍ୟ ଜଣକୁ ଗାଳି ଦେଉ-ଅଛି, କେହି ବା ବକୃତ ସ୍ୱରରେ ସଙ୍ଗୀତ ଆରମ୍ଭ କର-ଅଛି । ଜ୍ୟୋତିଷକୁ ସମସ୍ତେ କଟମଟ କର ଅନାଇଲେ, ବଶେଷରେ ସର୍ଦ୍ଦାର ଅନେକ କ୍ଷଣ ପର୍ଯ୍ୟନ୍ତ ଆପାଦ-ମସ୍ତକ ଅନାଇ ଆଗନ୍ତୁକ ଦସ୍ୟୁ ଦୁଇଜଣଙ୍କୁ କର୍କଶ ଭାଷାରେ ପଚାରିଲା, "ଏଟା କଏ, କାହିଁକି ଆଣିଲ ?" ଆଗନ୍ତୁକ ଦୁଇଜଣ ଜ୍ୟୋତିଷର ପରିଚୟ ଦେଲେ । ଏହି ସର୍ଦ୍ଦାରର ପରିଚୟ ଆବଶ୍ୟକ । ସେହି ସମୟରେ

Chhaya©kanta

ଡକାଏତ ଦଳରେ ଦୁଇଜଣ ସର୍ଦ୍ଦାର ଥିଲେ । ପ୍ରଥମ ନାଲୁ ମିର୍ଦ୍ଧା, ଦ୍ୱିତୀୟପୁର ନାମ ବୈପା ଶେଠୀ । ନାଲୁ ମିର୍ଦ୍ଧା ଘର୍ଦ୍ଦାକାର, ଖୁବ୍ ବଳିଷ୍ଠ । ଚକ୍ଷୁ ଦୁଇଟା କାକଡ଼ମ୍ବ ପରି ବୃତ୍ତାକାର ଓ ରକ୍ତବର୍ଣ୍ଣ । ଗୁଷ୍ଫସବତ୍ ଆକୃତି, ଭୟଙ୍କର । ଅଦ୍ୟ ନାଲୁ ମିର୍ଦ୍ଧା ଉପସ୍ଥିତ ଥିଲା ।

ନାଲୁ ଓ ଜ୍ୟୋତିଷ ମଧ୍ୟରେ ଏହିପରି କଥୋପକଥନ ହେଲା ।

ନାଲୁ—ହୁ ଜୁତିଷ ?

ଜ୍ୟୋତିଷ—ଆଜ୍ଞା ହଁ ।

ନାଲୁ—ବୋଇଲୁ, ମୋ ମନରେ କ କଥା ଅଛି ?

ଜ୍ୟୋତିଷ—ଖଡ଼ି ଚକାଇ ଅନେକ ଶ୍ଲୋକ ପଢ଼ିଲେ । ସେଥିରେ କେବଳ ଗ୍ରହ ନକ୍ଷତ୍ର ନାମ ଛଡ଼ା ଆଉ କିଛି ନ ଥିଲା । କହିଲେ, "ପାଠ କହିଲା, ଶନିଗ୍ରହ—ଏହି ଗ୍ରହରେ ଟଙ୍କା କଉଡ଼ି ଦ୍ରବ୍ୟାଦି ଲାଭକଥା ।"

ନାଲୁ—ବୋଇଲୁ, ସେ ଦ୍ରବ୍ୟ କେଉଁ ଦଗରେ ?

ପୁନର୍ବାର ଶ୍ଲୋକ ପାଠକରି ଜ୍ୟୋତିଷ କହିଲେ, "ପୂର୍ବ ଦଗରେ ।" *

ସବୁ ଡକାଏତ ଏକାବେଳକେ ଚିତ୍କାର କଲେ, "ସାବାସ ସାବାସ, ନୋହିଲେ କ ମୟୂରଭଞ୍ଜ ରାଜା ଦରବାରକୁ ଯାଏ ।

ନାଲୁ—ବୋଇଲୁ, କେଉଁ ଦିନ, କେତେବେଳେ ଗଲେ ସେ ଦ୍ରବ୍ୟ ସବୁ ମିଳିବ ?

ଜ୍ୟୋତିଷ—ଆସନ୍ତା କୃଷ୍ଣପକ୍ଷ ଦ୍ୱାଦଶୀ ଶନିବାର ସନ୍ଧ୍ୟା ସମୟରେ ଯାଆ କରି ଗଲେ କାମ ଫତେ—ଅର୍ଥ ମିଳିବ ।

ସବୁ ଡକାଏତ ଏକାବେଳକେ ଚିତ୍କାର କରି କହିଲେ, "ଭଲ ଭଲ, ସଞ୍ଜବେଳେ ଏଠାରୁ ବାହାରିଲେ, ଅଧରାତିବେଳେ ସେଠାରେ ପହଞ୍ଚିବା ।" ଜ୍ୟୋତିଷ ବଦାପୁ ଗ୍ରହଣ କଲେ, ପୁନର୍ବାର ଆଶି ବନ୍ଧାଗଲା, ପୂର୍ବକଥିତ ଦସ୍ୟୁ ଦୁଇ ଜଣ ବାଟରେ ଗୁଡ଼ି ଦେଇ-ଗଲେ ।

ନରୁପିତ ଦିବସ ଉପସ୍ଥିତ । ପୁଲିସ ଦଳ ବଳ ସଜ ହୋଇ ଡକାଏତ ଧରିବା ସକାଶେ ଗୋଟିଏ ଗ୍ରାମରେ ସଜ୍ଜିତ ହୋଇ ରହିଲେ । ଜ୍ୟୋତିଷର ଗଣନା ଠିକ ହେଲା; କନ୍ତୁ ଅନ୍ୟ ଗ୍ରାମରେ । ଯେଉଁ ଗ୍ରାମରେ ଡକାଏତ ହେବାର ଜ୍ୟୋତିଷ ଅନୁମାନ କରି ସଜ ହୋଇ ବସିଥିଲେ, ସେ ଗ୍ରାମକୁ ଡକାଏତମାନେ ଗଲେ ନାହିଁ । ଡକାଏତ କରି ଡକାଏତମାନେ ସ୍ୱଚ୍ଛନ୍ଦରେ ଚାଲିଗଲେ । ପାଠକ ମହାଶୟ ଅନୁମାନରେ ବୁଝିଥିବେ, କଥିତ ଜ୍ୟୋତିଷ ଅନ୍ୟ କେହି ନୁହେଁ, ପୋଲିସ ଇନ୍‌ସପେକ୍ଟର ସ୍ୱୟଂ ବାବୁ ଶାରଦା ପ୍ରସାଦ ବୋଷ ।

ଏମିତିଃ ଦୁଇ ତିନି ମାସ ଗତ । ଏଥି ମଧ୍ୟରେ ଆହୁରି ଦୁଇ ତିନିଟା ଡକାଏତ ଉପଯୁର୍ପରି ହୋଇ-ଗଲଣି । ହାକିମ ଓ ପୋଲିସ ଦଳ ଅସ୍ଥିର । ଶାରଦା ବାବୁ ଡକାଏତମାନଙ୍କ ଶେଷ ସ୍ଥାନର ଯେପରି ଅବସ୍ଥା ଦେଖି ଆସିଥିଲେ, ସେଥିରେ ପୋଲିସଦଳ ଯାଇ

---

* ଜ୍ୟୋତିଷଙ୍କ ସହିତ ଲେଖକର ଯେଉଁ ଏହିପରି କଥୋପକଥନ ହୋଇଥିଲା । ମୁଁ ପଚାରିଲି, "ପୂର୍ବ ଦଗ କେପରି ସାହସରେ କହିଲେ ?" ଜ୍ୟୋତିଷ ଅର୍ଥାତ୍ ଶାରଦା ବାବୁ କହିଲେ, "ସେଇ ଡକାଏତ ଧନଚନ୍ତା ଛଡ଼ା ଆଉ କଣ ହୋଇପାରେ ? ଆଉ ଉତ୍ତର ଦଗ ଅରଣ୍ୟ । ପୂର୍ବ ଦଗରେ କେବଳ ଗ୍ରାମ, ସେ ଦଗରେ ଡକାଏତ ହେବ ।"

ସେମାନଙ୍କୁ ଗ୍ରେପ୍ତାର କରିବା ସହଜ କଥା ନୁହେଁ । ଡକାଏତଦଳ ଯେପରି ଘରେ ସବୁବେଳା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଓ ଉତ୍ସାହଘରେ ଥାନ୍ତି, ଧରିବାକୁ ଗଲେ ଅନେକ ଲୋକଙ୍କ ପ୍ରାଣନାଶର ସମ୍ଭାବନା ।

ଅନେକ ଅନୁସନ୍ଧାନ ଉତ୍ତରେ ବସ୍ତା ଇଲ୍ଲାକାର ଜଣେ ଜମିଦାରଙ୍କର ଗୋଟିଏ ଗୁକର ଡକାଏତ ଦଳରେ ଲୁପ୍ତ ଥିବାର ପ୍ରକାଶ ପାଇଲା । ଶାରଦା ବାବୁ ଉକ୍ତ ଜମିଦାରଙ୍କ ସହାୟତାରେ ଗୁକରଟାକୁ ହସ୍ତଗତ କଲେ । କେତେକ ନଗଦ ଟଙ୍କା ଦେଇ ପ୍ରଲୋଭନ ଦେଖାଇ ଅଭୟ ଦେଇ ଗୁକରଠାରୁ ସମସ୍ତ ସନ୍ଧାନ ପ୍ରାପ୍ତ ହେଲେ । ଶାରଦା ବାବୁଙ୍କ ଉପଦେଶ ଅନୁସାରେ ଉକ୍ତ ଗୁକର ଡକାଏତ ଦଳର ସର୍ଦ୍ଦାର ନାଲୁ ମିର୍ଦ୍ଧାଠାରେ ଜଣାଇଲା ଦୁଇଜଣ ଡକାଏତ ବର୍ତ୍ତମାନ ଜେଲ୍‌ଖାନାରୁ ପଳାଇ ଆସି ଏକ ଗ୍ରାମରେ ଲୁଚିଅଛନ୍ତି । ସର୍ଦ୍ଦାର ସମ୍ବାଦ ପାଇ ଆଗ୍ରହସହକାରେ ସେମାନଙ୍କୁ ଡାକ ପଠାଇଲା । ଉକ୍ତ ଗୁକର ସହିତ ପଳାତକ ଡକାଏତ ଦୁଇ ଜଣ ଖଟି ସ୍ଥାନରେ ଉପସ୍ଥିତ ହେଲେ । ପ୍ରଥମେ ସର୍ଦ୍ଦାର ଓ ଅନ୍ୟାନ୍ୟ ଡକାଏତମାନେ ସନ୍ଦେହ-ନେତ୍ରରେ ଦେଖୁଥିଲେ । ମାତ୍ର ନବାଗତ ଡକାଏତ-ମାନଙ୍କ ଆକାର ପ୍ରକାର ଓ କଥୋପକଥନ ଶୁଣି ସେମାନଙ୍କ ସନ୍ଦେହ ଦୂର ହେଲା । ଏହି ଦୁଇଜଣ କେଉଁ କେଉଁ ସ୍ଥାନରେ ଡକାଏତି କରିଥିଲେ, ଡକାଏତି ପୂର୍ବେ କପଟ ସନ୍ଧାନ ନେବାକୁ ହୁଏ, କ କୌଶଳରେ ଡକାଏତି କରିଯାଏ ଓ ବିପଦ ପଡ଼ିଲେ କପଟ ପଳାଇବାକୁ ହୁଏ ଓ ଜେଲଖାନା ଘୁଞ୍ଚି କପଟ ପଳାଇ ଆସିବାକୁ ହୁଏ, ଇତ୍ୟାଦି ବିଷୟ ଏସବୁ ଘରେ ବ୍ୟାଖ୍ୟା କଲେ ଯେ, ନାଲୁ ମିର୍ଦ୍ଧା ଏମାନଙ୍କୁ ପକ୍କା ଓସ୍ତାଦ ବୋଲି ଜ୍ଞାନ କଲା, ବହୁତ ସମାଦର କରି ନକଟରେ ରଖିଲା । ନବାଗତ ଡକାଏତମାନେ ଅନେକ ଦିନ ପର୍ଯ୍ୟନ୍ତ ଖଟି ସ୍ଥାନରେ ରହିଲେ । ସେମାନଙ୍କ ସମ୍ବାଦ ଚଳାଚଳ ଉକ୍ତ ଜମିଦାର ଗୁକର-ଦ୍ୱାରା ହେଉଥାଏ ।

ଏନେ ନବାଗତ ଡକାଏତମାନେ ସର୍ଦ୍ଦାର ନକଟରେ ପ୍ରସ୍ତାବ କଲେ, ଆମ୍ଭେମାନେ କ୍ଷୁଦ୍ର କ୍ଷୁଦ୍ର ଡକାଏତି କରୁ ନାହୁଁ; ଆସନ୍ତୁ ସମସ୍ତେ ମିଳି ଜଣେ ଲକ୍ଷପତି ଘରେ ଡକାଏତି କରିବା । ବରଷେ ପର୍ଯ୍ୟନ୍ତ ଯେପରି ନଶ୍ଚିନ୍ତାରେ ବସି ମଜା କରିବା । ସବୁବେଳା କାମରେ ଲାଗିଲେ ମଜା କରିବୁ କେଉଁଦିନ ? ଆଉ ବାରମ୍ବାର ଡକାୟତି କରିବାକୁ ଗଲେ ଧରା ପଡ଼ିବାର ସମ୍ଭାବନା । ସର୍ଦ୍ଦାର ଓ ସଙ୍ଗୀମାନଙ୍କର ଏହି ସାଧୁ ପ୍ରସ୍ତାବରେ ମନୋଯୋଗ ହେଲା । ସମସ୍ତେ 'ସାବାସ୍ ସାବାସ୍' କରିବାକୁ ଲାଗିଲେ । ଏହି ବିଷୟ ସ୍ଥିର କରିବା ନିମନ୍ତେ ଗୋଟିଏ ଦିନ ନିରୂପିତ ହେଲା ଓ ନିର୍ଦ୍ଧାରିତ ଦିବସ ସନ୍ଧିରେ ଉପସ୍ଥିତ ହେବା ନିମନ୍ତେ ଭଦ୍ରକଠାରୁ ମେହଦାପୁର ପର୍ଯ୍ୟନ୍ତ ସମସ୍ତ ଦଳକୁ ସମ୍ବାଦ ଦିଆଗଲା । ସେହି ସମୟରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଦଳ ସ୍ଥାନେ ସ୍ଥାନେ ବାସ କରୁଥିଲେ; ମାତ୍ର ସମସ୍ତ ଦଳର ସର୍ଦ୍ଦାର ନାଲୁ ମିର୍ଦ୍ଧା ଓ ବୈଦ୍ୟ ଶେଠୀ । ଏମାନେ ସମସ୍ତ ଡକାଏତଙ୍କରୁ ସର୍ଦ୍ଦାର ବୋଲ ପାଇଥାନ୍ତି ।

ଆଜି ପୂର୍ବୋକ୍ତ ଡକାଏତି ଖଟିରେ ଘର ଜାର । ମେହଦାପୁରଠାରୁ ଭଦ୍ରକ ପର୍ଯ୍ୟନ୍ତ ସମସ୍ତ ଡକାଏତ ଠୁଳ ହୋଇଅଛନ୍ତି । ଗୋଟାଏ ବଡ଼ ଡକାଏତିର ବନ୍ଦୋବସ୍ତ କରିଯିବ । ଗୁର ପାଞ୍ଚ ସୁର ଚାଡ଼, ଭଉଲ୍ଲ ମଦ ଗଞ୍ଜେଇ ଅଣା ଯାଇଅଛି । ଯାହାର ଯେତେ ଇଚ୍ଛା ଖାଉ, ମାଗିବାକୁ ନାହିଁ । ଆଠ ଦଶଟା ଛେଳି ମେଣ୍ଢା ଗ୍ରାମମାନଙ୍କରୁ ଗ୍ରେର କରି ଅଣାଯାଇଥିଲା । କେତେ ଜଣ ମାଂସ ଓ ଗୁଡ଼ ପ୍ରସ୍ତୁତ କରିବାରେ ଲାଗି ଯାଇଅଛନ୍ତି । ଆଜିକା ସମସ୍ତ ଖରଚ ନବାଗତ ଡକାଏତ ଦୁଇଜଣଙ୍କ ଜମା । ଅତିରିକ୍ତ ମାଦକ ସେବନରେ ଅନେକ ଡକାଏତ ଢଳେ ପଡ଼ିଗଲେଣି । ନୃତ୍ୟ ଗୀତ ଓ ଆମୋଦ ପ୍ରମୋଦର ଧୂମ ଲାଗିଅଛି । ଘୋର ଜଙ୍ଗଲ ମଧ୍ୟରେ ଖଟି ଗୁରପାଖ ଛନ ଗୁର

ଦୋଶ ପର୍ଯ୍ୟନ୍ତ ଗ୍ରାମର ଚହ୍ନ ନାହିଁ । ହଠାତ୍ ପ୍ରାପ୍ତ ଏକପ୍ରହର ସମୟରେ ଖଟି ଚଉଦ୍ଦିଗରେ ମୁହୁର୍ମୁହୁ ବନ୍ଧୁକ ଉଆଜ ଦେଲ୍ । ଘୋର ଚତ୍କାର କଣ୍ଠ ପ୍ରାପ୍ତ ପାଞ୍ଚଶ ଜଣ କନଷ୍ଟବଳ ଓ ଦେଢ଼ଶତ ପାଇକ ଚୌକିକାର, ପୋଲସ ଇନ୍‌ସ୍ପେକ୍ଟର, ସବଇନ୍‌ସ୍ପେକ୍ଟର ଡକାୟତମାନଙ୍କ ଉପରେ ପଡ଼ଲେ । ଡକାଏତମାନେ ନଶାରେ ଅଚେତନ ହୋଇଥିଲେ ମଧ୍ୟ ସମସ୍ତେ ସାବଧାନ । ଅନ୍ଧକାର ମଧ୍ୟରେ ପ୍ରାପ୍ତ ଏକ କଣ୍ଟା ପର୍ଯ୍ୟନ୍ତ ଖୁବ ମାରଧର ଘୋର ବାହୁଯୁଦ୍ଧ ହେଲ୍ । ଅବଶେଷରେ ଡକାଏତମାନେ ବନ୍ଧନରେ ପଡ଼ଲେ ।

ସବ୍ଦଶେଷରେ ଆଲୋକ ଜଳା ଯିବାରୁ ଦେଖାଗଲ, ସରଦାର ନାଲୁମିର୍ଦ୍ଦା ଓ ବୈଦ ଶେଠୀ ପଳାଇ ଯାଇଅଛନ୍ତି । କେତେଗୁଡ଼ଏ ଡକାଏତ ମଧ୍ୟ ନାହାନ୍ତି, ଡକାଏତ ଭ୍ରମରେ କେତେଜଣ କନେଷ୍ଟବଳ ଓ ପାଇକ ପ୍ରହାରତ ଓ ବନ୍ଧନ ଦଶାରେ ପଡ଼ଅଛନ୍ତି । ନବାଗତ ବର୍ଦ୍ଧମାନା ଡକାଏତ ଦୁଇ ଜଣ ଅର୍ଥାତ୍ ଛଦ୍ମବେଶୀ କନେଷ୍ଟବଳ ଦୁଇଜଣ ମଧ୍ୟ ବନ୍ଧନରେ ପଡ଼ଅଛନ୍ତି ।

ଅଧିକାଂଶ ଡକାଏତ ଦ୍ୱୀପାନ୍ତରତ । କେତେଜଣ ଦୀର୍ଘକାଳ ପର୍ଯ୍ୟନ୍ତ କାରାବାସଦଣ୍ଡ ପ୍ରାପ୍ତ ହେଲେ । ସେହି ଦିନଠାରୁ ବାଲେଶ୍ୱର ଜିଲ୍ଲାର ଉତ୍ତରାଞ୍ଚଳରେ ବଡ଼ ଡକାଏତ ହେବାର ଶୁଣା ଯାଇନାହିଁ ।

———

ପାଠୋଇ ବୋହୂ

ଢେର ବର୍ଷ ତଳର କଥା । ବାଲେଶ୍ୱର ସହର ଦକ୍ଷିଣାଧାର ସରଗଡ଼ଆ ପଡ଼ାର ଉତ୍ତର ଦକ୍ଷିଣ ଲମ୍ବା ସଡ଼କର ଦୁଇ ତରଫ ଲମ୍ବାଲମ୍ବି ଦୁଇ ସାହାଲ ଘର । ସବୁଗୁଡ଼ିକ ଅମଲ ମୁକ୍ତାର ଓକଲମାନଙ୍କ ବସା । ଗିରସ୍ତି ଘର ଗୋଟିଏ ବୋଲି ନାହିଁ । କଟକ, ପୁରୀ, ଯାଜପୁର ବାସିନ୍ଦା ବଦେଶୀ ଅମଲମାନେ ସେହି ପଡ଼ାରେ ବସା କରି ରହନ୍ତି ।

ମୁକ୍ତାର ବାବୁ ଗୋପାଳଚରଣ ପଟ୍ଟନାୟକଙ୍କ ବସା ପଶ୍ଚିମ ପଟ ସାହାଲର ମଝିରେ । ବସାରେ କୁଟୁମ୍ବ ବୋଇଲେ ବୁଢ଼ୀ ମାଆଟି, ଆଉ କେହି ନାହିଁ । ପାଖ ପଡ଼ଶା ପେସ୍କାର ବ୍ରଜକଶୋର ବାବୁ । ତାଙ୍କ ବସରେ ବୁଢ଼ିମା, ସ୍ତ୍ରୀ ଆଉ ଆଠ ବର୍ଷର ଝିଅଟି ରହିଥାଏ । ପେସ୍କାର ଆଉ ମୁକ୍ତାର ବାବୁଙ୍କ ମାଆମାନଙ୍କର ଖୁବ୍ ମନ ମିଳେ । ତାହା ତ ମିଳିବ, ଦୁହେଁ ଏକ-ବୟସୀ, ପୁଣି ବୁଢ଼ୀ । ବଦେଶରେ ସାଙ୍ଗସୁଙ୍ଗା ଆଉ କେହି ନାହିଁ । ଦୁଇ ବୁଢ଼ୀ ଭିତରେ ଏ ତା ବସାକୁ, ଯେ ଯା ବସାକୁ ଦିନମାନରେ ଦୁଇ ତିନ ଥର ଯିବା ଆସିବା କରନ୍ତି । ପେସ୍କାର ମା କନ୍ତୁ ମୁକ୍ତାର ବସାକୁ ଦିନଭିତରେ ଡେର ଥର ଆସନ୍ତି । ବୋହୂଟା କଛୁ ପାଇଟି କରିବାକୁ ଦିଏ ନାହିଁ, ଭୁଚ୍ଛା ବସାଟାରେ ବସି କଣ କରିବେ ? ପଛ ବାଡ଼ପଟ ଓଳିଏ ଓଳିଏ ବାଟ, ସେ ପଟରେ ମଣିଷ ନାହିଁ । ଯେତେବେଳେ ଇଚ୍ଛା ଯା ଆସ କରନ୍ତି । ଆଉ ବେଳେ ଯାହାହେଉ— ବେଳବୁଢ଼, ଚଉଦ ଘଡ଼ିଆ ବୁଢ଼ୀ ଦୁଇଟା ଚମ ଧୁଡ଼ୁ ଧୁଡ଼ୁ ହାଡ଼ୁଆ ଗୋଡ଼ ପୁଞ୍ଜାକ ମେଲେଇ ଦେଇ ବସି ଡେର ସୁଖ ଦୁଃଖ କଥାଘୋଷା ହୁଅନ୍ତି । ଦିନେ ଏଣୁ ତେଣୁ କଥା କୁହାକୁହି ହେଉଁ ହେଉଁ ନା' ଚଟ୍‌ପଟର ହେଲେ । ମୁକ୍ତାର ମା କହିଲେ, "ମୋ ନା' ପଦ୍ମା ।" ପେସ୍କାର ମା ହସି ହସି କହିଲେ, "ମଲ୍ ଯା—ମୋ ବଡ଼ ଅପା ନା' ଯେ ପଦ୍ମାବତୀ । ତୁମେ ଯେ ମୋ ଅପା ହେଲ, ମୁଁ ଏବେ ଅପା ବୋଲ ଡାକବ । ମୋ ନା' ସୀତା, ମତେ ତୁମେ ସୀତା ବୋଲ ଡାକବ । କଣ ଏଇ କଥା ହେଲ୍ ନା ?" ପଦ୍ମା ଦେଇ ହସି ହସି କହିଲେ, "ହେଉ ତାହିଁ ହେବ ।"

ମୁକ୍ତାରବାବୁ ପାଞ୍ଚ ବରଷ କାଳୁଁ ବାପ ଛେଉଣ୍ଡିଆ। ତାଙ୍କ ବାପେ କମଳଲୋଚନ ପଞ୍ଚନାପୁକେ ବରଷକୁ ସୁଲଣ ଟଙ୍କା, ଦୁଇ ଯୋଡ଼ ଖଦ, ଯୋଡ଼ାଏ ଗାମୁଛୁ ଦରମାରେ ଜଣେ କାପୁଡ଼ଆର ଗୁମାସ୍ତା ଥିଲେ। ଯାହା ଦରମା ଗଣ୍ଡାକ ପାଉଥିଲେ, ସେଟ ପିଠକୁ ନଅଣ୍ଟ, ବଧବା ଲଗି ଘାଇନ୍ତ ଟିବେ କଣ ?

ବଧବା ପଦା ଦେଇ ଗ୍ରାମର ପ୍ୟା ତା ଘରେ ଢେଙ୍କି ମାଡ଼ ପାଞ୍ଚ ପାଇଟି କର ବଡ଼ କଷ୍ଟରେ ପୁଅଟିକୁ ମଣିଷ କରାଇଥିଲେ। ପିଲା ଗୋପାଳଟି ବ ଖୁବ୍ ବୁଦ୍ଧିଆ ଥିଲା; ପାଠରେ ଖୁବ୍ ମନ ରଖିଥାଏ, ଏଥିପାଇଁ ମଣିଷ ହୋଇଥିଲା । ପିଲାଦିନୁ ଆପଣା ଅବସ୍ଥା ବୁଝିଲଣି ! ମାଆର ଦୁଃଖ ଦେଖି ଉହାଡ଼ରେ ଯାଇ କାନ୍ଦେ। ମନରେ କହେ, 'ମୁଁ ରୋଜଗାର କଲେ ମାକୁ ଖୁବ୍ ସୁଖରେ ରଖିବ ।' ଗୋପାଳବାବୁ ମୁକ୍ତାସ୍ତ ପାସ୍ କର ବାଲେଶ୍ୱରକୁ ଆସିବେ, ସୁଖରେ ରଖାଇବେ ବୋଲି ମାଙ୍କୁ ଗାଁରୁ ଅଣାଇ ବସାରେ ରଖାଇଥିଲେ, ମାଆ ପାରଲେ ନାହିଁ । ବାବୁଙ୍କର ଇଚ୍ଛା, ମା ଭଲ ଖାଇ ଭଲ ଖଣ୍ଡେ ପିନ୍ଧି ବସାରେ ଭୁନ ହୋଇ ବସିଥାନ୍ତୁ, ମା ସେ କଥା ଶୁଣିବେ କିଂୟା ? ବସାରେ ସବୁ ପାଇଟି କରିବେ, ପିନ୍ଧିବାକୁ ପେଇ ମୋଟା ଖଦଟାଏ। ଭଲ ଲୁଗା ଆଣିଲେ 'କହିବେ, ଆରେ ଗୋପାଳ ଏଡ଼େ ପାତଳ ଲୁଗା କିଂୟା ରେ—ମାସ ଚୁଟିରେ ଚର ଫାଳ ଫାଳ ହୋଇଯିବ, ଦେହକୁ କନା ପର ଲାଗିବ, ଲୁଗା ପିନ୍ଧିଲା ପର ଜଣାପଡ଼ିବ ନାହିଁ । ମଲା ଯା—କେତେ ଓସାର ମ ! ଗୋଡ଼ରେ ଛଦ ଦେବ, ଗୁଲବ କମିଛ ରେ ?' ବୁଢ଼ୀର ଇଚ୍ଛା, ମୋ ଝିଆଟା ପିଲାଦିନେ ବଡ଼ ଦୁଃଖ ପାଇଛୁ, ଭଲ ଖାଇ ନାହିଁ, ଭଲ ପିନ୍ଧି ନାହିଁ,ମୋର ତ ଚଳି ଯାଉଛୁ, ତା ଅର୍ଜ୍ଜନ ଟଙ୍କାଗୁଡ଼ାକ ଖର୍ଚ୍ଚ କରିବ କିଂୟା ? ଯେତେ ଗୋଡ଼ାନ୍ତଧର ନେନ୍ତର କଲେ ବ ଶୁଣିବାକୁ ନାହିଁ। 'ତୁ ଯେତେ ମାଡ଼ିକୁ ମାଠ, ମୁଁ ସେଇ ଦର-ପ୍ରୋଡ଼ା କାଠ ।' ଗୋପାଳବାବୁ କଟକର ବାଡ଼ୁଡ଼ା ସଞ୍ଜବେଳେ ମା'ପାଖରେ ଦଣ୍ଡେ ବସି ଦୁଃଖ ସୁଖ କଥା କହନ୍ତି । ଯେଉଁଦିନ ଯେତେ ରୋଜଗାର ହୁଏ, ମା ପାଖରେ ଥୋଇ ଦଅନ୍ତି । ଟଙ୍କା ଦେଖି ବୁଢ଼ୀ ଗ୍ଲୁଡ଼ି କୁଣ୍ଢେ ହୋଇଯାଏ । ଭଲ କର ଓଲଟା ଓଲଟି କର ଦେଖେ, ଠାକୁର ଦେବତା ନାମ ଡାକି ଟଙ୍କାଗୁଡ଼ିକ ଛ ଥର ମୁଣ୍ଡରେ ମାରେ; ଗଣି ଗୋଛୁ ଭଲକର ବାନ୍ଧି ପେଡ଼ରେ ରଖେ । ନଜଯାଇଁ ପଇସାଏ ବ ଖରଚ କରେ ନାହିଁ । ପୁଅ ପାଇଁ ହେଲେ ପାଞ୍ଚଟା ଜନସ ଅଣାଇ ପାଞ୍ଚ ଭଅଣ କର ଖୁଆଏ । ପୁଅ ବ ଭେଷ୍ଟକବେଳେ ଅଡ଼ ବସେ —''ନା, ମା, ତୁ ନ ଖାଇଲେ ମୁଁ ଖାଇବ ନାହିଁ ।''

ଗୋପାଳବାବୁ ଦନେ ସଞ୍ଜବେଳେ ବଡ଼ଟ ସାକୁଲସାକୁଲ କର କହିଲେ, ''ମା ତୁ ତ ରନ୍ଧା ପାରିବୁ ନାହିଁ, ଗୋଟାଏ ପୁଝାର ଆଣି ରଖିବ ।''

ମା—ପୁଝାର କଣ ରେ ? କ ବାହୁଣ ବୋଲ କ ବାହୁଣ—ପୂତା ଗୋଟାଏ ବେକରେ ପକାଇଲେ ହେଲ ପର ? ସେ ମୋ ଇଶାଣରେ ପଶି ହାଣ୍ଡି ଛୁଇଁବ, ତା ହ ତରୁ ଖାଇବ ? ତନ କାଳ ଗଲା, ଏବେ ଯଥା-କାଳକୁ ବଦେଶରେ ଜାତପତ ହରେଇବ ପର ?

ଗୋପାଳବାବୁ ଭୁନ । ଆଉ ଦନେ ଗୋଟାଏ ମାଇକନ୍ନଆ ବସାରେ ଉପସ୍ଥିତ ।

ମା—ଏ କଏ ରେ ଗୋପାଳ ?

ଗୋପାଳ - ମା, ଏ ଗୋଟିଏ ଦାସୀ । ଆସିଛୁ ବାହାର ପାଇଟି କରିବ ।

ମା—ବାହାର ପାଇଟି କଣ ରେ ? ଆରେ ଅଇଣ୍ଠା ବାସନ ଦଖଣ୍ଡ ପିଛୁଳ ପକାଇଲେ ଗଲା । ଘର ବାହାରଟା ଖର୍କାଖର୍କି କର ଦେଇ ଛୁଞ୍ଚକନାଟା ବୁଲେଇ ଆଣିଲେ ପାଇଟି ଛୁଡ଼ଲା' । ଦାସୀ କଣ ରେ ? ଦେ, ଦେ ବଦାକର ଦେ ।

ଏ କଥା ବି ସତ, ଏପରି ଅଭ୍ୟାସ ଦୋଇ ପାଇଛୁ ଯେ, ବୁଢ଼ୀ କାମ ପାଇଁକୁ କଷ୍ଟ ମଣେ ନାହିଁ, କାମ ନ କରି ରନ୍ଧାପାରେ ନାହିଁ ।

ଗୋପାଳ ବାବୁଙ୍କର ବାଇଶ ତେଇଶ ବର୍ଷ ପରି ହୋଇଗଲଣି, ଏହି ତ ବଲ୍ଲ ବପୁସ । ମା ବଲ୍ଲକଥା କେତେଥର କହିଲେଣି । ମାଆଙ୍କ କୌଣସି କଥା ତଳେ ପଡ଼େ ନାହିଁ, ହେଲେ ବଲ୍ଲକଥା ଶୁଣି ଗୋପାଳବାବୁ ଶୁଣି ନ ଶୁଣିଲା ପରି ପିଠେଇ ଗୁଲଯାନ୍ତି । ଶେଷକୁ ପୁଅରୁ ପେଟ୍ଟାର ବାବୁଙ୍କୁ ଧରିଲେ, ତାଙ୍କ କଥା ବି ଶୁଣିବାକୁ ନାହିଁ । ଗୋପାଳବାବୁ ମନରେ ସ୍ଥିର କରିଛନ୍ତି, ମା ତ ବୁଢ଼ୀ ହେଲଣି, ବସାରେ ତ ଆଉ କେହି ନାହିଁ । କେତେର ଦରବାରରୁ ଆସି କାନ୍ଦା ସାଙ୍ଗରେ ବସି ବି'ଟା କଥାସ୍ତପା ହେଉବ ? ବସା ଖର୍ଚ୍ଚ ପଣ ହସାବ ବୁଝିଦେଉବ, ସ୍ତୋପାପ ଖଣ୍ଡେ ଲେଖି ପାରୁଥିବ, ଏପରି ପାଠୋଇ କନ୍ୟାଟିଏ ପାଇଲେ ବଲ୍ଲ ହେବ । ମୂର୍ଖ କନ୍ୟାଟାଏ ବଲ୍ଲ ହେଲେ କଣ ହେବ ?

ବୁଢ଼ୀ ଏଣେ ଗୋଟାଏ ଫିକର ବାହାର କଲଣି । ପୁଅକୁ ଶୁଣାଇ ଶୁଣାଇ ଭୁଚ୍ଚାଟାରେ ହେଲେ କହେ "ଓହୋ ଗୁଲ ପାରୁ ନାହିଁ, ପାଣି ଆଣି ପାରୁ ନାହିଁ, ଆଜ ସ୍ତତ୍ତରେ କମିତ ବି'ଟା ଫୁଟାଫୁଟି କରି ଦେବ ।"

ଗୋପାଳ—ମୁଁ ତ ସେହି କଥା କହୁଛି ମା, ଏବେ ହେଲେ ଗୋଟାଏ ସ୍ତାନ୍ତୀ ଆଣେ ?

ମା -- କଣ ସଥାକାଳକୁ ଧର୍ମ ନଷ୍ଟ କରିବ ?

ଗୋପାଳବାବୁ ଏବେ ଅଥପୁ । ଲଗିଲା କନ୍ୟା ଖୋଜାଖୋଜ । ଏ ବଷପୁରର ମେଷ୍ଟାର ବାବୁଙ୍କର ଘର ତନଦ୍ଧନ ଲଗିଛୁ । ଢେର ଖୋଜାଖୋଜରେ କନ୍ୟାଟିଏ ଠିକଣା ହେଲା,ମାଳଗିର ଇଲକା ମୟୁରଭଞ୍ଜ ଦୋସମାଳୀ ସ୍ତାନ୍ତକପୋଷି ଗାଁରେ । ସ୍ତାନ୍ତକପୋଷି ଗୋଟାଏ ପାହାଡ଼-ମୂଳିଆ ବଣତ୍ତରତ୍ତିଆ ଗାଁ, ଆଖପାଖ ଦୁଇ ତିନ କୋଶ ଭତ୍ତରେ ଆଉ ଗାଁ ନାହିଁ । ଗାଁରେ ସାନ୍ତାଳ ଗୁଳଶ କ ପଚ୍ଚଶ ଘର । ବେପାସ୍ତ ତେଲ ମହାଜନ ଦୋହତ୍ତ ଘର ଯୋଡ଼ାଏ । ସ୍ତଜାଙ୍କ ଗଡ଼ ପାତ୍ତରୁ ଗାଁଟା ଢେର ଦୂର, ଖଜଣା ଅସୁଲ କରିବାପାଇଁ ପିଆଦା ପଇଦଳ ବାଘ ସ୍ତାଲୁ ଡରରେ ଏକୁଟିଆ ଯିବାକୁ ମଙ୍ଗନ୍ତି ନାହିଁ । ଦୁଇ ତିନ ଜଣ ସାଙ୍ଗସୁଙ୍ଗା ହୋଇ ଗଲେ ସାନ୍ତାଳ-ଗୁଡ଼ାକ ବଣରେ ପଶିଯାନ୍ତି । ପିଆଦାମାନେ ଭେଟି ପାରନ୍ତି ନାହିଁ । ଦେବାକୁ ମରିବାକୁ କଏ ସହଜରେ ସ୍ତାଜି ହୁଏ ? ବଣୁଆଗୁଡ଼ାକ ଖଜଣା ଗଣ୍ଡାକ ଦେବାକୁ ନାସ୍ତାଜ, ଟିକେ ଟାଣ କଲେ ଗାଁ ସ୍ତୁଡ଼ ପଳାଇବେ, ନୋହିଲେ ଅମାନତ୍ତିଆ ହୋଇ ଗଣ୍ଠି ଫେରାଇ ଦେବେ । ସେ ଗୁଡ଼ାକୁ କରିଗତ ରଖିବା ଲଗି ସ୍ତାଜାଙ୍କ ସ୍ତମୁରୁ ଦଶମାଣ ହେଲା ଜମି ଦେଇ ସେହି ଗାଁରେ ସମୁଦ୍ଦନେ ରହିବାପାଇଁ ଜଣେ ପଧାନ ରଖିଲେ । ସେହି ହେଲା ଜମି ଲୋଭରେ ଏବେକା ପଧାନ ଘନଶ୍ୟାମ ମହାନ୍ତିଙ୍କ ବାପେ ରାମ ମହାନ୍ତିଏ ଦୋହତ୍ତ ଘର କଟୁଁ କଟୁଁ ସେ ଜାଗାରେ ରହି ଯାଇଛନ୍ତି ।

ଘନଶ୍ୟାମଙ୍କ ପରିବାର ବୋଇଲେ ମାମୁ ମାଇଁ ବି' ପ୍ରାଣୀ, ଆଉ ପନ୍ଦର ବର୍ଷ ବପୁସର ଗୋଟିଏ ଅଭିଆଡ଼ୀ ଝିଅ, ନାମ ସରସ୍ୱତ୍ତୀ । ଗାଁଟା ବଡ଼ ବଣୁଆ, ସଞ୍ଜ ବାଜିଲା ତ ବାଘ ସ୍ତାଲୁ ମେଳା ମେଳା, ଦିନ ଥାଉଁ ଥାଉଁ ଲୋକମାନେ ଖାଇ ପିଇ ଚାଟି କବାଟ କଳ ଶୋଇ ପଡ଼ନ୍ତି । ସେହିଠାରେ କନ୍ୟା ଠିକଣା ହେଲା । ବୋଇଲା ବାର କଥାରେ ବାହା, ଢେର ଥର କଥାବାତ୍ତା ଚଳିଲା, ଶେଷକୁ ଧାଣ୍ଡ ଦେଖି ଆସି କହିଲା "କନ୍ୟାପର କନ୍ୟାଟାଏ ଏକା, ନାମ ସରସ୍ୱତ୍ତୀ, ଦେଖିବାକୁ ଲକ୍ଷ୍ମୀ ମୂର୍ତ୍ତିଟିଏ, ଗୋଟିଏ ସ୍ତୁଲରେ ଗଡ଼ା, ଗୁଣର ସୀମା ନାହିଁ ।"

କନ୍ୟା କଥା ଶୁଣି ବୁଢ଼ୀ ତ ଅଥପ୍ପ । ରୂପ ଗୁଣ ଶୁଣି ଗୋପାଳବାବୁଙ୍କ ମନ ଝିକଏ ଡରିଲାଣି, ବସ୍ତର କଲେ, ନ ପଡ଼ିଛୁ ତ ନାହିଁ, କଣ କରିପିବ, ତାକୁ ନ ଦୁଏ ବସାରେ ବସି ପଢ଼ାଇବ ।

ବର୍ଷା ହୋଇଗଲା । ବସାରେ ହେଲେ ଚାରି ଜଣ । ଗୋପାଳବାବୁ ବାର ଚଉଦ ବର୍ଷର ଗୋଟିଏ ଉଣ୍ଡାସୁ ପିଲାକୁ ଡାକହାକ ଶୁଣିବା, ବଜାରହାଟ ସଉଦା କର ଦେବାଲୁଗି ରଖି ଦେଇଛନ୍ତି । ଗୋପାଳବାବୁଙ୍କ ଇଚ୍ଛା, ବୋହୂ, ସାଙ୍ଗରେ ଯେଉଁ ଦାସୀଟା ଆସିଛୁ, ତାକୁ ସବୁଦିନ ବସାରେ ରଖିବେ । ମା ଡରରେ ରଖିଲେ ନାହିଁ । ବୁଢ଼ୀ ଏତେ ଉମଡାମାଳ ବୁଝେ ନାହିଁ । କହିଲେ, "ଆଜ ଜାଣି ଟଙ୍କା ଯୋଡ଼ାଏ ଘରେ ପଶୁଛୁ, ଦାସୀଟାଏ ରଖି ପକାଇବା, କାଲ ଟଙ୍କା ନ ମିଳଲା ! ନାହିଁ ରେ ବାପା, ଟଙ୍କା ଯୋଡ଼ାକ ଯାଇଚ ରଖିଥିଲେ ବେଳରେ ଓ କରିବ ।"

ବୋହୂର ରୂପ ଗୁଣ ଦେଖି ବୁଢ଼ୀ ଦିନ ରାତ ତାହାର ପ୍ରଶଂସା ଗାଉଛୁ,ମୁହଁରେ ସବୁବେଳେ ହାତେ ଲମ୍ବ ଓଡ଼ଣା, ନଈଁ ନଈଁ ଚାଲେ, ପନ୍ଦର ଦିନ ହେଲା ଆସିଲା, ପନ୍ଦ ବୋଲ କଥା କେହି ଶୁଣି ନାହିଁ । ଭଲ ଘର ଝିଅଟିଏ ଏକା, ମା ଭଲ ଗୁଣଗୁଡ଼ିଏ ଶିଖାଇଛୁ, ଇତ୍ୟାଦି ଇତ୍ୟାଦି ।

ବୁଢ଼ୀଟା ଯେମନ୍ତ ବୋହୂକୁ ଚାହିଁ ବସିଥିଲା, ବସ୍ତରର ଅଷ୍ଟମଙ୍ଗଳା ଯାଇ ନାହିଁ, ବୁଢ଼ୀ ବାଧିକା ପଡ଼ିଲା ଯେ, ବଛଣା ଧରିଛୁ; ଆଉ ଉଠିବାକୁ ନାହିଁ । ଦିନ ପନ୍ଦରଟା ମଧ୍ୟରେ ଆପଣା ନିଜ ଜାଗାକୁ ଚାଲିଗଲା ।

ମରିବା ବାଦିନ ଆଗରୁ ପୁଅକୁ ପାଖରେ ବସାଇ ଟେର ଉପଦେଶ ଦେଲା । "ବାପା ! ବେଳ ମାପିକେ ଖାଇବୁ, ଟଙ୍କାକଉଡ଼ି ସାଇତିବୁ, ବୋହୂକୁ ଭଲ ପାଇବୁ, ମୋର ଟେର ଦିନରୁ ମନ, ଗୋଟିଏ ସୁନା ଅଳକା ବନାଇ ଦେବୁ, ବୋହୂ ମୁଣ୍ଡରେ ଲଗାଇବ ।" ସୀତା-ଦେଈଙ୍କୁ ଡକାଇ କହିଲା, "ଆଲୋ ସୀତା, ବୋହୂଟା ଭତେ ଲଗିଲା, ଚିଲାଟା କଛୁ ଜାଣେ ନାହିଁ ।" ବୁଢ଼ୀର ଥାଟି ପଡ଼ିଗଲା, ଆଉ କଛୁ କହିପାରିଲା ନାହିଁ । ମାଉସୀ ପୁଅବୁ ଦି'ଜଣ ଗୋଡ଼ ପାଖରେ ବସି ଟେର କାନ୍ଦିଲେ ।

ବୁଢ଼ୀର ତ ନିପ୍ପାକର୍ମ ସବୁ ଛୁଡ଼ିଲା । ଗୋପାଳବାବୁ ଏବେ ବୋହୂଟାକୁ ପାଠ ପଢ଼ାଇବାକୁ ଆରମ୍ଭ କଲ୍ଲି-ଦେଲେ । ଗ୍ରେଜ ସଞ୍ଜବେଳୁ ପାଖରେ ବସାଇ ଗୁଡ଼ି ଦୁଇଘଡ଼ି ଯାଏ ପଢ଼ାନ୍ତି । ଅ ଅକ୍ଷରଟା ଲେଖି ଶିଖିବାକୁ ମାସେ କାଳ ବଉଗଲା । ମାସ ଦି'ଟା ଭିତରେ ବୋହୂ ଅ-ଆ ଦଟା ପୂରାପୂରି ଶିଖିଗଲାଣି, ଇ ଅକ୍ଷରଟା କନ୍ତୁ ସହଜରେ ହେଉନାହିଁ, ହ୍ରସ୍ୱଇ ଟା ଶିଖିବାକୁ ଛ ସାତ ଦିନ ଗଲା, ଲେଖି ଆସୁ ନାହିଁ । ବୋହୂ କହୁଛୁ,'' ଏ ଅକ୍ଷରଟା ବଡ଼ ମୋଡ଼, ଲେଖି ଆସୁନାହିଁ ।" ପନ୍ଦର ଦିନକାଳ ମେହନତ କର ଶିଖାଇ ନ ପାରିବାରୁ ଗୋପାଳ ବାବୁ ବଡ଼ ଦକ୍‌ଦାର ହେଲେଣି । ବୋହୂଟା ବି ଠାଁ ଏକ ଜାଗାରେ ଦୁଇ ଘଣ୍ଟାକାଳ ବସି ଚଢ଼ି ଚଢ଼ି ଦକ୍‌ଦାର । ଗୋପାଳବାବୁ ମନରେ କଲେ—ବୁଢ଼ୀ ଟାଙ୍କୁ ରମ ରମ ଶିଖାଇବା ସହଜ କଥା ନୁହେ ।

ସରସ୍ୱତୀ ଦେଈ ମନରେ କଲେ—ସେ ଏତେ ମେହନତ କର କିଁୟା ପାଠ ପଢ଼ିବେ, ବାବୁଙ୍କୁ ପଟ୍ଟରବେ ପଟ୍ଟରବେ ମନରେ କରନ୍ତି, ହେଲେ ଭରସା ଖଟେ ନାହିଁ । ଆଜ ଖୁବ୍ ସାହସ କର ପଟ୍ଟରଲେ, "ହଁ ହେ, ତୁମେ ସିନା କଚେରି ଦରବାରକୁ ଯିବ, ପାଠ ପଢ଼ିବ, ମୁଁ କିଁୟା ପାଠ ପଢ଼ିବ ?"

Chhaya@Kanta

ଗୋପାଳ—"କଚେରି ଦରବାର ନାହିଁ, ତୁମେ ପାଠ ପଢ଼ିଲେ ବୁଦ୍ଧି ହେବ।" ଏ କଥା ଶୁଣି ସରସ୍ୱତ୍ତା ଦେଈ ତ ଖୁବ୍ ଗେଟାଏ ହସିଲେ । ଗୋପାଳବାବୁ ମନରେ କଲେ, ତାଙ୍କ କଥା ମନକୁ ନ ପାଇବାରୁ ବୋହୁ ଅବଜ୍ଞା କରୁ ହସିଲା । ହେଲେ ଗୋପାଳ-ବାବୁଙ୍କର ଏଟା ଭୁଲ, ପୂରାପୂର ଭୁଲ । ଅସଲ କଥା କଣ କ, ସରସ୍ୱତ୍ତା ଦେଈ ଭଲ କର ଜାଣନ୍ତି, ତାଙ୍କର ବୁଦ୍ଧି ଢେର । ରୂପରେ ଗୁଣରେ ତାଙ୍କ କଛରେ ମୂଲକରେ କେହି ନାହିଁ, ତେବେ ଆଉ ପାଠ ପଢ଼ିବେ କ୍ୟା ? ତାଙ୍କର ଯେ ବୁଦ୍ଧି ଢେର, ତାହା ଗାଁ ସାନ୍ତାଳ ମାଇକନଆମାନଙ୍କ କଛରୁ କେତେ ଥର ଶୁଣିଛନ୍ତି । ତାଙ୍କ ବୋଉ ବ ଢେରଲୋକ ପାଖରେ କହିଛନ୍ତି, "ବୁଦ୍ଧିରେ ମୋ ଝିଅ କନ୍ଦରେ ଆଉ ଗୋଟାଏ ଝିଅ ମୂଲକରୁ କାଢ଼ିଲ ଭଲ ? ଘର ଉଜାରେ କଏ ବାଛୁବ ? ଶାଗ ଶନ୍ତୁକଲେ ଗାଁ। ଗୋଟାଏ ମଦ୍ଦକ ଯାଏ । ସବୁ ଗୁଣରେ ମୋ ଝିଅ ଫଗୁକତ । ଚଉଡ଼ପିଠା କରବାରେ ତା ଆଗରେ କେଉଁ ଝିଅଟା ଠିଆ ହେବ ହେଉ ତ ଦେଖେଁ । ଦୁଆରେ ଝୋଟି ଦେଇଥିଲେ ଦାଣ୍ଡଗଲ୍ଲା ଲୋକ ଗୁହିଁ ଗୁହିଁ ଯାନ୍ତି ।" ସେ ମନରେ କଲା, ବାବୁଙ୍କୁ ମୋ ବୁଦ୍ଧିକଥା ଅଜଣା, ସେଇଥି ଲାଗି ପାଠ ପଢ଼ିବାକୁ କହୁଛନ୍ତି । ସବୁ କାମ ଦାମ ଗୁଡ଼ି ମୁଁ ତ ଆଉ ହର୍ଷଇ ହର୍ଷଇ ଦ ଘଣ୍ଟା ବସି କହି ପାରିବ ନାହିଁ ।

ଏଣିକ ବାବୁ ପାଠ ପଢ଼ିବାଲାଗି ଡାକଲେ, "ମୋ ହାତରେ ପାଇଟି ଅଛୁ" କହି ମୁହଁ ବୁଲାଇ ଗୁଲଯାନ୍ତି । ଗୋପାଳବାବୁ ଏଥିପାଇଁ ବଡ଼ ବରକ୍ତ ।

ଗୋପାଳବାବୁ ମନରେ କଲେ, ଏଟା ତ ପଢ଼ିଲ ନାହିଁ, ଭୁଟ୍ଟାରେ ବସାଟାରେ ବସି ବସି କଣ କରିବ ? ଗାଁ ମୁଣ୍ଡରେ ରଧେ ବାବାଜୀ ମଠ—ଅମଲମାନେ ମିଳ ସେଠାରେ ଗୋଟିଏ ସଭା କରୁଛନ୍ତି, ନାମ 'ଭକ୍ତିବାଦ୍ଧିନୀ ସଭା' । ସଭାରେ ପୁରାଣ ପାଠ ଓ ଧର୍ମ ବିଷୟ ଚର୍ଚ୍ଚା ହୁଏ । ସଞ୍ଜ ବାଜଗଲେ ବାବୁ ସେହି ସଭାକୁ ଗୁଲଯାନ୍ତି ।

ସରସ୍ୱତ୍ତା ଦେଈ ପ୍ରଥମରୁ ବରକ୍ତ ଥିଲେ । "ସଞ୍ଜ ବାଜଲା, ଖାଇ ପିଇ ଶୋଇ ପଡ଼ିବ, ଘାଙ୍କ ଘରେ ଘୃତ ପଡ଼ରକେ ଘୃତ ଖାଇବେ, ଏଟା କଣ ମ ?" ସରସ୍ୱତ୍ତା ଦେଈଙ୍କର ଏଣିକ ମନ ମଧ୍ୟରେ ଉତ୍ପାନକ ଚନ୍ତା ।

ପ୍ରଥମ ଚନ୍ତା—ଗାଁରେ ତ ସମସ୍ତେ ଚାହି କବାଟ ଦେଇ ଶୋଇ ପଡ଼ଲେଣି, ବାବୁ ଆଉ ଏକୁଟିଆ କୁଆଡ଼େ ଯାନ୍ତି ? ବାଘଟାଏ ଘୁଲୁଟାଏ ବାହାର ପଡ଼ଲେ କଣ ହେବ ? ସବୁବେଳେ ଘୋଡ଼ାଡ଼ାଡ଼ି ହୋଇ କୋଣରେ ବସିଥିବେ, କାହାର ସାଙ୍ଗରେ ତ କଥା କହିବେ ନାହିଁ । ଦାଣ୍ଡ ଲୋକ ତ ଘର ଭିତରକୁ କେହି ଆସନ୍ତି ନାହିଁ, ଏ ଗାଁ। ହାଲ କାହିଁ ଜାଣିବେ ?

ଦ୍ୱିତୀୟ ଚନ୍ତା—ବାବୁ ଏଣିକ ମତେ ଆଉ ଭଲ ପାଉ ନାହାନ୍ତି—ନଣ୍ଟେ ଆଉ କାହାକୁ ଭଲ ପାଉଛନ୍ତି—ସେ କଏ ?

ତୃତୀୟ ଚନ୍ତା ବାବୁ କଣ ରୋଜ ତାହାର ପାଖକୁ ଯାନ୍ତି ? ଅବଶ୍ୟ ତାହାର ପାଖକୁ ଯାନ୍ତି ।

ସବୁବେଳେ ଚନ୍ତାରେ ଦେହ ଶୁଟି ଗଲଣି । ଶେଷରେ ସ୍ଥିର କଲେ, ବାବୁଙ୍କୁ ପଗ୍ଭରବେ, କୁଆଡ଼େ ଯାନ୍ତି । ହେଲେ, ପଗ୍ଭରବାକୁ ଭରସା ଖଟୁ ନାହିଁ ।

ଶାଶୁ ମଲ୍ଲ ଦନ ପାଖରୁ ମଉସୀଶାଶୁ ରୋଜ ବେଳକୁଡ଼େ ବୋହୂକୁ ଦେଖିବାକୁ ଆସନ୍ତି । ଏବେ ରୋଜ ଥରେ ବୁଝାନ୍ତି, "ଶାଶୁ ଲାଗି ଏତେ ଚନ୍ତା

କର ନା; ତୋ ଦେହ ଶୁଖି ଗଲଣି ରେ । ଶାଶୁ ବୁଢ଼ୀ ହୋଇଥିଲ, ମରିଗଲ, କଣ କରିବୁ ? ଶାଶୁ ଶଶୁରକୁ ଯେନ କଣ ବୋହୂମାନେ ସବୁଦିନେ ଘର କରନ୍ତି ? ଯା ମା, ଆଉ ଚନ୍ତା କର ନା ।" ବଡ଼ୀ ମନରେ କଲ, ବୋହୂ ଶାଶୁ ଲଗି ଖାଲି ଖାଲି ଶୁଖିଗଲଣି ।

ଆଜ ମାସର ଶେଷ ଶନିବାର । ବାବୁ ଚଞ୍ଚଳ କଚେରିରୁ ଆସିଥିଲେ । ସଞ୍ଜ ନ ବାଜୁଣୁ ସଭାକୁ ବାହାରିଛନ୍ତି । ସରସ୍ୱତ୍ତା ଦେଇ ଖୁବ୍ ଦେମତ କରି ପାଖକୁ ଯାଇ ପଚାରିଲେ,"ହୋଇ ହେ, ରୋଜ ଘଡ଼ରେ ତୁମେ କାହା ପାଖକୁ ଯାଅ ?"

ବାବୁ—ଭକ୍ତି-ଦାୟିନୀ ସଭାକୁ ।

ସରସ୍ୱତ୍ତା—କଣ—କଣ କହିଲେ ? ଭଗବତ୍ତା ଡାହାଣୀ ?

ବାବୁ ହସି ହସି କହିଲେ—ହଁ ହଁ, ଭଗବତ୍ତା ଡାହାଣୀ !

ସରସ୍ୱତ୍ତା—ଶୋଭା କଣ କହିଲ, ସେ କଣ ବଡ଼ ଶୋଭାକାର ।

ବାବୁ ଟାଣ୍ଡିଲ କରି କହିଲେ—ହଁ, ହଁ, ଘର ଶୋଭାକାର ।

ବାବୁ ହସି ହସି ଗଲିଗଲେ, ମନମଧ୍ୟରେ ଘର ଦରଦାରତ୍ତା ବି ହେଲେ । ବଣା ସାନ୍ତାଳ ଗାଁରୁ କ କଣଜନ୍ତୁତ୍ତାଏ ଆଣିଛୁ, ଭକ୍ତିଦାୟିନୀ କଥାତ୍ତା କହି ଆସୁନାହିଁ, କରୁଛୁ କଣ ନା, ଭଗବତ୍ତା ଡାଆଣୀ । କଣ ଖୋଜୁଥିଲ, କଣ ପାଇଲ - କପାଳ କଥା ! ସରସ୍ୱତ୍ତା ଦେଇ ଯେ ଜାଗାରେ ଛିଡ଼ା ହୋଇଥିଲେ, ଠିକ୍ ସେହି ଜାଗାରେ ଖୁମ୍ଭିଟିରେ କନ୍ଥକୁ ଆଉଜି ଛିଡ଼ା ହୋଇଛନ୍ତି । ବହି ଘଡ଼ିଏ ହୋଇଗଲଣି, ଅର୍ଜୁନା ଡାକଦେଲ, "ମା ଇମିତ୍ତା ଦୋଇ ଛିଡ଼ା ହୋଇଛନ୍ତି କ୍ୟା ? ହାଣ୍ଡିଶାଳ ଦୁଆରେ ଦସି କୁହୁଳା ଥେଇ ଦେଇଛୁ, ପାଣି ବି ମାଠିଆ ରଖି ଦେଲଣି, ଯାଉନ୍ତୁ, ଘାଁଚ ବାନ୍ଧିବେ ଯାଉନ୍ତୁ ।" ଅର୍ଜୁନାର ଦୁଇ ତନ ଡାକରେ ସରସ୍ୱତ୍ତା 'ହୁଁ' ବୋଲି କହି ହାଣ୍ଡିଶାଳକୁ ବାହାରିଲେ, ଚୁଲ୍ଲିରେ କୁହୁଳାତ୍ତା ପକାଇ ଦେଇ ହାଣ୍ଡି ବସାଇ ଦେଲେ । ରୋଜନା ତନ ଜଣ ପାଇଁ ରନ୍ଧା ସେରେ ଗୁଡ଼ଲ । ସରସ୍ୱତ୍ତା ଦେଇ ଅମତା ଅପୋତ୍ତା ଗୁଡ଼ଲଧୂଆଏ ଗୁଡ଼ଲ ଆଣି ହାଣ୍ଡିରେ ଢାଳଦେଲେ । ଗୁଡ଼ଲତ୍ତା ଅଧୂଆ । ଲୋତ୍ତାଏ ପାଣି ଢାଳଦେଇ ଚୁଲ୍ଲି ଜଳା ଲଗାଇଛନ୍ତି । ଅର୍ଜୁନା ଅନାଇ ଥାଏ । ଦେଖି ଦେଖି ମନରେ କଲ, ଆଜ ଏ କଣ ହେଉଛୁ । ଦଣ୍ଡକ ବାଦେ ଅର୍ଜୁନା ଡାକଦେଲ, "ମା ମା, ଦେଖନ୍ତୁ— ଦେଖନ୍ତୁ ଘିଅ ଭଳ ଲଗିଗଲ ପର— ଗୁଡ଼ଲ ଗୋଡ଼ା ଗରାଉଛୁ ।" 'ହୁଁ' ବୋଲ କହି ସରସ୍ୱତ୍ତା ଦେଇ ଆଉ ଅଧ ମାଠିଆଏ ପାଣି ଗବ ଗବ କରି ହାଣ୍ଡିରେ ଢାଳ ଦେଲେ । ଦଣ୍ଡକ ବାଦେ ମେଞ୍ଚାଏ ଦଲଦ ଓ ମୁଠାଏ ଲୁଣ ହାଣ୍ଡିରେ ପକାଇ ଦେଇ ପାଣି ବସିଲେ । ଅର୍ଜୁନା ଡାକଲ, "ମା ମା, ଘିଅରେ ଦଲଦ ପକାଇଲେ କ୍ୟା ?" ଅର୍ଜୁନାର କଥା କଣ କାନରେ ପଶୁଛୁ ? ଆକାଶ ପାତାଳ ଭାବନା, ଚନ୍ତାର ସୀମା ନାହିଁ । ଆଖି ଆଗରେ ପୃଥିବୀତ୍ତା ଯେମନ୍ତ ଦୂର ଯାଉଛୁ, ଭଗବତ୍ତା ଡାହାଣୀ ନାଚ ନାଚ ତାଙ୍କ ପାଖକୁ ଧାଇଁ ଆସୁଛୁ ।

ସରସ୍ୱତ୍ତା ମନରେ କଲେ, ଭଗବତ୍ତା ଡାହାଣୀ କଥା ଅର୍ଜୁନାକୁ ପଚାରି ବୁଝିବେ । ସ୍ୱାମୀ କଥା— ଅସୁନ୍ଦର କଥା । ତୋକାତ୍ତାକୁ ପଚାରିବାକୁ ବଡ଼ ଲଜ ମାଡ଼ୁଛୁ । ଅର୍ଜୁନାକୁ ଦୁଇ ତନ ଥର ଅନାଇଲେ, ପଚାରି ପାରୁ ନାହାନ୍ତି । ଆଉ ସମ୍ଭାଳ ହୋଇ ପାରିଲେ ନାହିଁ, ପଚାରିଲେ, "ହୋଇ ରେ ଅର୍ଜୁନା, ତୁ ଭଗବତ୍ତା ଡାହାଣୀକୁ ଦେଖିଛୁ ?"

Chhaya@Kaat

ଅର୍ଜୁନା—କୋଉଁ ଡାହାଣୀ, ମା ?

ସରସ୍ୱତ୍ତା—ଆରେ ସେଇ ଭଗବତ୍ତା—ସେ କଣ ବଡ଼ ଶୋଭ୍ତାକାର ?

ସରସ୍ୱତ୍ତା ମନରେ କରଛନ୍ତି, ଅର୍ଜୁନା ସବୁ ଜାଣେ, ଅବଶ୍ୟ ଜାଣେ । ଅର୍ଜୁନା ଦଣ୍ଡେପାଏ ଚୁନ ହୋଇ ରହିଲା, ସେ ଚଲକ ଭଣ୍ଡାର ପିଲା, ଆପଣା ଅଜଣାପଣିଆ କିଂୟା ପ୍ରକାଶ କରିବ ? ଖୁବ୍ ପାଟିରୁ କରି କହିଲା, "ହଁ ମା, ଦେଖିଛୁ, ଦେଖିଛୁ ।" ନଶ୍ଚପ୍ୟ·ସେ ଜାଣିଶୁଣି ମିଛ କହି ନାହିଁ । କଥା କଣ କି, ସେ ବାବୁଙ୍କ ସାଙ୍ଗରେ ଦିନେ ଘୋଡ଼ରେ ଶ୍ୟାମସୁନ୍ଦର ମନ୍ଦିରକୁ ଝୁଲଣ ଯାତ୍ରା ଦେଖିବାକୁ ଯାଇଥିଲା । ଗୋଟିଏ ସୁନ୍ଦର ମାଇକନଆ ଠାକୁର ଆଗରେ ନାଚ ନାଚ ଗୀତ ଗାଉଥିଲା, ଦେଖି ଆସିଛୁ । ଅର୍ଜୁନା ଘର ଚାମର ଘୋର ଲମ୍ବା ଦଣ୍ଡି ସମ୍ମୁଦ୍ରକୂଳ ମଫସଲ—ମାଇକନଆ ନାଚନ୍ତି, ଆଉ ଏତେ ସୁନ୍ଦର ମାଇକନଆ ଛାଡ଼ାର କୌଣସି ପୁରୁଷରେ କେହି ଦେଖି ନାହିଁ । ମନରେ କଲା, ଛାଡ଼ାର କଥା ମା ଚଉରୁଛନ୍ତି ।

ସରସ୍ୱତ୍ତା—ବାବୁ କଣ ତା ପାଖରେ ବସିଥିଲେ ?

ଅର୍ଜୁନା—"ହଁ, ତା ପାଖରେ ବସିଥିଲେ ।" ଛାଡ଼ା ବାଦେ ଆପଣାର ଜାଣନ୍ତାପଣିଆ ପ୍ରକାଶ କରିବା ଲଗି ବଞ୍ଚିନା କଲା, "ସେ ଭଗବତ୍ତା ଡାହାଣୀ କେଡ଼େ ସୁନ୍ଦର, କମିତ ବଡ଼ ସୁନ୍ଦର ଲୁଗା ପିନ୍ଧିଛୁ, ହାତରେ ମୁଣ୍ଡରେ କେତେ ସୁନା ଅଳଙ୍କାର ଲଗାଇଛୁ ।"

ସାନ୍ତାଣୀ ଗୋଟାଏ ଲମ୍ବା ଚଟ୍ ଧରି ସ୍ନାନ ଘାଣ୍ଟ ହେଲେ, ମୁହଁ ଫେରାଇ ଅର୍ଜୁନାକୁ ପଚାରିଲେ, "କଣ କଣ, ସେ ମୁଣ୍ଡରେ ସୁନା ଅଳକା ଲଗେଇଛୁ ?"

ଅର୍ଜୁନା—ହଁ ମା ସୁନା ଅଳକା ଲଗେଇଛୁ, ମୁଁ ଦେଖିଛୁ ପରା !

ସରସ୍ୱତ୍ତାଙ୍କ ମୁଣ୍ଡରେ ପିମିତ ନଆଁ ପାଣ୍ଟୁଆ କଏ ଅଜାଡ଼ ଦେଲା । ରଡ଼ିହାଏ ଚୁଡ଼ି ଚୁଡ଼ା ହୋଇ ପଡ଼ିଲେ, "ଏଁ କଣ ? ମୋ ଶାଶୁ କହି ଯାଇଥିଲେ, ମୁଁ ସୁନା ଅଳକା ମୁଣ୍ଡରେ ଲଗାଇବି, ତାକୁ ଡାହାଣୀ ମୁଣ୍ଡରେ ଲଗାଇ ସାରିଲଣି ? ମୁଁ ଜୀବନ ରଖିବି ନାହିଁ, ଆଜି ଜୀବନ ଦାରୁଇ ଦେବି ।" ହାତରେ ଲମ୍ବା ଚଟ୍ ଥିଲା, ଦୁମାଦୁମ୍ ସ୍ୱତ ଛାତିରେ ବାଡ଼େଇଲେ । ଘୃତଳଆ ସ୍ୱତ ମେଜ ଖପରାରେ ଚଲ୍ଲା ପ୍ରରଗଲା, ନଆଁ ଗୁଡ଼ାକ ନଭ୍ପାଇ ସେଁ—ସେଁ କରୁଛୁ, ତତଲା ତେଜ ଛୁଟିକି ଗୋଡ଼ ହାତରେ ପଡ଼ି ଗୁଆ ପର ଗୋଟା ଗୋଟା ଫୋଟକା ବାହାର ପଡ଼ିଲଣି । ସେଥିକ ନଜର ନାହିଁ । ଘରେ ପେତ୍ତ ପାଣିଜଳସୀ, ତରକାର ହାଣ୍ଡ, ଘୃତଳ ହାଣ୍ଡି ଥିଲା, ଚଟ୍‌ରେ ବାଡ଼େଇ ଗଲେ, ହାଣ୍ଡିଶାଳ ଗୋଟାଯାକ ଖପର, ପାଣି, ଘୃତଳ, ତେଜରେ ପ୍ରର ଗଲଣି । "କଣ ହେଲା, କଣ ହେଲା" କହି ଅର୍ଜୁନା ରଡ଼ି ଚୁଡ଼ୁଛୁ । ବାହାରକୁ ବାହାର ଆସି ଅର୍ଜୁନା ଧରୁ ଧରୁ ଭୁଇଁରେ ମୁଣ୍ଡ ବାଡ଼େଇ ଦେଲେ । ମୁଣ୍ଡ ଫାଟିଯାଇ ରକ୍ତଧାର ଛୁଟିଛୁ, ପିଣ୍ଡାରେ ବସିପଡ଼ି ବାଡୁନବାକୁ ଲଗିଲେ—

"ବୋଉ ଲେ ! ମତେ କିଂସେଇ ଖୁଣ୍ଟରେ ବାନ୍ଧ ଦେଇଛୁ ମୋ ବୋଉ ଲେ ! ମୁଁ ମରିବାତ୍ତଳେ ତୋ ମୁହଁ ଦେଖିଲି ନାହିଁ, ମୋ ବୋଉ ଲୋ ! ମତେ ନଆଁ ଖାତକୁ ପେଲି ଦେଲୁ, ମୋ ବୋଉ ଲେ !"

ଅର୍ଜୁନା ଦୁଇ ହାତରେ ବାଡୁନା ପାବଡ଼ ଧରି ବସି ଡକା ପାରୁଛୁ । ଉଡ଼ିଏ ଯାଏ ବାଡୁନ ବାଡୁନ ହାଲିଆ ହୋଇ ପଡ଼ିଲେଣି । ଟିକିଏ ଅଚେତ ହୋଇ ପିମିତ ତଳେ ଢଳି ପଡ଼ି ଯାଇଛନ୍ତି, ଅର୍ଜୁନା ଧୀରେ ଧୀରେ ହାତ ଛାଡ଼ି ଦେଇ ସିଧା ବାବାଙ୍କ ମଠକୁ ଧାଇଁଲା । ଅଧାରାସ୍ତାରୁ ପାଟିକରି ଧାଇଁଛୁ—"ସାନ୍ତେ, ଦଉଡ଼ ଆସ, ଘର ବୁଡ଼ିଲା, ଘର ବୁଡ଼ିଲ, ମା ସରିଗଲେଣି ।"

ସଭାରେ ପୁରାଣପାଠ ଚର୍ଚ୍ଚା ଲଗିଛି । ଅର୍ଜ୍ଜୁନାର ପାଟି ଖଣ ବାଜଗଲାଣି, ଭଲକର କଥା କହି ପାରୁନାହିଁ । ସମସ୍ତେ ବୁଝିଲେ, ମୁକ୍ତାର ଘର ଗୋଡ଼ଗଲା, ସାଆନ୍ତାଣୀ ମରଗଲେଣି । ମୁକ୍ତାରଙ୍କୁ ତ ବାଟ ଦଶୁ ନାହିଁ, ଧାଇଁଛନ୍ତି । ଅଜ ଅମଲ, ଓକଲ, ମୁକ୍ତାର ଯେତେ-ଜଣେ, ସମସ୍ତେ ଧାଇଁଛନ୍ତି; ପୁରାଣପଣ୍ଡା ବୁଢ଼ା ହର ମିଶ୍ରେ ପୁରାଣ ଖୋଦା ତଳେ ଫୋପାଡ଼ ଦେଇ ସମସ୍ତଙ୍କ ପଛରେ ନଦରପସର ହୋଇ ଧାଇଁଛନ୍ତି । ଦଣ୍ଡକ ମଧ୍ୟରେ ବାଟୋଇ, ଆଜ୍ଞ ଆଜ୍ଞ ପାଖ ପଡ଼ଶା ଶଙ୍କଡ଼ା ଲୋକ ଘରର ଚଉଠିଠି ବେଢ଼ି ଗଲେଣି । ସମସ୍ତେ ପଚାରୁଛନ୍ତି, "କଣ ହେଲ ?" ଉତ୍ତର କଥା ଜାଣୁଛି କଏ, ଜବାବ ଦେଉଛି କଏ ?

ମୁକ୍ତାର ବାବୁ ଘର ଭିତରକୁ ଯାଇ ଦେଖିଲେ, ସରସ୍ୱତୀ ଦେଈ ଭୂଇଁରେ ପଡ଼ ଗଁ ଗଁ ଗର୍ଜ୍ଜୁଛନ୍ତି । ଡାକ୍ତ୍ରିଶାଳର ହାଲ ଦେଖିଲେ, ଅର୍ଜ୍ଜୁନାକୁ ଢେର କଥା ପଚାରିଲେ, ବସାକୁ କଏ ଆସିଥିଲ, କଏ କଣ କହିଲ, ସାନ୍ତାଣୀ କଣ ଖାଇଲେ ଇତ୍ୟାଦି ଢେର କଥା ପଚାରିଲେ । ଗୋଟିଏ ଉତ୍ତର, "ନା, ମୁଁ କିଛି ଜଣେ ନାହିଁ ।"

ବାବୁ—ତୋତେ କିଛି କଥା କହିଥିଲେ ?

ଅର୍ଜ୍ଜୁନା ଟିକେ ହେଉ ଡୋକ କହିଲା, 'ନା' । ଅର୍ଜ୍ଜୁନା କନ୍ଥ କଥାଟା ଜାଣୁ ଜାଣୁ ମିଛ କହିଲା, ଭଗବଟା ଡାହାଣୀ କଥା, ସୁନା ଅଳକା କଥା, କହିଲେ କେଜାଣି ଉପରକୁ କିଛି ବଟା ଆସିବ ।

ଗୋପାଳବାବୁ ବାହାରକୁ ବାହାର ଯାଇ ଭିତରର ହାଲ ସବୁ କହିଲେ । ବାବୁମାନେ ବଚ୍ଚର କର ସ୍ଥିର କଲେ, ଏଟା ଏକରକମ ବ୍ୟାଧି । 'ଚଞ୍ଚଳ ଗୁରଜଣ ଧାଅଁ—ଯେଉଁଠି ଯେଉଁ ଡାକ୍ତରକୁ ପାଇବ, ଧରି ନେଇଆସ ।' ହର ମିଶ୍ରେ ଟିକେ ଖପ୍‌ପା ହୋଇ କହିଲେ, "କଣ ହେ, ଆମକୁ ନ ପଚ୍ଚାର ଡାକ୍ତର ଆଣି ଧାଇଁଛ; ଏ ରୋଗକୁ ଡାକ୍ତର ତ ଡାକ୍ତର, ଡାକ୍ତରର ବାପା ! ପିଚାସୁଣୀ ପବନ ଲଗିଛି । ଡାକ, ଗୁଣିଆ ଶୁନିଆ ମୁଖାକୁ, ସାଙ୍ଗେ ସାଙ୍ଗେ କାନରେ ବାନ୍ଧ ଘେନଯିବ । ଦଶଜାଗା ଆମର ଏ ଅଙ୍ଗେ ନଭେଇବା କଥା ।" ହର ମିଶ୍ରେ ପୁରୁଣା ପୁରୁଖା ଲୋକ. ଘଷା ଘଗବଚ୍ଚର ଭଲ ଅର୍ଥ ଜାଣନ୍ତି, ତାଙ୍କ କଥା କଣ ତଳେ ପଡ଼ିବ ? କାହାରକୁ ନ କହି ମୁକ୍ତାରବାବୁ ଗୁଣିଆକୁ ଡାକିବା ଲଗି ଏକ-କାନଆ ଆପେ ଧାଇଁଲେ । ଅନ୍ଧାର ଘଣ୍ଟ ଦଶ ଜାଗାରେ ହାବୁଡ଼ ଆଣ୍ଠୁ ଗଣ୍ଠି ଛିଡ଼ ଫରଫର ରକ୍ତ ବହି ପଡ଼ୁଛି । ପଛ ସାଙ୍ଗ ମଣିଷ ଧରି ଉଠାଇ ନେଉ ନ ଥିଲେ କେଜାଣି କ ହାଲ ହୁଅନ୍ତା !

ଶୁନିଆ ମୁଖୀ ଏ ଅଞ୍ଚଳରେ ଜଣେ ଡାକନାମ ଗୁଣୀ । ଲୋକଟା ବାଙ୍ଗରୁ, ଥୋଥମା ଥୁଥମୀ, ବାଘୁ ଯୋଡ଼'କ ଦେହକୁ ଗୁହିଁ ବେଶି ଲମ୍ବା ମୋଟା, କଣ୍ଠୁଣୀ କଣ୍ଡରୁ ହାତ ପାପୁଲି ଯାଏ କଛୁ ପାନ ଜଣାଯାଏ । ମୁହଁଟି ଖୁବ୍ ଚେପଟା, ବପନ୍ତ ଦାଗ ଦାଗ, ନାକଟି ବେଶି ଚେପା ଆଜ୍ଞ ମୋଟ । ଗୁଲବାବେଳେ ଜଙ୍ଘକୁ ଜଙ୍ଘ ଘଷିଯାଏ, ମୁଣ୍ଡରେ ଗୋଟାଏ ଅଧୁଲଟା ପର ସିନ୍ଦୁର ଟିପା । ଆଖିରେ ମଲ୍ଲା କଜ୍ଜଳ କଳା, ଦେଲେ ଦେହ ରଙ୍ଗ ସହିତ ମିଶି ଯାଇଛି, ଜଣା ପଡ଼େ ନାହିଁ । ମୁଣ୍ଡରେ ସାନ ପେଣ୍ଡା ବାଳରେ ଅଷ୍ଟଗ୍ଲେହ ଚେର ବୁଟି ପୂରା ପାଞ୍ଚଟା ଡେଉଁରିଆ । ଟାଣ ଗୁଣିଆ କ ନା, ଆଜ୍ଞ ଗୁଣିଏ ସହ୍ୟ ନ ପାର ବାଣ ମାରନ୍ତି, କେହି ଜଣେ ବାଣ ମାରିଲେ ଗୋଟାଏ ଡେଉଁରିଆ ଫଟ୍‌କର ଫାଟିଯାଏ । ଶୁନିଆ ମୁହଁରୁ ଏଡ଼ା ଶୁଣିବା କଥା । ଖଣ୍ଡେ ମଇଳା କନ୍ଥାଖଦ ପିନ୍ଧି ଅଣ୍ଟାରେ ମଇଳା ଗାମୁଛା ଭଡ଼ ବାନ୍ଧିଛି, ବାଁ କାନ୍ଧରେ ମୂଳମୂଳକାପୂତ୍ର ଗୋଟାଏ ଲମ୍ବା ମୁଣି, ଏଥିରେ ଖଣ୍ଡେ କାଙ୍ଗିର ହାଡ଼ ଅଛି, ସେପର ଟାଣ ଭୂତ ପ୍ରେତ ଡାହାଣୀ ଚରଗୁଣୀ ବେଳକୁ କାଡ଼େ, ହାତରେ ଗୋଟାଏ ମୋଟା ବାଉଁଶ ବାଡ଼ ।

ଶୁଙ୍ଗିଆ ଲୋକମାନଙ୍କୁ ଶୁଣାଇ ଖୁବ୍ ଜୋରରେ କହିଲା, "କଛୁ ଚନ୍ତା ନାହିଁ । ଦେଖନ୍ତୁ, ଏହିଲଗେ ଡାହାଣୀ ଚରଗୁଣୀ ଯାହାଥିବ ବନ୍ଧ ହେନପିବ ।" ମୁଠାଏ ମନ୍ତ୍ରା ବସ୍ତ୍ର ଘର ଗୃହପିଠି ବୁଣି ଦେଇ ଘର ଗୃହ କୋଣରେ ଗୃହଟା ଲୁହା କଣ୍ଟା ପୋତି ଦେଲା । ଅଧିକା ଆଉ କେହି ଭୂତ ପ୍ରେତ ଘର ଭିତରକୁ ପଶି ପାରିବେ ନାହିଁ । "ଚାଲନ୍ତୁ, ଏତେବ ରୋଗୀ ଦେଖାନ୍ତୁ !"

ଘର ଭିତର ପିଣ୍ଡାରେ ପଣନ୍ତ କାନଟାରେ ଭଲ କର ମୁଣ୍ଡ ପିଠି ପୋଡ଼ାଇ ଦୋଇ ଆଣ୍ଠୁ ପୋଡ଼ିକ କୁଣ୍ଢେଇ ଆଣ୍ଠୁ ଉପରେ ମୁଣ୍ଡ ଥେଇ ସରସ୍ୱତ୍ତା ଦେଈ ବସିଛନ୍ତି, ଝିକଏ ଗୁଇ ନଦ ଲଗିଲ ପର ଜଣାଯାଏ । ଅର୍ଜୁନା ଏକ ଧ୍ୟାନରେ ଚାଙ୍କୁ ଅନାଇ ବସିଛି । ଗୁଣୀ ଯାଇ ପାଞ୍ଚହାତ ଦୂରରେ ଛିଡ଼ାହେଲା,ରୋଗିଣୀକୁ ଚରୁଟି-ମରୁଟି ଭଲ କର ଦଣ୍ଡେଯାଏ ଅନାଇଲା, ଘର ଗୃହ-ବାଡ଼କୁ ବି ଅନାଇଲା, ତାହା ବାଦେ ଗୋପାଳବାବୁଙ୍କୁ ଗୃହିଁ ଏଣ୍ଡୁଅ ପର ଖୁବ୍ ଗମ୍ଭୀରେ ମୁଣ୍ଡ ହଲାଇ କହିଲା, "ହୁଁ, ଅନେଇ ଥାଆନ୍ତୁ ବାବୁ, ମୁଁ କଣ କରୁଛି ଦେଖିବେ ।" ଜଣାଯାଏ କଥାଟା ଅଳ୍ପ; ମାତ୍ର ସରସ୍ୱତ୍ତା ଦେଈଙ୍କ କାନକୁ ବାଜି ଯାଇଥିବ । ଝିକଏ ତାଙ୍କ ଦେହ ହଲଗଲା । ଇହିଁ ଭିତ୍ତରେ ଗୁଣିଆ ପାଞ୍ଚହାତ ଦୂରରେ ବାଆଁ ଆଣ୍ଠୁ ମାଡ଼ି ବସି ଆରମ୍ଭରେ ମନ୍ତ୍ର ଡାକିଲା—

"ବାର ବାର ହନୁମାନ ମହାବାର ତୁ ବାର ଥିଲୁ କାହିଁ, ମୋ ଡାକ ଶୁଣି ଅଇଲୁ ଧାଇଁ, ବାଲ୍ଲ ବାଲ୍ଲ ଭୂତ ବାଲ୍ଲ, ପ୍ରେତ ବାଲ୍ଲ, ଡାହାଣୀ ବାଲ୍ଲ, କାହାର ଆଜ୍ଞା, କାଉଁସ୍ତ କାମଚଣ୍ଡୀ, ଭଗବତ୍ତା ବାଶୁଲଙ୍କ କୋଟି କୋଟି ଆଜ୍ଞା । ଆ—ଫୁଃ, ଆ—ଫୁଃ, ଆ—ଫୁଃ" ତିନଥର ଫୁଙ୍କା ମୁଠାଏ ମନ୍ତ୍ରା ବସ୍ତ୍ର ସରସ୍ୱତ୍ତା ଦେଈ ଉପରକୁ ଗୁଡ଼ି ମାରିଲା ।

ସରସ୍ୱତ୍ତା ମନ୍ତ୍ର ସବୁ ଶୁଣିଲେ । ଆଉ କଛୁ ବୁଝିଲେ ନାହିଁ, ନାମ ଶୁଣିଲେ ଭଗବତ୍ତା ଡାହାଣୀ – ଆଉ ବସ୍ତ୍ର-ଗୁଡ଼ାକ ଥର ଥର କର ଉପରେ ପଡ଼ିବାରୁ ଚମକ ଚଢ଼ି ଗୃହିଁ ଦେଲେ, ପାଟରେ ଭୂତଟାଏ, ଠେଙ୍ଗାଟାଏ କାନ୍ଥରେ ପକାଇ ବାନ୍ଧିବ କହୁଛି । ଘର ଚଢ଼ିଟାଏ କଲେ, "ଆଲେ ମୋ ବୋଉ ଲେ, ଭୂତ ମତେ ଖାଇଗଲ୍ଲେ, ଡାହାଣୀ ମୋତେ ବାନ୍ଧିବ କହୁଛୁ ଲେ" ଚଢ଼ ଗୁଡ଼ ପଡ଼ଗଲେ । ଗୁଣିଆ ବାବୁକୁ କହିଲା,"ଆଜ୍ଞା, ଘର ଛଦୁଆ ଭୂତ, ଆଉ ଡାହାଣୀ ପୋଡ଼ାଏ ବସ୍ତ୍ରାମ କରିଛନ୍ତି । ଶୁଣିଲେ ନାହିଁ, ସାଆନ୍ତାଣୀ ଭୂତ ଆଉ ଡାହାଣୀ ପୋଡ଼ାଏ ନାମ କହିଲେ ।" କଣରେ ହାତ ବୁଲାଇ (କଣ କନ୍ତୁ ନାହିଁ) ଖୁବ୍ ଆସ୍ତରେ କହିଲା, "ସା'ନ୍ତୁ କଛୁ ଚନ୍ତା ନାହିଁ; ଶୁଙ୍ଗିଆକୁ କଣ ବଳେଇବ ? ପୋଡ଼ାକୁ ପୋଡ଼ା ବାନ୍ଧ (ମୁଣି ଟେକ କହିଲା) ଏହା ଭିତରେ ଗୃହିଁ ହେନପିବ । ଆପଣ ଆଡ଼ଇଟା ଅଫୁଟା ମନ୍ଦାର ଫୁଲ, ଗୋଟାଏ ଅଫୁଟା କଦଳୀ ମଞ୍ଜି, ଜସୁ ପଞ୍ଚବସ୍ତ୍ରି ଯୋଗ ବେଗି ବେଗି ଅଗାନ୍ତୁ । ମୁଁ ଯାଉଛୁ, ଅମୁହାଁ ପୋଖରୁରୁ ଲୋଟାଏ ପାଣି ଆଣିବ । ଦେଲେ ଦେଲେ, ପୂଜାଏ ପଇସା ଦେଲେ, ସେଇଆଡ଼ୁ ପୋଡ଼ାଏ ଡାକୁଣୀ ଫଳ ହେନ ଆସିବ ।"

ସରସ୍ୱତ୍ତା ଦେଈ ଏତିକ ଶୁଣି ପାରିଲେ, ବାନ୍ଧ ମୁଣିରେ ଗୃହିଁ ହେନପିବ । ଚଢ଼ଟାଏ ଗୁଡ଼ ଝାମ ଯାଇ ପଡ଼ ଗଲେ, ଚେତା ମୋଷ ।

ଏତିକ ବେଳେ ବୁଧୀ ପାପଟାଏ ଧଇଁଛୁ, ପେଟ୍ଟାର ବାବୁଙ୍କ ବୁଢ଼ୀମା ନଈଁ ନଈଁ ବାଡ଼ ପଛ ଦଟ୍ଟରୁ ବାହାର ପଦାଞ୍ଚ ଗଲେ । ସରସ୍ୱତ୍ତାଙ୍କୁ ଭଲ କର ଅନାଇ ଚଢ଼ଟାଏ ଗୁଡ଼ଲେ, "ଅରେ ମୋ ଝିଅକୁ ସାର ଦେଲେଣି, ଅରେ ମୋ ଝିଅଟିକୁ ମାର ପକାଇଲେଣି ରେ ।" ବୁଢ଼ୀ ଚଢ଼ ଗୁଡ଼—"ଆରେ ଚୋପାଳ, ସବୁ ମିଶିପ ପିଲାଏ ବାହାର ଯାଅ—ଆରେ ଅର୍ଜୁନା, କବାଟ କଲ ଦେ ।"

ସରସ୍ୱତ୍ତାଙ୍କର ଚେତା ନାହିଁ । ଚାଖରେ ବସି ଧୀରେ ଧୀରେ ମୁଣ୍ଡରେ ହାତ ବୁଲାଇଲେ । "ହାତକୁ ଚଟ୍ ଚଟ୍ କଣ ଲଗୁଛୁ ରେ ? ଆଲେ ଗଧ ! ଘପଟା ଭେଜ ଦେଲୁ । ଏଁ—ଏ କଣ, ଆରେ ରକ୍ତ ଘସି ଯାଉଛୁ ରେ—ମଲ ମଲ ମଲ, ମୁଣ୍ଡ ଫାଟି ଯାଇଛୁ ରେ !" ଚୂନ କନାଟୋଡ଼ା ମୁଣ୍ଡରେ ପଟି ବାନ୍ଧିଦେଲେ, "ଏଁ—ଦେହଯାକ ଫୋଟକା କଣ ରେ !" ଫୋଟକା ସବୁରେ ଧୀରେ ଧୀରେ ନଡ଼ିଆ ତେଲ ଲଟାଇ ଦେଲେ । ଠାକୁମା କାନ୍ଦଣା ଦେଖି ଗଧୀ କାନ୍ଦକାନ୍ଦି ଖଡ଼ ଦେହରେ ହାତ ବୁଲାଉଛୁ । ଅର୍ଜୁନା ଟଙ୍ଗା ପକାଉଥାଏ । ବୁଢ଼ୀ ଖଣ୍ଡେ ଭଜା ଗାମୁଛାରେ ଦେହର ରକ୍ତ, ଧୂଳ, କାଦୁଅ ସବୁ ପୋଛୁ ପକାଇ, ରକ୍ତ ପେଜଲଗା ପିନ୍ଧଲ ଲୁଗା ପାଲଟାଇ, ଖଣ୍ଡେ ବାସିକନ୍ଥ ଶାଢ଼ୀ ପିନ୍ଧାଇ ଦେଲେ । ସରସ୍ୱତ୍ତାଙ୍କର ଟିକେ ଚେତା ବସିଲଣି । ଦେଖିଲେ, ମାଣାଶୁ, ଗଧୀ, ଅର୍ଜୁନା ବେଢ଼ି ବସିଛନ୍ତି । ଘରର ସବୁଆଡ଼କୁ ଅନାଇ ଦେଇଲେ, ଭୂତ ପଳାଇଲଣି ।

ବୁଢ଼ୀ—"ଆରେ ମୋ ମା ରେ ଆରେ ମୋ ସୁନା ରେ—ଆରେ ମୋ ଗୁନ୍ଦ ରେ—ଆରେ ମୋ ମାଣିକ ରେ" ସାକୁଲେଇ ସାକୁଲେଇ ଡୋର ଗେଲ କଲେ । ଅଣ୍ଡା ପବନ, ଗଧୀର ହାତ ବୁଲ ଓ ବୁଢ଼ୀର କଅଁଳ କଥାରେ ସରସ୍ୱତ୍ତାଙ୍କ ଚେତା ବସିଲଣି, ଆଉ ଡର ନାହିଁ । ବୁଢ଼ୀ ଖାଲି ମନରେ ବଉରୁଛୁ, କଥା କଣ ? ଚୋପାଳ ତ ମାରି ନାହିଁ, କଳକଜଆ ନାହିଁ, କଣ ହେଲ ? ବୁଢ଼ୀ ଅଣ୍ଡାଇଲେ, "କହ ନା ରେ ମା, କଣ କରୁଛୁ ?" ଶାଶୁ କଥାରେ କଣ ଜବାବ ଦେବେ ? ଗଧୀକୁ ଟାଙ୍କକୁ ଟାଣି ନେଇ କାନରେ ଚୁନି ଚୁନି କହିଲେ, "ମୁଁ ବୋଉ ଟାଙ୍କକୁ ଯିବ ।"

ବୁଢ଼ୀ—ହଁ ଅବଶ୍ୟ ଯିବୁଁ । ମୋର ବି ତୋ ବୋଉକୁ ଦେଖିବାକୁ ବଡ଼ ମନ ଅଛୁ । ଘଲୁକ-ପୋଷି ଟାଁଟା ବି ଦେଖି ଆସିବ । କାଲି ସକାଳେ ଯୋଡ଼ାଏ ଡୋଲି କରି ଦୁଇ ଜଣ ବସି ଯିବା ।

ଗଧୀ—ଉଁ ଉଁ ଠାକୁରମା, ମୁଁ ବି ତୋ ସାଙ୍ଗରେ ଯିବ ।

ବୁଢ଼ୀ—ନାହିଁ ନାହିଁ, ମୋ ଡୋଲିରେ ଜାଗା ହେବ ନାହିଁ, ତୋ ଖୁଡ଼ ସାଙ୍ଗରେ ନେବ କ ଟମ୍ବର ?

ଗଧୀ ନ ଟମ୍ବରୁଣୁ ଖୁଡ଼ ଚା ହାତ ଚପିଦେଲେ—ଅର୍ଥାତ୍, ହଁ ସାଙ୍ଗରେ ନେବେ ।

ଗଧୀ—ଏଁ—ଏଁ ଖଡ଼ ! ତୁମ ଗାଁରେ କଣ ଘଲୁ ପୋଷା ଥାନ୍ତ, ମତେ କାମୁଡ଼ବ ?

ଖୁଡ଼ ଟିଆପ୍ପ ହାତ ଧରି ହଲାଇ ଦେଲେ—ଅର୍ଥାତ୍, ଘଲୁ କାମୁଡ଼ବ ନାହିଁ ।

"ଆରେ ଅର୍ଜୁନା, ବସାରେ କଛୁ ଜଳଖିଆ ଅଛୁ ?" ଅର୍ଜୁନା ଛାଣିଆଣିରେ ଯୋଡ଼ାଏ ମିଠାଇ, ଗିଲାସେ ପାଣି ପାଖରେ ଥୋଇଦେଲୁ । "ଆଲେ ଗଧୂ' ଖୁଡ଼କୁ ଖିଆ" - ଏତିକ କହି ମେଲକୁ ଉଠିଗଲେ ।

ଗଧୀ—ଠାକୁର ମା, ଖୁଡ଼ ଖାଉ ନାହାନ୍ତି ।

"ଏଁ, କଣ ଖାଉ ନାହାନ୍ତି ? ତେବେ ତ ତା ବୋଉକୁ ଦେଖିବାକୁ ଯିବ ନାହିଁ । ଆଲେ ଗଧୂ, ଖୁଡ଼ ନ ଖାଇଲେ ତୁ ବି ଯିବୁ ନାହିଁ ।" ଆଉ ଖୁଡ଼ କୁଆଡ଼େ ଯାଏ । ଗଧୀ ତ ଜୋକ ପରି ଲଗିପଡ଼ି ହେଣ୍ଟେରେଇ ହେଣ୍ଟେରେଇ ମିଠାଇ ଯୋଡ଼ାକ ଖୁଆଇଲା, ଗିଲାସେ କଣ, ଖଡ଼ ଚଁ ଚଁ କରି ଏକ ନଶ୍ୱାସକେ ତନ ଅବୁଖୁସୁ ପାଣି ପିଇଗଲେ ।

ବୁଢ଼ୀ ପାଖରେ ଆସି ବସିଲେ । ଧୀରେ ଧୀରେ ବୋଦ୍ଧୂ ମୁଣ୍ଡରେ ପଠିରେ ହାତ ବୁଲାଉଥାନ୍ତି । ଖାଲି ତାଙ୍କ ମନ ଦାଣ୍ଡି ହେଉଛୁ, କଥା କଣ ? ଏତେ

Chhaya@Kanta

କାଣ୍ଡ କ'ଣ ହେଲା ? ହେଲେ, ଝିଅଟାକୁ ଟାଉକର ପଠାର ଦେଇଲ ତ କଛୁ କହିବ ନାହିଁ, ସବୁ ଭଣ୍ଡୁର ହେବ ।

ବୁଢ଼ୀ ପାଖରେ ବସି କଅଁଳେଇ କଅଁଳେଇ ଡେର କଥା କହି ବୋହୂର ମନ ବହଲାଉଥାନ୍ତି । ଶେଷରେ ବେଳ ଉଣ୍ଡି କହିଲେ, "ହଁ—ସତ କଥା, ଆରେ ମା ! ଗୋପାଳ ପଠାଇବ, କ'ଣ ଘରଲୁକପୋଷି ଯିବ ? ସତ କଥାଟା ତାକୁ ନ କହିଲେ ତ ସେ ଯିବାକୁ ଦେବ ନାହିଁ—କଥା କଣ, କହିଲୁ ରେ ମା ?" ସରସ୍ୱତୀ ତ ନଡ଼ାଡ ସନ୍ତପନ୍ତରେ ପଡ଼ଗଲେଣି—ସ୍ୱାମୀ କଥା ଅସୁନ୍ଦର କଥା, ଶାଶୁଟାକୁ କମିଡ କହିବେ । ବୁଢ଼ୀ ବୁଝିପାରି ବାହାରକୁ ଉଠିଗଲେ—"ଆଚ୍ଛା ମା, ତୁ ରାଧୀକୁ କହ ।"

ରାଧୀ - ଠାକୁରମା, ଖୁଡ଼ କଛୁ କହୁନାହିଁ ।

ବୁଢ଼ୀ—ତେବେ, କଥା ଫେଇ ନ କହିଲେ ଗୋପାଳ ତ ଘୁଡ଼ ଦେବ ନାହିଁ । ରାଧି, ତୁ ଆଉ ତୋ ଆଈକୁ ଦେଖିବାକୁ ଯାଇ ପାରିବୁ ନାହିଁ ।

ରାଧୀ ତ ଚମତଟା ପଡ଼ ଖୁଡ଼ ପାଙ୍କରେ ଲଟିଛୁ—"ଖୁଡ଼, କହ—ହଁ କହ—ବାବା ପଠେଇବେ ନାହିଁ, ତୁ କହ !"

ରାଧୀ ଡାକ ଦେଲା "ଠାକୁର ମା, ଖୁଡ଼ କହୁଛି ଡାହାଣୀ ।"

ବୁଢ଼ୀ ପଚାରିଲେ—କଏ ଡାହାଣୀରେ ?

ରାଧୀ ବୁଝି କହିଲା—ସେଇ ଭଗବତୀ ଡାହାଣୀ ।

ବୁଢ଼ୀ ଅର୍ଜୁନାକୁ ପାଖକୁ ଡାକି ପଚାରିଲେ—ଡେର କଥା ପଚାରିଲେ, ସବୁ କଥାରେ ଉତ୍ତର—"ନା" । ସେ ଯେପରି ସନ୍ତପନ୍ତ ହୋଇ 'ନା' କରୁଥାଏ ବୁଢ଼ୀ ବୁଝିଲେ ଏ ସବୁ କଥା ଜାଣେ, ଭରରେ କହୁନାହିଁ । ତାକୁ ଖୁବ୍ ଡରେଇଲେ, ଖୁବ୍ ଉରସା ଦେଲେ । ଅର୍ଜୁନା ଗୋଟାଏ କଥା ଲୁଚାଉଥିଲା—ହେଲେ, ବୁଢ଼ୀ ଜେରାରେ ପଡ଼ଗଲା ।

ସବୁ କଥା ମଧ୍ୟରୁ ବୁଢ଼ୀ ଏହା କେତୋଟି ସାର-କଥା ବାଛି ନେଲେ । ଗୋପାଳ ବ୍ରେଜ ସଞ୍ଜବେଳେ ଭଗବତୀ ଡାହାଣୀ ପାଖକୁ ଯାଆନ୍ତି, ବୋହୂକୁ ଆଗପରି ଭଲ ପାଆନ୍ତି ନାହିଁ; ସେଥିପାଇଁ ଏତେ କାଣ୍ଡ ।

ବୁଢ଼ୀ ଗୋପାଳ ବାବୁଙ୍କୁ ବାଟ ପଟରୁ ଡାକ ପଠେଇଲେ । ପୁଅଟାକୁ ଏତେ ଅସୁନ୍ଦର କଥା କପରି କହିବେ—ଟିକେ ଆଡ଼େଇ ଛିଡ଼ା ହେଲେ । ବୁଢ଼ୀ କହିଲା ପରି ଅର୍ଜୁନା ବାବୁଙ୍କୁ ଏହିପରି କହିଲା—

"ଆପଣ ଆଗପରି ମା'କୁ ଭଲ ପାଉ ନାହାନ୍ତି, ବ୍ରେଜ ସଞ୍ଜବେଳେ ଭଗବତୀ ଡାହାଣୀ ପାଖକୁ ଯାଆନ୍ତି, ତାକୁ ସୁନା ଅଳକା ଦେଇଛନ୍ତି, ସେଥିପାଇଁ ମା ମନରେ ଦୁଃଖ, ଏତେ କାଣ୍ଡ ।"

ଗୋପାଳ ବାବୁ ଭଗବତୀ ଡାହାଣୀ ନାମ ଚହଁ ବୁଝିଗଲେ । ସେ ଏବେ ହସିବେ, ନା ମୁଣ୍ଡ ବାଡ଼େଇ ହେବେ ? କ ବଣ ପଶୁଟାଏ—କ କଥାକୁ କ'ଣ କର ପକାଇଲା । ଦଶ ଭଲଲୋକରେ କଥାଟା ହଟହଟା ହେଲା, ଏଥିଲାଗି ମାର ମନ ଦୁଃଖ ।

ବୁଢ଼ୀ ଆଉ ରାଧୀ ଦୁଇ ଜଣ ଦୁଇ ପାଖରେ ଶୋଇ ବୋହୂକୁ ମଝିରେ ଶୁଆଇଲେ । ସେ ରାତିରେ ଗୋପାଳ ବାବୁଙ୍କ ବସାରେ ସମସ୍ତଙ୍କର ନଶାପାଲନ ।

ବୋହୂ ଭଲ ହୋଇଗଲାଣି ଶୁଣି ଡାଣ୍ଡୁଲୋକ ସମସ୍ତେ ଖୁସି ହୋଇ ଆପଣା ଆପଣା ଘରକୁ ଚାଲିଗଲେ । ହେଲେ ଭିତର କଥାଟା କଣ, କେହି ବୁଝିଲେ ନାହିଁ । ଗୋପାଳବାବୁ ଚିନ୍ତାକ୍ୟରେ ପଡ଼ିଥିଲେ, ଘର ଛିଦ୍ର କଥା ଡାଣ୍ଡରେ ପକାଇବ ନାହିଁ ।

Chhaya@Kanta

ପ୍ରଥମରେ ଡାକ୍ତର ଡାକବାର ପ୍ରସ୍ତାବ ହୋଇଥିଲା । ଶେଷରେ ଡାକ୍ତରକୁ ଆସିବାକୁ ହେଲା । ବୋହୂର ମୁଣ୍ଡଥା ଆଉ ଗୋଡ଼ ହାତ ଫୋଟକା, ଆଉ ଗୋପାଳ ବାବୁଙ୍କ ଦୁଇ ଆଣ୍ଠୁ ଘା ଶୁଖାଇବାକୁ ଡାକ୍ତରବାବୁ ଔଷା ପୂର୍ବ କୋଡ଼ ଦେଖା ଇଞ୍ଜେକ୍ସନରେ ପକାଇଲେ ।

ବାଲେଶ୍ୱରୀ ପଙ୍କା ଲୁଣ

(ସତ୍ୟ ଘଟଣା)

ଆବହମାନ କାଳରୁ ବାଲେଶ୍ୱରରେ ପଙ୍କାଲୁଣ ପ୍ରସ୍ତୁତ ହୋଇ ଆସୁଥିଲା । ସରକାର ବାହାଦୁର କେଉଁ ସମୟରୁ ଏହି ବ୍ୟାପାରରେ ହସ୍ତକ୍ଷେପ କଲେ, ତାହା ନିର୍ଣ୍ଣୟ କରିବା ସହଜ କଥା ନୁହେଁ । ତେବେ, ଏକଥା ଅନୁମାନ କରାଯାଇ ପାରେ ଯେ, ୧୮୦୩ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କୋମ୍ପାନୀ ଦେଶାଧିକାର କରିବା ପୂର୍ବରୁ ଏହି ବ୍ୟବସାୟରେ ଲାଭ ଥିଲେ; କାରଣ ତତ୍‌ପୂର୍ବେ ଇଂରେଜମାନେ ବାଲେଶ୍ୱର ବାଣିଜ୍ୟ ସମ୍ପର୍କରେ ଥିବାର ଇତିହାସରୁ ଜଣାଯାଏ । ଦେଶାଧିକାର ସମୟରୁ ଲୋକ୍ୟାନ କାର୍ଯ୍ୟ ସାକ୍ଷାତ୍ ସମ୍ବନ୍ଧରେ ବନ୍ଦୋବସ୍ତ କରିଥିବେ ।

୧୮୬୧ ଖ୍ରୀଷ୍ଟାବ୍ଦଠାରୁ ଲୋକ୍ୟାନ କାର୍ଯ୍ୟ ରହିତ ହୋଇଯାଇଅଛି । ଲେଖକ ଅଳ୍ପବୟସରେ ସରକାର ତରଫ ଲବଣ ମାହାଲ୍ ସିରସ୍ତାରେ ଅଳ୍ପ କାଳ ମାତ୍ର କର୍ମଚୁଗ୍ଧ ଥିଲା । ଲୋକ୍ୟାନ ସମ୍ବନ୍ଧରେ ତାହାର ଯେଉଁ ଅଭିଜ୍ଞତା ଅଛି, ବର୍ତ୍ତମାନ ସ୍ମରଣ ଶକ୍ତି ପ୍ରତି ନର୍ଭର କରି ସେଥିର ସଂକ୍ଷିପ୍ତ ବିବରଣ ଲିପିବଦ୍ଧ କରୁଅଛି ।

ଲବଣ ମାହାଲର ସରକାର ତରଫର ପ୍ରଧାନ କର୍ମଚୁଗ୍ଧଙ୍କ ଉପାଧି ସଲ୍ଟ ଏଜେଣ୍ଟ । ଏହି କର୍ମଚୁଗ୍ଧ ସ୍ୱତନ୍ତ୍ର ବ୍ୟକ୍ତି ନୁହନ୍ତି । ଜଣେ କଲେକ୍ଟର ସାହେବ ସଲ୍ଟ ଏଜେଣ୍ଟ । ତାହାଙ୍କ ଅଧୀନରେ ଆଉ ଦୁଇ ଜଣ ଇଂରେଜ ଆସିଷ୍ଟାଣ୍ଟ ସଲ୍ଟ ଏଜେଣ୍ଟ ରୂପେ ନିଯୁକ୍ତ ଥିଲେ । ଲୋକ୍ୟାନ ରହିତ ହେବା ବର୍ଷରେ (ବୋଧକରୁଁ) ମିଷ୍ଟର କର୍ଣ୍ଣେଲ ସଲ୍ଟ ଏଜେଣ୍ଟ, ମିଷ୍ଟର ବଣ୍ଡ ଓ ମିଷ୍ଟର ମୁଫଟ ଆସିଷ୍ଟାଣ୍ଟ ସଲ୍ଟ ଏଜେଣ୍ଟ ଥିଲେ ।

ଏଜେଣ୍ଟ ସାହେବଙ୍କ ଅଧୀନରେ ସଦର କଚେରିରେ ଦୁଇ ଗୋଟି ସିରସ୍ତା ଥିଲା – ପ୍ରଥମ ମୁନସିଖାନା, ଦ୍ୱିତୀୟ ଜ୍ୱସାବ ଖାନା । ମୁନସିଖାନାରେ ନିଯୁକ୍ତ (ନମନମ୍) କର୍ମଚୁଗ୍ଧମାନଙ୍କ ଉପାଧି ଦେବାନ, ପେସ୍କାର, ମୁନସୀ, ରୋଜନାମଚୁ-ନବସ୍, ପରବାନା-ନବସ, ନକଲ-ନବସ୍, ମାଜର ଏବଂ ଏମାନଙ୍କ ସହକାରୀ ମୋଦରରମାନେ । ଜ୍ୱସାବଖାନାରେ ନିଯୁକ୍ତ କର୍ମଚୁଗ୍ଧମାନଙ୍କ ଉପାଧି— ସିରସ୍ତାଦାର,ମୁନସୀ ଓ ମୋଦରରମାନେ । ଆମ୍ଭେମାନେ ଦେଖିଅଛୁଁ, ସଦର କଚେରିରେ ଅନ୍ୟାନ୍ୟ ମହକୁମାର ନିଯୁକ୍ତ କର୍ମଚୁଗ୍ଧଠାରୁ ନମକ୍କା ମହାଲରେ ନିଯୁକ୍ତ ଅମଲା ସଂଖ୍ୟା ଅଧିକ । ନମକ୍କା ମହାଲ୍ କଚେରି ସବ୍‌ଦା ଜନତାରେ ପୂର୍ଣ୍ଣ ଥାଏ ।

ନମକ ଲୋକ୍ୟାନ ସ୍ଥାନରେ ସରକାର ତରଫରୁ ନିଯୁକ୍ତ କର୍ମଚୁଗ୍ଧଙ୍କ ଉପାଧି – ଦାରୋଗା, ପେସ୍କାର, ଜମାଦାର, ଚପରାସୀ, ଜାଲ ଚୌକିଆ, ଗୁଣ୍ଟି ଟାଇକ, ଚପାଦାର ଓ କପ୍ତାନ । ନମକ ବର୍ଜୀ ସ୍ଥାନରେ ନିଯୁକ୍ତ ଥିବା କର୍ମଚୁଗ୍ଧ— ଦାରୋଗା ଓ ପେସ୍କାର । ଲୋକ୍ୟାନ ସ୍ଥାନରେ ପ୍ରହରୀ ପୋଲସ କର୍ମଚୁଗ୍ଧ—ଜମାଦାର, ମୁନସୀ ଓ ଚପରାସୀ ।

ପ୍ରତିବର୍ଷ ଆଶ୍ୱିନ ମାସରେ ଲୋକ୍ୟାନକାରୀମାନଙ୍କୁ ସରକାର ତରଫରୁ ଦାଦନ ଦିଆଯାଉଥିଲା । ଦାଦନ ଟଙ୍କା ଗ୍ରହଣକାରୀର ଉପାଧି-ଗୁଲଆ । ଗୁଲଆମାନେ ସରକାରକୁ କବୁଲିୟତ ଲେଖିଦେଇ ଦାଦନ ଗ୍ରହଣ କରନ୍ତି । ଏହି ଦାଦନ ସମୟରେ ବାଲେଶ୍ୱର ସହର

ମଧ୍ୟରେ ଉତ୍ସବ ସ୍ୱରୂପ ଥିଲା । ଅନେକ ଟଙ୍କା କାରବାର ହୁଏ । ସହର ମଧ୍ୟରେ ଦୋକାନୀମାନେ ଦୋକାନ ସଜେଇ ବସିଥାନ୍ତି । ବଜାର, ହଟାର, ଉକାଣ୍ଡ, ଅମଲ ଫଏଲ୍ ସମସ୍ତଙ୍କର ଆଚ୍ଛା ଦୁଇ ପଇସା ହାତଟେ ହୁଏ । ଲକ୍ଷାବଧି ଟଙ୍କା ଦାଦନ ଦଅା ଯାଉଥିଲା । ମଫସଲବାସୀ ସାଧାରଣ ଶ୍ରେଣୀ ଲୋକଙ୍କ ହାତରେ ଥୋକ କେତେଗୁଡ଼ଏ ଟଙ୍କା ପଡ଼ଗଲେ ଆନନ୍ଦ ମନରେ ସ୍ତ୍ରୀ ପୁତ୍ର ପରିବାରମାନଙ୍କ ପକାଶେ ନାନା ପ୍ରକାର ଦ୍ରବ୍ୟ କ୍ରୟ କରି ଘେନି ଯାନ୍ତି ।

ଗୁଲଆ ଦାଦନ ଘେନି ଗୃହିକୁ ଗୁଲଯାଏ । ଲବଣ ଦୋକାନ ସ୍ଥାନର ନାମ ଗୃହି । କେତେଗୁଡ଼ଏ ଗୃହିର ଏକତ୍ରରେ ସାଧାରଣ ନାମ ଅଡ଼ଂ । ଅବଶ୍ୟ ଗୃହି ଓ ଅଡ଼ଂଗୁଡ଼ିକ ସମୁଦ୍ରକୂଳବର୍ତ୍ତୀ ସ୍ଥାନରେ ଅବସ୍ଥିତ ।

ଗୁଲଆ ସ୍ୱଦସ୍ତରେ ଲବଣ ପ୍ରସ୍ତୁତ କରେ ନାହିଁ । କାର୍ଯ୍ୟନିର୍ବାହ ନମନ୍ତେ କେତେଗୁଡ଼ଏ ଲୋକ ନଯୁକ୍ତ କରେ । ସେ (ଗୁଲଆ) କେବଳ କଣ୍ଡା ସ୍ୱରୂପ ହୋଇଥାଏ ।

ଉପଯୁକ୍ତ ସ୍ଥାନ ନିର୍ବାଚନ କରି ପାଡ଼ୀ ଉପାଧ୍ୟାୟ ଲୋକ ଚଲ୍ଲି ପ୍ରସ୍ତୁତ କରେ। ଏହି ଚଲ୍ଲି ସଚରାଚର ଘିଅ-ରନ୍ଧା ଚୁଲ୍ଲା ପରି ନୁହେ । ପାଠକମାନଙ୍କ ମଧ୍ୟରୁ ଯେଉଁମାନେ ପୁରୁଷୋତ୍ତମକ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରୋଷ-ଚୁଲ୍ଲି ଦେଖିଅଛନ୍ତି, ସେମାନେ ସହଜରେ ବୁଝିପାରିବେ । ଦୋକାନ ଚୁଲ୍ଲାଗୁଡ଼ିକ ସେହିପରି ପିରାମିଡ଼ ଆକାର ଅଟେ, ମାତ୍ର ପ୍ରଭୁଙ୍କ ରୋଷ ଚଲ୍ଲିଠାରୁ ଅନେକ ବଡ଼ । କୌଣସି କୌଣସି ଚୁଲ୍ଲିର ଜନ୍ମ ପରଧି ୨୦।୩୦ ହାତ ପର୍ଯ୍ୟନ୍ତ ହୋଇଥାଏ । ଉଚ୍ଚତା ପ୍ରାୟ ୩।୪ ହାତ । ବଡ଼ ବଡ଼ ଚୁଲ୍ଲିରେ ଏକାବେଳକେ ଦୁଇ ଶତ ପର୍ଯ୍ୟନ୍ତ ହାଣ୍ଡି ବସେ । ହାଣ୍ଡିଗୁଡ଼ିକ ମଧ୍ୟ ସଚରାଚର ଘିଅରନ୍ଧା ହାଣ୍ଡିର ସମାନ ନୁହେ । ମହାପ୍ରସାଦ କୁଡ଼ୁଆ ସମାନ ଅଟେ । ଚୁଲ୍ଲି ପ୍ରସ୍ତୁତ ହେବା ମାତ୍ରକେ କୁମ୍ଭାର ହାଣ୍ଡି ଯୋଗାଇ ଦଏ । ଗୋଟିଏ ଗୋଟିଏ ଚୁଲ୍ଲିରେ ଏକ ଜାଳକରେ ୨୦।୨୫ ମହଣ ଲବଣ ଦୋକ୍ତାନ ହୁଏ । ଦିନମାନରେ ତିନି ଜାଳ ହୁଏ । କେହି କେହି କର୍ମଠ ପାଡ଼ୀ ଗୃହି ଜାଳ ପର୍ଯ୍ୟନ୍ତ କରପାରେ ।

ଚୁଲ୍ଲି ପ୍ରସ୍ତୁତ ହେବା ମାତ୍ରକେ ମଲଙ୍ଗୀ ଉପାଧ୍ୟାୟ କର୍ମଗ୍ରସ୍ତ ପଡ଼ୁଲନ୍ତି ମାଟି ଗୁଣ୍ଡିବାକୁ ଆରମ୍ଭ କରେ । ସମୁଦ୍ର ବେଳାଭୂମି ଉପରେ ଯେଉଁ ଅଳ୍ପ ଗଭୀର ପ୍ରାନ୍ତର ମଧ୍ୟରେ ଜୁଆର ସମୟରେ ସମୁଦ୍ର ଜଳ ପ୍ରବେଶ କରେ, ତହିଁ। ସମୟରେ ଶୁଖିଲ ପଡ଼େ, ତାହାର ନାମ ଚୁଲ୍ଲି । ମଲଙ୍ଗୀ ମାଟି ଗୁଣ୍ଡି ଆଣି ଏକ ସ୍ଥାନରେ ବାଡ଼ ପକାଏ । ମାଟି ଫଗ୍ରହ ସ୍ଥାନର ନାମ ବାଡ଼ । ବାଡ଼ ଉପରେ ପୁନର୍ବାର ସମୁଦ୍ର ଜଳ ଢାଳ ଗୋଡ଼ରେ ଚକଟି ତରଳ କରିପାଏ । ବାଡ଼ ନକତ୍ରରେ ଗୋଟିଏ ଗର୍ତ୍ତ ଗୋଲା ହୋଇଥାଏ, ସେ ଗର୍ତ୍ତର ନାମ କୁଣ୍ଡି । ବାଡ଼ର ତରଳ ମାଟି ଦେହରୁ କୁଣ୍ଡି ପର୍ଯ୍ୟନ୍ତ କେରଏ କୁଟା ଗୁଞ୍ଜି ଦିଆଯାଏ । ତାଡ଼କଟା ଚମାର ଖେଜୁରି ଚଟ୍ଟ ବେକରୁ ଠେକକୁ ସେପରି ଖଣ୍ଡେ ଖେଜୁରି ପତ୍ର ଗୁଞ୍ଜି ଦଏ, ଏହା ସେହିପରି । କୁଟା କେରକୁ ଅବଲମ୍ବନ କରି ବାଡ଼ ଦେହରୁ କୁଣ୍ଡିକୁ ସମସ୍ତ ଜଳ ନିଗିଡ଼ି ଆସେ, ବାଡ଼ରେ ମାଟି ସବୁ ରହିପାଏ । ସେହି ଲବଣାକ୍ତ ଜଳର ନାମ ଦହପାଣି । ଦହପାଣିକୁ ହାଣ୍ଡିରେ ପକାଇ ମାରିଲେ ପଙ୍କା ଲୁଣ ପ୍ରସ୍ତୁତ ହୁଏ । ଚୁଲ୍ଲି ଜାଳ ସମୟରେ ଆଠ ଠାରୁ ଷୋଳ ଜଣ ପର୍ଯ୍ୟନ୍ତ କର୍ମଗ୍ରସ୍ତ ନିଯୁକ୍ତ ଥାନ୍ତି । ବାଲେଶ୍ୱର ଜିଲ୍ଲାରେ ଏପ୍ରକାର ସହସ୍ରାଧିକ ଚୁଲ୍ଲି ଥିଲା । ଲଣାମରା ଚୁଲ୍ଲୀ ରେ କାଠ ଜଳେ ନାହିଁ । ସମୁଦ୍ର କୂଳରେ ୩।୪ ହାତ ଉଚ୍ଚ ଏକ ପ୍ରକାର ଘାସ ଜାତ ହୁଏ, ସେହି ଘାସ ଜାଳଣିରେ ପ୍ରୟୋଜନ ହୁଏ । ଭଗବାନ ଯେମନ୍ତ ଲୁଣ ଦୋକ୍ତାନର ସୁବଧ ନମନ୍ତେ ଚଡ଼ାରେ ଏହି ଘାସ ଥୋଇ ଦେଇଥିଲେ । ଜାଲୁଆ ନାମକ କର୍ମଗ୍ରସ୍ତ ଘାସ କାଟିବାରେ ନଯୁକ୍ତ ହୁଏ । ଜବ ନାମକ ଏକ

Chhaya@Orissa

ପ୍ରକାର ଶ୍ଲାଷ୍ଣଧାର ଅସ୍ତ୍ର ଦୁଇ ହାତରେ ଧରି ଅଭ୍ୟାସ ବଶରୁ ନଇଁ ପଡ଼ି ଅଳ୍ପ ସମୟ ମଧ୍ୟରେ ଅନେକ ଘାସ କାଟିପକାଏ । ଘାସ ଶୁଖିଗଲେ ନିଯୁକ୍ତ ବଳଦଆମାନେ ବଡ଼ା ବାନ୍ଧି ବଳଦଙ୍କର ଚୁଲା ପାଖକୁ ଯେନ ଆସନ୍ତି । ସେହି ଘାସ ରକ୍ଷା ନିମନ୍ତେ ସରକାର ତରଫରୁ ଜାଲ-ଚଉକିଆ ନିଯୁକ୍ତ ଥାନ୍ତି । ସହସ୍ର ସହସ୍ର ବଳଦ ଓ ବଳଦଆ ଏହି କାର୍ଯ୍ୟରେ ନିଯୁକ୍ତ ଥିଲେ ।

ପାଡ଼ୀ ଲୁଣ ମାଣ ଜମା କଲେ ଜଲ୍ଲାଦାର ଆସି ଓଜନ ନେଏ ଓ ନିମ୍ନଲିଖିତ ପ୍ରକାର ଫାରମରେ ଅଡ଼ଙ୍ଗ-ପେସ୍କାର ନକଟକୁ ରିପୋର୍ଟ କରେ ।

ଜଲ୍ଲାଦାର ଫାରମ ।

ନାମ ଅଡ଼ଂ	ନାମ ଗୁଣ୍ଟି	ନାମ ଗୁଲ୍ଲାଆ	କେତେ ଜାଳ	ଲୁଣପରିମାଣ
ଗୁମୁଆ	କୁଲଗାଁ ।	ଦତ୍ତୁ ମଲ୍ଲିକ	୭ଜନ ଜାଳ	୮୦ ମଣ୍ଡଣ

ଅଡ଼ଂ ପେସ୍କାର ଜଲ୍ଲାଦାରର ହିସାବ ପ୍ରାପ୍ତ ହୋଇ ଆମ୍ବଣା ଖାତାରେ ଲୁଣର ପରିମାଣ ପ୍ରଭୃତି ଜମା କରି ନେଏ ଓ ସେଥିର ଏକ ପ୍ରସ୍ତ ନକଲ ସଦର କଚେରିକୁ ପଠାଇଦେଲେ ହିସାବ ମହକୁମା ଖାତାରେ ଜମା ହୁଏ ।

ସଦର କଚେରି ମୁନସୀଖାନାରେ ଲୁଣର କିଛି ହିସାବ ରହେ ନାହିଁ, ସବୁପ୍ରକାର ବନ୍ଦୋବସ୍ତର ଲେଖା ପଡ଼ା ହୁଏ । ଅଡ଼ଙ୍ଗର ପେସ୍କାର ଗୁଣ୍ଟିରୁ ଲୁଣ ବୁଝାଇ ନେଇ ସାଧାରଣ ଗୋଦାମରେ ଜମା କରି ନେଏ । ପୁନର୍ବାର ଓଜନ କରି ଗୋଲା ଜାତ ହେଲେ ଅଦାଲତର ଚାବି ଉପରେ ଅଦାଲ ମାରିଦେଏ । ସରକାର ନିଯୁକ୍ତ କପ୍ତାଳ ଲୁଣ ଓଜନ କରେ ।

ଅଡ଼ଙ୍ଗର ଦାରୋଗା ସିରସ୍ତାର କିଛି କାର୍ଯ୍ୟ କରେ ନାହିଁ । କେବଳ ଗୁଣ୍ଟିମାନଙ୍କରେ ଭ୍ରମଣ କରି ଚୁଲ୍ଲୀର କାର୍ଯ୍ୟ ତଦନ୍ତ କରେ ଓ ଚୁଲ୍ଲିଆମାନଙ୍କ ହାର ଗୁହାର ଶୁଣେ । ଦାରୋଗା ପାଲଙ୍କି ବହିବା ନିମନ୍ତେ ସରକାର ତରଫରୁ ଆଠ ଜଣ ବେତ୍ତେରା ନିଯୁକ୍ତ ଥାନ୍ତି । ଦାରୋଗା ଗସ୍ତ ସମୟରେ ତାଙ୍କ ପାଲଙ୍କି ଉପରେ ଗୋଟା ପାଞ୍ଚଛତା ଧରାଯାଏ, ସେଥିସକାଶେ ସ୍ୱତନ୍ତ୍ର ଛତାଧର ଚାକର ବନ୍ଦୋବସ୍ତ ଥାଏ ।

ପୋକ୍ତାନ ଲୁଣ ପରିମାଣ ଲହାଜରେ ଚୁଲ୍ଲିଆ-ମନେ ଦିଗ୍ଗପ୍ତ କସ୍ତି ଦାଦନ ବୈଶାଖମାସରେ ପ୍ରାପ୍ତ ହୁଅନ୍ତି । ଏହି ଦାଦନ ଟଙ୍କା ଅଡ଼ଙ୍ଗ ମୁକାମରେ ଦିଆଯାଏ । ବର୍ଷାକାଳ ଆରମ୍ଭ ହେଲାବେଳି ପୋକ୍ତାନ କାର୍ଯ୍ୟ ବନ୍ଦ ହୋଇଯାଏ; ଚୁଲ୍ଲିଆ ପ୍ରଭୃତି କର୍ମଗୃହ-ମାନେ ଗୁଣ୍ଟି ଗୁଡ଼ି ଆପଣା ଆପଣା ଘରକୁ ଗଲଯାନ୍ତି । ଏଥି ଜଣ୍ଡରେ ସେପ୍ଟେମ୍ବର ମାସରେ ସଦର କଚେରିରେ ହିସାବ ନକାଶି ହେଲେ ଚୁଲ୍ଲିଆମାନେ ଅବଶିଷ୍ଟ ମୂଲ୍ୟ ପ୍ରାପ୍ତ ହୁଅନ୍ତି । କେହି କେହି ଚୁଲ୍ଲିଆ ସରଫ ବେଶି ବାବଦରେ ମଧ୍ୟ କିଛି କିଛି ପ୍ରାପ୍ତ ହୁଅନ୍ତି । ସରଫ ବେଶି ଅର୍ଥ, ଚୁଲ୍ଲିଆମାନଙ୍କଠାରୁ ଗୁଣ୍ଟିରୁ ଲୁଣ ଓଜନ ନେବା ସମୟରେ କଞ୍ଚା ଲୁଣି ଓଜନରେ କିଛି କିଛି ମାଲ ବେଶି ନିଆ ଯାଇଥାଏ । ଅଡ଼ଙ୍ଗ ଗୋଳା ନକାଶି ସମୟରେ ସେହି ମାଲ ବଳକା ହୋଇ ପଡ଼େ, ସେହି ବଳକା ଲୁଣର ଅର୍ଥ ସରଫ ବେଶି । ଏହା କିଛି ଜଣା ନୁହେ, ପାଞ୍ଚ ଦଶ ହଜାର ମଣ୍ଡଣ ପର୍ଯ୍ୟନ୍ତ ମାଲ ବେଶି ହୋଇ ପଡ଼େ । ଏହି ଲବଣର ମୂଲ୍ୟ ଅଡ଼ଙ୍ଗର ସମସ୍ତ ଚୁଲ୍ଲିଆଙ୍କୁ ବଣ୍ଟାଣି କରି ଦିଆଯାଏ; ମାନ୍ଦ ପ୍ରତ୍ୟେକ ଅଡ଼ଙ୍ଗରେ ସରଫ ବେଶି ହେଲେ ମଧ୍ୟ ଦାରୋଗା, ପେସ୍କାର, ତହସିଲ, ପୋଲସ, ଅମଲ ପ୍ରଭୃତି କର୍ମଗୃହ-ମାନେ ଗ୍ରେଇ ଖବରେ ଶସ୍ତାଦରରେ ବର୍ଦ୍ଧି କରି ମୂଲ୍ୟ ବାଣ୍ଟି ନିଅନ୍ତି । ଏହି ଗ୍ରେଇ ଲୁଣ ମାଲଗିରି ଓ ମୟୂରଭଞ୍ଜ ଗଡ଼ଜାତକୁ ଗଲଯାଏ ।

ପ୍ରାୟ ବର୍ଷ ବାଲେଶ୍ୱର ଜିଲ୍ଲାରେ ନ ଲକ୍ଷ ମଣ ଲୁଣ ଉତ୍ପାଦନ ହେଉଥିଲା । ଏଥି ମଧ୍ୟରୁ ନିଜ ବାଲେଶ୍ୱର ଜିଲ୍ଲାରେ ଖରଚ ସକାଶେ ଦେଢ଼ ଲକ୍ଷ ମଣ; ନିଜ ବାଲେଶ୍ୱର ଓ ଭଦ୍ରକ ଗୋଲାରେ ଗୋଲା-ଜାତ କରାଯାଇ ବାକି ପାଞ୍ଚ ପାଞ୍ଚଲକ୍ଷ ମଣ ଲୁଣ ବଙ୍ଗଦେଶରେ ବ୍ୟବହାର ନିମନ୍ତେ କଲିକତା ନିକଟ-ବର୍ତ୍ତୀ ଗଙ୍ଗାନଦୀ ପଶ୍ଚିମ କୂଳସ୍ଥ ସାଲିକା ନାମକ ଗୋଲାକୁ ଚାଲାଣ ହଆଯାଏ। ଅଙ୍ଗଙ୍ଗ ଗୋଲାରୁ ସାଲିକା ଗୋଲାକୁ ଲୁଣ ଚାଲାଣ ନେବା ନିମନ୍ତେ ପ୍ରାୟ ଛଅ ଶତ ବାଲେଶ୍ୱର ଜାହାଜ ନିଯୁକ୍ତ ଥିଲା । ଦୁଇ ଡୁଲିଆ ବଡ଼ ଜାହାଜର ନାମ ଗୋରୁପ, ଏକ ଡୁଲିଆ ସାନ ଜାହାଜର ନାମ ଶୋପା । ଖଣ୍ଡେ ଖଣ୍ଡେ ଗୋରୁପ ଆଠ ଦଶ ହଜାର ମଣ ପର୍ଯ୍ୟନ୍ତ ମାଲ ବୋଝାଇ ନଏ । ଖଣ୍ଡିଏ ଖଣ୍ଡିଏ ଜାହାଜ ଚଳାଇବା ନିମନ୍ତେ ଦଶ କୋଡ଼ିଏ ଜଣ କର୍ମଚାରୀ ନିଯୁକ୍ତ ଥିଲେ । ଜାହାଜ-ଚାଳକର ଉପାଧି ମାଝି, ତାହାର ସରକାରୀ ଚଣ୍ଡେଲ, ଅନ୍ୟାନ୍ୟ କର୍ମଚାରୀଙ୍କ ଉପାଧି ଖଲାସୀ । ଯଦ୍ୟ ପ୍ରତ୍ୟେକ ଜାହାଜରେ ହାରହାର ପନ୍ଦର ଜଣ କର୍ମଚାରୀ ଧରାଯାଏ, ତେବେ ସେମାନଙ୍କ ସଂଖ୍ୟା ପ୍ରାୟ ପାଞ୍ଚ ଛଅ ହଜାର । ଏହା ଛଡ଼ା ଜାହାଜନର୍ମାଣକାରୀ ବଢ଼େଇ, କମାର, କଳାପିଠିଆ, ସଡ଼ସିଲାଇ, ଦରଜା ଓ ଅନ୍ୟାନ୍ୟ ଚାକର ସଂଖ୍ୟା ପ୍ରାୟ ପାଞ୍ଚ ହଜାର । ସମସ୍ତେ ବାଲେଶ୍ୱର ଜିଲ୍ଲାନିବାସୀ; ଜାହାଜର ଅଧିକାରୀ ମହାଜନମାନେ ମଧ୍ୟ ବାଲେଶ୍ୱରୀ । କେବଳ ଲବଣ ରହିବାରେ ଯେ ଜାହାଜ ସବୁ ନିଯୁକ୍ତ ଥିଲା, ତାହା ନୁହେଁ । ସେ ସମୟରେ କି ଅନ୍ତର୍ବାଣିଜ୍ୟ, କି ବହିର୍ବାଣିଜ୍ୟ ସମସ୍ତ ବାଲେଶ୍ୱରବାସୀମାନଙ୍କ ହସ୍ତରେ ଥିଲା । ବାଣିଜ୍ୟ ଉପଲକ୍ଷରେ ବାଲେଶ୍ୱରୀ ଜାହାଜ ସବୁ ଗୋପାଳପୁର, ବଣାଗଡ଼ପଟ୍ଟନ, ମାଦ୍ରାଜ, ରେଙ୍ଗୁନ ଓ ଅନ୍ୟାନ୍ୟ ଦ୍ୱୀପକୁ ଗତାୟତ କରୁଥିଲେ ।

ବାଲେଶ୍ୱରବାସୀମାନଙ୍କର ଦୁଇଗୋଟି ବସ୍ତୁ ପ୍ରଧାନ ଉପଜୀବ୍ୟ—ଲବଣ ଓ ଧାନ୍ୟ । ଜିଲ୍ଲାର ପ୍ରାପ୍ତ ଏକତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ଲବଣ ବ୍ୟବସାୟରେ ନିଯୁକ୍ତ ଥିଲେ । ବାଲେଶ୍ୱର ଉପକଣ୍ଠସ୍ଥ ବୁଢ଼ାବଳଙ୍ଗ ନଦୀ ଜାହାଜ ଓ ନଦୀକୂଳ ଜନତାରେ ପରିପୂର୍ଣ୍ଣ ଥିଲା । ବର୍ତ୍ତମାନ ଶ୍ମଶାନକ୍ଷେତ୍ରବତ୍ ପଡ଼ି ରହିଅଛି । ବାଲେଶ୍ୱର ଜାହାଜର ଚିହ୍ନ ମାତ୍ର ନାହିଁ । ଯେଉଁମାନେ ଜାହାଜ ଗଠନ ଓ ନର୍ମାଣ କାର୍ଯ୍ୟରେ ପୁରୁଷାନୁକ୍ରମରେ ନିଯୁକ୍ତ ଥିଲେ (ଅନ୍ୟାନ୍ୟ କାର୍ଯ୍ୟରେ ଅନଭ୍ୟସ୍ତ) ସେ ବଂଶ କାହାନ୍ତି ? ଗତ ନଅଙ୍କ ଦୁର୍ଭିକ୍ଷ ଅନୁଗ୍ରହ କରି ସେ ସମସ୍ତ ଲୋକଙ୍କୁ ସଂହାରରେ ଶାନ୍ତି ନକେତନକୁ ହେନ ଯାଇଅଛି । ଅନ୍ୟଥା ସେଗୁଡ଼ିକ କ କଲବଲ ହୋଇଥାନ୍ତେ ।

୧୮୬୧ ଖ୍ରୀଷ୍ଟାବ୍ଦରେ ସରକାରୀ ଲୋକ୍ତାନ କାର୍ଯ୍ୟ ବନ୍ଦ ହୋଇଗଲା । ତହିଁ ଉତ୍ତରେ କେତେକ ବର୍ଷ ବାଲେଶ୍ୱରବାସୀ କେତେ ଜଣ ମହାଜନ ସୌଥରୂପେ ବାଲେଶ୍ୱରର ବ୍ୟୟ ସକାଶେ ସରକାରଙ୍କ ଅନୁମତ୍ତ ଅନୁସାରେ ଲୋକ୍ତାନ କାର୍ଯ୍ୟ ଚଳାଇଥିଲେ । କି କାରଣ ଅନୁମାନଙ୍କୁ ଦୃଗୋଚର, ଉତ୍କଳରୁ ଲୋପ କ୍ଷତିଗ୍ରସ୍ତ ହୋଇ ସ୍ଥଗିତ ହେଇଅଛନ୍ତି । କେତେ ଜଣ ମହାଜନ ସର୍ବସ୍ୱାନ୍ତ ମଧ୍ୟ ହୋଇଅଛନ୍ତି ।

ଲାଭ ନ ହେବାରୁ କି ସରକାର ଲୋକ୍ତାନ କାର୍ଯ୍ୟ ରହିତ କରାଇ ଦେଲେ ? ସରକାର ଚୁଲ୍ଲିଆମାନଙ୍କ ନିକଟରୁ ପ୍ରତି ମଣ ୫° ।/ ହିସାବରେ ଗ୍ରହଣ କରୁଥିଲେ; ବର୍ତ୍ତୀ ମଣକୁ ଦୁଇ ଟଙ୍କା । ଫି ମଣରେ ଟଙ୍କାଏ ଏଗାର ଅଣା ଲାଭ । କେବଳ ବାଲେଶ୍ୱର ଜିଲ୍ଲାର ନ ଲକ୍ଷ ମଣର ଲାଭ ହିସାବ କର ନଅ । କଟକ ପୁରୁଣା ଜିଲ୍ଲା କଥା ଥାଉ ।

"ଶ୍ରୀଗ୍ରବ୍ଧଚନପ୍ଟା ଚମା" । ଲକ୍ଷ୍ମୀଙ୍କର ପିତୃଭବନ ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ଚରଦନ ଲକ୍ଷ୍ମୀ ଏହ୍ନ ଜଲ୍ଲାରେ ବଗ୍ଧଚତା ଥିଲେ । ସମୁଦ୍ର କୂଳବର୍ତ୍ତୀ ବାଣିଜ୍ୟ-ସ୍ଥାନର ନାମ ବନ୍ଦର, ଏଥିପାଇଁ ଏହାର ନାମ ବନ୍ଦରବାଲେଶ୍ୱର । ଛନ ଶତ ବର୍ଷ ପୂର୍ବେ ବଙ୍ଗ ଦେଶକୁ ଯିବା ପୂର୍ବେ ଓଲନ୍ଦାଜ, ଫରାସି, ଡେନେମାର ଓ ଇଂରାଜ ବଣିକମାନେ ଏଠାରେ ଦୋକାନ ମେଲଥିଲେ ।

ବାଲେଶ୍ୱର ଯେପରି ଲକ୍ଷ୍ମୀବନ୍ତ ସ୍ଥାନ, ଦୁଇ ଗୃହ ବର୍ଷ ଅକାଳ ପଡ଼ିଲେ ମଧ୍ୟ ସମ୍ଭାଳ ଯିବାର କଥା; ମାତ୍ର ଏହ୍ନ ଦୁର୍ଭିକ୍ଷ ସମୟରେ ସମ୍ପୂର୍ଣ୍ଣରୂପେ ଶସ୍ୟ ଜନ୍ମିଥିଲେ ମଧ୍ୟ ସହରବାସୀ ସାଧାରଣ ଲୋକ ମଧ୍ୟରେ ଦଶପଣ ଲୋକଙ୍କ ଘରେ ଦୁଇଓଳ ଚୁଲ୍ଲି ଜଳେ କି ନା, ସନ୍ଦେହ । ମଧ୍ୟବିତ୍ତ ଲୋକଙ୍କ ଅବସ୍ଥା ପ୍ରାୟ ଚଥୈବଚ । ଏକମାତ୍ର କାରଣ—ଅର୍ଥାଭାବ । କେବଳ ଲବଣ ଦୋକାନ ଉଠି ଯିବାରୁ ସମସ୍ତ ଯାଇଅଛି, କାରଗର ବଂଶ ଚ ନର୍ମ୍ମୂଳ ହୋଇଅଛନ୍ତି । ବାଣିଜ୍ୟକ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ମହାଜନ ଜଣେ ମଧ୍ୟ ନାହିଁ । ବଦେଶୀୟ ମାରୁଆଡ଼ି, କଚ୍ଛୀ, ଘଟିଆ, ନାଖୋଦାମାନେ ମାଡ଼ ବସିଲେଣି । ହାତରେ ଅର୍ଥ କାହିଁ ଯେ, ଧନବନ୍ତ ବଦେଶୀ ମହାଜନଙ୍କ ସହିତ ଟକ୍କର ଦେଇ ପାରବେ ।

ଏହ୍ନ କ୍ଷୁଦ୍ର ଜଲ୍ଲାରୁ ପ୍ରତ୍ତବର୍ଷ ପ୍ରାୟ କୋଟିସଂଖ୍ୟକ ଟଙ୍କାର ଧାନ ଗୃତ୍ତଳ ବଦେଶକୁ ରପ୍ତାନି ହୁଏ । ରେଳ-ଷ୍ଟେସନ ଗୃତ୍ତଳବସ୍ତାରେ ପରିପୂର୍ଣ୍ଣ । ସତ୍ତକମାନଙ୍କରେ ବବାଗ୍ଧ ଗୃତ୍ତଳ ଗେଡ଼ ଗୃଲଅଛି, ଅଥଚ ସହରବାସୀ ଅଧିକାଂଶ ଲୋକ କାତର ନୟନରେ, ଖାଲ ମେଟରେ ଭକଭକ କରି ଗୃହିଁ ବସିଚନ୍ତି ।

ଧାନ ଗୃତ୍ତଳ ବର୍ତ୍ତୀରେ ମଫସଲବାସୀ କୃଷି-ମାନଙ୍କର ଦୁଇ ଟଙ୍କା ହାତଚେଠ ଦେଉଅଛି ସତ୍ୟ; ମାତ୍ର ଖୋଜନ୍ତୁ, ଘର ଶୂନ୍ୟ ଦେଖିବେ । ଟଙ୍କା ହାତଚେଠ ଦେବା ମାତ୍ରକେ ଲୋକେ ଲେଭ ହମ୍ବାଳ ନ ପାର ଜର୍ମାନ୍ନା ଟ୍ରଂକାରେ ରେପାର ଛତା ପ୍ରଭୃତ କଣି ନେଇ ଘରେ ପୂରୁତ୍ତ ଅଛନ୍ତି । ବର୍ଷେ ଅକାଳ ପଡ଼ୁ, ଦେଖିବେ, ଲୋକଗୁଡ଼ାକ ଲମ୍ବ ଲମ୍ବ ଧଣ୍ଡ ପର ଶୋଇପିବେ ।

ଆଗେ ଦେଶବାସୀ ସମୁଦ୍ରକୂଳ ମାଟି ବର୍ତ୍ତୀ କର ଟଙ୍କା ପାଉଥିଲେ, ବର୍ତ୍ତମାନ ଗୃତ୍ତଳ ବର୍ତ୍ତୀକର ଜର୍ମାନ୍ନା-ମାଟି କଣୁ ଅଛନ୍ତି । ରେପାର ଫେପାର ଗୁଡ଼ାକୁ ଆମ୍ଭେମାନେ ମାଟି ବୋଲୁଅଛୁଁ । ଆମ୍ଭେମାନେ ବୋଲଅଛୁଁ, ପୂର୍ବେ ବାଲେଶ୍ୱର ଜଲ୍ଲାରେ ପ୍ରତ୍ତ ବର୍ଷ ନ ଲକ୍ଷ ମଦ୍ରଣ ଲୁଣ ଦୋକ୍ତାନ ଦେଉଥିଲା । ଆଜଯାଏ ସେହ୍ନ କାର୍ଯ୍ୟ ଚଳୁଥିଲେ ବ୍ୟବସାୟୁ ଉନ୍ନତ୍ତ ଲାଭ କର ପ୍ରତ୍ତ ବର୍ଷରେ ଅତ୍ତ ନକୁଚ୍ଛରେ କୋଡ଼ିଏ ଲକ୍ଷ ମଦ୍ରଣ ଦୋକ୍ତାନ ଦେଉଥାନ୍ତା । ସୁତ୍ତରାଂ ଅଭ୍ରବପକ୍ଷେ ଦଶଲକ୍ଷ ଟଙ୍କା ଦେଶରେ ପଶୁଥାନ୍ତା । ହଜାର ବର୍ଷ ପୂର୍ବ ସମୁଦ୍ରଗାମୀ ନୌଗୃଳକ, ସମୁଦ୍ରକୂଳବାସୀ କୈବର୍ତ୍ତବଂଶ ଆଜ ବଜ୍ଞାନଚର୍ଚ୍ଚା ସମୟରେ କେଡ଼େ ଉନ୍ନତ୍ତ ଲାଭ କରଥାନ୍ତେ ।

ଆଜକାଲି ବାଲେଶ୍ୱରର ଯାହା କଛୁ ଗୃକତ୍ୟ ବଦେଶୀମାନଙ୍କ ସକାଶେ । ମହାଜନ ବଦେଶୀ, କଚେରର ବଡ଼ ବଡ଼ ଗୃକର ପ୍ରାୟ ବଦେଶୀ । ରେଲ-ଷ୍ଟେସନରେ କର୍ମ ପାଇବା ଓଡ଼ିଆଙ୍କ କପାଳରେ ଲେଖା ନାହିଁ । ଜମିଦାରଗୁଡ଼ାକ ତ ହାତ ବାନ୍ଧ ରହିଲେଣି । ଏବେ ଗୃଷି ଏକମାତ୍ର ଅବଲମ୍ବନ । ହେଲେ ଜମି କାହିଁ ?

ହେ ଭଗବାନ୍ ! ଆମ୍ଭମାନଙ୍କ ଦପ୍ଟାଳୁ ଗଭର୍ଣ୍ଣ-ମେଣ୍ଟଙ୍କ କଣ୍ଟରେ ବଗ୍ଧଚତ ଦେଉନ୍ତୁ । ବାଲେଶ୍ୱର ଜଲ୍ଲାରେ ପୂର୍ବବତ୍ ଲୁଣ ଦୋକ୍ତାନ କାର୍ଯ୍ୟ ଆରମ୍ଭ ହେଉ ।

ମାଧ ମହାନ୍ତିଙ୍କ କନ୍ୟାସୁନା

ମାଧ ମହାନ୍ତି ଘର ମଧୁପୁର । ଜାତିରେ ବଳଗ୍ରାମ-ଗୋଷ୍ଠୀ । ବୟସ ସତୁରିକ ଭିତରେ । ଘରେ ଖାଇବାକୁ କୁଟୁମ୍ବ ବୋଇଲେ ଜଣା ମୂଷ୍ଟ ପନ୍ଦର ବର୍ଷର ଝିଅଟିଏ. ନାମ ମାଳଙ୍ଗ । ମହାନ୍ତିଏ ଷାଠିଏ ବର୍ଷ ବୟସରୁ ଘଣ୍ଟୁଘା ହୋଇ ବସିଛନ୍ତି । ବୁଢ଼ୀ ଗୃଳ ପିବାବେଳେ ଆଉ ଗୋଟିଏ ହାତଛଡା କରବାକୁ ତାଙ୍କର ବୟସ ଥିଲ୍ଲ ବୋଲ ମହାନ୍ତିଙ୍କ ମୁହଁରୁ ଥରେ ବି'ଥର ଶୁଣା ଯାଇଥିଲ୍ଲ, ତାଙ୍କ ଦରପା ଲୋକେ ମଧ୍ୟ କହି ବୁଲଥିଲେ । ଦୁଇଜନ ବର୍ଷଯାଏ ତାଙ୍କ ମନ ବି ବବାହ ହେବା ଲଗି ସକସକ ହୋଇଥିଲ୍ଲ, କେବଳ କନ୍ୟାସୁନା ବାଡ଼ଟା ବଡ଼ ଟାଣ ପଡ଼ିବାରୁ ପଛଘୁଞ୍ଚା ଦେଲେ । ଦୁଇ ଜଣ ବର୍ଷଯାଏ କହି ବୁଲଲେ, "ନାହିଁ ରେ ବାପା ନାହିଁ, କାହିଁ ଗୋଟାଏ ଆସି ମୋ ଛୁଆକୁ ହେଟାଦର କରବ, ମା ଛେଉଣ୍ଡିଟି କାଉବ, ତା ବକଳ ସହ୍ୟପାରବ ନାହିଁ ।" ମା ମଲ୍ଲ ବଳରୁ ସେଇ ସାତ ବର୍ଷର ଝିଅ ମାଳଙ୍ଗ—ବାପା ଝିଅ ଦୁଇଜଣଙ୍କର ଖତ ଘରେ, ପଙ୍ଗୁଡ଼ ବାସନ ମାଜେ । ଘରର ଆଉ ଆଉ ପାଇଟି ବି ତା ଜମା ।

ମହାନ୍ତିଙ୍କର ଆଉ ଗୋଟିଏ ଝିଅ ଥିଲ୍ଲ, ନାମ ମାଧୋ । ବୁଢ଼ୀ ମରବା ପୂର୍ବ ମାସ ଆଗେ ମହାନ୍ତିଏ ସାତଶହ ଟଙ୍କା କନ୍ୟାସୁନାରେ ଷାଠିଏ ବର୍ଷର ଗୋଟିଏ ବୁଢ଼ାବରକୁ ସାଢ଼େ ଆଠ ବରଷର କନ୍ୟା ଟେକ ଦେଇ ଗୌଗ୍ଧଦାନର ଫଳ ଖୋଲପଣି ଅର୍ଜିଥିଲେ । ସେ କନ୍ୟାଟି ଏଗାରବର୍ଷ ବୟସରୁ ବଧବା । ଯେ ବଚ୍ଚ ହୋଇ ଯାଇଚ, ବାପ-ଘରମୁହାଁ କେବେ ହୋଇନାହିଁ ।

ମୁଲକର ଆଉ ଝିଅଙ୍କ ପରି ମାଳଙ୍ଗଟି ବି ଦିନକୁ ଦିନ ବଢ଼ି ବଢ଼ି ପନ୍ଦରବର୍ଷରେ ପାଦ ଦେଲ୍ଲଣି । ରୂପରେ, ଗୁଣରେ ମାଳଙ୍ଗର ସମକଚ୍ଚ ଝିଅଟିଏ ମଧୁପୁର ଚ ମଧୁପୁର, ଦଶଖଣ୍ଡ ଗାଁରେ ହେଲେ ଗୋଟିଏ ଖୋଜ ପାଇବ ନାହିଁ । ଲୋକେ କହନ୍ତି, ଗୋବରଗଡ଼ଆରେ ଚଢ଼ୁଫୁଲ ଫୁଟିଛୁ । ମାଳଙ୍ଗ ଗାଁ ଝିଅଙ୍କ ପରି ଆଉ ଆଉ ସମବୟସ୍କୀ ଝିଅଙ୍କ ସାଙ୍ଗରେ ହେଁ ହେଁ, ଫେଁ ଫେଁ ହେବାର କେହ୍ନ ଦେଖି ନାହିଁ । କବାଟଟି କଳଦେଇ ଘରେ ଆଉଣା ପାଇଟିରେ ଲଗିଥାଏ । ଥାଣି ଆଣିବା ଥାଇଁ ସୋଖଗ୍ଧକୁ ଯାହା ବାଡ଼ରେ । ମୁଣ୍ଡରେ ସାନ ଓଡ଼ଣାଟି ଟାଣି ଦେଇ, ମାଠିଆଟି କାଖେଇ ଗାଁ ଗୋଦଗ୍ଧ ଏକଥାଖିଆ ଧୀରେ ଧୀରେ ଗୁଲଯାଏ । ଗାଁର ପାଞ୍ଚ ମାଇତ୍ର କହନ୍ତି, ମାଳଙ୍ଗର ଗୁଲଟି କେଡ଼େ ସୁନ୍ଦର । ପନ୍ଦର ବର୍ଷର ଅଭିଆଡ଼ୀ ଝିଅଟାକୁ ଘରେ ରଖିଛୁ, ଗାଁରେ ଜାତିରେ ମହାନ୍ତିଙ୍କୁ ବଡ଼ ଧିକାଣଲେଣି । ଆଉ ଏଣିକ ମହାନ୍ତିଏ ସମ୍ଭାଳ ହୋଇ ପାରୁ ନାହାନ୍ତି । ଝିଅଟି ଯେ ଆଜିଯାଏ ବଚ୍ଚ ହୋଇ ଯାଇ ନାହିଁ । ସେଥିର କାରଣ, ଝିଅ ବଚ୍ଚ ହୋଇ ଗଲେ ଘର ବି'ଟା ଫୁଟାଫୁଟି କର ଦେବ କିଏ ? ଆଉ ଏପର ଗୁଣବନ୍ତିଏ ବା କାହିଁ ପାଇବେ ? ମହାନ୍ତିଏ ସକାଳୁ ଉଠି ଦୁଇ ଜଣ ମାନଆ ଗୃଡ଼ଳ ମାଣର ଠିକ କଣରେ ମାପି ଦେଇ ଯାନ୍ତି । ମାଳଙ୍ଗ ଆପଣା ପେଟରୁ କାଢି ସେଥିରୁ ମୁଠିଏ ଗୃଡ଼ଳରେ ବାପା ସଞ୍ଜବେଳେ ବଲବାନ୍ଦୁଡ଼ା ଖାଇବ ବୋଲ ଗୋଟିଏ ସାନ ପୋଡ଼ା-ପିଠା, ନୋହ୍ଲେ ପଖାଳ ମୁଠିଏ କର ରଖି ଦେଇଥାଏ । ମହାନ୍ତିଏ ଗୃଡ଼ଳ ମାପି ଦେବାବେଳେ ଗୋଟିଏ ଖୁବ ସାନ ଶାମୁକାରେ ଲୁଣ ମାପି ଦଅନ୍ତି । ବାଡ଼ର କପୁଁ। ଗଛଟିରେ ବର୍ଷକ ଭରକାଶ ଚଳେ । କପୁଁ। ପାଚଲେ ମହାନ୍ତିଏ ନଜେ ଗଛରୁ ପାଚି, ଖୋଷା ଛଡ଼ାଇ, ପାରୁ କାଡ଼ି, ମାଠିଆ ମାଠିଆ ପୂରାଇ କୋଲ୍ଲପ-ଘରେ ରଖି ଦେଇଥାନ୍ତି । ସେଥିରୁ ବାପ ଝିଅଙ୍କ ପାଇଁ ଠିକ ଦୁଇ ଫଡ଼ କାଡ଼ି ଦଅନ୍ତି । ମାଳଙ୍ଗଟି ବଡ଼ ଦପ୍ପାବଚ୍ଚା, ବାପାକୁ ବଡ଼ ଭଲ ପାଏ । ଏକା ବାପା କଁ୍ୟା, ସମସ୍ତଙ୍କୁ ଭଲ ପାଏ । ଗୋଟିଏ ବରଡ଼ ପିଲ୍ଲ ପୋଷିଛୁ, ସେଇଟି ଚାହାର ନର୍ଜନ ଘରେ ସଙ୍ଗିମା – ସବୁବେଳେ

ଲଞ୍ଜ ଟେକ ମ୍ୟାଉଁ ମ୍ୟାଉଁ କହ୍ନ ଗୋଡ଼ରେ ଘଷି ହେଉଥାଏ । ମାଳଟା ସେଟାକୁ ଆପଣା କଂସାରେ ଖୁଆଏ, ପାଖରେ ଶୁଆଏ । ବାପା କଆ ଲଙ୍କାମରଚ ଭଲ ପାଏ । ଯୋଡ଼ଏ ଲଙ୍କାମରଚ ଗଛ ମୂଲଆ ପଠାଇ କୁଆଡ଼ୁ ଅଣାଇ ମଝି ଅଗଣାରେ ପୋତୁଛୁ । ଖଗ୍ଦନେ ଗାଁ ମଝି ପୋଖରୀରୁ ପାଣି ଆଣି ଗଛ ମୂଳରେ ଢାଳେ । ମାଳଟା ଉପର ଓଳ ମାଣିପାଇଁ ଯା'ଇ ପୋଖରୀକୂଳରୁ ମଦରଙ୍ଗା, ସୁନୁସୁନଆ, ହଡ଼ମିଚ୍ଚ, କଳମ୍ବ, ପିଠା ଶାଗ ଯେଉଁ ବନ ଯାହା ହାତରେ ପଡ଼େ, ମୁଠିଏ ତୋଳ ଆଣେ, ଖାଲ ବାପାପାଇଁ ସିଝାସିଝି କର ରଖେ ।

ମଫସଲ ଗାଁରେ ଯାହାକୁ ଥଲ୍ଲବାଲ୍ଲ ଲୋକ କହନ୍ତି, ମାଧ ମହାନ୍ତଏ ବ ସେହ୍ନଭଳଆ ଜଣେ । ସରବର ଦୁଇ ବାଟିଯାଏ ହାତଗୁଣ୍ଠ, ଘୁଗରେ ବ ବାଟିଏ ଖଣ୍ଡେ ଦେଇଛନ୍ତି । ଛଅଟା ହଳ, ମାଈ ଗୋରୁ ବ ଗୁର ବୋଡ଼ ସରକ । ଗାଈ ଦୁହାଁଳ ହେଲେ ଦୁଧଯାକ ଗଜୁଡ଼ କାଟରେ ଘେନଯାଏ ।

ମହାନ୍ତଙ୍କର ଖରଚ ବୋଇଚଲ, ଧାନ ବକ ଖଜଣା ଗଣ୍ଡାକ ଚଳାଇ ଦଅନ୍ତି । ଆଉ ପଇସା କଉଡ଼ର ଖରଚ ନାହିଁ । ବାଡ଼ରେ ଖଣ୍ଡେ କପା କରଛନ୍ତି, ବାପ ଝିଅଙ୍କର ଲୁଗାବାଡ଼ଟା ଚଳଯାଏ । ବେଜାପୁ ଖରଚ ମଧ୍ୟରେ ପିଲ୍ଲଦନରୁ ପିକା ଟଣାଟା ଅଭ୍ୟାସ, ଘୁଡ଼ପାରୁ ନାହନ୍ତି । ସେଜନା ଅଧ ସେର ଧାନରେ ଧୂଆଁପତ୍ର ଗୋପିଆ ଦୋକାନ ପାଖରୁ ଆସେ । ସବୁବେଳେ ପିକାଟା ମୁହଁରେ ଲଗିଥାଏ । ଗୋଟାଏ ଲମ୍ବ ମୋଟା ନଅାଁ ବଡ଼ଆ ପାଖରେ ପଡ଼ିଥାଏ । କୁଆଡ଼କୁ ଗଲେ ବଡ଼ଆଟି କାଖେଇ ବାହାରନ୍ତି । ମାଳଟାଟା ଏବେ କଲେଇଲଣ୍ଡି । ଏଣିକ ବସ୍ତ୍ର ନ ଦେଲେ ନୁଢ଼େ । ପାଞ୍ଚ ଜାଗାରୁ ଜବାବ ଆସିଲଣି, ହେଲେ ଦର ପଟୁନାହିଁ । ଭନଶ ଟଙ୍କାରୁ ଉପରକୁ କେହି ଯିବାକୁ ନାହିଁ । ମହାନ୍ତଏ ବଡ଼ ସତ୍ୟବନ୍ତ ଲୋକ, ଏକା ଘ ଧରଛନ୍ତି, ସାତ ଶହରୁ ପଇସାଏ ବ ଊଣା ହେବ ନାହିଁ । ନ' ବର୍ଷର ବଡ଼ ଝିଅଟା ହେଲ୍ଲ ସାତ ଶହ, ପନ୍ଦର ବର୍ଷର ଝିଅ--ଦେଖ ତ, କେଡ଼େ ସୁନ୍ଦଗ୍ଗ, କମିଚ୍ଚ ପାଇଟିକୁ ଯୋଗା । ଦେଖି ଗୁହିଁ ବୁଝି ସମଜ କଥା କହ୍ନଲେ ସିନା ହେବ । ଯେଉଁମାନେ ବସ୍ତ୍ର ପ୍ରସଙ୍ଗରେ ଆସନ୍ତି ସେମାନଙ୍କୁ ଏହ୍ନ ଏକା ଜବାବ ।

ମହାନ୍ତଏ ବୁଝିଲେଣି, ଦୋଦ୍ରଳ ଚେଦ୍ରଳ କେହ୍ନ, ଖବ୍ ବୁଡ଼ା ବର ନ ହେଲେ ଦର ପଟିବ ନାହିଁ । କନ୍ୟାପାଇଁ ଏହ୍ନପର ଯୋଗା ବର ସକାଶେ ବାଟ ଗୁହିଁ ବସିଛନ୍ତି ।

ମଧୂପୁର ଗାଁଟା ଗୋପାଳଙ୍କଉଙ୍କର ଦେବୋତ୍ତର । ମଠଟି ଗାଁ ମଝିରେ । ଆଉ ଆଡ଼େ ବ ଜମିଜମା ଅଛୁ । ସେ ସବୁ ଜମିର ଖଜଣା, ଫାଉ ଫୌତ୍ତ, ଶିଷ୍ୟ ସେବକ ସବୁ ସବୁ ରକମରୁ ବର୍ଷକୁ ଦଶବଜାର ଟଙ୍କା ସରକ ଆସୁ । ଏଟା ନଅଙ୍ଗ ମଠ, ଗୋଟାଏ ମହନ୍ତ ନାରପୁଣ ପାଇଲେ ତାଙ୍କ ଚେଲ୍ଲ ଗାଦିରେ ବସନ୍ତି ।

ମହନ୍ତ ରଘୁବର ଦାସ ନାରପୁଣ ପାଇବାରୁ ତାଙ୍କ ଚେଲ୍ଲ ଲଛମନ ଦାସେ ବର୍ତ୍ତମାନ ଗାଦିର ମାଲିକ । ନୂଆ ମହନ୍ତ ଖୁବ୍ ଦାତା, ଦୟାଳୁ । ଆଗ ମହନ୍ତଙ୍କର ସବୁ ଭଲ ଗୁଣ ଅଛୁ । ଚରିତ୍ରଟି ବ ଖୁବ୍ ଭଲ । ହେଲେ ଟୋକାଳଆ ବୁଦ୍ଧିଟା ଘୁଡ଼ ନାହିଁ । ଆଗ ପୋଷା ପାର୍ ଗୋବର ଚଢ଼େଇ-ଗୁଡ଼ାକ ରହ୍ନ ଯାଇ-ଛନ୍ତି । ମହନ୍ତ ମଠରେ ଗୋଟାଏ ଆଖଡ଼ା ଜାର କର-ଛନ୍ତି । ସଞ୍ଜ ବାଜଲ୍ଲ ତ, ଗାଁର ଯେତେ ଭେଣ୍ଡିଆ ପିଲ୍ଲ ଜୁଣ୍ଡ । କୃଷ୍ଣଲ୍ଲଲା, ରାମଲ୍ଲଲା ଯାହା ହୁଏ । ଆଖଡ଼ା ମଧ୍ୟରେ ବଚ୍ଚୁ ବଚ୍ଚୁ ଦଶଜଣ ଭେଣ୍ଡିଆ ଅଛନ୍ତି । ଘଣ୍ଟ ଛଅ ଦଉଡ଼ ସରକ ମହାପ୍ରଭୁଙ୍କ ଠା ଘଣ୍ଟା ବାଜେ, ଆଖଡ଼ା ଭଙ୍ଗେ । ପ୍ରସାଦ ସେବା କର ଯେ ଯାହା ଘରକୁ ଗଲଗଲ୍ଲ ବାଦ ମହନ୍ତ ସେହ୍ନ ବଚ୍ଚୁ ସାଙ୍ଗୀ ଦଶ ଜଣଙ୍କୁ ଧର ମଠ ପଛ ବଗିଚ୍ଚ ମଝିରେ ଥିବା

ଗୋଖଣ୍ଡ ଘାଟରେ ବସି ଅଧଘଣ୍ଟାଯାଏ ଭ୍ରଶ୍ତାନନ୍ଦ * ମୌଜ କରନ୍ତୁ, କୋଡ଼ଏ ମୁଲକର ହାଲଚାଲ କଥା ପଡ଼େ ।

ମନ୍ତନ୍ତ ଦେଉଛନ୍ତୁ ଗାଁର ଜଜ୍, ମେଜେଷ୍ଟର, ମହାଜନ ସବୁ । ଏ ଗାଁରୁ ଗୋଟାଏ ବୋଲି ମାଲ-ମାମଲା ସରକାରକୁ ଯାଏ ନାହିଁ ।

ମନ୍ତନ୍ତଙ୍କର ଗୋଟିଏ କୋଠାଘର ଅଛି, ନାମ ବନୋଦଆ—ବପ୍ତସ ବାଇଶ କି ତେଇଶ । ଦେଖିବାକୁ ବେଶ ଡଉଲ ଡାଉଲ । ବନୋଦଆ ମନ୍ତନ୍ତଙ୍କର ଘର ବଶ୍ୱାସୀ ଚାକର । ମନ୍ତନ୍ତଙ୍କ ନଜ କୋଠର କଞ୍ଚି, ମନ୍ଦର ସରଘର, ଗନ୍ତାଘର, କାରବାଗ୍ ଘର, ସବୁଘର ଚାବି ତା ହାତରେ । ଗୋଟାଏ ସରୁ ଲମ୍ବା ଶିକୁଳିରେ ଗୁନ୍ଥା ବେକାଏ ଚାବି ସବୁବେଳେ ତା' ଅଣ୍ଟାରେ ଝୁଲୁଥାଏ । ସବୁ ବଷପ୍ତରେ ମନ୍ତନ୍ତଙ୍କର ବନୋଦଆ ଉପରେ ଖୋଲପଣି ବଶ୍ୱାସ । ଯେପର ମାଲମାମଲା ଦେଉ ବନୋଦଆକୁ ନ ଧରିଲେ କେହି ମନ୍ତନ୍ତଙ୍କଠାରୁ ବେଗି ବେଗି କାମ ହାସଲ କରିପାରେ ନାହିଁ । ଶ୍ରୀମାଉଙ୍କ ଅଳଙ୍କାର, ନଗଦାଚ ଟଙ୍କା, ଟିପ ଚମଚୁକ ମନ୍ତନ୍ତଙ୍କର ନଜ ଚନ୍ଦବଲ, ସବୁ ସବୁ ରକମରେ ବନୋଦଆ ଜମାରେ ଲକ୍ଷାବଧି ଟଙ୍କା । ନେଇ ବସିଲେ ମାଲମାମଲାରୁ ବ ଡେର ଡେର ଟଙ୍କା ପାନ୍ଥା । ମାନ ଚାହାର ଦରମା ମାସକୁ ଯୋଡ଼ାଏ ଟଙ୍କା ଗୁଡ଼ ଆଉ ଯୋଡ଼ାଏ ପଇସାରେ ବ ହାତ ଵଏ ନାହିଁ । ଏଣେ ମନ୍ତନ୍ତଙ୍କର ଯେପର ଅକାରଣ ପଇସାଏ ନଷ୍ଟ ନ ହେବ ଖୁବ୍ ଜଗିଥାଏ । ପ୍ରଜା ଖାତକ ଉପରେ ଡକ ପାଉଣା ପଇସାଏ ଗୁଡ଼ଚ ନାହିଁ, ମନ୍ତନ୍ତ ହୁକୁମ କଲେ ବି, ନା । ବନୋଦଆ ଘର ହାଟଗାଁ, ମନ୍ଦରଠାରୁ ଘର କୋଶ ଦୂର । ସେ ଗାଁଟା ବି ମନ୍ତନ୍ତଙ୍କର ଦେବୋତ୍ତର ବାହେଲ । ମା ବାଧିକା ପଡ଼ିଛୁ ଶୁଣି ବନୋଦଆ ମନ୍ତନ୍ତ ମହାଗ୍ତଜଙ୍କଠାରୁ ଘଣ୍ଟଵନର ଛୁଟି ନେଇ ଘରକୁ ଯାଇଥିଲା । ଆଜ ସକାଳୁ ଘରୁ ଆସି ଭୁନଟି ଦୋଇ ବସିଛୁ, କାମ ପାଇଟିରେ ମନ ଦେଉ ନାହିଁ । ମନ୍ତନ୍ତ ପଚାରିଲେ, "କ ରେ ବନୋଦଆ, ଇମିତ ଡୁକାଟା ପର ବସିଛୁ କଁୟା ? ଯା ଯା, ତୋଟାଳଆ ସବୁ ଆସି କାମରେ ଲଗିଗଲେଣି କ ନା, ଦେଖ ଯା ।"

ବନୋଦଆ ମନ୍ତନ୍ତଙ୍କ ଗୋଡ଼ ଯୋଡ଼କ କୁଣ୍ଢେଇ ଧର ଝୋ ଝୋ କର ରଡ଼ି ଛାଡ଼ିଲା, କଥା କହି ପାରୁ ନାହିଁ ।

ମନ୍ତନ୍ତ—ଆରେ କଥା କଣ କହ, ଇମିତକାଟା କାନ୍ଦୁଛୁ କଁୟା ?

ବନୋଦଆ—ଆଜ୍ଞା ! ମୁଁ ଆଉ ଘରକର କରିବ ନାହିଁ । ଆମ ଗାଁର ଡେର ତେଣ୍ତିଆ ରେଲବାଇରେ କାମ କର ଡେର ଡେର ଟଙ୍କା ଆଣୁଛନ୍ତି । ମା କହିଲା, ମୁଁ ସେଇପର କାମ କର ଟଙ୍କା ଆଣି ବାହା ହେବ । ମା କହିଲା, ସେ ବାଧିକା ପଡ଼ିଲଣି, ମରିଯିବ—ବୋହୂ ଦେଖିବ ।

ମନ୍ତନ୍ତ ହୋଃ ହୋଃ ହୋଃ—ଏଇ କଥା ! ଆଚ୍ଛା ମୁଁ ବାହା କରେଇ ଦେବ । ଖୁବ୍ ଭଲ କନ୍ୟାଟିଏ ବାହା କରେଇ ଦେଲେ ତ ହେଲା ?

ବନୋ.ଆ - ଆମ ଜାତିରେ କନ୍ୟାପୁନା ଡେର ଟଙ୍କା ପଡ଼େ, ମୁଁ ଟଙ୍କା କାନ୍ଥୁ ଆଣିବ ?

ମନ୍ତନ୍ତ—ଆରେ ବାପା ! ତୁ ତ ବାହା ହେବୁ ଗଲା, ଟଙ୍କାରେ କଣ ଅଛୁ ? ଆଚ୍ଛା ଯେତେ ଟଙ୍କା ଲଗିବ, ମୁଁ ଦେବ ।

* ଗଞ୍ଜାଇ—ଖସା ।

Chhaya©kanta

ବନୋଦଆ ଘର ଚୁଟିଟାଏ ହୋଇ ଆପଣା କାମରେ ଲଗିଗଲା ।

ପଦ୍ମ ଭଣ୍ଡାରୁଣୀ ବଧବା—ଘରକୁ ଏକୁଟିଆ । ଗୋଟିଏ ବୋଲି ଝିଅ ଥିଲା, ପାଞ୍ଚ ବର୍ଷହେଲା ବଭା ହୋଇ ଯାଇ ଶାଶୁଘରେ ଅଛି । ଗାଁ ମଝିରେ ଘର । ହେଲେ ଚାର ବଡ଼ ଚୁଡି, ଘରେ ଏକୁଟିଆ ଥାଏ, କାହାରକୁ ଡରେ ନାହିଁ । ଗାଁ ଗୋଟାକ ଖଟେ । ମାଇକନଆମାନଙ୍କ ନଖ କାଟେ, ଗୋଡ଼ରେ ଅଳତା ଲଗାଇ ଦଏ । ପଦ୍ମର ବୁଦ୍ଧି ଖୁବ ଟାଣ, ପୁଣି ପାଞ୍ଚ ମାଇକନଆଙ୍କ ସଙ୍ଗରେ ରଞ୍ଜଦଷ ଥିବାରୁ ସେ ଘର ପଟୁ ହୋଇ ଯଇଛି । ସାକୁଲ ସାକୁଲ କର ଗାଁ ଗୋଟାକ ମାଇକନଆଙ୍କୁ ଟେଇରଖିଛି । ତାକୁ ସମସ୍ତେ ଭଲ ପାନ୍ତି । ଆଉ କଥା ଯାହା ହେଉ, ତାର ମନ ଆଚରଣ ବୋଲି ଡେରି କେବେ ପଦେ ବୋଲି କହି ନାହିଁ ।

ଆଜିକ କେତେ ଦନ ହେଲା ସଞ୍ଜ ସକାଳ ସବୁବେଳେ ମଠକୁ ଯା ଆସ କରୁଥିବାର ଦେଖା ଯାଉଛି । ମାଧ ମହାନ୍ତ ଘରେ ନ ଥିବାବେଳେ ପଦ୍ମ ତାଙ୍କ ଘରକୁ ପଶିଯାଏ । ମହାନ୍ତଙ୍କ ଘର ଭତରେ କେହି ଯେମନ୍ତ ତାକୁ ଗୁହିଁ ବସିଥାଏ, କବାଟରେ ହାତ ମାରିବାକ୍ଷଣି ଜହୁଆଁ ହୋଇଯାଏ ।

ପଦ୍ମ ମାଳଝାକୁ କୁଣ୍ଢେଇ ପକାଇ "ମା ରେ-ସୁନା ରେ—ହୃଦମଣି ରେ—ମୋ ଝିଅଖଣ୍ଡ ଶାଶୁଘରକୁ ଯିବା ଦନରୁ ଅଭୁଣି ହୋଇ ବସିଥିଲ ରେ—ଦାଣ୍ଡ ଘାଟରେ ତତେ ଦେଖି ନେଇ ପଳଙ୍କ କରୁଥିଲ ରେ । ଗାଁରୁ ଶୁଣିଲା, ତୁ କୁଆଡ଼େ ବାହା ହୋଇ ଯାଉଛୁ, ତତେ ଥରେ ଦେଖିବାକୁ ଅଇଲ ରେ ।" ମାଳଝା ଭାତରେ ମୁଠାଏ ଅନ୍ନ ମହାପ୍ରସାଦ ଗୁଞ୍ଜି ଦେଇ କହିଲା, "ଆଜ କଡରୁ ତୁ ମୋ ଝିଅ, ମୁଁ ତୋ ମା ।"

ମାଳଝା ଆଦର କଥା, ସ୍ନେହ କଥା, କଅଁଳ କଥା ପଦେ ହେଲେ କେବେ ଶୁଣି ନାହିଁ । ଏତେ ସ୍ନେହ କଥା ଶୁଣି ସମ୍ଭାଳ ହୋଇ ମାରୁ ନାହିଁ । ପଦ୍ମକୁ କୁଣ୍ଢେଇ ପକାଇ ଘୋ ଘୋ ରଡ଼ ଗୁଡ଼ୁଛି । ଘଡ଼ିକ ବାଦ ଧକେଇ ଧକେଇ କହିଲା, "ମା, ମୁଁ ଆଉ କିଛି ମାଗୁ ନାହିଁ, ତୁ ବେଳେ ବେଳେ ମୋ ପାଖକୁ ଆସୁଥିବୁ, ପଦେ ପଦେ କଥା କହି ଯାଉଥିବୁ । ବାପା କେବେ ହେଲେ ମତେ ପଦେ ଭଲ କଥା କହେ ନାହିଁ, ଟିକକ କଥାରେ ଭୁଲ୍ଲା ଗୁଡି ଯାଇ, 'ଦୂର ଦୂର ! ପୋଡାମୁହିଁ, ବେଲ୍ଲଏ ବେଲ୍ଲଏ ଠକୁଥିବୁ ବସିଥିବୁ' ଏମିତ ଗାଳ ଦଏ । କାଲ ଡେର ଗାଳ ଦେଲା, ଧୂଆଁପତ୍ର କଣିବା ଲଗି ଧାନ କାଡ଼ି ଦେଲା ନାହିଁ, ଖଲାରେ ଯେ ଅଗାଡ଼ ଜମା ହୋଇଛି ତାକୁ ପାଛୁଡ଼ ଧାନ କାଡ଼ି ଧୂଆଁପତ୍ର ଦୋକାନରୁ ଆଣିବାକୁ କହି ଯାଇଥିଲା । ଅଗାଡ଼ ଛନ ଅର ପାଛୁଡ଼ଲଣି, କାଲ ଡେର ପାଛୁଡ଼ଲା, ମୁଠାଏ ବ ଧାନ ବାହାରଲା ନାହିଁ । ବାପା ଆସି ଡେର ଚାଲଦେଲା ।" ଏଇ କଥା କହି ସାର ମାଳଝା ଧକେଇ ଧକେଇ ଡେର କାନ୍ଦିଲା ।

ପଦ୍ମ ମୁହଁ ପୋଛି ଦେଇ କହିଲା, " ମା, ଆଉ କାନ୍ଦ ନା, ଗୋପାଳଙ୍କ ମହାପ୍ରଭୁ ଭତେ ଗଣୀ କରବେ । ମୁଁ ସ୍ୱେଜ ସଞ୍ଜବେଳେ ତୋ କଥା ପ୍ରଭୁଙ୍କୁ ଜଣାଉଛି । ତୁ ଦେଖ ନାହୁଁ, ମୁଁ ଏବେ ମଠକୁ ଏତେ ଯା—ଆସ କରୁଛି କିଁ୍ୟା ? ଭୁଲ୍ଲା ତୋ ଲାଗି ।"

ମାଳଝାର ବଭା ଲଗି ମହାନ୍ତଏ ଏବେ ଅଥପ୍ଥ ହେଲେଣି । ଏଡ଼େ ଝିଅଟାକୁ ଘରେ ରଖିଛୁ, ସମସ୍ତେ ଛି ଛୁକର କରୁଛନ୍ତି । ଡେର ଜଗାରୁ ବାଛନ ଆସିଲଣି । ହେଲେ ଦର ପଟୁ ନାହିଁ । ମହାନ୍ତଏ ମନରେ ବଚାର କଲେ, ପଦର ବର୍ଷର ଝିଅଟା ତ ଅତ ନକୁଚ୍ଛରେ ପାଞ୍ଚ ଛ ଶହ ଟଙ୍କା ଖାଇ ଗଲଣି, ତନ ଶହ ଟଙ୍କାରେ ହେଲେ ଲଭ ଥାଉ, ମୂଳରୁ

ଗ୍ରେକ୍ ଟୋକ୍ ବି ଛନ ଶହ ଟଙ୍କା ଲେଳସାନ ! ମନରେ ସ୍ଥିର କଲେ, ସାତ ଶହ ଟଙ୍କାରୁ ଊଣା କନ୍ୟାସୁନା ଦେଲେ ଝିଅକୁ ଗୁଡ଼ବି ନାହିଁ ଝିଅ ଛଟକେ ଦରବୁଢ଼ୀ ହୋଇ ଘରେ ବସିଥାଉ । ଘର କାମ ପାଇଁପାଇଁ ଆଉ ଗୋଟାଏ ଖାଆନ୍ତା, ନୋହିଲ ଏଇଟା ଖାଇଲ । ଲୋକେ ନନ୍ଦା କରୁଛନ୍ତୁ, କରନ୍ତୁ, ଲୋକ କଥାରେ କଣ ଅଛୁ ? ସେଥିଲାଗି କଣ ଏତେ ଟଙ୍କା ଲୋକସାନ ସହିବ ?

ମହାନ୍ତଙ୍କର ଏବେ ଦିନ ବୁଡ଼ି ଚନ୍ଦା । କେବେ ସାତ ଶହ ଟଙ୍କା ଘରେ ପଶିବ । ଦିନେ ଛାଙ୍କ ମନ ଡାକଲ, ମାଳଙ୍ଗ ମୁହଁଟା ଟିକେ ଅଧିକ ସୁନ୍ଦର ଦିଶିଲେ କନ୍ୟାସୁନା ବାଡ଼ ବଢ଼ିବ ପରା । ପାଟି କରି ଡାକଲେ, 'ଆଲୋ ମାଳଙ୍ଗ । ଶୁଣ ଶୁଣ, ଏହି ନେ ମାଣେ ଧାନ, ଗୋପୀ ସାଉ ଦୋକାନରୁ ଡଲଡା ତେଲ କଣି ଆଣ । ଡଲଡା ବାଟି ରଖିଥିବୁ, ଅଳ୍ପ ବୁନ୍ଦାଏ ତେଲ ମିଶାଇ ଦେବୁ, ଦାଣ୍ଡକୁ ବାହାରଲ୍ଲ-ବେଳେ ସେହି ଡଲଡା ଟିକେ ମୁହଁରେ ମାଶି ଦେଇ ବାହାରିବୁ । କେହି ବାହା ବାଛନିଆ ଆସିଲେ ମୁହଁରେ ଟିକେ ବେଶି କରି ଡଲଡା ବୋଳି ଦେବୁ । ବୁଝି ଖବରଦାର ! ଆଇଚ ସାଇଚ ଖରଚ କରିବୁ, ଏଇ ଡଲଡା ତେଲ ଯେମନ୍ତ ପରା ମାସେ ଯାଏ ।"

ମାଳଙ୍ଗ ମୁଣ୍ଡ ପୋଛି ଦେଇ ବାପା କଥା ସବୁ ଶୁଣିଲ୍ଲ—କଣ ଭା ମନକୁ ଆସିଲ, ଘର ଭିତରେ ଅନ୍ଧାର କୋଣିଆ ବସି ମା ! ମା ! କହି ଡେର ବେଳ-ଯାଏ କାନ୍ଦିଲ । ମାଳଙ୍ଗ ଡେର ପର ଏହିପରି ବସି କାନ୍ଦେ, ଆଉ ଭୁନ ଦୁଏ ।

ସକାଳ ଓଳି ଦିନ ଘଡ଼ିକ ବେଳେ ମହାନ୍ତଏ ଆଗ ଦାଣ୍ଡ ପିଣ୍ଡାରେ ବସି ପିକା ବଜୁଛନ୍ତି, ବଲ କାମ ଦେଖିବାକୁ ବାହାରଲେ । ଟିକେ ଆଡ଼େଇ ଅନାଇ ଦେଲେ, ଯୋଡ଼ଏ ବାଟୋଇ ବୁଢ଼ା ବେଢ଼ା ଉପରକୁ ଉଠୁଛନ୍ତି । ବାଟୋଇମାନେ ଧୋବଧାବଳଆ ଭଲଲୋକ ପରି ଦିଶିଲେ । ମହାନ୍ତଏ ମନରେ କଲେ, କେଜାଣି ଧୂଆଁପତ୍ର ମାଗିବେ ପରା ? ପାଖରେ ଟିକେ ଧୂଆଁପତ୍ର ପଡ଼ିଥିଲ, ଚଞ୍ଚଳ ଅନ୍ଧାରେ ଖୋସିଦେଲେ ।

ଆଗ ବାଟୋଇ—ଆଜ୍ଞେ ! ଏଇଟା କଣ ମାଧ ମହାନ୍ତଙ୍କ ଘର ?

ମହାନ୍ତଏ—କିଁୟା ? କଣ ବୋଲି ଯାଉନ୍ତୁ ।

ବାଟୋଇ—ଆମ୍ଭେମାନେ ମଙ୍ଗଳକୃତ୍ୟ ପ୍ରସଙ୍ଗରେ ଆସିଛୁଁ—ଆପଣ କଣ ମାଧ ମହାନ୍ତଏ ?

ମହାନ୍ତଏ - ଆସିବାଜ୍ଞେଉ, ବସିବା ଜ୍ଞେଉ । ଚଞ୍ଚଳ ଘର ଭିତରୁ ଆଣି ଦୁଇଖଣ୍ଡ ପଲ୍ଲଣ ଛାଟ ପାରଦେଲେ । ବାଟୋଇମାନେ ବସିବାରୁ ମହାନ୍ତଏ ଏକାବେଳକେ କଥା ଆରମ୍ଭ କରି ଦେଲେ । ବୁଝିବାଜ୍ଞେଲେ, ଡେର ଡେର ଆଡ଼ୁ ଡେର ଡେର ଲୋକ ଅଇଲେ - ଗଲେ, କଥା ପଟିଲ ନାହିଁ । ବୁଝିବା ଜ୍ଞେଲେ—ଏଁ— ବୁଝିବା ଜ୍ଞେଲେ—ନାହିଁ, ନାହିଁ, ଆଗେ କନ୍ୟାଟି ଦେଖନ୍ତୁ, ମନ ମାନେ, ଚଢ଼ନ୍ତେ ଦେବା ନେବା କଥା । ଆଲୋ ମାଳଙ୍ଗ ! ଏହି ଭଲଲୋକ ଆସିଛନ୍ତି, ଅଗଣାରେ ଛିଡ଼ା ହୋଇପା ତ । ଆଲୋ, ମୁଁ ଯାହା କହିଛି - ଏଁ, ବୁଝିଲୁଟିକ ?

ଭଲଲୋକେ—ନାହିଁ ନାହିଁ ମହାନ୍ତଏ, ଦେଖିବା ଲେଡ଼ା ନାହିଁ—ତୁମ କନ୍ୟାର ରୂପ ଗୁଣ କଥା ଭଲ ଜଣା ଅଛି । ସେଇଥିଲାଗି କୁଆଡ଼େ ନ ଯାଇ ସଳଖେ ସଳଖେ ତୁମ ଦୁଆରକୁ ଅଇଲିଁ ପରା !

ମହାନ୍ତଏ—ତେବେ ଗୁଡ଼ାଏ ବକର ବକର ଜ୍ଞେଲେ କଣ ଜ୍ଞେବ, ଆମର ତ ସାଫ ଏକା କଥା । ଗୋଟିଏ ଘ—ବୁଝନ୍ତୁ, କନ୍ୟାସୁନା ଠିକ୍ ସାତଶହ ଟଙ୍କା । ପଇସାଏ, ଅଧଲାଏ, ଛଦାମ ବି ଊଣା ନୁହେଁ ।

ଭଲଲୋକ—ଅନ୍ୟାପୁଣ୍ଟା କଣ କହିଲେ ? କନ୍ୟା ରୂପ ଗୁଣକୁ ଅନାଇଲେ ଠିକ୍ ଦରଦାମ ଦେଇଛୁ । ଆମ ଜମିଦାର ତ କହିଥିଲେ, ଆପଣ ବସ୍ତୁର କଣ ଯାହା କହିବେ, ସେଥିରୁ ସେ ବାହାର ହେବେ ନାହିଁ ।

ମାଧ ମହାନ୍ତ—ଏଁ—ଏଁ ବର କଣ ଜମିଦାର ? କେଉଁଠି ତାଙ୍କ ଜମିଦାଣ୍ଡ ?

ଭଲଲୋକ—ବରଙ୍କ ନାମ ଶ୍ରୀ ଶ୍ରୀ ବଂଶୀଦବଦାଣ୍ଡ ଗନ୍ତାଘରଗପୁ । ତାଙ୍କ ଘର ମିଚ୍ଛୁପୁର, ଜମିଦାଣ୍ଡ ତାଲୁକେ ଆକାଶପୁର ।

ମାଧ ମହାନ୍ତ—ଦଣ୍ଡେଯାଏଁ ଗୁମ ମାର ବସି ବସ୍ତୁର କଲେ—ହାପୁ ହାପୁ ! ଏ ବରଟା ବଡ଼ଲୋକ, ହଜାରେ ଟଙ୍କା ଧରଥିଲେ ଦେଇ ପକାଇଥାନ୍ତା । କାହିଁକି ହଜାରେ ଡାକଦେଲ ନାହିଁ ? ପ୍ରକାଶ୍ୟରେ କହିଲେ—ଆମ ଜାତିଆଣ ବେଜ୍ଜରଟା ତ ଜାଣନ୍ତ, ବଜ୍ରଲଗୁଡ଼ି ଜଣା ପଡ଼ ଛନଶ ଟଙ୍କା । ଆପଣ ତ ବଦେଶୀ ଲୋକ, ଜାଣନ୍ତ । ଏଇଟା ବର ପିଠିରୁ ଦେବାକୁ ଦେଡ଼େ ।

"ଅବଶ୍ୟ ଅବଶ୍ୟ, ଏ କଥାଟା କଣ କହିବାକୁ ହେବ ? ସେଇଟା ତ ବର ପିଠିରୁ ଦେଣ ।"

ମାଧ ମହାନ୍ତ—କଥା ଛୁଡ଼େଇ ରଖିବା ଭଲ । ଏହି ଦେଖନ୍ତୁ, କନ୍ୟାପୁନା ଆଉ ବଜ୍ରଲଗୁଡ଼ି ଦୁଇ ପଦକୁ ହେଲ ହଜାରେ ବର ଯିମିତି ପଡ଼ୁଥିବେ, ଆଗେ ଟଙ୍କା ଗଣିଦେବେ, ପଛନ୍ତେ ବାଟଖରଣ ହେବ । କଥାଟା ଭଲ କରି ମନରେ ରଖିଥିବେ ।

ଭଲଲୋକ—ଏଇଟା ତ ମାମଲତ କଥା, ଫସାର ବଧି ଆପଣଙ୍କୁ କହିବାକୁ ହେବ ନାହିଁ । ଦଶ ଜାଗାରେ ଏହିପରି ହେଉଛୁ, ଆଜି କଣ ନୂଆ ଗୋଟାଏ କଥା ହେବ ?

ମାଧ ମହାନ୍ତ—ଠିକ୍ ଠିକ୍, ଆପଣ ବବେଚ୍ଚା ଲୋକ, ମାମଲତକାର, ଆପଣଙ୍କୁ ବଳ ମାମଲତକାର ଆଉ କଏ କଛୁ ? ଆଉ ଗୋଟିଏ କଥା—ବଜ୍ରଘର ଆପ୍ୟାୟନ କରିବାକୁ ହେବ, ଗୋଟା କୋଡ଼ିଏ ଟଙ୍କା ଚଞ୍ଚଳ ଲେଡ଼ା । ଏଁ ଏଁ—ଆପଣଙ୍କୁ କଣ କହିବି—ଏଁ—ଏଁ ।

ମହାନ୍ତଙ୍କ ମୁହଁକଥା ମୁହଁରେ ଅଛୁ, ଭଲଲୋକ ଅଣ୍ଟାରୁ କାଢ଼ି ଅଗଣା ଅପୋଛୁ ମୁଠାଏ ଟଙ୍କା ଗୁଣି କରି ମହାନ୍ତଙ୍କ ଆଗକୁ ଫୋପାଡ଼ି ଦେଲେ । ଏଁ—ଏଁ କହି ମହାନ୍ତ ଏ ଚଞ୍ଚଳ ଦୁଇ ହାତରେ ଟଙ୍କାଗୁଡ଼ାକ ଗୋଟାଇ ପକାଇଲେ, ଲୁଗା ଭିତରେ ଏକ ଦୁଇ କରି ଗଣିଗଲେ କୋଡ଼ିଏ ପାଞ୍ଚ । ଆନନ୍ଦଟା ମନରେ ସମ୍ଭାଳି ହେଉ ନାହିଁ । ମନରେ କଲେ, ଏତେଦିନେ କପାଳ ଫିଟିଲା । ଏଣୁତେଣୁ ପାଞ୍ଚ କଥା ଉତ୍ତରେ ଏକାବେଳକେ ବଜ୍ରଘର ଦିନ ସ୍ଥିର ହୋଇଗଲା । ଆସନ୍ତା ମକର ସତରଦିନ, ଶୁକ୍ରବାର, ଶୁକ୍ଳ ସପ୍ତମୀ ।

ଭଲଲୋକ ଅନାଇ ଦେଖିଲେ, କବାଟ ତଳ ଫାଙ୍କ ଭିତରକୁ ଯୋଡ଼ିଏ ପାଦ ସ୍ଥିର ହୋଇ ରହିଛୁ । ପାଦ ଯୋଡ଼ିକର ଉପର ପାପୁଲ ଏବଂ ଚମ୍ପାକଢ଼ି ପର ଗୌରବର୍ଣ୍ଣ ଦଶଟି ଆଙ୍ଗୁଳ ଦିଶୁଛୁ ।

ଭଲଲୋକ ଟିକିଏ ବଡ଼ ପାଟି କରି କହିଲେ—ବୁଝିବା ହେଲେ ମହାନ୍ତଏ, ଆମେ ତ କନ୍ୟା ରୂପ ଗୁଣ କଥା ସବୁ ବୁଝିଗଲୁଁ, ଚାଁରେ ଯାଇ କହିବୁଁ । ଆପଣ ତ ବରଙ୍କ କଥା କଛୁ ଶୁଣିଲେ ନାହିଁ ? ଆମର କହିଦେବା ଜରତ ହେଉଛୁ । ବରଙ୍କର ପ୍ରଥମ ଦୁଇ ବଜ୍ର ସ୍ତ୍ରିଙ୍କ ମରିଛନ୍ତି, ଏଇଟା ହେବ ତେନ୍ଦଳ ବଜ୍ର । ବରଙ୍କ ବପୁସ ଏହି ମାଘରେ ପଞ୍ଚଷଠି ପଶିବ ।

ଭଲଲୋକେ କବାଟ ପଛରୁ ଫିଁ କରି ଗୋଟିଏ ନଶ୍ୱାସ ଶବ୍ଦ ଶୁଣିଲେ—ପାଦଯୋଡ଼ିକ ଆଉ ଦିଶିଲା ନାହିଁ ।

ମାଧ ମହାନ୍ତିଏ କହିଲେ, ଏତେ କଥା କଏ ପଗ୍ଭୁରୁଛୁ ଦେ ? ପୁରୁଷ ପୁଅର ବପ୍ସ କଣ ଧଗ୍ରେଟ ଭିତରେ ? ଅଶୀ ବର୍ଷର ପୁରୁଷ ବି ବଚ୍ଚା ହୋଇ ପାରେ । ମୂଳ କଥାଟା ବୋଲନ୍ତୁ—ମୁଁ ଏବେ ଆପଣଙ୍କ କଥାରେ ଖାତରଜମା ହୋଇ ରହିଲିଟି ?

ମଧ୍ୟସ୍ଥ – ମହାନ୍ତିଏ, ଆପଣ ଏଡ଼େ ମାମଲତକାର ବୁଦ୍ଧିମନ୍ତ ଲୋକ ହୋଇ କେମନ୍ତ ଗୋଟାଏ ଅଖାଡ଼ୁଆ କଥା ବୋଲ ବସିଲେଣି ? ଆମ ଜମିଦାର ଘରେ କଣ ଜାଗା ନ ଥିଲ ଯେ, ତୁମ ଆଗରେ ଟଙ୍କାଗୁଡ଼ାଏ ଓଜାଡ଼ ଦେଇଗଲେ ?

ମହାନ୍ତିଏ ଟିକିଏ ସଟ୍‌ପଟି ଯାଇ କହିଲେ,"ନାହିଁ ନାହିଁ, ମୁଁ କହୁଥିଲି କଣ କି, ବଚ୍ଚାଦନ ଟିକିଏ ଚଞ୍ଚଳ ବରଙ୍କୁ ଅନୁକୂଳ କରାଇ ଦେଇବ, ଯେମନ୍ତ ଠିକ ଲଗ୍ନ ବେଳେ ହାତଗଣ୍ଠି ପଡ଼ିବ ।"

ଭଲଲୋକ ଦୁହେଁ ଘର ଭିତରେ ଯୋଡ଼ାଏ ଣ୍ଡ୍ରେବଚ୍ଚ କରି ଗୁଲଗଲେ ।

ଆଜ ମାଲଙ୍ଗର ଆଦର ଦେଖେ କଏ ! ଡୁଚ୍ଚାଟାରେ ଡେଲେ 'ଆ ଟର ମା, ଯା ରେ ମା,' କହି ମହାନ୍ତିଏ ଦଶଥର ଝିଅକୁ ଆଦର କରି ଡାକୁଛନ୍ତି । ମହାନ୍ତିଙ୍କର ଖୋଳପଣି ବଶ୍ୱାସ, ପୂରା ଦଜାରେ ଟଙ୍କା ଛାଙ୍କ ଘରେ ପଶିବ । ମହାନ୍ତିଏ ଯେତେ ଆଦର କରି ଡାକୁଛନ୍ତି, ମାଲଙ୍ଗ ମନରେ ତେତେ କ୍ରୋଦ୍ଧ ଉଠୁଛି । ମହାନ୍ତିଏ ଖିବ ମନଫୁଲଣାରେ ଖଣ୍ଡେ ସାନ ଅଖା, ଡାମଣ ଛଣିସଡ଼ା ଯେନ ବଲକୁ ବାହାରଲେ । ବ୍ରଡ଼ ଉପରେ ବସି ମୂଲଆମାନଙ୍କ କାମ ତଜଖି କରିବେ, ଆଜ ଟଙ୍କାରଖା ମୁଣିଟିଏ ସିଇଁବେ ।

ଆଜ ମାଲଙ୍ଗର ଆଉ ଘର ପାଇଟିରେ ମନ ନାହିଁ । ଦାଣ୍ଡଦୁଆର କଳ ଦେଇ କବାଟମୂଳରେ ଭୁନ ହୋଇ ବସି କାନ୍ଦୁଛି । କବାଟ ବାହାରୁ ଠୁକ୍ ଠୁକ୍ ଶବ୍ଦ ହେଲ, ହାତ ବାର କବାଟ ଫିଟାଇ ଦେଲ । ପଦ୍ମା ପିମିନ୍ତ ଘର ଭିତରେ ପା ଦେଇଛି, ମାଲଙ୍ଗ ତା ଦୁଇ ଗୋଡ଼ ଧର ଡକା ପାରୁଛି, କନ୍ଦ କନ୍ଦ ଅଥପ୍ସ ହୋଇଗଲଣି । ପଦ୍ମ ତାକୁ ଯେତେ ଭୁନ କରୁଛନ୍ତି, ଶୁଣୁଛୁ କଏ ?

ହାମଦରଦ୍ମା ଲୋକ ପାଖରେ କାନ୍ଦ ମନକଥା କହିଲେ ମନକଷ୍ଟ ଟିକିଏ ଉଣା ପଡ଼େ । ମାଲଙ୍ଗ ପିମିନ୍ତ ଟିକିଏ ଧୈର୍ଯ୍ୟ ଧଚ୍ଚିଛି, ପଦ୍ମ କହିଲ, "ଆରେ ବାପ୍ପାଣି ! କଥା ନ ବୁଝି କଁ୍ୟା ଡକା ପାରୁଛୁ ? ଆଜ ଭଲଲୋକ ଆସିବା—ଯେ ସବୁ କଥା ହେଲ, ମୁଁ ସବୁ ଜାଣେ । ସେ ସବୁ କଥା ଗୋଡ଼ରେ ଘଷି ଦେ ମ, ସବୁ ମିଛ, ଭୁଚ୍ଚା ମିଛ । ମୁଁ ଯାହା କହୁଛୁ, ଶୁଣି ଯା । ଆଜିକ ସାତ ଦିନ ହେଲ, ମୁଁ ଠାକୁରଙ୍କ ପାଖରେ ଚୋ ଲାଗି ଅଧା ପଡ଼ୁଥିଲ । ମନ୍ତ ଧ୍ୟା କରୁଥିଲେ, କାଲି ଅଧରାତ୍ତିରେ ମହାପ୍ରଭୁଙ୍କ ପାଖରୁ ବର ମିଳଲ୍ । ମହାପ୍ରଭୁ ମନ୍ତକୁ ସ୍ୱପ୍ନରେ କହିଲେ, 'ତୁ ମଠ ସରଘରିଆ ବନୋଦକୁ ବଚ୍ଚା ଦେବୁ ।" ପୃଥିବୀ ଟଳିପିବ, ଠାକୁରଙ୍କ ହୁକୁମ ଅନ୍ୟଥା ହେବ ନାହିଁ । ତୁ ନଶ୍ଚିନ୍ତରେ ଥା ।"

ଆଁ—ଆଁ କହି ମାଲଙ୍ଗ ପଦ୍ମ ମୁହଁକୁ କଟାଣି ପର ଅନାଇଛୁ, ତା ମୁହଁରୁ କଥା ବାହାରୁ ନାହିଁ । ଶେଷରେ ଧୈର୍ଯ୍ୟ ଧର କହିଲ, "ମା, ଜାଣିଥା—ସେ ବର ଆସିଲେ ମୁଁ ଦଉଡ଼ ଦେବ ।"

"ମା ! ଆଉ ଗୋଟାଏ କଥା, ମୋ ଆତ୍ମାଟା କମିଚ୍ଚକା ଘାଣ୍ଟି ହେଉଛୁ, ଥରେ ମାଧୀ ଅପାକୁ ଦେଖନ୍ତୁ ।"

ପଦ୍ମ—ତୋ ବାପାକୁ କହ, ସେ ଡାକ ଆଣନ୍ତୁ ।

ମାଲଙ୍ଗ—ଡାକ ଆଣିବେ ହଁ ! ସେ ଓଷା ବରତ କରିବ ବୋଲ ଯୋଡ଼ାଏ ପଇସା ମାଗି ପଠାଇଥିଲ,ଯେ ମାଗି ଆସିଥିଲ ଦୂର ଦୂର କରି ବାପା ତାକୁ ଭଡ଼ଦେଲ୍ ।

Chhaya@Kanika

ଆଜ ଥରେ ବାପା ବାଧିକ ପଡ଼ିଥିଲା, ଅପା ଦେଖିବାକୁ କହ୍ନ ପଠାଇଲ । ବାପା କହିଲ,"ମୋର ଜରୁଡ଼ାଜ୍ୱର ନାହିଁ, ସେ ଦେଖିବ କଣ ? ଆରେ ରେ ଆସିବ ତ, ଆଠ ଦଶ ଦିନଯାଏ ଦରୁ ବାଡ଼ାଇବ ନାହିଁ, ବସି ବସି ଭୁଲ୍ଲାଝାରେ ଫେଙ୍କେଫେଙ୍କେ ଠୁକ୍ଲିବ ।" ମା ! ମୋ ଅପାଟି ବଡ଼ ଦୁଃଖରେ ଅଛୁ । କୁଟୁମଦାଣ୍ଡିଆ ଘର, ଛୁଆପିଲ ପଲେ, ସବୁ ଛୁଆଙ୍କର ଗୁଦ୍ଦକନା ମୁଡକନା କାଚିବ, ଘରର ସବୁ ଫକୁଡ଼ ବାସନ ମାଜିବ । ବାଧିକାରେ ଛ ଦିନ ନ ଦିନ ପଡ଼ିଥିଲେ ବି ତା ମୁଡ଼ିଁରେ ଝୋପାଏ କେହ୍ନି ପାଣି ଦେବାକୁ ନାହିଁ । ଆହା ! ସେଇଟା କମିତ ଶୁଖିଲାଟା ହୋଇଚଲ୍ଲଣି,ଆଉ ବଞ୍ଚିବ ନାହିଁ । ମୁଁ ତାକୁ ଦେଖିପାରିବ ନାହିଁ ।

ମାଳଙ୍କ ଅପାପାଇଁ ଡେର କାନ୍ଦିଲ । ପଦ୍ମା ତାକୁ ଚୁନ କରାଇ କହିଲ, "ଆଚ୍ଛା ଆଚ୍ଛା, ମାଧୀ ସାଙ୍ଗରେ ତୋର ଭେଟ କରାଇ ଦେବ ।"

ମହାନ୍ତଙ୍କ ବାଡ଼ୁଡା ବେଳ ହେଲ୍ଲ ଜାଣି ପଦ୍ମା ଚଞ୍ଚଳ ହୋଇଗଲ୍ଲ ।

ଦିନ ଦୁଇପହରଆ, ଖିଆପିଆ ବେଳ ଟିକଏ ଗଡ଼ି ଯାଇଛୁ, ପଦ୍ମା ମହାନ୍ତଙ୍କ ଦାଣ୍ଡଦୁଆର କବାଟରେ ଧଡ଼ ଧଡ଼ ଚାପୁଡ଼ା ମାର ଡାକୁଛୁ—"ଏ ସାନ୍ତେ- ଏ ମହାନ୍ତ ସାନ୍ତେ । ଘରେ ଅଛନ୍ତ ? ଏ ମାଧୀ ବାପା ! ଘରେ ଅଛନ୍ତ ? କବାଟ ଫିଟାନ୍ତୁ ।"

ପଦ୍ମା ସ୍ତ୍ରେଜନା ଉପରଓଳ ଆସି କବାଟରେ ଟିକଏ ଠୁକ୍ ଠୁକ୍ ଟିପ ମାରଦେଲେ ଧୀରେ ଧୀରେ କବାଟ ଉଦୁଆଁ ହୋଇଯାଏ । ଅଜ ଏତେ ପାଟି କରୁଛୁ, କବାଟ ଫିଟ୍ଟ ନାହିଁ ।

ମାଧ ମହାନ୍ତ ଏଇଲ୍ଲଗେ ଘଞ୍ଚ ଗୁରଟା ସାର ମଲ୍ଲାସିଆଁ ଛିଣ୍ଡି ଚାଗପାଇଁ ବସି ବାଟିଆ କାଟୁଛନ୍ତି । ମହାନ୍ତ ବଡ଼ ବୁଦ୍ଧିମନ୍ତ ଲୋକ - ତାଙ୍କର ମୂଲଆ-ପାନଆ ଢେର, ହେଲେ ଆଗେ ବାଟିଆ କାଟନ୍ତୁ । ମୂଲଆ ହାତକୁ ଦେଲେ କାଳେ ମେଞ୍ଚାଏ ଛିଣ୍ଡି ଅଣ୍ଟିରେ ଗୁଞ୍ଜି ଦେବ, ସେଥିଲଗି କାହାର ହାତକୁ ଦଅନ୍ତୁ ନାହିଁ ।

ପଦ୍ମା ମହାନ୍ତଙ୍କ ଗୋଡ଼ ପାଖରେ ଢପକରି ମୁଣ୍ଡଆଟାଏ ମାର ଦେଇ ବସିପଡ଼ି କହିଲ, "ଏ ସାନ୍ତେ ! ଗାଁଯାକ ଚହଳ ପଡ଼ିଛୁ, ସାନ ଝିଅ ମାଳଙ୍କର ବାହାଘର—କାହିଁ, ମତେ ଖବର ଦେଇ ନାହଁ ? ଦରଲପା, ଛୁଞ୍ଚ ଦଆ, ଝୋଟିଦଆ ଚାଁଯାକ ସବୁ ମୁଁ କରେଁ । ହେଉ ହେଉ, କାଲ ସକାଳେ ଆସି କରି ଦେଇଯିବ ।"

ମହାନ୍ତ ଏ ସେହ୍ନପରି ବାଟିଆ କାଟୁ କାଟୁ କହିଲେ, "ନାହିଁ ନାହିଁ,କଣ କେତେ ବା ଛୁଞ୍ଚଦଆ, ଝିଅଟା ଆପେ କରି ଚଳାଇବ ଯେ । ତୋର ଆସିବା ଲେଡ଼ା ନାହିଁ ।"

ପଦ୍ମା ସେ କଥା ଶୁଣି ନ ଶୁଣିଲ୍ଲ ପରି କଥା କହି ଯାଉଛୁ—"ଏ ସାନ୍ତ ! ଗାଁଯାକ ଲୋକେ କହୁଛନ୍ତ, ଅପଙ୍କର ବଡ଼ କପାଳ, ଭଲ ମନମାଫିକେ ବରୁଟିଏ ପାଇଗଲେ । ଏଣେ ଜମିଦାଣ୍ଡ—ଘରେ ଟଙ୍କା ସୁନା ଭରଛି, ମରେଇକୁ ମରେଇ ଧାନ ବସିଛୁ, ଦଶ ବାଟି ଗୃଷ । ଆପଣ ଉଚ୍ଛୁଣିକା କଣ ପାଇବେ କ ! ଜୁଆଇଁଟି ଯେମନ୍ତ ଦେବା ନେବାକୁ ଜଣ୍ଟି । ଆପଣ ଝିଅକୁ ସଙ୍ଗଳ ଚଲେ ବାଟଖରଚ ବୋଲି କଣ ଦଶ ପାଞ୍ଚଶହ ବାନ୍ଧି ନ ଆଣିବେ ?"

ମହାନ୍ତ ବାଟିଆଟା ଥୋଇ ଦେଇ ହସି ହସି ପଚାରିଲେ, "ସତ ନା ଲୋ ପଦ୍ମା, ସତ ନା ?"

ପଦ୍ମା—ସବୁବେଳେ ଗାଁ ଲୋକେ ଦେଖି ଆସି କହୁଛନ୍ତ ପରା ? ବାହାଘର କଥା ସେଠି ଧୂମ୍ ପଡ଼ିଛୁ, କନ୍ୟାସୁନା ଟଙ୍କା ପରା ଗଣାଚୋଟ୍ଟା ହୋଇ ଥୁଆ

ହୋଇଗଲଣି । ଏଡ଼େ ଲୋକ ସାଙ୍ଗରେ ବନ୍ଧୁପଣ – ଆପଣଙ୍କ ନାମ ଚର୍ଚ୍ଚା ନାହିଁ ।

ମହାନ୍ତିଏ—ଏ ପଦ୍ମା । କାଲି ଗୁଡ଼ୁରୁ ଛୁ ଲଗିଯା— କାଲି ସକାଳେ ଛୁ ଖାଇ ପିଇ ଆସି ଘର ଲପା ପୋଛୁ । ଝିଅଟିକୁ ମଧ୍ୟ ନବାଡ଼ି ଦେ ।

ଦେ—ଏ ସାନ୍ତେ ! ତୁମ୍ଭ ବନ୍ଧୁବାନ୍ଧବ ଘରେ ନମନ୍ତା ଦେଇ ଆସିବ ନା ?

ମହାନ୍ତିଏ—ନା—ନା—ନା—ନା, ସେ ପାଜିଙ୍କ ମୁହଁ ପୋଡ଼ି ଦେ । ଯେ ଆସିବ, ଆଗ କହି ବହିବ ଖାଇବାକୁ ଦେ, ଚିଟା ଖଜା ଦେ । କ୍ୟାଁ ରେ ବାବୁ ! ମୁଁ ଝିଅକୁ ଖୁଆଇ ପିଆଇ ବଡ଼ାଇଛୁ, ଯେ କନ୍ୟାସୁନା ପୋଡ଼ାଏ ଟଙ୍କା ମିଳିବ, ମୁଁ ନେବ, ତୁମକୁ ଦୁଆଇବ କ୍ୟାଁ ?

ପଦ୍ମା ମହାନ୍ତିଙ୍କ ଘର ବାଡ଼ାର ଗାଁରେ ଯେତେ ବଲରାମଗୋଟୀ ଘର ଅଛୁ, ଦୁଆର ଦୁଆର ବୁଲିଲା ।

ଗାଁଟା ଖୁବ୍ ବଡ଼, ଶକଡ଼ା ଘର, ସେଥିରୁ ଅଧାଅଧି ବଲରାମଗୋଟୀ । ମହାନ୍ତିଙ୍କ କହିଥିବା କଥା ପଦ୍ମା ଜଣ ଜଣ କରି ଚୁନ ଚୁନ ସବୁ କହିଲା । ଆଡୁରି ବି କିଛୁ ଲଗେଇ ଦେଇ କହିଲା—ମହାନ୍ତି କହିଛୁ, ଝିଅ ବାହାଘରର ଧନ ଜାତ ଲୋକ ଯେ ତା ଦାଣ୍ଡ ଆଗ ଦେଇ ଗୁଲୁପିବ, ସମସ୍ତଙ୍କ ପିଠିରେ ଯୋଡ଼ାଏ ଯୋଡ଼ାଏ ପାଣ୍ଡୋଇ ବାଡ଼େଇବ । ମୂଲଆ ଯୋଡ଼ାଏ ପାଣ୍ଡୋଇ ଧର ବସିଥିବେ ।

ଜାତଘର ସମସ୍ତେ ଶୁଣି ନଆଁବାଣ ହୋଇ ରହିଲେଣି । କଥାଟା ସତ କି ମିଛ, କେହି ବୁଝିବାକୁ ନାହିଁ । ବଡ଼ଝିଅ ମାଧୀ ବଘରବେଳେ ମାଧ ମହାନ୍ତି ଜାତଘରକୁ ସଙ୍କୁଳ ନାହିଁ, ବଡ଼ ହେଟାଦର କରିଛୁ, ସେହି ରାଗଟା ସମସ୍ତଙ୍କ ମନରେ ଥିଲା । ସମସ୍ତେ କମ୍ମୁ-ଛନ୍ତି । ମହାନ୍ତିଙ୍କୁ ହାବୁଡ଼ରେ ପାଇଲେ ଉପାଚଳକୁ ଦେବେ ।

ପଦ୍ମା ବାହାର ଗଲା ବାଦେ ମଧ ମହାନ୍ତିଏ ଝିଅକୁ କହିଲେ, "ଆମ୍ମେ ମାଳଚ ! କାଲି ଭଣ୍ଡାରୁଣୀ ଆସିଲେ ତା ହାତରେ ଘରଦ୍ୱାର ଲପାପୋଛୁ କରାଇ ନେବୁ । ଅନା, ଏହି ଯେ କାନ୍ଥ ଝଡ଼ି ପଡ଼ିଛୁ, ତା ହାତରେ କାଦୁଅ ଛଟାଇ ନେବୁ । ଶୁଣ, ଖବରଦାର ! ସକାଳୁ ତାକୁ ପାଇଟିରେ ଲଗାଇବୁ ନାହିଁ । ଗାଧୁଆବେଳ ହେଲ୍ ତ ଟାଧୋଇ ପଡ଼ି କହିବ, ଦେଲୁ ଖିଚ ଖାଇବାକୁ । ଏ ଗାଁ ଲୋକଗୁଡ଼ାକଙ୍କ କଥା ଦେଖିଲେ ବଡ଼ ଚଳ ମାଡ଼େ । ଟିକେ କିଛୁ କାମ କରଦେଲେ ତ, କହି ବସିବେ, ଦେଲୁ ମାଣେ ଧାନ ।

ଆଜକାଲି ମହନ୍ତ ବାହାରକୁ ବାହାରନ୍ତ ନାହିଁ । ପାଞ୍ଚ ଲୋକଗୁଡ଼ିକୁ ଯେମନ ସବୁବେଳେ ଭୋଟରେ ବସିଥାନ୍ତ । ଯେଡ଼େ ଲୋକ ଦେଉ, ଯେତେ କାମ ଥାଉ ଭୋଟା ଭିତକୁ ଯିବା ବାସହ । ଆଜକାଲି ଘରଡରେ ଆଖଡ଼ା ବନ୍ଦ । କେବଳ ପଦ୍ମା ଭଣ୍ଡାରୁଣୀ ସଞ୍ଜ ସକାଳ ସବୁବେଳେ ଭୋଟା ଭିତରକୁ ଯା ଆସ କରେ ।

ମାଧ ମହାନ୍ତିଏ ମ୍ୟାଜନା ପର ସକାଳୁ ଉଠି ପଦାଆଡ଼େ ଯାଇଥିଲେ, ଫେର ଆସି ଦେଖିଲେ,, ପଦ୍ମା ପଣ୍ଡାରେ ବସିଛୁ । "କ ଲୋ ପଦ୍ମା ! ତୁ ଏଡ଼େ ସକାଳୁ ଆସି ବସିଲୁଣି ଯେ ?"

ପଦ୍ମା—ମଲ୍ ଯା !

"ଯାହାର ବାହା ସେ ଖେଳୁଛୁ ପଶା
ଧାଇଁ ବୁଲୁଛନ୍ତି ସାଇ ପଡ଼ଶା ।"

ପିଛୁଲ ଘଣ୍ଟ ଘଡ଼ଏ ଥିଲ, ମୁଁ ଉଠି ପଡ଼ ଘରେ ବାସିପାଇଟି ଚଞ୍ଚଳ ସାରଦେଇ ଧାଇଁଛୁ । ଆଜ ଯେ ସାନ୍ତ ଅଉଆଡ଼ୀ ମଙ୍ଗୁଳା, କନ୍ୟା ଦେହରେ ହଳଦୀ ପଡ଼ିବ ।

Chhaya@kanta

ମାଧ ମହାନ୍ତ—ନାହିଁ ନାହିଁ ପଦ୍ମା, ଯାହା ଯାହା ଦେବାରୁ; ସେଇ ବାଡ଼ାଘର ଧନ ସବୁ ଦେବ ।

ପଦ୍ମ—ନାହିଁ ସାନ୍ତ ! ମୁଲକରେ ଇମିତ୍ତକା ଦୁଏ ନାହିଁ । ଶୁଣିଛୁ, ବରଘର ବାହାଲଗୁଚ୍ଛ ଆପଣଙ୍କୁ ଭନଶ ଟଙ୍କା ଦେବ, ଆପଣ ଇମିତ୍ତକା ଅଶାସ୍ତ୍ରର କାମ କଲେ ସେ ଲଗୁଚ୍ଛ ଟଙ୍କା ଜୋଗା କରଦେବ ।

ମହାନ୍ତ—ଆଚ୍ଛା, ତୁ ମାଣେ ଧାନ ଧର ଯା, ଦଳଘା ତେଲ ଶମ୍ଭୁଆ ଦୋକାନରୁ କିଣି ଆଣ । ଧାନ ଦର ଚଢ଼ିଛୁ, ମାଣେ ଧାନର ଦାମ ଦେଢ଼ ପଇସା । ପଇସାଏ ଦେଲେ ଭଲ ଦୁଅନ୍ତା—କଣ କରବ ଲେ, ହାତରେ ପଇସା ନାହିଁ ।

ପଦ୍ମ—ଟଙ୍କାଟାଏ ଦେଉନ୍ତୁ, ଭଙ୍ଗାଇ ଆଣେ ।

ମହାନ୍ତ—ନାହିଁ ଲେ ବାପା । ଟଙ୍କା ଭଙ୍ଗେଇଲେ ତ ଉଡ଼ିଲ, ଆଉ ତାକୁ ପାଇବ ନାହିଁ ।

ପଦ୍ମ—ଏ ସାନ୍ତ ! ଗାଁରୁ ପାଞ୍ଚଜଣ ଅନ୍ଧଅ ମାଇକନଆ ଆସିବେ, ସେମାନେ ବ ଦଳଘା ତେଲ ଲଗାଇବେ, ତେର ଦଳଘା ଯେ ଲେଡ଼ା ।

ମହାନ୍ତ—ନାହିଁ ନାହିଁ, ପାଞ୍ଚ ଜଣ ଅନ୍ଧଅ ମାଇକନଆ କଣ କରିବେ ? ତୁ ଏକା ଝିଅକୁ ଦଳଘା ଲଗାଇଦେ । ଆଉ ଜାଣୁ ! ପାଞ୍ଚଟା ମାଇକନଆ ଆସିଲେ କହିବେ, ଜଳପାନ ଖାଇବାକୁ ଦେ ।

ପଦ୍ମ ସକାଳୁ ଆଣ୍ଠିକାଏ ବଟା ଦଳଘା, ଆଣ୍ଠିକାଏ ତେଲ, ପାଣ୍ଟୁଆଏ ଭୁଜା, ପାଣ୍ଟୁଆଏ ଜଖୁଡ଼ା ଆଣି ମାଳଟା ଘରେ ଥୋଇ ଦେଇଥିଲା, ସବୁ କାହାର କର ମହାନ୍ତଙ୍କ ଆଗରେ ଥୋଇଦେଲା ।

ମହାନ୍ତ ଏ ସବୁ ପଦାର୍ଥ ଦେଖି କାବା ହୋଇ ଛିଡ଼ା ହୋଇଛନ୍ତି, ପାଟିରୁ କଥା ବାହାରୁ ନାହିଁ । ଦଣ୍ଡକ ବାଦେ କହିଲେ—"ଏଁ—ଏଁ—ପଦ୍ମ ! ପଦ୍ମ ! ଏ ସବୁ କଣ ? ଏ ସବୁ କାହିଁ ଅଇଲ ?"

ପଦ୍ମ ପଣତ କାନଝା ମୁହଁରେ ଦେଇ ଝିକଏ ସକ୍ ସକ୍ କର କାନ୍ଦିଲା । ମୁହଁ ପୋଛୁପାଛି ଦେଇ କହିଲା—"ବୁଢ଼ିବା ଦେଲେ ସାନ୍ତ ! ମୋ ହାତରେ କଛୁ ବଉ ଅଛୁ—ମୋର କଏ ଅଛୁ, କଏ ଖାଇବ ? ଆପଣ ସେ ଦିନ କହିଲେ. ମାଳଟା ମୋ ଝିଅ । ଏଇ ଝିଅ ବଭାଘରେ ସବୁ ସାରିବ ମନରେ କରିଛୁ ।"

ମହାନ୍ତ—ହଁ—ହଁ, ଭଲ କଥା, ଭଲ କଥା ପାଞ୍ଚୁ । ତୋର ମୁଲକଯାକ ଖୁବ ପ୍ରଶଂସା ଦେବ, ତେର ଧର୍ମ ଦେବ । ଆଲେ ମାଳତ ! ନେ ନେ, ତୋ ମା ଦେଇଛୁ, ଏ ସବୁ ପଦାର୍ଥ ଉଠାଇ ନେ, ସାଇତ ରଖ, ବୁଢ଼ି ଖବରଦାର ! ଚକାଡଳା କରବୁ ନାହିଁ ।

ପଦ୍ମ ଝିଅ ଲଗି ବସ୍ତ୍ର ପାଞ୍ଚ ଶାଢ଼ୀ ଆଣିଛନ୍ତି ତ ? ଏଇଲୁଗେ ଯେ କୋଇଲବୁଡ଼ ପାର ପିନ୍ଧିବ ?

ମହାନ୍ତ ଏ କହିଲେ—ହଁ ହଁ ପଦ୍ମ, ସେଇ କଥା କହୁଛୁ ପଦ୍ମ, ବାହା ଲୁଗାଗୁଡାକ ଏଡ଼େ ଦାମ ! ଖଣ୍ଡେ ନ' ହାତ ବାହା ପାଞ୍ଚ ଶାଢ଼ୀର ଦାମ ଦୋକାନ ଧରୁଛୁ ସାଢ଼େ ଆଠଅଣା । ମୁଁ ପାଞ୍ଚଅଣାରୁ ଉଠି ଆଠଅଣା ଯାଏ ଗଲଣି, ତେବେ, ବ ନା, ସେଇ ସାଢ଼େ ଆଠଅଣା । ତା ପୁଣି କାଳ ବାସି ରଖିବ ନାହିଁ, ନଗଦ ଟେକ ଠୋକ୍ । ଯାଏ ଯିମିତ ଦେଉ ଆଉ ଅଧଲଏ ଖଣ୍ଡେ ଦାମ ଚଢ଼େଇ ଆଣିବାକୁ ଦେବ, ନ ଦେଲେ ତ ନୁହେ ।

ପଦ୍ମ—ନା ନା ସାନ୍ତ ! ପଦର ବରଷର ଝିଅକୁ ନଅ ହାତ ଶାଢ଼ୀ ପାଇବ ନାହିଁ । ଆଚ୍ଛା ସାନ୍ତ ! ମୁଁ ତ ମୋ ଝିଅକୁ ମଙ୍ଗଳଲତା ପିନ୍ଧାନ୍ତୁ, ସେହି ଶାଢ଼ୀ ଖଣ୍ଡ ପାଞ୍ଚ ଶାଢ଼ୀ ଦେଉ । ମହାନ୍ତ ଏ ଭାର ଚୁପ୍‌ଟାଏ ହୋଇ କହିଲେ,"ହଁ ହଁ ପଦ୍ମ, ଭଲ କହିଲୁ,ଭଲ କହିଲୁ । ଦଶ ଲେକରେ ତୋ ନା ବ ପଡ଼ିବ, ତୋର ତେର ପୁଣ୍ୟ ହେବ । ଯା ଯା, ଭଲ ଦେଖି ଖଣ୍ଡଏ ବାରହାତ ଶାଢ଼ୀ

କଣ ଆଗ । ଆଉ ଗୋଟାଏ କଥା ପଦ, ବେନ୍ଦ ଉପରେ କନ୍ୟା ସମର୍ପିବା ବେଳେ ମୋତେ ନୂଆ ଲୁଗା ପିନ୍ଧବାକୁ ଦେବ ଟର୍ ? ଛୁ ତ ଯାଉଚୁ ମୁଁ ଆଉ ଯିବ କିଂୟା ? ମୋ ପାଇଁ ପୋଡ଼ାଏ ଭଲ ଦେଶି ଲୁଗା କାଳ କର ଘେନ ଆ । ଡୋ ନାନରେ କାଳ ଆଣିବୁ, ବାହାଘର ବାଦେ ମୁଁ ଦାମ ଦେବ ଯେ, କଡ଼ା ଗଣ୍ଡା ଛିଣ୍ଡାଇ ଦେବ ।”

ପଦ୍ମା ଲୁଗା କଣିବା ପାଇଁ ବାହାର ଗଲ୍, ମହାନ୍ତ୍ରଏ ଡାକ ଦେଇ କହିଲେ, “ଆରେ ମାଳଙ୍ଗି ! ଯା ଯା, ଚଞ୍ଚଳ କବାଟ କଳ ଦେଇ ଆ । ଖବରଦାର ! ସବୁବେଳେ କବାଟଟି କଳ ଦେଇଥିବୁ । ଆଉ ଶୁଣ, ପଦ୍ମା ପେ ତେଲ ଜଳଖାନ ଆଣିଛୁ, ଅଲ୍ପ ବାହାରେ ରଖ, ଆଉ ସବୁ ଆଣ, ମୁଁ କଞ୍ଚ ଘରେ ରଖିଦଏଁ । ଆଉ ଗୋଟାଏ କଥା ଶୁଣ, ଯେଉଁ ଅନ୍ଧଅ ମାଇକନଆ-ମାନେ କୋଇଲବୁଡ଼ ପାର ଦେଖିବାକୁ ଆସିବେ, ସମସ୍ତଙ୍କୁ ଜଳଖିଆ କରବାକୁ କହିବୁ, ଚଞ୍ଚଳ ଦେବୁ ନାହିଁ । ଘରଭରା ବେଳ ମଠ ଦେଖିଲେ ସବୁ ପଳାଇପିଟବେ । ଖାଲ ପଦ୍ମାକୁ ମୁଠାଏ ଖାଇବାକୁ ଦେବୁ ।

ମଧୁପୁର ଗାଁ ଗୋଟାକରେ ଚହଳ ପଡ଼ ଯାଇଛୁ, ଆଜ ମାଧ ମହାନ୍ତ୍ର ଝିଅ ମାଳଙ୍ଗର ବଘ୍ର । ମାନ ମହାନ୍ତ୍ରଙ୍କ ଦୁଆରକୁ ଅନାଅ, ବଘ୍ରଘରର ଶବ୍ଦ ବର୍ଣ୍ଣ ନାହିଁ, ସବୁଦନ ପର ଆଜ ବ କବାଟ କଳା । ପିଲ୍ଲାଠାରୁ ବୁଢ଼ାଯାଏ ମହାନ୍ତ୍ରଙ୍କ ଦୁଆରକୁ କେଉଁ କେହ୍ନ ଯାଏ ନାହିଁ । ଭୁଲ ଭଟକାରେ କେହ୍ନ କେବେ ଗଲେ ମହାନ୍ତ୍ରଏ ଡା ପିଣ୍ଡୁ ଧର ବୁଲଥିବେ, କଣ୍ଡୁ ଗୋଟାଏ ଘେନ ପଳାଇବ ପର୍ ! ଦୁଆର ତ ବନ୍ଦ, ଘରଭିତକାସ୍ତ ବା କଏ ଯାଉଛୁ ?

ପଞ୍ଚ ବାଜଗଲ୍ଣି, ମହାନ୍ତ୍ରଏ ସକାଳ ପିଆଁ ଟଙ୍କାଥଳୀଟି ସଜ କର ରଖିଦେଲେ, ତେତେବେଳେ ଚଞ୍ଚଳରେ କାଳେ ମାତରେ ନ ପଡ଼ । ଝିଅ ମୋଟ ବଳତା କର ଗୁଡ଼ାଏ ତେଲ ଢାଳଦେବ ବୋଲ ଆପେ ଗୋଟାଏ ସରୁ ବଳତରେ କେତେ ଟୋପା ତେଲ ପକାଇ ବେନ୍ଦ ଉପରେ ଘପଟିଏ ବସାଇ ଦେଲେ । ମହାନ୍ତ୍ରଙ୍କ ଘରେ କେବେ ଘିଅ ଜଳେ ନାହିଁ, ଦନ ଥାଉଁ ଥାଉଁ ଶିଆପିଆ ପାଇଟି ଛୁଡ଼ଥାଏ ।

ପଦ୍ମା ମାଳଙ୍ଗକୁ ଗୋଟିଏ ଘରେ ବସାଇ କନ୍ୟା-ବେଶ କରାଇ ଦେଉଛୁ, ଦୁଇଜଣ କଣ ଫୁସୁର ଫାସର କଥା ହେଉଛନ୍ତି । ମାଳଙ୍ଗ ବେଳେ ବେଳେ କାନ୍ଦ ପକାଇଲ୍ ପର ଆକୁଳରେ ପଚାରୁଛୁ, “ମା ! କଣ ହେବ ?” ପଦ୍ମା କହିଲ୍, “ଭୁନ ହୋଇ ବସିଥା ଝିଅ । ଖବରଦାର ! ମୋ କଥାରୁ ଟିକଏ ଆଡ଼ ଅନ୍ତର ହୋ ନା, ସବୁ ଭଣ୍ଡୁର ହେବଟି ? ସବୁବେଳେ ଠାକୁରଙ୍କୁ ଡାକୁଥା ।” ମାଳଙ୍ଗ ଠାକୁରଙ୍କ ଆଡ଼କୁ ଅନାଇ ହାତଯୋଡ଼ ଦଣ୍ଡବତଟା କଲ୍ ।

ଘଣ୍ଟ ପହରେ ବ ଗଡ଼ଗଲ୍ଣି, କାହିଁ ବର ? ମହାନ୍ତ୍ରଏ ଘର ବାହାର ହଉଛନ୍ତି, ବେଳେ ବେଳେ ବାହାରକୁ ବାହାର ଚଡ଼ ଦାଣ୍ଡକୁ ଅନାଉଛନ୍ତି ।

ମିଛୁପୁର ଗାଁରୁ ଯୋଡ଼ାଏ ମଣିଷ ଧାଇଁ ଧାଇଁ ଅଇଲେ, ମୁଣ୍ଡରେ ଦେହରେ ଗୋଟାଏଳ, ନଶ୍ୱାସ ବଳ ପଡ଼ୁଛୁ । ମହାନ୍ତ୍ରଙ୍କୁ ଖବର ଦେଲେ ବାହା ଲଗୁଡ ତନଶ ଟଙ୍କାରୁ ପଞ୍ଚାଶ ଟଙ୍କା ଉଣା ପଡ଼ ଯାଇଛୁ, ଆଜି ଘଣ୍ଟରେ ଟଙ୍କା ସଜଲ କର ଶେଷ ଘଣ୍ଟରେ ଅନୁକୂଳ କର ଦେଲେ ଦନ ଦଉଡ଼ ସରକ ବର ଏଠାରେ ପହଞ୍ଚବ ।

ମହାନ୍ତ୍ରଏ ପଦ୍ମାକୁ ଡାକ କହିଲେ, “ଆଲୋ ! ବର କାଲ ସକାଳେ ପହଞ୍ଚବ, ଭୁଙ୍କାଟାରେ ବୃହିଁ ବସିଲେ କଣ ହେବ ? ମୁଁ ଶୋଇବାକୁ ଯାଉଛୁ, ତୁ ଝିଅକୁ ଧର ଶୋ ଯା । ବୁଝି ଖବରଦାର !

ଜାଗ୍ରତ ହୋଇ ଶୋଇଥିବୁ, ଜନସପଦ ଭେର ବାହାରେ ପଡ଼ୁଛୁଟି ।'

ବେଶ ଭିତର ପାଖଟି ନଷ୍ଟାଇ ଦେଇ ମହାନ୍ତ୍ରଏ ଶୋଇବାକୁ ଗଲେ ।

ରାତ୍ତ ଅଧାଅଧି ବତ୍ତଗଲ୍ଣି, ମହନ୍ତେ ଛୋଟା ଭତରେ ଶୋଇ ହୋଇଛନ୍ତ, ପାଖଲୋକେ ବେଡ଼ି ବସିଛନ୍ତ । ଆଜ ରାତିରେ ଗଞ୍ଜେଇ ମୁଣି ମେଲ୍, ଚଲ୍ମ ଶୀତଳ ହେବାକୁ ନାହିଁ ।

ମହନ୍ତେ ଡାକ କହିଲେ, "ଆରେ ଖ୍ୟମା ! ଆରେ ନକୁଳା ! ସବୁ ଠିକଠାକ କର ଦେଇ ଅଇଲ ତ ?" ଖ୍ୟମା ନକୁଳା ଦୁହେଁଠାକ କହିଲେ—ଆଜ୍ଞା ପ୍ରମାଣେ ସବୁ ଠିକ ।

"ପଦକୁ ଭଲକରି ବୁଝାଇ ଦେଇଛ ?"

"ଆଜ୍ଞା—ପ୍ରଭୁ ! ପଦ ପଦ କର ସବୁ କଥା କହିଛୁ ।".

"ଚୋଙ୍ଗଟା କଣ କରୁଛୁ ?"

"ଘର ଆକୁଳ ହେଉଛି, ବେଳେ ବେଳେ କାନ୍ଦି କାନ୍ଦି କହୁଛୁ, ମା ! କଣ ହେବ ? ବାପା କଣ କହିବ ?"

"ପଟା ତାକୁ ବୁଝାଉଛୁ ତ ?"

"ଆଜ୍ଞା ! ଆଜ୍ଞା !"

"ଭତରକୁ କପରି ଲେ ରେ ?"

ଆଜ୍ଞା ବାଡ଼ଦୁଆର କବାଟରେ ଠୁକ୍ ଠୁକ୍ ମାରିଲୁ , ପଟା ଫିଟାଇ ଦେଲ୍ ।"

ତେତିକବେଳେ ଶଙ୍କର ପାଖଲୋକ ଧାଇଁ ଆସି କହିଲ, "ଆଜ୍ଞା ! ବାଜା ପାଲ୍କି ମଶାଲ ବରଯାତ୍ରୀ ଗହ୍ମର ବଲରେ ବସିଛନ୍ତ, ଆଜ୍ଞାପ୍ରମାଣେ ବାଜର ହୋଇଯିବେ ।"

"ଆଚ୍ଛା, ଏବେ ଯାଇ ବନୋଦଆକୁ ବରବେଶ କରାଇ ପକାଅ, ବାହା ଖଦ ଲୁଗା ପିନ୍ଧାଇ ବଅ ।"

ରାତ୍ତ ପାହା ପାହା, ଝିକଟ ଝିଲ୍ଲିଲଆ ଅନ୍ଧାର ଅଛୁ, ମାଧମନ୍ତ୍ରାଙ୍କ ଦୁଆରେ କୋଡ଼ଏ ଭରଣଝା ଢୋଲ, ତାସା ନାଗରା ବାଜା ଏକାବେଳକେ ଉଛୁଳ ପଡ଼ିଲ୍, ପାଲ୍କିଟିଏ ଦୁଆର ଆଗରେ ଥୁଆ, ବର ଖଟିଏ ଖରଡ଼ାରେ ପିଣ୍ଡାରେ ଭୁନ ହୋଇ ବସିଛୁ । ଚଟକର ମନ୍ତ୍ରାଙ୍କ ନଦ ଘୁଚିଗଲ୍, ଝଙ୍କା ଫଳଟି କାଖରେ ଯାକ ଘର ମନ ଫୁଲଣାରେ ଧାଇଁଲେ । ଆଗେ ଝଙ୍କା ଗଣିନେବେ, ପଚ୍ଛେ ବାଟବରଣ ହେବ । ଚଞ୍ଚଳ ଧାଇଁଛନ୍ତ, ଦୁଆର ବନ୍ଧଟା ଧଡ଼୍କର ମୁଣ୍ଡରେ ବାଜିଲ୍, ଏକାବେଳକେ ଓଲଟି ଚତ୍ପଟାଙ୍ଗ୍, ତଳେ ପଡ଼ିଗଲେ । ହାତ ଦେଇ ଦେଖିଲେ, ରକ୍ତ ଧାର ଗୋଡ଼ଯାଏ ବହି ପଡ଼ୁଛୁ । ଏତେବେଳେ ଆଉ ତାକୁ ଅନାଇଲେ ହେବ ? ଆଗ ଝଙ୍କା ଗଣିନେଇ ସାର ରକ୍ତ ପୋଛୁପୋଛୁ କରିବେ । ଚୋପ୍ଡା ଖଣ୍ଡ ଭଲକର ମୁଣ୍ଡରେ ଗୁଡ଼ାଇ ଦେଲେ, ବାହାରକୁ ବାହାର ପଡ଼—"ଆସିବା ହେଉ, ବସିବା ହେଉ," ବରଯାତ୍ରୀଙ୍କୁ ଡାକୁଛନ୍ତ । ବର ମାମୁ ଆଗେଇ ଆସି କହିଲେ, "ଏ ସମୁଧିଏ ! ଆଉ ବସିଲେ କଣ ହେବ, ଚଞ୍ଚଳ ବର କନ୍ୟା ବଦା କରନ୍ତୁ; ଖରା ଉଠିପିବ ।" ମାଧ ମହାନ୍ତ୍ରଏ କହିଲେ, "ଏଁ - ଏଁ— ବର ଏଇଲ୍‌ଗେ ପହଞ୍ଚିଲ୍, ବନ୍ଧ ହୋଇ ନାହିଁ, ବଦା କଣ ହେବ ?"

ବରମାମୁଁ—ଦାଢଗଣ୍ଡି ପଡ଼ିଗଲ୍ । ବନ୍ଧ ହୋଇଗଲ୍; ଆଉ ବ କଣ ।"

ମହାନ୍ତ୍ର—କନ୍ୟାସୁନା ଝଙ୍କା ?

ବର ମାମୁ—ଝଙ୍କା ଗଣି ନେଲ ପର୍ ?

ମହାନ୍ତ୍ରଙ୍କ ଫଟା ମୁଣ୍ଡ ଗୋଡ଼ିଥିଲ୍, ତା ଉପରେ ଜଳନ୍ତା ଅଙ୍ଗାର ପାଣ୍ଟୁଆଏ କଏ ଅଜାଡ଼ ଦେଲ୍ । ଏଁ—ଏଁ – ଏ କଣ ଡକାଏତ ! ବଦମାଏସ୍ ଗ୍ରେର କେଉଁଠିକାର । ଲୁଚିଗଲ୍ ଚୋଖଡ଼ ମୋଖଡ଼ । ଏଣେ ମହାନ୍ତ୍ରଏ ଏକା——ତେଣେ ଚୁଲଶ ପଚ୍ଛଶ ଲୋକ ।

ମହାନ୍ତ୍ରଏ ଦୋଧରେ ଅଜ୍ଞାନ, ମୁହଁ ଚଳୁ ଚଳୁ ହାତ ଚଲବାଭଲ ହେଲ୍‌ଣି । ହେଲେ ବଷରେ ଦୋଧ ନାହିଁ, ଭଲକର ଅନାଅ, ସମସ୍ତଙ୍କ ମୁହଁରେ ମୁରକ ହସ; ସମସ୍ତେ ଦେହ ଝିଟାଝିପି ହେଉଛନ୍ତି । ଏତକବେଳେ ଆଠଦଶଟା ଢୋଲଆ ମହାନ୍ତ୍ରଙ୍କୁ ବେଢ଼ି ଯାଇ ଅର୍ଦାଳଆ ଢୋଲ ପିଟୁଛନ୍ତି, ମହାନ୍ତ୍ର ପାନ୍ତଙ୍କ ବଲବଲ ହେ—ଜଲ ଜେଲ୍ ହେ—ଆପଙ୍କ ଝିଅ ବାହାଘର ହେଇଗଲ, ଆମକୁ ଦାରୁପିଆ ପଇସା ମିଳଯାଉ । ମହୁରଆଟା ବେଳେ ବେଳେ ମହାନ୍ତ୍ରଙ୍କ କପ୍ତ ପାଖରେ ପୈଁ—ପୈଁ କର ମହୁରଟା ବଜାଇ ଦେଉଛୁ । ଗାଁ ମଙ୍ଗଳା ପୂଜା ବେଳେ ବାଜା ମଧ୍ୟରେ କାଳସି ଯିମିଡ଼ି ନାଚେ, ମହାନ୍ତ୍ରଏ ସେହିପର ନାଚ ନାଚ ଅଥପ୍ତ ହେଲେଣି । ମହାନ୍ତ୍ରଏ ରଡ଼ ଗୁଡ଼ କଣ କହୁଛନ୍ତି, ବାଜାରେ କଣ ଲୋକଙ୍କୁ ସେ କଥା ଶୁଭୁଛୁ ? ମହାନ୍ତ୍ରଙ୍କୁ ହାଲଆ କର ପକାଇବାର ଏ ଗୋଟାଏ ଫିକର । ଏତକବେଳେ କଏ ଗୋଟାଏ ଦୁଷ୍ଟଲୋକ ମହାନ୍ତ୍ରଙ୍କ ପଛଆଡ଼େ ଗୋଟାଏ ଜଳନ୍ତା ଭୁଇଁଚମା ବସାଇ ଦେଲ୍, ତାଙ୍କ ପିଠିରେ ନଆଁ ପଡ଼ ସାନ ବଡ଼ ଢେର ଗୁଡ଼ାଏ ଫୁଟକା ହୋଇ ଜଳୁଛୁ ।

ଗାଁ ଗୋଟାକର ପିଲ୍‌ଠାରୁ ବୁଢ଼ାଯାଏ ବଲକୁଲ ଲୋକ ଜମା ହୋଇଗଲେଣି । ମହାନ୍ତ୍ର ଦୁଆରେ ବସ୍ତ୍ର ମୁଠାଏ କେହ୍ନ ବୁଣି ଦେଲେ ମଣିଷ ମୁଣ୍ଡରେ ଅଟକ ଯିବ, ତଳେ ପଡ଼ଦ ନାହିଁ ।

ମହାନ୍ତ୍ର ଦେଖିଲେ, ତାଙ୍କ ମୁଖାଳାପ ଲୋକେ ବେଢ଼ିଯାଇ ଠୋ ଠୋ ହସୁଛନ୍ତି । ଏତକବେଳେ ଗୁଡ଼ାଏ ନହାଡ ଦୁଷ୍ଟପିଲ୍—

"କନ୍ୟା ସୁନାର ବଡ଼ ମଜା,
ମହାନ୍ତ୍ର ଖାଇବେ ନବାତ ଖଜା ।"

ଗୀତ ଗାଇ ତାଳ ମାର ନାଚୁଛନ୍ତି ।

ମହାନ୍ତ୍ର ଦେଖିଲେ, ଆଉ ସମ୍ଭାଳ ହେବନାହିଁ । ସମସ୍ତେ ଗୋଟାଏ ବାଡ଼ଉ, କାହାକୁ କଣ କହିବେ, କହିଲେ ବା ଶୁଣୁଛୁ କଏ ? କୌଣସି ରୂପେ ଗୋଳମାଳ ଠେଲି ମଠ ଭିତରକୁ ପଳାଇଲେ । ମହାନ୍ତ୍ର ଏଇଥିରେ ଶେଷରୁ ଉଠି ବସେ ହୋଇଥିଲେ । ମହାନ୍ତ୍ରଙ୍କୁ ଆସିବାର ଦେଖି ମହନ୍ତ ଗୋଟାଏ ପାଟି କର କହିଲେ, "ସଖାଳଟାରେ ଦାଣ୍ଡରେ କଏ ପାଟି କରୁଛୁ ବୁଝି ଆସ ତ ?" ମହାନ୍ତ୍ର ଯାଇ ମହନ୍ତଙ୍କ ଗୋଡ଼ତଳେ ଧଡ଼ାସ କର ପଡ଼ ରଡ଼ ଗୁଡ଼ଉଛନ୍ତି ।"ଉଠ ଉଠ ମହାନ୍ତ୍ରଏ, କଣ, କଥା କଣ ବୋଲ୍ ।" ମହାନ୍ତ୍ରଙ୍କ ମୁହଁରୁ ଛାଡ଼ୁଠେକ ମୁହଁ ପର ଫେଣ ଗାଜୁଛୁ । ଆଉ କଥା କହି ପାରୁ ନାହାନ୍ତ, କ କାନ୍ଧ ପାରୁ ନାହାନ୍ତ । ହାତରେ ଠାରଦେଲେ— ପାଣି । ମୁହଁ ଅଧିଆ, ଦାନ୍ତ ଅଘଡା ଢକଢକ କର ଢାଳେ ପାଣି ପିଇ ଦେଇ ଟିକଏ ସାସ୍ଥମ ହୋଇ ବସିଲେ । ମହନ୍ତ ବଡ଼ ଦୟାବନ୍ତ, ବହୁତ ଆଶ୍ୱାସନା କର ମହାନ୍ତ୍ରଙ୍କ ପିଠିରେ ହାତ ବୁଲାଇଲେ । ଏତକବେଳେ ବରମାମୁ, ପର ପରଡ଼ା ଆଉ ଘର ଜଣଙ୍କୁ ସାଙ୍ଗରେ ଧର ମହନ୍ତଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ଗଲ୍ ।

ମହନ୍ତ ଆଜ୍ଞା କଲେ— ଆରେ କଣ ଭୁମ କଥା କହ, ଉଠ ଉଠ—ବୋଲ୍ ବୋଲ୍ କଥା କଣ ?

ପର ପରଡ଼ା ହାତଯୋଡ଼ କହିଲ୍—ଆଜ୍ଞା ଆମେମାନେ ବଡଦଣ୍ଡୀ ଲୋକ, ଆମ ଉପରେ ଅନ୍ୟାପ୍ତ ହୋଇଛୁ । ଶ୍ରୀମହାପ୍ରଭୁ ଏ ଗାଁ ହାକମ, ଆମ ମାମଲ୍ ନ୍ୟାପ୍ତ ବଗୁର ହେଉ । ଏଇ ଯେ ବସିଛନ୍ତି । ମାଧ ମହାନ୍ତ୍ରଏ ଏ ଆମ ସମୁଧ୍ । ମାଧ ମହାନ୍ତ୍ର ଦୋଧରେ କହିଲେ, "ଚୋର କ ସମୁଧ୍ ବେ—ଡକାଏତ ଜୁଆଗ୍ଗେର !" ମହନ୍ତ କହିଲେ, "ରୁହ ରୁହ ମହାନ୍ତ୍ରଏ । ସେ କଣ କହୁଛୁ କହିପାଉ, ତା ବାଦେ ଭୁମ କଥା ଶୁଣିବୁଁ ।"

ପର ପରଡ଼ା—ଆଜ୍ଞା, ଏହି ମହାନ୍ତ ଏ ମୋ ପାଖରୁ କନ୍ୟାସୁନା ସାତ ଶହ ଟଙ୍କା ନେଇ ତାଙ୍କ ଝିଅ ମାଳଟିକି ମୋ ଭଣଜାକୁ ବାହା ଦେଲେ, ବାହା ବାଦେ କହିଲେ, ଆଉ ତିନିଶ ଟଙ୍କା ଲଗୁଡ ଦେ, ମୁଁ ଆଉ କିଂୟା ଦେବଟି ? ଏବେ କୁଆଡ଼େସ୍ତା କର କନ୍ୟାକୁ ନୁଡୁ ନାହାନ୍ତ ।

ମହନ୍ତ—ଆଚ୍ଛା, ଠାକୁର ମନ୍ଦିରରେ ସତ ବୋଲ, ଏକ ଦୁଇ କର ଟଙ୍କା ଗଣି ଦେଇଛ ତ ?

ପର ପରଡ଼ା—ଆଜ୍ଞା ସତ କହିବି, କୋଡ଼ କୋଡ଼ ଟଙ୍କା ଗଣି ଦେଇଛୁ ।

ମହନ୍ତ—ଏ କଥା ବଶ୍ୱାସ ହେଉନାହିଁ । ମହାନ୍ତ କଛୁ ପିଲ୍‌ପିଚକା ନୁହନ୍ତି, ବୁଢା ପୁରୁଖା, ଟଙ୍କା ନେଇ ମାନବେ ନାହିଁ, ଏ କ କଥା ?

ମାଧ ମହାନ୍ତ ମହନ୍ତଙ୍କ ଗୋଡ଼ତଳେ ପଡି କହିଲେ, "ଆଜ୍ଞା ଧର୍ମ ଅବତାର ! ନ୍ୟାପ୍ୟବଚୁର, ନ୍ୟାପ୍ୟ ବଚୁର । ଏ ଡକାଏତମାନଙ୍କୁ ଲୋକ ଲଗାଇ ଚଡ଼ ଦଅନ୍ତୁ ।"

ମହନ୍ତ—ଦେଖ ଏମାନେ ବଦେଶୀ ମଣିଷ, ଦେଶରେ ଯାଇ ପାଟି କରିବେ, ଏ ଗାଁରେ ନ୍ୟାପ୍ୟ ବଚୁର ନାହିଁ । ଦୁଇ ପକ୍ଷରୁ ପ୍ରମାଣ ନେଇ କଥାଟା ବଚୁର କରିବାକୁ ହେବ । ହୋଇ ହେ ପରଡ଼ା ! ତୁମେ ଯେ ମାଧ ମହାନ୍ତଙ୍କୁ ସାତ ଶହ ଟଙ୍କା ଗଣିଦେଲ, କୋହ୍ନି ଗୁହା ଅଛି ?

ପର ପରଡ଼ା ହାତଯୋଡ଼ ଛଡ଼ା ହୋଇ କହିଲା, "ଆଜ୍ଞା ମହାପ୍ରଭୁ, ଶହେ ଜଣ ଗୁହା । ଆପ ତ ଖୁନା, ନକୁଳା, ମଙ୍ଗା, ଶଙ୍କରା, ଚଙ୍ଗା, ମଧୁ ମହାନ୍ତ, ସାଧୁଚରଣ, ଧର୍ମ ପାଣ ।" ମହନ୍ତେ ଜଣ ଜଣକର ସବୁ ଗୁହାଙ୍କର ଜବାନବନ୍ଦି ଶୁଣିଲେ, ଡେର ଜେରା କଲେ, ସପ୍ତାହେରୁ ସାତ ଶହ ଟଙ୍କା ଗଣିଦେବା, ମହାନ୍ତଙ୍କ କାଖରେ ଥିବା ଏହି ଥଳରେ ଟଙ୍କା ପୂରାଇ ନେଇ ଘରେ ଥୋଇ ଆସିବା, ସବୁ ଠିକ୍ । ସତକୁ ସତ, ମାଧ ମହାନ୍ତଙ୍କ କାଖରେ ଟଙ୍କା ଥଳଟି ଥିବାର ଦେଖାଗଲା । ମାଧ ମହାନ୍ତ ଏ ଗୋଟାଏ କଥାରେ କାଟିଦେଲେ -- ଏ ଗୁଡ଼ାକ ଡକାଏତ ।

ମହନ୍ତେ—ଆଚ୍ଛା ଏ ଗାଁର କେହ୍ନି ଗୁହା ଅଛୁ ?

କେହ୍ନି ନ ଡାକୁଣୁ ମହାନ୍ତ ଜାତ୍ତଘାଇ ଗାଁର ଦଶ ଜଣ ସାକ୍ଷ ଦେବା ଲାଗି ଛୁଡ଼ା ହୋଇଗଲେ । ମହାନ୍ତ ଏମାନଙ୍କ ମୁହଁକୁ ଅନାଇ ଦେଇ କହିଲେ, "ଆଜ୍ଞା ଏଗୁଡ଼ାକ ମୋ ମୁଖାଲାପ ଲୋକ, ଏମାନଙ୍କ କଥା ନାନଞ୍ଜୁର ।" ମହନ୍ତେ କହିଲେ, "ଗୁହା କଥା ଗୁଡ଼ଉଅ, ଆମେ ନଜେ ଯାଇ ମହାନ୍ତଙ୍କ ଘର ଭତର ଦେଖିବୁଁ । ଗଲ ଘଡରେ ବସ୍ତ୍ର ହୋଇ ଯଇଥିଲେ ସେଥିର କଛୁ ଚଲ୍ଲ ତ ଥିବ ।" ବରପକ୍ଷ ମହନ୍ତଙ୍କ କଥାରେ ନଚ୍ଚାନ୍ତ ନାଗଜ । "ଅଜ୍ଞା ! ଅଧ ଘଡରୁ ବସ୍ତ୍ର ଛଡ଼ଲାଣି, ଆଉ କେତ କଣ ଥିବ ? ଆପଣ ସରଜମିନକୁ ଯିବେ ନାହିଁ ।"

ମାଧ ମହାନ୍ତ ଘର ଆନନ୍ଦରେ, ଘର ଉତ୍ସାହରେ ମହନ୍ତଙ୍କ ଗୋଡ଼ ଧର ଟାଣୁଛନ୍ତି । "ଆସି ଆଜ୍ଞା ହେଉ, ମୋ ଘର ଦେଖି ଆଜ୍ଞା ହେଉ ।"

ବରପକ୍ଷ ମୁହଁ ଶୁଖାଇ କହିଲେ, "ଆଜ୍ଞା ନା, ଆପଣ ସେ ଜାଗାକୁ ବଜେ ହେବେ ନାହିଁ ।"

ମହନ୍ତ କହିଲେ, "ନାହିଁ ନାହିଁ, ସେ କଥା ହେବ ନାହିଁ, ମହାନ୍ତଙ୍କ କଥା ଶୁଣିବାକୁ ହେବ ।"

ମହନ୍ତ ଦୁଇପକ୍ଷ ଧର ସରଜମିନ ତଦାରଖ କରିବାକୁ ବାହାରିଲେ ।

ପ୍ରଥମ ଟିଣ୍ଡା ଉପରେ ବରକୁ ଦେଖାଗଲା—ହାତରେ କଞ୍ଚୁକସ୍ପର୍ଶ ଦୂବ ବରକୋଳ ପକ୍ଷ ବନ୍ଧା, ମୁଣ୍ଡରେ ମୁକୁଟ, ହାତରେ ଗୁଆକାଣ୍ଡ, ଆଉ ବେନ୍ଦ ଉପର ନଡ଼ିଆ ଗୋଟିଏ ।

ChhayaOkama

ପର ପରଡ଼ା ଦାଢ ପୋଡ଼ ମଦ୍ଦାନ୍ତଙ୍କୁ କହିଲେ, "ଆଜ୍ଞା ଦେଖି ଆଜ୍ଞା ହେଉ, ବାହା ହେଲ୍ ବର କ ନାହିଁ ।"

ମଦ୍ଦନ୍ତ - ଆଚ୍ଛା ଆଚ୍ଛା, ଭତରକୁ ଗଲ, ଆଉ କଛୁ ଚନ୍ଦ୍ର ବର୍ତ୍ତି ଅଛୁ କ ନାହିଁ, ଦେଖାଯାଉ ।

ପର ପରଡ଼ା ଦାଢଯୋଡ଼ ମଦ୍ଦନ୍ତଙ୍କୁ କହିଲେ, "ଏଇ ଦେଖି ଆଜ୍ଞା ହେଉ, ବେଦ ଉପର କଥା, ଏହା ଦେଖିବା ହେଉ, କନ୍ୟା ଆଠ କଳସ ମାଡ଼ୁଛୁ, ଏହା ଦେଖନ୍ତୁ, ଲଜାଞ୍ଜଳ ଖଇ ପଡ଼ୁଛୁ, କଳସ ଉପରେ ପୁଷ୍ପାଞ୍ଜଳ ପଡ଼ୁଛୁ । ଏଣେ ଦେଖି ଆଜ୍ଞା ହେଉ, ଏହା-ଠାରେ ବ୍ରାଦ୍ଧଣ ସ୍ତୋକନ ହୋଇଥିଲ, ଦହ୍ନ ଗୁଡ଼ ଉଚ୍ଛିଷ୍ଟ ଭୁଜା ପଡ଼ୁଛୁ । ଏହା ଦେଖି ଆଜ୍ଞାହେଉ, ଏହାଠାରେ ଆମେ ଜାତଘଇମାନେ ସ୍ତୋକନ କରଥିଲୁଁ । ସଙ୍କୁଡ଼ ଉଠିନାହିଁ, ସବୁଆଡ଼େ ଅଇଁଠା ପତ୍ର ପଡ଼ୁଛୁ ।"

ମାଧମଦ୍ଦାନ୍ତ କୁନ୍ଥେଇ କୁନ୍ଥେଇ କହିଲେ, "ନାହିଁ, ନାହିଁ, ମୋ ଘରେ କାଲ ଚୂଲ୍ଲି ଲଗିନାହିଁ ।"

ମଦ୍ଦନ୍ତେ ସ୍ତୋତ୍ରେଇଶାଳ ପାଖକୁ ଗଲ ଯାଇ ଦାଢବାଡ଼ରେ କବାଟଟା ଜଦୁଆ କର ଦେଲେ, ଚୂଲ୍ଲିରେ ରଡ଼ ନଆଁ ଗରଗର ଦେଉଛୁ, ପୁଞ୍ଜାଏ ବଡ଼ ବଡ଼ ଘଚଡାଣ୍ଡି, ଡାଲ ଦାଣ୍ଡି, ଛଅଣ ଦାଣ୍ଡି ଗଡ଼ୁଛୁ । ମାଧ ମଦ୍ଦାନ୍ତଙ୍କ ଜ୍ଞାନ ଦଜ ଗଲ୍ଲଣି —ପିଠି ପୋଡ଼ୁଛୁ, ମୁଣ୍ଡ ପୋଡ଼ୁଛୁ, ମନ ପୋଡ଼ୁଛୁ । ମନରେ କଲେ, ଏ କଣ ଏ । କଣ ଘଡିରେ ଭୂତ ଆସି ସବୁ କରଗଲ ? ବସିବା ଜାଗାରେ ଠାଁ ଢଳ ପଡ଼ଲେ । କଛୁ କଥା ଶୁଭୁ ନାହିଁ; କଛୁ ଦଶୁ ନାହିଁ, ଘଲୁଜର ମାଡ଼ ବସିଲଣି, କୁନ୍ଥୋଉଛନ୍ତ, କମ୍ପୁଛନ୍ତ ।

ମଦ୍ଦନ୍ତ ମଗୁରଲେ, "ମଦ୍ଦାନ୍ତଏ ! ଏବେ ତୁମର ଜବାବ କଣ ?"

ମାଧ ମଦ୍ଦାନ୍ତ କହିଲେ, "ଆଜ୍ଞା, ମୋ ଝିଅ ବଘ୍ନ ହୋଇନାହିଁ ।"

ଜାତର ମୁଖ୍ୟା ବଳଗ୍ରମ ନାପୁକେ ଦାଢଯୋଡ଼ କହିଲେ, "ଆଜ୍ଞା ! ଆପଣ ଆମ ରଜା, ସଦ୍ଦଜରେ ଦାକମ, ଆମମାନଙ୍କ ଦୁଃଖ ଦାଲ ସବୁ ବୁଝିବେ, ହେଲେ ଜାତଆଣ ଜାମଝା ଜାତ ବୁଝିବେ, ଦାକମଙ୍କର କଛୁ ଅକ୍ତିଆର ନାହିଁ । ବୁଝି ଆଜ୍ଞା ହେଉନ୍ତୁ, ମାଧ ମଦ୍ଦାନ୍ତ ମଙ୍ଗଳା ଝିଅଟାକୁ ବଘ୍ନ ନ ଦେଇ ଘରେ ରଖିଛୁ, ଆଜ ପୂର୍ଯ୍ୟ ବୁଡ଼ବାଯାଏ ସେ ଯଦ୍ଦ ଝିଅକୁ ବଘ୍ନ ନ ଦଏ, ସେ ଏକଘରିଆ ହେବ, ତାକୁ ନଆଁ ପାଣି ଧୋବା ଭଣ୍ଡାସ୍ତ ସବୁ ବାସଦ, ସେ ଝିଅଟାକୁ ଆଉ କେହି ବଘ୍ନ ହେବେ ନାହିଁ ।"

ମଦ୍ଦନ୍ତେ କହିଲେ, "ମଦ୍ଦାନ୍ତଏ ହେଲେ ବା ଏକ ଘରିଆ, ନଆଁ ବଡ଼ଆଣ୍ଟିରେ ଘରେ ନଆଁ ରଖିଦେବେ, ଗୁର ମାଠିଆ ପାଣି ଘରେ ଥୋଇ ଦେଇଥିବେ, କିଁୟା କାହାକୁ ମାଗିପିବେ ?"

ବଳଗ୍ରମ ନାପୁକେ କହିଲେ,"ଆଜ୍ଞା ସେପର କଣ ? ମଦ୍ଦାନ୍ତଘର ମାଠିଆ ଯେଉଁ ପୋଖସ୍ତାରେ ବୁଡ଼ବ, ସେ ପୋଖସ୍ତା ଅପ୍ରତିସ୍ଥା ହେବ, ଦଶ ଟଙ୍କା ଖରଚ କର ପ୍ରତିସ୍ଥା କର ଦେବାକୁ ହେବ । ଏହିପର ଯେତେ ମାଠିଆ ପାଣି ଆଣିବେ, ତେତେ ଦଶ ଟଙ୍କା ଖରଚ ଲଗିବ । ଆଉ ଗୋଟାଏ କଥା, ଗୋହ୍ମସ୍ତାରେ ଗୁଲ-ଗଲେ ଦାଣ୍ଡ ଅପ୍ରତିସ୍ଥା ହେବ, ଜଣେ ପାଣି ଦାଣ୍ଡିଏ ଗୋବରପାଣି ଧର ପଛେ ପଛେ ଛୁଞ୍ଚ ଛୁଞ୍ଚ ଗୁଲୁଥିବ ।"

ମଦ୍ଦନ୍ତେ କହିଲେ, "ନାହିଁ ନାହିଁ, ସେ ବୁଢ଼ା ହୋଇ ଗଲେଣି, ଭଲ ମନ୍ଦ ବେଳକୁ ତମେମାନେ ସାହା ହେବ, ଏକା ।"

ମଦନ ନାପୁକେ—ଆଜ୍ଞା, ଗୋଳମାଳିଆ କଥା କିଁୟା—ସଫା କଥା, ସେ ମଗୁରଲେ ଆମ୍ଭେମାନେ କଣ

ଛୁଇଁବୁ ? ହାଡ଼ ଘୋଷାର୍ ନେବେ । ଏଇ ମରେଇ-ମାନଙ୍କରେ ଯେତେ ଧାନ ଅଛୁ, ଯେତେ ଦ୍ରବ୍ୟ ଅଛୁ, ହାଡ଼ଏ ନେବେ, ସେ ମାରୁ ଜନସ କଣ କେହ୍ନ ଛୁଇଁବ ?

ମାଧ ମହାନ୍ତ ପଡ଼ ପଡ଼ ସବୁ ଶୁଣିଲେ । ବଗ୍ଗର କଲେ ଦୋଣ ମେଳ ହେଲ୍ଣି, ମହନ୍ତ ବ ସେମାନଙ୍କ ପଟରେ, ମୋର ଚ ଏହ୍ନ ହାଲ, ଉଚ୍ଛୁଣିକା ଯେବେ ସବୁ ବତ୍ତ ଖୋଲାଖୋଲ କର ଘେନିଯିବେ, କଅଣ କରିବ ? କାହିଁ ମାମଲ କରିବ—ଗୁଡ଼ା କଏ ଦେବ ? ବଳରୁମ ନାପୁକଙ୍କୁ ପାଖକୁ ଡାକ ତାଙ୍କ ହାତଯୋଡ଼କ ଧଇଲେ । କହ୍ନିଲେ, "ତୁମେ ଆମ ଜାତରେ ମଉଡ଼ମଣି, ମୁ ତୁମ ହାତ ଧରୁଛୁ, ସମସ୍ତଙ୍କ ଗୋଡ଼ତଳେ ପଡ଼ୁଛୁ ମୋର ସବୁ ଦୋଷ କ୍ଷମା କର, ମୋ ଝିଅଟିକୁ ବତ୍ତା କରେଇ ଦଅ । ମୋ ହାଲ ତ ଦେଖୁଛ, ତା ମାମୁ କନ୍ୟା ସମର୍ପି ଦେବ ।"

ମହାନ୍ତଙ୍କ ମୁହଁରୁ ଯିମିନ୍ତ ଏହ୍ନ ପଦକ ବାହାରୁଛୁ, ମହନ୍ତ କଣ ଆଖି ଟିପି ଦେଲେ, ପଦା କନ୍ୟାକୁ ଘେନ ବର ପାଖରେ ଉପସ୍ଥିତ । ବ୍ରାହ୍ମଣ ଭଣ୍ଡାର ହାଜର ଥିଲେ, ସାଙ୍ଗେ ସାଙ୍ଗେ ମନ୍ତ୍ରପାଠ, ବତ୍ତା ଆରମ୍ଭ, ମାମୁ ସପନ ପାଣେ କନ୍ୟା ସମର୍ପି ଦେଲେ, ଘଣ୍ଟାକ ମଧ୍ୟରେ ବତ୍ତା ସମାପ୍ତ ।

ବର କନ୍ୟା ମେଲଣି ହେବେ—ମାଳଙ୍କ ବାପା ଗୋଡ଼ ଧର ବାହୁନ କସିଲ, ମହାନ୍ତଏ ରଗରେ ଗୋଡ଼ ଝିଟି ଦେଲେ ଯେ କନ୍ୟା ଦୁଲ କର ପଡ଼ଗଲ । ମାଳଙ୍କର ସେଥିକ ଚନ୍ତା ନାହିଁ, ପୁଣି ବାପା ଗୋଡ଼ ଧର କହ୍ନିଲ—"ବାପା, ତୁ ଉଚ୍ଛୁଣିକା ବାଧ୍କା ପଡ଼ୁଛୁ, ମୁଁ ତୋ ପାଖରେ ରହି ସେବା କରିବ, ତୁ ଭଲ ହେଲେ ଯିବ ।"ମାଧ ମହାନ୍ତ—"ଦୂର୍ ! ଦୂର୍ ! ପନ୍ଦର ବରଓ କାଳ ବସି ଖୁଆଇଲ, ଏବେ ଜଣକୁ ଦ'ଜଣ ବସି ଖାଇବ ପର୍ ?"

ପଦା ପାଖରେ ଛୁଡ଼ା ହୋଇ ସବୁ ଶୁଶୁଥିଲ, ମାଳଙ୍କକୁ କୁଣ୍ଢେଇ ଉଠାଇ ନେଇ ପାଲଙ୍କିରେ ବସାଇ ଦେଲ୍ଲ । ବର ତ ଆଗରୁ ଯାଇ ବସିଥିଲ, ଉଠାଅ ପାଲଙ୍କି । ବାଜାବାଲ୍ଲ ଆଉ ବରଯାତିଏ ସଜବାଜ ହେଉଁ ହେଉଁ 'ଦୁଁ ମେର ଘାଇ ରେ' ଡାକ ଛୁଡ଼ ପାଲଙ୍କି ଗାଁ ବାହାର ଗଣ୍ଡିର ବଲ୍ଲରେ ଦାଟଲ ।

ପାଞ୍ଚ ଛ ଦିନ ଉତ୍ତରେ ମହନ୍ତ ଦିନେ ପାଖଲୋକଙ୍କୁ ଡାକ କହ୍ନିଲେ, "ହୋଇ ରେ ! ବତ୍ତାର ଗଲ୍ଠାରୁ ମାଧ ମହାନ୍ତ ତ ଦାଣ୍ଡରେ ଦଶ୍ ନାହିଁ ? ତାର ଜର ହୋଇଥିଲ, ବୁଝ ତ କଣ ହେଲ୍ଲ ?" ପୋଡ଼ାଏ ପାଖ ଲୋକ ଧାଇଁଲେ, ଦାଣ୍ଡ ଦୁଆରେ, ବାଡ଼ ଦୁଆରେ ଡେର ଡାକଲେ, କବାଟରେ ଧଡ଼ ଧଡ଼ କର ମାରିଲେ, କେହ୍ନ ଶୁଣିବାକୁ ନାହିଁ । ସେମାନେ କଣ କଲେ କ, ଗୋଟାଏ ନଶୁଣି ପାରଖରେ ଲଗାଇ ଦେଇ ଭତରକୁ ଡେଇଁପଡ଼ିଲେ, ସଦର କବାଟ ମିଟାଇ ଦେଲେ । ଭତର କାଣ୍ଡ ଦେଖି କାବା ହୋଇ ଗଲେଣି । ମହାନ୍ତ ଘର ଭତରଆଡ଼କୁ ମୁଣ୍ଡ ଦେଇ ବାହାରକୁ ଗୋଟାଯାକ ଗୋଟାଏ ବଡ଼ ମୋଟା ଢୋଲ ପର ଦୁଆରବନ୍ଧ ପାଖରେ ପଡ଼ୁଛୁ । ଅଧା ଲଙ୍ଗଲା—ମୁଣ୍ଡ ଘାଆଟା ମୁହଁର ଅଧାଅଧି ମାଡ଼ଗଲ୍ଣି । ଫଣ ଫଣ ମାଛୁ ଭଣଭଣ କରୁଛନ୍ତି । ମେଞ୍ଚାକୁ ମେଞ୍ଚା ପୋକ ଘାଆରୁ ଟ୍ରଡ଼ ପଡ଼ୁଛନ୍ତି । ଜଣାଯାଏ, ବର ବଦା ବାଦେ ମହାନ୍ତ ବାହାର ସବୁ କବାଟ ଭଲକର କଳ ଦେଇ ଘରକୁ ଶୋଇବାକୁ ଯାଉଥିଲ, ଯାଇ ପାର ନାହିଁ । ଦୁଆରବନ୍ଧ ପାଖରେ ପଡ଼ଯାଇଛୁ । ଟଙ୍କା ଥଳଟା ଯାହା ସିଇଁ ରଖିଥିଲ ପାଖରେ ପଡ଼ିଛୁ ।

ଜାତ ଘାଇମାନେ, ପୁରୋହିତ ସମସ୍ତେ ମଠରେ ମହନ୍ତଙ୍କ ପାଖରେ ବସିଛନ୍ତି । ସତ୍କାରର ବଗ୍ଗର ଲଗିଛୁ । ମାଟ ଗୋଟାଏ କଥା ଉଠିଲ, ମାଛୁଆ ପାଉକ ହୋଇଅଛୁ, ଛୁଇଁବ କଏ ? ଯେ ଛୁଇଁବ, ସେ ପ୍ରାପ୍ତିଶ୍ଚିତ୍ତ

କରିବ । ଡେର ତର୍କ ବତର୍କ ଉତ୍ତରେ ଠିର ହେଲ, ପ୍ରାପ୍ତିଷ୍ଟିତ୍ତ ଖର୍ଚ୍ଚା ସକାଶେ ମହନ୍ତଙ୍କ ଲୋକ ମହାନ୍ତ ମରେଇରୁ ଦୁଇ ଚୌଙ୍ଗି ଧାନ କାଢ଼ି ଦେବ, ପୁରୋହିତ ମହାବପ୍ତ୍ର ପାଦୋଦକ ମନ୍ତ୍ର ଦେବ, ସେହି ତବଧ ପାଣି ଛିଞ୍ଚି ଦେଲେ ମଡ଼ା ଉପରୁ ସବୁ ପାପ ଧୋଇ ଯିବ । ମହନ୍ତେ ପୁରୋହିତ ବଶୁ ରଥଙ୍କୁ ପଚାରିଲେ, "ହୋଇ ହୋ,ମହାନ୍ତଙ୍କୁ ମାଛୁଆ ପାତକ ଲଗିଲ କିଁୟା ? ରଥେ କହିଲେ, ଆଜ୍ଞା ! ପୁରାଣ ଶାସ୍ତ୍ରରେ ଲେଖା ଅଛି—

"ବୁଡ଼ା ବରେ ଦିଅ ବକେ ଯେ ଲୋକ,
ସେ ଲୋକ ମୁଣ୍ଡରେ ପଡ଼ଇ ଯୋକ ।"

ଆଜ୍ଞା, ପ୍ରମାଣ ଦେଖନ୍ତୁ—ଠିକ ମୁଣ୍ଡରେ ମାଛୁଆ ପାତକ ଗୋଡ଼ରେ ନୁହେଁ, ହାତରେ ନୁହେଁ, ପିଠିରେ ନୁହେଁ—ଠିକ ମୁଣ୍ଡରେ । ଶାସ୍ତ୍ର କଥା କଣ ଅନ୍ୟଥା ହେବ ?

ଆଠ ଜଣ ଜାତପୁଅ ନାକରେ ଲୁଗା ଗୁଡ଼ାଇ ଭିତରକୁ ଗଲେ । କାଳେ ମଡ଼ା ଦେହରେ ଆଉ କଛି ପାତକ ଲଗି ରହିଥିବ, ସେ ପାପ ଧୋଇ ଯିବା ଲଗି ହାଣ୍ଡିଏ ଗୋବର ପାଣି ମଡ଼ା ମୁଣ୍ଡଠାରୁ ଗୋଡ଼ଯାଏ ଛିଞ୍ଚିଦେଲେ ।

ଗାଁ ଗୋହଳ ମଝିରୁ 'ହର ବୋଲ ! ରାମନାମ ସତ୍ୟ ହେ !' ଗୋଟାଏ ଉଚ୍ଚରେ ରଡ଼ ସମସ୍ତେ ଶୁଣିଲେ ! ସବୁ ଶେଷ ! ଏତେ ପରି ମଡ଼ା, ପୋଡ଼ୁଛି କଏ ? ମଶାଣି କଆବାଡ଼ ଭଲେ ଥୋଇ ଦେଇ ଆସିଲେ ।

"ଦିଅ ଜୁଆଇଁ ଆସି ବୁଡ଼ାର ବିପ୍ଲାଟ ଭଲକର କଲେ । ଗାଁ। ଜାତ ଅଜାତ ସମସ୍ତଙ୍କୁ ନମନ୍ତ୍ରଣ ଦେଇ ଖଜା, କାକରା, ଚିଠା, ପାଳୁଆ ଚିସ୍ତି କର ଦୁଇ ଛନ ଥର ଖୁଆଇଲେ । ଗାଁରେ ଦିଅ ଜୁଆଁଇଙ୍କର ଖୁବ୍ ପ୍ରଶଂସା ଉଠିଲ ।"

ମଠ ସରଘରିଆ ବନୋଦଆର ନାମ ଏବେ ଜମିଦାର ବାବୁ ବନୋଦବହାରୀ ମହାନ୍ତ । ଗୋପାଳ-ପୁର ଭାଲୁକ ଜମିଦାରୀଟା କଣିଲ୍ଲଣି, ସଦର ଗୁମାସ୍ତା ଯୋଡ଼ଏ, ସଦର ପାଇକ ଆଠ ଦଶଟା । ଘର ଖଞ୍ଜା ଧୂଳିଆ ଘର ବନାଇ ପକାଇଲଣି । ବାହାରୁ ଦେଖିଲେ ଗୋଟାଏ ବଡ଼ ଜମିଦାର ଘର ବୋଲ କଏ ନ କହିବ ?

ବାହାର ଲୋକେ ଅନୁମାନ କରନ୍ତୁ, ମାଧ ମହାନ୍ତ ଘରେ ଟଙ୍କା ଦୁଇ ଲକ୍ଷ ଥୋଡା ଥିଲ ।

"ଅରଜ ଛଞ୍ଚି କୃପଣ ମରେ
ଗୁଡ଼ମାଠିଆ ମାଛି ମାରେ ।"

କାଳକା ପ୍ରସାଦ ଗୋତ୍ପ

ବାବୁ ଶିବପ୍ରସାଦ ଚୌଧୁରୀଏ କହିଲେ, "ଆଜ ଦିନ ଦୁଇ ପ୍ରହର ବେଳେ ସଭା ବସିବା କଥା, କାଲି ଓପର ଓଳଠଁ ମହାଜନମାନଙ୍କୁ ଜଣାଇ ଦିଆଯାଇଛି—ଦେଖନ୍ତୁ, ଉଚ୍ଚୁଣିକା ଚଉଦ ଘଡ଼ି ବେଳ ଟଳିବାକୁ ବସିଲଣି । ସମସ୍ତଙ୍କର ଦେଖାସାକ୍ଷାତ ନାହିଁ, ଘର ଦରକାର କାମରେ ଏପର ମଠ କଲେ କ ଚଳେ ?"

ବାବୁ ଜଗବନ୍ଧୁ ମଲ୍ଲେ କହିଲେ, "ହେଲେ, ହେଉ, ଆଜେ ମାଗୁଣି ମହାନ୍ତିଏ ଲେଖି ପକାଉନ୍ତୁ ତ ! କଏ କଏ ବାବୁ ଆସିଲେ, ଖଣ୍ଡେ କାଗଜରେ ସେମାନଙ୍କ ନାମ ଟିପିଯାଆନ୍ତୁ ।"

ଗୁମାସ୍ତା ମାଗୁଣି ମହାନ୍ତିଏ ଫର୍ଦ୍ଦେ ବାଲେଶ୍ୱର ଛିଣି କାଗଜ ଗାର କାଟିଲ ପରି ଆଠ ଘୋଙ୍ଗ କରି ଚୌଡଲେ । ପାଖରେ ଗୋଟାଏ ମାଟି ଦୁଆଡରେ ଅଧେ କନା ଅଧେ କାଳ ପୂରା ଥିଲ, ଗୋଟାଏ ଶରକାଠି କଲମ ଧରି ଲେଖିବାକୁ ଲଗିଲେ ।

Chhaya©kanta

ଶ୍ରୀ ଶ୍ରୀ ଶାମସ୍ରଏ ମହାପ୍ରଭୁ ଚରଣେ ଶରଣ ।

ଚୁଳ ଷୋଳ ଦିନ ଶୁକ୍ଳ ଦୁଗ୍ଧଆ ଗୁରୁବାର ବାବୁ ରଦ୍ଦନାଥ ଦେଙ୍କ ଘରଠାରେ ସଭା ବସିଲା, ଏହି ବାବୁମାନେ ସଭାରେ ବରାଜମାନ କଲେ ।

୧ । ଶ୍ରୀ ଶ୍ରୀ ବାବୁ ରଦ୍ଦୁନାଥ ଦେ
୨ । ଏକୁ ଶିବପ୍ରସାଦ ଚୌଧୁଣ୍ଣ
୩ । ଏକୁ ଜଗବନ୍ଧୁ ମଲ୍ଲେ
୪ । ଏକୁ ରାମଦାସ ମହାପାତ୍ରେ
୫ । ଏକୁ ନାକଫୋଡ଼ ନାପୁକେ
୬ । ଏକୁ ନବଘନ ଶ୍ୟାମସୁନ୍ଦର ପ୍ରସାଦ ରାଉତେ
୭ । ଏକୁ ପରମ ପରଜା
୮ । ଏକୁ ଚରଣ ଦାସେ

ଗୁମାସ୍ତା ନାମ ଲେଖି ସାର ଯେଉଁ ଯେଉଁ ଅକ୍ଷରରେ ବହୁତ କାଳ ଲଗି ଶୁଝି ନ ଥିଲା, ଖଣ୍ଡେ ସଫା ଘରୁ କନାରେ ପରୁ ବାଲି ବନ୍ଧା ପୁଟଳା ସେଥିରେ ଥାପି ଦେଇ ନାମ ଡାକଦେଲେ ।

ବାବୁ ଚରଣ ଦାସେ କହିଲେ, "ହେଲା—ହେଲା, ଯେଉଁମାନଙ୍କର ଆସିବାର ନଥାଉ ଦରକାର, ସେମାନେ ତ ଆସିଗଲେ, ଆଉ କାହାର ଆସିବାର ଥିଲେ ପଛରେ ଆସୁଥାନ୍ତୁ । ଆଉ ବସିବାର ଲେଉଡ଼ା ନାହିଁ ।

ବାବୁ ପରମ ପରଜା କହିଲେ, "ଅହେ ଚୌଧୁଣ୍ଣ ସାନ୍ତେ ! ଆଜ ସଭାରେ କଣ କଥା ଅଛୁ ପକାନ୍ତୁ, ଆଜ ମଠ କିଆ ?"

ବାବୁ ଶିବପ୍ରସାଦ ଚୌଧୁଣ୍ଣଏ କହିଲେ, "ଆଉ କହିବୁ କଣ ? ସମସ୍ତେ ତ ଏକା ନାରେ ବସିଛୁଁ— ଯେଉଁ ଗଜବନ୍ଧନା ଚଢ଼ିଲଣି, ଜାହାଜାଡ଼ ବାରବାର ଏଣିକ ଇଡ଼ । ସମସ୍ତେ ତ ଦେଖୁଛନ୍ତି, ଆଜକୁ ବର୍ଷ ଦଣ୍ଡ ଭିତରେ ପରଜା ବାବୁଙ୍କର ରଜରଜେଶ୍ୱରପ୍ରସାଦ, ମଲ୍ଲିଙ୍କର ଦୁର୍ଗାପ୍ରସାଦ, ଧରନ୍ତୁ ମୋର ଲକ୍ଷ୍ମୀପ୍ରସାଦ, ନାପୁକ ବାବୁଙ୍କର ରାମପ୍ରସାଦ, ଏବେ ଦେଖନ୍ତୁ ଦେ ବାବୁଙ୍କର କାଳକାପ୍ରସାଦ । ଥାଣି ନାହିଁ, ପଦନ ନାହିଁ ଲଗଲଗ ପାଞ୍ଚ ଖଣ୍ଡ ବାହାର ଦରଆରେ ଗୁମ୍ ! ଆମ୍ଭେମାନେ ମନରେ କରଥିଲୁ, ଡୁବ ପାହାଡ଼ରେ ଠୋକର ବାଜ ଯାଉଛୁ । ଦରଆ ଭିତରେ ଢେର ଢେର ପାହାଡ଼ ଡୁବ ରହିଛୁ, ଭଟା ବେଳେ ଟିକଏ ଟିକଏ ମୁଣ୍ଡ ଦିଶେ, ଜୁଆର ବେଳେ ଲୁଚ ଥାଏ । ଏଣେ ଜାହାଜ ତ ଘୋଡ଼ା ପର ଧାଇଁଥାଏ, ମାଡ଼ି କଳ ପାରେ ନାହିଁ, ପାହାଡ଼ ଛୁଇଁଲା ତ ଛତୁ ! ଏବେ ସବୁ ପ୍ରସଙ୍ଗ ସାଫ ଧର୍ ପଡ଼ିଗଲା । "ଆହେ ଦେ ସାନ୍ତେ, ଆପଣଙ୍କ ଚଣ୍ଡେଲକୁ ଡାକନ୍ତୁ ତ, ବାବୁମାନଙ୍କ ଆଗରେ ସବୁ ହାଲ ବୟାନ କର ଯାଉ ।"

ବାବୁ ରଦ୍ଦୁନାଥ ଦେ ଡାକଲେ—"ଆରେ ହରୁ ଚଣ୍ଡେଲ ! ମୂଳରୁ ଶେଷଯାଏଁ କଣ ଘଟିଲା, ବାବୁମାନଙ୍କ ଆଗରେ ବୟାନ କରଯା ତ । ଖବରଦାର ! ପଦେ ବି ଘୁଡ଼ିବୁ ନାହିଁ ।"

ହରୁ ଚଣ୍ଡେଲ ଗାମୁଛା ଖଣ୍ଡ ବେକରେ ପକାଇ ବାବୁମାନଙ୍କୁ ଜଣ ଜଣ କର ଭୂଇଁରେ ମୁଣ୍ଡ ଲଗାଇ ଦଣ୍ଡବତ କଲା । ତହିଁ ବାଦେ ବାବୁମାନଙ୍କ ମୁହଁକୁ ଅନାଇ କହିବାକୁ ଲାଗିଲା—

"ଆଜ୍ଞା, ଗଲା ବରଷ ମକର କୃଷ୍ଣ ଦୁଗ୍ଧଆ ଦିନ ଦପହରିଆ ଭଟାରେ ଆମ୍ଭେମାନେ ଚାରିଖଣ୍ଡ ଜାହାଜ ବନ୍ଦର ଘାଟରୁ ଗଡ଼ିଗଲୁଁ । ନଈ ଭିତରେ ଭଟା ଧର ଯାଉଁ ଯାଉଁ ଭଜନଦିନ ଦିନ ଓପର ଓଳ ମୁହାଣ ଟପି ପଞ୍ଜିବେଳେ ଦରଆରେ ଲଙ୍ଗର କଲୁଁ । ଚାରି ଜାହାଜ-ଯାକ କୋଶକୋଶକ ଛଡ଼ା ଲଙ୍ଗର କରଥାଉଁ । ତହିଁ ଆରଦିନ ଭୁବସକାଳେ ପୂବଦଗରେ ଯିମିତସୁଦରଫାଟିଛୁ, ସମସ୍ତେ ଏକ ସଙ୍ଗରେ ଲଙ୍ଗର ହାବସ କଲୁଁ । ଦୁଇଖଣ୍ଡ ଗୋରପ ବାଜଟା ହଲାଇ ଆମ୍ଭମାନଙ୍କୁ ଦଣ୍ଡବତ କଲେ ।

ଆମ୍ଭମାନଙ୍କ ମାଡ଼ି ବି ସେହିପର ବାଜିଲା ବଞ୍ଚିଲେ । ସେ ଗୋସ୍ୱପ ବଖଣ୍ଡ ଦକ୍ଷିଣମୁହାଁ ହକାରଲେ । ଖଣ୍ଡେ ଗଲ୍ଲ ଲକଡ଼ ଦ୍ୱୀପ, ଆଉ ଖଣ୍ଡେ ଗଲ୍ଲ କଲମ୍ବା ବନ୍ଦର । ଲକଡ଼ ଦ୍ୱୀପ ଜାହାଜ ବୋଝେଇ ଥିଲ୍ଲ ଚଢ଼ା ଆଉ ଗୁଡ଼ରଛା ହାଣ୍ଡି । (*) କଲମ୍ବା ଜାହାଜରେ ମାଲ ଥିଲ୍ଲ ଭୁଚ୍ଚା ଗୁଡ଼ଲ । ଆଉ ନାପ୍ତକ ବାବୁଙ୍କର ଦୁର୍ଗା-ପ୍ରସାଦ ସୁଲୁପ ଉତ୍ତରମୁହାଁ ଗଙ୍ଗା ନଈ ମୁହାଣ ବାଟରେ ସୂତାନୁଟି (କ) ହାଟ ଆଡ଼େ ଗଲ୍ଲ । ଆମ୍ଭେମାନେ ସବଦ୍ୱୀପ—ବତାସ୍ୱା ବନ୍ଦର ବଗକୁ ପୂବମୁହାଁ ହକାରଲୁଁ । ତେତେବେଳେ ଚଣ୍ଡମା ସୁଲସୁଲଆ ପବନ ମାରୁଥାଏ । ସଲଖରେ ମଙ୍ଗଳା ଧରଥାଉଁ, ବନ ନାହିଁ, ଗୁଡ଼ ନାହିଁ, ଜାହାଜ ଧାଇଁଛୁ । ବାହାର ଦରଆରେ ବନ ଗୁଡ଼ ସବୁ ସମାନ । ଗୁଡ଼ରେ ଉତ୍ତରପଟ ଧୋବଉଘ ଆଉ ଶେଷ ଗୁଡ଼ଆ ପୂବଦଗ ପୋଆଉଘ ବଶିଲେ ବାଟ ବଶିଯାଏ । ଗୁରବନ ବନ ବଡ଼ ସଙ୍ଗାଳ ପୂବ ବଗ ସମୁଦ୍ର ଭିତରେ ସୂର୍ଯ୍ୟଦେବତାଙ୍କ ଫେଦ ପିମିଡ଼ି ବଶିଲ୍ଲ, ସେଇ ବଗରେ ଦଶ କୋଶ ଦେବ ଦୂରରେ ଖଣ୍ଡେ ଜାହାଜର ଶେଡ଼ ବଶିଲ୍ଲ । ଜାହାଜଖଣ୍ଡ ଆମ୍ଭମାନଙ୍କୁ ଲପ୍ଟ କର ଧାଇଁଧାଏ । ତାହାବାଦେ ବଶିଲ୍ଲ ଜାହାଜର ବାଡୁଟିଆ କୁଦା (୧) ଆଉ ସଫରଦାସ୍ତ ରସି (୨) ଉପରେ ଦୁଇଟା ବଡ଼ବଡ଼ ଲାଲ ପତାକା ଉଡ଼ୁଛୁ । ମୁଁ ନାବଘ ଦଉଡ଼ (୩) ଧରଚଉଙ୍କା (୪) ଉପରକୁ ଉଠି ଯାଇ ଦୁ:ବଣ କଣ୍ଡିଦେଲ୍ଲ । ଏତକବେଳେ ଦୁମ୍ ଦୁମ୍ କର ସେଇ ଜାହାଜରୁ ଗୁର ପାଞ୍ଚଟା ବୋମ୍ ଫଏର ହେଲ୍ଲ । ଆମ.ମାଡ଼ି ଗୁଜୁଆ ହେଲ୍ଲ ପର ଚଞ୍ଚଳ ଡାକ ଦେଲ୍ଲ; ଗାମଦ (୫)—ଗାମଦ —ପୂବ—ପୂବା ଆମ କାଳକା ପ୍ରସାଦ ବାଟ ବଦଳ ପୂବ ହେଇଆ ବସିଲ୍ଲ । ସେ ଜାହାଜ ବି ଆମ ଆଡ଼କୁ ଧାଇଁଥାଏ । ବନ ପହରକବେଳେ ଦୁଇ ଜାହାଜ ଭେଟାଭେଟି, ଠୋକର ଲାଗ ଲାଗ ।"

ଚୌଧୁରୀବାବୁ କହିଲେ—ଆରେ ତୁମେମାନେ ନ ବୁଝି ନ ସୁଝି କ'ଣ। ସେ ଜାହାଜ ପାଖକୁ ଧଇଁଲ ?

ଦଗ୍ଦ ଉତ୍ତେଜିତ—ଆଜ୍ଞା, ଖଣ୍ଡେ ଜାହାଜରେ ବପଦବାଜିଟା ଉଡ଼ିଲେ, ଆଉ ରକମ ବପଦ ହେଲେ, ଆଉ ଜାହାଜ ତା ପାଖକୁ ଧାଇଁବେ, ଦରଆଠାକୁଗୁଣୀ କର ଏଇ ରକମ ହୁକୁମ ।

ତା ବାଦେ କଣ ହେଲ୍ଲ କ, ସେ ଜାହାଜ ଉପରେ ବାଲୁଆ କଳାକନା ପିନ୍ଧା ଆଠ ଦଶ ଜଣ ତୁରକ ଛଡ଼ା ହୋଇଥିଲେ, ଘାବଟି ଗଲ୍ଲ ପର ଚଞ୍ଚଳ ଡାକିଲେ, ପାଗଡ଼—ପାଗଡ଼ – ପାଗଡ଼ (୬)ଖଲ୍ସିମାନେ ଗୁରଖଣ୍ଡ

---

* ବାଲେଶ୍ୱରରେ ପ୍ରବାଦ ଲକ୍ଷାଦ୍ୱୀପପୁଞ୍ଜ ମାଝିରେ ହାଣ୍ଡି ପ୍ରସ୍ତୁତ ହୁଏ ନାହିଁ, ବାଲେଶ୍ୱରରୁ ଗୁଡ଼ ରନ୍ଧା ହାଣ୍ଡି ସେଠାକୁ ଯାଉଥିଲ୍ଲ । ଲେଖକ ପିଲାକାଳରେ ଦେଖିଛୁ, ଖଣ୍ଡିଏ ମାଛ-ଡୁଡ଼ି (ଯେ ଦେଶ ଜାହାଜକୁ ଡୁଡ଼ି ବୋଲାଯାଏ) ଆସିଲେ ଗୁରପାଖେ ଗୁର କୋଶ ମଧ୍ୟରେ ଯେତେ ଶୁଣାନକଲସୀ ଆଉ ବାଇଜ ହାଣ୍ଡି ପଡ଼ିଥାଏ, ପାଣ ମେହନ୍ତରମାନେ ସେ ସବୁ ବୁଣ୍ଡାଇ ଡୁଡ଼କୁ ବକନ୍ତୁ—ସେମାନେ ପଇସା ନ ଦେଇ ନଡ଼ିଆ ବଅନ୍ତୁ । ସେ ଜାହାଜରେ ନଡ଼ିଆ ପୂର୍ଣ୍ଣ ହେଇ ଆସିଥାଏ ।

(କ) ସୂତାନୁଟି ସ୍ଥାନ ଜଙ୍ଗଲମସ୍ତ ଥିଲ୍ଲ । ୧୬୨୦ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଜଙ୍ଗଲ କାଟି ହାଟ ବସାଇଲେ । ଏହି ସ୍ଥାନରେ କାଳୀ ଦେବୀଙ୍କର କୋଠା ସୁନ୍ଦର ଅଛୁ, ଏଥିପାଇଁ ଏହାର ନାମ ସୂତାନୁଟି ହାଟ ବା କାଳୀ କୋଠା । କାଳକ୍ରମରେ ଏହାର କାଳୀକୋଠା ନାମ ଅପଭ୍ରଂଶରେ କଲ୍‌କତ୍ତା ହୋଇଅଛୁ ।

(୧) ବାଡୁଟିଆ କୁଦା—ଜାହାଜର ପଶ୍ଚାଦ୍‌ଭାଗରେ ପତାକା ଉଡ଼ାବାର ସ୍ତମ୍ଭ ।
(୨) ସଫରଦସ୍ତ ରସି—ଜାହାଜର ସମ୍ମୁଖ ସଫର ଦରଆଠାରୁ ଡୋଲ ମୁଣ୍ଡକୁ ବନ୍ଧା ଦଉଡ଼ ।
(୩) ନାବଘ ଦଉଡ଼—ଜାହାଜ ଦୁଇ ପାଟରେ ଡୋଲ ମସ୍ତକ ପର୍ଯ୍ୟନ୍ତ ନଶୁଣ୍ଡି ପର ବନ୍ଧା ଉନଟା ଦଉଡ଼ ।
(୪) ଚଉଙ୍କା—ଡୋଲ ଉପରେ କର୍ମଗୁସ୍ତମାନଙ୍କ ବସିବାର କପିକଲ ଝୁଲ୍‌ବା ସ୍ଥାନ ।
(୫) ଗାମଦ—ଜାହାଜତଳ କଣା ହୋଇ ପାଣି ପଶିବା ।
(୬) ପାଗଡ଼—ଜାହାଜ ବନ୍ଧା ଦଉଡ଼ ।

ପାଗଡ଼ ପିମ୍ପିଡ ପୋଡ଼ାଡ଼ ଦେଇଛନ୍ତି, ତୁରକମାନେ ଦୁଇ ଜାହାଜକୁ ସଙ୍ଗଡ଼ ପକାଇଲେ । ଆମ ଖଲ୍ସି-ମାନେ ବ ଦୁଇ ଜାହାଜ ପେରଗ୍ଗ (୧) ଆଉ କାଛୁରେ (୨) ସଙ୍ଗଡ଼ୁଥାନ୍ତି । ଦୁଇ ଜାହାଜ ପିମ୍ପିଡ ସଙ୍ଗଡ଼ା ଯାଇଛୁ, ସେ ଜାହାଜ ଗୁପଦାର (୩) ଆଉ ଖୋଳ (୪) ଭିତରୁ ଅଦାଜ ଦୁଇ କୋଡ଼ିରୁ ବଳବେ ଖପ୍ ଖପ୍ କର ଆମ ଜାହାଜକୁ ଡେଇଁ ପଡ଼ିଲେ । ସେମାନଙ୍କ ରୂପ ଦେଖି ଆମ୍ଭେମାନେ ଡାଙ୍କା ହୋଇ ଗଲୁଣି, କାହାର ଗୋଡ଼ ହାତ ଚଳୁ ନାହିଁ, କାଠି ପରି ଛିଡ଼ା ହୋଇଥାଉଁ । ଲୋକଗୁଡ଼ାକ ପଞ୍ଚହତା ମର୍ଦ୍ଦ, ସେଇ ରକମ ମୋଟା, ଗୁଷପ ପର ବଳୁଆ, ଫିରଙ୍ଗୀ ପର ମୁହଁ ରଙ୍ଗା ରଙ୍ଗା । ସେହିପର ଏକ ରକମ ପୋଷାକ, ମୁଣ୍ଡରେ ଟୋପି, ମନ୍ଦାରଫୁଲ ପର ଆଖି ଲାଲ । ମୁହଁରୁ ମଦଗନ୍ଧ ଭକ ଭକ ବାହାରୁଛୁ । ସବୁଗୁଡ଼ାକ ମଦୁଆଲ, ଧାଡ଼ୁଆ ମାଙ୍କଡ଼ ପର ଆମ ଜାହାଜ ଉପରେ ଧାଁ ଦଉଡ଼ ଲଗାଇଥାନ୍ତି । ହାତରେ ବଙ୍କା ବଙ୍କା ଲମ୍ବା ତରବାର, ଅଣ୍ଟାପଟି ଏକ ପାଖରେ ତରବାର ଖାପ, ଆର ପାଖରେ କଡ଼ାବନ (୫) ଝୁଲୁଥାଏ । ହୁପ୍ ହୁପ୍ ଶବଦ କର ପାଟି କରୁଥାନ୍ତି । ଆମ୍ଭେମାନେ ତ କାବା ହୋଇ ଛିଡ଼ା ହୋଇଥିଲୁ, ହଲ ହଲ କର ବାନ୍ଧ ପକାଇଲେ । ଆମ ମାଝି ଖପା ହୋଇ କଣ କରବାକୁ ଯାଉଥିଲା, ଗୋଟାଏ ଗୁଷପ ତରବାରରେ ଯେ ଗୋଟେ ଦେଇଛୁ, ମୁଣ୍ଡଟା ପାଞ୍ଚହାତ ଦୂରରେ ଠିକର ପଡ଼ିଲ, ଗଣ୍ଡଟା ତଳେ ପଡ଼ ଛଟପଟ ହେଉଥାଏ । ସେଇ ଗୁଷପଟା ମାଝି ମୁଣ୍ଡଟା ଆମ୍ଭମାନଙ୍କୁ ଦେଖାଇ କଣ ବର୍ ବର୍ କର କହିଲା, ବୁଝିପାରିଲୁ ନାହିଁ । ଆଉ ଗୋଟାଏ ଗୁଷପ ହସି ହସି ମାଝି ଗୋଡ଼ ଧର ଗଣ୍ଡିଟା ଦରଆକୁ ଫୋପାଡ଼ି ଦେଲ । ତାବାଦେ ଆମ୍ଭମାନଙ୍କୁ ଘେନ ଯାଇ ତାଙ୍କ ଜାହାଜ ଗୁପଦାର ଭିତରେ ଭର୍ତ୍ତି କର ଦେଇ ଗୋଟାଏ କୋଲପ ଲଗାଇଦେଲ । ଆମ୍ଭେମାନେ ମଲ୍ଲ ପର ପଡ଼ିଥାଉଁ । ସେଜ ସକାଳେ ଅଧ ଅଧ ପେରେ ଅଦାଜ ଚୁଡ଼ା ଆଉ ଡାଳେ ଡାଳେ ପାଣି ଦେଇଯାଏ—କଏ ଖାଇଲ, କଏ ନ ଖାଇଲ । ଶଙ୍କର ବେଦ୍ଦେର ମିର୍ଦ୍ଦା (୬) ପେଟରେ ଗୋଟାଏ ଗୁଷପ ଯୋଡାମିଶା ଯୋଡ଼ାଏ ଗୋଇଠା ମାରିଥିଲା, ସେ ଧଡ଼ ପଡ଼ ଦ ଦନେ ମରିଗଲ । ଆମ୍ଭେମାନେ ତାକୁ ଦରଆକୁ ଫୋପାଡ଼ିଦେଲୁ, ସେ ହାଡ଼ଗୁଡ଼ାକୁ ଛୁଇଁବାକୁ ଦେଲୁ ନାହିଁ । ଭନଭନ ଦନ ଓପରଓଳ ବେଳ ରଡରଡ ଗୋଟାଏ ମୁଲକରେ ଜାହାଜ ଲଙ୍ଗର କଲ । ପଛନ୍ତେ ଜାଣିଲୁ, ସେଇଟା ମୁଲକ ନୁହେଁ, ଦରିଆ ଭିତରେ ଗୋଟାଏ ଟାପୁ । ତା ନାମ ଛଣଦ୍ୱୀପ । ଆମ୍ଭମାନଙ୍କୁ ସେଇଯାଇ ଗୋଟାଏ ଜେଲ୍‌ଖାନାରେ ବନ୍ଦୀ କଲେ । ଆଉର ବ ଡେର ବନ୍ଦଆଣ ସେ ଘରେ ବନ୍ଦୀ ହୋଇ ପଡ଼ିଛନ୍ତି । ମାସକ ବାଦେ ଆମ୍ଭମାନଙ୍କୁ ଘରୁ କାଢ଼ି ଅଲଗା ଅଲଗା କରିଦେଲେ । କେହି କାହାର ମୁହଁ ଦେଖିବାକୁ ନାହିଁ । ଘରୁ କାଢି ଗୋଟାଏ ତୁରକ ଆମ୍ଭମାନଙ୍କୁ ତା କଥାରେ ବୁଝାଇ ଦେଲ, ହୁକୁମ ନ ମାନ ପଳାଇବାକୁ ଚେଷ୍ଟା କଲେ ମାଡ଼ି ଦଶା ହେବ । ସେ ଦେଶରେ ଗୋଟାଏ ରଜା ଅଛି, ସେଇଟା ଭଲ ରଜା ନୁହେଁ, ଡକାଇତ ରଜା । ସେଟାର ନାମ ଗଞ୍ଜାଇନଶ (Ganjalish) । ଆଉର ବ ସେ ରଜାର କେତେ ଜଣ ସରଦାର ଅଛନ୍ତି ପଛନ୍ତେ ସେମାନଙ୍କ ନାମ ଜାଣିଲ, କପ୍ତାନ ମାଲଫିକା (Captain Malpica),ଜୁକରହୁଆ (Jucarte), ହଗ୍ରୀ ବୁସ

---

(୧) ପେରଗ୍ଗ—ଜାହାଜର ବାଡ଼ ।

(୨) କାଛୁ—ଜାହାଜ ଉପରେ ଥିବା ସରୁ ଦଉଡ଼ ।

(୩) ଗୁପଦାର – ଜାହାଜ ଭିତରେ ମନୁଷ୍ୟ ରହିବା ଘର ।

(୪) ଖୋଳ—ଜାହାଜ ଭିତରେ ମାଲ ରଖାଯିବା ଜଗା ।

(୫) କଡାବନ୍—ସାନ ସାନ ମୋଟା ବନ୍ଧୁକ ।

(୬) ମିର୍ଦ୍ଦା-ଜାହାଜର ଖଲ୍ସିମାନଙ୍କ ଉପରେ ସରଦାର ଏବଂ ଗୋଦାମ ରକ୍ଷକ ।

(Haxary Buse), ମେସ୍ତର ଦକସ୍ତ (Mister Decsta)। ଆଉର ବ ସରଦାର ଅଛନ୍ତି, ସେମାନଙ୍କ ନାମ ପାପୋର ଗଲ୍ଲସି । ଫିରଙ୍ଗୀ ପାଇକ, ଛୁରକ ପାଇକ ବ ଢେର ଅଛନ୍ତି ।

ବାବୁ ନାକଫୋଡ଼ ମଲ୍ଲେ ପଚାରିଲେ—ସେ ରଜା ଜାତିରେ କଣ ? ସେ କଣ ଫିରଙ୍ଗୀ ?

ଦତ୍ତୁ ଉତ୍ତରେ କଲା—ଆଜ୍ଞା, ସେମାନେ ଫାଟୁଆଗାଇ ଜାତି (Portuguese); ଏଇ ଫିରଙ୍ଗୀମାନଙ୍କ ପର ।

ବାବୁ ନାକଫୋଡ଼ ମଲ୍ଲେ—ସେ ରଜା କଣ ଆପେ ଡକାଏତ କରବାକୁ ଯାଏ ?

ଦତ୍ତୁ ଉତ୍ତରେ କଲା—"ଆଜ୍ଞା ନାହିଁ, ସରଦାରମାନେ ଡକାଏତ କରବାକୁ ଯାନ୍ତି, ବଡ଼ ବଡ଼ ଡକାଏତ-ବେଳେ ରଜା ଆପେ ଯାଏ । ରଜାର ଜାହାଜ ଢେର; ଡକାଏତ କର ବ ଢେର ଜାହାଜ ଆଣିଛି। ସେଇ ଅସୁର ପାଇକମାନେ ଜାହାଜ ଚଢ଼ି ଡକାଏତ କରବାକୁ ଯାନ୍ତି।" ହଁ, ଗୋଟାଏ କଥା କହିବାକୁ ଭୁଲ ଯାଇଛି । "ଦନେ ଆମ ଖୁମା ଗଲ୍ସିକୁ ଦେଖିଥିଲ – ତା ଉପରେ ଯିମିନ୍ତ ନଜର ଦଉଛି, ଧାଇଁ ଆସି ମତେ କୁଣ୍ଢେଇ ଦୋଇଲ୍ । ଦୁଇଜଣଯାକ କୁଣ୍ଢି ଆକୁଣ୍ଢେଇ ହୋଇ ଡକା ପାରୁଥାଉଁ, ଗୋଟାଏ ଫିରଙ୍ଗୀ ଧାଇଁ ଆସି ଅମ୍ଭମାନଙ୍କୁ ବେଉରେ ବାଡ଼େଇ ଅଲଗା କରଦେଲ୍, ମୁଁ ଆଉ ତାକୁ ଦେଖିନାହିଁ ।"

ବାବୁ ରଘୁନାଥ ଦେ ପଚାରିଲେ ତୁ ଆସିଲୁ କପର ?

ଦତ୍ତୁ ଉତ୍ତରେ କଲା—ଡାକା ବୋଲି ଗୋଟାଏ ମୁଲକ, ସେ ଦେଶରେ ଗୋଟାଏ ବଡ଼ ଧନବନ୍ତ ଜମିଦାର ଅଛୁ, ଗଞ୍ଜାଲଣ ସନ୍ଧାନ ପାଇ ଦଶ ଖଣ୍ଡ ଜାହାଜରେ ଗୁର ପାଞ୍ଚଶ ପାଇକ ଧର ଡକାଏତ କରବାକୁ ବାହାରିଲ୍, ମୁଁ ଜାହାଜରେ ଜଣେ ଖଲ୍ସି ଥିଲ । ଡାକାରେ ପହଞ୍ଚି ପାଇକମାନେ ଯିମିନ୍ତ ଜାହାଜରୁ ଓହ୍ଲାଇଗଲେ, ସଞ୍ଜସଞ୍ଜ ଆ ମୁହଁ ଅନ୍ଧାରଆ ହୋଇଥାଏ ମୁଁ ପଳାଇ ଆସିଲ । ଛ ମାସ କାଳ ଢେର ଢେର ଜଙ୍ଗଲ, ଢେର ଢେର ମୁଲକ ବୁଲ ବୁଲ ଲୋକଙ୍କୁ ପଚାର ପଚାର ଆସିଲ ।

ବାବୁ ଘମଘମ ପାଦେ କହିଲେ—ଆପଣମାନେ ତ ସବୁ କଥା ଶୁଣିଲେ । ଏବେ ସବୁ କଥା ପଦାରେ ପଡ଼ଗଲ୍ଣି । ଏତେଗୁଡ଼ାଏ ଜାହାଜ ଦରଆରେ କୁଆଡ଼େ ଯାଉଛୁ । କଏ କେତେ ରକମ କହୁଥିଲେ, ସବୁ ସନ୍ଦେହ ମେଣ୍ଟିଗଲ୍ । ଦରଆରେ ଏପର ବୋମ୍ବାଟିଆ ଲଗିଲେ ଆଉ କଣ ଜାହାଜାନ୍ତ କାରବାର ଚଳବ ? ଏଇ ଧରନ୍ତୁ ନା—ଦେ ବାବୁଙ୍କର ଦଶଖଣ୍ଡ ଅଛୁ ବୋଲ ସିନା ତାଙ୍କୁ ବାଧିଲ୍ ନାହିଁ, ଛୁଟକୁରିଆ ମହାଜନ ହୋଇଥିଲେ ତାର ହାଲ କଣ ହୁଅନ୍ତା ?

ବାବୁ ରଘୁନାଥ ଦେ କହିଲେ—କଣ କହୁଛନ୍ତି ଆପଣ ଦଶଖଣ୍ଡ ଜାହାଜ । କାଳକାପ୍ରସାଦ ମୋ ଅଣ୍ଟା ବସେଇ ଦେଇ ଯାଇଛୁ । ଅରଖ ନଆ ଗୋରୁଥ, ପୂରା ବୋଝେଇ, ଧରନ୍ତୁ ନା କେତେ ଟଙ୍କା ଗଲ୍ ?

ବାବୁ ଚରଣ ଦାସ କହିଲେ—ଦେ ଆପଣେ ! ଗଲ ଅଙ୍କ ମାଘ ମାସରେ ପେଉଁ ଗୋରୁଥ ଖଣ୍ଡ କାଚ୍ୟାର ହୋଇଥିଲ୍, ଏ କଣ ସେହି ଗୋରୁଥ ? ଅର୍ଜୁନ ମହାରଣା ମିସ୍ତ୍ରୀ ହାତଗଢ଼ା ଭଲ ଜାହାଜ ଖଣ୍ଡେ ଉତୁରିଥିଲ ଏକା—କଣ ବୋଝେଇ ଦେଇଥିଲେ ?

ବାବୁ ରଘୁନାଥ ଦେ—ସତ—ସତ, ଜାହାଜ ପର ଜାହାଜ ଥିଲ୍, ଗୁଲ ବ ସିମିନ୍ତକା—ମୁହାଁଣ ପାର ହୋଇଗଲେ ଦନକେ ପୂତାନୁଟି ଖେପ ମାର ଦେଉଥିଲ୍ । ହଁ—କଣ ପଚାରିଲେ ? ବୋଝେଇ ମାଲ ? ଥିଲ୍ ଛ ହଜାର ମହଣ ଗୁଡ଼ଳ, ବ ହଜାର

ମହଣ ଲୁହା, ବି ହଜାର ଟଙ୍କାର ଲୁଗା । ବଡାଗ୍ଭ ବନ୍ଦରେ ଇଂରେଜ ଗହକମାନେ ସଫା ଗୁଡ଼ଳ ଗୁହାନ୍ତି କରନ୍ତି । ତେତେବେଳେ ଗୁଡ଼ଳ ଦର ଥିଲ ମହଣକୁ ଏଗାର ଅଣା ବି ଟଇସା । ମୁଁ ବି ଟଇସା ବଢ଼େଇ ଦେଇ ବାର ଅଣାରେ ସଫା ଧଳା ମାଲ୍ତକ କଣି ଠାଇଥିଲ । ଧରନ୍ତୁ କେତେ ଟଙ୍କା ଗଲ୍ । ଘରେ ପିଲ୍ଗୁଡ଼ାକ ସେ ଜାହାଜ ଖଣ୍ଡକୁ ବଡ଼ ଭଲ ପାଉଥିଲେ । ସେହ୍ମାନଙ୍କ କଥାରେ ଜାହାଜ୍ତର କାଠ ବଦଳରେ ଇସ୍ପ୍ତର କପି କଲ ସବୁ ଦେଇଥିଲ । ସେମାନେ ଜାହାଜ ବାହାର ସବୁ ଚଟ କର ରଙ୍ଗ ବେରଙ୍ଗ ପତାକା ମଣ୍ଡେଇଥିଲେ । ମୁଁ ଖାଲ ଗୋବରା ପିଲ୍ ବୁଦ୍ଧିରେ ପଡ଼ ବଡାଗ୍ଭ ବନ୍ଦରକୁ ପଠାଇଲ, ନୋହ୍ଲେ ବୈଶାଖଟଣାକୁ ଟୋଇଥ ନ୍ତା ।

ବାବୁ ଚରଣ ଦାସ କହ୍ଲେ—ହେଲେ କଣ, ଆଜ କାଲି ବଡାଗ୍ଭ ବନ୍ଦରରେ ବି ଟଇସା ଅଛୁ ।

ବାବୁ ପରମ ଦରଜା କହ୍ଲେ · ସେ ସବୁ କଥା ଥାଉ, ଏବେ ତ ସବୁ କଥା ହାଟରେ ପଡ଼ ଦାଣ୍ଡରେ ଚଢ଼ଲ୍ଣି—ମୋ ଜାଣିବାରେ ଗୋଟାଏ ଭଲ ରକମ କଟକଣା ନ କର ଜାହାଜ ଦରଆକୁ କାଢ଼ିବା ଠିକ୍ ହେଉ ନାହିଁ ।

ବାବୁ ଗମ୍ଭୀର ପାହେ କହ୍ଲେ—ଜାହ'ଜ ଦରଆକୁ ନ କାଢ଼ି ଗୁଦରେ* ବାନ୍ଧ ରଖିବୁଁ ? ଗ୍ଭେର ହେଉ, ଡକାଏତ ହେଉ, ଜାହାଜ ଦରଆକୁ ଠାଇ-ବାକୁ ହେବ । ମୁଁ କହୁଛୁ, ଉତ୍ତର ପୂବ ଦାଣ୍ଡି ଗୁଡ଼ି ଦେଇ ଖାଲି ଦକ୍ଷିଣ ଖେପ ମାରିବା । ଏ ଦଗକୁ ସେ ବୋମ୍ବାଟିଆଗୁଡ଼ାକ ଂ ଆସି ନାହାନ୍ତି ।

ବାବୁ ଚରଣଦାସ କହ୍ଲେ—ଉଁ—ହୁଁ, ସେ କଥା ନୁହେ । ଦକ୍ଷିଣ ଦାଣ୍ଡିରେ ଆଜ ନାହାନ୍ତି, କାଲ ଆସିବାକୁ କେତେ ୮୦ ? ସେଗୁଡ଼ାକଙ୍କର ତ ଆଉ କଛୁ ଥାଇଟି ନାହିଁ, ଦରଆଯାକ ବୁଲ ଡକାଏତ କରୁଛନ୍ତି, ଉତ୍ତରେ ନ ପାଇଲେ ଦକ୍ଷିଣକୁ ଧାଡ଼ ଦେବେ ।

ବାବୁ ନବଘନ ଶ୍ୟାମସୁନ୍ଦର ଗୁତ୍ତେ କହ୍ଲେ—ଆପଣମାନେ ତଣ୍ଡେଲ ମୁହଁରୁ ତ ଶୁଣିଲେ, ଗ୍ଭେରଗୁଡ଼ାକ ଫିରଙ୍ଗୀ ଜାତ—ତେବେ ଆସ, ଫିରଙ୍ଗୀମାନଙ୍କ ସାଙ୍ଗରେ କାରବାର ବନ୍ଦ କରବା । ଗ୍ଭେରଗୁଡ଼ାକ ତ ଏମାନଙ୍କ ଜାତ ଘଇ, କାରବାର ବନ୍ଦ ହେଲେ ଦେଶରୁ ଦରଆରୁ ସବୁଆଡ଼ୁ ଗୁଡ଼ ପଳାଇବେ ।

Chhaya@kanta

ବାବୁ ଚରଣଦାସ କହ୍ଲେ—ନାହିଁ, ନାହିଁ । ଏ କଥାଟା ବି ମନକୁ ପାଇଲ ନାହିଁ । ତଣ୍ଡେଲ କଡୁ ଶୁଣିଲେ ନାହିଁ, ସେ ଯେ ଗଞ୍ଜେଇଜଣା, ଛଣଦ୍ୱୀପରେ ଗ୍ଭେର ମାଡ଼ ବସିଲ୍ଣି, ସେ କ ଆଉ ଉଠୁଛୁ ? ଛଣଦ୍ୱୀପଟା ଦରଆ ମଝ୍ୟାମଝି ଘାଟି ଜାଗା, ଦରଆ-ଯାକରେ ଭାର ଅଧିକାର । ଆଉ ଗୋଟାଏ କଥା, ଫିରଙ୍ଗିମାନଙ୍କୁ ତ ଛଡ଼ ଦେବେ, କାରବାର କରବେ କାହା ସାଙ୍ଗରେ ? ସେମାନେ ଜାତରେ ମ୍ଲେଚ୍ଛ ସିନା—ନଦ ମାଉଁସ ଖାନ୍ତି, ଯେତେ ହେଲେ ସେମାନେ ହେଲେ ଲକ୍ଷ୍ମୀପୁତ୍ର । ମୋଟା କାରବାର, ରଗଡ଼ ଟ୍ରଗଡ଼ ନାହିଁ; କଥା ପଦ ପଦକେ ସତ୍ତା । ଆଉଟର ବି ଗୋଟାଏ କଥା, ଦେଶରୁ ତଡ଼ ଦେଲେ ସମସ୍ତେ ମିଳ ଦରଆରେ ଡକାଏତ କରବେ । ତେତେବେଳେ ଉପାୟ ?

---

*ଗୁଦ୍ଦ—ଜାହ'ଜରଖା ସ୍ଥାନ, ଇଂରେଜୀରେ କହନ୍ତି—ଡକ୍ ।

ଂ ବୋମ୍ବାଟିଆ—ଜଳଦସ୍ୟୁ ।

ବାବୁ ଘମଘମ ପାଟେ କହିଲେ—ଭୁଚ୍ଚା କଥାରେ ଏତେ ବକ୍ ବକ୍ କଁୟା ? ଶୁଣିଲେ ନାହିଁ, ଡକାଏତ-ମାନେ ଫିରଙ୍ଗୀ ନୁହନ୍ତି, ଫାଟୁଆଗାଈ ଜାତ୍ତ ।

ବାବୁ ପରମ ପରଜ୍ଞା ଟିକଏ ଖପା ହେଲ୍ ପର କହିଲେ—ଆପଣମାନେ ଭଉର କଥା ସବୁ ନ ଜାଣି କଁୟା କଥା କହନ୍ତି ? ଆମ୍ଭଙ୍କୁ ଅଦଲ କଥା ଜଣା । ଫିରଙ୍ଗୀ ଖଲ୍ଲସୀମ ନଙ୍କ ମୁହଁରୁ ଡେର ଥର ଶୁଣିଛୁ — ଏଇ ଯେ ଦଃଆ ଦେଖଛ, ଠିକ ପୂବଦଗରେ ଆର କୂଳକୁ ଲଗି ଗୋଟାଏ ଟାପୁ ଅଛୁ, ସେଇଟାର ନାମ ବଲ୍ଲଇତ । ସେଇଟା ଡେର ବାଟ । ବାଲେଶ୍ୱର ନଈ ମୁହାଣ କତ୍ତରୁ ଠିକ୍ ପୂବମୁହାଁ ଜାହାଜ ଛୁଡ଼ଦେଲେ ଦେଢ଼ ବରତ୍ତରେ ସେ ଦେଶରେ ଜାହାଜ ପହୁଞ୍ଚିବ । ଆମ ଦେଶରେ ପିମିତ୍ତକା ଛତ୍ତଶ ପାଟକ ଅଛନ୍ତି, ସେ ଦେଶରେ ବ ସେହିପରି ଓଲନ୍ଦାଜ, ଡାଙ୍ଗମାର, ଇଂରେଜ, ଫରସି ନାନା ଅଲଗା ଅଲଗା ଜାତ୍ତ ଅଛନ୍ତି । ଦେଖି ନାହାନ୍ତି, ଏଇ ବନ୍ଦରରେ ସେମାନଙ୍କ ଘର ଅଲଗା ଅଲଗା । ଫାଟୁଆଗାଈମାନେ ବ ଫିରଙ୍ଗୀ ସତ, ହତ୍ତ ଚତ୍ତାଳ ମୁହଁରୁ ଶୁଣିଲେ ନାହିଁ, ସେହି ଫାଟୁଆ-ଗାଈମାନେ ରବିବାର ଦିନ କିଛୁ କାମ ପାଇଟି କରନ୍ତି ନାହିଁ, ଗୀର୍ଜାକୁ ଯାଇ ଠାକୁର ପୂଜା କରନ୍ତି । ସେମାନଙ୍କ ପୁରୋହିତମାନେ ବ ଗାଲ୍ ଗାଆଣିଆଙ୍କ ପରି କଳା କନା ଦାଗଘ ପିନ୍ଧନ୍ତି, ଦିନଟାରେ ମଡ଼ମବତ୍ତ ଜାଳନ୍ତି, ଆଣ୍ଠେଇ ପଡ଼ି ପାଣି ଛୁଞ୍ଚନ୍ତି ।

ବାବୁ ଘମଘମ ପାଟେ କହିଲେ, "ସତ ପଘ ହୋ ! ଅଲଗା ଜାତ୍ତ ନୁହନ୍ତି । ସେଦିନ ଘତ୍ତରେ ଫରସି ସେଁନ୍ଥିମି ଭୋ ସାହେବ ଡଙ୍ଗମାର ବଡ଼ ସାହେବ ଘରେ ବସି ଖାଉଥିଲ, ମୁଁ ଦେଖିଛୁ । ଜଣ୍ଟପ୍ଟ ଏକା ଜାତ୍ତ । ଟୋପିମୁଣ୍ଡିଆ ଗୋଟାଏ ଜାତ୍ତ ।"

ବାବୁ ରଘୁନାଥ ଦେ କହିଲେ, "ନାହିଁ ହୋ, ସେମାନେ ଅଲଗା ଅଲଗା ଜାତ୍ତ । ଦେଖୁନାହିଁ, ଗୋଦାମ ଘର—ଗନ୍ଧ—ଜାହାଜ—କାରବାର ସବୁ ଅଲଗା । ଆଉ ଖାଇବା କଥାଟା ଯାହା କହିଲେ, ବଦେଶରେ କଏ କାହାକୁ ଦେଖୁଛୁ ? ଆଉ ଯାହା କହ, ଇଂରେଜ ଫିରଙ୍ଗୀ ହେଲେ କଣ ହେଲ୍, ସେମାନେ ଏମାନଙ୍କ ମଧ୍ୟରେ ଶ୍ରେଷ୍ଠ ଜାତ୍ତ; ବ୍ରାହ୍ମଣ ହେବେ ପଘ । ଦେଖି ନାହାନ୍ତି, ସମସ୍ତେ ବନ୍ଦରରେ ବଡ଼ ବଡ଼ କୋଠି ବନେଇ ରହିଛନ୍ତି । ଇଂରେଜ ଏମାନଙ୍କ ଭଉରକୁ ଆସିଲେ ନାହିଁ । ବଲଘମଗଡ଼ (୧) ମୁହାଣ କତ୍ତରେ ଛଟା ଦୋକାନ ପକାଇଛନ୍ତି । ଆଉ ଏମାନଙ୍କ ଦେହ ରଙ୍ଗ, ସେମାନଙ୍କ ଦେହ ଶେତଆ ।"

ବାବୁ ଚରଣଦାସେ ପଘୁରିଲେ, "ହୋଇ ହେ ଦେ ସାନ୍ତେ । ଇଂରେଜ ଫିରଙ୍ଗୀର ଦୁଇଖଣ୍ଡ ବଡ଼ ବଡ଼ ଜାହାଜ ଗବଗାଁ ଗଦରେ ବରତ୍ତେ ହେଲ୍ ବନ୍ଧା ହୋଇ ପଡ଼ିଛୁ, ବଲ୍ଲଇତ ଯାଉ ନାହିଁ କଁୟା ? ସେ ଜାହାଜ ଦୁଇଖଣ୍ଡର ନାମ କଣ୍ଟି ? ହଁ—ହଁ, ଖଣ୍ଡକର ନାମ ଡାହାଣୀ ମୁଣ୍ଡ (୨) ଆଉ ଖଣ୍ଡକର ନାମ ନାଲୀ (୩)।"

ବାବୁ ରଘୁନାଥ ଦେ—ହୋ—ହୋ ! ସେ କଥା ଶୁଣି ନାହାନ୍ତି ଦାସେ ? ବଲ୍ଲଇରେ ଫିରଙ୍ଗୀଗୁଡ଼ାକ ଆପଣା ଭଉରେ ବାଡ଼ିଆବାଡ଼େଇ ଲଗିଛନ୍ତି । ସବୁ ଫିରଙ୍ଗୀ ଏକଯଟ, ଆଉ ଇଂରେଜ ଫିରଙ୍ଗୀ ବାଡ଼େ । ଦରିଆରେ ଇଂରେଜ ଜାହାଜ ଦେଖିଲେ ବାଡ଼େଇ ନେବେ ।

ଆଉ କେତେକାଳ ଜାହାଜଖଣ୍ଡ ବନ୍ଦରରେ ପଡ଼ ରହିବ ?

---

(୧) ନଦୀ ହମୁଦ୍ର ସଙ୍ଗମ ସ୍ଥାନରେ ଗୋଟାଏ ଜାଗାର ନାମ । (୨) Diamond. (୩) Lily.

ବାବୁ ରଘୁନାଥ ଦେ—ଆଉ ଜାହାଜ ଯାଉଥିଲା, ଡାଢାଣୀମୁଣ୍ଡ ଏଇଠି ଗଡ଼ଲା ବୋଲ ଜାଣ । ମଣିଷ ଜାହାଣ୍ଡ ଯେ, ଜାହାଜ ବାହ୍ନ ନେବେ ? କଥା କଣ କ, ସବୁ ଦେଟର ଗ୍ଲାସ୍‌ଗୁଡାକ ଗ୍ଲେଟ ଜାଡ, ଘର ମଦୁଆ । ଜାହାଜ ଚ ବନ୍ଧା ହୋଇ ପଡ଼ଲା, ହାତରେ କାମ ପାଇଟି ନାହିଁ, ଲଗେଇଲେ ମଦପିଆ । କଳା ମଟର, ବାଖର, ଘୁଜଳ ଦେଇ ଏକ ରକମ ମଦ ତିଆର କଲେ, ଦନ ରାତ୍ତ ଛାକୁ ବସି ପିଇଲେ । କଳାମଟର ଆଉ ବାଖର ହେଲ୍ଲ ଜଆଁ ପର ଗରମ । ସେଗୁଡାକ ହେଲେ ଶୀତଳ ଦେଶଲୋକ, ସହ୍ଯବ କଁ୍ୟା ? ଲମ୍ବ ଲମ୍ବ ଧଣ୍ଡ ପର ଶୋଇ ଗଲେ । ଜାହାଜ ଚଳାଉଛୁ କଏ ?

•

ପରମ ପରଜା—ସେଗୁଡାଙ୍କ ଉପରେ ଇଂରେଜ ଫିରଙ୍ଗୀ ବ ଉପର ମର ରହିଛୁ, ଆମ୍ଭମାନଙ୍କୁ କଣ ରଖିବେ ? ଆସନ୍ତୁ ଆଜ କତ୍ତରୁ ଖାଲ ଇଂରେଜମାନଙ୍କ ସାଙ୍ଗରେ ବଳରାମଗଡ଼ ଆଉ ସୂତାନୁଟି ହାଟରେ କାରବାର କରିବା । ସେ ଗୁଡାକ ସାଙ୍ଗରେ ଆଜ କତ୍ତରୁ କାରବାର ବନ୍ଦ ।

ବାବୁ ରଦ୍ଦନାଥ ଦେ—ଏଇ ଯେ ସୂତାନୁଟି ହାଟ କଥା କହିଲେ, ତାର ହାଲ ଜାଣନ୍ତ ? ସେ ଜାଗା ଅଡ଼ତଦାର କତ୍ତରୁ ସବୁ ହାଲ ବୁଝିଛୁଁ । ଇଂରେଜ ଫିରଙ୍ଗୀ ଭିତରେ ଗୋଟାଏ ସାହେବ ଅଛୁ, ସେ ଲୋକଟି ବଡ଼ ଧାର୍ମିକ । ମଦ ମାଉଁସ କଣ୍ଟୁ ଖାଏ ନାହିଁ, ରୋଜ ରୋଜ ଗଙ୍ଗାସ୍ନାନ କରେ, କାଳୀଘାଟରେ ପୂଜା ଦିଏ, ଖାଲି ଯଅ ଛତୁ ଆଉ ଚଣା ଖାଏ । ଦେଶ ଭିତରେ ତା ନାମଡାକ ଘର, ତାକୁ ଯବରଣାଖିଆ ସାହେବ ବୋଲ ଡାକନ୍ତ । ଏଇ ଯେ ସୂତାନୁଟି ହାଟ ଦେଖୁଛ, ଆଗେ ସେଇଠା ଘର ଜଙ୍ଗଲ ଥିଲା । ସେଇ ଯବରଣାଖିଆ ସାହେବ ବଣ କାଟି ହାଟ ବସେଇଛୁ । ତାହାର କାରବାର ବଡ଼ ଠିକ—ଗ୍ରେକଠୋକ । ଦେଶ ଲୋକେ ତାକୁ ଠାକୁର ପର ମାନନ୍ତ । ଦେଶ ଭିତରୁ ଖୁବ ଦୁରଦୂରନ୍ତରୁ ମହାଜନ ଜମିଦାରମାନେ ଆସି ସୂତାନୁଟିରେ ଘର ବନେଇଲେଣି, ଉଞ୍ଚା ଉଞ୍ଚା କୋଠାଘର ଉଠି ହୋଇ ଗଲଣି । ମାଡ୍ରେବର ଚେଲଙ୍ଗା ପାଇକମାନେ ହାଟରେ ପହରା, ଗୋର ଚପ୍ପର ନାମ ନାହିଁ । ଆଉ ସେ ସାହେବ କଣ କରିଛୁ କ, ହାଟର ଉତ୍ତର ପଟରେ ଘର ଗୋଟାଏ ନାଳ ଖୋଳିଛୁ । ମରହଟ୍ଟା ପଶି ପାରିବ ନାହିଁ, ଆଉ ଡର କାହାକୁ ? ହାଟରେ ମାଲ ପଦାରେ ପଡ଼ିଥାଉ, କେହି ଅନାଇ ଦେବାକୁ ନାହିଁ ।

ବାବୁ ଜଗଦ୍‌ବନ୍ଧୁ ମଲ୍ଲ କହିଲେ, "ତେବେ ଏତ କଥାରେ ଲାଭ କଣ ? ଆସ ଆଜଠାରୁ ଆଉ ଫିରଙ୍ଗୀମାନଙ୍କ ସାଙ୍ଗରେ କାରବାର କରିବା ନାହିଁ—ଖାଲ ଇଂରେଜ ବଣିଆଙ୍କ ସାଙ୍ଗରେ ଲେଣ୍ ଦେଣ୍ । ସବୁ ଜାହାଜ ସୂତାନୁଟି ହାଟକୁ ପଠାଇବା ।"

ମଲ୍ଲ ବାବୁଙ୍କ କଥା ସମସ୍ତଙ୍କ ମନକୁ ଦେଖିଲା । ସମସ୍ତଙ୍କର ଏକରାଏ । ହରିବୋଲ ଦେଇ ସଭା ଭାଙ୍ଗି ସମସ୍ତେ ଆପଣା ଆପଣା ଘରକୁ ଗଲେ ।

ବଗଲା ବଗୁଲୀ

ବନ୍ଦଆ ପାଖ ଭୂଷଣ୍ଡପୁର ଗାଁର ଚୌକିଆ । ଏଡ଼େ ବଡ଼ ଗାଁଟା, କଣ୍ଡ୍ରା ବୋଇଲେ ବନ୍ଦଆ ଏକୁଟିଆ । ଅଛୁବ ଲୋକଟା, ସେ କଣ ଭଲଲୋକଙ୍କ ଘର ଲଗାଲଗିରେ ଘର କରିବ ? ଗାଁମୁଣ୍ଡ ବମାଣ ଜମି ଗୁଡ଼ ପଦା ଉତ୍ତରେ ଗୋଟିଏ ଚଲଘର । ଜାତିରେ ଉ କଣ୍ଡ୍ରା—ଚୌକିଆ ବାଘୁଡ଼ା ବୋଲ ପୁଞ୍ଜି ନୁହେ । ହେଲେ, ଗାଁ ଲୋକେ ତାକୁ ମାନନ୍ତ । ସେ ଆଉ ଗାଁ ଚୌକିଆ ପର

ନୁହେଁ । ଚଟାଏ ଡଙ୍ଗା ମୂଳାଡଁଶ ଟେଙ୍ଗାଟାଏ କାନ୍ଧରେ ପକାଇ "ଏ ଗ୍ରାମ ଚଇଡ଼େ—ଜାଗତ୍ତା, ଏ ନାଇକ ଘର—ଡୁସିଆର", ଏହିପରି ଡାକ ଡାକ ଦୁଆର ଦୁଆର ଘୁଞ୍ଚୁଥାଏ ବୁଲୁଥିବ । ବନ୍ଦଆ ପାଣ ଚୌକିଦାରୀ କଲା ବନରୁ ଗାଁରେ କାହାର ଘର ପାଲିରୁ ପୋଇଡଙ୍କଟାଏ ବି ଗ୍ଲେର ପାଇ ନାହିଁ । କଥା କଣ କ, ମଫସଲ ଗାଁରେ ଗ୍ଲେରମାନେ ଚୌକିଆ ଓର ନ ଧରିଲେ ଗାଁ ଭିତରେ ପଶି ପାରନ୍ତି ନାହିଁ । ଫେର ତା ବାଦ ବନ୍ଦଆ ଗୋଟାଏ ପଞ୍ଚହତ୍ତା ମରଦ । ଟେଙ୍ଗାଟାଏ ଧରିଥିଲେ ଦଶ ଜଣ ଭେଣ୍ଡିଆ ପାଖ ପଶି ପାରିବେ ନାହିଁ । ଏଥିଲଗି ଗ୍ଲେରଯାକ ଭରସି ଭୂଷଣ୍ଡ-ପୁର ଗାଁମୁହାଁ ହୋଇ ପାରନ୍ତି ନାହିଁ ।

ବନ୍ଦଆର ବର୍ତ୍ତମାନ ମାଣେ ବଗବାର ଜାଗିର । ତା ବାଦ ଫସଲ ଅମଳ ବେଳେ ଗାଁର ସାନ ବଡ଼ ସମସ୍ତେ ବଲ ମୁଣ୍ଡରେ ତାକୁ ଗୋଟାଏ ଗୋଟାଏ କଲେଇ ବଅନ୍ତି । ପାନ୍ଥପୁଅ ସବୁବେଳେ ମନ ଆନନ୍ଦରେ ଥାଏ, ସବୁବେଳେ ଭରେକୃଷ୍ଣ ହରେକୃଷ୍ଣ ଭଜୁଥାଏ । ଥଲ ନ ଥଲକୁ ତାର ଶୋଚନା ନାହିଁ । ଘରେ ଅଛୁ, ଖାଇଲ—ନାହିଁ, ଉପାସ ରହିଲ । ଜୀବନଟାଯାକ କାହାରକୁ କଛୁ ମାଗିନାହିଁ, କାହାର ଦୁଆରେ ଆଦୁର୍ଯ୍ୟ ହୋଇ ନାହିଁ । କଛୁ ଦୁଃଖରେ ପଡ଼ିଲେ ହାତ ଯୋଡ଼ ଉପରକୁ ଅନାଇ ଜଣାଏ, 'ହର ତୋ ମରଜ !'

ବୁଢ଼ୀଟି ମଲା ବନରୁ ବନ୍ଦଆ ପାଣ ସଞ୍ଜ ସଞ୍ଜ ଗୁରୁଟା ଖାଇ ଦେଇ ପୁଅଟିକୁ ଧରି ଘରୁ ବାହାରଯାଏ । ଭଗବତ ଘର ଆଗ ପିଣ୍ଡାଉଳେ ଖଣ୍ଡେ ଛିଣ୍ଡା ତାଟ ପାରି ଦେଇ ପୁଅଟିକୁ ଶୋଇଦଏ । ଭଗବତ ଘରେ ପୁରାଣ ଗାନ୍ଧ ବଜେ । ଗାଁର ପୁରୋହିତ ବସ୍ତୁ ପଣ୍ଡାଏ ପୁରାଣପଣ୍ଡା । ତାଙ୍କର ସେଥିକ କଛୁ ବର୍ତ୍ତନ ନାହିଁ । ପୁରାଣ ବଡ଼ା ବନ ଗାଁର ସାନ ବଡ଼ ସମସ୍ତଙ୍କୁ ସଙ୍ଗୁଳା ହୁଏ । ପୁରାଣ ଶୁଣ ନ ଶୁଣ, ଆଣ୍ଠେ ମଗଦୁର ଭରି କଛୁ କଛୁ ଦେବାକୁ ପଡ଼ିବ । ଦେଇ ନାହିଁ ତ, କେହି ବମାଣ ଧାନ କାନରେ ବାନ୍ଧି ଆଣି ଢାଳି ଦେଇ ଚାଲ୍ଲା । ସବୁବନେ ପୁରାଣ ହୁଏ । ଖାଲି ଜଆଁସ, ପୁନେଇ, ଫଟାନ୍ତ, ଗୁରୁବାର ବନ୍ଦ । ପଣ୍ଡାଏ ଉଖୁଡ଼ା ପୁଞ୍ଜାଏ ନୋହିଲେ ଗୁଡ଼ ଟୋପାଏ ଭୋଗ ଦେଇ ହାତ ତାଳ ମାର ଚାଲିଯାନ୍ତି । ସେ ସବୁବନରେ ଗାଁର ମୁରିଆ ମୁଖିଆ ଲୋକେ ଅଧଘଣ୍ଟାଏ ବସି ଗାଁର ଭଲ ମନ୍ଦ, ହାର ଗୁହାର କଥା ବୁଝାବୁଝି କରନ୍ତି ।

ଗାଁର ବୁଢ଼ା ଭଲଆ ଲୋକେ ଭୋଜ ଭୋଜ ପୁରାଣ ଶୁଣିବାକୁ ଆସନ୍ତି । ଦେହ ବାଧିକା ଅବା ହାତରେ କଛୁ ଗାଇଟି ଥିଲେ, ବନେ ଅଧେ ଆସି ପାରନ୍ତି ନାହିଁ । ମାତ୍ର ଭେଣ୍ଡିଆଟି ବନରୁ ଆଜଯାଏ ଗୁଣଶ ପଚାଶ ବର୍ଷ ମଧ୍ୟରେ ବନ୍ଦଆ ପାଣ ହାଜର ହେବାର ବନେ ବି ଛୁଟଣା ନାହିଁ, ବାଧିକ ପଡ଼ିଲେ କୁଦୁେଇ କୁଦୁେଇ ବେଳେ ଆସିବ । ପୁରାଣ ଆରମ୍ଭ 'ଶ୍ରୀ ଶୁକ ଉବାଚ' କତ୍ତରୁ ଶେଷ 'ଶ୍ରୀମତ୍ସ୍ୟାପି' ଯାଏ ହାତ ଯୋଡ଼ ବସି ମନ ଦେଇ ଶୁଣୁଥାଏ । ପୁରାଣ ପାଠ ବେଳେ କୌଣସି ସ୍ଥାନରେ ଅର୍ଥର କଛୁ ଅଖଞ୍ଜା ହେଲେ ସମସ୍ତେ ଅନାଇ କହନ୍ତି,"ପାନ୍ଥପୁଅ, ଏ ଜାଗାରେ ପାଠ କଣ ହେଲ ?" ପାଣ ହାତ ଯୋଡ଼ 'ଆଜ୍ଞା ପାନ୍ଥମାନେ' କହି ଗୀତର ଏମନ୍ତ ସୁନ୍ଦର ଅର୍ଥ କରିଦଏ ଯେ, ସମସ୍ତଙ୍କ ମନ ଖୁସି । ପାଣକୁ ଭଗବତର ଭେର ଜାଗା ପେଇଟେ । ଅଧାକୁ ଅଧା ପାଠ ମୁହଁ ମୁହଁ କହିଯିବ । କଥା କହିବା ବେଳେ ଭଗବତରୁ ଭେର ଭେର ପଦ ଦାଇକା ଦେଇ କହେ । ପାନ୍ଥମାନେ ତାକୁ ପ୍ରଶଂସା କଲେ, ଦୁଇ ହାତରେ ଧୀରେ ଧୀରେ ଗାଲରେ ଗୁପୁଡ଼ା ମାରିହୋଇ କହେ, "ଆଜ୍ଞା ପାନ୍ଥେ, ମୁଁ କଣ୍ଡରା ବାପୁଡ଼ା କଣ ଜାଣେ, ପାନ୍ଥମାନଙ୍କ ଚରଣରେଣୁ ସେବା କର ଯା ବପଦ ଶିଖିଛୁ ।"

ବଦଆ ପାଣ୍ଡର ପୁଅ ପମ୍ମାର ବଜ୍ଞ ଲଗି ଡେର ଡେର ଜାଗାରୁ କନ୍ୟାର ବାଢନ ଆସିଲଣି । ଏଡ଼େ ବଡ଼ ଗାଁର ଚୌକଆ, ତା ପୁଅ ଲଗି କଣ କନ୍ୟାର ଅଭାବ ? ପମ୍ମା ପିଲାଟା ଯିମିଡ଼ି ଦେଖିବାକୁ ଡଉଲ ଡାଉଲ, ଗୁଣ ବ ସିମିଡ଼ି, କାମ ପାଇଟିକୁ ଘଡ଼ୁ । ବାପାକୁ ଖୁବ୍ ମାନେ, ବାପ କଥା ଉଲେ ପଡ଼ିବ ନାହିଁ । ବାପ ବାଧ୍‌କା ପଡ଼ଲେ ଦିନ ରାତି ପାଖରେ ଜଗି ବସି ସେବାରେ ଲଗିଥିବ । ମନ୍ଦାମପୁର ଚୌକଆ ଦଣ୍ଡିଆ ପାଣ୍ଡ ଝିଅ ଚେର୍ମକୁ ଦେଖି ବୁଢ଼ାର ମନ ମାନଗଲ୍ । ତାହାର ପାଟିରେ ପମ୍ମାକୁ ବାହା କରଡେବା କଥା ଠିକ କଲ୍ । ଯିମିଡ଼ି ହେଉ ଏଇ ବର୍ଷ ବଜ୍ଞ କଲେ ବନେ । ଉଚ୍ଚୁଣି ପୁଅର ସତର ବର୍ଷ ଗଲଣି, ଆଏଦାକୁ ଯୋଡ଼ା ବପୁସ ପଶିବ, ବଜ୍ଞ ହେବ ନାହିଁ । ବଜ୍ଞ କରୁଇବ—ହଁ—ବୋଇଲ, ରଙ୍କ ଭରଣା । ଯେତେ ଟାଣିଟୁଣି ଖରଚ କର, ଭରଣ ଟଙ୍କାରୁ ଉଣା ନୁହେ । ଜାତ ଘାଇମାନେ କଣ ଛୁଡ଼ବେ ? ଏଡ଼େ ବଡ଼ ଗୃକରଟାରେ ଅଛୁ, ନାମ ଡାକ, ନାହିଁ ବୋଲଲେ କଏ ଶୁଣେ ? ଅତ ନକୁଛ ଦବେଳ ତ ଜାତ ଗୋସେଇଁମାନଙ୍କୁ ମୁଖଧଉତ କରୁଇବ । ହାତରେ ନାହିଁ ପଇସା ଏ, ଯାହା କରବେ, ଯାହା ଦେବେ ଦର । ଡେର ବେଳଯାଏ ହାତ ଯୋଡ଼ ପ୍ରଭୁଙ୍କୁ ଡାକଲ, "ପ୍ରଭୁ ! ତୁମ ଇଚ୍ଛା ହେଲେ ପୁଅଟି ଦହାତକୁ ଗୃଚିହାତ ହେବ ।"

ଦନେ ରାତିରେ ପୁରଣପାଠ ସରଲ୍ ବାଦ ଗାଁର ମୁଖଣ୍ଡ ମୁଖଣ୍ଡ ସାନ୍ତମାନେ ବସିଥାନ୍ତି, ବଦଆ ପାଣ୍ଡ ହାତ ଯୋଡ଼ ଜଣାଇଲ, "ଆଜ୍ଞା, ସାନ୍ତମାନଙ୍କ ହୁକୁମ ହେଲେ ପଦେ ଗୁହାରି ଜଣାଇବ । ଆଜ୍ଞା, ଆପଣମାନଙ୍କ ଚରଣଧୂଳି ଲଗି ପୁଅଟି ପାଗଚଲ୍ଲଣି । କନ୍ୟାଟିଏ ଠିକ୍ କରିଛୁ, ଆଜ୍ଞା ହେଲେ ହାତଛଡା କରେଇ ଦେବ ।"

ସବୁ ସାନ୍ତ ବସି ମୁହଁ ଗୁହାଁଗୁହାଁ ଦେଖୁଛନ୍ତି, କାହାର ପାଟି ଫିଟୁନାହିଁ । ଜମିଦାର ବଳରାମ ନାପୁକେ ଗୋଟାଏ କାମ ବାହାନା କରି ବଦଆ ପାଣ୍ଡକୁ ଆଡ଼ଆଡ଼େ ପଠାଇ ଦେଲେ । ତହିଁ ବାଦ୍ ସମସ୍ତଙ୍କ ମୁହଁକୁ ଗୁହାଁ କହିଲେ, "ଦେଖନ୍ତୁ, ଗ୍ରାମର ସମସ୍ତ ମୁରବ୍ବି ଲୋକେ ତ ଅଛନ୍ତି । ବଦଆ ଉଣା ପୂରା ପଚାଶ ବର୍ଷ ହେଲ ଗାଁଟାକୁ ଆଗୁଳୁଛୁ । ତା ବାହା-ଦୌଲତରେ ଗୋଟେ ଚପାଟି କଛୁ ଶୁଣାନାହିଁ । କେବେ ସେ କଛୁ ମାଗିନାହିଁ । ମାଗିବା ଲୋକ ନୁହେଁ । ଲୋକଟି ଯିମିଡ଼ି ସତ୍ୟବାଦୀ, ସିମିଡ଼ି ଧାର୍ମିକ । ତା ହାତରେ ପଇସାଏ ଥିବ ନାହିଁ ଜଣା । ଆସନ୍ତୁ ଆମେମାନେ ତା ପୁଅକୁ ବାହା କରେଇ ଦେବା ।"

ସମସ୍ତେ ଏକାବେଳକେ କହି ପକାଇଲେ, "ଆଜ୍ଞା ! ଆଜ୍ଞା ! ସାନ୍ତ ଯାହା ଆଜ୍ଞା କଲେ ଠିକ କଥା । ଆମେମାନେ ମନ ନ ଦେଲେ ସେ କମିଡ଼ି ଚଳବ ?"

ଜମିଦାରଙ୍କ ଆଜ୍ଞାରେ ଅବଧାନେ ରଙ୍ଗାଧର ମହାନ୍ତିଏ ଧାଇଁ ଯାଇ ଲେଖନ ପତ୍ର ଘେନଆସିଲେ । ବଜ୍ଞଘରକୁ ଯାହା ଲେଡ଼ା—ବସ୍ତ୍ର, ଗୃଡ଼ଲ, ତେଲ, ଲୁଣ, ସୋରଷ, ଖଲପତ୍ର ଖଣ୍ଡକ ସୁଦ୍ଧା ତାଲିକା ହେଲ । ପୁରୋହିତ କଣ୍ଡର୍ପ ବୈଷ୍ଣବ, ତାପାଇଁ ମୁଣ୍ଡିଏ ଲୁଗା, ଗୃରଅଣା ଦକ୍ଷିଣା ସବୁ ତାଲିକାରେ ବସିଲ । ମଣିଷ ଚଲ୍ଲି ସବୁ ଗାଁଯାକ ଭେଦା ହୋଇଗଲ୍ ।

ଆଜ ଅଭଡ଼ା ମଙ୍ଗନ । ବଜ୍ଞ ଆଉ ଦୁଇଦନ ଅଛୁ । ସକାଳ ଦନ ପହରକ ସମୟରେ ଜମିଦାରଙ୍କ ଦୁଆରୁ ଘର ଯାଇ ପତ୍ର ଦୁଆରେ ଜମା ହେଲ୍ । ଜମିଦାର ଗାଁର ସମସ୍ତଙ୍କ ଘରୁ ରୁଣ୍ଡେଇ ଘରେ ଠୁଳକର ରଖିଥିଲେ । ତାହାର ତ ମାଡ-ଚାଞ୍ଚ ଗୋଟିଏ ପଲ୍ଲଘର, ପଦାର୍ଥ ସବୁ ରଖୁଛୁ କାହିଁ ? ଦୂରଦୂରନ୍ତରରୁ କୁଣିଆ କୁଟୁମ୍ବ ଆସି ରହିବାଲଗି ବାପପୁଅ ଲଗି ଖଜୁରୀ

ପିଞ୍ଚାରେ କେତେ ବଖରା ଗୁମୁଣ୍ଡିଆ କରି ପକାଇଥିଲେ, ସେଥିରୁ ଗୋଟାଏ ଘରେ ସବୁ ଜନସ ରଖି ଦେଲେ । କାଲି ବସ୍ତ୍ର । ମଙ୍ଗନଗ୍ତରେ ସବୁ କୁଣିଆ ପହଞ୍ଚିଗଲେ । ଖଦା ଲଗିଗଲ୍ । ସେହ୍ନ କୁଣିଆ ଭିତରୁ ଗୁରି ଜଣ ସ୍ତ୍ରୀଲୁଣୀ ପରଷ୍ତ୍ରୀ ବାହାର ପଡ଼ିଲେ । ବୁଢ଼ା ପାଞ୍ଚ ସାନ କନ୍ତରୁ ବଡ଼ପାଏ ସବୁ ଜାଞ୍ଚପୁଅଙ୍କ ହାତ ଧରି, ଗୋଡ଼ ଧରି କହୁଥାଏ, "ସାନ୍ତମାନେ ! ଗୋସେଇଁ-ମାନେ ! ପଞ୍ଚ ଠାକୁରମାନେ ! ଏ କାମ ଆପଣ-ମାନଙ୍କର, ପୁଅ ଆପଣମାନଙ୍କର, କାମ ଛୁଲେଇ ନେଉନ୍ତୁ ।" ସତକୁ ଧତ ସମସ୍ତ କାମ ଛୁଲେଇ ନେଲେ, ବସ୍ତ୍ର ହୋଇଗଲ୍ । ଜାଞ୍ଚପୁଅମାନେ ଖୁସି ହୋଇ ବଦା ହୋଇଗଲେ । ଯିବାବେଳେ ବାଟରେ କୁଦାକୁଦ୍ଦି ହୋଇ ଯାଉଥାନ୍ତି, "ଜାଞ୍ଚ ଭିତରେ ଏତେ କାର୍ଯ୍ୟଟା କେହ୍ନ କରି ନାହିଁ । ସବୁ ଜାଞ୍ଚପୁଅଙ୍କୁ କଏ ବରଣିଥାଏ ? ଖୁଆଇ ପିଆଇ ଖୋର କରି ଦେଲ୍ । ଚାଟିଆକୁ ଚାଟିଆ ବସ୍ତ୍ର ଡାଲ, ବାଟୁସ୍ତ ପରି ବଡ଼ ବଡ଼ ପୁଞ୍ଜାଏ ଗାରଡ଼ ବାନ୍ଧି ଦେଲ୍, ଗୁରି ମାଠିଆ ଚାଡ଼, କେତେ ପିଇବ ପିଅ ! ଧନ୍ୟ ଧନ୍ୟ । ସିମିଡିକା ସାନ୍ତମାନଙ୍କୁ ଖଟିଛୁ ଏକା ।"

ବହୂଟି ଘରକୁ ଆସିଲ୍, ଦେଖିବାକୁ ବେଶ ଡଉଲଡାଉଲ, କଏ କହିବ କଣ୍ଡଗଘର ଝିଅ ? କରଣ ଖଣ୍ଡାଇତ ଘର ଝିଅ ପରି ଦଃଶ । ଗୁଣ ବି ସିମିଡି, ଚାଦାଡ ରନ୍ଧା ମଦରଙ୍ଗା ଶାଗ ଖରଡ଼ା, ଚେଙ୍ଗ ମାଛ ଅଣ, କଙ୍କଡ଼ା ସିଝା ଯିଏ ଖାଇଛୁ, ପାସୋର ପାରିବ ନାହିଁ । ଏ କଥାଗୁଡ଼ାକ ଏକା ବୁଢ଼ା ପାଞ୍ଚ ମୁହଁରୁ ଶୁଣି ଲେଖିଛୁଁ । ଘଷି ସାଉଁଟିବା, ଗୁଣ୍ଡିକାଠ ଗୋଟେଇବା, ଗାଡ ଭିତରୁ କଙ୍କଡ଼ା ଧରି ଆଣିବା, ସବୁ ଗୁଣରେ ପୂରା । ସଞ୍ଜବେଳେ ବୁଢ଼ା ଗାଁରୁ ବୁଲି ଆସିଲେ ବହୂ ଠେକଏ ପାଣିରେ ଗୋଡ଼ ଧୋଇଦିଏ । ସାଙ୍ଗେ ସାଙ୍ଗେ ଭନ ପୁରୁଷର ବାସନ ଭଙ୍ଗା ପଥୁରରେ ଘଚ, ଗୁକୁଦା ଶାଗ ଖରଡ଼ା, କଙ୍କଡ଼ା ପୋଡ଼ା, ଚେଙ୍ଗ କୁଟୁସ୍ତ ଅଣ, ଭନ ଭଅଣ ଜରି ପରଷି ଦିଏ । ବୁଢ଼ା ଏତେ ଭଅଣ କେବେ ଖାଇଥିଲ୍ ? ଚେନ୍ତୁଳ ଫୁଟେ ଲୁଣଟିକକୁ ଘୋଡ ନଅଣ୍ଡା । ବହୂର ଏ ସବୁ ଗୁଣ ଦେଖି ବୁଢ଼ା ଦନେ ନଗ୍ତେଳାରେ ବସି ଡେର 'ହାପୁ ! ହାପୁ' କରି କାନ୍ଦିଲ୍ । ଏଡ଼େ ଘଗ୍ୟଟା ହୀନକପାଳୀ ବୁଢ଼ୀ ଦେଖି ପାରିଲ୍ ନାହିଁ ।

ବସ୍ତ୍ର ଗୁରି ଛ ମାସ ବାଦ । ଦନ ପହରେ ହୋଲ୍ଗି, ବୁଢ଼ା ବଚ୍ଛଣାରୁ ଉଠି ନାହିଁ ! ସପ୍ନା ପଚ୍ଛରିଲ୍, "କଲ୍ଲେ ବାପା, ଏତେବେଳଯାଏ ଶୋଇଛୁ ?" ବୁଢ଼ା ପୁଅ ବହୂଙ୍କୁ ପାଖରେ ବସାଇ କହିଲ୍, "ଆରେ ସପ୍ନ, ମୋ ପାଙ୍କଟେ ଯାଇ ଥିଲ୍ଦନୁ ପୁରଣ ଶୁଣିଛୁ, ଡେର କଥା ମୁଁ ବି ଶିଖଇଛୁ, ମନରେ ରଖିବୁ—

ଗ୍ଲେର ନାସ୍ତ ଖୁଶି—ନ କର ସହିଁ ଯା ପୁଣି ।
ଲୋଭ ନ କରିବୁ ପର ଧନେ—
ମିଛ ନ କହିବୁ କଦାଚନେ ।

ବହୂ ଲ୍ଲେ, ଏହି ସତି ହେଲ୍ ତୋ ଖାଉନ୍ଦ— ତୋ ଠାକୁର ଦେବତା - ଯା କଥା ଏଡ଼ିବୁ ନାହିଁ । ମୋ ଦେହଟା କମିଡିକା ଦେଇଛୁ, ଆଉ କଉଁବ ନାହିଁ ।"

ପୁଅ ବହୂ ଦୁହେଁ ଡେର କାନ୍ଦିଲେ । ଗୁରି ପାଞ୍ଚ ଦନ ଖିଆ ଶୁଆ ଛୁଡ଼ି ବୁଢ଼ାର ଡେର ସେବା କଲେ । ବଡ଼ ବୁଢ଼ା ହୋଇଥିଲ୍, ଦନ ଛଅଟା ଜରରେ 'ଉର ଉର' କହି ଗୁଲଗଲ୍ । ପୁଅ ବହୂ ଡେର କାନ୍ଦିଲେ । ଗାଁ ଲ୍ଲେକେ 'ହାପୁ ! ହାପୁ !' କହିଲେ, ମାଚ କୁଳରେ ଇମିଡିକା ସତ୍ୟବନ୍ତ ଧାର୍ମିକ ଦେଖା ନାହିଁ ।

ବୁଢ଼ାର ଶୁଦ୍ଧ ବାଦ ଗଲ୍ଗଣି । ଦନେ ସପ୍ନା ଚେମ୍ପୀ ବସି ବଗ୍ତର କଲେ—

ସପ୍ନା—ଦଇ ଲେ ବଉ ! ମୁଁ ଗୁକର ଇସ୍ତଫା ଦେବ । ଉତେ ଏକୁଟିଆ ଦରେ ପକାଇ ଘରେ କମିଡ କର ଗଁ । ବୁଲ ଯିବ ?

ସପ୍ନା ଯା କହେ, ସବୁ କଥାରେ ଚେମୀର 'ହଁ' । ହେଲେ ଗୁକର ଛୁଡ଼ି ଦେବାକୁ ତା ମନକୁ ମାନଲ ନାହିଁ । କହିଲ, "ଏ ଖାଉନ୍ଦ ! ତମେ ତ ଗୁକର ଛୁଡ଼ିବ, କମିଡ ଖାଇବା ପିନ୍ଧିବା ?

ସପ୍ନା—ମୁଲକରେ ଏତେ ବଲ—ଗାଁରେ ଏତେ ପୋଖରୀ ଗଡ଼ିଆ—ସ୍ନାନ ଛୁଣ କଣ ଉଣା ହେବ ?

ଚେମୀ – ତମ ମନକୁ ଯା ଲଗେ କର ।

ଘରେ ଚାଁର ସାନ୍ତମାନେ ଘୁଗବଡ଼ ଘରେ ବସିଛନ୍ତି, ସପ୍ନା ବେକରେ ଗାମୁଛା ଖଣ୍ଡ ପଟକା ପକାଇ ହାତ ଯୋଡ଼ କହିଲା, "ଆଜ୍ଞା ସାନ୍ତମାନେ ! ମୋ ସାତ ପୁରୁଷ ଆପଣମାନଙ୍କ ଚରଣରେଣୁ ଗୋଲମ—ଚରଣ-ରେଣୁ ନୁଣ ଖାଇଲେ—ମୁଁ ଏଣିକ ଗୁକର କର ପାରବ ନାହିଁ । ଆପଣମାନଙ୍କ ଚରଣରେଣୁରେ ଇସ୍ତଫା ଦେଲ ।" ସାନ୍ତମାନେ ଆପଣା ଆପଣା ମଧ୍ୟରେ ଡେର ବେଳଯାଏ ବଚ୍ଚର କଲେ, ଶେଷରେ ଜମିଦାର ବଳରାମ ନାପୁକେ କହିଲେ, "ନାହିଁରେ, ତୋ ଇସ୍ତଫା ନଆପିବ ନାହିଁ । ଯିମିଡ ଚୌକିଆ ଥିଲୁ, ସିମିଡ ଥିବୁ । ଦେଢା ଦଳା ସବୁ ପାଇବୁ । ଗାଁ ବୁଲ ନ ଆସିବୁ ପଚ୍ଚକେ ।"

ସପ୍ନା ଆସି ବହୂକୁ ସବୁ କଥା କହିଲ । ଚେମୀ ମନ ତ ଘର ହସି; "ଏ ଖାଉନ୍ଦ ! ଭଲ କଲ, ଗୁକର ଥାଉ, ମୁଁ ଇମିଡ ସାନ ହେଲ—ଡର ଗଲ । ବଡ଼ ହେବ, ଡରବ ନାହିଁ, ତମେ ଗାଁ ବୁଲ ଯିବ । ମୁଁ ପଲଙ୍କରେ ଶୋଇଛୁ, ଡର ମାଡ଼ିଲ, ପାଟି କଲି, ଧାଇଁ ଆସିଲ । ବାଘ ନା ଭାଲୁ, କଆଁ ଡରଲ ? ମୋ ମା କହିଲ—

"ଡର କାହାକୁ ଭପ୍ପ କାହାକୁ,
ଠାକୁରେ ଅଛନ୍ତି ଗୁର ବାହାକୁ ।"

ହଁ ଖାଉନ୍ଦ ! ଆମ ଗାଁରେ ବୁଢ଼ୀ ମଙ୍ଗଳା ଠାକୁରାଣୀ ଅଛନ୍ତି, ସେ ମଣିଷ ଦୁଃଖ ଶୁଣନ୍ତି । ତମେ ଠାକୁର ହର ହର କୁହ, ବୁଢ଼ା ଶଗୁରେ ସବୁବେଳେ କହୁଥିଲେ, ହର କାହିଁ ? ଆଚ୍ଛା, ଗାଁରେ ବାଡ଼ ପଡ଼ିଲେ ତାକୁ ପୂଜା ଦେଲେ ଯୋଗମା ପଳେଇବ ନା ?

ସପ୍ନା—ନାହିଁ ଲେ ବଉ—ହର ସେ ବଡ଼ ଠାକୁର, ସେ ଖାଇବାକୁ ପିଇବାକୁ ସବୁ ଦେଉଛନ୍ତି, ଆମର ସବୁ କାମ ଦେଖୁଛନ୍ତି, ମନ କଥା ଜାଣୁଚନ୍ତି । ଆମେ ଭଲ କାମ କରିବା, ତାଙ୍କୁ ଭଜିବା, ସେ ସୁଖ ଦେବେ । ମନ୍ଦକାମ କଲେ, ତାଙ୍କୁ ଅମାନ୍ୟ ହେଲେ, ସେ ଦୁଃଖ ଦେବେ ।

ଚେମୀ—ସବୁକଥା ତ ହର ଦେଖିବ, ଅଳଆ କାମ କଲେ ଦୁଃଖ ଦବ, ବାପ ଲେ ! ମୁଁ ସିମିଡ କାମ କରିବ ନାହିଁ, ସବୁବେଳେ ତମ ପର ହରକୁ ଡାକିବ । ଏ ଖାଉନ୍ଦ ! ମତେ ଭଲ ପାଇଟି ଶିକେଇ ଦଅ । ମା କହିଛି, ତମ କଥା ମାନିବ—ତେଣୁ ଯା କହିବ, ସବୁ ଶୁଣିବ ।

ଗେରସ୍ତ ଘରଯା ଦୁଇଟି ପ୍ରାଣୀ ସବୁବେଳେ ଏକ ସାଙ୍ଗରେ ଥାନ୍ତି, ଛାଡ଼ିବାଡ଼ ଥାଏ ନାହିଁ, ଜଣକୁ ନ ପଚାରି ଆର ଜଣ କିଛି ପାଇଟି କରେ ନାହିଁ । ଜଣକ ମନରେ ଦେହରେ ଦୁଃଖ ହେଲେ ଆଉ ଜଣକ କାନ୍ଦ ପକାଏ । ସପ୍ନା ସାନ୍ତ ଘର ପାଇଟିକୁ ଗଲେ ଚେମୀ ଝୋକେଇଟିଏ କାଖରେଇ ପଛେ ପଛେ ଯାଏ । ସପ୍ନା ବଲରେ କାମ କରୁଥିବାବେଳେ ଚେମୀ ଘର୍ଷ ସାଉଣ୍ଟେ । ହଡ଼ ଭଲ୍ଲ ପିଠାଣାଗ, ମନ୍ଦରଙ୍ଗା ଶାଗ ତୋଳେ, ଗାଡରୁ କଙ୍କଡ଼ା ଧରେ ।

Chhaya@Kanta

ସପ୍ନା ଏକୁଟିଆ ଅଲଗା ପାଇଟି କରେ, ପାଞ୍ଚ ଜଣ ମୂଲଆଙ୍କ ସାଙ୍ଗରେ ଥାଏ ନାହିଁ । କେହି ଦୁଷ୍ଟ ଲୋକ ଝାପର୍ କର କଥା ପଦେ କହିଦେବ ପର୍ ! ଆଉ ଦୁଇ ଜଣ ମନ ଫିଟେଇ କଥା ଭାଷା ହୋଇ ପାରିବେ ନାହିଁ ।

ସପ୍ନା ପାଞ୍ଚ ମାଣ ଧାନ ମୂଲ ପାଏ । ବୁଢ଼ା ଅମଳରୁ ଘରେ ଗୋଟାଏ ଭଙ୍ଗା ମାଣ ଅଛୁ, ଚେମୀ ମାପି ପକାଏ । ଆଗ ମାଣେ ମାପି ବୁଢ଼ା ଅମଳର ଗୋଟାଏ ଭଙ୍ଗାମୁଣ୍ଡି ମାଠିଆରେ ପୂରାଇ ରଖିଦିଏ । "ଏ ଖାଉଦ ! ଦେହ ଅଛୁ, ପା ଅଛୁ, ଆଜ ପାଇଟି ନମିଳଲା—ଉଆଁ କାହାକୁ ମାଗିବା, ଘରେ ବସି ଖାଇବା । ମାଣେ ଧାନ ଦେଇ ତେଲ ପାହୁଲାକର, ଲୁଣ ପାହୁଲାକର, ଧୂଆଁ-ପତର ଅଧପାହୁଲାଏ, ହଳଦୀ ଅଧପାହୁଲାଏ ହିସାବ କରି ଦେଇ ଶାମ ସାହୁ ତେଲ୍ଲି ମହାଜନ ଦୋକାନକୁ ସପ୍ନାକୁ ପଠାଇଦିଏ । ଆଉ ଛନ ମାଣ ଧାନ ହାତ ପାହାରଣାରେ କୁଟି ପକାଏ । ଗୁଣ୍ଡଳ ବାହାର କରି ନେଇ ଚଷୁଗୁଡ଼ାକ ଗୋଟାଏ ଭଙ୍ଗା ଟୋକେଇରେ ଜମା କରି ରଖିଥାଏ, ଦୁଇ ଗୁରି ଦିନ ବାଦ ସେହି ଚଷୁ କୁଟି ସେଥିରୁ କୁଣ୍ଡା କାଢ଼ିନିଏ । ମୁଠାଏ ଗୁଣ୍ଡଳ ପକାଇ ସେ କୁଣ୍ଡା ମିଶାଇ ପିଠଉ ବାଟି ଦେଇ ଗୋଟାଏ ପୋଡ଼ପିଠା କରିଦିଏ । ଚଷୁରେ ଗୋବର ଲଗାଇ ଘଷି ପାରେ । ସପ୍ନା କହେ, "ଚେମୀ ସବୁ ଗୁଣରେ ଫସ୍କାକର୍ । ତା ପର ଗୁଣ୍ଡଳ କୁଟିବ କଏ ?"

ସପ୍ନା ଦୋକାନରୁ ବାହୁଡ଼ିବାବେଳକୁ ଚେମୀ ଘିଅ ଗିନ୍ଧ ରଖିଥାଏ । ଦୋକାନ ସଉଦା ଭଲକରି ଦେଖି ପାଇଛ ରଖେ । ତାହା ବାଦ ଟୋପାଏ ତେଲ ପକାଇ ଶାଗଟା ଖରଡ଼ ପକାଏ, କଙ୍କଡ଼ା ଛେଚି ଦେଇ ଟୋପାଏ ତେଲ ଲୁଣ ଗୋଳାଇ ଦିଏ, ମାଛ ଥିଲେ ଟୋପାଏ ତେଲ ପକାଇ ଅଣ କରିଦିଏ । ବୁଢ଼ା ଭଙ୍ଗା ପଥୁରାରେ ସପ୍ନାକୁ ଘିଅ ପରସି ଦେଇ ପାଖରେ ବସେ । ଗୁଣ ନସ୍ୟମ ଦେଇ ବଟଳଇ ବଟଳଇ ଦୁଇ ଗୁଣ୍ଡା ଅଧିକ ଖାଏ । ଚେମୀ ବଡ଼ ଘରଣୀ । ଝୋଟ ଅମଳ ବେଳେ ସାନ୍ତମାନଙ୍କ ଦୁଆରୁ ନଳତା କାଠି ଆଣି ବଡ଼ା ବାନ୍ଧି ରଖିଛୁ, ଖାଉଦ ଘିଅ ଖାଇବାବେଳେ ଗୋଟାଏ କାଠି ଜାଳ ଆଲୁଅ ଦେଖାଏ । ସପ୍ନାର ଝିଅ ହୋଇଗଲେ ସେ ଅଇଣ୍ଠାପଥୁରାରେ ଆପଣା ଘିଅ ବାଢ଼ି ଖାଏ । ଭଲମନ୍ଦ ଘରକୁ ଯେ ପଦାର୍ଥ ଆସୁ, ସପ୍ନା ଆଗେ ନ ଖାଇଲେ ଚେମୀ ଖାଇବ ନାହିଁ । ଦି ଜଣଙ୍କ ଝିଆଣିଆ ହୋଇଗଲେ ବାକି ଘିଅଗୁଡ଼ାକ ପଖାଳ ଚହିଁ ଆର ଦିନକୁ ରଖିଦିଏ । ଓଳିଏ ଗ୍ରେଞ୍ଜେଇ, ଦୁଇ ଓଳକୁ ଜାଳ କାହିଁ ? ଆଦୁର ଗୋଟାଏ କଥା, ସକାଳ ଓଳ ପାଇଟିରୁ ଆସିବାକୁ ଦିନ ଦି ପହର, ଘ୍ରେକ ବେଳେ କଣ ରନ୍ଧାକୁ ତର ସହିବ ? ବର୍ଷାଦିନେ ଜାଳ ମିଳିବ ନାହିଁ ବୋଲି ଖଗ୍ଦିନେ ଘସି ପାର ଓଳ ପଦାଡ଼ରେ ଟାଙ୍ଗି ରଖି ଦେଇଛୁ ।

ସପ୍ନା ଚେମୀ ଦୁଇଟି ପ୍ରାଣୀ ଖୁବ ମନ ଆନନ୍ଦରେ ଅଛନ୍ତି । ସାନ୍ତର ଦେଣା ନାହିଁ, କ ରଜାର ଖଜଣା ନାହିଁ । ଦିନେ ସୁଦ୍ଧା ଘରେ ଅନ୍ନ ଛୁଟଣା ନାହିଁ । ମନରେ କଛୁ ଭାବନା ନାହିଁ, ଖାଇବା କଥା ପଡ଼ିଲେ ଦଜଣାଯାକ କହନ୍ତି, ମୁଲକରେ ଏତେ ବଲ ଗଡ଼ଆ ପୋଖରୀ ଥାଉଁ ଥାଉଁ କଣ ଦିଟା ପ୍ରାଣୀ ପେଟ ପୂରିବ ନାହିଁ ? ଚେମୀ କହେ,'ଏ ଖାଉଦ ! ତେମେ କାହିଁକି ପର ପାଇଟିକି ଯିବ, ବାଲୁଙ୍ଗା ଝାଡ଼ ଆଣିଲେ ତ ଆମର ଛ ମାସ ମେଣ୍ଟିଯିବ ।" ବେଳ ଜାଣି ଚେମୀ କୁଲ୍ଲାରେ କାଠି ଖଣ୍ଡେ ବାନ୍ଧି ଡେର ବାଲୁଙ୍ଗା ଝାଡ଼ ଆଣି ଘରେ ରଖେ । ଖାଉଦକୁ ବାଧିବ ବୋଲି ଚେମୀ ଗ୍ରେଜ ଗ୍ରେଜ ତାକୁ ପାଇଟିକୁ ପଠାଏ ନାହିଁ, ବାଲୁଙ୍ଗାରେ ଅନ୍ନ ଚଳାଏ । ଯେଉଁ ଦିନ ସପ୍ନା ସାନ୍ତ ଘର ପାଇଟିକୁ ନ ଯାଏ, ସେ ଦିନ ଦୁଇ ଜଣ ପୋଖରୀ ପୋଖରୀ ବୁଲି ବୁଲି କଞ୍ଚିମ, କଙ୍କଡ଼ା, ମାଛ ଧରି ଆଣନ୍ତି, ସେ ଦିନ ଚେମୀ ଡେର ରକମ ଡଅଗ ଘଣ୍ଟେ, ଦୁଇ ଜଣଙ୍କର ଘର ଆନନ୍ଦ ।

Chhaya@kanta

ଘରେ ଚେମୀ ରନ୍ଧାବଢ଼ା କରୁଥିବାବେଳେ ସପ୍ନା ହରଣୀସୁଦ୍ଧ, ଗଜପୁଦ୍ଧ ଗାଏ । ଭ୍ରଗବଦ୍ଧ ବ ଡେର ପଦ ଶିଖିଛୁ, ଏଠ୍ ସେଠ୍ ଡେର ପଦ ଗାଏ । ଚେମୀ କାନ ଡେର ଶୁଣୁଥାଏ । ପଡ଼ାପଡ଼ି ସରଲେ, ଠାକୁର —ହର, ଦପ୍ନା କର', କହ୍ନ ହାତପୋଡ଼ ଭୁଇଁରେ ଛପ ଛପ କଣ ଛନ ଥର ମୁଣ୍ଡିଆ ମାରେ, ଛା ବାଦ ସପ୍ନା ଗୋଡଉଚଳେ ଛନ ଥର ଜୁହାର ହୋଇ ଛା ପାଦରୁ ଧୂଳ ନେଇ ମୁଣ୍ଡରେ ମାରେ । ପ୍ରତ୍ତଦନ ସଞ୍ଜବେଳେ ଏହ୍ନପର କରେ । ଯେଉଁଦନ ହାତରେ କଛୁ ପାଇଟି ନାହିଁ, ଦୁଇଜଣ ଦୁଇଜଣଙ୍କୁ ଅନାଇ ପିଣ୍ଡାଟିରେ ବସିଥାନ୍ତ୍ର ।

ବୁଢ଼ା ରାମ ପରଡ଼ାକୁ ସପ୍ନା ଅଜା ସାନ୍ତ ବୋଲ ଡାକେ, ଛାଙ୍କର ଘରେ ଡେର ଦନ ପାଇଟି କରେ । ପରଡ଼ା ବୁଢ଼ା ଦନେ ଦନେ ସପ୍ନାକୁ ଡାକବାକୁ ଆସି ଦେଖେ, ଦୁଇଜଣ ଏକା ଜାଗାରେ ବସିଛନ୍ତ୍ର - ଟାପର୍ କର କହେ, "କ ରେ ସପ୍ନା, ତୁମେ ଦୁଇଟା ଯେ ବଗଲ୍ ବଗୁଲ୍ଲା ପର୍ ବସିଛ ।" ରୋଜ ରୋଜ ଟାପର୍ କଣ ବଗଲ୍ ବଗୁଲ୍ଲା ବୋଲ କଡ଼ୁଁ କଡ଼ୁଁ ପରଡ଼ାର ଅଭ୍ୟାସ ହୋଇ ଗଲ୍ଣି । ସବୁବେଳେ ଡାକେ, "ଆରେ ବଗଲ୍ଲା, ଆଲେ ବଗୁଲ୍ଲା !" ଛା ଶୁଣାଶୁଣି ଗାଁ ଲୋକେ ବ ଡାକଲେଣି ବଗଲ୍ ପାପ । ଗାଁ ମାଇକନଆମାନେ ବ ଚେମୀକୁ ଟାପର୍ କର କହନ୍ତ୍ର, "ଆଲେ ବଗୁଲ୍ଲା, ତୋ ବଗଲ୍ ଲଗି କଣ ରନ୍ଧଥିଲୁ ?" ସତକୁ ସତ ସମସ୍ତେ ଦେଖୁଛନ୍ତ୍ର, ସବୁଦନେ ସବୁବେଳେ ବଗଲ୍ ବଗୁଲ୍ଲା ପର୍ ଦୁଇ ଜଣ ଏକା ସାଙ୍ଗରେ ଅଛନ୍ତ୍ର । ଶେଷକୁ ଗାଁରେ ନାମ ହୋଇଗଲ୍ଣି—ବଗଲ ବଗୁଲ୍ଲା ।

ବର୍ଷାଦନରେ ବଗଲ୍ ବଗୁଲ୍ଲାର ଭାର ଆନନ୍ଦ । ଭଲ ବସ୍ତ୍ରବେଳେ ଦୁଇ ଜଣଙ୍କୁ ପାଇଟି ମିଳେ । ସପ୍ନାର ମୂଲ ପାଞ୍ଚମାଣ, ଚେମୀର ଗୁର ମାଣ; ଖାଇ ପିଇ ପାଞ୍ଚମାଣ ଧାନ ବଳପଡ଼େ ।

ଏଇଟା ବଡ଼ ଭଲ ବର୍ଷ । ଅର୍ଜ୍ଜନ ଗୁରଆଡ଼େ । ପଛପାଣିଆ ଯୋଗୁଁ ସମସ୍ତଙ୍କ ବଲବସ୍ତ୍ର ଏକ ସାଙ୍ଗରେ, ମୂଲଆ ମିଳୁ ନାହାନ୍ତ୍ର । ମୂଲ ବଢ଼ି ଯାଇଛୁ, ସପ୍ନାର ମୂଲ ଛ ମାଣ, ଚେମୀର ପାଞ୍ଚ ମାଣ । ଘରେ ଧାନ ଗୋଟାଏ ମାଠିଆ, ଯୋଡ଼ାଏ ଛାଡ଼ଆ ଭଣ୍ଡି ହୋଇ ସପ୍ନା ଗୋଟାଏ ସାନ ଓଳଆ ବାନ୍ଧ ଦେଲ୍ଣି । ଲକ୍ଷ୍ମୀ ଆଲଙ୍ଗନ କଲ୍ବେଳେ ଗୁରଆଡ଼ୁ ଅର୍ଜ୍ଜନ ମିଳେ । ଭଲ ବସ୍ତ୍ରବେଳେ ହାତରେ କଙ୍କଡ଼ା ଚେଙ୍ଗ ପଡ଼ଯାଏ, ହଡ଼ମୂଳରେ ମଦରଙ୍ଗା କାନଶିର ଶାଗ ବଲ୍ବଲ; କାମ ଉଠାଣି ହାତ ବୁଲେଇ ଦେଲେ ଦନଭମାମ ଚଳଲ୍ । ଏ ବାଦେ ଚେମୀ ବଲ ଟିକର୍ ମୂଳରୁ କାଇଁଶ କାଟିଆଣି ଗୋଟାଏ ଖଇଞ୍ଚ ବୁଣିଛୁ । ଚେମୀକୁ ଡେର ପାଇଟି ଆପେ । କାଇଁଶ ପାଛୁଆ ବୁଣି ଗାଁ ବୋହୂ ଝିଅଙ୍କୁ ବକ ଗୁଡ଼ଳ ଧାନ ଆଣେ । ଦୁଇ ଜଣ ବଲବସ୍ତ୍ର ପାଇଟିରେ ଲଗି ଥିବାବେଳେ ଖଇଞ୍ଚଟି ଚାଣିମାଢ଼ାର ହଡ଼ମୂଳରେ ବସାଇ ଦେଇଥାନ୍ତ୍ର । ପାଇଟି ଉଠାଣି ବେଳକୁ ଚେଙ୍ଗ କୁଟଣ, କଡ଼ ଁପିର ଶେଉଳ ପତ୍ତଣା ଖଇଞ୍ଚର ଭଣ୍ଡି । ଦନେ ଦନେ ଦୁଇ ଛନଥର ଖଇଞ୍ଚଟା ଝାଡ଼ ପକାନ୍ତ୍ର ।

ଆଜକାଲ ସଞ୍ଜବେଳେ ଦୋକାନା ଦୁଆରକୁ ଧାନ ଦେଇ ଯିବାକୁ ହୁଏ ନାହିଁ, ମାଛ ବ ହତା ଯେନ ଗଲେ ତେଲ ଲୁଣ ଧୂଆଁପଟ ସବୁ ମିଳଗଲ୍ । ଚେମୀ ବ ନଉଛ ସରକ ଚିତା ଶୁଟ୍ଟିଆ ଶୁଖାଇ ଗୁରମାସ ଛଅଣକୁ ଥାଡ ବାନ୍ଧ ସାରଲ୍ଣି । ଭଲ କର ଶୁଖାଇ ଶୁଖୁଆଗୁଡ଼ିକ ଗୋଟାଏ ପାଛୁଆରେ ପୂରାଇ ଘର ଶେଣୀରେ ଟଙ୍ଗା ଶିକାଟିରେ ଥୋଇ ଦେଇଛୁ । ଆଜକାଲ ବ ପ୍ରାଣୀ ଭତରେ ଆନନ୍ଦର ସୀମା ନାହିଁ ।

ଅଶିଣମାସିଆ ଦନେ ଘଡ଼ି ଦଡ଼କ ବେଳେ ବ ଜଣଙ୍କର ଖିଆ ପିଆ ସରଲ୍ଣି । ଚେମୀ ଗୁଡ଼ାଏ ବଲ ମାଛ ବୁଡ଼ୀ ପରଡ଼ାଣୀକୁ ଦେଇ ମାଟିକୁମ୍ଭାରେ କୁମ୍ଭାଏ

କରଞ୍ଜତେଲ କଣି ଆଣି ଘରେ ଥୋଇ ଦେଇଛୁ । ମଫସଲ ଗୃଷବନ୍ଦ ଘଟରେ ସମସ୍ତେ ଖରାଦନେ ତେଲ୍ଲ ଦୁଆରୁ କରଞ୍ଜ ପେଡ଼ ଆଣି ବର୍ଷା ଦନ ଲୁଟି ତେଲ ସାଇତ ରଖିଥାନ୍ତ । ଦନଯାକ ପାଣି କାଦୁଅରେ ବୁଲ ବୁଲ ଗୋଡ଼ ଯୋଡ଼ାକ ପାଣି ଖାଇ ସିଠ୍‌ଆ ପଡ଼ଯାଏ, ଆଙ୍ଗୁଳ ସନ୍ଧ ସବୁ ଘା ହୋଇଯାଏ । ଗୁତରେ କରଞ୍ଜ ତେଲ ଲଗାଇ ଦେଲେ ଉହିଁ ଆର ଦନ ସକାଳକୁ କଛୁ ନ ଥାଏ । ଖଣ୍ଡେ ଛୁଣ୍ଡା କଉର ପାର ଦେଇ ସପ୍ନା ଶୋଇ ପଡ଼ୁଛୁ । ଚେମ୍ନୀ ଗୋଡ଼ର ପାଣିଗିଆଜାଗା ଆଙ୍ଗୁଳ ସନ୍ଧମାନଙ୍କରେ କରଞ୍ଜ ତେଲ ଲଗାଇ ଦେଉଛୁ । ଚେମ୍ନୀ କଥା ଆରମ୍ଭ କଲ, "ଏ ଖାଉନ୍ଦ ! ତେମେ ଦେଖ, ଘରେ ଶୋଇ ଚଢ଼ବାକୁ ଆଉ ଜାଗା ନାହିଁ । ବାଲୁଙ୍ଗା ପାଚଲ୍ଲଣି, ମୁଁ କଲ ସକାଳୁ ଝାଡ଼ ଯିବ । ଆଉ କେଉଁଠି ରଖିବା ? କଣ କରବା ?

ସପ୍ନା – ହଁ ଲ୍ଲେ ବଉ ! ମୁଁ ସେଇ କଥା ଉଚ୍ଚୁଣିକା ମନରେ ପକାଇ ଥିଲ । ଆଚ୍ଛା, ଧାନ ବକ ଦେଇ ଟଙ୍କା ପଇସା ଆଣି ଘରେ ରଖିବା ।

ଚେମ୍ନୀ—ନାହିଁ, ଏ ଖାଉନ୍ଦ—ସେ ବଡ଼ ଅଲଆ କଥା । କେତେ ଧାନକୁ କେତେ ପଇସା ଗଣି ଜାଣିବା ନାହିଁ, ଆଉ ଟଙ୍କା ପଇସା ଦେଖିଲେ ଗୋର ଟପ୍‌କର ଦୁଆରକୁ ଆସିବେ । କେଉଁଠି ଥୋଡ ପକାଇବା, ଭୁଲ ଗଲେ ଗଲ । ମୋ ମା ଥରେ ଗୁଣ୍ଡଟ ପଇସା ଥୋଡ ପକାଇ ଥିଲ—ଥାଇଲ୍ ନାହିଁ, ଡେର କାନ୍ଦିଲ ।

ସପ୍ନା—ତେବେ ଧାନ ସବୁ ଘର ମାସନ୍ତ ଭନ୍ତ୍ରକୁ ଦେବା, ସେ ଡୋ ଲୁଟି ଖଣ୍ଡେ ରଙ୍ଗ କପ୍ଡା ଶାଢ଼ୀ ବୁଣି ଦେବ ।

ଚେମ୍ନୀ—ନାହିଁ, ଖାଉନ୍ଦ ! ମୁଁ ପିନ୍ଧ ଜାଣିବ ନାହିଁ, ଚର ଯିବ । ମୁଁ କନ୍ଥୁଛୁ, ଅଜା ପରଡ଼ା ପାନ୍ତ ଶୀତଦନେ ଯିମିଡିକା କଳା ଅଙ୍ଗା ଲଗାନ୍ତ, ତେମେ ବାଲସର ହାଟକୁ ଯାଇ ସିମିଡିକା ଗୋଟାଏ କଣି ଆଣ । ଶୀତ ଦେଲେ ଲଗାଇବ, ବଡ଼ ସୁନ୍ଦର ଦଶିବ ।

ସପ୍ନା—ଭୁ ନାଲ ରଙ୍ଗ ଶାଢ଼ୀ ପିନ୍ଧଲେ ସୁନ୍ଦର ଦଶିବ ।

ଚେମ୍ନୀ—ତେମେ ଅଙ୍ଗା ଲଗାଇଲେ ସୁନ୍ଦର ଦଶିବ ।

ଦୁଇ ଜଣଙ୍କ ଭିତରେ ଡେର ବେଳଯାଏ କଥା ଚଳଲ୍ । ଶେଷରେ ସପ୍ନା ପ୍ରସ୍ତାବରେ କଥା ସ୍ଥିର ହେଲ, କାବୁଲ ଠୋଣ ଆସିଲେ ତାକୁ ସବୁ ଧାନ ଦେଇ ଗୋଟାଏ ରଙ୍ଗ କମ୍ବଳ କଣିବେ, ଶୀତ ଦନରେ ଖଡ଼କା ହେସ ହୋଡ଼ ହେବେ ନାହିଁ, ସେଇ କମ୍ବଳ ଘୋଡ଼ ହେବେ । କଥା ଘୁଞ୍ଚା ହେଉ ହେଉ ଦୁଇ ଜଣଯାକ ଶୋଇ ପଡ଼ଲେଣି ।

ଦନ ଘଡ଼ଏ ହେଲଣି, ଦ ଜଣଯାକ ଶୋଇଛନ୍ତ୍ର । ଗ୍ରେଜ ଗ୍ରେଜ ଚେମ୍ନୀ ଆଗରେ ଉଠେ, ଆଜ ଉଠି ନାହିଁ । ସପ୍ନା କହିଲ, "କ ଲ୍ଲେ ବଉ, ତୋ ଦହ ଭାଙ୍ଗଲ ପର ଲାଗୁଛୁ, ଜର ହେଲ କ ଲ୍ଲେ ?"

ଚେମ୍ନୀ—ହଁ, ଦହଟା କମିଡିକା କସମସ କରୁଛୁ । ଏ ଖାଉନ୍ଦ, ତମ ଦହଟା ଭାଡ ଲାଗୁଛୁ, ଜର ହେଲ କ ? ଆଲ୍ଲେ ମା ଲ୍ଲେ ! ଆଲ୍ଲେ ବୋପା ଲ୍ଲେ ! କଣ କରବ ଲ୍ଲେ ! ଠାକୁର ହର ! ମୋ ବାପଗଁ ! ମଙ୍ଗଳା ! ମୋ ଖାଉନ୍ଦକୁ ଭଲ କର ଦେ ।

ସପ୍ନା—ନାହିଁ ଲ୍ଲେ ବଉ, ଡର ନା, ଠାକୁରେ ଭଲ କଣ ଦେବେ । ଭୁ ଯା ଦଥି ଗଲ, ମଚ୍ଛ ମାଣେ ଧାନ ଦେ, ସାଉ ଦୁଆରୁ ରସୁଣ ଘେନ ଆସେଁ ।

ଗରମ ଗରମ ପେଜମିଶା ଭିତରେ ପାଣି ଢଳ ରସୁଣ ଦେଇ ଦୁଇ ଜଣ ପଥ୍ୟ କଲେ ।

Chhaya©kanta

ଗୃହ ଦନ ଗଲା, ପାଞ୍ଚ ଦନ ଦନ ସପ୍ତାର ଜର ବଳ ଚଢ଼ଲା, ମଥି ଗୁଡ଼ଲା । ଚେମୀର ଜର ଝିକଏ ଭଲ ହେଲାଣି । ଚେମୀର ଖାଇବାର ନାହିଁ, ଶୋଇବାର ନାହିଁ । ସମ୍ପାର ଛ ବଳେ ନଦ ନାହିଁ, ଚେମୀ ଗୋଡ଼ ଛଳେ ବସି ଦନ ଗଣ୍ଡ ଖାଲ ଠାକୁର ଦର ଆଉ ବାପ ଗାଁ । ମଙ୍ଗଳାଙ୍କୁ ଡାକୁଛି । ଚେମୀ ଆଉ ଧୈର୍ଯ୍ୟ ଧର ରହିପାରିଲା ନାହିଁ । ଖାଉନ୍ଦକୁ କହ୍ନ ଗାଁ । ବୈଦ୍ୟରଜ ନକୁଳ ନାପୃକ ଦ୍ୱାରକୁ ଧାଇଁଲା । ମେ ଏକୁଟିଆ କେବେ ଘରୁ ବାହାର ନାହିଁ । ଆଜ ଗାଁ । ଗୋନ୍ଦର ମଝି ବାଟେ ଗୁଲୁଛି । ଗୋଡ଼ ପୋତ ପଡ଼ୁଛି, ଆଖିରେ ପାଣି ଉଛି, ବାଟ ଦଶୁ ନାହିଁ—ବୈଦ୍ୟ ଘରକୁ ଧାଇଁଛି । ଚେମୀ ପାଞ୍ଚ ଛ ବର୍ଷ ହେଲା ଶଶୁର ଗାଁକୁ ଆସିଲାଣି, କାହାର ମୁହଁ ଦେଖି ନାହିଁ, କାହାରକୁ ଅନାଏ ନାହିଁ, ଖାଉନ୍ଦ ଛଡ଼ା ଆଉ କାହାର ସାଙ୍ଗରେ କଥା ନାହିଁ । ଠାକୁର ଦେବତାଙ୍କୁ ମନ ମଧ୍ୟରେ ଡାକ ଡାକ ଖୁବ ହେମତ ଧର ଗଲା । ହେମତ ଧର ବୈଦ୍ୟରଜକୁ ସପ୍ତା ଜର କଥା କହିଲା । ବୈଦ୍ୟ ନକୁଳ ନାପୃକେ ବଟଆ ଫିଟାଇ ଗୋଟାଏ ଛସର କୁଆ ଭଡରୁ ଗୃହଟା ଜ୍ୱର-ଗଦ୍ଦବ ବଟିକା କଢ଼ି ଦେଲେ; କହିଲେ, "ଭୁ ତ ମଦ୍ଦ ପାଇବୁ ନାହିଁ, ତୁଳସୀ ରସ ଜରପାପଡ଼ା ରସ ଗୋଳ ଦେଇ ଗୃହ ଚହରରେ ଗୃହ ପାନ ଦେବୁ, ଜ୍ୱର ନ ଛୁଡ଼ିଲେ ପାଣି ଧର ଆସିବୁ ।" ଛ ଦନ ଦନ ଜ୍ୱର ବଳ ପଡ଼ିଲାଣି । ଚେମୀ ସାଙ୍ଗରେ କଥାନାହିଁ କେଉଁବେଳେ ଗୀତ ଗାଉଛି, ଭଗବତ ପଦ ପଢ଼ୁଛି, ବଳ କଥା କହୁଛି, ଆଖି ଯୋଡ଼ାକ କୋଚଆରକ୍ତପରି ଲାଲ । ଚେମୀ ପାରୁ ପହଟାରେ ପାଣି (ଛୁଇଁ) ଧର ଖାଉନ୍ଦକୁ କଛି ନ କହି ବୈଦ୍ୟ ଦୁଆରକୁ ଧାଇଁଲା । ବୈଦ୍ୟରଜ ଦୂବ ଘାସ କେରକରେ ପାଣିରେ ଟାଟଆ ତେଲ ପକାଇଲେ, ତେଲ ବୁନ୍ଦା ଧର ରହିଲା ମେଲଲା ନାହିଁ । ରେଟିର ବୃହନ୍ତ ସବୁ ଶୁଣି କହିଲେ, "ଘୋର ସନ୍ନିପାତ,କପୁଷ ଭୈରବବଟିକା ଲେଉଡ଼ା, ଗୃହ ଟଙ୍କା ଦାମ ଆଣ ।" ଚେମୀର ପାଟି ପ୍ରାପୃ ପଡ଼ଗଲାଣି; ଖୁବ କଷ୍ଟରେ କହିଲା, "ମୁଁ ଟଙ୍କା କାହୁଁ ପାଇବ, ଘରେ ଧାନ ଅଛି,ସବୁ ଆଣି ଦେବ ।" ଚେମୀ ଘରକୁ ଧାଇଁଧାଇଁ ଆସିଲା, ଖାଉନ୍ଦକୁ ଅନାଇଲା, କଛି କଥା କହିଲା ନାହିଁ । କହିବ କଅଣ— ଖାଉନ୍ଦ କଥା ଶୁଣୁ ଛି, ନା କରୁଛି ଖାଲ ଉଠ ବସ ହେଉଛି, ପାଟି କରୁଛି । ଚେମୀ ପାଛୁଆଟିରେ ପାଛୁଆଏ ଅମଠା ଧାନ ପୂରାଇ କାଖେଇ ବୈଦ୍ୟ ଦୁଆରକୁ ଧାଇଁଲା । ବୈଦ୍ୟ ଆଗରେ ଧାନ କୁଡ଼େଇ ଦେଲା — ଚେମୀମା ବଲ୍ଲବେଳେ ଅଡ଼େଇ ମସା ରୁପାର ଗୋଟାଏ ମୁଦ୍ଦ ଦେଇ ଥିଲା, ଘୋର ଯିବ ବୋଲ ଚେମୀ ସବୁ ଦନେ ଲଗାଏ ନାହିଁ, ସେହି ମୁଦ୍ଦଟା ବୈଦ୍ୟଙ୍କୁ ଦେଲା । ତାଙ୍କ ପାଖରୁ ଔଷଧ ଘେନ ଧାଇଁଛି । ଚେମୀ ଗୃହ ଦନ ହେଲା ଟୋପାଏ ପାଣି ମୁହଁରେ ଦେଇ ନାହିଁ, ତା ଜ୍ୱର ବ ଭଲ ଗୁଡ଼ି ନାହିଁ, ଭତରେ ଭତରେ ଜ୍ୱର ଅଛି । ପକାଳୁ ଦନ ଦପ୍ତହର ଯାଏ ଧାଇଁଛି । ଚେମୀ ଘରକୁ ଯାଇ ଦେଖିଲା, ସପ୍ତା ପାଟି ଆଁ କର ପଡ଼ ଯାଇଛି । ଚେମୀ 'ଏ ଠାକୁର ମଙ୍ଗଳା !' କହି ସପ୍ତା ଗୋଡ଼ ତଳେ ଦୁଲ୍ କର ପଡ଼ଗଲା । ସପ୍ତାର ଝିକଏ ଝିକଏ ଜ୍ଞାନ ଥିଲା । ଚେମୀ ମୁହଁକୁ ଏକ ଧ୍ୟାନରେ ଅନାଇଛି । ଦୁହେଁ ଦୁହିଁକୁ ଦେଖୁଛନ୍ତି ।

ତହିଁ ଆରଦନ ଗାଁରେ ଚହଳ ପଡ଼ଚଲା—ବଗଲା ବଗୁଲାର ଜ୍ୱର ହୋଇଥିଲା, ଦୁଇ ଦନ ହେଲା ଛାଟି ଫିଟି ନାହିଁ । ଗାଁ ଲୋକେ ଧାଇଁଲେ । ସମସ୍ତେ ହାପୃ ହାପୃ କରୁଛନ୍ତି । ଜମିଦାର ବାବୁ ସପ୍ତା ଶଶୁର ଗାଁକୁ ଧାଉଡ଼ିଆ ପାଇକ ପଠାଇଦେଲେ ।

ଗାଁର ସମସ୍ତ ସ୍ତ୍ରୀ ଚେମୀ ଲଗି ହାପୃ ହାପୃ କଲେ, ଯିବାବେଳେ ସମସ୍ତେ ଢଳଢଳ ପକାଇଲେ । ଗାଁର ସମସ୍ତଙ୍କ ମୁହଁରେ ଏକ କଥା—ଧନ୍ୟ ଧନ୍ୟ ସ୍ୱାମୀ ସ୍ତ୍ରୀ ପ୍ରେମ ! ମାତ କୁଳରେ ବ ଏମନ୍ତ ଧର୍ମ, ଏମନ୍ତ ପ୍ରେମ ଥାଏ !

କମଳା ପ୍ରସାଦ ଗୋରପ

ଏଡ଼େ ବଡ଼ କାରବାସ୍ତ ଘର, କୁଆ କା କଲ୍ଲ କଉରୁ ଅଧଘଣ୍ଟାଏ ଗହଳ ଚହଳ ଲଗିଥାଏ । ଆଜ ସବୁ ଭୁଜ ଭାନ । ବାଟ ଗଲ୍ଲ ଲୋକେ ବୁଝିବେ, ଏଡ଼େବଡ଼ ଦୋଚାଲ ଘରଟାରେ କେହି ମଣିଷ ନାହିଁ, ଭୁଚ୍ଚା ପଡ଼ୁଛି । ସ୍ୱରୂପ ମାଝି ଘୋର ଘୋର ପହଞ୍ଚିଲ ବେଳୁ ବାବୁଙ୍କ ଘର ଉପରେ ଯେମନ୍ତ ଚଡ଼କଟାଏ ପଡ଼ ଯାଇଛି । ଭଉର ପ୍ରସ୍ତରେ ମାଇକନଆ-ଗୁଡ଼ାଙ୍କର କବର କାବର ପାଟି, ସାନ୍ତାଣୀଙ୍କ କଡ଼ା ହୁକୁମ, ପିଲ୍ଲ-ଗୁଡ଼ାଙ୍କର ଧାଁ ଦୌଡ଼ ଗହଳ ଚହଳ, ବାସନ କୁସନର ଝମଝାମ ଶବ୍ଦ କଛୁ ଶୁଭୁ ନାହିଁ । ଚାଷ୍ମା ଦାସୀ 'ହାସ୍ୱ ହାସ୍ୱ' କର କାନ୍ଦ ପକାଇଛି, ତାହାର ପାଞ୍ଚ ମାସର ଦରମା ସାଢ଼େ ସାତ ଟଙ୍କା ଆଗଭୁର ନେଇ ବଟମ ଦେଇଥିଲ୍ଲ । ଖୁମା ଆଈ ଜୀବନଯାକ ଛଞ୍ଚି ଛଞ୍ଚି ବେକରେ ଗୋଟାଏ ସୁନାମାଳୀ ଲଗାଇଥିଲ୍ଲ, କୋଡ଼ଏ ଟଙ୍କାରେ ବନ୍ଧା ପଡ଼ିଛି । ବଡ଼ ଆଶା କରଥିଲ୍ଲ, ବଟମରେ ବଡ଼ ଉରଣ ଟଙ୍କା ହେଲେ ଟଙ୍କାଏ ପାଞ୍ଚ ସୁକା କଳନ୍ତର ଫୋପାଡ଼ ଦେଇ ମୁଠାଏ ଟଙ୍କା ଅଧିକା ପାଇପିବ । ସେଇଟା ନଡାଉ ସମ୍ଭାଳ ନ ପାର ବାଡ଼ ଦୁଆରେ ବସି ବାଡୁନ ବାଡୁନ କାନ୍ଦୁଛି । ସାନ୍ତାଣୀଙ୍କ ଉରରେ ଘର ମଧ୍ୟରେ କେହି ପାଟି କରିବାରୁ ନାହିଁ । ମନୋଦୁଃଖରେ ବାବୁଙ୍କର ଅଣ୍ଟା ବସିଗଲ୍ଲଣି, ଭେକା ମାରଗଲ୍ଲ ପର ଭୁନ ହୋଇ ବ ଛନ୍ତି । ଘରେ ଗୋଳ ମାଳ ହେଲେ ସେ ଦକଦାର ହେବେ, ଏଥିପାଇଁ ସାନ୍ତାଣୀଙ୍କର ମନା, କେହି ପାଟି କରବେ ନାହିଁ ।

ନଜେ ବାବୁ ଘମଡର ନାସ୍ତକେ କଚେର ଘରେ ଆପଣା ଗାଦରେ ବଡ଼ ମାଣ୍ଡିଟାକୁ ଆଜ୍ଞକ ଭୁନ ହୋଇ ବସି ହୁକା ଟାଣୁଛନ୍ତି । କାହାର ସାଙ୍ଗରେ କଥା ନାହିଁ । କେହି ଉରସି ପାଖ ପଶି ପାରୁନାହିଁ । ଦୁକାଟି ବୈଠକରେ ଥୋଇ ଦେବା ମାତ୍ରକେ ଘମା ଉଣ୍ଡାସ୍ତ ପିଲ୍ ଚଲମ ବଦଳାଇ ଦେଉଛି । ତା ମନରେ ବ ସୁଖ ନାହିଁ । ସେ ବ ଏଣୁ ତେଣୁ ରୁଣ୍ଡେଇ ରୁଣ୍ଡେଇ ସାଢ଼େ ଦଶ ଟଙ୍କା ବଟମ ଦେଇଥିଲ୍ଲ । ଘରେ ବୋଦ୍ଦ, ଝିଅ, ଖୋଦ ସାନ୍ତାଣୀ, ସମସ୍ତେ ମଗଦୁର ଭଳି କଛୁ କଛୁ ବଟମ ଦେଇଥିଲେ । ଶେଷ ଛୁଆ ନାମରେ ବ ମାମାନେ ବଟମ ଦେଇଥାନ୍ତି ।

କଚେର ଘର ଅଗଣାରେ ଗୋଟିଏ କଣରେ ମାଝି ସ୍ୱରୂପ ବେହେରା ପାସ୍ୱା ମୂଳରେ ଗାଲରେ ହାତ ଦେଇ ମୁହଁ ପୋତ ବସିଛି । ତାହାର ଦୁଇ ଭଜ ହାତ ଛଡ଼ାରେ ଘମ ବେହେରା ଓ ମଝମ ବେହେରା ଦୁଇ ଜଣ ଖଲ୍ଲସି (୧) । ସମସ୍ତେ ମୁଣ୍ଡ ପୋତ ବସିଛନ୍ତି, କାହାର ମୁହଁରେ କଥା ନାହିଁ । ପହରଣ ସମସ୍ତଙ୍କର ଏକ ପ୍ରେଟିଆ, ମଇଳା ଚରୁକୁଟ ଚର୍ଦ୍ଦ ଖଣ୍ଡେ ଖଣ୍ଡେ ଲୁଗା । ଖାଲି ମାଝି ବେକରେ ଖଣ୍ଡେ ମଇଳା ଗାମୁଛା ପଟକା ପର ପଡ଼ିଛି । ସମସ୍ତଙ୍କ ଦେହଯାକ ଧୂଳ କାଦୁଅ ବୋଳା । ମୁଣ୍ଡରେ ଚକେ ଚକେ ରୁଡ଼ ।

କଚେର ଘରୁ ବାବୁ ଡାକ ଦେଲେ, "ମାଝି !" ସ୍ୱରୂପ ମାଝି, 'ଆଜ୍ଞା ହଜୁର' ଉତ୍ତର ଦେଇ ବାବୁଙ୍କ ଆଗରେ ଛିଡ଼ା ହୋଇଗଲ୍ଲ । ବାବୁ ମାଝିକୁ ଅନାଇ ଦେଲେ—'ହୁଁ' ବୋଲ କହ୍ନି ଗୁଡ଼ାଖୁ ଟାଣିବାକୁ ଲଗିଲେ । ପୂର୍ବ ଚଲମେ ଗୁଡ଼ାଖୁ ଉଡ଼ ଗଲ୍ଲଣି, ମାଝି ମୁଣ୍ଡ ପୋତ ଛିଡ଼ାହୋଇଛି । ପା ଦଣ୍ଡା ବାଦେ ବାବୁ ମାଝିକୁ ଆଉଥରେ ଅନାଇ କହିଲେ, "କଣ ହେଲ୍ଲ ମାଝି, ଅସଲ କଥାଟା ଆଉ ଥରେ ଠିକେ ଠିକେ ବୋଲଯା ତ ।" ବାବୁଙ୍କ କଅଁଳ କଥା ଶୁଣି ମାଝି ପ୍ରଥମେ କାନ୍ଦ ପକାଇଲ୍ଲ । ତହିଁ ବାଦେ ସମ୍ଭାଳ

(୧) ଖଲ୍ଲସି—ଜାହାଜର ନମ୍ନଶ୍ରେଣୀର ଖଲାସି ।

ଯାଇ ସକେଇ ସକେଇ ଧୀରେ ଧୀରେ କହିବାକୁ ଲୁଟିଲୁ, "ଆଜ୍ଞା—ଗଲ୍ଲ ଉଆଁସ ବାସି ପ୍ରତିପଦା ଦିନ ଅଡ଼ତଦାର ଆପୁଡ଼ୁ ସ୍ୱାମୀ ପାଖରୁ ଘୋର ଘୋର ଟଙ୍କାଟୋକର ଗଣି ନେଇ ଦିନ ଦୁଇପହର ସରକ ଚନାପାଟଣା ଦାଣ୍ଡୁ ବାହାରୁ (୨) ଲଙ୍ଗର ଉଠାଇ ଦେଲୁଁ ।" ବାବୁ ପଚାରି ଦେଲେ, "ଅଡ଼ତଦାର ହୁସାବ ଚୁଣ୍ଡାଇ ସବୁ ଟଙ୍କା ଦେଇଛି, ନା ଆଉ କିଛି ଅଛି ?

ମାଝି—ଅଡ଼ତଦାର ମତେ ନଗଦ ବାରହଜାର ଟଙ୍କା ଗଣିଦେଲୁ । ହୁସାବ ଡାକରେ ପଠାଇବ ବୋଲି କହିଲୁ ।

ବାବୁ ବାକ୍ସ ଫିଟାଇ ଗଲ୍ଲ କାଲି ଡାକରେ ଆସିଥିବା ମୋଟା ଚଠି ଖଣ୍ଡି ବାହାର କଲେ, ତାହା ଭିତରୁ ଲାଲରଙ୍ଗ ପାତଳ କାଗଜରେ ଛେଲଙ୍କି ଲେଖା ଏକକୋଣିଆ ପଡାରେ ଗୁଡା ଗୋଟିଏ ଚଠି କାଗଜ ବାହାର କଲେ, ଏପାଖ ସେ ପାଖ ଓଲଟ-ପାଲଟ କରି ୱାରେଣ ଲଙ୍ଗମ୍‌କୁ ଡାକ ପଠାଇଲେ । ୱାରେଣ ଲଙ୍ଗମ୍ ଛେଲଙ୍କି ଗୁମାସ୍ତା । ଦକ୍ଷିଣ ଅଞ୍ଚଳରୁ ଆସୁଥିବା ଚଠିମାନ ପଢ଼ି ବାବୁଙ୍କୁ ଓଡ଼ିଆରେ ବୁଝାଇ ଦିଏ । ପିଆଦା ଗୁମାସ୍ତାକୁ ଡାକିବାକୁ ଧାଇଁଲୁ । ତହିଁ-ଉତ୍ତରେ ବାବୁ ମାଝିକୁ ଅନାଇ କହିଲେ, "ହୁଁ—"

ସ୍ୱରୂପ ମାଝି—ଲଙ୍ଗର ଉଠାଇ ଶେଡ଼ ଯେ ହଙ୍କାରୁଛୁ, ସେଇ ହଙ୍କାରୁଛୁ । ଦୁଇ ଆଠ ଦିନ ଗୁଡ଼ି ଜାହାଜ ଧାଇଁଥାଏ । ଦକ୍ଷିଣା ପିଟୁଡ଼ି ପବନ —ଆକାଶ ନିର୍ମଳ -ଦରିଆଟା ପୋଖରୀ ପାଣି ପରି ଧୀର । ଜାହାଜ ସୁକାନରେ ଖାଲି ହାତ ପଡ଼ିଥାଏ, ସଲଖ ଜାହାଜ ଧାଇଁଛୁ । ନଅ ଦିନ ଗୁଡ଼ି ପହରକ ସରକ କଟକ ବାଗ୍ ଫଲପାଟେଣ୍ଟ ବତ୍ତ * ଯିମିତି ନଜର ପଡ଼ୁଛୁ, ପଛ ପଟରୁ ଟିକେ ପବନ ଝଲକ ଦେଲୁ, ବେଳକୁ ବେଳ ଟିକେ ଟିକେ ବଢ଼ିବାକୁ ଲାଗିଲୁ । ବଢ଼ିଲାପରି ବଢ଼ିଲୁ—ସମାଳ, ସମାଳ—ଗୁଡ଼ି ଅଧ ବେଳକୁ ଅଥପ୍ଥ । ଦରିଆ ଆକାଶ ଏକାକାର, ତାଳଗଛ ପ୍ରମାଣ ଢେଉ । ଆଗ ଦୁଇ ନଙ୍ଗର ପଛ ଲଡାଡ଼ି ପକାଇ ଦେଲା, ପଟାପଟ ଛିଡ଼ିଗଲୁ । ଗୁଡ଼ାକ ଏକ ହାଲ, ଆଉ ସମ୍ଭାଳ ହେଲୁ ନାହିଁ । ଅଧଗୁଡ଼ି ସରକ ଜାହାଜ ଗାମଦ ହେଲୁ, ସମସ୍ତେ ମିଶି ପାଣି-ମଝିରେ ଲଗିଥାଉଁ । ଘୋର ଘୋର ଜାହାଜ ବସିଗଲୁ । ଦିନ ହେଲୁ, ଦେଖିଲୁଁ, ଧାମରା ଘଡ଼ଆଳ ମୁହାଣ । ଆଉ ଗତ୍ୟନ୍ତର ନାହିଁ, ବତାଳକୁ ' ଓହ୍ଲାଇ ଆସିଲୁଁ ।

ବାବୁ ପଚାରିଲେ—ଟଙ୍କା ?

ମାଝି ଖାଲି କାନ୍ଦିଲୁ, କିଛି କହି ପାରିଲୁ ନାହିଁ ।

ବାବୁ କହିଲେ, "କାହିଁ, ଏଠାରେ କିଛି ମେଘ ଅଳ୍ପ ତୋଫାନ ହୋଇଥିଲା ସତ, ତେଡ଼େ ତୋଫାନ ତ ନାହିଁ ?"

ମାଝି ଆଜ୍ଞା, ଏଟା ତୋଫାନ ନୁହେଁ, ଦରିଆ ଖଣ୍ଡିଆ ଭୂତ, ଏପରି ଭୂତ ଦରିଆରେ ଥାଏ । କଲକତ୍ତ, ବମ୍ବେଇ, ରେଙ୍ଗୁଣୀ ଛ ଖଣ୍ଡ ଜାହାଜ ଏକାସାଙ୍ଗରେ ଶେଡ଼ ହଙ୍କାରିଥିଲୁଁ । ସବୁଗୁଡ଼ାକ କୁଆଡ଼େ ଉଡ଼ି ଗଲେ, କାହାର ପତା ନାହିଁ ।

ଜ୍ୟୋତିଷ କମଲଲୋଚନ ନାୟକଙ୍କୁ ବାବୁ ଡକାଇଥିଲେ । ମାଝି ସଙ୍ଗରେ କଥୋପକଥନ ସମୟରେ

---

(୨) ଚନାପାଟଣା ଦାଣ୍ଡୁ ବାହାରୁ—ମାଦ୍ରାଜ ହାର୍‌ବର ।

* False point Light-house,

† Life-boat

ଜ୍ୟୋତ୍ସ୍ନ ପହଞ୍ଚି ଗଲେ, ପାଞ୍ଜି ବଡ଼ାନ୍ଦି ଧର ଚଢ଼ିବାକୁ ଲାଗିଲେ —

"ମଙ୍ଗଳଂ ଭଗବାନ୍ ବିଷ୍ଣୁ"

"ମଙ୍ଗ —

ବାବୁ ଗୋଟାଏ ଘର ଖପା ହୋଇ କହିଲେ, "ଦଁ ହଁ, ତୁମ ପାଞ୍ଜି ବଡ଼ା ବାନ୍ଧ ରଖ । ଘର ଦନଟାଏ ଧର ଦେଇଥିଲ, ନା ! ଗଲ ଗୁରୁବାର ଦନ ଖଡ଼ ପକାଇ କହିଥିଲ ପର୍ଶୁ, ପୂର୍ଣ୍ଣିମା କଟାଳ ଜୁଆର ବେଳରେ କମଳାପ୍ରସାଦ ଘାଟ ଛଡ଼ିବ ? ଆଚ୍ଛା ପାଠ ଧଡ଼ିଛ ଏନା ।"

ଶ୍ରୀ ନାପୁଙ୍କେ ଫଁ କର ନଶ୍ୱାସଟାଏ ଟକାଇଲେ, ଦାଢ଼ି ନ ଫିଟାଇ ପଛଘୁଞ୍ଚା ଦେଲେ । କଚେରୀର ବାରନ୍ଦା ଏକପାଖିଆ ବସି ଅଖାରୁ ଖଡ଼ ଗୋଟାଳନ୍ତି କାଢ଼ିଲେ, ବଗିଚକ କାନ୍ଦି ଡେର ପାଠ ଲେଖିଲେ । ଖଡ଼ ଗୋଟାଳଟା ଦୋରବସ୍ତ ଛୁଡ଼ଗଲଣି । ଛହଁ-ଉଣ୍ଡରେ ଗୁମ୍ ମାର ବସି ଛୁଚ୍ଚା ଘିବୁଛନ୍ତି । ବେଳ ପ୍ରାପ୍ତ ଭଜ ପହର ଗଡ଼ଗଲଣି । ବାବୁ କଚେରରୁ ଉଠି ନାହାନ୍ତି, ଗୁମାସ୍ତା ଆଉ ଆଉ ଗୁକରମାନେ ବା କମିଚ୍ଚି ଉଠିପିବେ ? ରାଧୁଆ ବେଳ ଗଡ଼ ଗଲ୍ଣି । ସମସ୍ତେ ଆଟଣା ଆପଣା ଜାଗାରେ ଗୁମ୍ ମାର ବସିଛନ୍ତି । ଦର ଭିତରୁ ଛଜ ଥର ଡାକରା ଆସିଲଣି । ଶେଷରେ ଗୁରୁବାସ୍ତ ପୋଇଲ୍ଲା ଆସି କହିଲା, "ସାନ୍ତାଣୀ ଆଜ୍ଞା କଲେ, ସା ହେବାର ତ ହେଲ୍ଣି, ଭିତରେ ପିଲ୍ଲୁଆଗୁଡ଼ାକ ଓପାସରେ କାନ୍ଦଲ ହେଉଛନ୍ତି ଯେ ।"

ବାବୁ ଯେଉଁ ବାଟରେ ଭିତର ପରସ୍ତକୁ ଯିବେ, ଅବଧାନ ସେହି ବାଟ ପାଖରେ ବସିଥିଲେ, ବାବୁଙ୍କୁ ଦେଖି ଛିଡ଼ା ହୋଇ ଯାଇ କହିଲେ, "ଆଜ୍ଞା ! ଏ କପର ହେଲ ?" ବାବୁ ଟିକଏ ଖପା ହେଲ ପର ହୋଇ କହିଲେ, "କପର ହେଲ, ମାଡ଼ିକୁ ପଚ୍ଚର ।"

ବାବୁ ପଟ୍ଟେ ପଟ୍ଟେ ଗୁମାସ୍ତାମାନେ ଖାତାପତ୍ର ବାନ୍ଧି ଘରକୁ ବାହାରିଲେ । ଶ୍ୟାମ ଦାସ ଗୁମାସ୍ତା ଜ୍ୟୋତ୍ସ୍ନଙ୍କୁ ଟିକେ ଟାଳୁଲ କର କହିଲେ, "କ ହୋ ଅବଧାନେ ! ତୁମ ପାଠ ଛୁଡ଼ି ନାହିଁ ସତ୍ୟ ? ଯାଅ— ଯାଅ, ସ୍ନାନପ୍ରକାର କର ପକାଅ ପାଠଟା ପଟ୍ଟକର ଛୁଡ଼ିପିବ ।"

ଶ୍ରୀ ନାପୁଙ୍କେ କହିଲେ, "ଗୁମାସ୍ତା ବାବୁ, ଆପଣ ଖେସ୍ଖାଙ୍ଗ କରିବେ ନାହିଁ, ଆପଣ ଟିକେ ମୋ କଥା ଶୁଣନ୍ତୁ । ଏହି ଦେଖନ୍ତୁ ବାବୁଙ୍କର କକଡ଼ା ଲଗ୍ନ— ଲଗ୍ନରେ ବୃହସ୍ପତି, ବର୍ତ୍ତମାନ ପୁଣି ବୃହସ୍ପତି ମହାଦଶା ଏବଂ ପଞ୍ଚମାଧିପ ଲାଭାଧିପ ଯେ ମଙ୍ଗଳ ତାହାର ହୋଇଛି ଅନ୍ତର । ଆଉରି ବ ଦେଖିବା ହେଉ, ଘରଆଡ଼େ ଠାକୁରାଣୀଙ୍କର ମେଷ ଲଗ୍ନ— ଦ୍ୱିତୀୟ ଧନ ସ୍ଥାନରେ ଚନ୍ଦ୍ର ତୁଙ୍ଗୀ, ତାହାର ପୁଣି ମହାଦଶା । କଣ ବୋଲୁଛ ଗୁମାସ୍ତା ବାବୁ, ଏ ଅବସ୍ଥାରେ କ ବପଦ ଘଟି ପାରେ ? କେଉଁ ନୁହେ— କେଉଁ ନୁହେ—ଜାହାଜ କେଉଁ ଡୁବିବ ନାହିଁ ।

ଆମ୍ଭେମାନେ ଯେଉଁ ଘଟଣା ବିଷୟ ଲେଖିବାକୁ ବସିଅଛୁଁ, ତାହା ଷାଠିଏ ବର୍ଷ ତଳର କଥା । ସେ ସମୟରେ ବାଲେଶ୍ୱରର ଜାହାଜ କାରବାର ବିଷୟ ନ ଜାଣିଲେ ପ୍ରକୃତ ଘଟଣା ବିଷୟ ବୁଝିବାକୁ ପାଠକ-ମାନଙ୍କ ପକ୍ଷରେ ବଡ଼ ଅସୁବିଧା ହେବ, ଅଥବା ମୂଳରୁ ବୁଝି ପାରିବେ ନାହିଁ । ଏଥକୁ ସେ ସମୟର ବୃତ୍ତାନ୍ତ ଅଳ୍ପ ପରିମାଣରେ କଅଁଳ ବ୍ୟାଖ୍ୟାନ କରିବାକୁ ଇଚ୍ଛା କରୁଁ !

ଘରତବର୍ଷର ପୂର୍ବ ଉପକୂଳସ୍ଥ ବନ୍ଦରମାନଙ୍କ ମଧ୍ୟରେ ଅତି ପୂର୍ବକାଳରୁ ବାଲେଶ୍ୱର ପ୍ରସିଦ୍ଧି ଲାଭ କରିଥିଲ । ସମୁଦ୍ରଗାମୀ ସମ୍ବୃଦ୍ଧାଦକ ଜାହାଜ ନଦୀ ଜଳକୁ ଆଚ୍ଛାଦନ କର ନଡ଼ସମ ସମୟରେ ବାଲେଶ୍ୱର ବନ୍ଦର ଘାଟରେ ଲାଗୁଥିଲେ । ନାନା ଶ୍ରେଣୀର ପ୍ରାପ୍ତ

ଦଶ ହଜାର କାଣ୍ଡଗଦ୍ଦ କାମରେ ଲଗିଆନ୍ତୁ । ସହର-ପାଖିଆ ନଦୀକୂଳ ପ୍ରାପ୍ତ ଦୁଇ କୋଶ ପର୍ଯ୍ୟନ୍ତ ହାଟ ବସିଲା ପରି ଲୋକଙ୍କ ଗହଳ ଚହଳ ଲଗିଥାଏ । ରେଙ୍ଗୁନ, ଜାଭା, ବର୍ଣ୍ଣିଓ, ବଶାଖାପତ୍ତନ, ବନା-ପାଟନା, ସିଂହଳ, ମାଲଦ୍ୱୀପ, ଲକ୍ଷାଦ୍ୱୀପ ଅଭିମୁଖରେ ଯାଉଥିବା ଶତ ଶତ ଜାହାଜ ସମୁଦ୍ର ମଧ୍ୟରେ ଢେଉଆ* ଖେଳୁଥିଲେ । ସେ ସମୟରେ ରେଲ ବା ଷ୍ଟିମରର ନାମ ଶୁଣା ନ ଥିଲା । ସମସ୍ତ ଉତ୍କଳର ବଦେଶୀ ମାଲ ଆମଦାନି ରପ୍ତାନି ବାଲେଶ୍ୱର ବନ୍ଦର ବାଟେ ହେଉଥିଲା । ବଙ୍ଗଳା ଦେଶର ପ୍ରାପ୍ତ ଅର୍ଦ୍ଧାଂଶ ଜଳ୍ପା ଲୋକଙ୍କ ଖୋରାକି ଲୁଣ ବାଲେଶ୍ୱର ଜାହାଜ ବନ୍ଦର କରୁଥିଲା । ବଙ୍ଗ ଦେଶ ନାମ ଜାଣିବା ପୂର୍ବରେ ପାଶ୍ଚାତ୍ୟ ଜାତି ବନାମାର ଓଲନ୍ଦାଜ, ଫରାସି, ଇଂରେଜ ବେପାରୀମାନେ ବାଲେଶ୍ୱର ବନ୍ଦରରେ ଦୋକାନ ମେଲିଥିଲେ । ବର୍ତ୍ତମାନ ବନ୍ଦର ନଦୀ ପାଟକୁ ଯାଅ, କଣ ଦେଖିବ ? ନଦୀକୂଳ ଶୂନ୍ୟାନ ପରି ନିର୍ଜ୍ଜନ—ବୁଢ଼ାବଳଙ୍ଗ ନଦୀଟି ଯେମନ୍ତ କଳକଳ-ସ୍ୱନରେ କାନ୍ଦି ସମୁଦ୍ରକୁ ଯାଉଅଛୁ ।

ବାଲେଶ୍ୱର ବନ୍ଦରର ଦୁର୍ଭାଗ୍ୟର ମୂଳକାରଣ, ନମକ ଗୋକ୍ତାନ ବନ୍ଦ; ଦ୍ୱିତୀୟ କାରଣ ଷ୍ଟିମର ଓ ରେଲର କାରବାର; ତୃତୀୟ କାରଣ ଅଥବା ବଶେଷ କାରଣ, ବାଲେଶ୍ୱର ନଦୀ ମୁହାଣ ଗୋଡା ପଡ଼ ଗଲଣି, ଅମାବାସ୍ୟା ପୂର୍ଣ୍ଣିମା କଣ୍ଟାଳ ଜୁଆର ସମୟ ବନା ଅନ୍ୟ ସମୟରେ ସମୁଦ୍ରରୁ ଜାହାଜ ନଦୀ ଭିତରକୁ ପଶି ପାରୁ ନାହିଁ ।

ବାଲେଶ୍ୱର ଜାହାଜ ସବୁ ତିନ ଶ୍ରେଣୀର ଥିଲା । ବଡ଼ ଜାହାଜର ନାମ ଗୋରୁପ, ମଧ୍ୟଭଳ ଜାହାଜର ନାମ ସୁଲୁପ, ଅତି ସାନ ଜାହାଜର ନାମ ଦୁତ୍ତଣୀ । ସୁଲୁପ ଆଉ ଦୁତ୍ତଣୀ କଲିକତାକୁ ଯାତାୟାତ କରେ, ଗୋରୁପ ସବୁ ସମୁଦ୍ର ମଧ୍ୟରେ ଦୂର ଦେଶକୁ ଯାଏ । ପ୍ରତ୍ୟେକ ଜାହାଜର ଗୋଟିଏ ଗୋଟିଏ ନାମ ଥାଏ; ଯଥା—କମଳାପ୍ରସାଦ, ଉମାପ୍ରସାଦ, ଦୁର୍ଗାପ୍ରସାଦ, ଈଶ୍ୱରପ୍ରସାଦ ଇତ୍ୟାଦି ।

ବାଲେଶ୍ୱରରେ ଅନେକଗୁଡ଼ିଏ ଜାହାଜିଆ ମହାଜନ ଥିଲେ । ଯାହାଙ୍କର ଜାହାଜ ସଂଖ୍ୟା ବେଶି, ସେ ବଡ଼ ମହାଜନ, ସମାଜରେ ତାଙ୍କର ସମ୍ମାନ ବେଶି ।

ବାବୁ ରାମହରି ନାପୁକ ଜଣେ ଛୋଟକୁରିଆ ମହାଜନ । ଗୋଟି ଖଣ୍ଡି ମାତ୍ର ଜାହାଜ । କମଳାପ୍ରସାଦ ଗୋରୁପ ମାଜ୍ରାଜ, କଲମ୍ବୋ, ରେଙ୍ଗୁନ କ୍ଷେପକରେ, ଆଉ ତିନି ଖଣ୍ଡ ସୁଲୁପ ।

ସ୍ୱରୂପ ବେହେରା କମଳାପ୍ରସାଦ ଗୋରୁପର ମାଝି । କୋଡ଼ିଏ ବର୍ଷର ଗୁକର, ଖୁବ ବଶ୍ୱାସୀ, ଖୁବ୍ ନମକ-ପଚା । ଖୁବ ବଶ୍ୱାସୀ ଲୋକ ନ ହେଲେ ମାଝିଗିରି ଗୁକର ପାଏ ନାହିଁ । କାରଣ, ତାହା ହାତ ବାଟେ ଅନେକ ନଗଦ ଟଙ୍କାର କାରବାର ହୁଏ ।

ସ୍ୱରୂପ ମାଝି କମଳାପ୍ରସାଦ ଗୋରୁପରେ ମାଲ ଘେନି ମାଦ୍ରାଜ ଯାଇଥିଲା, ଫେରନ୍ତା ଜାହାଜ ବୁଡ଼ି ଯାଇଥିବା କଥା ହୁଏ । ଜାହାଜ ବୁଡ଼ିଯିବାରୁ ମହାଜନଙ୍କ ଛଡ଼ା ଆହୁରି ଢେର ଲୋକଙ୍କର ଲୋକସାନ ହୋଇଛି । ବରକାଳ ଏପରି ଦସ୍ତୁର ଚଳି ଆସୁଛି କି, ମାଝି ଦୂର ଦେଶକୁ ମାଲ ବୋଝାଇ ଜାହାଜ ଘେନି ଯିବାବେଳେ ସେ ଜାହାଜର ଦୁଇ-ପଣି ବୋଝାଇ ମାଲ ବନା ଭଡ଼ାରେ ଘେନି ଯାଏ । ମନେ କରନ୍ତୁ, ଗୋଟିଏ ଜାହାଜରେ ଆଠ ହଜାର ମହଣ ମାଲ ବୋଝାଇ ହେବ, ସେଥିରୁ ହଜାରେ ମହଣ ମାଝିର । ସେହି ହଜାରେ ମହଣ ମାଲ ସକାଶେ

* ଢେଉଆ—ସମୁଦ୍ରକୁ ପବନ ଠେଲି ସଘାତକାରରେ ଜାହାଜର ଗତି ।

ମହାଜନ ଜାହାଜ ଭଡା ପାଇବେ ନାହିଁ, ସେ ବୋଝେଇ ମାଲର ବକା କଣା ଲାଭ ମାଝି ପାଇବ । ମାଝିର ଦୁଇପଣି ମାଲ ନେବାର ଅଧିକାର ଅଛି ସତ୍ୟ; ମାଝ ତା ହାତରେ ଏତେ ଟଙ୍କା କାହିଁ ? ବାବୁଙ୍କ ଘରେ ଗୁକର ଗୁକରାଣୀ ବହୁ ଝିଅ ଗୁମାସ୍ତା ପାଇକ ଯେତେ ଲୋକ ଥାନ୍ତୁ, ମାଝି ସେମାନଙ୍କ ପାଖରୁ ଟଙ୍କା ନଏ । ଏହି ଟଙ୍କାକୁ ବଟମ ବୋଲାପାଏ । ମାଝି ସେହି ବଟମ ଟଙ୍କାରେ ମାଲ କିଣି କାରବାର କରେ, ସେଥିରୁ ଯେଉଁ ଲାଭ ହୁଏ, ବଟମ ଦାର ଅଧେ ଆଉ ମାଝି ଅଧେ ପାଏ । କମଳାପ୍ରସାଦ ଗୋରୁପରେ ଢେର ଟଙ୍କାର ବଟମୀ ମାଲ ଥିଲା ।

ଆଜ ପୂର୍ଣ୍ଣିମା—ସହଜରେ କଟାଳ ଜୁଆର ହନ । ବାରଟା ବେଳେ ଜୁଆର ଘଟିବ, ଠିକ ଢେଉକବେଳେ ପଡ଼ୁଛୁ ଅମୃତ ଯୋଗ । ଆଜ ଢେର ଜାହାଜ ଗଡ଼ପିବାର * ସ୍ଥିର ହୋଇଛୁ । ଗୁର ପାଞ୍ଚ ହନ ହେଲା ମାଝି ଖଲ୍ସିମାନେ କାମରେ ଘର ଲଗି ଯାଇଥିଲେ । ଜାହାଜଟିକୁ ସଫା ସୁତର କର ଡୋଲ ଉପରେ ସବର, ଗଭର, ଟଭର—ପଛକୁ କଲମି ଡୋଲ ଆଉ ବରଗା-ମାନ ଟେକ ଦେଇ ଶେଡ଼ ଗୁଡ଼ାଇ ଠିକ କର ରଖି ଦେଇଛନ୍ତି । ଆଗରେ ପଛରେ ଡୋଲର ସବା ଉପରେ ଲାଲ ଧଳା ହଳଦିଆ ପତାକାମାନ ଫର ଫର ହୋଇ ଉଡ଼ୁଛୁ । ଆଡ଼କୁ ଜାହାଜଟି ବଡ଼ ସୁନ୍ଦର ଦିଶୁଛୁ । ବେଳ ପ୍ରହରକ ସରକ ଖୋଦ ବାବୁ ସ୍ନାନସାର ହସର ଯେଡ଼ ପିନ୍ଧ ଜାହାଜ ଉପରେ ପହଞ୍ଚିଲେ । ଜାହାଜ ଆଗ ମୁଣ୍ଡଠାରେ ହୋମ ଆଉ ପୂଜା ବଡ଼ିଲ—ମାଝି ବ ସ୍ନାନପ୍ରକାର ସାର ମୁଣ୍ଡରେ, ବେକରେ, ଦୁଇ ବାହୁ ଆଉ ଗୁଣ୍ଡରେ ଚନ୍ଦା କର ପୂଜା ପାଖରେ ବସିଥିଲ । ପୁରୋହିତ ପୂଜା ସାର ବାବୁଙ୍କ ମୁଣ୍ଡରେ ଆଉ ମାଝି ମୁଣ୍ଡରେ ଅକ୍ଷତ ପକାଇ ବେକରେ ଫୁଲମାଳ ଲମ୍ବାଇ ଦେଲେ । ପଣ୍ଡିତ ନରସିଂହ ମିଶ୍ରେ ଜାହାଜ କୁଣଳରେ ବାନ୍ଧୁଡ଼ ଆସିବାପାଇଁ ଚଣ୍ଡୀପାଠ ହମନ୍ତେ ବାବୁଙ୍କ ହାତରୁ ଫଳଲ୍ପ ଗୁଆ ଟେକ ନେଇ ଉହ୍ନାଇ ଆସିଲେ । ମାଝି ଡାକ ଦେଲ, 'ଉପ୍ପାରରବ୍ବ' । ଖଲ୍ସିମାନେ ଆଉ ସୁକାନ ଆପଣା ଆପଣା ଜାଗାରେ ଛିଡ଼ା ହୋଇଗଲେ । ଉଣ୍ଡେଲ ଆଗ ଲଙ୍ଗର କପିକଳକୁ ଅନାଇ ଆଉ ଛ ଜଣ ଲଙ୍ଗର ଉଠା ଦାଉର କଳର ଛଅଟା ଦଖା ଧର ଛିଡ଼ା ହୋଇଛନ୍ତି ।

ବାବୁ, ପୁରୋହିତ, ଜ୍ୟୋତିଷେ ନଦୀକୂଳରେ ଜାହାଜକୁ ଅନାଇ ବସିଛନ୍ତି । ମାଝି ଜାହାଜ ବାଡ଼ ଉପରେ ପେଟେଇ ପଡ଼ ବାବୁଙ୍କ ମୁହଁକୁ ଅନାଇଛୁ । ଜ୍ୟୋତିଷେ ସୂର୍ଯ୍ୟକୁ ଆଉ ପାଞ୍ଜିକୁ ବାରମ୍ବାର ଗୁହୁଁଛନ୍ତି । ଠିକ ୧୨ ଟା ବେଳ ହେଲ । ବାବୁ ଆଉ ଜ୍ୟୋତିଷେ ଛିଡ଼ା ହୋଇ ଡାକଦେଲେ, "ମାଝି !"

ମାଝି ଜାହାଜ ଆଡ଼କୁ ମୁହଁ କର ଡାକଦେଲ, "ହା-ବସ୍ ।"

ଉଣ୍ଡେଲ ଡାକଲ—ଓ—ହୋଓ ।

ବାଉର ପଖାବାଡ଼ ଧରିଥିବା ଛ ଜଣ ଖଲ୍ସି ଡାକଲେ, ଓ—ହୋଓ ।

ଉଣ୍ଡେଲ—ଓ—ହୋଓ ।

ଖଲ୍ସି—ଓ · ଘଇ ।

ଉଣ୍ଡେଲ—ଦରଆପୀର ।

ଖଲ୍ସିମାନେ—ଏଁ—ଏଁ । ।

ଉଣ୍ଡେଲ – ଲଗେ ଶିର ।

ଖଲ୍ସି—ଏଁ—ଏଁ । ।

ଉଣ୍ଡେଲ—ପୀର କେରମଡ଼ ।

ଖଲ୍ସି—ଏଁ—ଏଁ । ।

* ସମୁଦ୍ରକୁ ଯାତ୍ରା କର ଯିବାର ।

ଚଣ୍ଡେଲ—ସାହେବ ସଲ୍ଲମତ୍ ।

ଖଲ୍ସି—ଏଁ—ଯ୍ଯାଁ ।

ଚଣ୍ଡେଲ—ଜ୍ଞାନ ଜଙ୍କର୍ ।

ଖଲ୍ସି—ଏଁ—ଯ୍ଯାଁ ।

ଚଣ୍ଡେଲ—କାମେ ଖବର ।

ଖଲ୍ସି—ଏଁ—ଯ୍ଯାଁ ।

ଚଣ୍ଡେଲ ଡାକଲେ ଖଲ୍ସି ମାନେ 'ଏଁ—ଯ୍ଯାଁ' କହି ଏକସଙ୍ଗରେ ଖୁବ ବଳରେ ବାଜର ପନ୍ତ ପଖା ବାଢ଼ରେ ଏକ ଝିଙ୍କା ମାରନ୍ତି—ଲଙ୍ଗର ପାଣି ଭିତରୁ ଝିକଏ ଜଠିଆସେ ।

ଚଣ୍ଡେଲ ପାଟି କରି ଡାକ ଦେଲ, "ଏରଆ—ଏରଆ—ଏରଆ !" ଲଙ୍ଗର ଉଠିଗଲ—ଭଟା ପାଣିରେ ଜାହାଜ ଖୁବ ଧୀରେ ଧୀରେ ଗଡ଼ି କଲ ।

ଠିକ ଏତିକିବେଳେ ନଦକୂଳରେ ଘର ଗୋଟାଏ ଚଢ଼ଳ ପଡ଼ଗଲ । ତରଆରୁ ଗୋଟାଏ ବଡ଼ ଜାହାଜ ଘସି ଆସୁଛି, ସେଥିରେ କେହି ମଣିଷ ନାହିଁ । 'ସମ୍ଭାଳ—ସମ୍ଭାଳ' ଲଙ୍ଗର ଜାହାଜମାନଙ୍କରେ ମଣିଷ ଚହଲ ଉହ୍ଲିଗଲେ । ସେ ଜାହାଜ ଘସି ଆସି ଆଉ ଗୋଟାଏ ଜାହାଜ ଉପରେ ପଡ଼ଗଲେ ଦୁଇ ଜାହାଜ ଜଖମ ହୋଇଯିବ । ଗୁଣଖଣ୍ଡ ବଡାଲରେ ଛ ଛ ଜଣ ଖଲ୍ସି ବସି ଧାଇଁଲେ, ଭସାଣି ଜାହାଜଟାକୁ ବାଟରେ ଓଗାଳି ରଖିବେ ।

ଜାହାଜ ନଜ ବାଟରେ ଧରଗଲ । ଦେଖ ଦେଖ, କାହା ଜାହାଜ ? ଆରେ ଏଇଟା ତ ରମନ୍ତର ବାବୁଙ୍କ କମଳାପ୍ରସାଦ । ରମନ୍ତର ବାବୁ ଖବର ପାଇ ଠାଁ ଜାଗାରୁ ଉଠି ଲଣ୍ଡଭଣ୍ଡ ହୋଇ ଧାଇଁଛନ୍ତି, କଣ୍ଠ ଶିଟି ଗଳଣି, କେଜାଣି ଲୁଗା ଖଣ୍ଡ ଘସି ପଡ଼ିବ । ରମା ଭଣ୍ଡାର ଟୋକା ସାଙ୍ଗରେ ନ ଥିଲେ ନଷ୍ଟପ୍ଟ ଲୁଗାଖଣ୍ଡ ବାଟରେ ପଡ଼ ପାଇଥାନ୍ତା । ଦେଖ, ଦେଖ—ଜାହାଜରେ ସବୁ ଠିକଠାକ ଅଛୁ ନାହିଁ କେବଳ ବାବୁଙ୍କ ଟଙ୍କାଗୁଡ଼ିକ ଆଉ ମାଝି ଖଲ୍ସିଙ୍କ ଆସବାବ କାହିଁଗଲ ସ୍ୱରୂପ ମାଝି ? ଆରେ ଆଉ ମାଝି ! ମାଝି ଅନ୍ତର୍ଦ୍ଧାନ !

ଘାଟ କପ୍ତାନ ସାହେବଙ୍କ ପାଖରୁ ଚଠି ପାଇ ମେଜେଷ୍ଟର ସାହେବ ପୋଲସ ନଯୁକ୍ତ କଲେ । ଆଠ ଦଶ ଦିନ ବାଦେ ଦେଖାଗଲ ବାଲେଶ୍ୱର ସହର ଶଗଡ଼ ଦାଣ୍ଡରେ ପୋଲସ ଦାରୋଗା ପୋଷାକ ପିନ୍ଧି ଗୋଟାଏ ଘୋଡ଼ାରେ ଚଢ଼ି ଘର ଫଟ୍ଟିରେ କଚେରିମୁହଁ ଗୁଲୁଛନ୍ତି । ତାଙ୍କ ପଛରେ ମାଝି ଖଲ୍ସି ଚଣ୍ଡେଲ ମେଟ୍ ଜାହାଜର ଗୁକର ଖୋଳ ଜଣ ହଲକୁ ହଲ ବାହାକୁ ବାହା ଛଡା । ଜଣ ଗୁଳଶ ପଞ୍ଚାଶ ଚପରାସି ରୌକଦାର ତାଙ୍କ ଗୁର ପାଖ ବେଢ଼ି ଗୁଲୁଛନ୍ତି । ସମସ୍ତଙ୍କ ମଝିରେ ଛ'ଟା ଟଙ୍କା ଘର । ପୋଲସ ପହଞ୍ଚିବାରୁ ମାଝି ଖଲ୍ସିମାନେ ମହାଜନର ଯେଉଁ ଟଙ୍କା ବାଣ୍ଧି ବଖରା କରି ନେଇଥିଲେ, ସୁନାପୁଅ ପରି ସେ ସମସ୍ତ ଦାରୋଗା ଆଗରେ ଗଣି ଦେଇଥିଲେ ।

ପୋଲସ ଦାରୋଗା ମେଜେଷ୍ଟର ସାହେବଙ୍କଠାରେ ଯେଉଁ ରିପୋର୍ଟ ଦରପେସ କରିଥିଲେ, ସେଥିର ସାରାଂଶ ଏହିପ୍ରକାର—

"ଚଳନ୍ତ ମଇ ମାସ ୧ ତାରିଖ ସ୍ୱରୂପ ମାଝି ମାନ୍ଦ୍ରାଜ ହାରବାରରୁ କମଳାପ୍ରସାଦ ଗୋରାପକୁ ବାଲେଶ୍ୱର ବନ୍ଦରକୁ ଘେନ ଆସୁଥିଲ—୯ ତାରିଖ ସନ୍ଧ୍ୟା ସମୟରେ ଧାମରା ନଦୀ ମୁହାଣ ପାଖରେ ପହଞ୍ଚିଲା ସେହି ଶେଷ ରାତ୍ରି ସରକ ବାଲେଶ୍ୱର ବାଟରେ ପହଞ୍ଚିଥାନ୍ତା । ମାନ ଆକାଶମେଘାଚ୍ଛନ୍ନ, ଆଉ ଅଳ୍ପ ଅଳ୍ପ ତୋଫାନ ହେବାରୁ ମାଝି ସମୁଦ୍ର ମଧ୍ୟରେ ଜାହାଜ ଚଳାଇବାକୁ ସାହସ କଲ ନାହିଁ, ନଉଦରେ ରହିବାପାଇଁ ଘଡ଼ଆମାଳ ନଦୀ ଭିତରକୁ ଘେନ ଯାଇ

Chhaya@Kanta

ଲଙ୍ଗର ପକାଇଲ । ସେଠାକୁ ମାଝି ଖଲ୍ଲସି ସମସ୍ତଙ୍କ ଗ୍ରାମ ମହାମପୁର ଅଧ କୋଶେ ବାଟ ଦୂର । ଅନେକ ଦିନ ପିଲାଛିଲାକୁ ଦେଖି ନ ଥିବାରୁ ଘରକୁ ଫିବାପାଇଁ ସମସ୍ତେ ବଡ଼ ବ୍ୟସ୍ତ ହେଲେ । ଗୋଟିଏ ଜଣ ମାତ୍ର ଖଲ୍ଲସି ଜାହାଜରେ ପହରା ରହିଲେ, ଆଉ ସମସ୍ତେ ଓହ୍ଲାଇ ଘରକୁ ଗଲଗଲେ । ରାତ୍ରି ପାହାନ୍ତା ଖୁବ୍ ଭୋର ଭୋର ଜାହାଜକୁ ଫେରି ଆସିବାର କଥା ରହିଲା ।

"ଅଧରାତ୍ରି ସରକ ତୋଫାନ ଆଉ ବୃଷ୍ଟି ପ୍ରବଳ ହେଲା । ଗୋଟିଏ ଲୋକ ଜାହାଜ ସମ୍ଭାଳ ରହି ପାରିଲେ ନାହିଁ, ଗୋଟାଏ ବାଲି ଚଡ଼ାରେ ଲାଗିଗଲା । ସକାଳ ସକାଳ ମାଝି ଖଲ୍ଲସି ଧାଇଁଛନ୍ତି ଜାହାଜ ଅବସ୍ଥା ଦେଖି ମୁଣ୍ଡ ବାଡ଼େଇ ହେଲେ । ଭେଟେବେଳେ ପଡ଼ଆଣି ଜୁଆର, ଜାହାଜ ନହାନ୍ତ ବାଲି ଚଡ଼ାରେ ବସି ଯାଇଛି । ଆଉ ଉପାୟ ନାହିଁ । ଘଡ଼ଆମାଳ ନଦୀରେ ଅନ୍ତ ଉତ୍ପଙ୍କର, ଜାହାଜ ଚଡ଼ାରେ ଲାଗିଲେ ଉଠେ ନାହିଁ । ଢେର ଢେର ଜାହାଜ ମାଡ଼ ଖାଇଛନ୍ତି । ମାଝିମାନେ ଏ ନଦୀକୁ ବଡ଼ ଡରନ୍ତି ।

ମାଝି ଖଲ୍ଲସି ସମସ୍ତେ ବସି ବଚ୍ଚର କଲେ, ଜାହାଜ ତ ଗଲାଣି, ଗୁକର ତ ରହିବ ନାହିଁ, ଶୁଣାଶୁଣିରେ ଜାହାଜାତ କାରବାର ବାଲେଶ୍ୱରରୁ ଉଠିଯିବ । ସ୍ଥିର କଲେ, ଟଙ୍କାଗୁଡ଼ିକ ବାଣ୍ଧିନେଇ ନଶ୍ଚିନ୍ତରେ ରହିବେ, ଜାହାଜଡୁବ ଖବର ମହାଜନକୁ ଦେବେ । ମାତ୍ର ସେମାନେ ଯତ୍ନ କରିଥିଲେ ଜାହାଜ ଉଠିଥାନ୍ତା ଇତ୍ୟାଦି ।

ଗୋଟି ଛ ଦିନ ବାଦେ ପୂର୍ଣ୍ଣିମା ତିଥି କଟାଳ ଜୁଆର ପହଞ୍ଚିବାରୁ ଜାହାଜ ଯେଉଁ ଚଡ଼ାରେ ବସିଥିଲା, ତାହା ଜଳପୂର୍ଣ୍ଣ ହୋଇଗଲା । ଦୈବାତ ଗୋଟାଏ ଟାଣ ପବନ ହେବାରୁ ଜାହାଜ ଖସି ଉଠି ଜଳସ୍ରୋତରେ ଏକା-ବେଳକେ ଦଉଡ଼ିରେ ପଡ଼ିଲା । ଯେପରି ଖବରେ ଖସି ଯାଉଥିଲା, ଗଙ୍ଗା ନଦୀ ଉତ୍ତରକୁ ଯାଇଥାନ୍ତା । ମାତ୍ର ବାଲେଶ୍ୱର ବାଟ ବାହାର ବପ୍ତା * ପାଖରେ ପହଞ୍ଚିଛି, ପୂର୍ଣ୍ଣିମା ପ୍ରାତଃକାଳ, ସମୁଦ୍ରରେ ଜୁଆର ଆରମ୍ଭ ହୋଇଛି, ଜଳସ୍ରୋତ ଧରି ବାଲେଶ୍ୱର ବୁଢ଼ାବଳଙ୍ଗ ନଦୀ ଭିତରେ ପଶିଗଲା ।

ପଶ୍ଚାତ୍ ଶୁଣାଗଲା, ମାଝି ଖଲ୍ଲସିମାନେ ଗୋଟି ଗୋଟି ବରଷ ମିଆଦ ଗଲେ । ଆଉ ଜ୍ୟୋତିଷ କମଲଲୋଚନ ନାଥୁକେ ତେଡ଼େବଡ଼ ଖତ୍ କାଲରେ ପାଞ୍ଜଥା ପିନ୍ଧି ଯୋଡ଼ ଶାଲ ଦୋଡ଼ ହୋଇ, ହାତରେ ସୁନାବଲା ନାଇ ମାପେ ଯାଏ ସଡ଼କ ମଧ୍ୟରେ ସବୁ ବଡ଼ ଲୋକଙ୍କ ଦ୍ୱାରେ ବୁଲୁଥିବାର ଦେଖାଗଲା ।

ମୌନା ମୌନୀ

ପ୍ରାୟ ଅର୍ଦ୍ଧଶତ ବର୍ଷ ପୂର୍ବେ ଖଣ୍ଡଗିରି ଓ ତତ୍ ଚତୁର୍ଦ୍ଦିଗସ୍ଥ ଉପତ୍ୟକା ଭୂମି ବହୁବିଧ ଜାଙ୍ଗିପୃଷ୍ଠ ଓ ଲତା ଜାଲରେ ବେଷ୍ଟିତ ଥିଲା । କେବଳ ଗୁମ୍ଫା ଓ ସମୀପ-ବର୍ତ୍ତୀ ସ୍ଥାନ ଉଦ୍ଭିଦଶୂନ୍ୟ, ପରିଷ୍କୃତ ପରିଚ୍ଛନ୍ନ, ସାଧୁ ସନ୍ନ୍ୟାସୀମାନଙ୍କ ଆଶ୍ରମରେ ପରିପୂର୍ଣ୍ଣ । ବିଭୂତିଭୂଷଣ କୌପୀନଧାରୀ ସାଧୁମାନେ ଧୂନି ଲଗାଇ ବସିଛନ୍ତି, ବସ୍ତ୍ରଧାରୀ ସାଧୁମାନେ ନିର୍ଧୂନିକ । ସାଧୁ ନାନା ଶ୍ରେଣୀର - ସନ୍ନ୍ୟାସୀ, ନାଗା, ଉମାଉତ, କେହି ବା ଉପାଧିରହିତ । ପ୍ରାୟ ପ୍ରତ୍ୟହ ସାଧୁମାନଙ୍କ ଗତାୟାତ ଲାଗିଥାଏ । ଥୋକେ ଗୁଲିପିବା ମାତ୍ରେ ନବାଗତ ସାଧୁ-ମାନେ ଶୂନ୍ୟସ୍ଥାନ ଅଧିକାର କରି ବସୁଥାନ୍ତି । ମୁଦ୍ରିତ-ନେତ୍ର ଥୋକେ ସାଧୁ ଧ୍ୟାନମଗ୍ନ । ତୁଳସୀ ବା ରୁଦ୍ରାକ୍ଷ ମାଳାହସ୍ତ ଥୋକେ ଭଜନରେ ନିଯୁକ୍ତ । କେହି

* ଦରିଆ ମଧ୍ୟରେ ମାର୍ଗରେ ସାଙ୍କେତିକ ଚିହ୍ନ ।

ଚଣ୍ଡେଲ—ସାଦ୍ଦେବ ସଲ୍ଲମତ୍ ।

ଖଲ୍ସି—ଏଁ—ଆଁ ।

ଚଣ୍ଡେଲ—ଜୁଆନ ଜଈର୍ ।

ଖଲ୍ସି—ଏଁ—ଆଁ ।

ଚଣ୍ଡେଲ—କାମେ ଖବର ।

ଖଲ୍ସି—ଏଁ—ଆଁ ।

ଚଣ୍ଡେଲ ଡାକଲେ ଖଲ୍ସି ମାନେ 'ଏଁ—ଆଁ' କହି ଏକସଙ୍ଗରେ ଖୁବ ବଳରେ ବାଜର ପନ୍ନ ପଖା ବାଢ଼ରେ ଏକ ଝିଙ୍କା ମାରନ୍ତି—ଲଙ୍ଗର ପାଣି ଭଡରୁ ଝିକଏ ଉଠିଆସେ ।

ଚଣ୍ଡେଲ ପାଟି କର ଡାକ ଦେଲା, "ଏରଆ—ଏରଆ—ଏରଆ !" ଲଙ୍ଗର ଉଠିଗଲା—ଉହାଁ ପାଣିରେ ଜାହାଜ ଖୁବ ଧୀରେ ଧୀରେ ଗଡ଼ କଲା ।

ଠିକ ଏଡ଼ିକବେଳେ ନଦକୂଳରେ ଘର ଗୋଟାଏ ଚଢ଼ଳ ପଡ଼ଗଲା । ଦରଆରୁ ଗୋଟାଏ ବଡ଼ ଜାହାଜ ଘୋସି ଆସୁଛୁ, ସେଥିରେ କେହି ମଣିଷ ନାହିଁ । 'ସମ୍ଭାଳ—ସମ୍ଭାଳ' ଲଙ୍ଗର ଜାହାଜମାନଙ୍କରେ ମଣିଷ ଦେଖି ଚହିଗଲେ । ସେ ଜାହାଜ ଘୋସି ଆସି ଆଉ ଗୋଟାଏ ଜାହାଜ ଉପରେ ପଡ଼ଗଲେ ଦୁଇ ଜାହାଜ ଜଖମ ହୋଇଯିବ । ଗୁଣ୍ଡେଖଣ୍ଡ ବଡାଳରେ ଛ ଛ ଜଣ ଖଲ୍ସି ବସି ଧାଇଁଲେ, ଉସାଣି ଜାହାଜଟାକୁ ବାଟରେ ଓଗାଳି ରଖିବେ ।

ଜାହାଜ ନଦୀ ବାଟରେ ଧଇଗଲା । ଦେଖ ଦେଖ, କାହା ଜାହାଜ ? ଆରେ ଏଇଟା ତ ରମଡର ବାବୁଙ୍କ କମଳାପ୍ରସାଦ । ରମଡର ବାବୁ ଖବର ପାଇ ଠାଁ ଜାଗାରୁ ଉଠି ଲଣ୍ଡଭଣ୍ଡ ହୋଇ ଧାଇଁଛନ୍ତି, କଣ୍ଡୁ ପିଟି ଗଲଣି, କେଜାଣି ଲୁଗା ଖଣ୍ଡ ଖସି ପଡ଼ିବ । ରମା ଭଣ୍ଡାର ଟୋକା ସାଙ୍ଗରେ ନ ଥିଲେ ନଣ୍ଟପୁ ଲୁଗାଟଣ୍ଡ ବାଟରେ ପଡ଼ ପାଇଥାନ୍ତା । ଦେଖ, ଦେଖ—ଜାହାଜରେ ସବୁ ଠିକଠାକ ଅଛୁ ନାହିଁ କେବଳ ବାବୁଙ୍କ ଟଙ୍କାଗୁଡ଼କ ଆଉ ମାଝି ଖଲ୍ସିଙ୍କ ଆସବାବ କାହିଁଗଲ ସ୍ୱରୂପ ମାଝି ? ଆରେ ଆଉ ମାଝି ! ମାଝି ଅନ୍ତର୍ଦ୍ଧାନ !

ଘାଟ କପ୍ତାନ ସାଦ୍ଦେବଙ୍କ ପାଖରୁ ଚଠି ପାଇ ମେଜେଷ୍ଟର ସାଦ୍ଦେବ ପୋଲିସ ନିଯୁକ୍ତ କଲେ । ଆଠ ଦଶ ଦିନ ବାଦେ ଦେଖାଗଲ ବାଲେଶ୍ୱର ସହର ଶଗଡ଼ ଦାଣ୍ଡରେ ପୋଲିସ ଦାରୋଗା ପୋଷାକ ପିନ୍ଧି ଗୋଟାଏ ଘୋଡ଼ାରେ ଚଢ଼ି ଘର ଫଟ୍ଟିରେ କଚେରମୁହଁ । ଗୁଲୁଛନ୍ତି । ତାଙ୍କ ପଛରେ ମାଝି ଖଲ୍ସି ଚଣ୍ଡେଲ ମେଟ୍ ଜାହାଜର ଗୁକର ଷୋଳ ଜଣ ଦଳକୁ ଦଳ ବାନ୍ଧାକୁ ବାନ୍ଧା ଛନ୍ଦା । ଜଣ ଗୁଳଶ ପଞ୍ଚାଶ ଚପରାସି ଚୌକିଦାର ତାଙ୍କ ଗୁର ପାଖ ବେଡ଼ି ଗୁଲୁଛନ୍ତି । ସମସ୍ତଙ୍କ ମଝିରେ ଛ'ଟା ଟଙ୍କା ଘର । ପୋଲିସ ପହଞ୍ଚିବାରୁ ମାଝି ଖଲ୍ସିମାନେ ମଦ୍ରାଜନର ଯେଉଁ ଟଙ୍କା ବାକ୍ସ ବଖରା କର ନେଇଥିଲେ, ସୁନାପୁଅ ପର ସେ ସମସ୍ତ ଦାରୋଗା ଆଗରେ ଗଣି ଦେଇଥିଲେ ।

ପୋଲିସ ଦାରୋଗା ମେଜେଷ୍ଟର ସାଦ୍ଦେବଙ୍କଠାରେ ଯେଉଁ ରିପୋର୍ଟ ଦରପେସ କରିଥିଲେ, ସେଥିର ସାରାଂଶ ଏହିପ୍ରକାର—

"ଚଳନ୍ତ ମଇ ମାସ ୧ ତାରିଖ ସ୍ୱରୂପ ମାଝି ମାଦ୍ରାଜ ଦ୍ୱାରବାରରୁ କମଳାପ୍ରସାଦ ଗୋଗ୍ରାକୁ ବାଲେଶ୍ୱର ବନ୍ଦରକୁ ଯେନ୍ତ ଆସୁଥିଲ— ୯ ତାରିଖ ସନ୍ଧ୍ୟା ସମୟରେ ଧାମରା ନଦୀ ମୁହାଣ ପାଖରେ ପହଞ୍ଚିଲା । ସେହି ଶେଷ ରାତ୍ରି ସରକ ବାଲେଶ୍ୱର ବାଟରେ ପହଞ୍ଚିଥାନ୍ତା । ମାତ୍ର ଆକାଶମେଘାଚ୍ଛନ୍ନ, ଆଉ ଅଳ୍ପ ଅଳ୍ପ ତୋଫାନ ହେବାରୁ ନାଝି ସମୁଦ୍ର ମଧ୍ୟରେ ଜାହାଜ ଚଳାଇବାକୁ ସାହସ କଲ ନାହିଁ, ନଈଦେରେ ରହିବାପାଇଁ ଘଡ଼ଆମାଳ ନଦୀ ଭିତରକୁ ଯେନ୍ତ ଯାଇ

Chhaya@Kanta

ଲଙ୍ଗର ପକାଇଲ । ସେଠାକୁ ମାଝି ଖଲ୍ସି ସମସ୍ତଙ୍କ ଗ୍ରାମ ମହାମପୁର ଅଧ୍ୟ କୋଶେ ବାଟ ଦୂର । ଅନେକ ଧନ ପିଲ୍ଟିଲ୍ଲାଙ୍କୁ ଦେଖି ନ ଥିବାରୁ ଘରକୁ ଯିବାପାଇଁ ସମସ୍ତେ ବଡ଼ ବ୍ୟସ୍ତ ହେଲେ । ଗୋଟ ଜଣ ମାଝ ଖଲ୍ସି ଜାହାଜରେ ପହରା ରହିଲେ, ଆଉ ସମସ୍ତେ ଓହ୍ଲାଇ ଘରକୁ ଚାଲଗଲେ । ଘଣ୍ଟ ପାହାନ୍ତା ଖୁବ୍ ଭୋର ଭୋର ଜାହାଜକୁ ଫେରି ଆସିବାର କଥା ରହିଲା ।

"ଅଧ୍ୟରାତ୍ର ସରକ ତୋଫାନ ଆଉ ବୃଷ୍ଟି ପ୍ରବଳ ହେଲା । ଗୋଟ ଜଣ ଲୋକ ଜାହାଜ ସମ୍ଭାଳ ରଖି ପାରିଲେ ନାହିଁ, ଗୋଟାଏ ବାଲ ଚଡ଼ାରେ ଲାଗିଗଲା । ସକାଳ ସକାଳ ମାଝି ଖଲ୍ସି ଧାଇଁଛନ୍ତି ଜାହାଜ ଅବସ୍ଥା ଦେଖି ମୁଣ୍ଡ ବାଡ଼େଇ ହେଲେ । ତେତେବେଳେ ପଡ଼ଆଣି ଜୁଆର, ଜାହାଜ ନହାନ୍ତ ବାଲ ଚଡ଼ାରେ ବସି ଯାଇଛି । ଆଉ ଉପାପ୍ନ ନାହିଁ । ଘଡ଼ଆମାଳ ନଦୀଟା ଅନ୍ତ ଭପ୍ନଙ୍କର, ଜାହାଜ ଚଡ଼ାରେ ଲାଗିଲେ ଉଠେ ନାହିଁ । ଢେର ଢେର ଜାହାଜ ମାଡ଼ ଖାଇଛନ୍ତି । ମାଝିମାନେ ଏ ନଦୀକୁ ବଡ଼ ଡରନ୍ତି ।

ମାଝି ଖଲ୍ସି ସମସ୍ତେ ବସି ବଗୁର କଲେ, ଜାହାଜ ତ ଗଲ୍ଣି, ଟଙ୍କରି ତ ରହିବ ନାହିଁ, ଶୁଣାଶୁଣିରେ ଜାହାଜାଡ କାରବାର ବାଲେଶ୍ୱରରୁ ଉଠିଯିବ । ସ୍ଥିର କଲେ, ଟଙ୍କାଗୁଡ଼ିକ ବାଣ୍ଧିନେଇ ନଣ୍ଟିନ୍ତରେ ରହିବେ, ଜାହାଜଡୁବ ଖବର ମହାଜନକୁ ଦେବେ । ମାଝ ସେମାନେ ଯତ୍ନ କରିଥିଲେ ଜାହାଜ ଉଠିଥାନ୍ତା ଇତ୍ୟାଦି ।

ଗୋଟ ତ ଦିନ ବାଦେ ପୂର୍ଣ୍ଣିମା ଛଥି କଟାଳ ଜୁଆର ପହଞ୍ଚିବାରୁ ଜାହାଜ ଯେଉଁ ଚଡ଼ାରେ ବସିଥିଲା, ତାହା ଜଳପୂର୍ଣ୍ଣ ହୋଇଗଲା । ଦୈବାତ ଗୋଟାଏ ଟାଣ ପବନ ହେବାରୁ ଜାହାଜ ଭସି ଉଠି ଜଳସ୍ରୋତରେ ଏକା-ବେଳକେ ଦରିଆରେ ପଡ଼ିଲା । ଯେପରି ଖବରେ ଭସି ଯାଉଥିଲା, ଗଙ୍ଗା ନଦୀ ଭିତରକୁ ଯାଇଥାନ୍ତା । ମାଝ ବାଲେଶ୍ୱର ବାଗ ବାହାର ବପ୍ପା * ପାଖରେ ପହଞ୍ଚିଛି, ପୂର୍ଣ୍ଣିମା ପ୍ରାତଃକାଳ, ସମୁଦ୍ରରେ ଜୁଆର ଆରମ୍ଭ ହୋଇଛି, ଜଳସ୍ରୋତ ଧରି ବାଲେଶ୍ୱର ବୁଢ଼ାବଳଙ୍ଗ ନଦୀ ଭିତରେ ପଶିଗଲା ।

ପଶ୍ଚାତ୍ ଶୁଣାଗଲା, ମାଝି ଖଲ୍ସିମାନେ ଘର ଘର ବରଷ ମିଆଦ ଗଲେ । ଆଉ ଜ୍ୟୋତିଷ କମଳଲୋଚନ ନାପ୍ନକେ ତେଢ଼େବଡ଼ ଖତ୍ର କାଳରେ ପାଞ୍ଜିଆ ପିନ୍ଧି ଯୋଡ଼ ଶାଲ ଦୋଡ଼ ଦୋଇ, ହାତରେ ସୁନାବଳା ନାଇ ମାସେ ଯାଏ ସହର ମଧ୍ୟରେ ସବୁ ବଡ଼ ଲୋକଙ୍କ ଦ୍ୱାରେ ବୁଲୁଥିବାର ଦେଖାଗଲା ।

ମୌନା ମୌନୀ

ପ୍ରାପ୍ନ ଅର୍ଦ୍ଧଶତ ବର୍ଷ ପୂର୍ବେ ଖଣ୍ଡଗିରି ଓ ତତ୍ ଚତୁର୍ଦ୍ଦିଗସ୍ଥ ଉପତ୍ୟକା ଭୂମି ବହୁବିଧ ଜାଙ୍ଗପ୍ନବୃକ୍ଷ ଓ ଲତା ଜାଲରେ ବେଷ୍ଟିତ ଥିଲା । କେବଳ ଗୁମ୍ଫା ଓ ସମୀପ-ବର୍ତ୍ତୀ ସ୍ଥାନ ଉଦ୍ଭିଦଶୂନ୍ୟ, ପରିଷ୍କୃତ ପରିଚ୍ଛନ୍ନ, ସାଧୁ ସନ୍ନ୍ୟାସୀମାନଙ୍କ ଆଶ୍ରମରେ ପରିପୂର୍ଣ୍ଣ । ବଭୂତିଭୂଷଣ କୌପ୍ନୀନଧାପ୍ନ ସାଧୁମାନେ ଧୂନ ଲଗାଇ ବସିଛନ୍ତି, ବସ୍ତ୍ରଧାପ୍ନ ସାଧୁମାନେ ନର୍ଦ୍ଦନକ । ସାଧୁ ନାନା ଶ୍ରେଣୀର - ସନ୍ନ୍ୟାସୀ, ନାଗା, ରାମାତତ, କେହ୍ନ ବା ଉପାଧିରହିତ । ପ୍ରାପ୍ନ ପ୍ରତ୍ୟହ ସାଧୁମାନଙ୍କ ଗତାପ୍ନାତ ଲଗିଥାଏ । ଥୋକେ ଗୁଲିପିବା ମାନେ ନବାଗତ ସାଧୁ-ମାନେ ଶୂନ୍ୟସ୍ଥାନ ଅଧିକାର କରି ବସୁଥାନ୍ତି । ମୁଦ୍ରିତ-ନେତ୍ର ଥୋକେ ସାଧୁ ଧ୍ୟାନମଗ୍ନ । ତୁଳସୀ ବା ରୁଦ୍ରାକ୍ଷ ମାଳାହସ୍ତ ଥୋକେ ଭଜନରେ ନିଯୁକ୍ତ । କେହ୍ନ

* ଦରିଆ ମଧ୍ୟରେ ମାର୍ଗରେ ସାଙ୍କେତିକ ଚିହ୍ନ ।

ଗ୍ରନ୍ଥ ପାଠ, କେହ୍ନ ବା ଗ୍ରନ୍ଥ ଶ୍ରବଣ କରୁଅଛନ୍ତି । କେହ୍ନ ଗଞ୍ଜିକା ଟିପ୍‌ପନ-ସେବନରେ ନିଯୁକ୍ତ । କେହ୍ନ କେହ୍ନ ସାଧୁ ଖଟ୍‌ଲଟିରେ ପୁଷ୍ପମଣ୍ଡିତ ଦେବତା ବଜେ କରାଇ ଦେଇ ତୀର୍ଥଯାତ୍ରୀମାନଙ୍କଠାରୁ ଅର୍ଥ ସଂଗ୍ରହରେ ମନୋଯୋଗୀ । ବାସ୍ତବରେ ଏହା ଗୋଟିଏ ବଶଦ ଦୃଶ୍ୟ । ଏହ୍ନ ପବନ ସ୍ଥାନ ଦର୍ଶନ କଲେ ନତାନ୍ତ ପାଷାଣ ହୃଦୟ ମଧ୍ୟ ଭକ୍ତିରସରେ ଆପ୍ଲୁତ ହୋଇପାଏ ।

କେବେ କେବେ ଜମାତ୍ତ ଦଳର ମଧ୍ୟ ଏ ସ୍ଥାନକୁ ଶୁଭ୍ରଗମନ ହୋଇଥାଏ । ଏମାନେ କନ୍ତୁ ଗୁମ୍ଫା ନକଟକୁ ଯାନ୍ତ ନାହିଁ । ଖଣ୍ଡଗିର ପାଦଦେଶରେ ଦୁଇ ଗୃର ଧନ ସ୍ଥାପନ କର ଅନ୍ୟତ୍ର ଗୃଲଯାନ୍ତ । ଜମାତ୍ତ ଦଳର ସନ୍ନ୍ୟାସୀ ସଂଖ୍ୟା ଗୃଳଣ ପଞ୍ଚାଶଠାରୁ ହଜାରେ ବାରଶ ପର୍ଯ୍ୟନ୍ତ । ସନ୍ନ୍ୟାସୀମାନଙ୍କ ସାମାନ ବହ୍ନବା ନମନ୍ତେ ଓଟ ଓ ଘୋଡ଼ା ଥାନ୍ତ । କଦାଚତ୍ ହାତ୍ତୀର ମଧ୍ୟ ଅଭ୍ୟବ ନ ଥାଏ । ଗାଈ ବୃଷଭ ମଧ୍ୟ କାହାର କାହାର ଦଳରେ ଥିବାର ଦେଖାଯାଏ । ଜମାତ୍ତର ଅଧିକାଶ୍ଙ୍କର ଉପାଧ୍ୟ ମହନ୍ତ ବାବା । ଏହ୍ନ ମହନ୍ତ ବାବାଙ୍କ ଆଜ୍ଞାରେ ଜମାତ୍ତ ଗୃଳତ । ଜଣେ କୋଠାଶ୍ଚ ଓ ଜଣେ ଭଣ୍ଡାର ଥାଏ । କୋଠାଶ୍ଚ ଧନ ରକ୍ଷକ, ଭଣ୍ଡାର ଜମାରେ ଖାଦ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟ ଥାଏ । ଅଧିକାଂଶ ଜମାତ୍ତ ନିଯୁତ ଯାତାବର, ଘରତର ସବଦ୍ଧ ଭ୍ରମଣ କର ରାଜା, ଜମିଦାର ଓ ଧନବନ୍ତ ଲୋକମାନଙ୍କଠାରୁ ଅର୍ଥ ସଂଗ୍ରହରେ ନିଯୁକ୍ତ ଥାନ୍ତ । ସଞ୍ଚତ ଅର୍ଥ ଗୃର ଛ ମାସକୁ ଥରେ ସନ୍ନ୍ୟାସୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ । ଅବଶ୍ୟ ମହନ୍ତ ବାବାଙ୍କ ଭାଗରେ ଅଧିକାଂଶ ପଡ଼ିଥାଏ । ସନ୍ନ୍ୟାସୀମାନଙ୍କୁ ଏକତ୍ର ଆବଦ୍ଧ କର ରଖିବାର ଏହା ଗୋଟିଏ ଉପାୟ ଅଟେ । ଅନେକ ଜମାତ୍ତଙ୍କର ସ୍ଥାନେ ସ୍ଥାନେ ମଠ ଓ ବହୁତ ଭୂସମ୍ପତ୍ତି ଅଛି, କେହ୍ନ କେହ୍ନ ମହାଜନୀ ମଧ୍ୟ କରିଥାନ୍ତ । ନଫସଲ ଗ୍ରାମମାନଙ୍କରେ ଏମାନଙ୍କର ଉପଦ୍ରବ ଜୁଲୁମ ଥିଲା, ଜମାତ୍ତର ଶୁଭ୍ରଗମନ ହେଲେ ଗ୍ରାମବାସୀମାନେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତ । ଭେଦାଦ୍ୱାର ସାଧୁମାନଙ୍କର ଟହଲ ଚଳାଇବାକୁ ହୁଏ । ଜମାତ୍ତଙ୍କ ସାଧୁସେବା ରାଜବଜେ ବଶେଷ । ଧନ ସକାଶେ ଉପଯୁକ୍ତ ଗଡ଼ କାଠ ସଂଗୃହୀତ ନ ହେଲେ ଗରବ ପ୍ରଜାମାନଙ୍କ ଘରର ଜ୍ୟମ ଶେଣୀ ଲୁଣ୍ଠିତ ହେଉଥିଲ । ଗ୍ରାମରେ ଜମାତ୍ତ ବଜେ ହେବା ମାତ୍ରକେ ପ୍ରଥମେ ବାଳଭୋଗ, ସାଧୁଙ୍କ ଗଞ୍ଜେଇ ଖର୍ଚ୍ଚ ଓ ଦେବତା ଦର୍ଶନା ଦେବାର ନିୟମ । କେହ୍ନ ବଡ଼ଲୋକ ବା ରାଜା ପ୍ରଥମେ ଉପଯୁକ୍ତରୂପେ ଦେବତାଙ୍କଠାରେ ଭେଟି ଦାଖଲ ନ କଲେ ସାଧୁମାନେ ଦୁଇ ତିନ ଦବସ ପର୍ଯ୍ୟନ୍ତ ଉପବାସରେ ପଡ଼ରହନ୍ତ । ପ୍ରକୃତରେ ଉପବାସରେ ରହନ୍ତ କ ନାହିଁ, ଲୋକନେତ୍ରର ଅଗୋଚର, ସଙ୍ଗରେ ଜମା ଥିବା ମଇଦା ଘିଅ ଯୋଗେ ଧନରେ ଚଡ଼ ଘୋଡ଼ପିଠାରେ ପରଣତ ହୁଏ । ଧର୍ମ-ପ୍ରାଣ ନଷ୍ପହ ଗ୍ରାମବାସୀ ହତ୍ ପ୍ରଜାମାନେ ମାରବରେ ସମସ୍ତ ସହ୍ୟ କରୁଥିଲେ । ପ୍ରକୃତ ସାଧୁ ଜମାତ୍ତର ମଧ୍ୟ ଅଭ୍ୟବ ନ ଥିଲା, ମାତ୍ର ବ୍ୟବସାଯୀ ଅଧିକାଂଶ । ବଙ୍ଗଳାରେ ଡକାଇତ, ପୂବ ସମୁଦ୍ରଠାରୁ ଦକ୍ଷୀ ପ୍ରାଚୀର ପର୍ଯ୍ୟନ୍ତ ସମସ୍ତ ଆର୍ଯ୍ୟାବର୍ତ୍ତରେ ଲୁଣ୍ଠନକାଶ୍ଚ ପିଣ୍ଡାଶ୍ଚ ଏବଂ ସମସ୍ତ ଘରତବ୍ୟାପୀ ନାଗା ଜମାତ୍ତଙ୍କ ଉପାତରେ ପ୍ରଜାମଣ୍ଡଳୀ ନତାନ୍ତ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ । ଧନ୍ୟ ଇଂରେଜ ଗବର୍ଣ୍ଣମେଣ୍ଟ ! ସେମାନଙ୍କ ହସ୍ତରୁ ରକ୍ଷା କରିଅଛନ୍ତ ।

ଖଣ୍ଡଗିରବାସୀ ସାଧୁମାନେ ପ୍ରାତଃସ୍ନାଯୀ । ପ୍ରାତଃକାଳରେ ଦେବତାଙ୍କ ଠାରେ ଯେଉଁ ବାଳଭୋଗ ଲଗେ, ତାହା ସେବା କର ଭଜନ ପୂଜନରେ ନିଯୁକ୍ତ ହୁଅନ୍ତ । ଅପରାହ୍ଣ ସମଯରେ ଥରେ ମାତ୍ର ପଙ୍ଗତ ହୁଏ । ସନ୍ଧ୍ୟା ଆଳତ ସମଯରେ ଘଣ୍ଟାଭେରୀ ତୁରୀ ଶବ୍ଦରେ ଖଣ୍ଡଗିର କମ୍ପିତ ହୋଇ ଉଠେ । ଆଳତ ଉତ୍ତରେ ରାତ୍ରି ପ୍ରହରକ ପର୍ଯ୍ୟନ୍ତ ଭଜନ—କାହିଁବା ଖଞ୍ଜଣୀବାଦନ, ରାଜ୍ଞି କାସେବନ ଇତ୍ୟାଦ । ତଦନନ୍ତର ଗିର ନସ୍ତ୍ରବଧ ।

ବର୍ତ୍ତମାନ ସମୟରେ ଖଣ୍ଡଗିରିରେ ଯେଉଁ ସମସ୍ତ ସାଧୁ ସନ୍ନ୍ୟାସୀ ବାସ କରୁଥିଲେ, ସେଥିମଧ୍ୟରୁ ଗୋଟିଏ ଦଳର ବିଷୟ ଉଲ୍ଲେଖଯୋଗ୍ୟ । ଦାଣ୍ଡଗୁମ୍ଫା ସମ୍ମୁଖରେ ଏହି ଦଳର ମହନ୍ତ ମହାରାଜ ଧୂନ ଥାପି ବସିଛନ୍ତି । ଧୂନର ବିପରୀତ ଦିଗରେ କିଞ୍ଚିତ୍ ଦୂରରେ ଗୋଟିଏ କ୍ଷୁଦ୍ର ସିଂହାସନରେ ମହନ୍ତଙ୍କ ସମ୍ମୁଖରେ ମହାଙ୍ଗରଜା ଦେବତା ବିରାଜିତ । ଦେବତାଙ୍କ ଅଳଙ୍କାର, ଛତ୍ରଚାମରାଦି ଆଡ଼ମ୍ବରଯୁକ୍ତ । ପ୍ରତ୍ୟହ ପ୍ରାତଃକାଳରେ ଦେବତାଙ୍କଠାରେ ମୋଦକନୈବେଦ୍ୟ ବାଲଭୋଗ ଓ ସାମ୍ବାହ୍ନ ସମୟରେ ପକ୍ୱାନ୍ନାଦି ଅର୍ଥାତ୍ ପୁରି, କଚୁରି, ଖିରି, ଖେଚୁଡ଼ି ଭୋଗ ଲାଗେ । ଦେବତାଙ୍କ ସେବାରେ ଏତେ ବ୍ୟୟ; ମାତ୍ର କାହାରକୁ କଛି ଯାଚୁଞା ନାହିଁ, ମହାନ୍ତର ମହାପ୍ରଭୁଙ୍କ ମହାମହିମା ବଳରେ ସବୁ ଚଳଯାଏ । ମହନ୍ତ ମହାରାଜ ନିତାନ୍ତ ନଲେ୍ଭ, କେହି ଭକ୍ତ ଦେବତାଙ୍କୁ କଛି ପ୍ରଣାମୀ ଦେଲେ ଝଙ୍କା ପଇସା ସେହିଠାରେ ପଡ଼ ରହିଥାଏ, ମହନ୍ତ ମହାରାଜ ଧରେ ସୁଦ୍ଧା ଛୁଆନ୍ତି ନାହିଁ । ସାଧାରଣରେ ପ୍ରକାଶ ଯେ, ଦୈନନ୍ଦିକ ଦେବସେବାର ଉପଯୁକ୍ତ ବ୍ୟୟ ସକାଶେ ମହନ୍ତଙ୍କ ଧୂନରୁ ସୂନା ବା ରୂପା ବାହାର ଥାଏ । ବାହାରର ବିଶ୍ୱାସୀ କେହି କେହି ଭକ୍ତ ଏହା ପ୍ରତ୍ୟକ୍ଷ ଦେଖିଅଛନ୍ତି । ଭୁବନେଶ୍ୱର ପ୍ରଭୃତି ସ୍ଥାନରୁ ବଣିଆମାନେ ଯାଇ ତାହା କଣି ଆଣନ୍ତି । କଣା ବିକା ବେଳେ ଦର ଦାମ ନାହିଁ । ସାଧୁଲୋକ କ କଷାକଷି ଦର ଦାମ କରିବେ ? କେବଳ ମହନ୍ତ ବାବା ଏତିକ କଥା ବୋଲି ଭୁନ ହୁଅନ୍ତି, "ଦେଓକା ମାଲ, ଦେଓ ବିଆ । ଦେଓଚାକା ସେବା, ତୁମାର ଧରମ ।" ବଣିଆର ଯାହା ଇଚ୍ଛା ଦେଇ ସୂନା ରୂପା ଘେନି ଯାଏ; ଏକଥା ମଧ୍ୟ ଶୁଣା ଅଛୁ; ପ୍ରତିଦିନ ଧୂନରୁ ଯାହା ବାହାରିବ, ପ୍ରତିଦିନ ବ୍ୟୟ କରିବାକୁ ହେବ, ବାସି ରହିଲେ ଆଉ ବାହାରିବ ନାହିଁ । ମହାନ୍ତରକା ଏସା ହୁକୁମ୍ । ବ୍ୟୟ ଉଣା ନୁହେ—କେବଳ ଗଞ୍ଜେଇ ପ୍ରତିଦିନ ଅଧସେର ଆଉ ସେଥିର ଉପଯୁକ୍ତ ଧୂଆଁପତ୍ର । ପ୍ରସାଦ ସେବା ନମନ୍ତେ ଅନେକ ଗାଉଁଲି ରୁଣ୍ଡ ହୁଅନ୍ତି । ମହନ୍ତ ବାବାଙ୍କ ଆସନ ପାଖରେ କଦାଚିତ୍ ଘରିରେ ବୋଡଲ (କାଚକୁମ୍ଭା) ଦେଖାଯାଏ । ସେଥିରେ ଗଙ୍ଗାଜଳ ଆସିଥାଏ । ସନ୍ଧ୍ୟା ଆଳତି ଉତ୍ତାରେ ମହନ୍ତ ବାବା ଓ ଚେଲାମାନେ କଞ୍ଚିତ୍ କଞ୍ଚିତ୍ ଗଙ୍ଗୋଦକ ସେବା କରନ୍ତି । ଗୋଟାଏ ବଡ଼ ଗୁମ୍ଫାରେ ସାଧୁମାନଙ୍କ ସାମାନ ପୂର୍ଣ୍ଣ ଥାଏ । ସ୍ୱୟଂ ମହନ୍ତ ଓ ତାହାଙ୍କ ବିଶ୍ୱାସୀ ଦୁଇ ଜଣ ଚେଲା ଛଡ଼ା ସେ ଗୁମ୍ଫା ମଧ୍ୟକୁ ପିବାର ଅନ୍ୟ କାହାର ଅଧିକାର ନାହିଁ ।

ମହନ୍ତ ବାବାଙ୍କ ନାମ ମହାତ୍ମାର ଦାସ— ଦୀର୍ଘାକୃତି, ବ୍ୟାୟାମସାଧିତ ପ୍ରାପ୍ତ ମାଂସପେଶୀ ସୁଦୃଢ଼, ବଳିବର୍ଦ୍ଦବତ୍ ବଳିଷ୍ଠ । ମସ୍ତକରେ ଦୀର୍ଘାକାର ଜଟାଭାର ଅହରହ ଶିଶୁବତ୍ କୁଣ୍ଡଳୀକୃତ ଓ ବେଣୀଦ୍ୱାରା ସୁଦୃଢ଼-ରୂପେ ଆବଦ୍ଧ । ଶ୍ମଶ୍ରୁ ଓ ନଖ ମାତ୍ର ଅନୁପାତରେ ଦୀର୍ଘାକାର ନୁହେ । ଦେହର ବର୍ଣ୍ଣ ବୋଲିପାଇ ନ ପାରେ; କାରଣ ସ୍ଥୂଳରୂପେ ବିଭୂତି ମଣ୍ଡିତ । ନେତ୍ର ଗଞ୍ଜିକା ଧୂମରେ ଜବାକୁସୁମସଙ୍କାଶ ରକ୍ତବର୍ଣ୍ଣ ଏବଂ ଚଞ୍ଚଳ । ଦୃଷ୍ଟି ନିତାନ୍ତ ତୀବ୍ର ଓ ଭୟପ୍ରଦ । କେହି ନବାଗତ ଯାତ୍ରୀ ବା ଭକ୍ତ ଉପସ୍ଥିତ ହେଲେ ତାହାକୁ ତୀବ୍ର ଦୃଷ୍ଟିରେ ଆପାଦମସ୍ତକ ନିରୀକ୍ଷଣ କରିଥାନ୍ତି । ସର୍ପବେଷ୍ଟିତ ଅର୍ଦ୍ଧ ହସ୍ତ ପରିମିତ ଗଞ୍ଜେଇ ଚଲମଟାଏ ମହନ୍ତଙ୍କ ହସ୍ତରେ ସବଦା ଶୋଭା ପାଉଥାଏ । ମହନ୍ତ ବାବାଙ୍କ ବୟସ ଅନୁମାନରେ ପଞ୍ଚାଶ ଲଗାଇଗି; ମାତ୍ର ତପସ୍ୟାରେ ସିଦ୍ଧ ସାଧୁମାନଙ୍କ ବୟସ କଳ ହୁଏ ନାହିଁ । ଚେଲାମାନଙ୍କ ମୁଖରୁ ଶୁଣାଯାଏ, ବୟଃକ୍ରମ ଅଢ଼େଇଶ ବରଷ । ମହନ୍ତ ବାବା ମଧ୍ୟ ଭକ୍ତମାନଙ୍କଠାରେ ସେହି ସ୍ତବରେ କଥାବାର୍ତ୍ତା କରିଥାନ୍ତି । ହଜାରେ ବରଷ ବୟସର ସାଧୁ ଦର୍ଶନ କରିବାକୁ ଯଦି କାହାର ଇଚ୍ଛା ଥାଏ, ତେବେ ବାଲେଶ୍ୱର ସହର ମଧ୍ୟରେ ଦୁଧପିଆ ବାବାଙ୍କୁ ଦେଖିବାକୁ ଯାଉନ୍ତୁ । ଏହି ବାବାଜୀ ସ୍ୱୟଂ ସବଦା ଲୋକମାନଙ୍କଠାରେ ପ୍ରକାଶ କରିଥାନ୍ତି, ସେ

ପୁଣ୍ଡ ମନ୍ଦର ପ୍ରତିଷ୍ଠାରେ ଭେଙ୍ଗା ଖାଇଥିଲେ । ମୁଗଲଆ ଅମଳରେ ସେ ବଲଙ୍କାରେ ଥିଲେ । ମାତ୍ର ଦେଖିଲେ ବୟସ ଷାଠିକରୁ ଊର୍ଦ୍ଧ୍ୱ ବୋଧ ହୁଏ ନାହିଁ । ଏହା ବାବାଙ୍କଙ୍କର ଘର ମହିମା ଥିଲା । ଦବା ନଣି ଗଞ୍ଜେଇ ଆଉ ଦୁଧ ଛଡ଼ା ଅନ୍ୟ ଦ୍ରବ୍ୟ ସେବା କରୁ ନ ଥିଲେ । ସହର ମଧ୍ୟରେ ବଶ୍ୱାସୀ ଭକ୍ତବୃନ୍ଦଙ୍କର ଅଭାବ ନାହିଁ । ଦଳ ଦଳ ଅମଲା, ମୁକ୍ତାର, ମହାଜନ, ଜମିଦାର ବାବାଙ୍କଙ୍କ ପଦତଳେ ଲୁଣ୍ଠିତ ହେଉଥିଲେ । ଭଜ-ଭୋଗରେ ମଠର ସେବା ଚଳୁଥିଲା; ମାତ୍ର ଆଜକୁ କେତେକ ବରଷ ହେଲା ଶକ୍ତ ପ୍ରଭାବରେ ବାବାଙ୍କ। ବାଳଗୋପାଳ ଭେଷ ଗୃହସ୍ଥାଶ୍ରମ ଅବଲମ୍ବନ କରିଅଛନ୍ତି । ଭକ୍ତବୃନ୍ଦ ଅନ୍ତର୍ଦ୍ଧାନ । କଥିତ ଅଛନ୍ତି,ସନ୍ନ୍ୟାସୀ ଓ ମୋଗଲମାନଙ୍କ ବୟସ ଜାଣିବା ନିତାନ୍ତ କଠିନ । ଏମାନେ ନିଶ୍ଚୟ ବୟସ ସଂଖ୍ୟାରେ ଯୋଗ ବିଯୋଗ କରିଥାନ୍ତି । ଯେଉଁ ସାଧୁର ବୟସ ପଞ୍ଚାଶ, ସେ ଆଉ ଏକଶତ ସଂଖ୍ୟା ଯୋଗକରି ଦେଢ଼ଶତ କରିବେ । ମୋଗଲଙ୍କର ବୟସ ବିଯୋଗ । ଯାହାର ବୟସ ପଞ୍ଚାଶ, ପଚାରିଲେ ସେ ପଚିଶ ବିଯୋଗ କରି ବାକି ପଚିଶ ରଖିବେ । ଗୋଟାଏ ପୁରୁଣା କଥା ମନରେ ପଡ଼ିଲା, ପାଠକ ମହାଶୟ ବିରକ୍ତ ହୁଅ ନାହିଁ, ସେ କଥାଟା କହି ନ ବୋଲି ରହିପାରୁ ନାହିଁ । ''କୌଣସି ସ୍ଥାନରେ ଦୁଇଜଣ ବୃଦ୍ଧ ଓ ଜଣେ ବିଂଶତି ବର୍ଷବୟସ୍କ ଯୁବା ମୋଗଲ ବସିଥିଲେ । କଥାପ୍ରସଙ୍ଗରେ ପରସ୍ପର ବୟସ ବିଷୟରେ ପ୍ରଶ୍ନ ହେଲା । ଯାହାର ସତ୍ତୁର ବରଷ ବୟସ, ସେ କହିଲେ, ତାଙ୍କର ବୟସ ତିରଶ । ଦ୍ୱିତୀୟ ବୃଦ୍ଧର ବୟସ ଷାଠିକରୁ ଊର୍ଦ୍ଧ୍ୱ, ମାତ୍ର ପ୍ରଶ୍ନର ଉତ୍ତର ଦେଲେ—ସାହେବ, ମେରା ଉମର ମୁଜକୁ ମାଲୁମ୍ ନେହିଁ ହେ, ଲେକନ୍ ମେରା ବଡ଼ା ଭାଇକା ଉମର ଛତିକ ନଜିକ୍ । ଯୁବା ମୋଗଲକୁ ବୟସ ବିଷୟରେ ପ୍ରଶ୍ନ ହେବାରୁ ସେ ଉତ୍ତର ଦେଲା-- ହଜୁର ଏଲାଗ୍ ଉମରକା ଯୋ ହିସାବ ଲଗାଏଁ ହେଁ; ମେରା ପଇଦା ହି ହୁଆ ନେହିଁ । ଅର୍ଥାତ୍ ତାହା ବୟସ ସଂଖ୍ୟାରୁ କୋଡ଼ିଏ ବାଦ ଦେଲେ ବାକି କଛି ରହୁ ନାହିଁ ।'' ଯାଉ ସେ ଅଲଣା କଥାଗୁଡ଼ାକ ଘୁଡ଼, ଏବେ ପ୍ରକୃତ କଥା ଧରିଯାଉ ।

ମହନ୍ତ ବାବାଙ୍କ ଦଳର ସାଧୁ ସଂଖ୍ୟା ପ୍ରାପ୍ତ ଚଳିଶ । ସେଥି ମଧ୍ୟରୁ ମଧ୍ୟ ସମସ୍ତ ସମୟରେ ଆଠ ଦଶ ଜଣ ନୂଆ ପୁରୁଣା ହୋଇଥାନ୍ତି; ଅର୍ଥାତ୍ ଥୋକେ ସାଧୁ ବାହାର ଯିବା ମାତ୍ରେ ନୂତନ ସାଧୁ ଆସି ସେହି ସ୍ଥାନ ପୂର୍ଣ୍ଣ କରନ୍ତି । ଆଶ୍ଚର୍ଯ୍ୟର ବିଷୟ, ପ୍ରାପ୍ତ ସମସ୍ତ ସାଧୁ ସମାନ ବୟସ୍କ, ସମାନ ଆକାର, ଭୁଲ୍‌ରୂପେ ବେଶ ଭୂଷଣ । ସମସ୍ତେ ବନ୍ୟ ବସ୍ତ୍ରାବରତ୍ ବଳିଷ୍ଠ ଓ ନିରଳସ । ମସ୍ତକ ନିର୍ଜଳ, କ୍ଷୁଦ୍ର ବା ବାବୁରକେଶମଣ୍ଡିତ । କ୍ଷୁଦ୍ରାକାର ଶ୍ମଶ୍ରୁ ବିଶିଷ୍ଟ, ସମସ୍ତଙ୍କ ଦେହରେ ଗୈରିକ ଅଙ୍ଗା ଆକଣ୍ଠ ପରିଲମ୍ବିତ । ସ୍ୱଭାବ ଓ କଥୋପକଥନ ନିତାନ୍ତ କର୍କଶ । ଦୃଷ୍ଟି ଉଗ୍ର ଓ ଭୟଭାବବ୍ୟଞ୍ଜକ । ସାଧୁମାନଙ୍କ କଥିତ ଭାଷା ହିନ୍ଦି । ଯୁରୋପ ଖଣ୍ଡରେ ଫରାସୀ ଯେପରି ସାର୍ବଭୌମ ଭାଷା, ଭାରତରେ ସେହିପରି ହିନ୍ଦିଭାଷା ସର୍ବସ୍ଥାନବ୍ୟାପୀ । ସାଧୁ ସନ୍ନ୍ୟାସୀମାନେ ଭାରତର ସର୍ବ ସ୍ଥାନରେ ଭ୍ରମଣ କରନ୍ତି; ସୁତରାଂ ବାଧ୍ୟ ହୋଇ ହିନ୍ଦି ବୋଲିବାକୁ ହୁଏ । ଯାହାର ମାତୃଭାଷା ହିନ୍ଦି, ତାହାକୁ ଅସୁବିଧା ଭୋଗ କରିବାକୁ ହୁଏ ନାହିଁ ।

ଆମ୍ଭମାନଙ୍କ ସାଧୁଦଳର ଭାଷା ମାତ୍ରଶ୍ରେଣୀ କଥିତ ବଙ୍ଗଳା ଅଥବା ବଙ୍ଗହିନ୍ଦି ଭାଷାର କଦର୍ଯ୍ୟ ବିମିଶ୍ରଣ । ଏହି ସାଧୁଦଳ ଭଜନ ପୂଜନ ବିଷୟରେ ନିଯୁକ୍ତ ଥିବାର କଦାଚିତ୍ ଦେଖାଯାଏ । ରଞ୍ଜିକା ଶିପନ, ସେବନ ଓ ପଙ୍ଗତ ସାମଗ୍ରୀ ଆୟୋଜନରେ ସର୍ବଦା ବ୍ୟସ୍ତ ଥାନ୍ତି । ସମସ୍ତ ସାଧୁ ମହନ୍ତ ବାବାଙ୍କର ନିତାନ୍ତ ଅନୁଗତ ।

ଡାଙ୍ଗ ଗୁମ୍ଫା ସମୀପବର୍ତ୍ତୀ ଆଉ ଗୋଟିଏ କ୍ଷୁଦ୍ର ଗୁମ୍ଫାରେ ଗୋଟିଏ ସାଧୁ ଦମ୍ଭଜ ଆଶ୍ରମ ସ୍ଥାପନ

କରିଥିଲେ । ବାବାଙ୍କଙ୍କ ବପୁସ ଆନୁମାନକ ଛତ୍ରଶ ବା ବତ୍ତଶ । ଦେହ ସୁସ୍ଥ ଓ ସବଳ । ଯେପରି ଗଠନ ହେଲେ ଲୋକେ ସୁନ୍ଦର ପୁରୁଷ ବୋଲନ୍ତି, ଏହାଙ୍କ ଦେହ ସେହିପରି । ଦୃଷ୍ଟିପାତ ବ୍ୟାଧ-ଖ୍ରାତ ମୃଗବତ୍ ଚକତ ଓ ଖ୍ରାତ୍ତବ୍ୟଞ୍ଜକ । ସବଦା ଲୋକନେତ୍ର ଅନ୍ତରାଳରେ ଗୁମ୍ଫା ମଧ୍ୟରେ ଆସୀନା, ସପହ୍ନାବୃତ୍ତବସନା ମାତାଙ୍କିର ବପୁସ ବା ରୂପକାନ୍ତି ନର୍ଣ୍ଣପ୍ୱ କରିବା କଞ୍ଚତ୍ ଅସାଧ୍ୟ ବ୍ୟାପାର । ମାଥ ଡାଙ୍କର ପୃଷ୍ଠବ୍ୟାପୀ ନତମ୍ପର୍ଶୀ ନଦ୍ଧନ ନରଦ ସଦୃଶ କେଶରାଶି ଓ ସଙ୍କୀର୍ଣ୍ଣ ମଧ୍ୟଭାଗ ଏବଂ ପଦଯୁଗଳର ବର୍ଣ୍ଣ ଓ ଗତ୍ତର ଠାଣି ଦେଖିଲେ ଜଣାଯାଏ, ମାତାଙ୍କି ପରମା ସୁନ୍ଦରୀ ଓ ପୂର୍ଣ୍ଣଯୌବନବଶିଷ୍ଟା । ଏହି ସାଧୁଦମ୍ପତ୍ତି ପଦାକୁ ବାହାରନ୍ତି ନାହିଁ, ସବଦା ଗୁମ୍ଫା ମଧ୍ୟରେ ରହିଥାନ୍ତି । କାହାର ସହିତ କିଛି ମାତ୍ର କଥା ବୋଲନ୍ତି ନାହିଁ, ଏଥି ସକାଶେ ଲୋକମାନେ ଏହାଙ୍କୁ ମୌନବାବାଜୀ ଓ ମୌନୀ ମାତା ବୋଲନ୍ତି । ସାଧୁ ଅନ୍ୟ ସାଧୁର ସତ୍ତାପ୍ପ । ଆତ୍ମମାନଙ୍କ ଉଚ୍ଛିଷ୍ଟତ ମହନ୍ତ ବାବା ମୌନୀ ମୋମାଙ୍କ ଆବଶ୍ୟକ ଦ୍ରବ୍ୟାଦି ଫରହ କରି ଦେବାର ଦେଖାଯାଏ ।

ସାଧୁ ଦର୍ଶନାର୍ଥୀ ଯାତ୍ରୀମାନେ ଖଣ୍ଡଗିରକୁ ଆସି ସେହି ଦିନମାନରେ ଚାଲିଯାନ୍ତି, କେହି ରାତିବାସ କରେ ନାହିଁ । ମାତ୍ର ଆଜକୁ ମାସାବଧି ଗତ ହେଲା ଦୁଇ ଜଣ ବଙ୍ଗଦେଶୀୟ ସାଧୁସେବାପରାୟଣ ଯାତ୍ରୀ ବାସ କରି ରହିଅଛନ୍ତି । ସାଧୁମାନେ କେବଳ ଧନର ବିତୁତ୍ତ ଦେଇ ଲୋକମାନଙ୍କର ଅନେକ ଉତ୍କଟ ପୀଡ଼ା ଆରୋଗ୍ୟ କରିଥାନ୍ତି । ଆତ୍ମମାନଙ୍କର ମହନ୍ତ ବାବା ମଧ୍ୟ ନେତ୍ର ମୁଦ୍ରିତ କରି ଅନେକ ଲୋକଙ୍କୁ ବିଭୂତ୍ତି ବିତରଣ କରିବାର ଦେଖାଯାଏ । ଆତ୍ମମାନଙ୍କ ଭକ୍ତଯୁଗଳ ଅନିଷ୍ଟିତ ଉତ୍କଟ ପୀଡ଼ାରେ ପୀଡ଼ିତ । ଆରୋଗ୍ୟ କାମନାରେ ମହନ୍ତ ବାବା ଓ ଅନ୍ୟାନ୍ୟ ସାଧୁଙ୍କ ସେବାରେ ପ୍ରାତଃକାଳଠାରୁ ରାତ୍ର ପ୍ରହରକ ପର୍ଯ୍ୟନ୍ତ ନିଯୁକ୍ତ ଥାନ୍ତି । ନିଜ ବ୍ୟୟରେ ଭୁବନେଶ୍ୱର ବଜାରରୁ ଭଲ ଭଲ ଗୋଲ ଗୋଲ ଜହ୍ନାବାଲା ଗଞ୍ଜେଇ ନପୁ କରି ଆଣି ସାଧୁମାନଙ୍କୁ ସେବନ କରାଇ ଥାନ୍ତି । ଭଲ ଗଞ୍ଜେଇ ଫରହ କମନାରେ ସେମାନଙ୍କୁ କେବେ କେବେ ପୁଣି ମଧ୍ୟ ଯିବାକୁ ହୁଏ । ମୌନୀ ମୌନୀ ସାଧୁଦମ୍ପତ୍ତି ପ୍ରତି ମଧ୍ୟ ଏମାନଙ୍କର ଅଚଳା ଭକ୍ତି । ସେମାନେ ମୌନାବଲମ୍ବନ କରି ରହିଥିଲେ ମଧ୍ୟ ସେମାନଙ୍କୁ ଗୁମ୍ଫାଦ୍ୱାର ନିକଟରେ ଗୁହାଁ ବସିଥାନ୍ତି, କଦାଚିତ୍ ବାଲଭୋଗ ସକାଶେ ମିଷ୍ଟାନ୍ନ ବା ଫଳ ମୂଳ କିଣି ଆଣି ଦେଇ ସାଧୁ ଦମ୍ପତ୍ତିଙ୍କୁ ଦଣ୍ଡବତ କରି ଚାଲି ଆସନ୍ତି ।

ଅଦ୍ୟ ପ୍ରାତଃକାଳରେ ଖଣ୍ଡଗିରରେ ଖୁବ ହୁଲସ୍ଥୂଳ ପଡ଼ି ଯାଇଅଛି । ପୁଣ୍ୟ କଲ୍ଲାର ସ୍ୱୟଂ ମେଜେଷ୍ଟର ସାହେବ ଉପସ୍ଥିତ । ଗତ୍ତ ନ ପାତ୍ତୁଣ ଖଣ୍ଡଗିର ସମ୍ମୁଖରେ ଚାର ପାଞ୍ଚଟା ଡେରା ଟଣା ହୋଇଗଲଣି । ଗୋଟିଏ ବଡ଼ ଡେରାରେ ମେଜ କୁର୍ଚି ଲଗାଇ ସାହେବ କଚେରି କରି ବସିଅଛନ୍ତି । ସାଙ୍ଗରେ ଚାରିଜଣ ପୋଲିସ ଦାରୋଗା, ଆଠଜଣ ମୁନ୍ସୀ; ଗୁଡ଼ିଏ ଭଲ ଜମାଦାର, ଶଏ ପର୍ଯ୍ୟନ୍ତ ବରକନ୍ଦାଜ, ଦୁଇ କ ତିନି ଶ' ଜମ୍ବୁ ଲମ୍ବୁ ବାଉଁଶ-ଠେଙ୍ଗାଧାରୀ ଚୌକିଦାର । ପୋଲିଶ କର୍ମଚାରୀମାନେ ହାତ୍ତା ଧରି ଜଗତ୍ତବେଡ଼ ପରି ଖଣ୍ଡଗିରଟାକୁ ଘେରି ଅଛନ୍ତି, ବାହାରିବାର କାହାର ଅଧିକାର ନାହିଁ । ସାଧୁ ସନ୍ନ୍ୟାସୀମାନେ ଧରାଧୋଇ ଆସି ମେଜେଷ୍ଟର ସାହେବଙ୍କ ଡେରା ସମ୍ମୁଖରେ ଖଅଡ଼ା ହେଲେ । ଦିନଯାକ ଭଦନ୍ତ ହେଲା, ଅପରାହ୍ଣ ସମୟରେ ଆତ୍ମମାନଙ୍କ କଥିତ ଭକ୍ତ ଯୁଗଳଙ୍କ ସନାକ୍ତ ଦେବା ମୁତାବକ ପୂର୍ବ ବର୍ଣ୍ଣିତ ମହନ୍ତ ବାବା ମହାନ୍ତର ଦାସ ଓ ତାହାଙ୍କ ସଙ୍ଗୀ ପତଶ ଜଣ ସନ୍ନ୍ୟାସୀ, ସେମାନଙ୍କୁ ଛାଡ଼ି ଅନ୍ୟ ଦଶ ଜଣ ସାଧୁ ହାତରେ ହାତକଡ଼ି ଦିଆଯାଇ ଭୁରଙ୍ଗରେ ଠୁଳି ଦିଆଗଲା । ଆତ୍ମମାନଙ୍କ ମୌନୀ ବାବାଙ୍କଙ୍କର ମଧ୍ୟ ସେହି ଦଶା । ମୌନୀ ମାତା ପୋଲିଶ ହେପାଜତରେ

ରହିଲେ । ମୌନା ବାବାଙ୍କଙ୍କ ଗୁମ୍ଫା ଓ ଦାଢ଼ିଗୁମ୍ଫାରୁ ଅନେକ ସୁନା ରୂପା ଅଳଙ୍କାର ଓ ଜହ୍ନରତ୍ନ ଅନେକ ମୂଲ୍ୟବାନ୍ ଲୁଗା ଶାଲ ପ୍ରଭୃତି ବରାମଦ ହେଲା । ମେଜେଷ୍ଟର ସାହେବଙ୍କ ହୁକୁମ ଅନୁସାରେ ଅନ୍ୟାନ୍ୟ ସାଧୁ ସନ୍ନ୍ୟାସୀ ଜବତ ହେଲେ । ଜଳଲର ନୈମି-ଷାରଣ୍ୟ ଖଣ୍ଡଗିର ସେହି ଦିନଠାରୁ ସାଧୁଶୂନ୍ୟ ହୋଇଅଛି ।

ପରଦିନ ପ୍ରାତଃକାଳରେ ମେଜେଷ୍ଟର ସାହେବ ବନ୍ଦୀମାନଙ୍କୁ ଉପଯୁକ୍ତ ପୋଲିଶ ହେପାଜତରେ କଲିକତା ଚାଲାଣ ଦେଇ ପୁଣି ରମାନା ହେଲେ ।

ପଶ୍ଚାତ୍ ପ୍ରକାଶ ପାଇଲା, ଉଚ୍ଚ ଶିତ ମହାଶୟ ବାସ ମହନ୍ତ ବଙ୍ଗଦେଶର ପ୍ରସିଦ୍ଧ ଜଗା ଗୁଆଲା ଡକାଏତ ସର୍ଦ୍ଦାର, ଅନ୍ୟାନ୍ୟ ସାଧୁମାନେ ସଙ୍ଗୀ ଡକାଏତ । ଅନ୍ୟ ଦଶଜଣ ସାଧୁ ଅନ୍ୟାନ୍ୟ ଜିଲ୍ଲାର ଫେରାର ଆସାମୀ । ମୌନା ବାବାଜୀ କଲିକତାର ଜଣେ ପ୍ରସିଦ୍ଧ ବଡ଼ ଲୋକଙ୍କ ଗୁମାସ୍ତା । ମୌନା ମାତା ତାହାଙ୍କ ପରିବାରସ୍ଥ ବିଧବା ବଧୂ । ଉକ୍ତ ବଡ଼ଲୋକଙ୍କ ଘରୁ ଚୋରି ଯାଇଥିବା ଅନେକ ଅଳଙ୍କାର ଓ ବଙ୍ଗଦେଶର ଅନେକ ସ୍ଥାନର ଡକାଏତ ଅନେକ ମାଲ ବରାମଦ ହୋଇଅଛି । କଥିତ ଉକ୍ତ ଯୁଗଳ ଠଗି କମିଶନରଙ୍କ ଡିଟେକ୍ଟିଭ ପୋଲିଶ ଅଫିସର ଅଟନ୍ତି ।

ପୁନର୍ମୂଷିକୋଦ୍ଭବ

ଆଜକୁ ଶହେ ବର୍ଷ ପୂର୍ବ କଥା । ବାଲେଶ୍ୱର ଜଲ୍ଲରୁ ଲୁଣ ଚୋରାନ ଉଠିଗଲା । ଲୁଣାଦାଣ୍ଡୀ ଲୋକମାନଙ୍କର ସର୍ବନାଶ ଉପସ୍ଥିତ । ବାଲେଶ୍ୱର ଜଲ୍ଲର ପୂର୍ବାଞ୍ଚଳ ଉତ୍ତର ସୁବର୍ଣ୍ଣରେଖା କୂଳଠାରୁ ଦକ୍ଷିଣ ଧାମରାନଦୀ କୂଳ ପର୍ଯ୍ୟନ୍ତ ସମୁଦ୍ର ଉପକୂଳବର୍ତ୍ତୀ ସ୍ଥାନର ନାମ ଥିଲା ଲୁଣାଦାଣ୍ଡୀ । ଏ ଅଞ୍ଚଳବାସୀ ଅର୍ଦ୍ଧଲକ୍ଷାଧିକ ଲୋକର ଜୀବନାବଲମ୍ବନ ଏକମାତ୍ର ଲବଣ ଚୋକ୍ତାନ । କେହି ଲୁଣ ମାରେ, କେହି ଚଢ଼ିରେ ନାନାପ୍ରକାର ସଦ୍ଦାପୂତା କରେ, ଆକେ ବ୍ୟବସାୟୀ, ଅନେକ ସରକାର ଗୁଳର, କେହି କଛୁ ନ ପାରିଲା ସେ ଗୋର । ଲୁଣ ଗୋର ଓ ଗୋର ପଇକାର ଅସଂଖ୍ୟ । ଚୁଲିଆ ଲୁଣ ମାର ଜମା କରିଛୁ, ତାହା ସଂଖ୍ୟା ନେବେ ଓ ବନ୍ଦି କରିବେ ସରକାର । ତାହାର (ଚୁଲିଆର) ଯୋଗ ପାଲସରେ ଯେବେ କେହି ସେ ଲୁଣ ନେଇ ଗୁଡ଼ ଭିତରେ ଗଡ଼ଜାତକୁ ଚାଲାଣ ଦେଇ ଶସ୍ତାରେ ବନ୍ଦି କରେ, ସେ ଗୋର ନୁହେଁ ତ ଆଉ କଣ ? ସମସ୍ତଙ୍କର ଉପାୟ ଏକାବେଳକେ ବନ୍ଦ । ଚଢ଼ିଁ ଉପରେ ପୁଣି ଭଯୁଙ୍କର ବିପଦ ଉପସ୍ଥିତ, ଲୁଣ କଣି ଖାଇବାକୁ ଦେବ । ମଫସଲର ସାଧାରଣ ଲୋକ ପକ୍ଷରେ ପନ-ପରିବା ସୁଲଭ ନୁହେଁ । ଶାଗ ପିଠାପାଣି ଉରସା, ଲବଣ ମାନ ସମ୍ପାଦ୍ୟ, ସେହି ଲବଣର ଅଭାବ । ଅଭାବ କିଁୟା ? ବଲ୍ଲଡ ଲାଖି ଲୁଣ ଡେର ହାଟରେ ଜମା ଅଛି । ହେଲେ ତାହା ତ ଭୁଚ୍ଚା ମିଳିବ ନାହିଁ, ପଇସା ଦେଇ କଣିବାକୁ ହେବ । ପଇସା କାହିଁ ? ଆଉ ଗୋଟିଏ ବିପଦ, ହାଟ ଅନେକ ଗ୍ରାମଠାକୁ ଦୁଇ କୋଶ ଅଢ଼ାଇକୋଶ ଦୂର । ହାଟକୁ ଯାଉଛୁ କିଏ ? "ନଚ୍ଚ ଆଣି ନଚ୍ଚ ଖାଏ, ସେ ଲୋକ କ ବଲ୍ଦଘର ଯାଏ ?" ସବୁ ବାଟ ବନ୍ଦ, ଉପାୟ କଣ ? ଅନ୍ୟ ଉପାୟ ଜଣା ନାହିଁ । ଏଣେ ଲୁଣ ବିନା ପ୍ରାଣ ଯାଏ । ସୁତରାଂ ଗୋଟା ବାଟ ମେଲା । "ନଷ୍ଟସ୍ୟ କାନ୍ୟା ଗତିଃ ?" ନଷ୍ଟସ୍ୟ କିଁୟା ? ତୁମ୍ଭେ ଆମ୍ଭେ ଏପରି ଲଣ୍ଡଭଣ୍ଡରେ ପଡ଼ିଲେ କଣ କରନ୍ତୁ ବେଳେ ବଚ୍ଚର କର ଦେଖିବାର କଥା । ଲୁଣ ବିନା ପ୍ରାଣ ଯାଏ, ମିଳିବା ବାଟ ଏକପ୍ରକାର ବନ୍ଦ । ଏଣେ ଭଗବାନ ଘର ଘର ପାଖରେ କୋଟି କୋଟି ମହଣ ଲୁଣ ଢାଳ ଦେଇ ଅଛନ୍ତି । ଓଲପଦାଡ଼ରୁ ମାଟି ମୁଠାଏ ଆଣି ପାଣିରେ ଗୋଳାଇ ମାର ଦେଲେ ଲୁଣ । ଖୁବ୍ ସହଜରେ, ଅଳ୍ପ ଅଳ୍ପ ସମୟରେ ପିଲଟିଲ ଯେ ସେ ଲୁଣ ମାର ପାରେ । ମାନ ସରକାରରୁ ମନା,

Chhaya@Kolkata

ଲୁଣ ମାର ଖାଇଲେ ଗ୍ଲେସ୍‌ରେ ଚଲାଣ ଦେବ । ଏଥକୁ ଲୋକମାନେ ସରକାସ୍ଟ ହୁକୁମ କେତେଦୂର ମାନ ବାଟ ଗୁଲଥିଲେ କଥାଟା ସହଜରେ ସମସ୍ତେ ବୁଝିପାରିବେ ।

ଆଜ ବାଲେଶ୍ୱର ସଦର କଚେରି ଘର ଜାର । ଲୁଣାଦାଣ୍ଡୀର ଲୁଣ ଗ୍ଲେର ଜଗିବା ସକାଶେ ପୋଲଶ ଅମଲ ବାଦେଲ ଦେବେ । ଯେଉଁ ପୋଲଶ ବସିବ, ତାହାର ନାମ ନମକା ପୋଲଶ । ପୁରୁଣା ଏବାଲଶ ନମକା ଅମଲମାନେ ଜମାଦାରଠାରୁ ଇନ୍‌ସପେକ୍ଟର ପର୍ଯ୍ୟନ୍ତ କର୍ମରେ ବାଦେଲ ଦେଟଲ । ନୂଆ ବାଦେଲ ଦେବେ କେବଳ କନେଷ୍ଟବଳ । ମିଶଲ କୋଠୀ ମଧ୍ୟରେ ଘର ଭଡ଼ା ଦେବାରୁ ମାଜଷ୍ଟର ସାହେବ କଚେରି ବାରନ୍ଦାରେ ଗୋଟାଏ କୁର୍ଚି ପକାଇ ବସି-ଅଛନ୍ତି । ସାହେବଙ୍କ ଚୌକା ପଛରେ ଦୁଇଜଣ ଅର୍ଦ୍ଦଲୀ ଛଡ଼ା ଦୋଇ ବାରମ୍ବାର ପାଟି କରି 'ଗ୍ଲେପ, ଗ୍ଲେଓପ' କହି ଆପଣାମାନଙ୍କର ଅସ୍ତିତ୍ୱର ଏବଂ କର୍ମଠତାର ପରିଚୟ ଦେଉଅଛନ୍ତି । ସାହେବଙ୍କ ସମ୍ମୁଖ ପାଞ୍ଚ ଛ' ହାତ ଦୂରରେ ପେସ୍କାର ଉମେଦୁଆରମାନଙ୍କର ଓଡ଼ଆ ଦରଖାସ୍ତ ଗୁଡ଼ାକ ପଢ଼ିଯାଉଅଛନ୍ତି । ଜଣ ଜଣ କରି ଉମେଦୁଆରକୁ ଡାକରା ଦେଉଛୁ । ଯେଉଁଟା ମାଇନାରେ ଟେକଲା, ସାହେବଙ୍କ ସଙ୍କେତରେ ପେସ୍କାର ତାହା ନାମ ଟିପି ପକାଇଲେ । ବାଦେଲ କନେଷ୍ଟବଳ ଆଭୁମି ଶିର ସଲଗ୍ନ ହସ୍ତରେ ସଲମ କରି ଗୁଲ ଯାଉଅଛୁ । ଯେଉଁଟା ମାଇନାରେ ନ ଟେକଲା ଶୁଖିଲା ମୁହଁରେ ପଛଦୁଆ ଦେଇ ଗୁଲ ଯାଉଅଛୁ । ଏ ଉମେଦୁଆରଟା ନାମ ପେସ୍କାର ଟିପି ପକାଇଲେ, ଏ ଜଣକ କଏ ? ଏ ଯେ ପେସ୍କାରଙ୍କ ଗୁକରୁଆ କଣା ବାରକ, ଜାତ ଭଣ୍ଡାର । କଣୁର କଛୁ ବଶେଷ ଗୋଟିଏ ପରିଚୟ ଆବଶ୍ୟକ । 'ହର ବନା ଗାତ୍ରିନ ନାହିଁ ।' କଣୁ ଆମ୍ଭମାନଙ୍କର ଏହି କାହାଣୀର ମୂଳ ପାଣି । କଣା ପେସ୍କାରଙ୍କ ଘରର ଗୁକର । ପେସ୍କାରଙ୍କ ଘର ବୋଧ କରୁଁ ମଫସଲ ଗ୍ରାମରେ, କାରଣ ଶନିବାର ସଞ୍ଜଠାରୁ ସୋମବାର ସକାଳ ଯାଏ ତାହାଙ୍କ ସହରସ୍ଥ ବସାଘର ଦୁଆରେ କୋଲପ ପଡ଼ିଥାଏ । ଗୁଡ଼ ବକାଳେ ଗ୍ରାମକୁ ଯିବା ଆସିବା ସକାଶେ ଜଣେ ମନୁଷ୍ୟ ସଙ୍ଗରେ ଥିବା ଲୋଡ଼ା, ପୁଣି ସେ ଜଣେ ସରକାସ୍ଟ ଅମଲ । ବସାରେ ଜଣେ ଭଣ୍ଡାର ଗୁକର ନ ରହିଲେ ଅଚଳ, ଏଥି ସକାଶ ନିଜ ଗ୍ରାମର ଭଣ୍ଡାର କଣାକୁ ପାଖରେ ରଖି ଅଛନ୍ତି । କଣା ବାବୁଙ୍କ ବସାରେ ସବୁ କାର୍ଯ୍ୟ କରେ, କଚେରିକୁ ବସ୍ତ୍ରାନ ନେବା ଆଣିବା କରେ । ପେସ୍କାରଙ୍କ ଗ୍ଲେଞ୍ଜେଇରେ ଚଳେ, ପେସ୍କାରଙ୍କଠାରୁ ସେ ଅଲଗା କଛୁ ଦରମା ପାଏ କ ନାହିଁ ଏ କଥା କାହାରିକୁ ଜଣା ନାହିଁ । କଚେରିରେ ଛ ମାସ ପଙ୍ଖା ଟଣା କାର୍ଯ୍ୟ କରେ, ସେ ଦରମାଟା ପାଏ । ପୁଣି ପେସ୍କାରଙ୍କ ବସାକୁ ଯେଉଁ ସବୁ ମଉକଲ ଯିବା ଆସିବା କରନ୍ତି, କାହାର ମାମଲା ଉଜୀ ବା କାହାର କଛୁ କର୍ମ ହାସଲ ହେଲେ, କାହାର କାହାରଠାରୁ ବକ୍‌ସିସ ବୋଲ ଦୁଇପଇସା ହାତ ପଏଠ କରେ । କଚେରିଆ ବୋଲ ଗାଁ ଲୋକେ ତାହାକୁ ମାନନ୍ତି, ଗଣନ୍ତି । 'ନଗ୍ନଣା' ନାପିତୋ ଧୂର୍ତ୍ତଃ' । ପୁଣି କଚେରି ଯିବା ଆସିବାରେ ଆଡୁର କଛୁ ବୁଦ୍ଧି ଫେରୁଛୁ । ଦେଖିବାକୁ ମଧ୍ୟ ପଞ୍ଚହତ୍ତା ମର୍ଦ୍ଦ । ବପୁସ ଅନୁମାନରେ ପଚଶ ଛତଶ ମଧ୍ୟରେ । ଲୋକ ପାଞ୍ଚଟା ବକାରରେ ମର୍ଯ୍ୟାଦା ପାଇ ଥାଆନ୍ତି । ବଦ୍ୟା, ବପୁ, ବାକ୍ୟ, ବସ୍ତ୍ର ଓ ବଭବ । କଣା ଦେଖିବାକୁ ମଣିଷଟା ପର ମଣିଷ, ଦୁଇ କଥା କହି ପୋଛୁ ପାରେ । ସରକାରରୁ କନେଷ୍ଟବଳ ଦରମା ମାସକୁ ୫ ୭ ୯ ଙ୍କା, ସୁତରାଂ, ଜଣା ଅଧିକରେ ତାହାର ଛନ ଗୋଟା ବକାରରେ ଅଧିକାର ଥିଲ, ଏଥିକୁ ଦରକାର ବେଳେ ସ୍ଥାନ ବଶେଷରେ ସେ ଯଦି ଗୁଡ଼ ଫୁଲଇ ବାଟ ଗୁଲେ, ତାହା ପକ୍ଷରେ ଅସୁନ୍ଦର ଦିଶିବ ନାହିଁ । ଆଜକା ବେଶଟା କଣାର କଛୁ ପୃଥକ୍ । ନଅଢାଇ ବାଲଇଶି ଦେଶୀ ସୂତାକୁଣା ଖଦଖଣ୍ଡେ ପିନ୍ଧିଛୁ (ସେ ସମୟରେ ବଲଙ୍ଗା ଗୋଷ୍ଟମାରକା ଧୋତି ଦେଶକୁ ଆସିନାହିଁ) । ଦେହରେ ବନ୍ଧଲଗା ଗୋଟାଏ ଅଙ୍ଗା, ଦୋମୁହାଁ

ଖଣ୍ଡେ ମୁଣ୍ଡରେ ପଗଡ଼ । ଆଜ ଅମୃତବେଳରେ କଣ୍ଡୁ ମୁଣ୍ଡରେ ପାଗ ବାନ୍ଧିଥିଲା, ସେହି ପାଗ ବଜାଏ ରହିଲା, ଅଧିକନ୍ତୁ ସରକାରରୁ ମିଳିଥିବା ଶାଲ୍ ଲୁଗା ଲଲଚାଗ ସେ ସ୍ଥାନ ଅଧିକାର କଲା । କଣା ବାଣକର ନାମ ସରକାସ୍ତ କାଗଜରେ ଦରଜ ହେଲା, କଣାଗ୍ରମ ସିଂ ।

ପରଦିନ ସକାଳେ କଣାଗ୍ରମ ସିଂ ଡ୍ରେସ ପିନ୍ଧି କାନ୍ଧରେ କନେଷ୍ଟବଳ ବେଗ୍ ଝୁଲାଇ କର୍ମସ୍ଥାନକୁ ବାହାରିଲେ । କର୍ମ ସ୍ଥାନରେ ପହଞ୍ଚିବାକୁ ସଞ୍ଜ ସଞ୍ଜ । ତାହାଙ୍କ ବଦଳରେ ଗୃର ଖଣ୍ଡ ଗ୍ରାମ, ସେଥି ମଧ୍ୟରେ ମଙ୍ଗାମପୁର ଗ୍ରାମଟା ସବୁଠାରୁ ବଡ଼ । କଣ୍ଡୁ ସିଂ ସେହି ଗ୍ରାମ ମଝି ଶ୍ରୀଗବଡ ଘରେ ଫାଣ୍ଡି ଠିକ କଲେ । ତେତେବେଳେ ସରକାସ୍ତ ଫାଣ୍ଡି ନ ଥିଲା । ସେ ଆପେ ଶ୍ରୀଗବଡ ଘରକୁ ଫାଣ୍ଡି ନାମକରଣ କଲେ । ସରକାସ୍ତ କଥା, ପାଟି ଫିଟାଇବାକୁ ସାଧ କାହାର ? କଣାଗ୍ରମ ସିଂ ମଫସଲରେ ଆଜ୍ଞ ଗୋଟିଏ ନାମ ପାଇଲେ 'ପୋଲିଶ ଜମାଦାର ।'

ମେଜେଷ୍ଟର ସାହେବଙ୍କ ଗସ୍ତ ସମୟରେ ପେସ୍କାର ହମସ୍ତଏ କଣ୍ଡୁ ମଫସଲ ଯିବା ଆସିବା କରିବାରୁ ଅମଲ୍ଗିର ଘଡଘାତ ଚାହାକୁ କଚ୍ଚୁ କଚ୍ଚୁ ଜଣା । ଜମାଦାର ଗ୍ରାମରେ ପହଞ୍ଚି ଚୌକିଦାରମାନଙ୍କୁ ତଲବ କରି ଦେଲେ । ଡାକହାକରେ ଗୃରଖଣ୍ଡ ଗ୍ରାମରେ ଚଞ୍ଚଳ ପଡ଼ିଗଲା । ନୂଆ ହାକମ ହାଜର, ଆଉ କ କେହି ଘରେ ରହି ପାରେ ? ମୁଖ୍ୟା ମୁଖ୍ୟା ଲୋକ ହାଜର ହୋଇଗଲେ । ଦେଖଣାହାସ୍ତା ମଧ୍ୟରେ ପିଲାଗୁଡ଼ାକ ବେଶି । ଘର ମାଇକନିଆମାନେ ଚାହିଁ କବାଟ ଦର· ଆଜୁଳା କରି ଘର ଭିତରୁ ରହିଁଛନ୍ତି । ଜମାଦାରେ ପାଟି କରି ସମସ୍ତଙ୍କୁ ଅନାଇ ସରକାସ୍ତ ହୁକୁମ ଶୁଣାଇ ଦେଲେ । ସେଥିର ସାରକଥା ଏହିପରି ବୁଝାଗଲା, 'ଗୃର ଖଣ୍ଡ ଗ୍ରାମରେ ଯେ ମଫସଲ ହାକମ ।' କଚେରି ଶ୍ରୁଚିବାକୁ ବେଳ ଚଢ଼ିଗଲାଣି । ଗ୍ରାମର ବୁଢ଼ା ବଗବାର ଜଣେ ପୁରୁଖା ଲୋକ । ଡେରି ହାକମ ହୁକୁମ। ଅମଲ କଲାଣି । ନାମ ଶଙ୍କୁ ମଲକ । ଛୁଡ଼ା ହୋଇ ଗ୍ରାମ ଲୋକଙ୍କୁ ଅନାଇ କହିଲା, "ଆଉ ବସିଲେ କଣ ହେବ, ବେଳ ଗଡ଼ ଗଲା, ଏତମ୍ପର୍ଯ୍ୟନ୍ତ ହାକମଙ୍କ ଚର୍ଚ୍ଚା ହେଲା ନାହିଁ ।" ବଗବାର କଥା ଶୁଣି ଗୋଟି ଗୋଟି ହୋଇ ସମସ୍ତେ ଉଠିଗଲେ । ଆଉ ଏକ ସ୍ଥାନରେ ବସି ବଗୁର କଲେ । ଗ୍ରାମଯାକ ଭେଦା ହୋଇଗଲା, କାହା ଘରୁ ଗୁଡ଼ଲ, କାହା ଘରୁ କାଠ, ଲୁଣ, ବାଇଗଣ ଇତ୍ୟାଦି ପହଞ୍ଚି ଗଲା । ନାଥ ମହାକୁଡ଼ ଗଡ଼ଡ଼ ଗୋଟାଏ ଠେକରେ କଚ୍ଚୁ ନରୁଡା ଗାଈଦୁଧ, ଦଶୁ ଘିଅ ପହଞ୍ଚାଇ ଦେଲା । ଗୃରଜଣ ଥାଳଟାକା ଧାଇଁ ଯାଇ ବଲ ମଧ୍ୟରୁ ଗୋଟାଏ ପାଣି ଖାଲ ବୋହି ଦେଇ ଗଡ଼ଉଇ, ଚେଙ୍ଗ, କଞ୍ଚ, ଝିପିଟି ଇତ୍ୟାଦି ଦୁଇ ଖଣ୍ଡା ଭଲ ଚପି ଦେଇ ଆସିଲେ । ପ୍ରଥମ ଦିନ ଜମାଦାରଙ୍କ ଭୋଜନ ବଢ଼ିବାକୁ ଗଲ୍ଲ ଅନ୍ଦାଜ ଘଡ଼ିକ ସରିକ । ସେଦିନ ଏକାହାରି । ଏହିପରି ଦୁଇଦିନ, ପାଞ୍ଚଦିନ ଦଶ ଦିନ ମଧ୍ୟ ସ୍ୱଚ୍ଛନ୍ଦରେ କଟି ଗଲା । ଦିନ ଯେପରି ଯାଏ ସେହିପରି ବହି ଯାଉଛୁ । ଜମାଦାରଙ୍କ ଭୋଜନ ବିଷୟରେ କୌଣସି ଚିନ୍ତା ଭାବନା ନାହିଁ । ପ୍ରତିଦିନ କାହୁଁ ସିଦା ଗୁଲ ଆସୁଛୁ । ଦୁଧ ମାଛ ଘିଅର ଅଭାବ ନାହିଁ । ଏଟା କଚ୍ଚୁ ଗ୍ରାମ-ବାସିଙ୍କ ଧର୍ମ ବୁଦ୍ଧିଯୁକ୍ତ ଅଡଥେପ୍ପ ନୁହେଁ, ଏହାର ମୂଳ କାରଣ ଭପ୍ପ ଓ ଜମାଦାରଙ୍କ ମନୋରଞ୍ଜନ କରିବା ଅଟେ । କେତେବେଳେ କଣ ଅଛୁ, ଗ୍ରାମ ଗୋଟାଯାକ ଚ ଗ୍ଲେର, ଜମାଦୀରଟା ମୁଠାରେ ଥାଉ, ଜମାଦାରଙ୍କୁ ହାତ ପୋଡ଼ିବାକୁ ଦିଏ ନାହିଁ, ଗ୍ରାମର ପୁରୋହିତ ନରହରି ପଣ୍ଡା ଦୁଇଓଳ ଗୋଷାଇ କରି ଦେଇଯାଏ । ବେଠିଆ ଭଣ୍ଡାରି ଗ୍ରମା ବସାରେ ଗୋଷାଇ ଡୋଲି, ବସା ଲଥା ଟୋପ୍ପା, ସଜୁଡ଼ ବାସନମଜା ଇତ୍ୟାଦି କର୍ମ କରି ଦିଏ । ଦିନେ ଦିନେ ଜମାଦାର ଗସ୍ତରୁ ବାହୁଡ଼ି ଆସିଲେ ଗୋଡ଼ ହାତରେ ତେଲ ଟୋପାଏ ମାରିଦିଏ । ଏହିପରି ଆଦୁର ଦୁଇ ପାଞ୍ଚଦିନ କଟିଗଲା । ଦିନେ ଜମାଦାରେ ବସି ବସି ବଗୁର କଲେ, ଏପରି ବସିବସି

ଖାଇଲେ ଚଳିବ ନାହିଁ ତ, ସରକାସ୍ତ କାମ ବଜାଇବାକୁ ହେବ । ଲୁଣଗୋର ଯେ ଘରେ ଘରେ ଚଲୁକ । ଜମାଦାର କେତେଦିନ ଗ୍ରାମରେ ରହି ବେଶ୍ ବୁଝିଲେଣି; ମାନ ଧରିବେ କିପରି ? ଗ୍ରାମ ଲୋକେ ହାତରୁ ଦୁଇ ପଇସାର ବଲଙ୍ଗା ଲଙ୍ଗି ଲୁଣ କିଣି ଆଣି ରଖିଅନ୍ତନ୍ତି, ଜମାଦାରଙ୍କ ସିଦାରେ ସେହି ଲୁଣ ଦିଅନ୍ତି । ଜମାଦାରେ ଏ କଥାକୁ ମଧ୍ୟ ବୁଝିଲେଣି । ଦିନଯାକ ଜମାଦାର ପାଖରେ ଲୋକ ଛୁଟଣା ନାହିଁ । ରାତି ଟା ଘଡ଼ି ଯାଏ ପାଖରେ ରହି ଏଣୁ ତେଣୁ କହି ଭୁଲାଉଥାନ୍ତି; ଅର୍ଥାତ୍ ଜମାଦାର କେତେବେଳ କଣ କରୁ ଅଛନ୍ତି ସମସ୍ତେ ଜାଣୁ ଥାଆନ୍ତି । ଗ୍ରାମର ଅବଧାନେ ବନମାଳୀ ଓଝା ସଞ୍ଜବେଳେ ଦୁଇ ଘଡ଼ି ପାଣ୍ତିରେ (ଖଗବଢଘରେ) ବସି ଜମଦାରଙ୍କୁ ଗୁନ୍ଦ ଶୁଣାଏ । ହାତ ମୁଣ୍ଡ ହଲାଇ 'ବକେ ବସିଥିଲ ଧ୍ରୁବ ଉପରେ' ଗାଁତର ଅର୍ଥ କରେ । ଗ୍ରାମର ଲୋକ ଏକଯୋଟ, ଆଉ ସରକାସ୍ତ ଲୋକ ଦଗବାର, ସେ ତ ଗ୍ରାମବାସୀ ମଧ୍ୟରେ ଜଣେ । ଜମା-ଦାରେ ବର୍ତ୍ତମାନ କଛୁ ଚନ୍ତାରେ ପଡ଼ିଲେଣି ।

ଆଜ ଜମାଦାରଙ୍କ ମିଜାଜ ଖରା ବଗିଡ଼ିଛୁ । ସବୁ କଥାରେ ଖପା, ସମସ୍ତଙ୍କ ଉପରେ ଖପା । ଖଗରେ ଗୁମ୍ ମାର ପାଣ୍ତିରେ ବସିଛନ୍ତି, କାହାର ସହିତ କଛୁ କଥା ନାହିଁ । ଦଗବାର ଶଙ୍କୁ ମଳକ ଗୁର ହାତଆ ବାଉଁଶ ଠେଙ୍ଗାକୁ କାନ୍ଥରେ ପକାଇ ପିଣ୍ଡାତଳେ କୋଡ଼ଏ ହାତ ଦୂରରେ ବସିଛୁ । ଜମାଦାରେ ଖୁବ ଖପାଦୋଇ ଦଗବାରକୁ ପଗ୍ଧରଲେ, "କ ରେ ? ସେ ଆସିଲ ନାହିଁ ?" ଦଗବାର ଛୁଡ଼ା ହୋଇ ହାତ ଯୋଡ଼ କହିଲ, "ହଜୁର, ଏଥର ଲଗା ତା ପାଖକୁ ପାଞ୍ଚଥର ଗଲ; ଆସିଲ ନାହିଁ । କହିଲ, ମୁଁ କଣ ଜମାଦାର ସକୁଡ଼ ଉଠାଇ ଛନ ପାଞ୍ଜିରୁ ଯିବ ? ଜଣା ଅଜଣା ଗ୍ରାମ ପାଆନ୍ତଙ୍କ ବୋଲରେ ପଡ଼ ଯାହା କର ଯାଇଛୁ— ଯାଇଛୁ; ଆଉ ଏଣିକ ପାରିବ ନାହିଁ ।"

ସଞ୍ଜବେଳେ ଗ୍ରାମର ମୁଖିଆ ମୁଖିଆ ଲୋକମାନେ ଖଗବଢଘରଠାରେ ହାଜର ହୋଇ ଗ୍ରାମ ବାରକ ଭଣ୍ଡାରକୁ ଡକାଇଲେ । ଗ୍ରାମ ହାଜର ହୋଇ ଜମାଦାରଙ୍କୁ ଗୋଟାଏ ଦଣ୍ଡବତ କର ହାତ ଯୋଡ଼ ଛିଡ଼ା ହେଲ । ଗ୍ରାମର ପଧାନ ଗୋପାଳ ଘଡ଼େଇ ପଗ୍ଧରଲେ, "କରେ ଗ୍ରାମ, ତୁ ଆଜ ଜମାଦାରଙ୍କ ବସାରେ କଆଁ ହାଜର ହେଲୁ ନାହିଁ ?" ଗ୍ରାମ ଦୁଇ ଥର ଗଳା ଖଙ୍କାର ଦେଲ, ଦୁଇ ଥର ଗୁଲି ଗଇଁ ହେଲ, କଣ ବଡ଼୍ ବଡ଼୍ କର କହିଲ । ଘଡ଼େଇ ଆଉ ଥରେ ଧମକାଇ ପଗ୍ଧରଲେ, "ରେ, କଣ କହୁଛୁ ସଫା କର କହ ।"

ଗ୍ରାମ କହିଲ, "ଆଜ୍ଞା ଆଜ ସକାଳେ ନରସିଂହ-ପୁରରୁ ଆମ ଜାତ ପରମାଣିକ ଆସିଥିଲେ । ମୋତେ ମନା କରଗଲେ । ଏଣିକ ଆଉ ଜମାଦାରଙ୍କ ସକୁଡ଼ ଉଠାଇଲେ ମୁଁ ଏକଘରିଆ ହେବ । ଆଜ୍ଞା, ଆପଣମାନେ ନଶାପ କରନ୍ତୁ, ଜାତିପାତିକ କଥା, ମୁଁ କ ପରମାଣିକ କଥା ହେଣ୍ଟି ପାରେଁ ?" ସମସ୍ତେ ଚପ ଗୁପ, କଥାକୁ ଫିରିଲ ନାହିଁ; ମାନ ସମସ୍ତେ ବୁଝିଗଲେ ଜମାଦାରେ ଜାତିର ଭଣ୍ଡାର । ଗ୍ରାମ ଜାତି ସ୍ତ୍ରୀ ସେବା କରିବାକୁ ନାସ୍ତଜ । ଜମାଦାରେ ଖଗରେ କମୁଛନ୍ତି; ମାନ ଲୋକଟା ଖୁବ ସିଆଣା ଜନା, ବଗିର କଲ ଗ୍ରାମ ଉପରେ ଜୁଲୁମ କଲେ କଥାକୁ ଫିରିପିବ । ଚୁନ ଭାନ ହୋଇ ରହିଲେ । ଗ୍ରାତ ହେଲ, ଗୋଟି ଗୋଟି ହୋଇ ସମସ୍ତେ ଘରକୁ ଗୁଲଗଲେ । ସେଥି ପଛେ ପଛେ ଗ୍ରାମ ମଧ୍ୟ ଗୁଲଗଲ ।

ଜମାଦାରଙ୍କ ସାତ ପୁରୁଷର କାମ ଅଇଣା ଉଠା । ଦେଶ୍କାରଙ୍କ ବସାରେ ମଧ୍ୟ ସେହି କାମରେ ବାହେଲ ଥିଲେ । ଆଟଣା ସକୁଡ଼ ବାସନକୁ ମାଜ ପାରିବେ ନାହିଁ ? ତେବେ କଥା କଣ କ ଏଠାରେ ମର୍ଯ୍ୟାଦାକୁ ଜଗି ଗୁଲବାକୁ ହେବ ତ ! କଣ କରିବେ, କାମ ଚଳଗଲ; ମାନ ଗ୍ରାମ ଉପରେ ଖଗକୁ ରହିଗଲ ।

ବୃଦ୍ଧ ପୁରାଣ କଥାସବୁ ଜାଣନ୍ତି ବୋଲ ଜଣେ ବୁଢ଼ା ମୁସଲମାନ ମୌଲବୀଙ୍କର କଛ ଦେମାକ ଥିଲ । ସେ ବୋଲନ୍ତି, "ମହାଭାରତ ଆଉର କୁଛ ନେହିଁ । ଘଇ ଘଇପ୍ୟୋକ ଭକରାର କେସ୍‌ସା ଆଉର ରାମାପ୍ୱନ୍ ସୋ ହେ, ଘାଇକା ଚୁଗଲ ଖୋରମେଁ ରାବଣକା ବୁନଆଦ ବରବାଦ ।" ମୌଲବି ସାହେବଙ୍କ କଥା ଯାହା ହେଉ ଆମ୍ଭେମାନେ କନ୍ତୁ ସଚରାଚର ଏଡ଼ସନଲ ମୁନସଫି ଦୁଆରଠାରୁ ହାଇକୋର୍ଟ ଦରୋଜା ପର୍ଯ୍ୟନ୍ତ ଘଇ ଘଇ ଭକରାରରେ ଅନେକ ଖାନଦାନ ଖିନ୍ ଖରାପ ହେବାର ଦେଖିଅଛୁଁ । କ୍ଷୁଦ୍ରାଦପି କ୍ଷୁଦ୍ର ରାମ ବାରକର ମଧ୍ୟ ନଷ୍ଟୁଦ୍ଧି ନାହିଁ । ରାମବାରକର ଘସ୍ପାର ମଧ୍ୟରେ ଜଣକ ସଙ୍ଗରେ ଭାଦାର ଭକରାର ଥିଲ । ରାମା ଉପରେ ଜମାଦାରେ ଘର ଖପା ହୋଇଥିବା ଗ୍ରାମଯାକ ଜଣା, ତା କାନରେ ମଧ୍ୟ କଥା ପଡ଼ିଲ । ରାମାକୁ ଜବଦ୍ କରିବାପାଇଁ ଦନେ ନରୋଲାରେ ଜମାଦାର ପାଖରେ ହାଜର ହୋଇ ରାମା ଘର ମଧ୍ୟରେ ଗୋରୁଲୁଣ ମାରୁଥିବାର କଥା କହିଗଲ । ଜମାଦାରେ ଘର ଚୁସି, ନଧିଏ ପାଇଗଲେ । ଗୋଟାଏ ଟେକାରେ ଯୋଡାଏ ଆମ୍ବ ଝୁଡ଼ିବ; ଅର୍ଥାତ୍ ବଦମାଏସ ରାମା ଜବଦ୍ ହେବ, ଆଉ ଏକ ନମ୍ବର ମାମଲ ଦାଏର ହେବ ।

ଛହିଁ ଆରଦନ ସକାଳେ ପ୍ରହରକ ବେଳେ ଜମାଦାରେ ଡ୍ରେଶ ଭଡ଼ ହଗବାରକୁ ସଙ୍ଗରେ ଧରି ରାମା ଦାଣ୍ଡ ଦୁଆରେ ହାଜର । ଜମାଦାର ଠିକ୍ ସନ୍ଧାନ ପାଇଥିଲେ । ରାମା ଭାଦାର ଘର ପାଚରିବୁଲ ମଝି ଅଗଣାରେ ଅଧ ହାଣ୍ଡିଏ ଦଡ଼ପାଣି ଯେନ ଧାନଉଁଷା ଚୁଲ୍ଲିରେ ଲୁଣ ମାରବାକୁ ଯାଉଥିଲ । ଜମାଦାର ଏକବେଳକେ ଅଗଣା ମଧ୍ୟରେ ଭାଦା ଆଗରେ ହାଜର । ରାମା ପରଖା ଲେକ, ଜମାଦାର ଦେଖିବା ମାତ୍ର ସବୁ କଥା ବୁଝିଗଲ, ଲଣ୍ଡଭଣ୍ଡ ହୋଇ ପାଣିଯାକ ନଳା ମୁହଁରେ ଢାଳଦେଲ । ଜମାଦାରେ ଗୋଡ ଦେଖୁଛନ୍ତି, ଆଉ କଣ ? ରାମା ଭଡ଼ଷଣାଡ଼ ଗ୍ରେପ୍ତାର । ଯେଉଁଠାରେ ଲୁଣପାଣି ଢଳା ହୋଇଥିଲ ସେଠାରୁ ଅଧହାଣ୍ଡିଏ ମାଟି ରାମ ହାତରେ ପୂରାଇ ଦାଣ୍ଡକୁ ଭଡ଼ ଆଣିଲେ । ଜମାଦାର ହୁକୁମରେ ହଗବାର ରାମ-ଡେଣା ବାନ୍ଧ ପକାଇଲ । ହଗବାର ବାଁ କାନ୍ଧରେ ଠେଙ୍ଗା ଡାହାଣ ହାତରେ ରାମ । ହାତବନ୍ଧା ରମ୍ପି ଧରି ଗ୍ରାମ ମଝିଦାଣ୍ଡରେ ଭଡ଼ ଭଡ଼ ଫାଣ୍ଡିକୁ ଯେନ ଗଲ । ଜମାଦାରଙ୍କ ହୁକୁମରେ ଆଉ ଜନଖଣ୍ଡ ଗ୍ରାମର ଜନ ଜଣ ହଗବାର ହାଜର ହୋଇଗଲେ । ସେମାନଙ୍କ ହେପାଜତରେ ଘୋର ରାମା ବନ୍ଧା ହୋଇ ଫାଣ୍ଡିରେ ସେଦନକ ପଡ଼ି ରହିଲ ।

ଗ୍ରାମଯାକ ଚହଳ ପଡ଼ଗଲ । ସହର ଜାଯୁଗାରେ ଏଥର କଥାକୁ କେହି ଅନାଏ ନାହିଁ, ମାତ୍ର ମଫସଲରେ ଏହା ଗୋଟିଏ ଘର କାଣ୍ଡ । ବଶେଷରେ ପୋଲିଶ ଜମାଦାର ଲୁଣଘୋର ଧରିଲଣି । ଗ୍ରାମ ଯାକ ସମସ୍ତଙ୍କ ମୁହଁରେ ସେହି କଥା, ସମସ୍ତଙ୍କର ସବୁ ପ୍ରକାର କାର୍ଯ୍ୟ ବନ୍ଦ । କାହାର ମନରେ ସୁଖ ନାହିଁ, ମାତ୍ର ଗାଁ ପିଲା-ଗୁଡ଼ାକର ଘର ଆନନ୍ଦ, ଅବଧାନେ ଗୃହଶାଳୀ ଘୁଡ଼ି ଯାଇଅଛନ୍ତି । ପିଲଗୁଡ଼ାକ ପଲପଲ ହୋଇ ରାମାକୁ ଦେଖିବା ପାଇଁ ହଗବତ ଘରକୁ ଧାଇଁଛନ୍ତି । ଗୋଳମାଳ କଲେ ହଗବାର ପାଟିକର ଧମକାଇ ଭଡ଼ ଦେଉଛି । ଉପରେ ଚଲାଇ ଆସି ପୁନଶ୍ଚ ଧୀରେ ଧୀରେ ହଗବତ ଘର ପାଖରେ ଜମା ହେଉଛନ୍ତି, ଏହିପର ସେମାନଙ୍କର କାର୍ଯ୍ୟ ଲଗିଛି । ମାଇକନ୍ନଆମାନେ ଘରଧନ୍ଦା ଘୁଡ଼ ଭୁନ ହୋଇ ବସିଛନ୍ତି । ଗ୍ରାମରେ ଯେମନ୍ତ ବଜ୍ରପାତ ହୋଇଅଛି । ଆଜ ରାମା ଧରାଗଲ, କାଲି କାହା କପାଳରେ କଣ ଅଛି କଏ କହିପାରେ, ଲୁଣ ମରା ତ ସମସ୍ତଙ୍କ ଘରେ । ସରକାରକୁ ବଳ କାହାର ? ସେଦନ ଦନଓଳି ଶିଆ ଟିଆର୍ । ଅନେକ ଲେକ ଘରେ ସଞ୍ଜ-ବେଳେ ଦେଲ୍ । ରାମା ଘରେ ତ ଅରନ୍ଧା ଅବଡ଼ା ।

ଗ୍ରାମମୁଣ୍ଡ ବରଗଛମୂଳରେ ମୁରୁଖା ପୁରୁଖା ଆଠ ଦଶ ଜଣ ଲୋକ ବସ୍ତର କରିବାକୁ ବସିଗଲେ, ଅନେକ କଥା ଅନେକ ତର୍କବିତର୍କ ଉତ୍ତରେ ସ୍ଥିର ହେଲା— ଯେପରି ହେଉ ଯେତେ ଟଙ୍କା ଲଗି ରମାକୁ ଖଲାସ କରାଇବାକୁ ହେବ । ସମସ୍ତଙ୍କ ପରାମର୍ଶରେ ଗ୍ରାମର ପୁରୋହିତ ବୃଦ୍ଧ ବାହୁଣ ନାରାୟଣ ମିଶ୍ରେ ନରୋଲାରେ ଜମାଦାର ସଙ୍ଗରେ ସାକ୍ଷାତ କଲେ । ଜମାଦାରେ ଓଲଟି ହେବା ଆଗରୁ ମିଶ୍ରେ ଦୁଇହାତ ଆଞ୍ଜୁଳା କରି କଞ୍ଚୁତ ନଇଁପଡ଼, "ଅଶ୍ୱତ୍ଥାମା ବଲୀ ବ୍ୟାସ ହନୁମାନ ବିଭୀଷଣ" ଇତ୍ୟାଦି ଶ୍ଲୋକ ପଢ଼ି ଜମାଦାରଙ୍କ ଚରଣୁ, ଗୋପଲକ୍ଷ୍ମୀ, ଧନଧାନ୍ୟ ଇତ୍ୟାଦି ନଶ୍ଚପ୍ତ ପ୍ରାପ୍ତିର ସୂଚନା କରି ଧୀରେ ଧୀରେ ପାଖରେ ବସିଲେ । ଜମାଦାରେ ପରଖା ଲୋକ, ମିଶ୍ରଙ୍କ ଆଗମନ ଅଭିପ୍ରାୟଟା ବୁଝିଗଲେ। ଅନ୍ୟ ଦିନେ ମିଶ୍ରଙ୍କ ସଙ୍ଗରେ ଡେର କଥା କହନ୍ତା; ଆଜ ପାଟି ଫିଟିବାର ନାହିଁ, ଭୁନ ହୋଇ ଗମ୍ଭୀରଭାବରେ, ହାକିମି ଧରଣରେ ବସିଛନ୍ତା । ମିଶ୍ରେ କଞ୍ଚୁତ୍ଷଣ ବସି ଜମାଦାଙ୍କର ଡେର ପ୍ରଶଂସା କଲେ । ସେ ଯେ ଗୃହଖଣ୍ଡ ଗ୍ରାମରେ ହାଣ୍ଡାକଣ୍ଡା ବଧାଡା, ସମସ୍ତଙ୍କ ମାନ ମହତ ତାଙ୍କ ହାତରେ, ସେ ମାଡ ପାରନ୍ତା, ତାଡ ପାରନ୍ତା ଇତ୍ୟାଦି ଇତ୍ୟାଦି ଡେର ପ୍ରଶଂସା କଲେ । ଜମାଦାର ମାରବ । ମିଶ୍ରଙ୍କୁ ମଧ୍ୟ ମାମଲତ କଛୁ ଜଣା । ଦୁଇ ଗୃହଥର ହାଇ ମାଡ ଗୃହଆଡ଼କୁ ଅନାଇ ରମାକୁ ଗୁଡ଼ଦେଲେ ଦଶଟଙ୍କା ଇଶାରାରେ ଶୁଣାଇଲେ । (ଆଉ ମାମଲା ହୋଇଥିଲେ ଜମାଦାରେ କଣ କରିଥାଆନ୍ତେ, ଆମ୍ଭେମାନେ କଛୁ କଛୁ ଅନୁମାନ କରିପାରୁଁ; ମାତ୍ର ଏ ଯେ ରମା କଥା— ବଦମାଏସ ଉଣା କାର୍ଯ୍ୟ କରିଛି, ମହତ ଉପରେ ବଟି ।) ଜମାଦାର ଘର ଖପା ହୋଇ ରଙ୍ଗା ଆଖିରେ ମିଶ୍ରଙ୍କ ଆଡ଼କୁ ଅନାଇ କହିଲେ, "ତୁ କ ରକମ ଗୋସେଇଁ ରେ ? ମୋତେ କ ଆଉ ହାକମ ପାଇଛୁ ?" ମିଶ୍ରେ ତ ଏକାବେଳକେ ବସିଗଲେ—ପରକାଣ୍ଡ ଲୋକ କେଜାଣେ କଣ କର ପକାଇବ ରେ ବାପା । କଛୁକ୍ଷଣ ବସି ଖୁବ ଗୋଟାଏ ନଶ୍ୱାସ ପକାଇ ଧୀରେ ଧୀରେ ଉଠି ଚଲିଗଲେ ।

ପରଦିନ ଖୁବ ସକାଳେ ରମା ଡାହାଣ ଡେଣାରେ ରସିଲଗା, ବାଁ କାନ୍ଧରେ ଗ୍ଲେସ୍ ଲୁଣହାଣ୍ଡି । ହଗବାର ଶଙ୍କୁ ମଳକ ଡାହାଣ କାନ୍ଧରେ ଠେଙ୍ଗା, ବାଁ ହାତରେ ରମାବନ୍ଧା ଦଉଡ଼ିମୁଣ୍ଡ । ଜମାଦାରର ଡ୍ରେଶ ଟିନ୍ଧ ଗୁଣ୍ଡ ଫୁଲଇ ଗାଁ ମଝି ଗୋବ୍ରଘରେ ବାଲେଶ୍ୱର ସଦର କଚେରିକୁ ରବାନା ହେଲେ । ଜମାଦାରଙ୍କ ମନରେ ଖୁବ ଫୁର୍ତ୍ତି, ଚଞ୍ଚଳ ଚଞ୍ଚଳ ଗୋଡ଼ ପଡ଼ୁଛି, ହଗବାର କିଛି ପଛରେ ପଡ଼ଗଲେ ତାହାକୁ ଧମକାଇ କହୁ ଅଛନ୍ତି, "ଚଞ୍ଚଳ ଗୁଲ, ପହଲ କଚେରିରେ ହାଜର ହେବାକୁ ହଡ଼ବ ।"

ମହାନଯୁରଠାକୁ ସଦର କଚେରି ଉଣା ଅଧିକରେ ସାତକୋଶ ଦୂର; ମାତ୍ର ଜମାଦାରେ ଆସାମୀକୁ ଧରି ବାର ଉପରେ ଘୋଡ଼ାଏ ବାଜେ କଚେରିରେ ପହଞ୍ଚି-ଗଲେ । ମନ ହଙ୍ଗରେ ଗୋଡ଼ର କପରି ସମ୍ବନ୍ଧ ଅଛି ଆମ୍ଭମାନଙ୍କୁ ଅଜଣା । ଯେହେତୁ ମନୋବଜ୍ଞାନ ଶାସ୍ତ୍ରରେ ଆମ୍ଭେମାନେ ନପଟ— ଇତ୍ୟାଦି, ହେଲେ ଦାର୍ଶନିକ ଲେଡ଼ବାର ଦରକାର ନାହିଁ । ଜମାଦାରଙ୍କ ପଦଯୁଗଳର ଗୁଞ୍ଜଲ୍ୟ ପ୍ରତ୍ୟକ୍ଷରେ ତାହାଙ୍କ ମନର ଗୁଞ୍ଜଲ୍ୟ, ଫୁର୍ତ୍ତି ଅନୁମାନ କରି ନେଲୁଁ । ଜମାଦାରେ କଚେରିରେ ପହଞ୍ଚି ଚହ୍ନା ଅଚହ୍ନା ଡେର ଅମଲ ଫଏଲ୍ଲାଙ୍କୁ ନମସ୍କାର କରିଗଲେ । ପେସ୍କାରଙ୍କୁ ଜୁହାରଟାଏ କରି ମାମଲା ଆସାମୀର ହାଲ ଚୁମ୍ବକ ଚୁମ୍ବକ ସବୁ ଜଣାଇ ଦେଲେ । ମେଜେଷ୍ଟର ସାହେବଙ୍କ ନିକଟରେ ରିପୋର୍ଟ ଦେଣ ହେଲା । ଆସାମୀ ନାଜରଖାନା ବାଟେ ହାଜତକୁ ଗୁମଣ ହେଲା । ବସ୍ତମନ୍ଦ ମାଲ ନାଜରଖାନାରେ ଦାଖଲ ରହିଲା । ମାମଲା ଡେଃ ମାଜଷ୍ଟର ମୌଲଗା ଅବଦୁଲ ମିଆଁଙ୍କୁ ସମ୍ଭୋଦ ହେଲା । ତାରିଖ ପଡ଼ିଲା ଆସନ୍ତା ପାଞ୍ଚ ତାରିଖ ଶୁକ୍ରବାର ।

କଚେର ବାଡ଼ୁଡ଼ା ଜମାଦାରେ ଆସି ପେଷ୍କାରଙ୍କ ବସାରେ ରହିଲେ, ଦଗବାର ମଧ୍ୟ ରହିଲ । ମାମଲା ତାରିଖ ଆଜଲଗାଏତ ଗୁରୁଦିନ । ଆଜ ଦିନଟା ତ ଗଲା—ତାରିଖ ଦିନ ମାମଲା ପଡ଼ିବ, ନଡ଼ିରେ ଯୋଡ଼ାଏ ଦିନ, ଫାଣ୍ଡିକୁ ଯାଇ ଆସି ହେବ ନାହିଁ । ଜମାଦାରେ ପେଷ୍କାରଙ୍କ ବସାରେ ଥାଆନ୍ତି । ଭୁଚ୍ଚାଟାରେ ହେଲେ ଦଶରଥ ଡାକ ହାକମି ବୋଲରେ ଦଗବାରକୁ ନାନା ଫରମାସ ବତାଉ ଥାଆନ୍ତି; ଅର୍ଥାତ୍ ଜମାଦାର ଡାକଲେ ଦଗବାର ଯେ 'ଆଜ୍ଞା ହଜୁର' କହେ, ତାହା ଲୋକେ ଶୁଣନ୍ତୁ, ଆଉ ତାହାଙ୍କ ଭାବେ ଯେ ଲୋକେ ଅଛନ୍ତି, ଏହା ସମସ୍ତେ ଜାଣନ୍ତୁ ।

ରାତ୍ର ଅନ୍ଦାଜ ଏକ ପ୍ରହର । ପେଷ୍କାରେ ଗମ୍ଭୀର ଭଉରେ ଗୋଟାଏ ପଞ୍ଚମସିଟା ମେଲାଇ ବସିଛନ୍ତି । ଆଗରେ ଗୋଟାଏ ଦାପରଖା । ଉପରେ ମାଟି ଦାପଟାରେ ବଳଚାଟା ମିଟ ମିଟ କରି ଜଳୁଛି । ପେଷ୍କାରଙ୍କ ଆଗରେ ନଥିପତ୍ର କାଗଜଗୁଡ଼ାଏ ବୁଣି ପଡ଼ୁଛି । ପେଷ୍କାରେ ନଥିର ଫେରସ୍ତ ଖୁବ ମନୋଯୋଗୀ ହୋଇ ସଜାଡ଼ିବାରେ ବ୍ୟସ୍ତ । ଜମାଦାର କଣାରାମ ସିଂ ପିଣ୍ଡାରେ ଚକାମାଡ଼ ଢୁନ ହୋଇ ବସିଛନ୍ତି । ଦଗବାରଟା ଓଳଉଚଳେ ବସି ଜମାଦାରଙ୍କୁ ଗୁହାଁଚ୍ଛି, କେତେବେଳେ କଣ ହୁକୁମ ହେବ । ସ୍ରେଷେଇଆ ପିଲ୍ଲ ଚଲ୍ଲା ଲଗାଇବାରେ ବ୍ୟସ୍ତ, ଚୁଲ୍ଲିମୁହଁରେ ଲଣ୍ଡା ପକାଇ ଫୁଙ୍କୁଛି, ଠିକ୍ ଏହି ସମୟରେ ଶବ୍ଦ ହେଲା, "ହରବୋଲ - ହରବୋଲ ପେଷ୍କାର ବାବୁଙ୍କର ମଙ୍ଗଳ ହେଉ, ଜୟ ଜୟକାର ହେଉ ।"

ପେଷ୍କାରେ ଭୁଣ୍ଡ ବାର ଘରୁ ବାହାର ପଡ଼ିଲେ । "ଆସିବା ହେଉ ରଥେ, ଆସିବା ହେଉ,"କହି ଓଳଟି-ଟାଏ କଲେ । ଗାଁର କୁଶଳ ମଙ୍ଗଳ ପଚାରିଲେ । ଆଗନ୍ତୁକ ଲୋକର ନାମ ପୁରୁଷୋତ୍ତମ ରଥେ, ପେଷ୍କାର ବାବୁଙ୍କ ପୁରୋହିତ, ଏକା ଗାଁରେ ଘର । ରଥଙ୍କ ପୁଅ ଭକା ପେଷ୍କାର ବାବୁଙ୍କ ସ୍ରେଷେଇଆ । ପୁଅ ଦେଖାହେବ, ବଜାର ସଉଦା ହେବ, ଆଉ ସ୍ରେଜଗାରିଆ ଯଜମାନ, କେବେ କେଉଁ କଛୁ ପ୍ରାପ୍ତିର ଆଶା ମଧ୍ୟ ଥାଏ । ଏଥି ସକାଶେ ରଥେ ମାସକୁ ଥରେ ଦୁଇ ଥର ସହରକୁ ଆସି ଥାଆନ୍ତି । ପେଷ୍କାରଙ୍କ ସହିତ କଥା ସମାପ୍ତ ଉତ୍ତରେ ରଥେ ଘରଆଡ଼କୁ ଗୁହାଁଲେ । ଆଜ କଛୁ ନୂଆ ନୂଆ ଜଣାଗଲା, ଆଗେ ପଡୁଆ ମାନ କଣା ଭୂଇଁରେ ମୁଣ୍ଡିଆଟାଏ ମାରି ଗୋଡ଼ ଧୋଇବାକୁ ପାଣି ଢାଳେ ଆଣି ଦିଏ—ଆଜ ଉଠୁ ନାହିଁ କଆଁ ? ଆଉ ସମ୍ମାନ ନ ପାରି ଡାକଟାଏ ଦେଲେ, "ରେ କଣା ! ରେ କଣା ।" କଣ୍ଠୁ କନ୍ଥୁ ନରୁତ୍ତର । ବ୍ରାହ୍ମଣ ମନ ନକତଳ ଅଳପକେ ଚାଡ ଯାଏ । କଛୁ ଖପା ବୋଲରେ ଡାକଲେ, "ରେ କଣା !" ଉପସ୍ଥିତ କ୍ଷେତ୍ରରେ ରଥଙ୍କ ବୋଧ କରିବା ଖୁବ୍ ଅନ୍ୟାପ୍ୟ । କାରଣ ରଥଙ୍କ ଆବିର୍ଭାବ ବଷପ୍ଟ କଣାରାମ ସିଂଙ୍କର ଅଜ୍ଞାତବ୍ୟ, ଏକଥା ଆମ୍ଭେମାନେ ଦୃଢ଼ରୂପେ ବୋଲପାରୁଁ । ସିଂହେ ଯେ ସମସ୍ତରେ ନାନା ଚନ୍ତାରେ ମନ ଫଯୋଗ କରିଥିଲେ । କପର ଗମ ବାପୁଡ଼ା ଜେଲ ଯିବ, ଫାଣ୍ଡିକୁ ବାଡ଼ୁଡ଼ ଯାଇ କପର ନୂଆ ରକମ ଜାର କରିବେ, ସରକାରରୁ କପର ଖୁସ୍‌ନାମ ମିଳିବ, ଆଉ ଦୁଇ ଘର ନମ୍ବର ମାମଲା ଗୁଲଣ ଦେଲେ କପର ଜମାଦାରୀ ପାଇବେ ଇତ୍ୟାଦି ନାନା ଭାବନାରେ ମନ ଫୁଲ ଉଠିଥିଲା । ମନୋବଜ୍ଞାନ ଦାର୍ଶନିକ ପଣ୍ଡିତେ ବୋଲନ୍ତି, ମନ ଗୋଟାଏ ବଷପ୍ଟରେ ଫଲଗ୍ନ ଥିଲେ ଅନ୍ୟ ବଷପ୍ଟ ଧାରଣା କରିପାରେ ନାହିଁ । ସିଂହଙ୍କ ମନ ବର୍ତ୍ତମାନ ଗୋଟାଏ ନୁହେ; ପୁଞ୍ଜାଏ ପାଞ୍ଚଟା ବଷପ୍ଟରେ ଫଲଗ୍ନ—ଏଥକୁ ଯେ ରଥଙ୍କ ଡାକରା ଶୁଣି ପାରିଲେ ନାହିଁ ବୋଲି ତାହାଙ୍କୁ ଦୋଷୀ କରା ଯାଇ ନ ପାରେ; ମାତ୍ର ବ୍ରାହ୍ମଣ ବାପୁଡ଼ା ତାହା ବୁଝିଲା ନାହିଁ । ପୁନଶ୍ଚାର—"ରେ କଣା, ରେ କଣା ! ପାଣି ଢାଳେ ଦେ" ଗୋଡ଼ ଧୋଇବ । ସିଂହେ ଚମକି ଚଢ଼ି ରଥଙ୍କୁ ଗୁହାଁଲେ, ପୁଣି ଦଗବାର ଉପରେ ନଜର ପଡ଼ିଗଲା ।

Chhaya Kanta

'ରେ କଣା, ପାଣି ଢାଳେ ଦେ ଗୋଡ଼ ଧୋଇବ ।' ଅବଶ୍ୟ ଦଗଡ଼ାର ଶୁଣିଲା । ରଥଙ୍କ ଙ୍କେଧର କାରଣ ଯେପରି ଅହେତୁକ ସିଂହଙ୍କର କ୍ରୋଧ ସେହିପରି କାରଣ-ସଙ୍କୁଳ ଅଟେ । ସିଂହେ ମଧ୍ୟ ସେହିପରି ଖଚାଇ ସ୍ୱରରେ ଜବାବ ଦେଲେ, "କପରି ଅଖାଡ଼ୁଆ ଗୋସେଇଁ ହେ, ଟିକେ ଭର ସହୁନାହିଁ ?"

"କଣ ବୋଇଲୁ ? କଣ ବୋଇଲୁ ? ଅଖାଡ଼ୁଆ !" ରଥଙ୍କର ତ ଅଗ୍ନି ଫିଟିବାକୁ ବସିଲଣି । ପେଣ୍ଠାରେ ସବୁ ଶୁଣୁଥିଲେ, ଧାଇଁ ଆସି ଥାମ ଥୁମ କରି ଦେଲେ । ନକଡଳ ଭାଙ୍ଗ ବେଶି ବେଳଯାଏ ରହେ ନାହିଁ । ରଥେ ଗୋଡ଼ ଧୋଇ ପେଣ୍ଠାରଙ୍କ ବଚ୍ଛଣାରେ ବସିଲେ । ମନଟାକୁ ଥଣ୍ଡା କରିବା ପାଇଁ ଅଗ୍ନିରୁ ନାସ୍ଦାନଟା ବାହାର କଲେ । ପେଣ୍ଠାରଙ୍କ ସହିତ କଥୋପକଥନ ଆରମ୍ଭ, ଏଣୁ ତେଣୁ କଥା ଉତ୍ତରେ କଣା ବାରକର କନଷ୍ଟବଲ୍ଟା, ରେଣ୍ଡା ଗୁଲ୍ଲଣ ଇତ୍ୟାଦି କଥା ଶୁଣିଲେ । ରଥେ ଶୁଣି ପାରି କହିଲେ, "ଓଃ ଏହିଁକି ଏତେ ?— ପୁନର୍ମୂଷିକୋଭବ ।"

ଗ୍ରାମ ବାରକ ଚଲ୍ଲଣ ହୋଇ ଆସିବା ବନଠାରୁ ଗୋପାଳପୁର ପ୍ରଭୃତି ଗୃହଖଣ୍ଡି ଗ୍ରାମରେ ମାଛିଟି ମରି ଯାଇଛି । ସବୁ ପାଇଟି ବନ୍ଦ, କାହାର ମନରେ ସୁଖ ନାହିଁ । ଘରପିଣ୍ଡା ଭେଦା ଉଠିଲ୍ । ଗୋପାଳ ଘଡ଼େଇ ଟଙ୍କା ଟୁକର ଧରି ଅଣ୍ଟା ଭିଡ଼ି ବାହାରିଲେ । ସଙ୍ଗରେ ଗ୍ରାମର ମାଉସୀପୁଅ ଭାଇ ମଙ୍ଗା ବାରକ ଆଉ ହତ୍ରୁ ସାମଲ ଏହି ଦୁଇଜଣ । ଗୋପାଳ ଘଡ଼େଇ ଜଣେ ନାମଲଢକାର ଲୋକ, ଗୃହଖଣ୍ଡ ଗାଁରେ ତାହାର ନାମ ଡାକ । ଆଗେ ତାହାର ଭଜନଖଣ୍ଡ ଚଳୁ ଥିଲ । ଗୃହ ହଲ ଜମି ଗୃଷ, ଶକଡ଼ା ଟଙ୍କା ଫେର ଫାର ଚଳେ । ସଦରକୁ ପିବା ଆସିବ ରେ ଆଇନ କାନୁନ କଥା ତାହାକୁ ଭଲ ଜଣା; ତଥାପି ସେ ରଓ୍ୱାନା ସମୟରେ ତାଙ୍କ ପଛରେ ଗୃହଜଣ ମୁରବଉଳିଆ ଲୋକ ଅଧ କୋଶ ଯାଏ ଗୋଡ଼ାଇଯାଇ ନାନା-ପ୍ରକାର ଉପଦେଶ ଦେଲେ । ବାହୁଡ଼ ଆସିବା ସମୟରେ ଅବଧାନେ ବନମାଳୀ ଓଝା କହିଲେ, "ଯାଅ ଘଡ଼େଇପୁଅ, 'ଶ୍ରୀ ମଧୁସୂଦନ ଶ୍ରୀ ମଧୁସୂଦନ' କହି ଗୁଲି ଯାଅ । ମୁଁ ଯେ ବନ ଧରି ଦେଇଛି, ତାହା ନ ମେଣ୍ଟନ ।"

ଆଜି ମାମଲାର ତାରିଖ । ଜେଲଖାନା ହାଜତି ଆସାମୀ ସବୁ ଗୁଲ୍ଲଣ ହୋଇ ଆସି ନାଜରଖାନାରେ ବସିଛନ୍ତି । ଗୋପାଳ ଘଡ଼େଇ କନ୍ଥି ଅଣ୍ଟାଗୁଞ୍ଜା ବଳରେ ହାଜତି ଜାଏଗା ଦୁଆର ପର୍ଯ୍ୟନ୍ତ ଗଲ୍ । ଡାହାଣ ହାତ ବୁଢ଼ା ଆଙ୍ଗୁଳି ଓ ମୁଣ୍ଡ ନାନା ଭଙ୍ଗିରେ ସଞ୍ଚାଳନ କରି ଗ୍ରାମାଙ୍କୁ ଇଶାରା କଲ୍ । ଗ୍ରାମା ହାଜତିଙ୍କର ରହି ଯାବରେଇ ଯାଇଥିଲ୍, ତାହାକୁ ସେହି ଅବସ୍ଥାରେ ହାକିମଠାକୁ ଆଣିଥିଲେ କଣ କରିଥାଆନ୍ତା କଥା ଅଜଣା । ମାନ ଗ୍ରାମା ମଫସଲ ଭଣ୍ଡାର ହେଲେ କଣ ହେବ, ପଣ ପଣ ଚଉହାକିମମାନଙ୍କୁ ବେଠିରେ ଖିଅର କରି କରି ମୁଣ୍ଡବାଳ ପାଚଲ୍ଲଣି । ଘଡ଼େଇକୁ ଦେଖି ଖୁବ ହେମତ୍ତ ବାନ୍ଧିଲ୍ । ମୁଣ୍ଡ ହାତ ହଲାଇ ଘଡ଼େଇ କଥାରେ ଜବାବ ଦେଲ୍ । ଘଡ଼େଇ କାମ ସାରି ଘର ଛ'ହାତ ଗୁଲି ଆସିବା ଉତ୍ତରେ ପହଗ୍ୱବାଲ୍ କନେଷ୍ଟବଲ ଡାକ ଦେଲ୍, "ଭଫାଡ଼୍, ଭଫାଡ଼୍ ।" ଅର୍ଥାତ୍ ନାଜର ଜାଣନ୍ତୁ ସେ ବାହାରିଆ ମଣିଷକୁ ହାଜତି ଆସାମୀ ପାଖ ପୂରାଇ ଦେଉ ନାହିଁ । ଘଡ଼େଇ ନାଜର-ଖାନାରୁ ଆସି ଉକିଲ ଅବଦୁଲ ଶୋକ୍ତାନ ଖାଁଙ୍କୁ ଆସାମୀ ପକ୍ଷରୁ ଉକାଲତନାମା ଦେଲେ ।

ପ୍ରଥମ ଶ୍ରେଣୀ ଡେପୁଟି ମାଜିଷ୍ଟ୍ରେଟ ମୌଲବୀ ଅବଦୁଲ ଖାଁଙ୍କ ମିସଲରେ ପଢ଼ିଲ ନମ୍ବର ଏହି ମାମଲ୍ ଡାକରା ହେଲ । ମୌଲବୀ ସାହେବଙ୍କର କନ୍ଥି ପରିଚୟ ଦେବାର ଆବଶ୍ୟକ । ବନା କାରଣରେ ଆମ୍ଭେମାନେ ଏହି ପରିଚୟ ଦେଉ ନାହୁଁ, ଆପଣମାନେ ଏକଥା

ବୁଝି ପାରବେ । ଆଜକାଲ ସରକାର ଯେପରି ଡାକମ-ଗୁଡ଼ାକୁ ବାଲେଇ ପିଲାପରି ଘରଆଡ଼େ ବୁଲାଇ ମାରୁଛନ୍ତି, ଆଗେ ସେପରି ନ ଥିଲା । ଜଣେ ଜଣେ ଡାକମ ଗୋଟାଏ ଗୋଟାଏ ଜଲ୍ଲାରେ ଆଠ ଦଶ ବରଷ ରହି ଯାଉଥିଲେ । ମୌଲଭୀ ଅବଦୁଲ ଖାଁ ଆଜକୁ ଊଣା ଅଧିକ ଦଶ ବରଷ ହେଲା ଏହି ଜଲ୍ଲାରେ ଅଛନ୍ତି । ଘର ଦୁଆର ବାଗ ବଗିଚା ଜାରି କରି ଦେଲେଣି; ସହରର ସମସ୍ତେ ମାନନ୍ତି । ମଫସଲରେ ମୌଲଭୀ ବଦୋଟି ବୋଲି ନାମ ଡାକ । ଉକ୍କାଲ, ମୁକ୍ତାର ବୋଲନ୍ତି ମୌଲଭୀ ବଗୁରରେ ପାଣି ଗଲବ ନାହିଁ । ହେଲେ ଆମ୍ଭମାନେ କନ୍ତୁ ମୌଲଭୀଙ୍କ ଗୋଟାଏ ଘର ଦୋଷ ବା ଗୁଣ କଥା ଜାଣୁ, ସେ ପୋଲିଶ ଉପରେ ସବୁଦିନ ଗୋସ୍ସା, ତାହାଙ୍କର କେମନ୍ତ ଗୋଟିଏ ଧାରଣା ହୋଇ ଥିଲା ଯେ, ପୋଲିଶ ଅନେକ ସ୍ଥଳରେ ସଜାସଜ କରି ନର୍ଦୋଷ ଆସାମୀକୁ ଗୁଲିଶ ଦିଏ, ଏଥି ପାଇଁ ଗୁଲିଶି ମାମଲାରେ କିଛି ଟିକିଏ ବାଟ ପାଇଲେ ଆସାମୀକୁ ଖଲାସ କରି ଦିଅନ୍ତି ।

ଡାକମ ମିସଲରେ ବସିବା ମାତ୍ର ପେସ୍କାରେ ବାଁ ହାତରେ ବଡ଼ାଏ ନଥି ଡାହାଣ ହାତରେ ଦୁଆଡ କଲମ ଧରି ମିସଲ ଆଗ ବେଞ୍ଚ ପାଖରେ ପହଞ୍ଚି, ଆଗବେଞ୍ଚରେ କାଗଜପତ୍ର ଥୋଇ ଦେଲେ । ଡାକମଙ୍କୁ ଗୁବ ମୁଣ୍ଡ ନୁଆଁଇ ସଲାମ କରି ବେଞ୍ଚରେ ବସିଲେ ।

ଡାକମ—ମାମଲା ପେଶ୍ କର ।

ପେସ୍କାର—ହଜୁର, ପହିଲା ନମ୍ବର ମାମଲା ନମଙ୍କା ପୋଲିଶ ଗୁଲିଶି । ସରକାର ତରଫ ମୁଦେଇ କନଷ୍ଟବଲ କଣାଗ୍ରମ ସିଂ । ମୁଦାଲା ଗ୍ରମ ବାରିକ ।

ଚପରାସୀ ହାଙ୍କି କରି ଜନଥର ଡାକ ଦେଲା, "କଣାଗ୍ରମ ସିଂ କନଷ୍ଟବଲ ହାଜର ହେ ।"

କଣାଗ୍ରମ ସିଂ ଡାକମଙ୍କୁ କନଷ୍ଟବଲୀ ସଲାମ କଲାଇ ସାକ୍ଷୀ ବାକସ ଭିତରେ ଛିଡ଼ା ହେଲା । ନାଜରଖାନା କନେଷ୍ଟବଲ ଆସାମୀକୁ ହାଜର କରି ଦେଲା ।

ପେସ୍କାରଙ୍କ ପଢ଼ାଇବା ମାଫିକେ କଣାଗ୍ରମ ସିଂ ସତ୍ୟପାଠ କରି ଇଜାହାର ଦେବାକୁ ଲାଗିଲେ ।

ଡାକମ ମୁଦେଇର ନାମ, ବାପର ନାମ, ବପ୍ପସ ଇତ୍ୟାଦି ଦସ୍ତୁର ମୁତାବକ ଲେଖି ସାରିଲା ଉତ୍ତାରେ ମୁଦେଇ ମାମଲାର ସମସ୍ତ ହାଲ ଡାକମଙ୍କ ସଓ୍ୱାଲ ମୁତାବକ ବୟାନ କରିଗଲା । ଜବାନବନ୍ଦି ଲେଖିସାରି ଡାକମ ମୁଦାଲ ତରଫ ଉକ୍କାଲକୁ ପଚାରିଲେ, "କେତ୍ତା କରିବ ?"

ଉକ୍କାଲ ସଲାମ କରି କହିଲେ, "ହଁ ହଜୁର ।"

ସଓ୍ୱାଲ ଉକ୍କାଲ—ଆସାମୀ ଯେ ଲୁଣ ପାଣି ଢାଳ ଦେଲା, କଏ ଦେଖିଛି ?

ଜବାବ ମୁଦେଇ—ମୁଁ ଦେଖିଛି, ସେ ହାଣ୍ଡିରେ ପାଣି ପୂରାଇ ଚୂଲାମୁଣ୍ଡ—

ଉକ୍କାଲ—ବସ ବସ, ମୁଁ ଯାହା ପଚାରିବି ସେଥିର ଜବାବ ଦିଅ, ଅଧିକ ଗୁଡ଼ାଏ ବକ ନାହିଁ । ମୁଁ ପଚାରୁଛି ଆଉ କେହି ଦେଖିଛି କି ନାହିଁ ? 'ହଁ' କି 'ନା' ଏତ୍ତକ ବୋଲ ।

ଜବାବ କଃ—ନା, ଆଉ କେହି ଦେଖି ନାହିଁ ।

ଉକ୍କାଲ ସଓ୍ୱାଲ—ସେ ଲୁଣ ଦଦ୍ଦପାଣି ଢାଳ ଦେଲା କି ଭଲ ପାଣି ଢାଳ ଦେଲା, କପରି ଜାଣିଲ ?

ଜବାବ କଃ—ମୁଁ ଗୁଇନ୍ଦାଠାରୁ ସନ୍ଧାନ ପାଇ ଯାଇ ଧରିଛି ।

ସଓ୍ୱାଲ ଉକ୍କାଲ—ଧରିଛ ତ, ହଁ—ଲୁଣପାଣି ଢାଳିଲା ବୋଲି କପରି ଜାଣିଲ ?

ଜବାବ କଃ—ମୁଁ ମାଟି ଗୁଣି ଦେଖିଛି; ଲୁଣିଆ ଲାଗିଲା ।

ଉକ୍ତାଲ ---ବର୍ତ୍ତମାନ ଥରେ ଗୃଖ ।

କନେଷ୍ଟବଲ ବଗ୍ରମନ୍ଦ ମାଝି କଞ୍ଚୁତ୍ ହାଣ୍ଡିରୁ ଉଠାଇ ଗୃଖିଲେ, କହ୍ନଲେ, "ଦେଖନ୍ତୁ ଲୁଣିଆ ଲଗୁଛୁ ।"

ଉକ୍ତାଲ—ଆଉ ଥରେ ବେଶି କର ଗୃଖ ।

କନେଷ୍ଟବଲ—କଞ୍ଚୁତ୍ ଗୋସା ହୋଇ ଖୁବ ବୁଙ୍ଗାଏ ମାଝି ପାଟିରେ ପୂରାଇ ଦେଲେ । ମିସଲରୁ ଓହ୍ଲାଇ ଯାଇ ଥୂ ଥୂ କର ବାହାରେ ପିଚ୍ଚି ଦେଲେ । ମିସଲକୁ ଆସି ଉକ୍ତାଲଙ୍କୁ ଖୁବ ହେମଭରେ କହ୍ନଲେ, "ଦେଖ, ମାଝି ଖୁବ୍ ଲୁଣିଆ ।"

ଉକ୍ତାଲ ମୁହଁରେ ରୁମାଲ ଦେଇ ହସିଲେ, ଅଉ କିଛି ପଗ୍ରଶ୍ନ ନାହିଁ ।

ମୁଦେଇ ଭରଫ ସାକ୍ଷୀ ଦଗବାର ଶଙ୍କୁ ମଲକଙ୍କର ନାମ ଧାମ ହାକମ ଲେଖିବା ଉତ୍ତରେ, ପେସ୍କାରେ ସତ୍ୟପାଠ ପଢ଼ାଇଲେ ।

ସଓ୍ୱାଲ—କନେଷ୍ଟବଲ ଆସାମୀକୁ ଗ୍ରେପ୍ତାର କରବାବେଳେ ତୁ ପାଖରେ ଥିଲୁ ?

ଜବାବ ଶଙ୍କୁ ମଲକ—ହଁ, ମୁଁ ପାଖରେ ଥିଲ ।

ସଓ୍ୱାଲ—ଆସାମୀ ରମା ଲୁଣ ମାରବା ପାଇଁ ହାଣ୍ଡରେ ଦହପାଣି ରଖିଥିଲ, ତୁ ଜାଣୁ ?

ଜବାବ - ହଁ, ମୁଁ ଜାଣେ ।

ସଓ୍ୱାଲ—ଆସାମୀ ନାଳ ମୁହଁରେ ପାଣି ଢାଳ ଦେଲ, ତୁ ଦେଖିଛୁ ?

ଜବାବ—ଆଜ୍ଞା ଆଜ୍ଞା, ହୁଁ ହୁଁ, ରମା ପାଣି ଫୋପାଡ଼ ଦେଲ । ସେ ଲୁଣ ମାରେ ।

ମୁଦାଲ ଭରଫ ଉକ୍ତାଲ ସଓ୍ୱାଲ—ରମା ପାଣି ଢାଳ ଦେବାବେଳେ ତୁ ପାଖରେ ଛିଡ଼ା ହୋଇ ଦେଖିଛୁ କ ନା ?

ଜବାବ—ନା ମୁଁ ଦାଣ୍ଡରେ ଛିଡ଼ା ହୋଇଥିଲ । ଜମାଦାରେ କହୁଥିଲେ ମୁଁ ଶୁଣିଛୁ ।

ହାକମ କଣାଗ୍ରମ ସିଂକୁ ପଗ୍ରଶ୍ନଲେ, "ତୁମର ଆଉ କେହ୍ନ ଗୁହା ଅଛୁ ?"

କଣାଗ୍ରମ କହ୍ନଲେ—ମୁଁ ସରକାସ୍ତ ପୋଲଶ—ନଜେ ଆଖିରେ ଦେଖି ଅଛୁ । ଆଉ ଗୁହା କଣ ?

ହାକମ ଏ କଥା ଶୁଣି ମୁରକ ହସିଲେ ।

ମାମଲ୍ ପ୍ରମାଣ କଗ୍ରଇବା ପାଇଁ ସାକ୍ଷୀ ପ୍ରପ୍ରୋଜନ, ଏ କଥା କଣାଗ୍ରମଙ୍କୁ ଜଣା ନ ଥିଲ ।

ଏ ଉତ୍ତ୍ରରେ ଆସାମୀର ଜବାବ ନଆଗଲ ।

ଆସାମୀ ରମ ବାରକର ନାମ ଧାମ ହାକମ ଲେଖି ନେଲ ଉତ୍ତ୍ରର, ତାହା ବଷ୍ୟରେ ଅଣା ଯାଇଥିବା ଅଭଯୋଗ ସଂକ୍ଷେପରେ ବୁଝାଇ ଦଆଗଲ ଉତ୍ତ୍ରରେ ହାକମ ପଗ୍ରଶ୍ନଲେ, "ତୁ ଦୋଷୀ କ ନର୍ଦ୍ଦୋଷ ।"

ଜବାବ ଆସାମୀ ରମ ବାରକ—ମୁଁ ନର୍ଦ୍ଦୋଷ

ହାକମ—ତେବେ କ ସକାଶେ ପୋଲଶ ତୋତେ ଗୃଲ୍ତଣ ଦେଲ ?

ଜବାବ—ଆଜ୍ଞା ମୁଁ ଜମାଦାରଙ୍କର ବେଠି ନ କରବାରୁ ସେ ମୋ ହାତରେ ଅଧ ହାଣ୍ଡିଏ ମାଝି ଦେଇ ବାନ୍ଧ ଘେନ ଆସି ଅଛନ୍ତ୍ର ।

ସଓ୍ୱାଲ—ତୋତେ କପର୍ ବାନ୍ଧ ଆଣିଲେ ?

ଜବାବ—ଆଜ୍ଞା ମୁଁ ଘରେ ଶୋଇଥିଲ । ମୋ ଘରେ ପଶି ଖୁବ ମାରଲେ· ଓ ମାର କର ବାନ୍ଧ ଆଣିଲେ ।

ସଓ୍ୱାଲ—ତୁ ଦନବେଳେ ଶୋଇଥିଲୁ ?

ଜବାବ—ଆଜ୍ଞା ମୋତେ ଜ୍ୱର ହୋଇଥିଲ—ନା ନା ମୋ ପେଟ ଟାଣୁ ଥିଲ, ମୁଁ ଶୋଇଥିଲ ।

Chhaya@Kanta

ସର୍ଓ୍ୱାଲ – ତୋ'ଘର ସଫାଇ ଗୁଡ଼ା ଅଛି ?

ଆସାମୀ ରମବାରକ ଜବାବ ଦେବାପୂର୍ବରୁ ଉକୀଲ ଚହ୍‌କର କହି ପକାଇଲେ, "ଆଜ୍ଞା ହଜୁର ! ଦୁଇଜଣ ସଫାଇ ଗୁଡ଼ା ଅଛନ୍ତି ।"

ଆସାମୀ ତରଫ ପ୍ରଥମ ସାକ୍ଷୀ ।

ମକର ବାରକ, ଡାକ ନାମ ମଙ୍ଗା, ବାରକର ନାମ ଧାମ ଫାରମ ପୂର୍ତ୍ତି କରି ପେସ୍କାର ହଲପ୍ ଦେଲେ ।

ସର୍ଓ୍ୱାଲ—ତୁ ଏ ମାମଲାରେ କଣ ଜାଣୁ ?

ଜବାବ ମକର ବାରକ—ଆଜ୍ଞା ମୁଁ ଜାଣେ, ରମ ଲୁଣ ମାର ନାହିଁ । ତାହାର ଝାଡ଼ା ହେଉଥିଲା, ଘରେ ଶୋଇଥିଲା, ଲୁଣ ମାରିଲା କେତେବେଳେ ?

ମୁଦାଲ ତରଫ ଉକୀଲ ସର୍ଓ୍ୱାଲ—ତୁମ୍ଭ ଗ୍ରାମ ଲୋକ ଲୁଣ କେଉଁଠାରୁ ଆଣି ଖାଅ ?

ଜବାବ—ଆଜ୍ଞା ହାଟରୁ ବରେ୍ବର ବଲେଇଲ ଲୁଣ କଣି ଆଣି ଖାଉଁ ।

ସର୍ଓ୍ୱାଲ—ରମା ହାଟରୁ ଲୁଣ କଣେ କ ନାହିଁ ?

ଜବାବ—ବରେ୍ବର ।

ସର୍ଓ୍ୱାଲ—ବରେ୍ବର କଣ ରେ ? ଆରେ ରମା ହାଟରୁ ଲୁଣ କଣି ଆଣେ, ତୁ ଆଖିରେ ଦେଖିଛୁ କ ନା ?

ଜବାବ—ରମା ହାଟରୁ ବରେ୍ବର ଲୁଣ କଣି ଆଣେ, ମୁଁ ଆଖିରେ ଦେଖିଛି !

ସର୍ଓ୍ୱାଲ—କନଷ୍ଟବଳ ରମା ଉପରେ ଘଟିଥିଲ କ ନା ?

ଜବାବ—ଆଜ୍ଞା ହଜୁର, ବରେ୍ବର ରମା ଜମାଦାର ଅଇଣ୍ଠା ବାସନ ନ ମାଜବାରୁ ତା ଉପରେ ଆଜକୁ ଆଠଦିନ ତଳେ ବଡ଼ ଘଟିଥିଲେ । ତାକୁ ଜେଲ ଦେବାକୁ କହିଥିଲେ । ରମାକୁ ବାନ୍ଧପକାଇ ଚେର ମାରିଲେ । ରମା 'ବାପରେ ମାରେ' ପାଟି କରୁଥାଏ ।

ସରକାର ତରଫ କୋଟ ଇନ୍‌ସ୍ପେକ୍ଟର ସର୍ଓ୍ୱାଲ—

ରମାକୁ କନଷ୍ଟବଳ ମାରିବା ତୁ ଦେଖିଛୁ ?

ଜବାବ—ଆଜ୍ଞା ନା, ମୁଁ ଶୁଣିଛି ।

ଦୁସର ନମ୍ବର ସାକ୍ଷୀ ହଜୁ ସାମଲ ପ୍ରଥମ ସାକ୍ଷୀ ଯାହା କହିଥିଲ, ଠିକ୍ ସେମିତି ସମସ୍ତ କଥା ବୟାନ କଲ ।

ନଥି ପ୍ରସୁତ ହେଲ ଉତ୍ତରେ ଆସାମୀ ତରଫ ଉକୀଲ ଅବଦୁଲ ଶୋକ୍ରାନ ଖାଁ ହାକମକୁ ଗୁହିଁ ଯେଉଁ ବକ୍ତୃତା କରିଥିଲେ, ସେଥିର ସାରମର୍ମ—

"ଉକୀଲର ବକ୍ତୃତା—

"ହଜୁର ଏ ମାମଲ ତମାମ ଝୁଠା ଓ ଫରେବ । ମୁଦେଇ କଣାରମ ସିଂ ଜାତରେ ଭଣ୍ଡାର; ଆସାମୀ ମଧ୍ୟ ଭଣ୍ଡାର, ଆସାମୀ ତାହାର ସଙ୍କୁଡ଼ ନ ମାଜବାରୁ ସେ (ମୁଦେଇ) ବଡ ଘଟିଥିଲେ, ଆସାମୀକୁ ଜବଦ କରିବା ଓ ହସ୍ତଗତ କରିବା ମତଲବରେ ଏହି ମାମଲ ରଞ୍ଜନା କରିଅଛି ।

୨ୟ । ନଥିରୁ ସଫା ପ୍ରକାଶ ମୁଦାଲ ହାଟରୁ ଲୁଣ କଣି ଖାଏ; ସୁତରାଂ ତାହାର ଲୁଣ ମାରିବା ଦରକାର ନ ଥିଲ ।

୩ୟ । ଗ୍ରେପ୍ତାର ସମୟରେ ଆସାମୀ ବେମାର ହାଲତରେ ବଚ୍ଛଣାରେ ଶୋଇଥିଲ । ବେମାର ଲୋକ କେବେ ଲୁଣ ମାର ନ ପାରେ ।

୪ର୍ଥ । ସରକାର ଦଗବାର କନଷ୍ଟବଳ ସଙ୍ଗରେ ଥିଲ, ଆସାମୀ ଲୁଣ ମାରିଥିଲେ ସେ ଦେଖି ଥାଆନ୍ତା ।

Chhaya@kanta

୫ମ । ଆସାମୀ ଯେଉଁ ବସ୍ତାମନ୍ଦ ମାଟି ଦାଖଲ କରି ଅଛୁ, ତାହା ମୁଦାଲ୍ଲ ନାଳ ମୁହଁରୁ ଆଣି ଥିବା ସତ୍ୟ ଅଟେ । ସେ ମାଟି ଯେ ଲୁଣିଆ ଲାଗୁଅଛୁ ସେଥିର କାରଣ ଏହା କି ଯେ ମଫସଲ ଲୋକମାନେ ଘରେ ଭତ୍ତରେ ଦାଣ୍ଡକୁ ବାହାରନ୍ତି ନାହିଁ । ମାଟି ବାହାର ନାଳ ଦୁଆରର—ଇତ୍ୟାଦି, ଇତ୍ୟାଦି । ସେହି ପାଣି ପଡ଼ି ପଡ଼ି ମାଟି ଲୁଣିଆ ହୋଇ ଯାଇଅଛୁ । ଏ କଥା ସତ୍ୟ କି ମିଥ୍ୟା ମୁଦେଇ କଣାଗ୍ରମ ଆଜ୍ଞାଥରେ ମାଟି ଗୁଖୁ ଓ ସୁଙ୍ଗୁ ସେପରି ଜଷମୁଲିଆ ଗନ୍ଧ ଅଛି କି ନାହିଁ, ସଫା ଜଣାଯିବ ।

ଉକ୍ତାଲ ବକ୍ତୃତା ଶୁଣି ହାକମ ଠୋ ଠୋ କରି ହସିଲେ । ପେସ୍କାରେ ହାକମ ଆଡ଼କୁ ନଥି ଉହାଡ଼ି କରି ଖୁବ ଗୋଟିଏ ହସିଲେ, ଆଉ ସମସ୍ତେ ମଧ୍ୟ ମୁହଁରେ ଲୁଗା ଦେଇ ହସିଲେ । ତହିଁ ଉତ୍ତରେ ଉକ୍ତାଲ ଛିଡ଼ା ହୋଇ ହାକମଙ୍କୁ ଅନାଇ କହିଲେ, "ହଜୁର ମା ବାପ ଖାମିବ; ଆସାମୀ ନହାନ୍ତ ଗରିବ ନର୍ଦ୍ଦୋଷ, ତାହାକୁ ଖଲସ ହଆଯାଉ ।"

ହାକମ ଦୁଇ ପର୍ଦ୍ଦ ଫୁଲଶକେପ୍ କାଗଜରେ ଏକ ଲମ୍ବା ରପ୍ଟ ଲେଖିଲେ—ଉକ୍ତାଲ ଯେଉଁ ସମସ୍ତ କାରଣ ଦର୍ଶାଇ ଥିଲେ, ରପ୍ଟରେ ସେ ସମସ୍ତ କାରଣ ଉଲ୍ଲେଖ କରି ଆସାମୀକୁ ଖଲସ ଦେଲେ, ଅଧିକନ୍ତୁ ଲେଖିଲେ ମୁଦେଇ କଣାଗ୍ରମ ସିଂ ପୋଲିଶ କର୍ମର ଅଯୋଗ୍ୟ ।

ରପ୍ଟର ଏକ ପ୍ରସ୍ତ ନକଲ ଶ୍ରୀଯୁକ୍ତ ମାଜିଷ୍ଟର ସାହେବଙ୍କ ହଜୁରରେ ପେଶ ହେଲା । ଏ ଯାବତ କଣାଗ୍ରମଙ୍କର ନୌକରି ରକ୍ଷା ପାଇବା କଠିନ ଥିଲା; ମାତ୍ର ପେସ୍କାର ହାକମଙ୍କୁ ସମଜାଇ ଦେଲେ, "ହଜୁର ପୋଲିଶ ନୁଆ, ଗ୍ରାମ ଲୋକ ଏକଯୋଟ, ସମସ୍ତେ ବଦମାଏସ, ସବଦା ଲୁଣ ଚୋରି କରି ସରକାରଙ୍କ ଲୋକସାନ କରୁଅଛନ୍ତି, ପୋଲିଶକୁ ଡିସ୍‌ମିସ୍ କଲେ ସରକାର୍ଯ୍ୟ ଲୁଣ ବରବାଦ ହୋଇଯିବ । ଏହା ପୋଲିସ କନଷ୍ଟବଳ ଖୁବ୍ ହୁସିଆର, ଚଲକ ଗ୍ରାମ ଲୋକମାନଙ୍କ ଫାନ୍ଦରେ ଏ ମାମଲ୍ଲ ପାବ୍‌ଲ୍ ହେଲ୍ଲ ନାହିଁ ଇତ୍ୟାଦି, ହାକମ କଛୁ ଖୋସନାମାଇ କରି କଣ୍ଡୁକୁ ଗୁଡ଼ି ଦେଲେ ।

ଆମ୍ଭମାନଙ୍କ ଜମାଦାରେ ଘର ଫ୍ରଣ୍ଟିରେ ଆସାମୀକୁ ଧରି ମଫସଲରୁ ଆସିଥିଲେ । ମାମଲ୍ଲର ହାଲ ଦେଖି ତାହାଙ୍କ ଅଣ୍ଟା ବସିଗଲ୍ଲଣି । ସାମାନ୍ୟ ଲୋକମାନଙ୍କର ଅବସ୍ଥା ଏହିପରି । ଅଳ୍ପ ଆନନ୍ଦରେ ଫୁଲି ଉଠନ୍ତି, ସେହିପରି ଅଳ୍ପ ଝିକ୍‌ଏ ଧକା ଖାଇଲେ ବସି ପଡ଼ନ୍ତି । କଚେରି ବାହୁଡ଼ା ସିଙ୍ଗେ ପେସ୍କାରଙ୍କ ବସାଘର କୋଣରେ କାନଝା ମେଲାଇ ଦେଇ ଲଠ କରି ଶୋଇ ପଡ଼ିଲେ । କାହ୍ନିଲ ବାହାନାରେ ସେ ଘରକୁ କଛୁ ମୁହଁରେ ଦେଲେ ନାହିଁ । ଘରିରେ ଜମାଦାରଙ୍କୁ କପରି ନଦ ହୋଇଥିଲା, ଏଥିର ଠିକ ସମ୍ବାଦ ଆମ୍ଭେମାନେ ପାଇ ନାହୁଁ । ମାତ୍ର ମୁହଁ ଅନ୍ଧାର ଥାଉଣୁ ବଗବାରକୁ ଧରି ଫାଣ୍ଡିକୁ ରବାନା ହୋଇଗଲେ । ଆଉ ଆଉ ଦନେ ଦନ ପହରେ ଥାଇଁ ଫାଣ୍ଡିରେ ପହଞ୍ଚନ୍ତି; ମାତ୍ର ଆଜ ପହଞ୍ଚିବାକୁ ଘଡ଼ି ପହରେ ଗଡ଼ ଗଲ୍ଲ । ରେଞ୍ଜେଇର କଛୁ ବନ୍ଦୋବସ୍ତ ହେଲ୍ଲ ନାହିଁ, ବଗବାର ଗାଁରୁ କଛୁ ଜଳଖିଆ ଅଣାଇ ଦେଲ୍ଲ ।

ସକାଳବେଳେ ଜମାଦାରେ ଫାଣ୍ଡି ପିଣ୍ଡାରେ ବସି ମନ ମଧ୍ୟରେ ଭାବୁଛନ୍ତି, ଗାଁ ଲୋକେ ଏଣିକି ତାହାଙ୍କୁ ହେୟାଦର କରିବେ, କେହି ଅବା ଟାପତ୍ତ କରିବ । କାହାର ମୁହଁକୁ ଭଲ କରି ଅନାଉ ନାହାନ୍ତି । ଗାଁର ମୁଖ୍ୟା ମୁଖ୍ୟା ଲୋକମାନେ ଦୂରରେ ହାଜର ହୋଇ ଗୋଟାଏ ଗୋଟାଏ ଦଣ୍ଡବତ୍ତ କଲେ । ଜମାଦାରଙ୍କ ଆଗମନ ପବନ ସମସ୍ତଙ୍କୁ ଜଣା, ମାତ୍ର ଜଣା ନ ଥିବାର ଏବଂ ଘରକୁ ଉପାସ ଥିବାର ଜହ୍ନି ଘର ଦୁଃଖ ପ୍ରକାଶ କଲେ ଏବଂ ଚଞ୍ଚଳ ପ୍ରେଷ୍ଟେଇର ଡୌଲି କରି ଦେଲେ ।

ଦିନ ପାଣି ପର ବନ୍ଧ ଯାଉଛୁ । ଜମାଦାରେ ଆଗ ପର ବେଶି ଗାଁ। ଗସ୍ତକୁ ବାହାରୁ ନାହାନ୍ତି । ଆଗପର ଆପଣା ଆପଣା ଦୃଃଖ ଧନ୍ଦା ସାର ପାଞ୍ଚ ସାତ ଜଣ ସଞ୍ଜବେଳେ ଜମାଦାର ପାଖରେ ବସନ୍ତି । ଏଣୁ ତେଣୁ ଢେର କଥାବାର୍ତ୍ତା ହୁଏ । ଓଟେ ପହୁଞ୍ଚଗଲେ ଗ୍ରାମାଦ ବୋଲ୍ ବୋଲ ହୁଏ, ମାନ୍ତ ବର୍ତ୍ତମାନ ଦୁଇ ପକ୍ଷରେ ଘ୍ରବନା, ଦୁଇ ପକ୍ଷରେ ଜଗାଜଗି । ଜମାଦାରେ ଅନେକ ଉପାପୂ ଘ୍ରବଲେଣି, କଛୁ କଥା କନାର୍ ଲଗାଇ ପାରୁ ନାହାନ୍ତି । ଗ୍ରାମ ଲୋକେ ନଗ୍ରେଳାରେ ବସି ବଗୁର କଲେ—ଘ୍ରମା ତ ଖଲସ ହୋଇ ଆସିଲ୍ ହଁ; ମାନ୍ତ ଏଣିକ କଣ କର୍ତ୍ତିବ ? ସରକାର୍ତ୍ତ ପୋଲିଶ ମାଡ଼ ବସିଲ୍ଣି, ଆଉ କ ରକ୍ଷା ଅଛୁ । ଘ୍ରମା ମାମଲ୍ଲରେ ଜଣି କର ମଧ୍ୟ ହାର । ହ୍ୱସାବରେ ଦେଖାଗଲ୍, ଘ୍ରମା ମାମ-ଲ୍ଲରେ ଟରଚ ସବୁ ସବୁ ରକମରେ ପଚେଇଶ ଟଙ୍କା ଚଉତ ଅଣା ଦୁଇପାହ୍ନ । ଏଣିକ ଆଉ ମାମଲ୍ଲ ଟ୍ଟ ଙ୍କଲେ ଟଙ୍କା କାହୁଁ ଆସିବ ? ଏଥର ଭେଦା ଟଙ୍କାଟ। ଯେପର ଅସୁଲ୍ ହେଲ୍, ତ ହା ମନ ଜାଣେ । ଟଙ୍କା ବା କାହା ହାତରେ ଅଛୁ । ହନେ ଅଧର୍ତ୍ତ ଯାଏ ଗୋପାଳ ଘଡ଼େଇ ପିଣ୍ଡାରେ ବସି ଖୁବ୍ ପର୍ତ୍ତମର୍ଶ କଲେ । ଶେଷକୁ ଅବଧାନ ଯେଉଁ ଉପାପୂଟ। ବାହାର କଲେ, ସମସ୍ତଙ୍କ ମନ ମାନଗଲ୍ । କାଲ ଖୋଦ ଅବଧାନେ ଜମାଦାରଙ୍କ ପାଖରେ କଥା ପକାଇବେ, ସ୍ଥିର ହେଲ୍ ।

ସଞ୍ଜବତ୍ତି ଲଗି ଗଲ୍ଣି । ଜମାଦାରେ ଘ୍ରଗବତ ଘରେ ବସିଥାନ୍ତି । ହଗବାରଟ। ମଧ୍ୟ ନାହିଁ, କାହାକୁ ଡାକବାକୁ ଯାଇଛୁ । ଓଲ୍ଟା ଅବଧାନେ ଧୀର ଧୀର ହୋଇ ପହୁଞ୍ଚିଲେ । ଜମାଦାରଙ୍କୁ ଦଣ୍ଡବତ୍ତଟ। କର ପାଖରେ ବସିଲେ । ଖୁବ୍ ନଗ୍ରେଳା, କେହି ପାଖରେ ନାହିଁ । ଦୁଇ ଜଣଟ। ଏଣୁ ତେଣୁ କଥା ଉତ୍ତରେ ଅବ-ଧାନେ ଘର ଆଡ଼କୁ ଅନାଇ ଦୁଇ ଘର ଥର ଗଳା ଖଙ୍କାର ଦେଇ ଥରେ ହାଇ ମାର ଏକାବେଳକେ କଥାଟ। ପକାଇଲେ । ସେ କଥାର ସାରମର୍ମ ଏହି—

"ଜମାଦାରଙ୍କ ବସା ଖର୍ଚ୍ଚ ଗାଁ। ଲୋକେ ଚଳାଇବେ । ଏ ସିବାଏ ମାସକୁ ପାନ ଖର୍ଚ୍ଚ ବୋଲ ଯୋଡ଼ାଏ ଟଙ୍କା ଦେବେ ଏବଂ ଫି ମାସ ଏକ ନମ୍ବର ଗ୍ରେପ୍ତ ଆସାମୀ ଧରଦେବେ ।"

ଜମାଦାରେ ତ କୋଟିକଧ୍ୱଟ।ଏ ପାଇଗଲେ, ଏକା ବେଳକେ ରାଜି । ସମସ୍ତ ଘ୍ରବନାରୁ ମୁକ୍ତ ହେଲେ ।

ଚହିଁ ଆରଦିନ ଗୃହଖଣ୍ଡ ଗ୍ରାମର ମୁଖ୍ୟା ମୁଖ୍ୟା ଲୋକ ସଭା କର ବସିଲେ, କଥା ଛୁଡ଼ଲ୍ । ଜମାଦାରଙ୍କ ଖର୍ଚ୍ଚ ବ୍ରୁଣିରେ ଗୃହଖଣ୍ଡ ଗ୍ରାମରୁ ଉଠିବ । ଏ ସିବା ଜଣେ ପାଣ ହାତରେ କଛୁ ଲ୍ୱଣ ଦେଇ ଗ୍ରେର ବୋଲ ଧରାଇ ଦେବେ; (ଅବଶ୍ୟ ପାଣର ଘ୍ରଜକଘରରେ କଥା ହେବ) । ସେ ପାଣ ଯେତେଦିନ ବଦରେ ରହିବ, ତାହାର ପିଲ୍ଲ ଝିଲ୍ଲ ଖର୍ଚ୍ଚ ସବୁ—ସବୁ—କଥା ଗ୍ରାମ ଲୋକେ ଚୁଲାଇବେ ।

ବେଶ କାମ ଚଳିଲ୍ । ଜମାଦାରେ ନାମ ମାନ୍ତ ଗାଁ। ଗସ୍ତକୁ ବାହାରନ୍ତି, ଚଉତ୍ତଟ ଖେଳନ୍ତି, ଗାଁ। ବୁଲନ୍ତି ଓ ଅବଧାନଠାରୁ ଘ୍ରନ୍ଦ ଶୁଣି ସୁନ୍ଦର ଘ୍ରେଜନଟ।ଏ ପକାନ୍ତି । ଦୁଇ ଘ୍ରର ନମ୍ବର ମାମଲ୍ଲ ମଧ୍ୟ ଚଲ୍ଣ ଦେଲେଣି । ମାମଲ୍ଲ ସାଫ ସାବତ- ଆସାମୀମାନେ ସଜା ପାଇ ଗଲେଣି ।

"ଅଧର୍ମବତ୍ତ ବଡ଼େ ବତ୍ତତ,
ଯିବାବେଳେ ଯାଏ ମୂଳ ସହିତ ।"

ଜମାଦାରେ ଆଚ୍ଛା ଦୁଇଟଙ୍କା ଘ୍ରେଜଗାର କରିଥିଲେ । "ଘ୍ରଜା ପଣ୍ୟତ୍ତ କର୍ତ୍ତାଭ୍ୟାଂ ।" ଅନ୍ୟାପୂଟ। କେତେଦିନ ଚଳିବ । କଥାଟ। ସରକାର କାନରେ

Chhaya@Utanta

ବାଜିଲା । ଏ ବରଷ ଲଙ୍କେସାଦେବଙ୍କ ଦରବାରରୁ ଯେଉଁ ନମଙ୍କା ସାଲଟମାମି ଗୋଟେ ବାହାରିଲା, ସେଥିରେ ଏହି ଠକାଠକି ମାମଲା ପ୍ରସଙ୍ଗ ଦରଜ ଥିବାର ଦେଖାଗଲା । ଜଲ୍ଲା ହାକିମମାନେ ଦେଖି କାବା । ଖୁବ ହୁସିଆର ହୋଇଗଲେ । ଜଗାଜଗି କଲେ; ମାନ୍ତ ଫଳ ନାହିଁ ।

ଜଲ୍ଲା ହାକିମମାନେ ପୋଲିଶ କାରସାଦ ଧରିବା-ପାଇଁ ଖୁବ ଚେଷ୍ଟାକଲେ; ମାନ୍ତ କିଛି କରିପାରିଲେ ନାହିଁ । କପଟ ବା ପାରିବେ, ମଫସଲ ଚୌକିଆ ଠାରୁ ସଦର ଷ୍ଟ୍ରେଷ୍ଟାଦାର ପର୍ଯ୍ୟନ୍ତ ଗୋର । "ଗୋର ମାଡ଼ସି ପୁଅଘଇ, ସାହା ମିଳିଲା ବାଣ୍ଟିକୁଣ୍ଟି ଖାଇ ।" କୌଣସି ଗୋଳମାଳ ନାହିଁ, କାମ ବେଶ ଚଳୁଛି । ଲୁଣ ଗୋର ପାଣଗୁଡ଼ାକ ବେଶ କବୁଲ ଜବାବ ଦେଇ ଜେଲ-ଖାନାକୁ ଯାଉଅଛନ୍ତି । ପୋଲିଶ କନେଷ୍ଟବଳ ଗାଁରେ ପହରା—ଆଉ ଜାତ ଲୋକ କ ଲୁଣ ଗୋର କରିବେ ?

ଆଜ ସଦର କଚେରିରେ ଘର ଗୋଟାଏ ଚହଲ ପଡ଼ିଛି । ଅମଲା ଫଇଲା ମଝିକ୍‌କେଲ ସମସ୍ତଙ୍କ ମୁହଁରେ ସେହି କଥା । ବରଗଛ ମୂଳ ମୁକ୍ତାରଖାନାରେ ଆନ୍ଦୋଳନଟା କିଛି ବେଶି । କଥା କଣ ? ଜଣାଗଲା ନମଙ୍କା ମାହାଲର ପୋଲିଶ କର୍ମଚାରୀମାନଙ୍କ ଠକପଣ ଧରିବା ସକାଶ ସଦରରୁ ଗୁଇନ୍ଦା ପୋଲିଶ ବାହାଲ ହୋଇ ଆସିଥିଲେ । କେତେକ ମାସ ହେଲା ବେଶ ବଦଳାଇ ମଫସଲରେ ବୁଲୁଥିଲେ । ପୋଲିଶର କେତେଜଣ କନଷ୍ଟବଳର ଠକପଣିଆ ପ୍ରମାଣ କରାଇ ସାକ୍ଷୀ ସାବୁତ ସହିତ ଆସାମୀ ଚାଲାଣ ଦେଇ ଅଛନ୍ତି । ଆସାମୀମାନଙ୍କ ମଧ୍ୟରେ ଏ କଏ ? ଆମ୍ଭ କଣାଗମ ସିଙ୍ଗେ ! ମାମଲା ଖୁବ୍ ଗୋଳଘାଣ୍ଟ ଲାଗିଲା । ଆଉ ଆଉ ଆସାମୀମାନଙ୍କ କଥା, ମାମଲାର ଆଉ ଅଉ କଥା-ଗୁଡ଼ାକ ଲେଖିଲେ କଣ ହେବ । ଶେଷରେ ମେଜଷ୍ଟର ସାହେବଙ୍କ ହୁକୁମ ଶୁଣା ଗଲା । 'କନେଷ୍ଟବଳ କଣାଗମ ସିଙ୍ଗର କଠିନ ପରିଶ୍ରମ ସହିତ ଦୁଇ ମାସ ମିଆଦ ଅଉ କୋଡ଼ଏ ଟଙ୍କା ଜରିମାନା । ଜରିମାନା ନ ଦେଲେ ଅଧିକ ମିଆଦ ଛଅମାସ ।'

ମେଜେଷ୍ଟର ସାହେବଙ୍କ ହୁକୁମୀ ଚାରିଖଠାରୁ ଆଜକୁ ଉଣା ପୂରା ଛ ମାସ ବଢିଗଲାଣି । ଶୁଣାଶୁଣିରେ କଣା ଭଣ୍ଡାର ଆଜକୁ ଗୃହମାସ ହେଲା ଅସି ଗାଁଆରେ ଅଛି । ଘରୁ ବାହାରେ ନାହିଁ, ଗାଁ ଲୋକେ କେହି ଦେଖନ୍ତିନାହିଁ । କଣା ଆଚ୍ଛା ଦୁଇପଇସା ଗୁଣ୍ଟି ଆଣିଥିଲା । ଭଣ୍ଡାର ବାପୁଡ଼ା ଶକଡ଼ା ଟଙ୍କା ମୁଣ୍ଡ ଛୁଇଁଲେ ତାକୁ ଡେର । ହେଲେ ବସି ଖାଇଲେ ସମୁଦ୍ର ବାଲି ନଅଣ୍ଟ । ପଇସାର ଖେଞ୍ଚାଖାଞ୍ଚି ହୋଇ ପଡ଼ିଲାଣି, କେତେଦିନ ବା କୋଣରେ ପଶି ରହିବ ? ଧୀରେ ଧୀରେ ଦାଣ୍ଡକୁ ବାହାରିଲା । ଏଣିକି ଗାଁ ନ ଖଟିଲେ ଅଚଳ । ପେଣ୍ଟାର ଖପା ହୋଇ ବସାରୁ କାଢ଼ି ଦେଇଅଛନ୍ତି । ହାକିମ ହୁକୁମା ଲୋକ,ଗୋରଟାକୁ କପଟ ପାଖରେ ପୂରାଇବେ ? ବପଦ ଅନ୍ଧାର ଆସିବା ବେଳେ ଘରଆଡ଼ ମାଡ଼ ଆସେ । ଗାଁ ଖଟିବା ଆଉ ପୁରୋହିତେ ପୁରାଣ ଫିଟାଇ ଗାଁ ଲୋକଙ୍କୁ ଶୁଣାଇ ଦେଇଛନ୍ତି—"କଣା ପାଣ ନାହିଁ ହାଡ଼ ନାହିଁ, ଜେଲଖାନାରେ ଛତିଶ ପାଟକ ଘାତ ଖାଇ ଆସିଅଛି, ସେ ପଡିତ । ଆଉ ତାକୁ ଯେ ଛୁଇଁବ, ନଆଁ ପାଣି ଦେବ, ସେ ମଧ୍ୟ ପଡିତ ।" କଣା ତ ସାତ ପାଞ୍ଜିରୁ ଗଲାଣି । ଦୁଃଖ କହିଲେ ନ ସରେ । ଦୁଇ ମାସ କାଳ କଣା ପୁରୋହିତ ଦୁଆରେ ଧାରଣା ଦେଇ ଶୋଇଲା । ବଂଶଯାକ ପୁରୋହିତଙ୍କ ଗୋଡ଼ତଳେ ମୁଣ୍ଡିଆ ମାର ମାର ଗୁଦ ଉଡ଼ିଗଲାଣି । ପୁରୋହିତ ଦୟାଳୁ ଲୋକ । ଦୁଇମାସ

Chhaya@Kanta

ଉତ୍ତରେ ଗାଁ ବରଗଛ ମୂଳରେ ସଭା ବସିଲା । ପୁରୋହିତ ପୂରଣ ଫିଟାଇ ବ୍ୟବସ୍ଥା ଦେଲେ—"ପଞ୍ଚଗବ୍ୟ, ପଞ୍ଚଦାନ—ପୁରୋହିତ ବଂଶଯାକ ସକାଶେ ନୂତନ ବସ୍ତ୍ର ପଞ୍ଚଶମୁଣ୍ଡି ବ୍ରାହ୍ମଣ ଭୋଜନ ଆଉ ଦକ୍ଷିଣା, ଜାତିମାନଙ୍କୁ ଭନବେଳ ଭୋଜ ।" ପ୍ରାୟଶ୍ଚିତ୍ତ ଦେବା ଦିନ ପୁରୋହିତ ସଭାରେ ସମସ୍ତଙ୍କୁ ଶୁଣାଇ ଶୁଣାଇ କହିଲେ, "ବ୍ରହ୍ମ-ଶାପରେ ଯଦୁବଂଶ ନାଶ—ସ୍ୱୟଂ ଈଶ୍ୱର ମେଣ୍ଟନ କରି ପାରନାହାନ୍ତି ।"

କଣା ଯାହା କଛୁ ବଲବାଡ଼ି ଦୁଇମାଣ ଓ ଘରେ କଂସା ବେଲ୍ ଦୁଇ ଖଣ୍ଡ କରିଥିଲା, ସରକାର ଜରିମାନା ଟଙ୍କା ଅମ୍ବୁଲ ସକାଶ ପୋଲିଶ ଜମାଦାର ସବୁ ମାଲ୍ ଜବ୍ତ କରି ଘେନ ଗଲ୍ । ସବୁ ଯାଇଛୁ ଟାଁ ଖଟି ଖାଏ ।

କଣା ସଙ୍ଗରେ କାହାର ବୋଲ୍ ବୋଲ ହେଲେ, ସେ ଟାପର କରି କହେ:—**'ପୁନର୍ମୂଷକୋଭବ ।"**

Chhaya©kanta